# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଜୁଲାଇ ୩/୨୦୧୯ (୨୦ ପୃଷ୍ଠା) Sambalpur, Wednesday, July 3 / 2019 ★★

୧୫ଶ ଭାଗ ୧୯୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




**ଇଚ୍ଛାକୃତ ଖିଲାପକାରୀଙ୍କ ଖାତାରେ ୧.୫ ଲକ୍ଷ କୋଟି**

ବ୍ୟାଙ୍କଗୁଡ଼ିକରେ ଇଚ୍ଛାକୃତ ଖିଲାପକାରୀଙ୍କ ଆକାଉଣ୍ଟରେ ୧.୫ ଲକ୍ଷ କୋଟି ଟଙ୍କା ରହିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି।

୦୪

୦୨

**ଫ୍ୟାନ୍‌ଙ୍କ ସହ ସେଲ୍‌ଫି ନେଲେ କ୍ୟାଟ୍ରିନା**

ନୂଆଦିଲ୍ଲୀ ବିମାନ ବନ୍ଦରରେ ଫ୍ୟାନ୍‌ମାନେ କ୍ୟାଟ୍ରିନାଙ୍କ ସହ ସେଲ୍‌ଫି ନେବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।



## ■ 'କାଳିଆ'କୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ
# ଓଡ଼ିଶା ସରକାରଙ୍କୁ ନୋଟିସ







■ ନିର୍ବାଚନ କମିଶନ, କେନ୍ଦ୍ର ସରକାରଙ୍କୁ ମଧ ଜବାବ ତଲବ

■ ନିର୍ବାଚନ ପୂର୍ବ ମାଗଣା ଯୋଜନାଗୁଡ଼ିକୁ ଅବୈଧ ଘୋଷଣା ପାଇଁ ଦାଏର ହୋଇଛି ପିଟିଶନ

**ନୂଆଦିଲ୍ଲୀ,୨।୭(ପି.ଟି.)**

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ 'କାଳିଆ' ଯୋଜନାକୁ ନେଇ ମଙ୍ଗଳବାର ସୁପ୍ରିମକୋର୍ଟ ଓଡ଼ିଶା ସରକାରଙ୍କୁ ନୋଟିସ କରିଛନ୍ତି। ଏହାସହ ନିର୍ବାଚନ ପୂର୍ବରୁ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଲାଗି କାହିଁକି ପ୍ରତ୍ୟକ୍ଷ ନଗଦ ସୁବିଧା ପ୍ରଦାନ ଯୋଜନା ଘୋଷଣା କରାଯାଇଛି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇବା ସହ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ(ଇସି)ଙ୍କୁ ଜବାବ ତଲବ କରିଛନ୍ତି। କେନ୍ଦ୍ର ତଥା ଓଡ଼ିଶା ସମେତ କେତେକ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଯୋଜନାଗୁଡ଼ିକୁ ଅସାମ୍ବିଧାନିକ। କ୍ଷମତାସୀନ ଦଳ ନିର୍ବାଚନ ପୂର୍ବରୁ ଏଭଳି ଯୋଜନା ଘୋଷଣା କରିବାର ଅର୍ଥ ଭୋଟରଙ୍କୁ ପ୍ରଲୋଭନ ଦେଖାଇ ନିଜ ସପକ୍ଷକୁ ଆଣିବା ପାଇଁ ଉଦ୍ୟମ। ଏହା ସମ୍ବିଧାନର ଅନୁଚ୍ଛେଦ ୧୪, ୨୧, ୧୧୨ ଓ ୨୦୨ ବିରୋଧୀ। ତେଣୁ ଏଭଳି ଯୋଜନାଗୁଡ଼ିକୁ ଅବୈଧ ଘୋଷଣା କରିବା ଲାଗି ଅର୍ଥନୀତିଜ୍ଞ ଡକ୍ଟର ପେଣ୍ଟାପତି ପୁଲ୍ଲାରାଓଙ୍କ ପକ୍ଷରୁ ଦାଏର ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି।

ନିକଟରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ପବନ କଲ୍ୟାଣଙ୍କ ନେତୃତ୍ୱାଧୀନ ଜନସେନା ପାର୍ଟିରୁ ଆନ୍ଧ୍ରପ୍ରଦେଶର ଇଲ୍ଲୁରୁ ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପେଣ୍ଟାପତି ପୁଲ୍ଲାରାଓ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ଏଥିରେ ସେ କେନ୍ଦ୍ରର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ସମେତ ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ର, ତେଲେଙ୍ଗାନା ଓ ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା କେତେକ ଯୋଜନାକୁ ଚ୍ୟାଲେଞ୍ଜ କରିଛନ୍ତି। କେନ୍ଦ୍ର ଓ ଏହି ରାଜ୍ୟଗୁଡ଼ିକରେ କ୍ଷମତାସୀନ ଦଳଗୁଡ଼ିକ ରାଜନୈତିକ ଫାଇଦା ହାସଲ ପାଇଁ ସାଧାରଣ ନିର୍ବାଚନ ପୂର୍ବରୁ କେତେକ ଯୋଜନା ଏବଂ କାର୍ଯ୍ୟକ୍ରମ ଘୋଷଣା କରିଥିଲେ। ତେଣୁ ସର୍ବୋଚ୍ଚ ଅଦାଲତ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ପେଣ୍ଟାପତି ଦାବି କରିଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ସମ୍ପୃକ୍ତ ସରକାରଙ୍କ ଏଭଳି ମାଗଣା ଯୋଜନାଗୁଡ଼ିକର ଘୋଷଣା ନିର୍ବାଚନୀ କୁକର୍ମ ବୋଲି ପେଣ୍ଟାପତିଙ୍କ ଓକିଲ ସନ୍ତୋଷ ପାଲ୍ ଓ ସର୍ବଣ କୁମାର ଯୁକ୍ତି ବାଢ଼ିଥିଲେ। ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତରଣ ଏବଂ ଜନମଙ୍ଗଳକାରୀ ଯୋଜନାଗୁଡ଼ିକ ମୁକ୍ତ ଓ ନିରପେକ୍ଷ ନିର୍ବାଚନକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ କ୍ଷମତାରେ ଥିବା ଦଳଗୁଡ଼ିକ ନିର୍ବାଚନର ଅନ୍ୟୂନ ୬ ମାସ ପୂର୍ବରୁ ଏଭଳି ଯୋଜନା ଘୋଷଣା ପାଇଁ ଧାର୍ଯ୍ୟ କରିବା ଲାଗି ଇସିଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଅନୁରୋଧ କରିଥିଲେ। ଏଥିରେ ସେ କେନ୍ଦ୍ର ସରକାରଙ୍କ ପିଏମ୍ କିଷାନ ସମ୍ମାନ ନିଧି ଯୋଜନା ସମ୍ପର୍କରେ ମଧ ଉଲ୍ଲେଖ କରିଛନ୍ତି। ଏହି ଯୋଜନା ସାଧାରଣ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣାର ୩ ମାସ ପୂର୍ବରୁ ଅର୍ଥାତ୍ ୨୦୧୮ ଡିସେମ୍ବରରୁ କାର୍ଯ୍ୟକାରୀ ହେଉଛି। ଏଥିରେ ଦେଶର ୧୨.୫୦ କୋଟି ଚାଷୀଙ୍କୁ ବାର୍ଷିକ ୬,୦୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ଆନ୍ଧ୍ରପ୍ରଦେଶର ପାସୁପୁ କୁମ୍‌କୁମା। ଯୋଜନା, ଏନ୍‌ଟିଆର୍ ଭରୋସା ଓ ମୁଖ୍ୟମନ୍ତ୍ରୀ ଯୁବ ନେସ୍ତମ୍ ଯୋଜନା ସାଧାରଣ ଲୋକଙ୍କ ଅର୍ଥର ଅପବ୍ୟବହାର କରି ମତଦାତାଙ୍କୁ ଲାଞ୍ଚ ଦେବା ଲାଗି ଉଦ୍ଦିଷ୍ଟ ଥିଲା ବୋଲି ସେ ଏଥିରେ ଅଭିଯୋଗ ଆଣିଛନ୍ତି। ଏହି ଅବସରରେ ପେଣ୍ଟାପତି ସୁପ୍ରିମକୋର୍ଟ ୨୦୧୩ରେ ସୁବ୍ରମଣ୍ୟମ୍ ବନାମ ତାମିଲନାଡୁ ରାଜ୍ୟ ସରକାର ମାମଲାରେ ଦେଇଥିବା ରାୟର ଅବତାରଣା କରିଛନ୍ତି। ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ସରକାରଙ୍କ ମାଗଣା ଯୋଜନାଗୁଡ଼ିକ ପାଇଁ ଅନୁଦାନ ନିୟନ୍ତ୍ରଣ ସକାଶେ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବା ପାଇଁ ନିର୍ବାଚନ କମିଶନଙ୍କୁ ଉକ୍ତ ମାମଲାରେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ଇସି, କେନ୍ଦ୍ର ସରକାର ଏବଂ ଓଡ଼ିଶା ସମେତ ଉପରୋକ୍ତ ୫ ରାଜ୍ୟକୁ ନୋଟିସ କରିଛନ୍ତି। ଏହାସହ ଖଣ୍ଡପୀଠ ଏହି ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତରଣ ଯୋଜନା ଓ ମାଗଣାରେ ସୁବିଧା ପ୍ରଦାନ କରାଯାଉଥିବା ଅନ୍ୟ କେତେକ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ନିର୍ଦ୍ଦେଶାବଳୀ (ଗାଇଡ୍‌ଲାଇନ୍) ପ୍ରସ୍ତୁତି ପାଇଁ ଦାଏର ପିଟିଶନର ଅନୁଧ୍ୟାନ ଲାଗି ନିଷ୍ପତ୍ତି ନେଇଛନ୍ତି।

# ଭାରତ ସେମିରେ

**ବର୍ମିଂହାମ, ୨।୭ (ପି.ଟି.)**

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଚଳିତ ଆଇସିସି ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ୨୮ ରନରେ ବାଂଲାଦେଶକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୧୫ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ବାଂଲାଦେଶ ୪୮ ଓଭରରେ ୨୮୬ ରନକରି ଅଲଆଉଟ ହୋଇ ଯାଇଥିଲା । ଭାରତ ୮ ମ୍ୟାଚରୁ ୬ଷ୍ଠ ବିଜୟ ସହ ୧୩ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। ପୂର୍ବରୁ ୧୯୮୩ ଓ ୨୦୧୧ରେ ଚାମ୍ପିୟନ ହୋଇଥିବା ଭାରତ ୨୦୦୩ରେ ରନର୍ସଅପ୍ ହୋଇଥିଲା ଏବଂ ୧୯୮୭, ୧୯୯୬ ଏବଂ ୨୦୧୫ରେ ସେମିଫାଇନାଲ ଖେଳିଥିଲା। ଏଥର ତୃତୀୟ ଥରପାଇଁ ଦଳ ନିକଟରେ ଟାଇଟଲ ଜିତିବାର ସୁଯୋଗ ଆସିଛି। ଅନ୍ୟପକ୍ଷରେ ବାଂଲାଦେଶର ସେମିଫାଇନାଲ ଆଶା ଶେଷ ହୋଇଯାଇଛି।

### ରୋହିତଙ୍କ କୀର୍ତ୍ତିମାନ

ରୋହିତ ଶର୍ମା ମଙ୍ଗଳବାର ବାଂଲାଦେଶ ବିପକ୍ଷ ବିଶ୍ୱକପ ମ୍ୟାଚ୍ ଖେଳିବା ଅବସରରେ ଏକାଧିକ କୀର୍ତ୍ତିମାନ ହାସଲ କରିଛନ୍ତି। ୯୨ ବଲରୁ ୭ ଚୌକା ଓ ୫ ଛକା ସହାୟତାରେ ୧୦୪ ରନର ଶତକୀୟ ଇନିଂସ ଖେଳିଥିଲେ ରୋହିତ। ଚଳିତ ବିଶ୍ୱକପ୍‌ରେ ଏହାଥିଲା ତାଙ୍କର ଚତୁର୍ଥ ଶତକ। ଏଥିସହିତ ସେ ଶ୍ରୀଲଙ୍କାର ପୂର୍ବତନ ବ୍ୟାଟ୍ସମ୍ୟାନ କୁମାର ସଙ୍ଗକରାଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ପ୍ରଥମ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ସେ ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ୪ଟି ଶତକ ଅର୍ଜନ କରିଛନ୍ତି। ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ୨୦୦୩ ବିଶ୍ୱକପ୍‌ରେ ୩ଟି ଶତକ ହାସଲ କରିଥିଲେ। ସେ କ୍ୟାରିୟରରେ ୨୬ତମ ଦିନିକିଆ ଶତକ ଅର୍ଜନ କରିବା ସହିତ ମୋଟ ଉପରେ ୫୪୪ ରନ ସଂଗହ କରି ଚଳିତ ବିଶ୍ୱକପ୍‌ରେ ସର୍ବାଧିକ ରନ୍‌ସ୍କୋରର ହୋଇଛନ୍ତି। ସେ ଏହି କ୍ରମରେ ଅଷ୍ଟ୍ରେଲିଆ ତାରକା ଓପନର ଡେଭିଡ ୱାର୍ନରଙ୍କୁ (୫୧୬)ଙ୍କୁ ପଛରେ ପକାଇଛନ୍ତି। ଶତକ ହାସଲ କରିବାପରେ ସେ ସୌମ୍ୟ ସରକାରଙ୍କ ବଲ୍‌କୁ ଏକ୍ସଟ୍ରା କଭର ଉପରେ ମାରିବାକୁ ଯାଇ ଲିଟନ ଦାସଙ୍କ ହାତରେ ଧରା ପଡି ପ୍ୟାଭିଲିୟନ ଫେରିଥିଲେ। ବିଶ୍ୱକପ୍ ଇତିହାସରେ ରୋହିତ ଓ ଲୋକେଶ ରାହୁଲ ଓପନିଂ ଯୋଡିରେ ୧୮୦ ରନ କରି ଭାରତୀୟ ଦୃଷ୍ଟିକୋଣରୁ ସର୍ବାଧିକ ପାର୍ଟନରଶିପ୍ କରି ରେକର୍ଡ କରିଛନ୍ତି।

କ୍ରମାଗତ ଶତକ ହାସଲ କରି ୩୨ ବର୍ଷୀୟ ରୋହିତ ଶର୍ମା ମାଷ୍ଟରବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ପରେ ବିଶ୍ୱକପ୍‌ରେ ୫୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ପୂର୍ବରୁ ସଚିନ ୧୯୯୬ ଓ ୨୦୦୩ ବିଶ୍ୱକପ୍‌ରେ ୫୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଥିଲେ। ମୋଟ ଉପରେ ରୋହିତ ପଞ୍ଚମ ବିଶ୍ୱକପ୍ ଶତକ ଅର୍ଜନ କରିଛନ୍ତି। ପୂର୍ବରୁ ୨୦୧୫ରେ ସେ ଗୋଟିଏ ଶତକ ହାସଲ କରିଥିଲେ। ଗତ ୭ଟି ମ୍ୟାଚ୍‌ରେ ୪ଟି ଶତକ ହାସଲ କରି ରୋହିତ ଜବରଦସ୍ତ ଫର୍ମରେ ଥିବା ସୂଚନା ଦେଇଛନ୍ତି। ପ୍ରଥମ ମ୍ୟାଚ୍ ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୨୨ ରନର ଶତକୀୟ ଇନିଂସ ଖେଳିଥିଲେ। ଏହାପରେ ପାକିସ୍ତାନ ବିପକ୍ଷରେ ୧୪୦, ଗତ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ୧୦୨ ରନ କରିଥିଲେ। ରୋହିତ ଓ ସଙ୍ଗକରା ଗୋଟିଏ ବିଶ୍ୱକପ୍‌ରେ ୪ଟି ଲେଖାଏ ଶତକ ହାସଲକରି ଥିବାବେଳେ ଅଷ୍ଟ୍ରେଲିଆର ମାର୍କ ୱ (୧୯୯୬), ଭାରତ ସୌରଭ ଗାଙ୍ଗୁଲି (୨୦୦୩) ଓ ଅଷ୍ଟ୍ରେଲିଆର ମାଥ୍ୟୁ ହେଡେନ (୨୦୦୭) ଗୋଟିଏ ବିଶ୍ୱକପ୍‌ରେ ୩ଟି ଲେଖାଏ ଶତକ ହାସଲ କରିଥିଲେ।

(ସମ୍ପୂର୍ଣ୍ଣ ରିପୋର୍ଟ: ପୃଷ୍ଠା-୧୮)





ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ୪ଟି ଶତକ ଅର୍ଜନ କରିବାରେ ପ୍ରଥମ ଭାରତୀୟ

## ■ ଲଗାଣ ବର୍ଷାରେ ମୁମ୍ବାଇ ବେହାଲ
# ମହାରାଷ୍ଟ୍ରରେ ୨୭ ମୃତ

**ମୁମ୍ବାଇ,୨।୭ (ପି.ଟି.)**

ଲଗାଣ ବର୍ଷାରେ ମୁମ୍ବାଇବାସୀ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ରବିବାରଠାରୁ ବର୍ଷା ଲାଗି ରହିଥିବାବେଳେ ମୁମ୍ବାଇରେ କାନ୍ଥପଡ଼ି ୨୧ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ସୁଦ୍ଧା ରାଜ୍ୟରେ ମୃତ୍ୟୁସଂଖ୍ୟା ୨୭ରେ ପହଞ୍ଚିଛି। ପ୍ରାୟ ୮୦ ଜଣ ଆହତ ହୋଇଛନ୍ତି। ସଡ଼କ, ରେଳ ଓ ବିମାନ ଚଳାଚଳ ବହୁଳଭାବେ ବାଧାପ୍ରାପ୍ତ ହୋଇଛି। ପୁଣେର ଆମ୍ବେଗାଓଁ ଅଞ୍ଚଳରେ କାନ୍ଥପଡ଼ି ୬ ଜଣ ଶ୍ରମିକଙ୍କ ପ୍ରାଣହାନି ଘଟିଥିବାବେଳେ ୩ ଗୁରୁତର ହୋଇପଡ଼ିଛନ୍ତି। ସେହିଭଳି କଲ୍ୟାଣରେ ମଧ କାନ୍ଥପଡ଼ି ୩ ଜଣଙ୍କ ମୃତ୍ୟୁ ହୋଇଛି। ଏଠାରେ ଥିବା ଏକ ଉର୍ଦ୍ଦୁ ସ୍କୁଲର କାନ୍ଥ ଭୁଶୁଡ଼ି ପଡିଛି। ମାଲ୍‌ଦାରେ ଦୁଇ ଯୁବକ କାର୍‌ରେ ଆସୁଥିବାବେଳେ ରାସ୍ତାରେ ବୁଡ଼ିଯାଇଥିବା ଜଣାପଡ଼ିଛି। ଗାଡ଼ିର ଇଞ୍ଜିନରେ ପାଣି ପଶିଯିବାରୁ ଡୋର୍ ଲକ୍ ଆଉ ଖୋଲି ନ ଥିଲା। ଅନ୍ୟପକ୍ଷରେ ନାସିକରେ ଏକ ନିର୍ମାଣାଧୀନ ବିଲ୍ଡିଂରେ ଏକ ପାଣି ଟ୍ୟାଙ୍କ ଭୁଶୁଡ଼ି ପଡ଼ିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଗୁରୁତର ହୋଇଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଏନ୍‌ଡିଆର୍‌ଏଫ୍, ଆର୍‌ପିଏଫ୍, ନୌସେନା , ଅଗ୍ନିଶମ ବିଭାଗର କର୍ମଚାରୀଙ୍କୁ ସଜାଗ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ବିଗତ ୪୪ ବର୍ଷ ମଧରେ ଜୁଲାଇରେ ଏହା ଦ୍ୱିତୀୟ ସର୍ବାଧିକ ବର୍ଷା ବୋଲି କୁହାଯାଉଛି। (ଅଧିକ ରିପୋର୍ଟ: ପୃଷ୍ଠା-୨)

**ଆଜିର ସମ୍ପାଦକୀୟ**

## ଲାଞ୍ଛୁଆ ଭୋଟର

**ଆଜିର ମନ୍ତବ୍ୟ**

"ଆଣବିକ ଚୁକ୍ତି ଉଲ୍ଲଂଘନ କରି ନିଆଁ ସହ ଖେଳୁଛି ଇରାନ। —ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି


INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha

Admission Notice for 2019-20

IMBA

Integrated Master in Business Administration-5Yrs
(Affiliated to Utkal University)

QUALITY EDUCATION IN GOVT. INSTITUTE
AFFORDABLE COURSE FEES ₹ 25,000/- per Annum (First 3 yrs BBA module), ₹ 60,000/- per Annum (For last 2 yrs MBA module)

Eligibility : 10+2 (Arts/Science/Commerce/Diploma program) from a recognized Board/University with minimum 45% mark for admission into First Year of IMBA.

For Lateral Entry into 4th Year (MBA Module of IMBA), Students having passed 3year BBA from any recognized University with atleast 50% marks in aggregate can apply.

Application form is available at the Institute or can be downloaded from Institutes website www.iedodisha.nic.in. The filled in application can be submitted alongwith DD for ₹ 500/- (₹ 200/- for SC/ST candidates) in favour of IED Odisha IMBA payable at Bhubaneswar on or before 05.07.2019 (Friday).

123, Sect-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609, 2587176, Mob. 9437036346, 7978120939







AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY) PARDHIAPALI, SAMBALPUR





For Admission please Contact: 7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE 02.07.2019 Vencobb CHICKEN


| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 99 | 157 | 167 |
| CTC | 99 | 157 | 167 |
| DKL | 98 | 155 | 165 |
| BDK | 95 | 152 | 162 |
| BLS | 95 | 152 | 162 |
| ANG | 99 | 157 | 167 |


*Conditions Apply
Eggs Retail Price- 52/-Dozen
Issued in the Interest of Consumers




ଧରିତ୍ରୀ
DHARITRI
ବୁଧବାର, ୩ ଜୁଲାଇ ,୨୦୧୯



“ କର୍ନାଟକର କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଉପରେ କୌଣସି ବିପଦ ନାହିଁ। ପ୍ରଥମ ଦିନରୁ ସରକାରର ପତନ ପାଇଁ ଭାଜପା ଉଦ୍ୟମ କରୁଥିଲେ ହେଁ ଏହା ପୂରା ୫ ବର୍ଷ ଚାଲିବ।

-କେ.ସି. ବେଣୁଗୋପାଳ, ଏଆଇସିସି ସାଧାରଣ ସମ୍ପାଦକ



# ମହାରାଷ୍ଟ୍ରରେ ଜଳ ତାଣ୍ଡବ

## ବର୍ଷା ବିପ୍ଳାତରୁ ଭୁଶୁଡ଼ିଲା କାନ୍ଥ: ୩୭ ମୃତ, ୮୦ ଆହତ

ମୁମ୍ବାଇ,୨।୭ (ପି.ଟି.)

ମୁମ୍ବାଇରେ ବର୍ଷା ବିପ୍ଳାତ ସଙ୍ଗିନ ରୂପ ଧାରଣ କରିଛି। ଲଗାଣ ବର୍ଷା ଯୋଗୁ ବାଣିଜ୍ୟିକ ରାଜଧାନୀ ମୁମ୍ବାଇ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। କେବଳ ମୁମ୍ବାଇର ମାଲାଡ୍‌ରେ ୨୧ ଜଣଙ୍କ କାନ୍ଥ ପଡ଼ି ମୃତ୍ୟୁ ହୋଇଥିବା ବେଳେ ମହାରାଷ୍ଟ୍ରରେ ବର୍ଷାଜନିତ ମୃତ୍ୟୁସଂଖ୍ୟା ୩୭କୁ ବୃଦ୍ଧିପାଇଛି। ଏଥିସହ ଆହତଙ୍କ ସଂଖ୍ୟା ୮୦ରେ ପହଞ୍ଚିଛି। ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଥିବାରୁ ଚାରିଆଡ଼ ଜଳାର୍ଣ୍ଣବ ହୋଇପଡ଼ିବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏମିତିକି ଅନେକ ଘରେ ବର୍ଷାପାଣି ପଶି ଲୋକଙ୍କ ନିଦ ହଜାଇ ଦେଇଛି। ସଡ଼କ, ରେଳ ଓ ବିମାନ ଚଳାଚଳ ବହୁଳଭାବେ ବାଧାପ୍ରାପ୍ତ ହୋଇଛି। ପୁଣେର ଆମ୍ବେଗାଓଁ ଅଞ୍ଚଳରେ କାନ୍ଥପଡ଼ି ୬ ଜଣ ଶ୍ରମିକଙ୍କ ପ୍ରାଣହାନି ଘଟିଥିବାବେଳେ ୩ ଗୁରୁତର ହୋଇପଡ଼ିଛନ୍ତି। ସେହିଭଳି କଲ୍ୟାଣରେ ମଧ୍ୟ କାନ୍ଥପଡ଼ି ୩ ଜଣଙ୍କ ମୃତ୍ୟୁ ହୋଇଛି। ଏଠାରେ ଥିବା ଏକ ଉର୍ଦ୍ଦୁ ସ୍କୁଲର କାନ୍ଥ ଭୁଶୁଡ଼ି ପଡିଛି। ମାଲାଡ୍‌ରେ ଦୁଇ ଯୁବକ କାର୍‌ରେ ଆସୁଥିବାବେଳେ ରାସ୍ତାରେ ବୁଡ଼ିଯାଇଥିବା ଜଣାପଡ଼ିଛି। ଗାଡ଼ିର ଇଞ୍ଜିନରେ ପାଣି ପଶିଯିବାରୁ ଡୋର୍ ଲକ୍ ଆଉ ଖୋଲି ନ ଥିଲା। ଅନ୍ୟପକ୍ଷରେ ନାସିକରେ ଏକ ନିର୍ମାଣାଧୀନ ବିଲ୍ଡିଂରେ ଏକ ପାଣି ଟ୍ୟାଙ୍କ ଭୁଶୁଡ଼ି ପଡ଼ିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଗୁରୁତର ହୋଇଛନ୍ତି। ଭାରତୀୟ ପାଣିପାଗ ବିଭାଗ ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ମୁମ୍ବାଇ, ଠାଣେ, ପାଲ୍‌ଘର ପ୍ରମୁଖ ଅଞ୍ଚଳଗୁଡ଼ିକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ଆଶଙ୍କା ରହିଥିବା ଦର୍ଶାଇଛି। ସେହିଭଳି ଘରୋଇ ପାଣିପାଗ ଏଜେନ୍ସି ସ୍କାଏମେଟ୍ ମୁମ୍ବାଇ ଓ ଏହାର ଆଖପାଖ ଅଞ୍ଚଳରେ ୪୮ ଘଣ୍ଟା ପ୍ରବଳ ବର୍ଷା ସହ ବନ୍ୟା ଆସିବାର ଆଶଙ୍କା ରହିଥିବା କହିଛି। ଦିନକୁ ୨୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହେବ ବୋଲି କୁହାଯାଇଛି। ରବିବାରଠାରୁ ଲଗାଣ ବର୍ଷା ଲାଗିରହି ଥିବାବେଳେ ଅନେକ ଲୋକଙ୍କୁ ଖାଲୁଆ ଅଞ୍ଚଳରୁ ପ୍ରଶାସନ ସ୍ଥାନାନ୍ତର କରିଥିବା ପ୍ରକାଶ।



ପ୍ରବଳ ବର୍ଷାରେ ମୁମ୍ବାଇ ରାଜରାସ୍ତା ଜଳମଗ୍ନ।

ପ୍ରବଳ ବର୍ଷା ଯୋଗୁ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସରକାରୀ ଛୁଟି ଘୋଷଣା କରାଯାଇଛି। ଏହା ସହ ବିଭିନ୍ନ ପରୀକ୍ଷା ଓ ନାମଲେଖା ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଏନ୍‌ଡିଆର୍‌ଏଫ୍, ଆର୍‌ପିଏଫ୍, ନୌସେନା , ଅଗ୍ନିଶମ ବିଭାଗର କର୍ମଚାରୀଙ୍କୁ ସଜାଗ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ମଙ୍ଗଳବାର ନିଜର କାର୍ଯ୍ୟକ୍ରମକୁ ବାତିଲ କରିଛନ୍ତି। ସେ ବିଭିନ୍ନ ଅଧିକାରୀଙ୍କ ସହ ପରିସ୍ଥିତିର ସମୀକ୍ଷା କରଛନ୍ତି। ପ୍ରଶାସନ ପକ୍ଷରୁ ଲୋକଙ୍କୁ ଘରୁ ନ ବାହାରିବା ଲାଗି ପରାମର୍ଶ ଦିଆଯାଇଛି। ଏଥିସହ ଜରୁରିକାଳୀନ ସେବା କିପରି ଲୋକଙ୍କୁ ମିଳିପାରିବ ସେନେଇ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଉଥିବା କୁହାଯାଇଛି। ବର୍ଷା ସହ ଖରାପ ପାଗ ଯୋଗୁ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ୫୪ଟି ବିମାନର ଗତିପଥ ବଦଳା ଯାଇଥିବାବେଳେ ୫୨ଟିର ଉଡ଼ାଣ ରଦ୍ଦ କରାଯାଇଛି।

ବର୍ଷା ବିପ୍ଳାତ ଜନିତ ମୃତ୍ୟୁ ଓ ଜଳବନ୍ଦୀ ପରିସ୍ଥିତିକୁ ନେଇ ବିରୋଧୀ ଦଳର ନେତାମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ମହାରାଷ୍ଟ୍ର କଂଗ୍ରେସ ମୁଖ୍ୟ ଅଶୋକ ଚଭନ କହିଛନ୍ତି ଯେ, ବିଏମ୍‌ସିକୁ ଦଖଲ କରିଥିଲେ ହେଁ ବାନ୍ଦ୍ରାର କଳାନଗରରେ ଶିବସେନା ମୁଖ୍ୟ ଉଦ୍ଧବ ଥାକରେଙ୍କ ଘର ଜଳବନ୍ଦୀ ହୋଇପଡ଼ିଛି। ଡ୍ରେନେଜ୍ କାମ ନ ସାରି ରାଜନୀତିରେ ମାତି ଏମାନେ ଲୋକଙ୍କୁ ଦୁର୍ଦ୍ଦଶା ଆଡ଼କୁ ଠେଲିଦେଇଛନ୍ତି। ଏନ୍‌ସି ନେତା ଧନଞ୍ଜୟ ମୁଣ୍ଡେ ଶାସକ ଭାଜପା-ଶିବସେନାକୁ ସହର ଜଳବନ୍ଦୀ ହେବାନେଇ ସମାଲୋଚନା କରିଛନ୍ତି। ମୌସୁମୀ ଆସିବା ପୂର୍ବରୁ ବିଭିନ୍ନ ଡ୍ରେନର ସଫେଇ ଓ ରାସ୍ତା ନବୀକରଣ କାର୍ଯ୍ୟ କରାଯିବାର ଆବଶ୍ୟକତା ଥିଲା ବୋଲି ସେ କହିଛନ୍ତି। ଜଳବନ୍ଦୀ ହୋଇ ରହିଥିବା ଲୋକଙ୍କୁ ଉଦ୍ଧାର କରିବା ସହ ତୁରନ୍ତ ସେମାନଙ୍କୁ ଜରୁରିକାଳୀନ ସୁବିଧା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

- ରେଳ ଓ ବିମାନ ଚଳାଚଳ ବାଧାପ୍ରାପ୍ତ
- ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ସରକାରଙ୍କ ଉପରେ ବର୍ଷିଲେ ବିରୋଧୀ
- ଆଉ ୪୮ ଘଣ୍ଟା ପ୍ରବଳ ବର୍ଷା ଆଶଙ୍କା

## ତେଲେଙ୍ଗାନାରେ ୨ ବନ କର୍ମଚାରୀଙ୍କୁ ମାଡ଼

### ୧୨ ଅଭିଯୁକ୍ତଙ୍କ ବିରୋଧରେ ମାମଲା

ହାଇଦ୍ରାବାଦ,୨।୭ (ପି.ଟି.)

ତେଲେଙ୍ଗାନାର ଭଦ୍ରାଦ୍ରି-କୋଠାଗୁଡେମ୍ ଜିଲା ଅନ୍ତର୍ଗତ ଚିମ୍ମାମ୍‌ପେଟ ଗ୍ରାମରେ ଆଦିବାସୀମାନେ ଦୁଇ ବନ ବିଭାଗର କର୍ମଚରୀଙ୍କୁ ନିସ୍ତୁକ ମାଡ଼ମାରି ଆହତ କରିଛନ୍ତି। ସୋମବାର ଜଣେ ମହିଳା ବନ ବିଭାଗ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରାଯିବାର ଦିନକ ପରେ ଏଭଳି ଘଟଣା ଘଡ଼ିଛି। ଜଙ୍ଗଲ ଜମିରେ ଚାଷ ନ କରିବା ଲାଗି ବନ କର୍ମଚାରୀମାନେ କହିବା ପରେ ସେମାନେ ରାଗିଯାଇ ଆକ୍ରମଣ କରିଥିବା ପୋଲିସ କହିଛି। ହଳ କରିବାବେଳେ ଗ୍ରାମବାସୀଙ୍କ ଟ୍ରକ୍ଟରକୁ ବନ କର୍ମଚାରୀ ସିଜ୍ କରିବାରୁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆହତ ବନ କର୍ମଚାରୀ ଦ୍ୱୟଙ୍କୁ ସ୍ଥାନୀୟ ସରକାରୀ ଡ଼ାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ୧୨ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିବା କହିଛି।

ଭାଜପା ମୁଖପାତ୍ର କ୍ରିଷ୍ଣାସାଗର ରାଓ ଶାସକ ଟିଆର୍‌ଏସ୍ ଉପରେ ଏହାକୁ ନେଇ ବର୍ଷିଛନ୍ତି। ପୋଷାକରେ ଥିବା ବନ କର୍ମଚାରୀଙ୍କ ଉପରେ ଏଭଳି ଆକ୍ରମଣ କରାଯାଉଥିବାବେଳେ ସରକାର ନୀରବଦ୍ରଷ୍ଟା ସାଜିବା ଠିକ୍‌ନୁହେଁ ବୋଲି ସେ କହିଛନ୍ତି। ଟିଆର୍‌ଏସ୍ ବିଧାୟକଙ୍କ ଭାଇ ମହିଳା ବନ ଅଧିକାରୀଙ୍କୁ ସମର୍ଥକଙ୍କ ସହ ମାଡ଼ମାରିବା ଓ ଏବେ ବନ କର୍ମଚାରୀଙ୍କୁ ଆକ୍ରମଣ କରାଯିବା ପରିତାପର ବିଷୟ ବୋଲି ରାଓ କହିଛନ୍ତି।

## ବିଲରେ ଖସିପଡ଼ିଲା ଫୁଏଲ୍ ଟ୍ୟାଙ୍କ୍

କୋଏମ୍ବାଟୁର,୨।୭(ପି.ଟି)

ତାମିଲନାଡୁର ଏକ ଚାଷଜମିରେ ତେଜସ୍ ଏୟାରକ୍ରାଫ୍ଟର ଫୁଏଲ୍ ଟ୍ୟାଙ୍କ୍ ଖସିପଡିଛି। ଚେନ୍ନାଇ ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଟ୍ୟାଙ୍କ୍‌ଟି ଗଳିପଡିଥିଲେ ସୁଦ୍ଧା ଉକ୍ତ ବିମାନରେ ଥିବା ପ୍ରତିରକ୍ଷା କର୍ମଚାରୀଙ୍କର କିଛି କ୍ଷତି ହୋଇନାହିଁ। ୧୨୦୦ ଲିଟର ବିଶିଷ୍ଟ ପେଟ୍ରୋଲ ଟ୍ୟାଙ୍କଟି ଆକାଶରୁ ଖସୁଥିବାର ଦୃଶ୍ୟ ଦେଖି ଇରୁଗୁର ଗାଁର କୃଷି ଶ୍ରମିକମାନେ ଭୟଭୀତ ହୋଇ ପଡ଼ିଥିଲେ। ଟ୍ୟାଙ୍କରଟି ପଡିଥିବା ସ୍ଥାନରେ ୩ଫୁଟ ଗଭୀର ଖାଲ ହୋଇଯାଇଛି। ଏହାପରେ ଜେଟ୍ ବିମାନଟି ନିରାପଦରେ ନିକଟବର୍ତ୍ତୀ ସୁଲୁର ବାୟୁସେନା ଘାଟିରେ ଅବତରଣ କରିଥିଲା। ବର୍ତ୍ତମାନ ଭାରତୀୟ ବାୟୁସେନା ଯବାନ ଓ ପୋଲିସ ଘଟଣାସ୍ଥଳରେ ମୁତୟନ ଅଛନ୍ତି।

## ଗିରଫ ହେଲେଣି ୧୬୦ ଆଇଏସ୍ ସଦସ୍ୟ

ନୂଆଦିଲ୍ଲୀ,୨।୭(ପି.ଟି.): ଏ ପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରୁ ବେଆଇନ ଘୋଷିତ ଆତଙ୍କବାଦୀ ଗୋଷ୍ଠୀ ଇସଲାମିକ୍ ଷ୍ଟେଟ୍(ଆଇଏସ୍)ର ୧୬୦ ସଦସ୍ୟ ତଥା ସମର୍ଥକଙ୍କୁ ଗିରଫ କରାଯାଇଥିବା ମଙ୍ଗଳବାର ଲୋକ ସଭାରେ ସୂଚନା ଦିଆଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ଜି. କିଶନ୍ ରେଡ୍ଡୀ ଗୃହରେ ଏ ସମ୍ପର୍କିତ ସୂଚନା ଦେଇ କହିଲେ, ଆତଙ୍କବାଦୀଙ୍କ ଧମକ ସମ୍ପର୍କିତ ସୂଚନା ରାଜ୍ୟ ସରକାର ଏବଂ ପୋଲିସକୁ ଶେୟାର କରାଯିବା ସହିତ କୌଣସି ଅଘଟଣକୁ ଏଡାଇବା ଲାଗି ଯଥାର୍ଥ ପଦକ୍ଷେପନେବାକୁପରାମର୍ଶଦିଆଯାଉଛି।

## ବିଜୟଭର୍ଗୀୟଙ୍କ ପୁଅ ବ୍ୟାଟ୍‌ରେ ପିଟିବା ଘଟଣା

# ଅହଙ୍କାର, ଦୁର୍ବ୍ୟବହାର ବରଦାସ୍ତ କରାଯିବନି

ନୂଆଦିଲ୍ଲୀ,୨।୭ (ପି.ଟି.)

ସରକାରୀ ଅଧିକାରୀଙ୍କୁ ଭାଜପା ନେତା କୈଳାସ ବିଜୟଭର୍ଗୀୟଙ୍କ ବିଧାୟକ ପୁଅ କ୍ରିକେଟ୍ ବ୍ୟାଟ୍‌ରେ ପିଟିବା ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁହଁ ଖୋଲି କଡ଼ା ସନ୍ଦେଶ ଦେଇଛନ୍ତି। ଭାଜପା ସଂସଦୀୟ ଦଳ ବୈଠକରେ ସେ କହିଛନ୍ତି ଯେ, ସେ ଯାହା ପୁଅ ହେଇଥାନ୍ତୁ ପଛେ ଅହଙ୍କାର ଓ ଦୁର୍ବ୍ୟବହାରକୁ କେବେହେଲେ ବରଦାସ୍ତ କରାଯାଇ ପାରିବ ନାହିଁ। ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଯିଏ ଯାହା ଚାହିଁବ କରିପାରିବ ନାହିଁ। ମୋଦିଙ୍କ ଏହି କଡା ଆଭିମୁଖ୍ୟବେଳେ ନିଜେ ଭାଜପା ସାଧାରଣ ସମ୍ପାଦକ ବିଜୟଭର୍ଗୀୟ ବୈଠକରେ ଉପସ୍ଥିତ ଥିଲେ।

ମୋଦିଙ୍କ କଡ଼ା ଆଭିମୁଖ୍ୟକୁ ନେଇ ଭାଜପା ମୁଖପାତ୍ର ରାଜୀବ ପ୍ରତାପ ରୁଡ଼ୀ ମଧ୍ୟ ସମାନ କଥା ଦୋହରାଇଛନ୍ତି। ଖବରଦାତାଙ୍କ ପ୍ରଶ୍ନର ଉତ୍ତର ସେ ମାପିଚୁପି କହିଛନ୍ତି ଯେ, ଏଭଳି ବ୍ୟବହାର କୌଣସି ବ୍ୟକ୍ତି କଲେ, ତାଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରାଯିବ। ପ୍ରକାଶଥାଉ କି, ବିଜୟଭର୍ଗୀୟଙ୍କ ପୁଅ ଏଭଳି କାମ କରି କ୍ଷମା ମାଗିବାର ପ୍ରଶ୍ନ ଉଠୁନାହିଁ ବୋଲି କହିଥିଲେ। ସେ ଗିରଫ ହେବା ପରେ କୋର୍ଟରୁ ଜାମିନ୍‌ରେ ଆସିଥିଲେ। ଭାଜପାର ଜବରଦସ୍ତ ବିଜୟ ପରେ ପ୍ରଥମ ସଂସଦୀୟ ଦଳ ବୈଠକରେ ମୋଦିଙ୍କୁ ବରିଷ୍ଠ ନେତାମାନେ ସମ୍ବର୍ଦ୍ଧିତ କରିଥିଲେ। ଜୁଲାଇ ୬ରୁ ବାରାଣସୀରୁ ମୋଦି ଭାଜପାର ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିବେ ବୋଲି ସ୍ଥିର କରାଯାଇଛି। ବୈଠକରେ ସଂସଦରେ ସମସ୍ତ ଦଳୀୟ ନେତା ଉପସ୍ଥିତ ରହି ଅଧିବେଶନ କାର୍ଯ୍ୟ ସଫଳ କରିବା ଲାଗି ପରାମର୍ଶ ଦିଆଯାଇଛି।



### ସଂସଦୀୟ ଦଳ ବୈଠକରେ ମୋଦିଙ୍କ କଡ଼ା ସନ୍ଦେଶ

## ଟିଏମ୍‌ସି କର୍ମୀଙ୍କୁ ହତ୍ୟା

ମେଦିନାପୁର,୨।୭(ପି.ଟି.)

ପଶ୍ଚିମବଙ୍ଗର ପଶ୍ଚିମ ମେଦିନାପୁର ଜିଲାର ନାରାୟଣଗଡ଼ ଅଞ୍ଚଳରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଜଣେ କର୍ମୀଙ୍କୁ ହତ୍ୟା କରାଯାଇଛି। ଏଥିପାଇଁ ଟିଏମ୍‌ସି ଭାଜପା କର୍ମୀଙ୍କୁ ଦାୟୀ କରିଥିବାବେଳେ ଗୋଷ୍ଠୀ କନ୍ଦଳ ଯୋଗୁ ଟିଏମ୍‌ସି କର୍ମୀଙ୍କ ମୃତ୍ୟୁ ଘଟିଥିବା ଭାଜପା ପକ୍ଷରୁ ପାଲଟା ଅଭିଯୋଗ କରାଯାଇଛି।

୪୨ବର୍ଷ ବୟସ୍କ ଗଣେଶ ଭୁନିୟାଙ୍କ ମୃତଦେହ ତାଙ୍କ ବାସଭବନ ନିକଟରେ ଏକ ଖେତରେ ପଡିଥିବା ଦେଖିବାକୁ ମିଳିଥିଲା। ଜଣେ ଅଜଣା ବ୍ୟକ୍ତିଙ୍କଠାରୁ ଫୋନ୍ କଲ୍ ପାଇ ସେ ରବିବାର ରାତିରେ ଘରୁ ବାହାରି ଯାଇଥିଲେ। ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଉକ୍ତ ହତ୍ୟାକାଣ୍ଡର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଡିଏସ୍‌ପି ଦିନେଶ କୁମାର ସୂଚନା ଦେଇଛନ୍ତି। ପଡୋଶୀ ଝାଡଗ୍ରାମ ଜିଲାରେ ଜଣେ ଭାଜପା କର୍ମୀଙ୍କୁ ହତ୍ୟା କରାଯିବାର ୨୪ଘଣ୍ଟା ପରେ ଟିଏମ୍‌ସି କର୍ମୀଙ୍କୁ ହତ୍ୟା କରାଯାଇଥିବା ସୂଚନା ମିଳିଛି।



ଆସାମର ନଗାଓଁସ୍ଥିତ ବାମୁନି ଗ୍ରାମରେ ଖେତରେ ହଳ କରୁଛନ୍ତି କୃଷକ।

### [ଇତିହାସର ଆଇନାରେ] ଜୁଲାଇ ୩ର ପ୍ରମୁଖ ଘଟଣା

୧୯୪୪ ଜୁଲାଇ ୩ରେ ସୋଭିଏତ୍ ସେନାର ବଳପ୍ରୟୋଗ ଦ୍ୱାରା ନାଜି ନିୟନ୍ତ୍ରଣରୁ ମିନ୍‌ସ୍କ ମୁକ୍ତ ହୋଇଥିଲା। ମିନ୍‌ସ୍କ ହେଉଛି ବେଲାରୁସ୍‌ର ରାଜଧାନୀ ତଥା ବୃହତ୍ ନଗରୀ। ଏହା ଭିସ୍‌ଲାକ୍ ଏବଂ ନାୟାମିହା ନଦୀକୂଳରେ ଅବସ୍ଥିତ। ମିନ୍‌ସ୍କରେ ବେଲାରୁସ୍‌ର ସ୍ୱତନ୍ତ୍ର ପ୍ରଶାସନିକ କାର୍ଯ୍ୟାଳୟ ରହିଛି।

୧୯୮୮ ଜୁଲାଇ ୩ରେ ଇସ୍ତାନବୁଲ୍‌ରେ ଫେଥ୍ ସୁଲତାନ ମହମତ୍ ବ୍ରିଜ୍ ସମ୍ପୂର୍ଣ୍ଣ ହୋଇଥିଲା। ୟୁରୋପ ଏବଂ ଏସିଆ ମହାଦେଶ ମଧ୍ୟରେ ଏହା ଥିଲା ଦ୍ୱିତୀୟ ଯୋଗାଯୋଗ ସେତୁ। ଏହି ସେତୁର ନାମକରଣ ପଞ୍ଚଦଶ ଶତାବ୍ଦୀର ବୀର ବିଜୟୀ ଅଟୋମାନ୍ ସୁଲତାନ୍ ମହମଦ୍‌ଙ୍କ ନାମାନୁସାରେ ହୋଇଛି। ୧୪୫୩ରେ ଅଟୋମାନ୍ କନଷ୍ଟାଣ୍ଟିନୋପଲ୍ (ଇସ୍ତାନବୁଲ) ଦଖଲ କରିଥିଲେ।

## ତେହେରାନର ୟୁରାନିୟମ୍ ଉତ୍ପାଦନ ୩୦୦ କେ.ଜି. ଟପିଲା

# ସୀମା ଲଂଘିଲା ଇରାନ

ତେହେରାନ୍,୨।୭

ୟୁରାନିୟମ୍ ଉତ୍ପାଦନ କ୍ଷେତ୍ରରେ ସୀମା ଲଂଘିଛି ଇରାନ। ୨୦୧୫ରେ ବିଶ୍ୱ ଶକ୍ତିଗୁଡ଼ିକ ସହ ଚୁକ୍ତି ଅନୁସାରେ ନିର୍ଦ୍ଧାରିତ ପରିମାଣ ୩୦୦ କେ.ଜି.ଠାରୁ ଅଧିକ ୟୁରାନିୟମ୍ ଉତ୍ପାଦନ କରିଛି ପଶ୍ଚିମ ଏସିଆର ଏହି ଇସ୍‌ଲାମିକ୍ ରାଷ୍ଟ୍ର। ୩.୬୭%ରୁ ଊର୍ଦ୍ଧ୍ୱ ୟୁରାନିୟମ୍ ଗଚ୍ଛିତ ରଖିବା ପରବର୍ତ୍ତୀ ପଦକ୍ଷେପ ହେବ ବୋଲି ତେହେରାନ ଘୋଷଣା କରିବା ପରେ ବିବାଦ ମୁଣ୍ଡଟେକିଛି। ରିଆକ୍ଟର ଇନ୍ଧନ ପାଇଁ ଉଦ୍ଦିଷ୍ଟ ୟୁରାନିୟମ୍ ବିପୁଳ ପରିମାଣରେ ଗଚ୍ଛିତ ରଖିବା ଯୋଗୁ ପରମାଣୁ ବୋମା ତିଆରିର ଆଶଙ୍କା ବଢ଼ିବାରେ ଲାଗିଛି। ତେହେରାନ୍‌ର ଏହି ପଦକ୍ଷେପକୁ ଆମେରିକା, ବ୍ରିଟେନ ଓ ଜର୍ମାନୀ ସମେତ ଅନେକ ରାଷ୍ଟ୍ର ନିନ୍ଦା କରିଛନ୍ତି।



୨୦୧୫ରେ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହ ଇରାନ ମିଳିତ ବିସ୍ତୃତ କାର୍ଯ୍ୟ ଯୋଜନା (ଜେସିଓପିଏ) ଚୁକ୍ତି ସ୍ୱାକ୍ଷର କରିଥିଲା। ଚୁକ୍ତିନାମା ଅନୁସାରେ ୟୁରାନିୟମ୍ ଉତ୍ପାଦନ ୯୮% ହ୍ରାସକରି ଏହାର ପରିମାଣ ୩୦୦ କେ.ଜି. ମଧ୍ୟରେ ସୀମିତ ରଖିବାକୁ ଇରାନ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଗତ ମେ’ରେ ଏହି ଦେଶ ଏଥିରୁ ଅଧିକ ପରିମାଣର ୟୁରାନିୟମ୍ ଉତ୍ପାଦନ କରିଥିବା ନିରୀକ୍ଷକମାନେ ଜାଣିବାକୁ ପାଇଛନ୍ତି ବୋଲି ଏବେ ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ସ୍ପଷ୍ଟ କରିଛି। ଇରାନ ଅର୍ଥମନ୍ତ୍ରୀ ମହମ୍ମଦ ଜାଭେଦ ଜରିଫ୍ ସୋମବାର ଅପରାହ୍ନରେ ଘୋଷଣା କରିଛନ୍ତି ଯେ, ବେସାମରିକ ଆଣବିକ ଶକ୍ତି ପାଇଁ ଆବଶ୍ୟକ ୟୁରାନିୟମ୍ ଉତ୍ପାଦନ ସ୍ତର ତାଙ୍କ ଦେଶ ଟପି ସାରିଛି। ଚୁକ୍ତି ଅନୁସାରେ ୟୁରୋପୀୟମାନେ ଇରାନର ସ୍ୱାର୍ଥକୁ ସୁରକ୍ଷା ଦେବାରେ ବିଫଳ ହୋଇଥିବାରୁ ପରବର୍ତ୍ତୀ ଟାର୍ଗେଟ ୩.୬୭% ଅତିକ୍ରମ କରିବ। କିନ୍ତୁ ସେମାନେ ନିଜ ପ୍ରତିଶ୍ରୁତି ରଖିବା ପାଇଁ ପଦକ୍ଷେପ ନେବା ଆରମ୍ଭ କଲେ ଇରାନ ଏଥିରୁ କ୍ଷାନ୍ତ ରହିପାରେ। ବ୍ରିଟେନ ଓ ଜର୍ମାନୀ ଇରାନକୁ ନିଷ୍ପତ୍ତି ପ୍ରତ୍ୟାହାର କରିବା ଲାଗି ତାଗିଦ୍ କରିଥିବାବେଳେ ତେହେରାନ ଉପରେ ‘ସର୍ବାଧିକ ଚାପ’ ବଜାୟ ରହିବ ବୋଲି ଆମେରିକା କହିଛି। ଏହାକୁ ନେଇ କ୍ଷୁବ୍ଧ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଇରାନ ନିଜ ସୀମା ଅତିକ୍ରମ କରି ନିଆଁ ସହ ଖେଳୁଛି। ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ମଧ୍ୟ ୟୁରାନିୟମ୍ ଉତ୍ପାଦନ ବନ୍ଦ କରିବାକୁ କଡ଼ା ଚେତାବନୀ ଦେଇଛନ୍ତି। ସେହିପରି କୌଣସି ପ୍ରକାର ଉଲ୍ଲଂଘନର ପରିମାଣ ଭଲ ହେବନାହିଁ। ଚୁକ୍ତି ଅନୁସାରେ ଇରାନ ଉପରେ ବହୁପାକ୍ଷିକ କଟକଣା ପୁନଃ ଜାରି କରାଯିବ ବୋଲି ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଧମକ ଦେଇଛନ୍ତି। ଗତବର୍ଷ ଆମେରିକା ଆଣବିକ ଚୁକ୍ତିରୁ ଓହରି ତେହେରାନ ଉପରେ କଟକଣା ଜାରି କରିବା ପରଠୁ ଦୁଇଦେଶ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଏବେ ୟୁରାନିୟମ ଉତ୍ପାଦନରେ ସୀମା ଟପିବା ପରେ ସ୍ଥିତି ଆହୁରି ସଙ୍ଗିନ ହେବ ବୋଲି ଚାଇନା ବହିର୍ବ୍ୟାପାର ମୁଖପାତ୍ର ଜେଙ୍ଗ୍ ଶୁଆଙ୍ଗ୍ ଚିନ୍ତାବ୍ୟକ୍ତ କରିଛନ୍ତି। ଏବେ ମଧ୍ୟପ୍ରାଚ୍ୟରେ ଚରମ ଉତ୍ତେଜନା ଲାଗିରହିଛି। ହର୍ମୁଜ୍ ପ୍ରଣାଳୀ ଆକାଶରେ ଆମେରିକାର ଏକ ଡ୍ରୋନ୍‌କୁ ଇରାନ ଖସାଇଦେଇଛି। ଆମେରିକାର ଦୁଇଟି ତୈଳବାହୀ ଜାହାଜ ଉପରେ ଆକ୍ରମଣ ପଛରେ ତେହେରାନର ସମ୍ପୃକ୍ତି ଥିବା ନେଇ ୱାଶିଂଟନ ଅଭିଯୋଗ ଆଣୁଥିବାବେଳେ ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ସାମ୍ନାକୁ ଆସିଛି।

## ଫ୍ୟାନ୍‌ଙ୍କୁ ସେଲ୍‌ଫି ପାଇଁ ସୁଯୋଗ ଦେଲେ କ୍ୟାଟ୍ରିନା



**ନୂଆଦିଲ୍ଲୀ:** ସ୍ଥାନୀୟ ବିମାନ ବନ୍ଦରରେ ଫ୍ୟାନ୍‌ମାନେ କ୍ୟାଟ୍ରିନାଙ୍କ ସହ ସେଲ୍‌ଫି ନେବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ସମୟରେ କ୍ୟାଟ୍ରିନା ବରଂ ବିରକ୍ତ ନ ହୋଇ ପରିସ୍ଥିତିକୁ ଅତ୍ୟନ୍ତ ହାଲୁକା ଭାବେ ନେଇ ଧୈର୍ଯ୍ୟ ଧରିବାକୁ ପ୍ରଶଂସକଙ୍କୁ କହିଥିଲେ। କିନ୍ତୁ ସେମାନେ ନିଜକୁ ଏଥିରୁ ନିବୃତ୍ତ କରି ନ ପାରି ‘ଭାରତ’ ଅଭିନେତ୍ରୀଙ୍କ ପାଖକୁ ଲାଗି ଆସିଥିଲେ। କ୍ୟାଟ୍ରିନା ନିଜର ପ୍ରଶଂସକଙ୍କୁ ତାଙ୍କ ସହ ସେଲ୍‌ଫି ନେବାକୁ ସୁଯୋଗ ଦେଇଥିଲେ। ଜଣେ ବ୍ୟକ୍ତି କ୍ୟାଟ୍ରିନାଙ୍କ ନିକଟବର୍ତ୍ତୀ ହେବା ସହିତ ନିଜ ଫୋନ୍‌ରେ ସେଲ୍‌ଫି ନେବାକୁ ଉଦ୍ୟମ କରିବାବେଳେ କ୍ୟାଟ୍ରିନାଙ୍କ ଦେହରକ୍ଷୀ ତାଙ୍କୁ ତଡ଼ିଦେଇଥିଲେ। କିନ୍ତୁ ଏହି ବ୍ୟକ୍ତି ଜଣକ ଆଦୌ ନ ଘୁଞ୍ଚି ନିଜ ଜିଦ୍‌ରେ ଅଡ଼ି ବସିଥିଲେ। ଏହାପରେ କ୍ୟାଟ୍ରିନା ତାଙ୍କୁ କିଛି ଦୂର ଘୁଞ୍ଚିଯାଇ ସେଠାରୁ ଫଟୋ ଉଠାଇବାକୁ ପରାମର୍ଶ ଦେଇଥିଲେ। କ୍ୟାଟ୍ରିନାଙ୍କ ଏହି ପରାମର୍ଶକୁ କେତେକ ସୋସିଆଲ ମିଡିଆ ବ୍ୟବହାରକାରୀ ପ୍ରଶଂସା କରିଛନ୍ତି।



ସ୍ୱାଧୀନତା ଓ ଉଚ୍ଛୃଙ୍ଖଳତା ଏକାର୍ଥ ବାଚକ ଶବ୍ଦ ନୁହେଁ।
- ଜନ୍ ମିଲଟନ




## ପ୍ରକାଶ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର, ୨୭(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପୁରୀ ଜିଲା ଗୋପ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ପରିଡ଼ାଙ୍କୁ ଦଳରୁ ନିଲମ୍ବନ କରିଛନ୍ତି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

## ୩ ବିଶ୍ୱବିଦ୍ୟାଳୟକୁ ନୋଟିସ

ଭୁବନେଶ୍ୱର, ୨୭(ବ୍ୟୁରୋ)

ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା) ଅନୁଦାନ ଅର୍ଥକୁ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ତିନିଟି ବିଶ୍ୱବିଦ୍ୟାଳୟକୁ ନୋଟିସ୍ ଜାରି କରାଯାଇଛି। ଉତ୍କଳ, ରମାଦେବୀ ଏବଂ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳ ସଚିବଙ୍କୁ ଏହି ନୋଟିସ୍ ହୋଇଛି। ରୁସା ପକ୍ଷରୁ ମିଳିଥିବା ସହାୟତା ରାଶି ଠିକ୍ ଉପାୟରେ ଖର୍ଚ୍ଚ ହୋଇ ନ ଥିବା କିମ୍ବା ଖର୍ଚ୍ଚ ହୋଇଥିଲେ ବି କାମ ମନ୍ଥର ଗତିରେ ଚାଲିଥିବାକୁ ଏହି ନୋଟିସ୍ ଜାରି କରାଯାଇଛି। ସୂଚନାଯୋଗ୍ୟ, କ୍ୟାମ୍ପସରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ତିନି ବିଶ୍ୱବିଦ୍ୟାଳୟକୁ ରୁସା ପକ୍ଷରୁ ଅନୁଦାନ ମିଳିଥିଲା। କିନ୍ତୁ ଏହି ଅର୍ଥ ବିନିଯୋଗରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ଆସିବା ପରେ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଏକ ଟିମ୍ ଯାଞ୍ଚ କରି ଇତିମଧ୍ୟରେ ବିଭାଗକୁ ରିପୋର୍ଟ ପ୍ରଦାନ କରିଛି।

## ଲଘୁଚାପ ଦୁର୍ବଳ: ୬ ଯାଏ ବର୍ଷା ନାହିଁ

ଭୁବନେଶ୍ୱର,୨୭(ବ୍ୟୁରୋ)

ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟିହୋଇଥିବା ଲଘୁଚାପ ମଙ୍ଗଳବାର ୱେଲମାର୍କ ଲୋ ପ୍ରେସରରେ ପରିଣତ ହୋଇଛି। ଏହା ଝାଡ଼ଖଣ୍ଡ ଏବଂ ଓଡିଶାର କିଛି ଅଂଶରେ ରହିଛି। ଆସନ୍ତା ୬ ତାରିଖ ଯାଏ ଆଉ ବର୍ଷା ହେବାର ସମ୍ଭାବନା ନାହିଁ। କାଁ ଭାଁ କେଉଁଠି ଅସରାଏ କିମ୍ବା ଦି' ଅସରା ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମୌସୁମୀ ଦୁର୍ବଳ ରହୁଥିବାରୁ ବର୍ଷା ପରିମାଣ ବଢିବ ନାହିଁ। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚାନ୍ଦବାଲିରେ ସର୍ବାଧିକ ୧୨୨.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱର ୫୦.୯, କଟକ ୫୪.୨, ପାରାଦୀପ ୩୨.୫, ଭୁବନେଶ୍ୱର ୭୦.୮, ଗୋପାଳପୁର ୨, ପୁରୀ ୫୧.୪, ଅନୁଗୋଳ ୬୦, ବାରିପଦା ୩୪.୨, ଝାରସୁଗୁଡା ୨୯.୭, କେନ୍ଦୁଝର ୩୪.୩, ସମ୍ବଲପୁର ୫୮.୬, ସୁନ୍ଦରଗଡ ୧୫, ହୀରାକୁଦ ୫୦.୨, ତାଳଚେର ୩୧, ଭବାନୀପାଟଣା ୨୬, ବଲାଙ୍ଗୀର ୯୨.୬, କୋରାପୁଟ ୨୧.୮, ଫୁଲବାଣୀ ୮୪.୬, ଟିଟିଲାଗଡ ୪୪.୮, ମାଲକାନଗିରି ୧୫, ସୋନପୁର ୭୦ ଏବଂ ଦାରିଙ୍ଗିବାଡିରେ ୧୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା।

BADRIPRASAD
DEGREE COLLEGE
+ 3 Online Admission Through SAMS
ADMISSION OPEN
BSc | BCom | BA
70089 20803, 70087 57504, 83277 25282, 70084 83493, bdcsbp@gmail.com, bcctssbp@gmail.com Visit: www.bitsambalpur.in
Debaipali. Majhipali Chowk, Sason, SAMBALPUR

DAYANAND INSTITUTE
Dhanupali,Sambalpur-768005
Helpline-8763032587[O] 9938895475, 9437158817[Principal]
ADMISSION NOTICE
NTT - 1year regular and correspondence course
Eligibility- +2 & Above (Only Ladies)
B.Ed- NCTE Approved (2years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
PLEASE VISIT US- 8 TO 11AM (OFFICE) EVERYDAY

# ମହାପ୍ରଭୁଙ୍କ ନବଯୌବନ ଦର୍ଶନ

- ଅନୁକୂଳ ପାଗ ଯୋଗୁ ଶ୍ରଦ୍ଧାଳୁଙ୍କ ଭିଡ଼
- ଭିତରକାଠ ନିକଟରେ ମହିଳାଙ୍କୁ ମାଡ଼
- ଆଜି ସିଂହଦ୍ୱାରରେ ଲାଗିବ ତିନିରଥ

ପୁରୀ ଅଫିସ, ୨୭

୧୪ଦିନର ଅଣସର ବିଧି ପରେ ମଙ୍ଗଳବାର ନବଯୌବନ ରୂପରେ ଦର୍ଶନ ଦେଇଛନ୍ତି ଦରୁଦିଅଁ। ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ନବଯୌବନ ରୂପ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ଅନୁକୂଳ ପାଗ ଯୋଗୁ ଭକ୍ତଙ୍କ ଭିଡ଼ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ସର୍ବସାଧାରଣ ଦର୍ଶନ ସମୟ ବୃଦ୍ଧି କରିଥିଲା ଶ୍ରୀମନ୍ଦିର ପ୍ରଶାସନ। ବୁଧବାର ରଥଖଳାରୁ ତିନିରଥଙ୍କୁ ସିଂହଦ୍ୱାରକୁ ନିଆଯିବ। ଗୁରୁବାର ରଥରେ ବସି ଚତୁର୍ଦ୍ଧାବିଗ୍ରହ ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରା କରିବେ। ଅନ୍ୟପକ୍ଷରେ ମଙ୍ଗଳବାର ସାହାଣମେଲା ଦର୍ଶନ ବେଳେ ଭିତରକାଠ ପାଖରେ ଜଣେ ମହିଳାଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି।

ସୋମବାର ଘଣାଲାଗି ନୀତି ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ଅପରାହ୍ନ ୧ଟା ୨୫ରେ ବନକଲାଗି ନୀତି ବଢିବା ପରେ ନେତ୍ରୋତ୍ସବ ନୀତି ଆରମ୍ଭ ହୋଇଥିଲା। ସାଢେ ୧ଟାରେ ଚକା ଅପସର କରାଯାଇଥିଲା। ପଟିଦିଅଁଙ୍କ ପାଖରେ ୧ଟା ୫୦ରେ ମଙ୍ଗଳ ଆଳତି ହୋଇ ଅବକାଶ ନୀତି ବଢିବା ପରେ ପଟିଦିଅଁ ମଣ୍ଡଳୀ ଘରକୁ ବିଜେ ହୋଇଥିଲେ। ଅନ୍ୟ ଠାକୁରମାନେ ଦକ୍ଷିଣୀଘରକୁ ବିଜେ କରିଥିଲେ। ଅପରାହ୍ନ ୨ଟାରେ ଅଣସର ତାଟି ଫିଟିବାକୁ ନୀତି ନିର୍ଘଣ୍ଟ ହୋଇଥିବାବେଳେ ଅଧଘଣ୍ଟାଏ ବିଳମ୍ବ ହୋଇଥିଲା। ପରିମାଣିକ ଦର୍ଶନ ଅପରାହ୍ନ ୨ଟା ୪୫ରେ ଆରମ୍ଭ ହୋଇ ୩.୪୫ ପର୍ଯ୍ୟନ୍ତ ଚାଲିଥିଲା। ପରିମାଣିକ ଟିକେଟଧାରୀ ଦକ୍ଷିଣ ଦ୍ୱାର, ସାତପାହଚ, ଜୟବିଜୟ ଦ୍ୱାର ଦେଇ ଭିତରକାଠ ପାଖରେ ଦର୍ଶନ କରିଥିଲେ। ୩.୪୫ରେ ସାହାଣମେଲା ତଥା ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ଭିଡ଼କୁ ଦୃଷ୍ଟିରେ ରଖି ଏହି ଦର୍ଶନ ସମୟକୁ ୧୫ମିନିଟ୍ ବୃଦ୍ଧି କରାଯାଇଥିଲା। ଭକ୍ତମାନେ ଭିତରକାଠରୁ ଠାକୁରଙ୍କୁ ଦର୍ଶନ କରିଥିଲେ। ତେବେ ଏହି ସମୟରେ ଭିତରକାଠ ନିକଟରେ ଜଣେ ମହିଳାଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଯାଜପୁର ଜିଲାର ରାଜଲକ୍ଷ୍ମୀ ପଣ୍ଡା ଦର୍ଶନ କରୁଥିବା ସମୟରେ ଜଣେ ପୋଲିସ କର୍ମଚାରୀ ଚାଲ ଚାଲ କହି ତାଙ୍କୁ ମାଡ଼ ମାରିଥିଲେ। ଫଳରେ ତାଙ୍କ ଡାହାଣ ଆଖି ପତା ଉପରେ ଆଘାତ ଲାଗିଛି। ଏ ନେଇ ସେ ସିଂହଦ୍ୱାର ଥାନାରେ ଅଭିଯୋଗ କରିଛନ୍ତି।

ବନକଲାଗି ନୀତି ଯୋଗୁ ମଙ୍ଗଳବାର ଭୋରୁ ମନ୍ଦିର ଭିତରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଥିଲା। ଏହି ନୀତି ସମ୍ପନ୍ନ ହେବା ପରେ ମନ୍ଦିର ଦ୍ୱାର ଫିଟିଥିଲା। ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ମହାପ୍ରଭୁଙ୍କ ନବଯୌବନ ଦର୍ଶନ କରିଥିଲେ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ଶେଷଦେବ ବିଶ୍ୱାଳ କହିଛନ୍ତି, ନବଯୌବନ ଦର୍ଶନ କରିବାକୁ ସକାଳୁ ଆସିଥିଲି। ଗତବର୍ଷ ସକାଳେ ସର୍ବସାଧାରଣ ଦର୍ଶନ ହୋଇଥିଲା। କିନ୍ତୁ ଏ ବର୍ଷ ଅପରାହ୍ନରେ ଦର୍ଶନ କରିବାକୁ ଭିତରକୁ ଛଡ଼ାଗଲା। ଯାହା ହେଉ ଠାକୁରଙ୍କୁ ଭଲଭାବେ ଦର୍ଶନ ପାଇଲି। ସେହିପରି କଟକର ସାଗରିକା ମହାନ୍ତି କହିଛନ୍ତି, ସର୍ବସାଧାରଣ ଦର୍ଶନ ସମୟରେ ଭିତର କାଠ ନିକଟରୁ ପୋଲିସ ଶୀଘ୍ର ବିଦା କରି ଦେଉଥିଲା। ତଥାପି ଭଲ ଭାବେ ଠାକୁରଙ୍କୁ ଦର୍ଶନ କରିଥିବାରୁ ବହୁତ ଖୁସି ଲାଗୁଛି।


Pitambari
Sanit All
TOILET CLEANER
ଅତିରିକ୍ତ ଘନତା ସହିତ ସୁପର ଶକ୍ତି
Consumer Offer
₹ 75/- + ₹ 75/- = ₹ 150/- ₹ 130/-
(incl. of all taxes)
500 ml + 500ml = 1L
Pitambari Products Pvt. Ltd.: Thane : 022- 67035555, CRM : 022- 6703 5564, 5699, Orissa: 7752023380, 7381023381, Toll Free: 18001031299. CIN: U24239MH1989PTC051314
Now Shop Online: www.pitambari.com/shop & www.amazon.in

DSPL-40



## ୭୦ତମ ବନ ମହୋତ୍ସବ ପାଳନ ଉପଲକ୍ଷେ ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବାର୍ତ୍ତା

ଚଳିତ ବର୍ଷ ୭୦ତମ ବନ ମହୋତ୍ସବ ସପ୍ତାହ ପାଳନର ଶୁଭ ଅବସରରେ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ଜୀବଜଗତ ବଞ୍ଚିବା ପାଇଁ ବ୍ୟାପକ ବୃକ୍ଷରୋପଣ ଜରୁରୀ । ଏହି ଚିରନ୍ତନ ସତ୍ୟର ବାର୍ତ୍ତାକୁ ଜନମାନସରେ ପହଞ୍ଚାଇବା ପାଇଁ ପ୍ରତ୍ୟେକ ବର୍ଷ ବର୍ଷାଋତୁ ପ୍ରାରମ୍ଭରେ ସାରା ଦେଶରେ ଆମେ ବନ ମହୋତ୍ସବ ପାଳନ କରିଥାଉ।

ଜଙ୍ଗଲ ଓ ମାନବ ସଭ୍ୟତା ପରସ୍ପର ଉପରେ ନିର୍ଭରଶୀଳ । ଅମ୍ଳଜାନ, ଖାଦ୍ୟ, ବୃଷ୍ଟିପାତ, ମୃତ୍ତିକା ସଂରକ୍ଷଣ, ଔଷଧ ଓ ବନଜାତ ଦ୍ରବ୍ୟଭଳି ବହୁବିଧ ଉପକାର ସାଧନ କରିବା ସହ ଜଙ୍ଗଲ ଜୈବମଣ୍ଡଳକୁ ସୁରକ୍ଷା ପ୍ରଦାନ କରିଥାଏ । ମାତ୍ର ଆଧୁନିକ ସଭ୍ୟତାର ଦ୍ୱାହି ଦେଇ ମଣିଷ ବୃକ୍ଷଛେଦନ କରିଚାଲିଛି ଓ ଜଙ୍ଗଲ ଅବକ୍ଷୟ ହେବାରେ ଲାଗିଛି । ବିଶ୍ୱ ତାପମାତ୍ରାରେ ପରିବର୍ତ୍ତନ ହୋଉଛି । ଫଳରେ ପୃଥିବୀ ଉତ୍ତପ୍ତ ହେବାରେ ଲାଗିଛି । ବିଶ୍ୱ ତାପମାତ୍ରାରେ ବୃଦ୍ଧି ଘଟିବା ଯୋଗୁଁ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଳୟଙ୍କରୀ ଦୁର୍ବିପାକର ସମ୍ମୁଖୀନ ହେବାକୁ ପଡୁଛି । ସୁତରାଂ, ଜଙ୍ଗଲର ସୁରକ୍ଷା ସହିତ ବ୍ୟାପକ ବୃକ୍ଷରୋପଣ ଆଜି ଅତି ଜରୁରୀ ।

ସବୁବର୍ଷ ପରି ଚଳିତ ବର୍ଷ ରାଜ୍ୟ ସରକାର ବ୍ୟପକ ବୃକ୍ଷରୋପଣ ଯୋଜନାମାନ ପ୍ରଣୟନ କରିଛନ୍ତି । ଅବକ୍ଷୟିଷ୍ଣୁ ଜଙ୍ଗଲର ପୁନଃସୃଜନ ଏବଂ ଜଙ୍ଗଲ ବାହ୍ୟ ଅଞ୍ଚଳରେ ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ ସଘନ ବନୀକରଣ, ସହରାଞ୍ଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ, ଲଣ୍ଡା ପାହାଡରେ ବନୀକରଣ ଭଳି ବିଭିନ୍ନ ବନୀକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଅଛି । ଏତଦ୍‌ବ୍ୟତୀତ ପ୍ରୋତ୍ସାହନ ସ୍ୱରୂପ ନିଜସ୍ୱ ଜମିରେ ବୃକ୍ଷରୋପଣ ପାଇଁ ଜନସାଧାରଣଙ୍କ ମଧ୍ୟରେ ବୃକ୍ଷଚାରା ବିତରଣର ସମସ୍ତ ବ୍ୟବସ୍ଥା କରାଯାଇଛି ।

ନିକଟରେ ଘଟିଥିବା ବାତ୍ୟା 'ଫନୀ'ର କରାଳ ବିଭୀଷିକାକୁ ଅଙ୍ଗେ ନିଭେଇଥିବା ରାଜ୍ୟବାସୀ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ନିଜକୁ ସକ୍ରିୟ ଭାବେ ସାମିଲ କରି ଉଜୁଡ଼ି ଯାଇଥିବା ବୃକ୍ଷ ଆଚ୍ଛାଦିତ ଅଞ୍ଚଳ, ଖାଲିଥିବା ନିଜସ୍ୱ ଜମି, ପ୍ରାଙ୍ଗଣ ଓ ଅନୁଷ୍ଠାନଗୁଡ଼ିକର ପରିସର ଇତ୍ୟାଦି ସ୍ଥାନରେ ଅଧିକରୁ ଅଧିକ ଗଛ ଲଗାଇବେ ବୋଲି ମୋର ଆହ୍ୱାନ ।

(ବିକ୍ରମ କେଶରୀ ଆରୁଖ)

ଜଙ୍ଗଲ ଓ ପରିବେଶ ବିଭାଗ, ସଂସଦୀୟ ବ୍ୟାପାର, ଓଡ଼ିଶା

08002/13/0008/1920



DSPL-40



## ୭୦ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୦ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ରାଜ୍ୟବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ବୃକ୍ଷ ହିଁ ଜୀବନ । ପରିବେଶକୁ ସୁସ୍ଥ, ସବୁଜ ଓ ସୁନ୍ଦର କରିବାରେ ବୃକ୍ଷର ମହତ୍ତ୍ୱ ବିଷୟ ଆପଣ ଜାଣନ୍ତି । ତେଣୁ ରାଜ୍ୟ ସରକାର ସବୁବେଳେ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇଆସିଛନ୍ତି । ଜନସାଧାରଣଙ୍କ ସହଯୋଗ ଏବଂ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୟାସ ଯୋଗୁ ରାଜ୍ୟରେ ଜଙ୍ଗଲ ଅଞ୍ଚଳ ଜାତୀୟ ହାର ଠାରୁ ଅଧିକ ରହିଛି । ଆମର ବନସୁରକ୍ଷା ସମିତି ଏବଂ ଇକୋ କ୍ଲବମାନେ ଜଙ୍ଗଲ ସଂପଦର ବିକାଶ ଓ ସୁରକ୍ଷା ଦିଗରେ ବହୁତ ଭଲକାମ କରୁଥିବାରୁ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି।

ଗତ ମଇ ମାସରେ ଅତି ଭୟଙ୍କର ସାମୁଦ୍ରିକ ଝଡ଼ 'ଫନି' ଦ୍ୱାରା ଆମ ରାଜ୍ୟର ଉପକୂଳ ଅଞ୍ଚଳରେ ବହୁତ ବୃକ୍ଷ ନଷ୍ଟ ହୋଇଯାଇଛି । ତେଣୁ ସେ ସବୁ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ କରି ସବୁଜିମା ଫେରାଇ ଆଣିବା ଉପରେ ଚଳିତ ବର୍ଷର ବନମହୋତ୍ସବରେ ସ୍ୱତନ୍ତ୍ର ଆୟୋଜନ କରାଯାଉଛି ।

ବନମହୋତ୍ସବ ପାଳନ ଅବସରରେ ସାରା ରାଜ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ମୁଁ ଜନସାଧାରଣଙ୍କୁ ଅନୁରୋଧ କରୁଛି।

ଗଛ ଲଗାନ୍ତୁ । ତାର ଯତ୍ନ ନିଅନ୍ତୁ । ପରିବେଶକୁ ସବୁଜ ସୁନ୍ଦର କରନ୍ତୁ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

08002/13/0008/1920



ଯାହାର ଆଖି ନଷ୍ଟ ହୋଇଯାଉଛି, ସେ ଅନ୍ଧ ନୁହେଁ। ଯେ ନିଜର ଦୋଷ ଘୋଡାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ମାନବିକ
ପରିବାରବର୍ଗ


ଆଶୁତୋଷ
ପରିବାରବର୍ଗ


ସ୍ୱାହା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


■ ବଜେଟ ଆଲୋଚନା: ଅର୍ଥମନ୍ତ୍ରୀଙ୍କ ଉତ୍ତର

# ଗଠନଧର୍ମୀ ମତାମତକୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯିବ

ଭୁବନେଶ୍ୱର,୨ ।୭(ବ୍ୟୁରୋ)

ରାଜ୍ୟ ସରକାର ବିରୋଧୀ ଦଳର ଗଠନଧର୍ମୀ ପ୍ରସ୍ତାବକୁ ଗ୍ରହଣ କରିବେ। ଉତ୍ତମ ପ୍ରସ୍ତାବକୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯିବ। ସରକାର ସୀମା ଭିତରେ ରହି ଋଣ କରୁଛନ୍ତି। ଏପରିକି ନିୟମିତ ବ୍ୟବଧାନରେ ପରିଶୋଧ ମଧ୍ୟ କରାଯାଉଛି। ତେଣୁ ରାଜ୍ୟର ଋଣଭାର ନେଇ ବିରୋଧୀ ସଦସ୍ୟ ଭୟଭୀତ ହେବା ଅନୁଚିତ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ମଙ୍ଗଳବାର କହିଛନ୍ତି। ଷୋଡଶ ବିଧାନସଭାର ପ୍ରଥମ ଅଧିବେଶନର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଆଗତ ବଜେଟ ଆଲୋଚନାର ଉତ୍ତର ରଖି ମନ୍ତ୍ରୀ ପୂଜାରୀ ଏହି କଥା କହିଛନ୍ତି।

ଅର୍ଥମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ସବୁବେଳେ କୃଷିକୁ ଗୁରୁତ୍ୱ ଦେଇ ଆସିଛନ୍ତି। ଏକଦା ରାଜ୍ୟ ୫ ଲକ୍ଷ ମେଟ୍ରିକ ଟନ୍ ଧାନ ଉତ୍ପାଦନ କରୁଥିଲା। ହେଲେ ତାହା ଅଦ୍ୟାବଧି ୫୫ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ଚାଷୀର ଆୟ ଦ୍ୱିଗୁଣ କରାଯିବାର ସମସ୍ତ ପଦକ୍ଷେପ ନିଆଯିବ। କୃଷକଙ୍କୁ ଠିକ୍ ସମୟରେ ଉତ୍ତମ ବିହନ ଯୋଗାଇ ଦିଆଯିବା ସହ ବୈଜ୍ଞାନିକ ପ୍ରଣାଳୀରେ ଚାଷ ପାଇଁ ପ୍ରୋତ୍ସାହିତ କରାଯିବ। ଧାଡି ରୁଆ ପ୍ରଣାଳୀ ବେଶ୍ ଆଦୃତି ଲାଭ କରିଛି। ଚାଷୀଙ୍କୁ ସହାୟତାରେ କାଳିଆ ଯୋଜନା ବିଶେଷ ଭୂମିକା ନେବ। ୨୦୦୩ରୁ ୨୦୧୩ ମଧ୍ୟରେ ରାଜ୍ୟରେ ଥିବା ଚାଷୀଙ୍କ ଆୟ ଦ୍ୱିଗୁଣିତ ହୋଇଥିବା ନିରଞ୍ଜନ କହିଥିଲେ। ସେହିଭଳି ରାଜ୍ୟରେ ଅଧିକ ପୁଞ୍ଜିନିବେଶ କରି ରାଜସ୍ୱ ଆୟ କରିବାର ଲକ୍ଷ୍ୟ ରଖାଯାଇଛି। ସଞ୍ଜୀବ ହୋତା କମିଶନଙ୍କ ସୁପାରିସ ମଧ୍ୟ ଲାଗୁ କରାଯିବା ନେଇ ଚେଷ୍ଟା କରାଯିବ। ଖଣି ଅଞ୍ଚଳରେ କର ବ୍ୟବସ୍ଥାର ଯେଉଁ ପ୍ରସ୍ତାବ ଆସିଛି, ସେ ଦିଗରେ ମଧ୍ୟ କାର୍ଯ୍ୟ କରାଯିବ। ଖଣି କ୍ଷେତ୍ରରୁ ରାଜସ୍ୱ ଆୟ ବୃଦ୍ଧି କରାଯିବ। ବଜେଟରେ କାର୍ଯ୍ୟକ୍ରମଭିତ୍ତିକ ଖର୍ଚ୍ଚ ଅଧିକ ରହିଛି। ସମାଜର ସବୁ କ୍ଷେତ୍ର ଓ ସବୁ ବର୍ଗକୁ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ଏକଦା ଚାଉଳ ପାଇଁ ପଞ୍ଜାବ ଓ ହରିୟାନା ଉପରେ ନିର୍ଭର କରୁଥିଲା। ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍)କୁ ସେହି ସବୁ ରାଜ୍ୟର ଯୋଗାଦାନ ଥିଲା। ହେଲେ ଏବେ ସମୟ ବଦଳିଛି, ଓଡ଼ିଶା ଏକାଧିକ ଥର କୃଷି କର୍ମଣ ପୁରସ୍କାର ପାଇଛି। ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଓଡ଼ିଶା ଚାଉଳ ଯୋଗାଉଥିବା ମନ୍ତ୍ରୀ ପୂଜାରୀ କହିଛନ୍ତି। ସେହିପରି ବିଭିନ୍ନ ସଂସ୍ଥା ଉପରେ ବିଦ୍ୟୁତ ଶୁଳ୍କ, ଜଳ କର ଏବଂ ବାଣିଜ୍ୟିକ କର ବକେୟା ରହିଛି। ସେସବୁର ଅସୁଲ ପ୍ରକ୍ରିୟା ଜାରି ରହିଛି। କେତେକ ମାମଲା ଅଦାଲତରେ ମଧ୍ୟ ରହିଛି, ତାହାର ସମାଧାନ ନେଇ ତ୍ୱରିତ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ କହିଛନ୍ତି। ଦୁଇ ଦିନ ଧରି ଚାଲିଥିବା ବଜେଟ ଆଲୋଚନାରେ ଶାସକ ଓ ବିରୋଧୀ ଦଳରୁ ଅଂଶଗ୍ରହଣ କରିଥିବା ୨୨ ଜଣ ସଦସ୍ୟଙ୍କୁ ମନ୍ତ୍ରୀ ଧନ୍ୟବାଦ ଦେଇଥିଲେ।

## ତୁଳସୀ କିର୍ସାନୀ କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା

କୋରାପୁଟ,୨।୭(ସ୍ୱ.ପ୍ର.)



କୋରାପୁଟ ଜିଲା ପରିଷଦ ସଭାପତି ଆସନ ପାଇଁ ମଙ୍ଗଳବାର ଅନୁଷ୍ଠିତ ଉପନିର୍ବାଚନରେ ବିଜେଡିର ତୁଳସୀ କିର୍ସାନୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ପ୍ରକ୍ରିୟାରେ ତୁଳସୀ ଏକମାତ୍ର ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ତାଙ୍କୁ ନୂତନ ଅଧ୍ୟକ୍ଷା ଭାବେ ଘୋଷଣା କରିଛନ୍ତି। ନିର୍ବାଚିତ ହେବା ପରେ ତୁଳସୀ ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିବା ସହ ଜିଲାର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏହି ଅବସରରେ କୋରାପୁଟ ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ପଟ୍ଟାଙ୍ଗି ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଜିଲା ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ରିତା ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା ପାର୍ବତୀ ମହ୍ନି ଓ ବିନ୍ଦୁରାଣୀ ମିଶ୍ର, ବିଜେଡିର ବାଲାରାୟ, ରଘୁରାମ ମାଛ, ଉତ୍କଳ ରଞ୍ଜନ ନାୟକ, ଲଲାଟ ରଞ୍ଜନ ସେଠୀ, ବିମଳ ଗରଡ଼ା ଉପସ୍ଥିତ ଥିଲେ। ପରେ ତୁଳସୀଙ୍କୁ ବିଜୟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା।

**କିଛି ତଥ୍ୟ**

୨୦୧୮ ସୁଦ୍ଧା ଦେଶର କ୍ଲାଉଡ୍ କମ୍ପ୍ୟୁଟିଂ ମାର୍କେଟ ୧୭,୨୫୦ କୋଟି ଟଙ୍କାରେ ପହଞ୍ଚିଛି। -**ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ**

# ସୋନମ୍ ପଲେଇ ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ନିର୍ବାଚିତ

**ଛତ୍ରପୁର,୨।୭(ଡି.ଏନ.ଏ.)**



ଗଞ୍ଜାମ ଜିଲାପରିଷଦ ସଭାପତି ପଦବୀ ପୁଣି ବିଜେଡି ହାତେଇବାରେ ସକ୍ଷମ ହୋଇଛି। ବିଜେଡି ପ୍ରାର୍ଥୀ ତଥା ଖଲିକୋଟ ବ୍ଲକ ଅଧୀନ ୧୧ ନଂ ଜୋନ୍ ଜିଲାପରିଷଦ ସଭ୍ୟା ସୋନମ୍ ପଲେଇ ମଙ୍ଗଳବାର ଜିଲାପରିଷଦ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜିଲାର ପାନୀୟ ଜଳ ସମସ୍ୟା ଦୂର କରିବା ତାଙ୍କର ପ୍ରଥମ ପ୍ରାଥମିକତା ହେବ ବୋଲି ସେ କହିଛନ୍ତି।

ଛତ୍ରପୁର ବିଧାୟକ ନିର୍ବାଚିତ ହେବା ପରେ ସୁବାସ ଚନ୍ଦ୍ର ବେହେରା ଜିଲାପରିଷଦ ସଭାପତି ପଦବୀରୁ ଇସ୍ତଫା ଦେଇଥିଲେ। ସେବେଠାରୁ ଜିଲାପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ଖାଲି ପଡିଥିବା ଜିଲାପରିଷଦ ଅଧ୍ୟକ୍ଷ ପଦ ପାଇଁ ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପରିଷଦ ଭବନ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ନିର୍ବାଚନ ହୋଇଥିଲା। ଏହି ପଦବୀ ଲାଗି ସୋନମ୍ ବିଜେଡିରୁ ଜଣେ ମାତ୍ର ପ୍ରାର୍ଥୀ ଭାବେ ୨ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ। ଯାଞ୍ଚ ବେଳେ ପ୍ରଥମ ନାମାଙ୍କନ ପତ୍ର କାଏମ ରଖାଯାଇଥିଲା। ସେଥିରେ ସଭ୍ୟା ଜି. ସନ୍ତୋଷୀ ଓ ସନ୍ଧ୍ୟାରାଣୀ ଦଳାଇ ଏବଂ ଦ୍ୱିତୀୟ ସେଟ୍ ନାମାଙ୍କନପତ୍ରରେ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା ଓ ସଭ୍ୟା ସୌଦାମିନୀ ବେହେରା ପ୍ରସ୍ତାବକ ଓ ସମର୍ଥକ ଥିଲେ। ସୋନମ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବାରୁ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲକ୍ଷ୍ମୀକାନ୍ତ ସେଠୀ ତାଙ୍କୁ ଜିଲାପରିଷଦ ଅଧ୍ୟକ୍ଷା ଘୋଷଣା କରିଥିଲେ। ପରେ ନବନିର୍ବାଚିତ ଅଧ୍ୟକ୍ଷାଙ୍କୁ ବିଧାୟକ, ଜିଲାପରିଷଦ ସଭ୍ୟାସଭ୍ୟ ଏବଂ ବିଜେଡି ନେତାମାନେ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ୱିଲ୍‌ଫୁଲ୍ ଡିଫଲ୍ଟରଙ୍କ ଖାତାରେ ରହିଛି ୧,୫୦,୦୦୦ କୋଟି

ନୂଆଦିଲ୍ଲୀ,୨।୭

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୨୦୧୮-୧୯ରେ ୧.୫୦ ଲକ୍ଷ କୋଟି (୨୧.୭୬ ବିଲିୟନ ଡଲାର) ଟଙ୍କାକୁ ୱିଲ୍‌ଫୁଲ୍ ଡିଫଲ୍ଟ (ଇଚ୍ଛାକୃତ ଖଲାପ) ଭାବେ ଦର୍ଶାଇଛି। ଏଥିମଧ୍ୟରୁ ଏକ ତୃତୀୟାଂଶ ଅର୍ଥ ଏସ୍‌ବିଆଇର ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ସଂସଦରେ ପ୍ରକାଶ କରିଛନ୍ତି। ଭାରତୀୟ ଆଇନ ଅନୁସାରେ କୌଣସି ବ୍ୟବସାୟୀ/ପ୍ରମୋଟର ଏବଂ କମ୍ପାନୀ ଜାଣିଶୁଣି ଋଣ ଅର୍ଥ ଫେରସ୍ତ ନ କଲେ ଏହାକୁ ୱିଲ୍‌ଫୁଲ୍ ଡିଫଲ୍ଟ କୁହାଯାଏ। ଷ୍ଟେଟ୍ ବ୍ୟାଙ୍କର ସର୍ବାଧିକ ୪୬୧.୫୮ ବିଲିୟନ ଟଙ୍କା ୱିଲ୍‌ଫୁଲ୍ ଡିଫଲ୍ଟ ହୋଇଥିବା ବେଳେ ୨୫୦.୯ ବିଲିୟନ ଟଙ୍କା ସହ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ବ୍ୟାଙ୍କ ଅଫ୍ ଇଣ୍ଡିଆ ୯୮.୯ ବିଲିୟନ ଟଙ୍କା ସହ ତୃତୀୟ ସ୍ଥାନରେ ରହିଛି ବୋଲି ସୀତାରାମନ୍ କହିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କର ଡାଟା ଅନୁଯାୟୀ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମୋଟ ଋଣ ଓ ଅଗ୍ରିମ ପରିମାଣ ୬୩୮.୨ ବିଲିୟନ ଟଙ୍କାରେ ପହଞ୍ଚିଛି। ବିଶିଷ୍ଟ ଉଦ୍ୟୋଗପତି ବିଜୟ ମାଲ୍ୟା, ନୀରବ ମୋଦି,ମେହୁଲ ଚୋକ୍‌ସି ବିଦେଶ ଫେରାର ହୋଇଯିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ୱିଲ୍‌ଫୁଲ୍ ଡିଫଲ୍ଟର ଆଇନକୁ ଆହୁରି ଦୃଢ଼ କରିବାରେ ଲାଗିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - କର୍ମାଧିପ ଶନି ଭାଗ୍ୟସ୍ଥାନରେ ଚନ୍ଦ୍ରଙ୍କ ସପ୍ତମ କେନ୍ଦ୍ରସ୍ଥ ଯୋଗୁ ବନ୍ଧୁଗହଣରେ ଘର ପୂରି ଉଠିବ। ଆକସ୍ମିକ ଭାବରେ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଙ୍କଟ ରହିଥିଲେ ମଧ୍ୟ ସରକାରୀ ସ୍ତରରୁ ସାହାଯ୍ୟ ପ୍ରାପ୍ତିର ସୂଚନା ପାଇବେ। ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇପାରନ୍ତି।

**ବୃଷ** - ଲାଭାଧିପ ବୃହସ୍ପତି ତୃତୀୟାଧିପତି ସହ ଷଡ଼ାଷ୍ଟକ ସ୍ଥିତି କାରଣରୁ ଆଶା ପୂରଣରେ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ମିଳି ନ ପାରେ। ସାମାଜିକ ସ୍ତରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ପ୍ରତିହତ କରିବାରେ ସଫଳ ହେବେ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟରେ ମନୋନିବେଶ କରିପାରନ୍ତି।

**ମିଥୁନ** - ଆଧାତ୍ମିକ ଗ୍ରହ ଶନି ରାଶିକୁ ଅବଲୋକନ କରି ଧାର୍ମିକ ବାତାବରଣ ମଧ୍ୟରେ ଚଳିବା ପାଇଁ ପ୍ରେରଣା ଯୋଗାଇବ। ଆଜି ପୂର୍ବ ଯୋଜନା ଅନୁଯାୟୀ ସ୍ଥଗିତ କାମଗୁଡ଼ିକୁ ସମ୍ପନ୍ନ କରିପାରିବେ। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଆବଶ୍ୟକସ୍ଥଳେ ପାଇପାରୁ ନ ଥିବା ଫାଇଲ୍ ପତ୍ର ପାଇଁ ପରସ୍ପର ଉପରେ ଦୋଷାରୋପ କରିପାରନ୍ତି।

**କର୍କଟ** - ଦେବଗୁରୁଙ୍କ ଦିବ୍ୟଦୃଷ୍ଟିରେ ସମସ୍ୟା ସମାଧାନ ହେବା ସହ ଆଶା ଓ ଅଭିଳାଷ ମେଣ୍ଟିଯିବ। ଆଜିର ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭର ପରିମାଣ ଆଶାନୁରୂପ ନ ହୋଇପାରେ। ନୂତନ କର୍ମାରମ୍ଭ ପ୍ରୀତିପଦ ହେବ। ନିର୍ମାଣ, ଚୁକ୍ତିପତ୍ର, ଜମିଜମା ସଂକ୍ରାନ୍ତୀୟ କଥାବାର୍ତ୍ତା ସ୍ଥଗିତ ରହିଯାଇପାରେ।

**ସିଂହ** - ଦୃଢ଼ ପଦକ୍ଷେପ ନେଇ ବିବାଦୀୟ ପରିସ୍ଥିତିକୁ ସ୍ୱାଭାବିକ କରିବାରେ ସମର୍ଥ ହେବେ। ଚନ୍ଦ୍ର ରାହୁ ଯୁକ୍ତ ଓ ଶନି ଦୃଷ୍ଟ କାରଣରୁ କୌଣସି ବିଭ୍ରାନ୍ତିକର ଖବର ପାଇ ମାନସିକ ଅସ୍ଥିରତା ଅନୁଭବ କରିପାରନ୍ତି। ଆଜି ଇଚ୍ଛା ନ ଥିଲେ ମଧ୍ୟ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**କନ୍ୟା** - ସ୍ୱସ୍ଥାନପାଳ ଶନି ଚତୁର୍ଥ ଭାବରେ ପରିବାର, ପରିବହନ ଓ ସାମୂହିକ କାମ ସକାଶେ କ୍ଷତିକାରକ ନ ହୋଇପାରନ୍ତି, କିନ୍ତୁ କର୍ମସ୍ଥାନସ୍ଥ ଏକାଧିକ ଗ୍ରହ ଶନିଙ୍କ ଦୃଷ୍ଟିରେ ସମସ୍ୟାକୁ ବୃଦ୍ଧି କରିବାର ଆଶଙ୍କା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟରେ କାମଗୁଡ଼ିକ ସମ୍ପନ୍ନ ହେବାରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇପାରେ। ଆଜି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କାମ କରିବା ଠିକ୍ ହେବନି।

**ତୁଳା** - ଆଜିର ଅନୁକୂଳ ଗ୍ରହସ୍ଥିତି ବିଶେଷତଃ ବୁଧ ଓ ମଙ୍ଗଳଙ୍କ ଚତୁର୍ଥଭାବକୁ ଦୃଷ୍ଟି ଲୋକସମ୍ପର୍କକୁ ବୃଦ୍ଧି କରିବ। ବନ୍ଧୁମିଳନ ସାଙ୍ଗକୁ ଆନୁଷ୍ଠାନିକ କାମରେ ତତ୍ପରତା ପ୍ରକାଶ କରିପାରନ୍ତି। କୌଣସି ସହୃଦୟ ବଦାନ୍ୟ ବ୍ୟକ୍ତିଙ୍କ ସଙ୍ଗଲାଭରୁ ବ୍ୟକ୍ତିଗତ ସ୍ୱାର୍ଥ ମଧ୍ୟ ହାସଲ କରିପାରନ୍ତି। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି।

**ବିଛା** - ଅଷ୍ଟମସ୍ଥ ଗ୍ରହ ପ୍ରଭାବରୁ ମହତ ଉଦ୍ଦେଶ୍ୟ ନେଇ କାମ କଲେ ମଧ୍ୟ ଆକସ୍ମିକ ଅନାକାଂକ୍ଷିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ସକାଳୁ ସକାଳୁ ସାଙ୍ଗସାଥୀଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯିବାର ସୁଯୋଗ ମିଳିବ। ମାତ୍ର ଅସାବଧାନତା କାରଣରୁ କି ଅନ୍ୟମନସ୍କ ହେତୁ ଦରକାରୀ କାଗଜପତ୍ର କିମ୍ବା ଟଙ୍କା ପଇସା ହଜିଯାଇପାରେ।

**ଧନୁ** - ବନ୍ଧୁମେଳରେ ଯାତ୍ରା କରିବାର ସୌଭାଗ୍ୟ ଅର୍ଜନ କରିପାରନ୍ତି। ଅର୍ଥାଭାବକୁ ଦୂରେଇବାକୁ ବନ୍ଧୁଙ୍କ ନେହୁରା ହେବାକୁ ପଡିପାରେ। ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମାନ୍ୟ ମତାନ୍ତରର ଆଶଙ୍କା ରହିଛି। ପରିବାରର ଇଚ୍ଛା ବିରୋଧରେ କାମ କରି ସମାଲୋଚିତ ହେବାକୁ ପଡ଼ିପାରେ।

**ମକର** - ସାମାନ୍ୟ ଅସୁସ୍ଥତା ଜନିତ କାରଣରୁ ମନଟା ଭଲ ଲାଗିବ ନାହିଁ। ବାରମ୍ବାର ସମସ୍ୟା ଲାଗିରହୁଥିବାରୁ ହାତକୁ ନେଇଥିବା କାମଟିକୁ ନିରୁତ୍ସାହିତ ହୋଇ କରି ନ ପାରନ୍ତି। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହେବ। କଳାସାହିତ୍ୟରେ, ସାମ୍ବାଦିକତାରେ, ପରିବାରରେ, ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** - ଦ୍ୱନ୍ଦ୍ୱରେ ପଡ଼ି ଆପଣ କୌଣସି କଥାରେ ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ନିଜକୁ ଅନ୍ୟମାନଙ୍କ ସହ ତୁଳନାକରି କେତେକ କ୍ଷେତ୍ରରେ ନିଜକୁ ନ୍ୟୂନ ମନେକରି ପାରନ୍ତି। କାମଗୁଡ଼ିକ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାଜନକ ହୋଇପାରୁଛି ଆପଣଙ୍କ ପାଇଁ ତାହା ନ ହେବା କାରଣରୁ ଚିନ୍ତା କରିବେ।

**ମୀନ** - ଆଜିର ଛୋଟ ଛୋଟ କଥାକୁ କେନ୍ଦ୍ରକରି ବନ୍ଧୁମାନଙ୍କ ମଧ୍ୟରେ କଳହ ଲାଗିପାରେ। ଅଫିସ୍ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇପାରେ। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ସଭାସମିତି, କଳା, ସଙ୍ଗୀତ ପ୍ରଭୃତିରୁ ସମ୍ମାନିତ ହେବେ।

ଆଜି ଆଷାଢ଼ ଶୁକ୍ଳ ପ୍ରତିପଦା ବୁଧବାର, ଶ୍ରୀଜୀଉମାନଙ୍କର ଉଭାଯାତ୍ରା, ଜୁଲାଇ ୩ ତାରିଖ, ରାଶି ନକ୍ଷତ୍ର-ସକାଳ ଘ୭।୨୦ମି. ଗତେ, ପୁନର୍ବସୁ/ମିଥୁନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୪୯ମି. ଗତେ ଘ୮।୨୮ମି. ମଧ୍ୟେ, ଘ୩।୦୪ମି. ଗତେ ଘ୪।୪୪ମି. ମଧ୍ୟେ ଅମୃତବେଳା। ଦିବା ଘ୬।୪୯ମି. ମଧ୍ୟେ ଘ୧୦।୦୭ମି. ଗତେ, ଘ୧।୪୬ମି. ମଧ୍ୟେ ଘ୪।୪୩ମି. ଗତେ, ଘ୬।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୫୦ମି. ଗତେ ଘ୧।୩୦ମି. ମଧ୍ୟେ ରାହୁ କାଳ।


# classifieds Everyday
0674-2580101, 2549302




**BRIDE WANTED**

ସ୍ୱାମୀ ନଥିବା, ଛାଡ଼ପତ୍ର କନ୍ୟାପାତ୍ରୀ କୌଣସି ଜାତିର ସରକାରୀ ଚାକିରି କରିଥିବା ପୁଅ ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 9556140810, 8917492618. D-13192

Wanted bride for 5'10" Odiya, Khandayat boy Government service at Chhatisgarh. Girls should be graduate, same caste and age below 30 year. Contact: 9617656388, 9039884654. D-13220

Now Matrimonial ads. only on Wednesday & Sunday Book 1 Get 1 FREE

BBSR ସ୍ଥିତ, 60,000 ପାଉଥିବା Marine Legal Consultant, ବୟସ 34, ବ୍ରାହ୍ମଣ ପୁଅଙ୍କ ପାଇଁ ଅବିବାହିତ ଝିଅ ଦରକାର। 7381460017. D-13230

**GROOM WANTED**

ଗୌରବର୍ଣ୍ଣ 5'3" B.Tech, 28 ବର୍ଷ, ବ୍ୟାଙ୍କରେ ଚାକିରି କରିଥିବା ବଣିଆ ପାତ୍ରୀ ପାଇଁ ପାତ୍ର ଆବଶ୍ୟକ। ବ୍ୟାଙ୍କ କିମ୍ବା ସରକାରୀ ଚାକିରି କରିଥିବା ପାତ୍ର ଆବଶ୍ୟକ। 9348073124. D-64978

Widow bride Software Engineer, 33, JE 40 (Caste-no-bar). 7873374269. D-67002




**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ଫୁଲନଖରାସ୍ଥିତ Delhi Public Schoolକୁ ଲାଗି ଘରବାରି plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ 9438432164. D-66718

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୬୦/- ଟଙ୍କା। Contact: 9668135813. D-59932

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ Grandbazar ସମ୍ମୁଖରେ ଘରବାରି plot କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ 9438525948. D-66717

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

BDAର Southcityରେ ନିର୍ମିତ ବୃହତ୍ତମ IIT Arugulଠାରେ ପିଚୁରାସ୍ତା ଏବଂ Electric ସୁବିଧାଥାଇ ଘରବାରି plot ଶସ୍ତାରେ କିଣନ୍ତୁ 7978773097. D-66719

**Schedule caste ଘରବାରି ପାଚେରି ପ୍ଲଟ ପିଚୁରୋଡ sideରେ ଅରଗୁଳ Railway Station and Spintonic college 4400sqft. 8,80,000/-. 9439006524.** D-66720

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡକୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। **9583725970.** D-66721

ଘରବାରୀ demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରାସ୍ତାକଡ଼ରେ 2400sqft. 13,20,000/- 9437306208. D-66722

ଭୁବନେଶ୍ୱର CV Raman College front ରେ developed plot 10,00,000/- ରେ ପାଚେରି ସହିତ ବିକ୍ରିହେବ। 9178217222. D-66723

**5000 Sqft (50'x100') gharabari, yellowzone, 100% litigation free, Patta holder single owner corner plot with 2 side road, boundary and filling, for sale at Bhargavi Vihar near Dhauli Square (50 mtr from NH) with all legal & link document. Price: Rs. 2200/Sqft. Contact direct owner- 9040026465 (Babu).** D-13218

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-66586

Puri plot sale near Lokanath Temple sthitiban patta plot sqft Rs. 1000. Contact: 9438422888. D-66595




"2500 Sqft (1st floor) Commercial office space (Hall Type) with adequate Parking, Main road facing, 3phase electricity available for rent at M.J. Plaza, Cuttack Road, Bhubaneswar In front of Reliance Fresh. Contact No. 9937495825". D-13221

1000 sqft house at HB Colony, Chandrasekharpur on mainroad side for commercial purpose. 9438283062. D-66157




Fully refreshed/ relaxed body massage by expert therapist, Shastri Nagar. 7377984773. D-66588

Rejuvenate and ayurvedic full body massage by smart therapist: 9114402304. D-66587

Experience full body massage with us (expert). Call: 7377048581, 0674- 2597822. D-66589

Full body herbal massage with refreshment, expert therapist. 7381239385, 0674-2540855. D-66591

Herbal full body massage by smart/expert therapist. Contact: 8338067247. D-66590

Herbal body massage by gents and ladies therapist. Ph. 9090466257. D-13186

Monalisa Massage Club: Monsoon Dhamaka/ Full body massage with hiprofile smart lady therapist hurryup! 9708545108. D-13217

Herbal full body massage smart boy's therapist, home services available here. 9937929638. D-13219

Summer special mesmerizing offer expert therapeutic refreshing massage appointment: 9668374480. D-66593

**LOST**

Original sale deed No. 1468 dt. 1.11.95 of Jatni Sub-Registrar, Mauza: Bhatakhuri, Khata No:199, Plot:1021, 1024 and Khata No. 485, plot: 1023 was lost. If anybody found contact: 9937411122. D-13228

**AFFIDAVIT**

I Santosh Kumar Behera resident of (AT/PO/PS.) Baideswar, declare to change my Son's name from Saurabh Kumar Behera to Sourav Kumar Behera, vide affidavit dated (01/07/19) sworn before Notary, Bhubaneswar. D-63952

**ନିରୁଦ୍ଦିଷ୍ଟ**



ମୋର ବଡ଼ଭାଇ ନିହାର ଜେନା (27), ଉଚ୍ଚତା: 5'4", କଳାରଙ୍ଗର ହାଫ୍‌ପ୍ୟାଣ୍ଟ, ନାଲିରଙ୍ଗର ଗଞ୍ଜି ପିନ୍ଧି ଗତ 23.06.2019 ତାରିଖଠାରୁ କେଉଁଆଡ଼େ ଚାଲିଯାଇଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ମୋର ଭାଇର ସନ୍ଧାନ ପାଆନ୍ତି ତେବେ ଏହି ଠିକଣାରେ ଜଣାଇବାକୁ ଅନୁରୋଧ। ପିତା: ଗଙ୍ଗାଧର ଜେନା, ସାନଭାଇ: ସାଗର ଜେନା, ଅସିଲୋ, ବାଲିକୁଦା, ଜଗତସିଂହପୁର। 7377303954, 9668129180, 7538046431.
ଧ-୧୩୨୨୯


**ପାଠକଙ୍କ ପାଇଁ ସୂଚନା:**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





## ସଂକ୍ଷେପରେ

### ବାତ୍ୟା 'ଫନୀ' ମାଡ଼: ୫ ସହରରେ ଉଜୁଡ଼ିଗଲା ୧.୭୩ ଲକ୍ଷ ବୃକ୍ଷ

**ଭୁବନେଶ୍ୱର,୨।୭(ବ୍ୟୁରୋ):** ମେ' ୩ ତାରିଖରେ ହୋଇଥିବା ସାମୁଦ୍ରିକ ଝଡ଼ ଫନୀରେ ୫ ସହରରେ ୧ ଲକ୍ଷ ୭୩ହଜାର ୯୫୭ ଗଛ ବରବାଦ ହୋଇଛି। ଜଟଣୀରେ ୩ହଜାର ୪୭୩ଟି ଗଛ, ଖୋର୍ଦ୍ଧାରେ ୪୯୬, ପୁରୀରେ ୪୯ହଜାର ୪୫୯, ଭୁବନେଶ୍ୱରରେ ୧୨ହଜାର ୮୮୩ ଏବଂ କଟକ ସହରରେ ୧୭ ହଜାର ୬୯୧ଟି ଗଛ ନଷ୍ଟ ହୋଇଛି। ମଙ୍ଗଳବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ଏହି ଉତ୍ତର ଦେଇଛନ୍ତି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ। ବିଜେଡି ସଦସ୍ୟ ସୌଭିକ ବିଶ୍ୱାଳ ଫନୀ ବାତ୍ୟାରେ ଚୌଦ୍ୱାର ଓ କଟକ ସହରରେ ବ୍ୟାପକ ବୃକ୍ଷ ନଷ୍ଟ ହୋଇଥିବାରୁ ଚଳିତ ବର୍ଷ ସେସବୁ ସବୁଜିମା ଫେରାଇ ଆଣିବା ଲାଗି ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ଚୌଦ୍ୱାର ଓ କଟକ ସହରରେ ବହୁଳ ବୃକ୍ଷ ରୋପଣ ପାଇଁ ୨୦୧୯-୨୦ରେ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ବିଭିନ୍ନ ବନୀକରଣ ଯୋଜନାରେ ୧୨ହଜାର ଚାରା ରୋପଣ କରାଯିବ। ଏଥିସହ ୧ ଲକ୍ଷ ୫୦ହଜାର ଚାରା ମାଗଣାରେ ଲୋକମାନଙ୍କୁ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ।

### ୨୦୦୯ରୁ ୨୦୧୭ ମଧ୍ୟରେ ଜଙ୍ଗଲ ପରିସୀମା ବଢ଼ିଛି

**ଭୁବନେଶ୍ୱର, ୨।୭(ବ୍ୟୁରୋ):** ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା, ଡେରାଡୁନ ଦ୍ୱାରା ଉପଗ୍ରହ ଜରିଆରେ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳର ସର୍ବେକ୍ଷଣ ତଥ୍ୟ ପ୍ରତ୍ୟେକ ଦୁଇବର୍ଷରେ ଥରେ ପ୍ରକାଶିତ ହୋଇଥାଏ। ଏହି ହିସାବ ଅନୁଯାୟୀ ରାଜ୍ୟର ଜଙ୍ଗଲ ପରିସୀମାର ବୃଦ୍ଧି ଘଟିଛି। ୨୦୦୯ରେ ରାଜ୍ୟରେ ୪୮,୮୫୫ ବର୍ଗ କି.ମି. ପରିମିତ ଜଙ୍ଗଲ ଥିଲା। ୨୦୧୭ରେ ଜଙ୍ଗଲ ପରିମାଣ ବୃଦ୍ଧି ପାଇ ତାହା ୫୧,୩୪୫ ବର୍ଗ କି.ମି. ହୋଇଛି। ଅର୍ଥାତ୍ ୨୦୦୯ରୁ ୨୦୧୭ ମଧ୍ୟରେ ରାଜ୍ୟରେ ୨୪୯୦ ବର୍ଗ କି.ମି. ଜଙ୍ଗଲ ପରିସୀମା ବୃଦ୍ଧି ଘଟିଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ ଆରୁଖ ସୂଚନା ଦେଇଛନ୍ତି। ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ଆରୁଖ ଆହୁରି କହିଛନ୍ତି, ୨୦୧୯ ମସିହାର ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ଜଙ୍ଗଲ ପରିସଂଖ୍ୟାନ ତଥ୍ୟ ପ୍ରକାଶିତ ହୋଇନାହିଁ। ସେହିପରି କୋରାପୁଟ ଜିଲାରେ ୨୦୦୯ ଠାରୁ ୨୦୧୭ ମଧ୍ୟରେ ଜଙ୍ଗଲ ପରିସୀମାରେ ବୃଦ୍ଧି ଘଟିଛି। ୨୦୦୯ରେ ୧୬୭୮ ବର୍ଗ କିମି ପରିମିତ ଜଙ୍ଗଲ ଥିଲା, ଯାହା ୨୦୧୭ରେ ବୃଦ୍ଧି ହୋଇ ୨୦୮୯ ବର୍ଗ କିମି ହୋଇଛି। କୋରାପୁଟ ଜିଲାର ଜଙ୍ଗଲ ବୃଦ୍ଧି ଲାଗି ଗତ ୨୦୧୭-୧୮ ଏବଂ ୨୦୧୮-୧୯ ଆର୍ଥିକ ବର୍ଷରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଭିନ୍ନ ବନୀକରଣ ଯୋଜନା ଜରିଆରେ ୫.୧୬୧ ହେକ୍ଟର ପରିମିତ ଅଞ୍ଚଳରେ ବନୀକରଣ କରାଯାଇ ବ୍ୟାପକ ଚାରାରୋପଣ କରାଯାଇଛି।

# ବଢୁଛି ଜନସଂଖ୍ୟା, ହେଉନି ବ୍ଲକ ପୁନର୍ଗଠନ

ଭୁବନେଶ୍ୱର,୨।୭(ବ୍ୟୁରୋ)



- ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଘେରିଲେ ବିରୋଧୀ ଓ ଶାସକ
- ବ୍ଲକ ଗଠନ ପାଇଁ ଏବେ କୌଣସି ଯୋଜନା ନାହିଁ: ମନ୍ତ୍ରୀ

ରାଜ୍ୟରେ ବର୍ତ୍ତମାନ ବ୍ଲକ ପୁନର୍ଗଠନ କରିବା ପାଇଁ ସରକାରଙ୍କର କୌଣସି ଯୋଜନା ନାହିଁ। ୧୯୫୮ ମସିହାରୁ ବ୍ଲକ ପୁନର୍ଗଠନ କାର୍ଯ୍ୟ କରାଯାଇ ୩୧୪ଟି ଗଠନ ହୋଇଛି। ଓଡ଼ିଶା ପଞ୍ଚାୟତ ସମିତି ଅଧିନିୟମ ୧୯୫୯ର ଧାରା ୧୫(୧) ଅନୁଯାୟୀ, ରାଜ୍ୟ ସରକାର ବିଜ୍ଞପ୍ତି ମାଧ୍ୟମରେ ଜିଲାଗୁଡ଼ିକରେ ବ୍ଲକ ଗଠନ କରିବାର ବ୍ୟବସ୍ଥା ରହିଛି। ନୂତନ ବ୍ଲକ ଗଠନ କରିବା ପାଇଁ ୧୯୯୩ରେ ରାଜ୍ୟ ସରକାର କୃଷ୍ଣପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଏହି କମିଟି ରିପୋର୍ଟ ଦେଇପାରିଲା ନାହିଁ। ୧୯୯୫ ପରେ ଏହାକୁ ବନ୍ଦ କରି ଦିଆଯାଇଥିଲା। କମିଟି ରାଜ୍ୟରେ ୩୨୭ଟି ନୂଆ ବ୍ଲକ ପାଇଁ ପ୍ରସ୍ତାବ ଦେଇଥିଲା। ତେବେ ଏ ନେଇ ଅନୁଧ୍ୟାନ କରିବା ପରେ ପଦକ୍ଷେପ ନିଆଯିବ। ମଙ୍ଗଳବାର ବିଧାନସଭାରେ ପ୍ରଶ୍ନୋତ୍ତର ବେଳେ ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ପ୍ରତାପ ଜେନା।

ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ ମୂଳ ପ୍ରଶ୍ନରେ ପଚାରିଥିଲେ ଯେ, ରାଜ୍ୟରେ ବ୍ଲକ ପୁନର୍ଗଠନ କେବେ ହୋଇଥିଲା। ଦେଶର କେତେକ ରାଜ୍ୟରେ ବ୍ଲକ ପୁନର୍ଗଠନ ହୋଇଥିବା ବେଳେ ଓଡ଼ିଶାରେ ନ ହେବାର କାରଣ କ'ଣ। ନୂତନ ବ୍ଲକ ଗଠନ ପାଇଁ ସରକାରଙ୍କର କି ପ୍ରସ୍ତାବ ରହିଛି। ଆମ ସରକାର ଗଠନ ହେବା ପରେ ପଞ୍ଚାୟତ ପୁନର୍ଗଠନ ହୋଇଥିଲା କି। ସ୍ୱାଧୀନତା ପରେ କେତେ ବ୍ଲକ ଗଠନ ହୋଇଛି। ଗୋଟିଏ ବ୍ଲକରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ହେଲାଣି। ଲୋକଙ୍କୁ ପ୍ରଶାସନିକ ସୁବିଧା କେମିତି ଯୋଗାଇ ଦିଆଯିବ ବୋଲି ସେ ପଚାରିଥିଲେ। ମନ୍ତ୍ରୀ କହିଥିଲେ ଯେ, ୨୦୦୨ ଏବଂ ୨୦୧୭ରେ ପଞ୍ଚାୟତ ପୁନର୍ଗଠନ ହୋଇଛି। ୧୯୫୮ରୁ ୬୩ ମଧ୍ୟରେ ୩୦୭ଟି ବ୍ଲକ ଏବଂ ୧୯୬୫ରେ ଆଉ ୨ଟି ବ୍ଲକ ଗଠନ ହୋଇଥିଲ। ଏହା ପରେ ଆଉ ୫ ଟି ବ୍ଲକ ଗଠନ କରାଯାଇଥିଲା। ୨୦୧୩ରେ ମାଲକାନଗିରି ଜିଲାର କୁଡୁମୁଲା ବଦଳରେ ଚିତ୍ରକୋଣ୍ଡାକୁ ବ୍ଲକ ଭାବେ ଘୋଷଣା କରାଯାଇଥିଲା। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କହିଥିଲେ ଯେ ପଞ୍ଚାୟତରୁ ବ୍ଲକକୁ ୩୫ କିମି ଯିବାକୁ ପଡୁଛି। ବୋରିଗୁମ୍ମା ବ୍ଲକରେ ୩୫ଟି ପଞ୍ଚାୟତ ରହିଛି। ମନ୍ତ୍ରୀ ଓ ସଚିବ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ବ୍ଲକଗୁଡିକର ପୁନର୍ଗଠନ କରନ୍ତୁ ବୋଲି ସେ କହିଥିଲେ। ବିଜେଡି ସଭ୍ୟ ଅନନ୍ତ ଦାସ, ସୀମାରାଣୀ ନାୟକ, ଭୂପିନ୍ଦର ସିଂ, କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଏବଂ ଭାଜପା ସଭ୍ୟ ସନାତନ ବିଜୁଳି ପଚାରିଥିଲେ ଯେ, ଭୋଗରାଇ ନିର୍ବାଚନମଣ୍ଡଳୀରେ ଗୋଟିଏ ବ୍ଲକ ଓ ଗୋଟିଏ ତହସିଲ ରହିଛି। ଏହା ଉପରେ ୫୦ ପଞ୍ଚାୟତ ନିର୍ଭର କରୁଛନ୍ତି। ରାଜ୍ୟରେ ଏଭଳି ନିର୍ବାଚନମଣ୍ଡଳୀ କେଉଁଠି ନ ଥିବ। ଏହି ନିର୍ବାଚନ ମଣ୍ଡଳୀରେ ନୂଆ ବ୍ଲକ ଗଠନ କରାଯାଉ। ହିନ୍ଦୋଳ ବ୍ଲକ ପୁନର୍ଗଠନ କରିବାକୁ ଦାବି କରାଯାଇଥିଲା। ଉତ୍ତରରେ ମନ୍ତ୍ରୀ କହିଥିଲେ, ଭୋଗରାଇ ରାଜ୍ୟର ସବୁଠାରୁ ବଡ଼ ବ୍ଲକ। ଏହି ବ୍ଲକରେ ୨ଲକ୍ଷ ୮୩ ହଜାର ୫୮୬ ଲୋକ ଅଛନ୍ତି। ଏହି ବ୍ଲକର ପୁନର୍ଗଠନ ହେବା ନିହାତି ଜରୁରୀ। ମୁଁ ଏକଥା ବି ସ୍ୱୀକାର କରୁଛି ଯେ, ଲୋକମାନଙ୍କ ଅସୁବିଧା ହେଉଛି। ଏହାକୁ ଅନୁଧ୍ୟାନ କରାଯାଇ ନୂତନ ବ୍ଲକ ଗଠନ ପାଇଁ ସରକାର ପଦକ୍ଷେପ ନେବେ। ବ୍ଲକ ଗଠନରେ ନୀତି ଆୟୋଗ କିମ୍ବା କେନ୍ଦ୍ର ସରକାରଙ୍କର କୌଣସି ଭୂମିକା ନାହିଁ।

# ଶିକ୍ଷାନୁଷ୍ଠାନରେ ସ୍ଥାନୀୟ ନିଯୁକ୍ତି ନେଇ ଗୃହରେ ଉଦ୍‌ବେଗ

ଭୁବନେଶ୍ୱର,୨।୭(ବ୍ୟୁରୋ)

- ରାଜ୍ୟ ଭିତରୁ ୮୫% ନିଯୁକ୍ତି ଦିଆଯାଇଛି: ମନ୍ତ୍ରୀ
- ବିଭିନ୍ନ ଶିଳ୍ପ ସଂସ୍ଥାରେ ୨.୨୬ଲକ୍ଷ ନିଯୁକ୍ତି ପାଇଛନ୍ତି

ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସ୍ଥାନୀୟ ଯୁବତୀ, ଯୁବକଙ୍କୁ ନିଯୁକ୍ତି ମିଳୁନାହିଁ। ଏନେଇ ମଙ୍ଗଳବାର ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରଶ୍ନୋତ୍ତର ବେଳେ ଭାଜପା ସଭ୍ୟ ମୋହନ ମାଝି ପଚାରିଥିଲେ, ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଜ୍ୟ ଭିତରୁ ୭୫% ଓ ରାଜ୍ୟ ବାହାରୁ ୨୫% ନିଯୁକ୍ତି ଦେବାର ରହିଛି। ମାତ୍ର ରାଜ୍ୟରେ ସ୍ଥାନୀୟ ଯୁବତୀଯୁବକ ଏହି ସୁଯୋଗରୁ ବଞ୍ଚିତ ହେଉଛନ୍ତି। କେନ୍ଦୁଝର ଜିଲାରେ କେତୋଟି ଶିଳ୍ପରେ କେତେଜଣ ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ପଚାରିଥିଲେ। ଉତ୍ତରରେ ଶ୍ରମ ଓ ନିୟୋଜନ ମନ୍ତ୍ରୀ ସୁଶାନ୍ତ କୁମାର ସିଂ କହିଥିଲେ, କେନ୍ଦୁଝର ଜିଲାର ୨୨ଟି ଶିଳ୍ପରେ ୧୦ହଜାର ୯୯୨ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେଥିରୁ ରାଜ୍ୟରୁ ୯ ହଜାର ୩୫୯ ଜଣ ଅର୍ଥାତ୍ ୯୨% ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡି ସଭ୍ୟ ଅତନୁ ସବ୍ୟସାଚୀ ନାୟକ ପାରାଦୀପରେ ଥିବା ପିପିଏଲ୍, ଇଫ୍‌କୋ, ଆଇଓସିଏଲ୍, ପାରାଦୀପ ପୋର୍ଟ ଟ୍ରଷ୍ଟ ଭଳି ସଂସ୍ଥାରେ କେତେଜଣ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯାଇଛି। ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଲୋକେ ଶିଳ୍ପ ଯୋଗୁ ଧୂଳି ଓ ଧୂଆଁରେ ଆକ୍ରାନ୍ତ ହେଉଛନ୍ତି। ସେହି ନିର୍ବାଚନ ମଣ୍ଡଳୀରୁ କେତେଜଣଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ପଚାରିଥିଲେ। କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ପ୍ରଶ୍ନୋତ୍ତର ବେଳେ ଆପତ୍ତି ଉଠାଇଥିଲେ ଯେ, ଆମ ରାଜ୍ୟରେ ବହୁ ଇଞ୍ଜିନିୟରିଂ କଲେଜ ଓ ଆଇଟିଆଇ ରହିଛି। ଜଗତପୁର, ରସୁଲଗଡ଼, ପାତ୍ରପଡ଼ା, ମଞ୍ଚେଶ୍ୱର, ଚନ୍ଦକା ଆଦି ଶିଳ୍ପାଞ୍ଚଳରେ ବହୁ କାରଖାନା ଗଢ଼ିଉଠିଛି। ସେ ସବୁ ଜାଗାରେ ବାହାର ଲୋକ ଚାକିରି କରୁଛନ୍ତି। ଆମ ପିଲା କମ୍ ପଇସାରେ ଦିଲ୍ଲୀ, ବାଙ୍ଗାଲୋରରେ ଚାକିରି ପାଇଁ ବୁଲୁଛନ୍ତି। ଆମେ ଜମି ଦେଲୁ, ସେମାନେ ଶିଳ୍ପ କଲେ। ଆମ ପିଲାଙ୍କୁ କାହିଁକି ନିଯୁକ୍ତି ଦିଆଯିବ ନାହିଁ ବୋଲି ସେ କହିଥିଲେ। ବିଜେଡି ସଭ୍ୟ ସୁଧାଂଶୁ ଶେଖର ପରିଡ଼ା, ପ୍ରତାପ ଦେବ, ସୁଧୀର ସାମଲ ଶିକ୍ଷାନୁଷ୍ଠାନରେ ନିଯୁକ୍ତିକୁ ନେଇ ମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। କେନ୍ଦ୍ର ସରକାର ୫ ବର୍ଷରେ ୨ କୋଟି ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ଲାଗି ଘୋଷଣା କରିଥିଲେ। ଗତ ୫ ବର୍ଷରେ ଓଡ଼ିଶାରେ ଥିବା କେନ୍ଦ୍ରୀୟ ସଂସ୍ଥାରେ କେତେଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଢେଙ୍କାନାଳରେ କେତେଜଣ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ପଚାରିଥିଲେ।

ଉତ୍ତରରେ ମନ୍ତ୍ରୀ ସିଂ କହିଥିଲେ, ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୨ ଲକ୍ଷ ୬୮ହଜାର ୪୫୧ ଜଣ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଲକ୍ଷ ୨୬ ହଜାର ୯୬୧ ଜଣ ଓଡ଼ିଶାର। ଅର୍ଥାତ୍ ସମୁଦାୟ ନିଯୁକ୍ତିର ୮୫% ରାଜ୍ୟ ଭିତରୁ ଦିଆଯାଇଛି। ସରକାରଙ୍କ ଚୁକ୍ତି ଅନୁଯାୟୀ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ ୯୦%, କୁଶଳୀ ୬୦% ଏବଂ ପରିଚାଳନା ବା ପ୍ରଶାସନିକ କ୍ଷେତ୍ରରେ ୪୦% ନିଯୁକ୍ତି ଦେବାର ବ୍ୟବସ୍ଥା ରହିଛି। ପାରାଦୀପର କେଉଁ ସଂସ୍ଥାରେ କେତେ ନିଯୁକ୍ତ ହୋଇଛନ୍ତି ତାହାର ତର୍ଜମା କରାଯିବ ।ଯଦି ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଇ ନ ଥିବ ତେବେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ । ଖୋର୍ଦ୍ଧା ଜିଲାର ବିଭିନ୍ନ ଶିଳ୍ପ ସଂସ୍ଥାରେ ୮ହଜାର ୪୦ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେଥିମଧ୍ୟରେ ୭ ହଜାର ୫୦୯ ଜଣଙ୍କୁ ରାଜ୍ୟ ଭିତରୁ ଏବଂ ୫୩୧ ଜଣଙ୍କୁ ରାଜ୍ୟ ବାହାରୁ ନିଯୁକ୍ତି ଦିଆଯାଇଛି। କେନ୍ଦ୍ର ସରକାରଙ୍କ ସଂସ୍ଥାରେ କେତେଜଣ ଓଡ଼ିଆଙ୍କୁ ନିଯୁକ୍ତି ଦିଆଯାଇଛି, ସେ ସମ୍ପର୍କରେ ତଥ୍ୟ ନାହିଁ। ନିୟମ ଅନୁଯାୟୀ, ୮୫ ପ୍ରତିଶତ ନିଯୁକ୍ତି ରାଜ୍ୟ ଭିତରେ ହୋଇଛି। ବରିଷ୍ଠ ଅଧିକାରୀଙ୍କ କ୍ଷେତ୍ରରେ ଓଡ଼ିଶାରୁ ନିଯୁକ୍ତି ଦେବାରେ କୌଣସି ବ୍ୟବସ୍ଥା ନାହିଁ ବୋଲି ମନ୍ତ୍ରୀ କହିଥିଲେ।

# ୧୯୯୭ରୁ ବିପିଏଲ ତାଲିକାର ହିସାବ ରଖିନାହାନ୍ତି ସରକାର

ଭୁବନେଶ୍ୱର, ୨।୭(ବ୍ୟୁରୋ)

ରାଜ୍ୟରେ ୧୯୯୭ ମସିହାରେ ମୋଟ ୬୭,୮୪,୧୨୭ ପରିବାର ବସବାସ କରୁଥିଲେ। ଏମାନଙ୍କ ମଧ୍ୟରୁ ୪୪, ୯୩, ୪୧୦ଟି ପରିବାର ବିପିଏଲ (ଦାରିଦ୍ର୍ୟ ସୀମାରେଖା ତଳେ) ଅନ୍ତର୍ଭୁକ୍ତ ହୋଇଥିଲେ। ୨୦୧୧ରେ ହୋଇଥିବା ସାମାଜିକ, ଅର୍ଥନୈତିକ ଓ ଜାତିଗତ ଗଣନା ଅନୁସାରେ ବର୍ତ୍ତମାନ ରାଜ୍ୟରେ ୮୬, ୭୭, ୬୧୫ ସଂଖ୍ୟାର ପରିବାର ବସବାସ କରୁଛନ୍ତି। ଅର୍ଥାତ୍ ଏହା ପରଠାରୁ ରାଜ୍ୟ ସରକାରଙ୍କ ନିକଟରେ କୌଣସି ନୂତନ ତଥ୍ୟ ପହଞ୍ଚିନାହିଁ। ଏହି ଗଣନା ପରେ ମଧ୍ୟ କେତେ ସଂଖ୍ୟକ ପରିବାର ବିପିଏଲ ତାଲିକାରୁ ବାଦ୍ ପଡିଲେ ଅର୍ଥାତ୍ କେତେ ପରିବାରର ଆର୍ଥିକ ଉନ୍ନତି ଘଟିଛି ତାହାର କୌଣସି ଆକଳନ ହୋଇପାରିନାହିଁ। ୧୯୯୭ରେ ଯେଉଁ ୪୪,୯୩,୪୧୦ ବିପିଏଲ ପରିବାର ରାଜ୍ୟରେ ଥିବା ସରକାର ତଥ୍ୟ ରଖିଥିଲେ ତାକୁ ହିଁ ଧରି ବୁଲୁଛନ୍ତି। ବିଧାୟକ ଶଙ୍କର ଓରାମଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି। ଅନ୍ୟପଟେ ରାଜ୍ୟ ସରକାର ବିଭିନ୍ନ ନିୟମ ଅନୁଯାୟୀ ହିତାଧିକାରୀ ଚୟନ କରି ଲୋକଙ୍କୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରୁଛନ୍ତି। ଏହାସତ୍ତ୍ୱେ ସରକାର ତଥ୍ୟ ନ ରଖିବା ନେଇ ବିରୋଧୀ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଏହିସବୁର ଆକଳନ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ପ୍ରାପ୍ତ ହୋଇ ନ ଥିବା ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି।

## ଭେକ୍ଟରବାହିତ ରୋଗ ସଂକ୍ରାନ୍ତ ସମୀକ୍ଷା ବୈଠକ

# ତିନିମାସ ସତର୍କ ରହିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨।୭(ବ୍ୟୁରୋ)

ବର୍ଷାଋତୁ ଆରମ୍ଭ ହୋଇଯାଇଥିବାରୁ ରାଜ୍ୟରେ ଭେକ୍ଟରବାହିତ ରୋଗ ସଂକ୍ରମଣ ଆଶଙ୍କା ଦେଖାଦେଇଛି। ରୋଗ ସଂକ୍ରମଣ ରୋକିବା ସହ ଆଗାମୀ ଦୁଇତିନି ମାସ ପାଇଁ ସତର୍କ ରହି ପଦକ୍ଷେପ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସଚିବାଳୟଠାରେ ଏହି ରୋଗ ସଂକ୍ରାନ୍ତରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ମ୍ୟାଲେରିଆ, ଡେଙ୍ଗୁ, ଜାପାନିଜ୍ ଏନ୍‌ସେଫାଲାଇଟ୍(ଜେଇ), ଆକ୍ୟୁଟ୍ ଏନ୍‌ସେଫାଲାଇଟ୍ ସିଣ୍ଡ୍ରୋମ୍(ଏଇଏସ୍), ଚିକୁନଗୁନିଆ ଓ ଡାଇରିଆ ଆଦି ରୋଗ ଯେଭଳି କୌଣସି ସ୍ଥାନରେ ନ ବ୍ୟାପେ ସେଥିପାଇଁ ସଜାଗ ରହିବାକୁ ମନ୍ତ୍ରୀ କହିଛନ୍ତି। ଏହିସବୁ ରୋଗ ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି।



ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ବିଭାଗୀୟ ଅଧିକାରୀମାନେ।

- ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଟିକାକରଣରେ ଆଉ ୭ ଜିଲା ସାମିଲ
- କେନ୍ଦ୍ର ସରକାର ଯୋଗାଇଦେବେ ୨୬ଲକ୍ଷ ମଶାରି
- କେବିକେ ଜିଲା ଉପରେ ଫୋକସ୍

ଜେଇ ଓ ଏଇଏସ୍ ରୋଗ ଚିହ୍ନଟ ପାଇଁ ସ୍ୱତନ୍ତ୍ର ଭାବେ ୯ଟି ସେଣ୍ଟିନାଲ ସାଇଟ୍ ପରୀକ୍ଷାଗାର ସମେତ ସର୍ବୋଚ୍ଚ ରେଫରାଲ ପରୀକ୍ଷାଗାର ଭାବେ ଆର୍‌ଏମ୍‌ଆରସି ରହିଛି। ଏସବୁ ପରୀକ୍ଷାଗାରକୁ ଉପଯୋଗ କରିବା ସହିତ ସମସ୍ତ ରିପୋର୍ଟ ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ନିୟମିତ ଟିକାକରଣ କାର୍ଯ୍ୟକ୍ରମରେ ୧୭ଟି ଜିଲାରେ ଜେଇ ଟିକା ଦିଆଯାଉଥିବାବେଳେ ଚଳିତବର୍ଷ ଏଥିରେ ଆଉ ୭ଟି ଜିଲାକୁ ସାମିଲ କରାଯିବ। ଏହିସବୁ ଜିଲାଗୁଡ଼ିକ ହେଉଛି ଅନୁଗୋଳ, ଭଦ୍ରକ, ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଜଗତସିଂହପୁର ଓ ନୟାଗଡ଼। ମ୍ୟାଲେରିଆ ଓ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ମଶାରିର ଜରୁରୀ ଆବଶ୍ୟକତା ଥିବାବେଳେ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ୨୬ଲକ୍ଷ ମଶାରି ଯୋଗାଇ ଦେବେ ବୋଲି ବୈଠକରେ ସୂଚନା ଦିଆଯାଇଛି। ତେବେ ଏ କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗ ସହିତ ପଞ୍ଚାୟତିରାଜ ଓ ପାନୀୟଜଳ, ବିଦ୍ୟାଳୟ ଓ ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ, ଶିଳ୍ପ ଆଦି ବିଭାଗ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟରେ କେବିକେ ଜିଲାଗୁଡ଼ିକରେ ରୋଗ ସଂକ୍ରମଣର ଭୟ ଥିବାରୁ ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ କୁହାଯାଇଛି। ରୋଗ ନିୟନ୍ତ୍ରଣ ଏବଂ ପ୍ରତିଷେଧକ ପାଇଁ ତୃଣମୂଳସ୍ତରରୁ ଆଶାକର୍ମୀ ଓ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ସାମିଲ କରି ବ୍ୟାପକ ଜନସଚେତନତା ଲାଗି ମତପ୍ରକାଶ ପାଇଛି। କେବିକେଠାରୁ ଆରମ୍ଭକରି ଉପକୂଳ ଜିଲାଗୁଡ଼ିକରେ ଯେପରି ମହାମାରୀ ନ ବ୍ୟାପେ ସେଥିଲାଗି ସ୍ୱାସ୍ଥ୍ୟ ସଂକ୍ରାନ୍ତ ସ୍ଥିତି ଉପରେ ଠିକ୍ ତଥ୍ୟ ସଂଗ୍ରହ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ।



## ଜିଲା ଚିଠି
## ନବରଙ୍ଗପୁର

# ଅଚଳ ସ୍ୱାସ୍ଥ୍ୟସେବା

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନବରଙ୍ଗପୁର ଜିଲା ବହୁ ପଛରେ ରହିଛି। ଏହି ଜିଲାର ପ୍ରାଥମିକ, ଗୋଷ୍ଠୀ ଓ ଜିଲା ସଦର ମହକୁମା ଡାକ୍ତରଖାନା ଏବେ ରେଫରାଲ ହସ୍ପିଟାଲ ଭାବେ ପରିଚୟ ସୃଷ୍ଟି କରିଛି। ଡାକ୍ତର ଓ ବିଶେଷଜ୍ଞଙ୍କ ଅଭାବ ଏହାର ମୁଖ୍ୟ କାରଣ ସାଜିଛି। ଜିଲାରେ ୧୩ ଜଣ ସ୍ତ୍ରୀ ବିଶେଷଜ୍ଞ ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୩ ଜଣ ଅଛନ୍ତି। ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଓ ଜିଲା ସଦର ମହକୁମା ଡାକ୍ତରଖାନାରେ ୨ ଜଣ ରହିଛନ୍ତି। ଜିଲାରେ ଜଣେ ମଧ୍ୟ ଭେଷଜ (ମେଡିସିନ) ବିଶେଷଜ୍ଞ ନାହାନ୍ତି। ଆଇସିୟୁ ପରିଚାଳନା ପାଇଁ ଭେଷଜ ବିଶେଷଜ୍ଞ ଆବଶ୍ୟକ ରହିଥିବା ବେଳେ କାମଚଳା ନୀତିରେ ସ୍ୱାସ୍ଥ୍ୟସେବା କରାଯାଉଛି। ମାନସିକ, ଭେଷଜ, ନେଫ୍ରୋଲୋଜିଷ୍ଟ, ଚକ୍ଷୁ, ମାଇକ୍ରୋ ବାୟୋଲୋଜିଷ୍ଟ ପ୍ରମୁଖ ପଦବୀ ଖାଲି ପଡିଛି। ୧୩ ଶିଶୁ ବିଶେଷଜ୍ଞ ପଦବୀ ମଧ୍ୟରୁ ଜିଲାରେ ଉମରକୋଟ ଓ ନବରଙ୍ଗପୁରରେ ଜଣେ ଲେଖାଏ ଶିଶୁ ବିଶେଷଜ୍ଞ ରହିଛନ୍ତି। ପାପଡାହାଣ୍ଡି ଓ ଉମରକୋଟଠାରେ ବ୍ଲଡ ବ୍ୟାଙ୍କ ପ୍ରତିଷ୍ଠା ପାଇଁ ଦୀର୍ଘ ଦିନର ଦାବି ପୂରଣ ହୋଇ ପାରିଲା ନାହିଁ। ଉମରକୋଟକୁ ସବ୍‌ଡିଭିଜନ ଡାକ୍ତରଖାନା ଓ ବ୍ଲଡ୍ ବ୍ୟାଙ୍କ ୟୁନିଟ ପାଇଁ ଘୋଷଣା କରାଗଲା, କାର୍ଯ୍ୟକାରୀ ହେଲା ନାହିଁ। ଜିଲାରେ ୧୯୦ ଡାକ୍ତର ପଦବୀ ମଧ୍ୟରେ ରହିଛନ୍ତି ମାତ୍ର ୯୨ ଜଣ। ସେମାନଙ୍କ ମଧ୍ୟରୁ ୧୮ ଜଣ ଛୁଟିରେ ରହିଛନ୍ତି। ସେହିପରି ୬୮ ଜଣ ବିଶେଷଜ୍ଞ ଆବଶ୍ୟକ ସ୍ଥଳେ ରହିଛନ୍ତି ୧୩ ଜଣ। ୧୧ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ୪୧ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ସଦର ମହକୁମା ଡାକ୍ତରଖାନା ରହିଛି। ଡାକ୍ତର ଅଭାବ ଲାଗି ଗର୍ଭବତୀ, ପ୍ରସୂତି, ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପାଇଁ ରୋଗୀଙ୍କୁ ନିୟମିତ କୋରାପୁଟ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ରେଫରାଲ କରାଯାଉଛି। ଜିଲାରେ ୧୫ଟି ୧୦୮ ଓ ୧୧ଟି ୧୦୨ ଆମ୍ବୁଲାନ୍ସ ରହିଛି। ରେଫରାଲ ସେଣ୍ଟର ଭାବେ ଜିଲାର ସମସ୍ତ ଡାକ୍ତରଖାନା ରହିଥିବାରୁ ଆମ୍ବୁଲାନ୍ସ ଗୁଡିକ କୋରାପୁଟ ଚାଲି ଯାଉଛି। ଅନ୍ୟ ରୋଗୀମାନେ ଠିକ ସମୟରେ ଆମ୍ବୁଲାନ୍ସ ପାଇ ପାରୁ ନାହାନ୍ତି। ସରକାର କିଡ୍‌ନୀ ରୋଗୀଙ୍କ ପାଇଁ ଡାଏଲିସିସ ଚିକିତ୍ସା ବ୍ୟବସ୍ଥା ଜିଲା ସଦର ମହକୁମା ଡାକ୍ତରଖାନାରେ ଖୋଲିଲେ। ତାହା ୪ ମାସ ହେବ କାର୍ଯ୍ୟକାରୀ ହୋଇ ପାରୁନାହିଁ। ମାଆ ଓ ଶିଶୁ ଚିକିତ୍ସା ଉପଲବ୍ଧ କରାଇବାକୁ ଅନ୍ତଃବିଭାଗ ଓ ବହିର୍ବିଭାଗ ପାଇଁ ୧୦ କୋଟି ଟଙ୍କା ବ୍ୟୟରେ କୋଠା ନିର୍ମାଣ ହେଲା। ଉଦ୍‌ଘାଟନକୁ ୨ ବର୍ଷ ବିତିଲା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଦୂର ଦୂରାନ୍ତରୁ ଉତ୍ତମ ଚିକିତ୍ସା ସୁବିଧା ପାଇଁ ଜିଲା ସଦର ମହକୁମା ଡାକ୍ତରଖାନାକୁ ରୋଗୀ ଆସିଲେ ଏଠାରେ ଅନ୍ୟତ୍ର ପଠାଇ ଦିଆଯାଉଛି। ରୋଗୀ ସେବା ନ ପାଇ ହନ୍ତସନ୍ତ ହେଉଛନ୍ତି। ଅନ୍ୟ ପକ୍ଷେ ଜିଲାର ୩୬୮ ଗାଁକୁ ଆମ୍ବୁଲାନ୍ସ ବର୍ଷାଦିନେ ଯିବା ସମ୍ଭବ ହେଉନାହିଁ। ଏଭଳି ସମସ୍ୟା ଭିତରେ ନବରଙ୍ଗପୁର ଜିଲାରେ ରୋଗୀ ସେବା ପାଉଛନ୍ତି। ଏନେଇ ବିଭିନ୍ନ ରାଜନୈତିକ ଦଳ, ଜନସାଧାରଣ ଧାରଣା, ଅନଶନ ଭଳି ଅନେକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ସାରିଛନ୍ତି। ସରକାରଙ୍କୁ ପ୍ରଶାସନ ପକ୍ଷରୁ ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ଅନୁରୋଧ କରାଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରୁ ନାହିଁ। ସେଥିପାଇଁ ନବରଙ୍ଗପୁର ଜିଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉପରକୁ ହାତ ଟେକିଦେବା ଛଡା ଅନ୍ୟବାଟ ନାହିଁ।

– ସଦାଶିବ ପ୍ରହରାଜ

**Admission into 2 Years B.Ed. Programme**
OFFICE OF THE PRINCIPAL,
GOVERNMENT COLLEGE(AUTONOMOUS), BHAWANIPATNA
NOTICE No. 1477 / Dt. 02-07-2019
Online Applications are invited for admission into 2 Years regular B.Ed. programme under self-financing mode at **Government College (Autonomous), Bhawanipatna** for the session 2019-20. Online application form and Information Brochure will be available at **www.gacbhawanipatna.org** from **04-07-2019(11AM)** to 24-07-2019(**11.45PM**).
PRINCIPAL



# ଲାଞ୍ଚୁଆ ଭୋଟର

ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ନିର୍ବାଚନ ପୂର୍ବରୁ ରାଜନୈତିକ ଦଳଗୁଡ଼ିକ ବିଭିନ୍ନ ପ୍ରକାର ମାଗଣା ଦ୍ରବ୍ୟ ଯାଚିବା ସହ ସିଧାସଳଖ ଅର୍ଥ ହସ୍ତାନ୍ତର ଯୋଜନା କରିଥିବାରୁ ଏବେ ସେସବୁକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏ ନେଇ କେନ୍ଦ୍ର ସମେତ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ତେଲେଙ୍ଗାନା, ଓଡ଼ିଶା ଏବଂ ଝାଡ଼ଖଣ୍ଡ ସରକାରଙ୍କୁ ନୋଟିସ ଜାରି କରାଯାଇଛି। ଉଲ୍ଲେଖଯୋଗ୍ୟ, କରଦାତାଙ୍କଠାରୁ ଆଦାୟ ଅର୍ଥରେ ନିର୍ବାଚନର କିଛି ମାସ ପୂର୍ବରୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା, ଓଡ଼ିଶା ସରକାର 'କାଳିଆ', ତେଲେଙ୍ଗାନା ସରକାର 'ରଇତୁ ବନ୍ଧୁ' ଭଳି କୃଷକଙ୍କୁ ତତ୍‌କ୍ଷଣାତ୍ ଅର୍ଥ ମିଳିଯିବାର ବ୍ୟବସ୍ଥା କରିଥିଲେ। ପେଣ୍ଟାପତି ପୁଲ୍ଲା ରାଓ (୨୦୧୯ ଲୋକ ସଭା ନିର୍ବାଚନରେ ଆନ୍ଧ୍ରପ୍ରଦେଶର ଇଲ୍ଲୁରରୁ ନିର୍ବାଚନ ଲଢ଼ିଥିଲେ) ନାମକ ଆନ୍ଧ୍ରପ୍ରଦେଶର ଜଣେ ରାଜନେତାଙ୍କ ଆବେଦନକୁ ବିଚାରକୁ ନେଇ ସର୍ବୋଚ୍ଚ ଅଦାଲତଙ୍କ ଖଣ୍ଡପୀଠ କେନ୍ଦ୍ର ଓ ଉପରଲିଖିତ ୫ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହିତ ଖଣ୍ଡପୀଠ ଏହି ମର୍ମରେ ନିର୍ବାଚନ କମିଶନଙ୍କଠାରୁ ଜବାବ ମାଗିଛନ୍ତି।

ଶାସନରେ ଥିବା ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଅର୍ଥାତ୍ ସର୍ବନିମ୍ନ ୬ ମାସ ଆଗରୁ ଯୋଜନା ଘୋଷଣା ସଂକ୍ରାନ୍ତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ରହିବା ଦିଗରେ ବିଚାର କରିବା ଲାଗି ଆବେଦନକାରୀ ପେଣ୍ଟାପତି ଶୀର୍ଷ ଅଦାଲତଙ୍କ ନିକଟରେ ଆପତ୍ତି ଉଠାଇଥିଲେ। ଏହିସବୁ ସୁବିଧା ଭୋଟରଙ୍କୁ ସିଧାସଳଖ ଲାଞ୍ଚ ଦେବା ଭଳି ହୋଇଥିଲା ବୋଲି ଆବେଦନକାରୀ କହିଥିଲେ। ଅବଶ୍ୟ ତାହା ଜନସାଧାରଣଙ୍କୁ ସ୍ପଷ୍ଟ ଦିଶିଯାଉଛି। ଓଡ଼ିଆରେ ଢଗ ଅଛି- 'ଚୋର ଗଲା ପରେ ବୁଦ୍ଧି ଦିଶେ'; ଅର୍ଥାତ୍ ସାଧାରଣ ନିର୍ବାଚନ ପରେ କେନ୍ଦ୍ର ଓ ରାଜ୍ୟଗୁଡ଼ିକରେ ସରକାର ଗଠନ ହୋଇସାରିଛି। ଶାସନ କ୍ଷମତାରେ ଥିବା ରାଜନୈତିକ ଦଳଗୁଡ଼ିକ ଭୋଟରଙ୍କୁ ଲୋଭନୀୟ ଜିନିଷ ସହ ଅର୍ଥ ଦେଇ ଯାହା ଫାଇଦା ନେବା କଥା ନେଇଯାଇଛନ୍ତି। ଏଭଳି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ କେନ୍ଦ୍ର ଓ ୫ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିବା କେବଳ ଧର୍ମକୁ ଆଖିଠାର ସଦୃଶ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୩ରେ ସୁବ୍ରମଣ୍ୟମ୍ ବନାମ ତାମିଲନାଡୁ ସରକାର ରାୟରେ ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟ ଏକ ନିର୍ଦ୍ଦେଶ ଦେଇଥିଲେ ଯେ, ଭୋଟକୁ ଆଖିଆଗରେ ରଖି ଯେଉଁ ସରକାରଗୁଡ଼ିକ ମାଗଣା ଯୋଜନା ଘୋଷଣା କରୁଛନ୍ତି, ସେ ଦିଗରେ ନିୟମାବଳୀ ସ୍ଥିର କରାଯିବା ଉଚିତ। ହେଲେ ସେ ସଂକ୍ରାନ୍ତ ଅଗ୍ରଗତି ବିଷୟରେ ସର୍ବୋଚ୍ଚ ଅଦାଲତ ସମୀକ୍ଷା ନ କରି ଏବେ ପୁନଶ୍ଚ ନିର୍ବାଚନ କମିଶନଙ୍କଠାରୁ ଜବାବ ତଲବ କରିବା ଅଦାଲତି ବ୍ୟବସ୍ଥା କେତେ ହାସ୍ୟାସ୍ପଦ ସ୍ତରରେ ପହଞ୍ଚିଲାଣି ବୁଝାପଡୁଛି। ଏଥିରୁ ଖିଅ ଟାଣି କୁହାଯାଇପାରେ ଯେ, ବ୍ୟବସ୍ଥାର ପ୍ରତ୍ୟେକ ଅଙ୍ଗ ଜନମତକୁ ମୋଡ଼ିମକଚି ଦେବାକୁ ଚେଷ୍ଟା କରିଚାଲିଛନ୍ତି। ନିଜ ସ୍ୱାର୍ଥସାଧନ ଲକ୍ଷ୍ୟରେ ଦୌଡୁଥିବା ଗଣତନ୍ତ୍ରର ମୂଲ୍ୟବାନ ଅଙ୍ଗ ଯେତେବେଳେ ଦାୟିତ୍ୱ ଭୁଲି କେବଳ ଲୋକଦେଖାଣିଆ ରାୟ ବା ମତ ଦେବେ, ସେତେବେଳେ ସମଗ୍ର ସାମାଜିକ ବ୍ୟବସ୍ଥା ବିଗିଡ଼ିଯିବା ସ୍ୱାଭାବିକ। ଗଣତନ୍ତ୍ରର ମୂଳ ସଂଜ୍ଞା- ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ। କିନ୍ତୁ ଭୋଟରଙ୍କୁ ଲାଞ୍ଚ ଯାଚି ଯେଉଁ ରାଜନୈତିକ ଦଳଗୁଡ଼ିକ କ୍ଷମତା ଅର୍ଜନ କରିପାରିଛନ୍ତି, ପରବର୍ତ୍ତୀ ସମୟରେ ସେମାନଙ୍କୁ ସୁପ୍ରିମକୋର୍ଟଙ୍କଠାରୁ ଯେତେ ନୋଟିସ ଆସିଲେ ମଧ୍ୟ ତାହା କୌଣସି ଲକ୍ଷ୍ୟ ସାଧନ କରିପାରିବ ନାହିଁ। ଅପରପକ୍ଷରେ ଯେଉଁସବୁ ଭୋଟର ସେହି ଲାଞ୍ଚ ନେଇ ଭୋଟ ଦେଇଛନ୍ତି, ତାହା ଲୋକଙ୍କ ଦାରିଦ୍ର୍ୟ ମନୋଭାବର ପରିଚୟ ଦେଉଛି। ଯେପର୍ଯ୍ୟନ୍ତ ଭାରତର ଭୋଟର ଘୁଷ୍ ନେବା ପାଇଁ ନିଜର ଆଗ୍ରହ ପ୍ରକାଶ ସହିତ ଘୁଷ୍ ଦେଉଥିବା ରାଜନୈତିକ ବ୍ୟକ୍ତି ବା ଦଳକୁ ସମର୍ଥନ ଜଣାଇବେ, ସେ ପର୍ଯ୍ୟନ୍ତ ଏ ଦେଶରେ ଦୁର୍ନୀତି ଦୂର ସମ୍ଭବପର ହେବ ନାହିଁ। ୨୦୧୯ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ବାରି ହେଲା ଯେ ଭାରତର ସାଧାରଣ ଭୋଟର ଅତ୍ୟନ୍ତ ଲାଞ୍ଚୁଆ। ଭବିଷ୍ୟତରେ ମଧ୍ୟ ଲାଞ୍ଚ ମାଧ୍ୟମରେ କାର୍ଯ୍ୟ କରାଯାଇପାରିବ। ଏଭଳିସ୍ଥଳେ କେବଳ ରାଜନେତାଙ୍କୁ ଦୋଷ ଦେବା ଉଚିତ ହେବ ନାହିଁ। କାରଣ ଭୋଟର ତ ଲାଞ୍ଚୁଆ! ଯିଏ ଯେଉଁଠି ପାଇଲା, ସିଏ ସେଠାରେ ସୁବିଧା ଟାଣିନେବାକୁ ଚେଷ୍ଟା କଲା।

# ବିପର୍ଯ୍ୟୟମୁଖୀ ଉଚ୍ଚଶିକ୍ଷା



ଡ. ସୁବାସ ଚନ୍ଦ୍ର ପାତ୍ର

କେହି କେହି କହନ୍ତି ସରକାରଙ୍କ ବଡ଼ ଶତ୍ରୁ ସରକାର। ଉପକୂଳ ରାଜପଥରୁ ସରକାରୀ ବସ୍‌ର ଉଭାନ, ଓଡ଼ିଶା ଏବଂ ଓଡ଼ିଶା ବାହାରେ ବେଶ୍ ଲୋକପ୍ରିୟ ହୋଇଥିବା କୋଣାର୍କ ଟିଭି ଇତିହାସ ପାଲଟିଯିବା, ବେଶ୍ ସୁନାମ ଅର୍ଜନ କରିଥିବା ଓଡ଼ିଶା ଟେକ୍ସଟାଇଲ୍ସ ମିଲ୍‌ର କପଡ଼ା କାହାଘରେ ପୁରୁଣା ତକିଆଖୋଳର ସ୍ମୃତି ହୋଇ ବଞ୍ଚି ରହିବା ପଛରେ ସରକାରଙ୍କ ଯଥେଷ୍ଟ ଅବଦାନ ରହିଛି। ଠିକ୍ ସେହି ନ୍ୟାୟରେ ବିଗତ କେତେବର୍ଷ ଧରି ଉଚ୍ଚଶିକ୍ଷାକୁ ନେଇ ଓଡ଼ିଶା ସରକାର ଯେଉଁ ନୀତି ଆପଣେଇଛନ୍ତି, ସେଥିରୁ ସେହି ଧାରା ହିଁ ପ୍ରତିଫଳିତ। ସରକାରସ୍ତରୀୟ ଉଚ୍ଚଶିକ୍ଷାକୁ ଦୁର୍ବଳ ଓ ରୁଗ୍‌ଣ ଏବଂ ଅନାକର୍ଷଣୀୟ କରିବାର ଏହା ଏକ ସୁଚିନ୍ତିତ ପଦକ୍ଷେପ, ଯାହା ଘରୋଇକରଣ ଆଡ଼କୁ ବାଟ ଫିଟେଇବ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ, ଘରୋଇ ଆବାସିକ +୨ ଶିକ୍ଷାନୁଷ୍ଠାନଗୁଡ଼ିକ ସେହିସ୍ତରର ସରକାରୀ ଅନୁଷ୍ଠାନକୁ ଧୀରେ ଧୀରେ ଅବାନ୍ତର କଲାଭଳି ଜନସାଧାରଣ ସେ ସବୁଠୁ ମୁହଁ ଫେରାଇ ନେଲାପରି ଆଗାମୀ ବର୍ଷଗୁଡ଼ିକରେ ସରକାରୀ +୩ ଶିକ୍ଷାନୁଷ୍ଠାନ ଓ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ସେହି ଦୁର୍ଦ୍ଦଶା ଭୋଗ କରିବାକୁ ଯାଉଛନ୍ତି। ୧୨।୬।୨୦୧୯ରେ ପ୍ରକାଶିତ ୧୨,୦୧୯ ନମ୍ବରର ସରକାରୀ ନିର୍ଦ୍ଦେଶନାମା ସେହିପ୍ରକାର ଏକ ଆଭାସର ସୂଚନା ଦିଏ।

ଉଲ୍ଲିଖିତ ନିର୍ଦ୍ଦେଶନାମା ଅତିଥି ଅଧ୍ୟାପକ ଚୟନ, ତା'ର ପରିମାଣାତ୍ମକ ଆବଶ୍ୟକତା, ସେ ପାଇଁ ଅର୍ଥ ବ୍ୟବସ୍ଥା ସମ୍ବନ୍ଧରେ ବିଶଦ ବର୍ଣ୍ଣନା କରିଥିଲାବେଳେ ତା'ର ଅନ୍ତରାଳରେ ଉଚ୍ଚଶିକ୍ଷାର ବିପର୍ଯ୍ୟସ୍ତ ବ୍ୟବସ୍ଥା ଓ ତା'ର ଅନ୍ଧକାରମୟ ଭବିଷ୍ୟତର ସୂଚନା ମିଳେ। କୌତୁକର କଥା ଅତିଥି ଅଧ୍ୟାପକ ନିଯୁକ୍ତି ବ୍ୟବସ୍ଥା ପାଖାପାଖି ୧୦ ବର୍ଷ ଚାଲୁ ରହିଥିଲା ବେଳେ ଏବେ ତାକୁ ସୁସଂହତ କରିବାକୁ ଆପାତଦୃଷ୍ଟିରେ ଚେଷ୍ଟା କରାଯାଇଛି। ପ୍ରଥମେ ଚୟନବିଧି ଉପରେ ନଜର ପକାଯାଉ, ବିଶେଷତଃ ଏ କ୍ଷେତ୍ରରେ ଥିବା ତ୍ରୁଟି, ପ୍ରିୟାପ୍ରୀତିତୋଷଣର ସମ୍ଭାବନା ଓ ଅସମତା ସମ୍ବନ୍ଧରେ।

ନିର୍ଦ୍ଦେଶନାମାରେ କୁହାଯାଇଛି, ଅତିଥି ଅଧ୍ୟାପକ ଚୟନ ପାଇଁ ଫୁଲ୍‌ମାର୍କ ୧୦୦ ରହିବ, ଯେଉଁଥିରୁ କ୍ୟାରିୟର ପାଇଁ ୬୦ ଏବଂ ମୌଖିକ ପରୀକ୍ଷା ଲାଗି ରହିବ ୪୦। ଆଜିକାଲି ଅଧିକାଂଶ ପ୍ରତିଯୋଗିତାମୂଳକ ପରୀକ୍ଷାରେ ମୌଖିକ ପରୀକ୍ଷା ପାଇଁ ରଖାଯାଇଥିବା ମାର୍କ ଆନୁପାତିକ ଭାବେ ବହୁତ କମ୍ ରଖାଯାଉଥିବା ବେଳେ ଏଠାରେ ପାଖାପାଖି ୫୦ ପ୍ରତିଶତ ରଖାଯାଇଛି, ଯାହା ପ୍ରିୟାପ୍ରୀତିତୋଷଣରେ ସହାୟକ ହେବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଧ୍ୟାପକ ଚୟନ ପାଇଁ ସର୍ଭିସ୍ ସିଲେକ୍ସନ ବୋର୍ଡ କରୁଥିବା ପରୀକ୍ଷାରେ ମୌଖିକ ପରୀକ୍ଷା ଲାଗି ୪୦ ନମ୍ବର ରଖାଯାଇଛି। ଏହି ୪୦ ନମ୍ବରରୁ ୨୦ ନମ୍ବର ଶିକ୍ଷାଦାନ ଦକ୍ଷତା, ୧୫ ନମ୍ବର ବିଷୟକ ଜ୍ଞାନ, ୫ ନମ୍ବର ନେତୃତ୍ୱ ନେବାର କଳା ପାଇଁ ରହିବ। ଏଠାରେ ପ୍ରଶ୍ନ ଉଠେ, ଏହି ଶିକ୍ଷାଦାନ ଦକ୍ଷତା କିପରି ନିରୂପିତ ହେବ? ଏଥିଲାଗି ପ୍ରାର୍ଥୀମାନଙ୍କୁ ଡେମୋ କ୍ଲାସ୍ ମାଧ୍ୟମରେ ପରୀକ୍ଷା କରାଯିବ କି? ଏ ସମ୍ବନ୍ଧରେ ସ୍ପଷ୍ଟତା ନାହିଁ ଅର୍ଥାତ୍ ସବୁକିଛି କଲେଜସ୍ତରୀୟ ଚୟନ କମିଟି ହାତରେ ଛାଡ଼ିଦିଆଯାଇଛି। ଠିକ୍ ଅନୁରୂପ ଭାବେ ପ୍ରିୟାପ୍ରୀତିର ସମ୍ଭାବନା ରହିଛି ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ଅତିଥି ଅଧ୍ୟାପକ ନିଯୁକ୍ତି ନିମନ୍ତେ ସିଧାସଳଖ ସୁଯୋଗକୁ ନେଇ। ଉଲ୍ଲେଖ ରହିଛି, ପିଏଚ୍.ଡି ଧାରୀ ସରକାରୀ କଲେଜରୁ ଅବସରପ୍ରାପ୍ତ ଅଧ୍ୟାପକ ବିନା ମୌଖିକ ପରୀକ୍ଷା ଓ କ୍ୟାରିୟର ମୂଲ୍ୟାୟନରେ ସିଧାସଳଖ ଅତିଥି ଅଧ୍ୟାପକ ନିଯୁକ୍ତି ପାଇପାରିବେ ଏବଂ ସେ ପୁଣି ୭୦ ବର୍ଷ ବୟସ ପର୍ଯ୍ୟନ୍ତ। ଏହା ପ୍ରିୟାପ୍ରୀତିର ଏକ ମୁକ୍ତଦ୍ୱାର ଉନ୍ମୋଚନ କରିବ। ସିଲାବସ୍‌କୁ ଉନ୍ନୀତ କରାଯାଇ ଅତ୍ୟାଧୁନିକ କରାଯାଇଥିଲାବେଳେ, ପାଠ୍ୟକ୍ରମ ଦିନକୁ ଦିନ ପ୍ରଯୁକ୍ତିବିଦ୍ୟା କୈନ୍ଦ୍ରିକ ହୋଇପଡୁଥିଲାବେଳେ, ଶିକ୍ଷାଦାନର ଶୈଳୀ କାରିଗରି ବିଦ୍ୟା ସମ୍ବଳିତ ହେବାକୁ ୟୁଜିସିର ନିର୍ଦ୍ଦେଶ ଥିଲାବେଳେ ୩୫ ବର୍ଷ ତଳେ ଏମ୍.ଏ ପାଠ ପଢ଼ିଥିବା ଏବଂ ମୋଟାଅଙ୍କର ପେନ୍‌ସନ ପାଉଥିବା ଜଣେ ବୟସ୍କ ଅଧ୍ୟାପକଙ୍କୁ ପୁଣି ସିଧାସଳଖ ନିଯୁକ୍ତିର ଯୌକ୍ତିକତା କ'ଣ? ସେ ବ୍ୟକ୍ତି ଜଣଙ୍କ ସିଲାବସ୍ ଉପଯୋଗୀ ତଥା ସମୟ ଉପଯୋଗୀ କି ନୁହେଁ, ତାହା ଥରେ ପରଖି ନେବାରେ ଅସୁବିଧା କ'ଣ? ଏ ନିଯୁକ୍ତିର ପରିସୀମା କ'ଣ? ଅର୍ଥାତ୍ ବିଜ୍ଞାନର ବିଷୟ ବା କଳାରେ ଭୂଗୋଳ, ନୃତତ୍ତ୍ୱ, ସମାଜ ବିଜ୍ଞାନ ଇତ୍ୟାଦି ବିଷୟରେ, ଯେଉଁଥିରେ ଯୋଗ୍ୟ ଶିକ୍ଷକ କମ୍ ମିଳନ୍ତି ସେକ୍ଷେତ୍ର ପାଇଁ ନା ସାଧାରଣ ବିଷୟ ଯେମିତି ଇତିହାସ, ରାଜନୀତି ବିଜ୍ଞାନ, ଓଡ଼ିଆ, ଇଂଲିଶ, ସଂସ୍କୃତ ଇତ୍ୟାଦି ପାଇଁ? ସେ ପୁଣି ୭୦ ବର୍ଷ ବୟସ ପର୍ଯ୍ୟନ୍ତ? ପ୍ରତିଭାଧର ଯୋଗ୍ୟ, ବେକାର, ପିଏଚ୍.ଡିଧାରୀ ଶିକ୍ଷିତ ଯୁବକ ଯୁବତୀମାନଙ୍କ ପାଇଁ ଏହା ଏକ ପ୍ରତାରଣା ନୁହେଁ କି?

ଅତିଥି ଅଧ୍ୟାପକ ନିଯୁକ୍ତି ଏକ କାମଚଳା ବ୍ୟବସ୍ଥା। ଏହାକୁ ଯେତେଦୂର ସମ୍ଭବ ସାମୟିକ, ଆପାତକାଳୀନ ବ୍ୟବସ୍ଥାରେ ସୀମିତ ରଖିବା ଉଚିତ। ନିର୍ଦ୍ଦେଶନାମାରେ ଏହାର ପରିମାଣ ଉପରେ କୁହାଯାଇଛି, କିନ୍ତୁ ସମୟ ସୀମା ବିଷୟରେ ନୁହେଁ। ଅର୍ଥାତ୍ ମଞ୍ଜୁରୀପ୍ରାପ୍ତ ସମସ୍ତ ପଦବୀର ୨୦ ପ୍ରତିଶତ ଅତିଥି ଅଧ୍ୟାପକ ରଖିବା ସପକ୍ଷରେ କୁହାଯାଇଛି, ଆଉ ଯେଉଁ ଯୁକ୍ତି ରଖାଯାଇଛି, ତାହା ବିଚିତ୍ର। ସଂଖ୍ୟା ବଢ଼ିଲେ ସଂଘବଦ୍ଧତା (ୟୁନିୟିନିଜମ୍) ବଢ଼ିବ, ଯାହା ସରକାରଙ୍କୁ ଅଡୁଆରେ ପକାଇବ!! ବିଡ଼ମ୍ବନାର କଥା ସରକାରଙ୍କ ପାଖରେ ଯଦି ଖାଲିଥିବା ସ୍ଥାନର ସ୍ପଷ୍ଟ ଚିତ୍ର ଅଛି, ଯାହା ପାଖାପାଖି ୧୪୦୦, ପବ୍ଲିକ୍ ସର୍ଭିସ୍ କମିଶନଙ୍କୁ ୩୦୦/୪୦୦ ଅଧ୍ୟାପକ ଚୟନ ପାଇଁ କାହିଁକି କୁହାଯାଏ? ଅର୍ଥାତ୍ ସବୁବେଳେ ୧୦୦୦ ପାଖାପାଖି ଅଧ୍ୟାପକ ପଦବୀ ଖାଲି ରଖି ଅତିଥି ଅଧ୍ୟାପକ ବ୍ୟବସ୍ଥାକୁ ଚାଲୁ ରଖିବା ଏବଂ ତାକୁ ଚିରସ୍ଥାୟୀ କରିବା। ଏହାଦ୍ୱାରା ଖାଲି ଗୁଣାତ୍ମକତା ଧ୍ୱଂସ ହେଉନାହିଁ, ଉଚ୍ଚଶିକ୍ଷିତ, ଯୋଗ୍ୟ ଯୁବ ପ୍ରାର୍ଥୀମାନେ ମାସକୁ ୨୫ ହଜାର ଟଙ୍କାର ଲଲିପପ୍ ଖାଇ, ସେମାନଙ୍କ ଚାକିରି ବୟସ ଅତିକ୍ରାନ୍ତ କରି ପରିବାର ଓ ସମାଜ ଉପରେ ବୋଝ ପାଲଟୁଛନ୍ତି।

ଅତିଥି ଶିକ୍ଷକ ବ୍ୟବସ୍ଥାର ବଡ଼ ତ୍ରୁଟି ହେଲା, ଯାହାର ଚୟନ କଲେଜକୈନ୍ଦ୍ରିକ। ଏହା ଶିକ୍ଷାନୁଷ୍ଠାନ-ଶିକ୍ଷାନୁଷ୍ଠାନ, ଛାତ୍ର-ଛାତ୍ର ମଧ୍ୟରେ ଅସମତା ସୃଷ୍ଟି କରେ। ଆମେ ଏକକ ସିଲାବସ୍, ଏକକ ପ୍ରଶ୍ନପତ୍ର କଥା କହୁ, କିନ୍ତୁ ଏକକ ଶିକ୍ଷକ-ଅର୍ଥାତ୍ ଏକାମାନର ଶିକ୍ଷକ-କଥା କହୁନୁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଟକ, ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ପୁରୀ, ଭଦ୍ରକ ଇତ୍ୟାଦି ସ୍ଥାନରେ ଯେଉଁ ଯୋଗ୍ୟତା ଓ ଦକ୍ଷତାସମ୍ପନ୍ନ ଅତିଥି ଶିକ୍ଷକ ମିଳିବେ କୋରାପୁଟ, କନ୍ଧମାଳ, କେନ୍ଦୁଝର, ବଲାଙ୍ଗୀରରେ ସେ ପ୍ରକାର ଶିକ୍ଷକ ମିଳିବେ ନାହିଁ। ପବ୍ଲିକ୍ ସର୍ଭିସ୍ କମିଶନ ମାଧ୍ୟମରେ ବା ସରକାର କେନ୍ଦ୍ରୀୟ ଭାବରେ ଯେତେବେଳେ ଆଡହକ୍ ନିଯୁକ୍ତି ଦେଉଥିଲେ ସେତେବେଳେ ଓଡ଼ିଶାର ସବୁ ସରକାରୀ ମହାବିଦ୍ୟାଳୟରେ ଏକା ଦକ୍ଷତାସମ୍ପନ୍ନ ଅଧ୍ୟାପକ ଦେଖିବାକୁ ମିଳୁଥିଲା, ଦକ୍ଷତାର ପାତରଅନ୍ତର ନ ଥିଲା। ପରିବର୍ତ୍ତିତ ପରିସ୍ଥିତିରେ ଓଟିଇଟି ଭଳି ଯଦି ସରକାର ନେଟ୍ ଢାଞ୍ଚାରେ ସେଟ୍ ବା ସ୍ଲେଟ୍ (ଷ୍ଟେଟ ଲେଭଲ ଇଲିଜିବିଲିଟ ଟେଷ୍ଟ) ଆୟୋଜିତ କରି ଯୋଗ୍ୟ ଅଧ୍ୟାପକ ବା ଅଧ୍ୟାପିକାମାନଙ୍କର ଏକ 'ପୁଲ୍' ବା ତାଲିକା କରନ୍ତେ, ଆପାତତଃ ସବୁ ଶିକ୍ଷାନୁଷ୍ଠାନ-ସରକାରୀ ବା ଘରୋଇକୁ ବାଧ୍ୟ କରାଯାନ୍ତା ସେହି ତାଲିକାଭୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ। ଏହାଦ୍ୱାରା ଘରୋଇ ଆବାସିକ ମହାବିଦ୍ୟାଳୟ ତଥା ସରକାରୀ ଶିକ୍ଷାନୁଷ୍ଠାନରେ ଏଣୁତେଣୁ ଶିକ୍ଷକ ରହି ଶିକ୍ଷାର ଗୁଣାତ୍ମକତାକୁ ପ୍ରଭାବିତ କରନ୍ତେ ନାହିଁ। ଏହି ଅସମତା କିଛି ମାତ୍ରାରେ ଦୂରୀଭୂତ ହୋଇପାରନ୍ତା।

ପ୍ରକାଶିତ ନିର୍ଦ୍ଦେଶନାମାରେ ଶିକ୍ଷକମାନଙ୍କୁ ଘଣ୍ଟାୱାରି କାମ କରୁଥିବା ଶ୍ରମିକ ହିସାବରେ ଚିତ୍ରଣ କରିବାର ଉଦ୍ୟମ କରାଯାଉଛି। ଶିକ୍ଷକତା ସବୁ ବୃତ୍ତିର ଜନନୀ, ଏହା ଏକ ସାଧନା। ଜଣେ ଶିକ୍ଷକ ସଦା ଶିକ୍ଷାମନସ୍କ। ତାଙ୍କୁ ଘଣ୍ଟାୱାରି କାମ ସହ ଯୋଡିବା ଅର୍ଥ ତାଙ୍କୁ ନିନ୍ଦିତ କରିବା, ତାଙ୍କ କାର୍ଯ୍ୟକୁ ଗୌଣ କରିବା। ଶିକ୍ଷାନୁଷ୍ଠାନଗୁଡ଼ିକ କ'ଣ ଗୋଟିଏ ଗୋଟିଏ କାରଖାନା, ଆଉ ଶିକ୍ଷକ (ଅତିଥି ଶିକ୍ଷକ ହେଉ ବା ନିୟମିତ)ମାନେ କ'ଣ ସେଠି ଘଣ୍ଟାୱାରି କାମ କରୁଥିବା ଜଣେ ଜଣେ ଦିନମଜୁରିଆ?

ଏହା ଯଦି ଆମ ଶିକ୍ଷା କର୍ମକର୍ତ୍ତାମାନଙ୍କ ମନୋଭାବ ତେବେ ଶିକ୍ଷାର କି ପ୍ରକାର ଗୁଣାତ୍ମକ ବିକାଶ ହେବ, ତାହା ସମସ୍ତେ ଜାଣିପାରୁଥିବେ।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର,
ମୋ:୯୪୩୭୩ ୭୬୨୧୯,
subashbls56@gmail.com

# ଏକ ଅତିମାନସ ଅନୁଭବ



ବିମଳ ପ୍ରସନ୍ନ ଦାସ

ଆଜି ମହାପ୍ରଭୁଙ୍କ ଉଭାଯାତ୍ରା, କାଲି ରଥଯାତ୍ରା। ତେବେ ରଥଯାତ୍ରା କୌଣସି ମୂର୍ତ୍ତିପୂଜାରୁ ସୃଷ୍ଟି ହୋଇନାହିଁ ବରଂ ଏହା ଏକ ଅତିମାନସ ଅନୁଭବ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କୁ ଜୀବନ୍ତ ଭାବରେ ଅନୁଭବ କରିହୁଏ। ମୂର୍ତ୍ତିପୂଜା କାଠପଥରର ମୂର୍ତ୍ତିରେ ଦେବଭାବର କାଳ୍ପନିକ ଆରୋପ। କିନ୍ତୁ ସାରା ଜଗତର ନାଥ ଶ୍ରୀଜଗନ୍ନାଥ ଏକ କାଳ୍ପନିକ ଦେବତା ନୁହନ୍ତି। ଜଗନ୍ନାଥ ଅର୍ଥ ହେଉଛି ସମଗ୍ର ଜଗତର ସ୍ୱାମୀ ଭଗବାନ ଶ୍ରୀକୃଷ୍ଣ। ବେଦାଦି ଶାସ୍ତ୍ରର ଜ୍ଞାତା ସମସ୍ତ ବ୍ୟକ୍ତି ତାଙ୍କୁ ସ୍ୱୟଂ ଈଶ୍ୱର ବୋଲି ମାନିଛନ୍ତି- 'କୃଷ୍ଣସ୍ତୁ ଭଗବାନ ସ୍ୱୟଂ'। ସେ ସ୍ୱୟଂ ଭଗବାନ ହୋଇଥିବାରୁ ସବୁ ଦେଶର ସକଳ ଧର୍ମାବଲମ୍ବୀ ତାଙ୍କୁ ପୂଜା କରୁଛନ୍ତି ଏବଂ ଘୋଷଯାତ୍ରା (ରଥଯାତ୍ରା)ରେ ଅଂଶଗ୍ରହଣ କରୁଛନ୍ତି।

ନିତ୍ୟ ବୈକୁଣ୍ଠପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା କେଉଁ ପ୍ରାଚୀନ ଯୁଗରୁ ହଜାର ହଜାର ବର୍ଷ ତଳୁ ଅନୁଷ୍ଠିତ ହୋଇଆସୁଛି। ଏହା ହିଁ ସବୁଠାରୁ ବଡ଼ ଯାତ୍ରା। ରାଜ୍ୟ ତଥା ଦେଶର ଛୋଟବଡ଼ ସହର ସମେତ ଗାଁ ଗହଳରେ ବହୁ ଆବେଗ ଓ ଆଡ଼ମ୍ବରରେ ଏ ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଇସ୍କନର ପ୍ରତିଷ୍ଠାତା ପ୍ରଭୁପାଦ ଏବଂ ତାଙ୍କ ଶିଷ୍ୟମାନେ ନ୍ୟୁୟର୍କ, ଲଣ୍ଡନ, ସିଡ୍‌ନୀ ପ୍ରଭୃତି ନଗରୀରେ ରଥଯାତ୍ରା କରୁଛନ୍ତି। ୧୯୬୭ ମସିହାରେ ପ୍ରଥମେ ସାନଫ୍ରାନ୍‌ସିସ୍କୋରେ ରଥଯାତ୍ରାର ଆୟମାରମ୍ଭ ହେଲା। ବର୍ତ୍ତମାନ କାନାଡା, ଦକ୍ଷିଣ ଆମେରିକା, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ୟୁରୋପ, ପୋଲାଣ୍ଡ, ନ୍ୟୁଜିଲାଣ୍ଡ ପ୍ରଭୃତି ୬୦ରୁ ଊର୍ଦ୍ଧ୍ୱ ଦେଶରେ ରଥଯାତ୍ରା ଅନୁଷ୍ଠିତ ହେଉଛି। ଅର୍ଥାତ୍ ଏହା ହିଁ ଶ୍ରୀଜଗନ୍ନାଥଙ୍କ ପ୍ରତି ସାରା ବିଶ୍ୱର ଆକର୍ଷଣ ଓ ଅନୁରାଗ। କଳାପାହାଡ଼ର ଅବାଞ୍ଛିତ କାହାଣୀ ବ୍ୟତୀତ ଶ୍ରୀଜଗନ୍ନାଥଙ୍କ ପ୍ରତି ବିକର୍ଷଣର ଦୃଷ୍ଟାନ୍ତ ନାହିଁ।

ପ୍ରାୟ ୫୦୦ ବର୍ଷ ପୂର୍ବେ ଶ୍ରୀଚୈତନ୍ୟ ମହାପ୍ରଭୁ କୃଷ୍ଣଭକ୍ତିର ପ୍ଲାବନ ସୃଷ୍ଟି କଲେ। ଶ୍ରୀଜଗନ୍ନାଥଙ୍କ ସମସ୍ତ ପର୍ବ ସେ ନିଷ୍ଠାର ସହ ପାଳନ ମଧ୍ୟ କଲେ। ସେଥିରେ ପ୍ରଧାନ ହେଉଛି ରଥଯାତ୍ରା। ତାଙ୍କ ଉପସ୍ଥିତିରେ ରଥଯାତ୍ରାର ଭକ୍ତି ବିଭୋରତା ଅଧିକରୁ ଅଧିକ ରସାଣିତ ହେଲା। ଶାସ୍ତ୍ରରେ ଅଛି- ରଥାରୂଢ଼ ମହାବାହୁଙ୍କୁ ଦର୍ଶନ କଲେ ଜନ୍ମମୃତ୍ୟୁର ବନ୍ଧନରୁ ମନୁଷ୍ୟ ମୁକ୍ତିଲାଭ କରେ। ଏହି ବିଶ୍ୱାସରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ କାହିଁ କେଉଁଠୁ ଧାଇଁ ଆସନ୍ତି ପ୍ରଭୁଙ୍କ ଦର୍ଶନ ଲାଭ କରିବା ପାଇଁ। ଅବଶ୍ୟ ଏହା ସମ୍ପୂର୍ଣ୍ଣ ବିଶ୍ୱାସର କଥା। ରଥାରୂଢ଼ ଅବସ୍ଥାରେ ମହାବାହୁଙ୍କୁ ଦର୍ଶନ କରି ଭକ୍ତ ଯେଉଁ ଅନିର୍ବଚନୀୟ ଆନନ୍ଦ ଲାଭ କରେ ଓ ତା'ର ଯେଉଁ ଆଧାତ୍ମିକ ଉତ୍ତରଣ ଘଟେ ତାହା ଅବର୍ଣ୍ଣନୀୟ। ତା'ର ଆତ୍ମିକ ବିକାଶ ହେବା ସହ ମନ, ପ୍ରାଣ ନିର୍ମଳ ହୋଇଯାଏ। ସେଥିପାଇଁ ହୁଏତ ଭକ୍ତକବି ଗୌରଚରଣ ଲେଖିଛନ୍ତି, ''ଚଉଦ ବ୍ରହ୍ମାଣ୍ଡ ରୁଣ୍ଡ ହୋଇଛନ୍ତି ଦୁଃଖ ଜଣାଇବା ପାଇଁକି, ଜୀବନଯାକର ଦୁଃଖ ଉପେକ୍ଷିବେ କଳା ଶ୍ରୀମୁଖକୁ ଚାହିଁକି।''

ପ୍ରଭୁଙ୍କ ରଥ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା ଆରମ୍ଭ କରୁଥିବା ବେଳେ କୌଣସି ଭକ୍ତ ଯଦି ପଥପାର୍ଶ୍ୱରେ ରହି ପ୍ରଭୁଙ୍କୁ ଦର୍ଶନ କରେ, ତା'ହେଲେ ତା'ର ସମସ୍ତ କଳୁଷ କାଳିମା ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି। ରଥର ସମ୍ମୁଖରେ ହେଉ ବା ପଶ୍ଚାତ୍‌ରେ ଅନୁସରଣ କଲେ ବି ସେ ବିଷ୍ଣୁସାରୂପ୍ୟ ଲାଭ କରେ। ଯେଉଁମାନେ ରଥ ଟାଣନ୍ତି ଓ ରଥଯାତ୍ରାରେ ଯେ କୌଣସି ସହଯୋଗ କରନ୍ତି, ସେମାନେ ପ୍ରଭୁଙ୍କର ପୂର୍ଣ୍ଣ ଆଶୀର୍ବାଦ ଲାଭ କରନ୍ତି। ସାଧାରଣ ଲୋକ ବିଶ୍ୱାସ ବା ଅବିଶ୍ୱାସ ଯାହା ବି କରନ୍ତୁ ନା କାହିଁକି ଯେଉଁମାନେ ଅତିମାନସ ବିଜ୍ଞାନ ବିଷୟରେ ଅବଗତ, ସେମାନେ ଏହାକୁ ନିଶ୍ଚୟ ବିଶ୍ୱାସ କରିବେ। କାରଣ ପ୍ରେମରୂପକ ଅଠାରେ ପ୍ରଭୁଙ୍କ ସହିତ ଯୁକ୍ତ ହେବା ହିଁ ଯୋଗର ସାର୍ଥକତା। ଗୀତାରେ ଯଥାର୍ଥରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି- ''ଯିଏ ମୋତେ ଅନନ୍ୟ ଭକ୍ତିର ସହିତ ପୂଜା କରେ, ସେ ହିଁ ମୋତେ ଲାଭ କରେ।'' ଲହୁଣିରୁ ଯେପରି ଜଳୀୟ ଅଂଶ ବାହାରିଗଲେ ତାହା ଘିଅ ହୋଇଯାଏ, ସେହିପରି ଭକ୍ତିରୁ ଖାଦ ବାହାରିଗଲେ, ତାହା ପ୍ରେମରେ ରୂପାନ୍ତରିତ ହୋଇଯାଏ। ବିଶ୍ୱାସ କରାଯାଏ ଯେ, ରଥଯାତ୍ରାରେ ଭାଗ ନେଲେ ମନୁଷ୍ୟର ଭକ୍ତିରୁ ସମସ୍ତ ଖାଦ ଦୂର ହୋଇଯାଏ ଓ ସେ ବିମଳ ପ୍ରେମ ଲାଭ କରେ। ଏପରି କି ଯେଉଁମାନେ ଭକ୍ତ ନୁହନ୍ତି, ଅତିମାତ୍ରାରେ ବସ୍ତୁବାଦୀ, ରଥଯାତ୍ରା ସେମାନଙ୍କୁ ମଧ୍ୟ ଆକର୍ଷିତ କରିଥାଏ। ଥରେ ସେ ବିଶ୍ୱନିୟନ୍ତାଙ୍କ ପ୍ରତି ଆକର୍ଷିତ ହୋଇଗଲେ ସାଂସାରିକ ମାୟା ଓ ଜଞ୍ଜାଳ ଦୂରୀଭୂତ ହୋଇଥାଏ। ଏଣୁ ରଥାରୂଢ଼ ପ୍ରଭୁଙ୍କୁ ଦର୍ଶନ କଲେ ଜୀବନ ସାର୍ଥକ ହୁଏ।

ରଥଯାତ୍ରା ବାସ୍ତବତଃ ପ୍ରେମର ଏକ ମହାପର୍ବ। ଦାରୁବ୍ରହ୍ମରୂପୀ ଭଗବାନ ହେଉଛନ୍ତି ପ୍ରେମର ମୂର୍ତ୍ତିମାନ ବିଗ୍ରହ। ଏହି ପ୍ରେମସାଗରରେ ଝାସଦେବାକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ମଧ୍ୟରେ ଜାତିଧର୍ମର ସଙ୍କୀର୍ଣ୍ଣତା ବିଲୁପ୍ତ ହୋଇଯାଏ। ଭକ୍ତ ଓ ଭଗବାନ ଏକାକାର ହୋଇଯାନ୍ତି। ଏଇଠି ଆସେ ଅତିମାନସର ଅନୁଭବ।

ମୋ-୯୪୩୮୧୮୬୨୨୬

## ଏଇ ଭାରତରେ

ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ଏବେ ଟ୍ରାଫିକ୍ ନିୟମ କଡ଼ାକଡ଼ି କରାଯାଇଛି। ରାସ୍ତାରେ ଗାଡ଼ି ଚଳାଇବା ସମୟରେ ହେଲମେଟ୍ ପିନ୍ଧିବାକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଛନ୍ତି। ଏନେଇ ସଚେତନତା ବାର୍ତ୍ତା ଘରେ ଘରେ ପହଞ୍ଚିଥିବା ମନେହେଉଛି। ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ମିରଟର ଏକ ବିବାହ ଉତ୍ସବରେ। ମୁଖ୍ୟମନ୍ତ୍ରୀ ସାମୂହିକ ବିବାହ ଯୋଜନାରେ ଜଣେ ଝିଅ ବାଇକ୍‌ରେ ବିଦାହୋଇଛନ୍ତି। ବାହା ହୋଇ ଶାଶୁଘର ଯିବା ପୂର୍ବରୁ ନବବିବାହିତା କନ୍ୟା ବରକୁ ହେଲମେଟ୍ ପିନ୍ଧାଇବା ପରେ ଗାଡ଼ିରେ ବସିଛନ୍ତି। ସ୍ଥାନୀୟ ଆଶୀର୍ବାଦ ରିସର୍ଟରେ ଏକ ସାମୂହିକ ବିବାହରେ କନ୍ୟା ନଜ୍‌ମାଙ୍କ ବିବାହ ବର ନଦିମ୍‌ଙ୍କ ସହିତ ହୋଇଥିଲା। ବିବାହ ପରେ ନଜ୍‌ମାଙ୍କୁ ନେବାକୁ ନଦିମ୍ ବାଇକ୍ ଧରି ପହଞ୍ଚିଥିଲେ। ତେବେ ନଜ୍‌ମା ବାଇକ୍‌ରେ ବସିବା ପୂର୍ବରୁ ନଦିମ୍‌ଙ୍କୁ ହେଲମେଟ୍ ପିନ୍ଧାଇଥିଲେ। ଦୁଇଚକିଆ ମୋଟରଗାଡି ଚଳାଇବା ପୂର୍ବରୁ ହେଲ୍‌ମେଟ୍ ପିନ୍ଧିବା ଯେ ନିହାତି ଆବଶ୍ୟକ ତାହା ନବବିବାହିତ କନ୍ୟା ନିଜ କାର୍ଯ୍ୟ ମାଧ୍ୟମରେ ଜଣାଇ ଦେଇଛନ୍ତି। ଏହି ଭିଡିଓ ଏବେ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଜୁଲାଇ ୧୯୯୪

- ପ୍ରଯୁକ୍ତି, ଯନ୍ତ୍ରାଂଶ ଓ ଲାଭଜନକ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ନେଇ ଭାରତ ଓ ଚାଇନା ମଧ୍ୟରେ ୩ଟି ରାଜିନାମା ସ୍ୱାକ୍ଷରିତ।
- ପାଲେଷ୍ଟାଇନ ମୁକ୍ତି ସଂଗଠନ ନେତା ୟାସେର ଆରାଫତ ୨୬ ବର୍ଷ କାଳ ନିର୍ବାସନ ଜୀବନ ଅତିବାହିତ କରି ଗତକାଲି ଗାଜାଷ୍ଟ୍ରିପ ଫେରିଲେ।
- ୱିମ୍ବେଲଡନ ଟେନିସ ପ୍ରତିଯୋଗିତାର ମହିଳା ସିଙ୍ଗଲ୍‌ସ ଫାଇନାଲ ମ୍ୟାଚରେ ସ୍ପେନର କୋଞ୍ଚିତା ମାର୍ଟିନେଜ ଆମେରିକାର ମାର୍ଟିନେ ନାଭ୍ରାତିଲୋଭାଙ୍କୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି।

## ଚିରନ୍ତନୀ

ମଣି ଜେନା ମାମଲାରେ
କଟକ ଯିବାକୁ ହେବ
କିଏ ପରା କରୁଥିଲେ
ସବୁ ଖାଲି ଭେଦା ଭୋଟ୍
ନିତି ଏହି କୋଉତୁକ
ସେହିମିତି ଜର କଫ
ସେହି ତ ଖଜଣା ସୁଧ
ନାହିଁ ଲାଭ କହି ଖାଲି
ଆପଣା ବରାଦ ଆପେ
ଗଲାଣି ସେ ବେଳକାଳ

ତାରିଖ ହୋଇଛି ତାର
ଆସୁଛି ଯେ ଗୁରୁବାର।
ହରିପୁର ହାଟେ ସଭା
ପୂଜା ରିସିପତ୍ ଅବା।
ଦେଖାଇ ଥରକୁ ଥର
ସେହି ତ କୁଡିଆ ଘର।
ଆଗ ପରି ଚଢ଼ା ଦରେ
ଥିବ ଯାହା ବରାଦରେ!
କରିବାକୁ ହେବ ଆଜି
କରିବାକୁ ହାଁ ଜୀ ହାଁ ଜୀ!

(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 8 | | | | | | | | B | | 6 |
| D | | | 6 | | | E | | | | C | | | | |
| | 3 | B | | 5 | | | | | | | D | 8 | 0 | |
| | | 2 | 3 | | 1 | 6 | D | A | | | | | | |
| | 6 | | A | 4 | | 7 | | 3 | | 9 | | | C | |
| | 7 | | | | 2 | | | 4 | | A | E | 0 | | |
| | 9 | 6 | 1 | A | | C | 7 | | | | | | | |
| A | 4 | | | | | 9 | | | | | | | | |
| 2 | C | | | | | B | 5 | | | | 7 | 4 | | |
| | | 3 | | D | | 8 | | | | | | | | |
| | | | 5 | | | | | | | 0 | | | 3 | 9 |
| | | | E | 7 | A | | | 9 | C | 3 | | | 8 | |
| | | 4 | D | C | | | | | | | 2 | | | |
| E | | | | | | 4 | 6 | | 8 | B | | 2 | 5 | 0 |
| 9 | | 1 | | | B | | C | | 4 | | | D | E | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | B | 1 | 7 | C | 9 | E | 3 | D | 5 | 6 | 2 | 0 | 8 | 4 |
| 5 | E | 3 | 6 | 4 | B | 0 | 7 | 2 | D | 8 | A | 9 | 1 | C |
| 7 | 4 | C | 2 | E | 8 | 9 | 5 | A | 3 | 1 | 0 | B | D | 6 |
| 2 | 9 | 6 | D | 0 | 3 | 1 | C | 8 | B | 4 | E | 5 | 7 | A |
| 0 | D | 8 | A | 1 | 5 | 4 | 6 | B | 9 | C | 7 | E | 3 | 2 |
| 8 | C | D | 4 | 2 | A | 7 | E | 9 | 0 | 5 | B | 3 | 6 | 1 |
| 1 | 5 | 7 | 3 | 8 | 6 | 2 | B | C | 4 | E | 9 | A | 0 | D |
| 4 | A | 0 | 9 | 5 | E | 3 | 8 | 1 | 6 | 2 | D | 7 | C | B |
| 3 | 2 | E | B | 7 | 1 | 6 | D | 0 | C | A | 8 | 4 | 5 | 9 |
| B | 6 | 9 | C | D | 0 | A | 4 | 5 | 1 | 7 | 3 | 2 | E | 8 |
| 9 | 3 | 2 | E | 6 | C | D | A | 7 | 8 | B | 5 | 1 | 4 | 0 |
| E | 1 | B | 8 | 3 | 7 | C | 9 | 6 | A | 0 | 4 | D | 2 | 5 |
| 6 | 0 | 5 | 1 | 9 | D | B | 2 | 4 | 7 | 3 | C | 8 | A | E |
| C | 7 | A | 5 | B | 4 | 8 | 0 | E | 2 | D | 1 | 6 | 9 | 3 |
| D | 8 | 4 | 0 | A | 2 | 5 | 1 | 3 | E | 9 | 6 | C | B | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତିଗ୍ରସ୍ତ ଅଫିସର ବିଦା

ମହାଶୟ,

ମୋଦି ସରକାର ଦ୍ୱିତୀୟଥର କ୍ଷମତାକୁ ଆସିବା ପରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବହିଷ୍କାର କରୁଛନ୍ତି। ଏବେ ସମୟ ଆସିଛି ରାଜ୍ୟ ସରକାର ସମାନ ପଦକ୍ଷେପ ନିଅନ୍ତୁ। ଅନେକ ରାଜ୍ୟ ସରକାରଙ୍କ ଅଧିକାରୀ ଅପାରଗ, ଅଳସୁଆ ଏବଂ ଦୁର୍ନୀତିଗ୍ରସ୍ତ ଅଛନ୍ତି। ଶୀଘ୍ର ସେମାନଙ୍କୁ ବହିଷ୍କାର କରନ୍ତୁ ନଚେତ୍ ଧରିନିଆଯିବ ଯେ ରାଜ୍ୟ ସରକାର ଏମାନଙ୍କ ସହିତ ଅଛନ୍ତି।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ବିଜୁଳିର ଲୁଚକାଳି କେତେଦିନ

ବାତ୍ୟା ଫନୀରେ ଅନେକ ଅଞ୍ଚଳରେ ଲାଇନ ଖୁଣ୍ଟ ଭାଙ୍ଗିଯିବାରୁ ମାସାଧିକ କାଳ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇ ରହିଲା ଏବଂ ରହିଛି ମଧ୍ୟ। ତେବେ କୁକୁରକୁ ରୁଟି ଫିଙ୍ଗିଲା ଭଳି ବିଦ୍ୟୁତ୍ ସେବା ବ୍ୟାହତ ପାଇଁ ହଜାରେ ଟଙ୍କାରେ ତୁଷ୍ଟୀକରଣ କ'ଣ ସମସ୍ୟାର ସମାଧାନ? ମହାବାତ୍ୟା ପରେ ବିଏସ୍‌ଏନ୍‌ଏଲ ଯେପରି ଭୂତଳ କେବୁଲ ବିଛାଇଲା ଫନୀ ବାତ୍ୟାରୁ କିଛି ଶିଖି ସେସୁ କର୍ତ୍ତୃପକ୍ଷ ଯଦି ଅଣ୍ଡରଗ୍ରାଉଣ୍ଡ କେବୁଲ ବିଛାଇ ବିଜୁଳି ସଂଯୋଗ ଦିଅନ୍ତେ, କିପରି ହୁଅନ୍ତା! କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବେ କି?

ଦୁର୍ଗାପ୍ରସାଦ ତ୍ରିପାଠୀ, ଶ୍ରୀନିବାସବିହାର, ପୁରୀ

### ଶିକ୍ଷାର ମାନ କମିବାରେ ଲାଗିଛି

ବିଗତ କେତେବର୍ଷ ହେଲା ମାଟ୍ରିକ ପରୀକ୍ଷାଫଳ ଦେଖିଲେ ଜଣାପଡୁଛି ବିଭିନ୍ନ ଶିଶୁମନ୍ଦିର ଓ ଘରୋଇ ବିଦ୍ୟାପୀଠର ଫଳାଫଳ ସରକାରୀ ବିଦ୍ୟାଳୟଠାରୁ ଅନେକ ଗୁଣରେ ଭଲ ହେଉଛି। ଏହି ସ୍କୁଲର ଶିକ୍ଷକମାନଙ୍କୁ ଅଳ୍ପ କେଇ ହଜାର ଟଙ୍କାରୁ ବେଶି ଦରମା ମିଳେ ନାହିଁ। ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ମିଳେନାହିଁ। ସରକାରୀ ସ୍କୁଲର ଶିକ୍ଷକମାନଙ୍କୁ ୪୦/୫୦ ହଜାର ଟଙ୍କା ଦରମା ମିଳୁଥିବା ବେଳେ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ଓ ଡ୍ରେସ ଯୋଗାଇ ଦିଆଯାଉଛି। କେଉଁଥିରେ କମ୍ ହେଉଛି ବୋଲି କେତେକ ସରକାରୀ ସ୍କୁଲର ଫଳାଫଳ ଶୂନ ହୋଇଯାଉଛି। ମନେହୁଏ ସରକାରୀ ବିଦ୍ୟାଳୟରେ ଠିକ୍ ଭାବରେ ଶିକ୍ଷାଦାନ ହେଉନାହିଁ। ଯେହେତୁ ସ୍କୁଲରେ ଯଥେଷ୍ଟ ଶିକ୍ଷକ ନାହାନ୍ତି ଏବଂ ମେଧାବୀ ଛାତ୍ରୀଛାତ୍ର ଶିକ୍ଷକତା କରିବାକୁ ଆସୁନାହାନ୍ତି, ଶିକ୍ଷାର ମାନ କମିଯାଉଛି। ଶିକ୍ଷକମାନଙ୍କ ଉପରେ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣ ରହୁନାହିଁ କାରଣ ନିଯୁକ୍ତି ଏବଂ ବଦଳିରେ କର୍ତ୍ତୃପକ୍ଷ ଅର୍ଥ ଉପାର୍ଜନ କରୁଛନ୍ତି। ସରକାରୀ ସ୍କୁଲର ଶିକ୍ଷକଙ୍କ ଦରମାରେ ଅନେକ ବୈଷମ୍ୟ ଯୋଗୁ ଶିକ୍ଷକମାନେ ମାସ ମାସ ଧରି ରାଜଧାନୀରେ ଡେରା ପକାଇଥାନ୍ତି। ଫଳରେ ଶିକ୍ଷାର ମାନ ଦିନକୁ ଦିନ କମିବାରେ ଲାଗିଛି। ପିଲାମାନେ ଦଣ୍ଡମୁକ୍ତ ଅଞ୍ଚଳରେ ଅଣ୍ଡାଯୁକ୍ତ ଖାଦ୍ୟ ଖାଇ ହେଣ୍ଡା ମାରିବାଟା ସାର ହେଉଛି।

ବାସନ୍ତୀ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ରାଉରକେଲା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ପୁରୀ ରଥଯାତ୍ରାରେ ପାନୀୟ ଜଳ ଯୋଗାଣ ପାଇଁ ଏମ୍‌ସିଏଲ୍ ଦେଲା ୨୦ ଲକ୍ଷ ଟଙ୍କା

ସମ୍ବଲପୁର, ୨।୭ (ବ୍ୟୁରୋ)
ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଦେଶ, ବିଦେଶରୁ ଭକ୍ତମାନେ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ୨୦ ଲକ୍ଷ ଟଙ୍କା ପାନୀୟ ଜଳ ଯୋଗାଣ ସକାଶେ ସହାୟତା ଦେଇଛି। କମ୍ପାନୀ ପକ୍ଷରୁ ମଞ୍ଜୁର କରାଯାଇଥିବା ଏହି ଟଙ୍କା ପୁରୀ ଆରଡବ୍ଲୁଏସ୍ଏସ୍ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀଙ୍କ ନାମରେ ପ୍ରଦାନ କରାଯାଇଛି। ମଙ୍ଗଳବାର ଏମ୍‌ସିଏଲ୍ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ବିବୃତିରେ ଏହି ସୂଚନା ଦିଆଯାଇଛି।

### ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟିଲା ଟ୍ରକ୍

ନାକଟିଦେଉଳ,୨।୭(ଡି.ଏନ୍.ଏ.
ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ରାଞ୍ଚି-ବିଜୟାୱାଡ଼ା ଜାତୀୟ ରାଜପଥର ବାଟଗାଁ ପଣସି ଛକଠାରେ ମଙ୍ଗଳବାର ଭୋର ୪ଟାରେ ଭାରସାମ୍ୟ ହରାଇ ଏକ ସିମେଣ୍ଟ ବୋଝେଇ ଟ୍ରକ ରାସ୍ତା ତଳକୁ ଓଲଟି ପଡ଼ିଛି । ଓଆର୧୭ଏଚ-୫୯୯୯ ନମ୍ବର ବିଶିଷ୍ଟ ଏହି ଦଶ ଚକିଆ ଟ୍ରକଟି ସମ୍ବଲପୁରରୁ ସିମେଣ୍ଟ ବୋଝେଇ କରି ଜଗତସିଂହପୁରକୁ ଯାଉଥିଲା । ତେବେ ମଙ୍ଗଳବାର ବଡ଼ି ଭୋରରୁ ବାଟଗାଁ ପଣସି ଛକଠାରେ ଥିବା ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡ଼ି ଓଲଟି ଯାଇଥିଲା । ଏହି ଦୁର୍ଘଟଣାରେ କେହି ମୃତାହତ ହୋଇ ନାହାନ୍ତି। ଏ ନେଇ ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରିଛି।

### ନିଶା କାରବାରରେ ୩ ଅଭିଯୁକ୍ତ ଗିରଫ

ସମ୍ବଲପୁର,୨।୭(ବ୍ୟୁରୋ)
ସମ୍ବଲପୁର ଜିଲା ହୀରାକୁଦ ଥାନା ପୋଲିସ ବେଆଇନ ନିଶାଦ୍ରବ୍ୟ ବିକ୍ରି କରୁଥିବା ଅଭିଯୋଗରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନେ ହେଲେ ଲରପଙ୍କ ଗ୍ରାମର ଅଶୋକ ପ୍ରଧାନ, ରାଜେନ୍ଦ୍ର ବିଶ୍ୱାସ, ଦୁର୍ଗାମନ୍ଦିର ନିକଟସ୍ଥ ଗୌତମ ମହାନନ୍ଦ। ଏ ନେଇ ଥାନାରେ ପୃଥକ ପୃଥକ ୩ଟି ମାମଲା ରୁଜୁ ହୋଇଛି ।

### ୩ୟ ଶ୍ରେଣୀକୁ ପଦୋନ୍ନତି ମାଗୁଛନ୍ତି ଭିମ୍‌ସାର ୪ର୍ଥ ଶ୍ରେଣୀ କର୍ମଚାରୀ

ଚିପିଲିମା, ୨।୭ (ଡି.ଏନ.ଏ.)
ବୁର୍ଲା ଭିମ୍‌ସାର ମେଡିକାଲରେ ତୃତୀୟ ଶ୍ରେଣୀ କର୍ମଚାରୀ ପଦ ଖାଲି ପଡିଛି। ହେଲେ ବାହାରୁ ପ୍ରାର୍ଥୀଙ୍କୁ ଏହି ପଦରେ ନିଯୁକ୍ତ କରିବା ପାଇଁ ମସୁଧା ଚାଲିଛି । ଏ ନେଇ ବୁର୍ଲା ଶାଖା ଓଡିଶା ମେଡିକାଲ କର୍ମଚାରୀ ସଂଘ ପ୍ରତିବାଦ କରିଛି। ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଯୋଗ୍ୟତା ଭିତ୍ତିରେ ତୃତୀୟ ଶ୍ରେଣୀ କର୍ମଚାରୀ ଭାବେ ପଦୋନ୍ନତି ଦେବାକୁ ଗତ ୧୯ ତାରିଖରେ ଭିମସାର କର୍ତ୍ତୃପକ୍ଷଙ୍କଠାରେ ଦାବି କରାଯାଇଥିଲା । ହେଲେ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଣୁ ମଙ୍ଗଳବାର ପୁଣିଥରେ ମେଡିକାଲ କର୍ମଚାରୀ ସଂଘ ସମ୍ପାଦକ ଶିବ କୁମାର ସିନ୍ଦ୍ରିଆ ଭିମସାର କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ଦେଇଛନ୍ତି। ୩ ଦିନ ମଧ୍ୟରେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ୩ୟ ଶ୍ରେଣୀକୁ ପଦୋନ୍ନତି ଦିଗରେ ପଦକ୍ଷେପ ନ ନେଲେ କିମ୍ବା ଏ ନେଇ ସଂଘ ସହ କୌଣସି ଆଲୋଚନା ନ କଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଯାଇଛି । ଏଥିପାଇଁ ଯେଉଁ ପରିସ୍ଥିତି ହେବ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି କୁହାଯାଇଛି । ଏ ନେଇ ସ୍ମାରକପତ୍ର ଭିମସାର ଅଧୀକ୍ଷକ ପ୍ରଫେସର ଡ. ଜୟଶ୍ରୀ ଦୋରାଙ୍କୁ ଦିଆଯାଇଛି। ଏହାର ନକଲ ଭିମ୍‌ସାର ନିର୍ଦ୍ଦେଶକ, ଅଧକ୍ଷ, ଏସ୍‌ପି, ଉତ୍ତରାଞ୍ଚ ରାଜସ୍ୱ କମିଶନର ପ୍ରମୁଖଙ୍କୁ ଦିଆଯାଇଥିବା ସୂଚନା ଦିଆଯାଇଛି ।

### ପାଇପ୍ ବିଛାଇବା ପରେ ପରେ ମରାମତି ହେଉନାହିଁ

ସମ୍ବଲପୁର,୨।୭(ବ୍ୟୁରୋ)
ସମ୍ବଲପୁର ମହାନଗର ନିଗମ ଅଧୀନ ବୁଡାକଟା ଗ୍ରାମରେ ଅମୃତ ଯୋଜନାରେ ଗ୍ରାମ ରାସ୍ତା ମଝିରେ ପାଇପ ବିଛାିବା କାମ ପ୍ରାୟ ୨ ମାସ ହେବ ସମ୍ପୂର୍ଣ୍ଣ ହୋଇଛି । ହେଲେ ପାଇପ ବିଛା ପରେ କାମ କରୁଥିବା ଠିକାଦାର ରାସ୍ତାକୁ ମରାମତି କରୁନାହାନ୍ତି ବୋଲି ଅଭିଯୋଗ ହେଉଛି । ଏ ନେଇ ପିଏଚଡି ବିଭାଗ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏବେ ବର୍ଷା ସମୟ। ତେଣୁ ଦୁର୍ଘଟଣା ଆଶଙ୍କା ରହୁଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଗଛ ଲଗାଇ ଟଙ୍କା ପାଇନାହାନ୍ତି ଶ୍ରମିକ

ସମ୍ବଲପୁର,୨।୭(ବ୍ୟୁରୋ)



ସମ୍ବଲପୁର ସଦର ରେଞ୍ଜ ଅଫିସକୁ ଅଭିଯୋଗ କରିବାକୁ ଆସିଥିବା ଶ୍ରମିକମାନେ ।

**ଆମଲିପାନୀ ଗ୍ରାମ**
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରତି ଲୋକଙ୍କ ବିଶ୍ୱାସ ତୁଟୁଛି
- ଗରିବଙ୍କ ଟଙ୍କା ହଡପ କରିବାକୁ ଜଙ୍ଗଲ ବିଭାଗର ଚକ୍ରାନ୍ତ
- ୬ ମାସ ହେଲା ବାରମ୍ବାର ମାଗି ମାଗି ବି ଟଙ୍କା ମିଳୁନି
- ଯୁଯୁମୁରା ରେଞ୍ଜ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ଗରିବ ଲୋକଙ୍କୁ ରୋଜଗାର ଦେବା ପାଇଁ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପ୍ରଣୟନ କରିଛନ୍ତି । ଏହି ଯୋଜନା ସମସ୍ତ ବିଭାଗରେ କାର୍ଯ୍ୟକାରୀ ହେଉଛି । ବନ ବିଭାଗ ପକ୍ଷରୁ ଶ୍ରମିକମାନଙ୍କୁ ଗଛ ଲଗାଇବା ସହ ଏହାର ରକ୍ଷଣାବେକ୍ଷଣ କାମରେ ନିୟୋଜନ କରାଯାଇଛି। ହେଲେ ମଜୁରୀ ଟଙ୍କା ଦେବାରେ ବିଳମ୍ବ କରାଯାଉଛି। ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଆମଲିପାନୀ ଗ୍ରାମର ଶ୍ରମିକମାନେ ଏହି ଯୋଜନା ଅଧୀନରେ ଗଛ ଲଗାଇ ମଧ ୬ ମାସ ହେଲା ମଜୁରୀ ବାବଦକୁ ପାଇ ନାହାନ୍ତି। ଶେଷରେ ଅସନ୍ତୋଷ ପ୍ରକାଶ କରି ମଙ୍ଗବାର ଯୁଯୁମୁରାଠାରେ ଥିବା ରେଞ୍ଜ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସକାଳ ୯ ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅଫିସରେ ବସିବା ପରେ ବି କୌଣସି ଅଧିକାରୀ ପହଞ୍ଚି ନ ଥିଲେ। ଶେଷରେ ଯୁଯୁମୁରା ଫରେଷ୍ଟର ସୁନୀଲ ଖିଲାରି ପହଞ୍ଚି ଏମାନଙ୍କ ସହ ଆଲୋଚନା କରିଥିଲେ। ଫରେଷ୍ଟର ଖିଲାରୀଙ୍କୁ ଶ୍ରମିକମାନଙ୍କ ଆକ୍ରୋଶର ଶିକାର ହେବାକୁ ପଡିଥିଲା । ତେବେ ଶୀଘ୍ର ଟଙ୍କା ପ୍ରଦାନ କରାଯିବ ଓ ଏ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି। ଫରେଷ୍ଟର ପ୍ରତିଶ୍ରୁତି ଦେବା ପରେ ଏମାନେ ଫେରିଥିଲେ। ଫେବୃୟାରୀରେ ଏହି ଶ୍ରମିକମାନେ ଜଙ୍ଗଲରେ ଗଛ ଲଗାଇଥିଲେ। ଗ୍ରାମର ୩୪ ଜଣ ଶ୍ରମିକ ୨ଟି ପର୍ଯ୍ୟାୟରେ ମୋଟ ୨୬ ଦିନ କାମ କରିଛନ୍ତି । ପ୍ରତ୍ୟକ ଶ୍ରମିକ ଦିନକୁ ୨୮୦ ଟଙ୍କା ମଜୁରୀ ହିସାବରେ ମୋଟ ୭୨୮୦ ଟଙ୍କା ପାଇବା କଥା। ହେଲେ ଏ ପର୍ଯ୍ୟନ୍ତ ସେମାନଙ୍କ ପାଉଣା ପାଇ ନାହାନ୍ତି । ଫରେଷ୍ଟରଙ୍କୁ ଏ ସମ୍ପର୍କରେ ବରମ୍ବାର କହିଲେ ଆଜି କାଲି ଦିଆ ଯିବ ବୋଲି ଦିନ ଗଡାଇ ଚାଲିଛନ୍ତି। ଓଲଟା ଟଙ୍କା ନ ଦେଇ ଧମକ ଦେଉଛନ୍ତି ବୋଲି ମଧ ଏହି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ସମସ୍ତେ ଗରିବ ପରିବାରର ହୋଇଥିବାରୁ ଚଳିବା କଷ୍ଟକର ହୋଇ ପଡିଛି । ବନ ବିଭାଗ କର୍ମଚାରମାନେ ଜାଣି ଶୁଣି ଏଭଳି କରୁଛନ୍ତି ବୋଲି ଏମାନେ ଅଭିଯୋଗ କରିଛନ୍ତି।

# ବନ ମହୋତ୍ସବ ଆରମ୍ଭ, ଗଛ ଲଗାଇବାକୁ ଆହ୍ୱାନ

ପଢ଼ିଆବାହାଲ/ ଧମା, ୨।୭ (ଡି.ଏନ୍.ଏ.)
ସମ୍ବଲପୁର ବନଖଣ୍ଡ ଧମା ବନାଞ୍ଚଳ ଅନ୍ତର୍ଗତ ମଥୁରା ପ୍ରସାଦ ଉଚ୍ଚ ବିଦ୍ୟାଳୟରେ ବନ ବିଭାଗ ଓ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ସୋମବାର ବନ ମହୋତ୍ସବ ସପ୍ତାହ ଆରମ୍ଭ ହୋଇଛି। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଡିଏଫ୍‌ଓ ସଞ୍ଜିତ କୁମାର ଓ ମୁଖ୍ୟବକ୍ତା ଭାବେ ଡିସିଏଫ୍ ପଙ୍କଜ କୁମାର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବନ ମହୋତ୍ସବ ପାଳନର ତାତ୍ପର୍ଯ୍ୟ, ଜଙ୍ଗଲର ଉପକାରିତା ଓ ତା'ର ସୁରକ୍ଷା ଉପରେ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ। ବ୍ୟାପକ ବୃକ୍ଷରୋପଣ ପାଇଁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଶେଷରେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ବନବିଭାଗ ପକ୍ଷରୁ ସମସ୍ତଙ୍କୁ ଚାରା ଓ ଶିଡ୍ ବଲ୍ (ମାଟି ଗୋଳା ଭିତରେ ଥିବା ମଞ୍ଜି) ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଧମା ବନାଞ୍ଚଳ ଅଧିକାରୀ ବିଦ୍ୟାଧର ସାହୁ, ଫରେଷ୍ଟର ସୁରେନ୍ଦ୍ର କୁମାର ଡନସେନା ପରିଚାଳନା କରିଥିଲେ। ଶିକ୍ଷକ ପାର୍ଥସାରଥି ପ୍ରଧାନ ଧନ୍ୟବାଦ ଦେଇଥିଲେ।

**ରେଙ୍ଗାଲି,(ଡି.ଏନ୍.ଏ.)**
ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ନୂଆଁରମ୍ଭେଲା ଗ୍ରାମରେ ରେଙ୍ଗାଲି ବନ ବିଭାଗ ଏବଂ ସ୍ୱାଧୀନ ଏକତା ସଂଗଠନ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବିଆର୍‌ସିସି ବିନୋଦ ବିହାରୀ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରେଙ୍ଗାଲି ରେଞ୍ଜର ହରିହର ପାତ୍ର ବନ ମହୋତ୍ସବର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ବୃକ୍ଷରୋପଣ କରାଯାଇଥିଲା। ସ୍ୱାଧୀନ ଏକତା ସଂଗଠନର ସଭାପତି ରାଜୀବ ମିଶ୍ର ସଭା ପରିଚାଳନା କରିଥିବାବେଳେ ପଦ୍ମନାଭ ଭୋଇ ଧନ୍ୟବାଦ ଅର୍ପଣ କରିଥବଲେ। ବନ ମହୋତ୍ସବ ଅଧିକାରୀ କେଶବ ଚନ୍ଦ୍ର ଓରାମ, କରୁଣା ବର୍ମା, ସମସ୍ତ ବନବିଭାଗ କର୍ମଚାରୀ, ସଂଗଠନର ସମସ୍ତ ସଦସ୍ୟା, ଗ୍ରାମର ମହିଳା, ଯୁବକ ପ୍ରମୁଖ ସହଯୋଗ କରିଥିଲେ। ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁମାନେ ମଧ୍ୟ ଯୋଗଦେଇଥିଲେ।

**ରେଢ଼ାଖୋଲ,(ଡି.ଏନ୍.ଏ.)**
ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ରେଞ୍ଜ ପକ୍ଷରୁ ସୋମବାର ବନ ମହୋତ୍ସବ ସପ୍ତାହ ପାଳନ ଆରମ୍ଭ ହୋଇଛି। ବଡ଼ବାହାଳ ରେଞ୍ଜ ପକ୍ଷରୁ ଟାଲ ରିଜର୍ଭ ଫରେଷ୍ଟର ପୋଡ଼ାବଲଣ୍ଡାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବଡ଼ବାହାଳ ରେଞ୍ଜ ଅଧିକାରୀ ଦିଲୀପ କୁମାର ଧଳ, କାଉନସିଲର ଗୋପବନ୍ଧୁ ବାହୁକ, ବନ ସୁରକ୍ଷା ସମିତି ସଭାପତି ବନମାଳୀ ପ୍ରଧାନ, ଫରେଷ୍ଟର ସୁରେନ୍ଦ୍ର ସାହୁ, ଶ୍ରୀବତ୍ସ କିଷାନ, ବେଣୁଧର ବେହେରା, ଫରେଷ୍ଟ ଗାର୍ଡ ଚିତ୍ତରଞ୍ଜନ ମିରି, ସାମାଜିକ କର୍ମୀ ସାଧୁଚରଣ ବେହେରାଙ୍କ ସମେତ ବନ କର୍ମଚାରୀ ଓ ଗ୍ରାମବାସୀ ବୃକ୍ଷରୋପଣ କରିଥିଲେ। ଶିରିଷ, ଅଁଳା, ଶିଶୁ ଆଦି ପ୍ରଜାତିର ୨ ହଜାର ଚାରାରୋପଣ କରାଯାଇଥିଲା।

**ନାକଟିଦେଉଳ,(ଡି.ଏନ୍.ଏ.)**
ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଡଇଁଚା ପଞ୍ଚାୟତ ମୁଟୁରୁମୁଣ୍ଡା ଆଶ୍ରମ ସ୍କୁଲ ପରିସରରେ ସୋମବାର ରେଢ଼ାଖୋଲ ବନାଞ୍ଚଳ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ସ୍କୁଲ ପରିସରରେ ବିଭିନ୍ନ ପ୍ରଜାତିର ୨ଶହ ଚାରାରୋପଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ପରମେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ରେଢ଼ାଖୋଲ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ସେଠୀ, ବନପାଳ ପ୍ରିୟଦର୍ଶୀ ପ୍ରଧାନ, ନାରାୟଣ ନାଏକ, ପିସକା ଲାକ୍ରା ପ୍ରମୁଖ ଯୋଗଦେଇ ପରିବେଶ ସନ୍ତୁଳନ ଏବଂ ସୁସ୍ଥ ପରିବେଶ ଗଠନ ଦିଗରେ ବନ ମହୋତ୍ସବ ପାଳନର ଆବଶ୍ୟକାତା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଡଇଁଚା ସେକ୍ସନ ବନରକ୍ଷୀ ରାମନାରାୟଣ ମେଣ୍ଟୁଳି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ରହ୍ମପୁରା ଠାକୁରଙ୍କ ନବଯୌବନ ବେଶ ଦର୍ଶନ



ମଙ୍ଗଳବାର ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରାଙ୍କ ନବଯୌବନ ବେଶ ।



ମୁଦିପଡା ଠାକୁରଙ୍କ ନବଯୌବନ ବେଶ ।

ସମ୍ବଲପୁର,୨।୭(ବ୍ୟୁରୋ)
ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ଠାକୁର ମଙ୍ଗଳବାର ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଦେବସ୍ନାନ ପୂର୍ଣ୍ଣିମା ପରେ ଠାକୁର ଅଣସର ଘରେ ରହିଥିଲେ। ପରବର୍ତ୍ତୀ ସମୟରେ ନିୟମାନୁସାରେ ଠାକୁରଙ୍କୁ ପଞ୍ଚମୂଳ ଓ ଦଶମୂଳ ଅର୍ପଣ କରାଯାଇଥିଲା । ଏହାପରେ ଠାକୁର ସୁସ୍ଥ ହୋଇଥିଲେ । ମଙ୍ଗଳବାର ପ୍ରାତଃରେ ସ୍ୱତନ୍ତ୍ର ଆଳତି ହେବାପରେ ପୂଜାର୍ଚ୍ଚନା କରାଯାଇଥିଲା । ଅପରାହ୍ନ ୨ଟାରୁ ରାତି ୧୦ଟି ପର୍ଯ୍ୟନ୍ତ ଭକ୍ତମାନେ ନବଯୌବନ ବେଶ ଦର୍ଶନ କରିଥିଲେ । ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ସେହିପରି ମୁଦିପଡା ଜଗନ୍ନାଥ ଠାକୁରଙ୍କ ସମେତ ସହରର ବିଭିନ୍ନ ସ୍ଥାନରେ ନେତ୍ରୋତ୍ସବ ସହ ନବଯୌବନ ଦର୍ଶନ ନୀତି ଅନୁଷ୍ଠିତ ହୋଇଯାଇଛି ।

# ଜିଏମ୍‌ୟୁରେ ୧୪୪ ପଦ ପୂରଣ ପାଇଁ ସରକାରଙ୍କ ସ୍ୱୀକୃତି

- ପୂର୍ବର ୩୨ଶହ ଆବେଦନ ରଦ୍ଦ ହେବ

ସମ୍ବଲପୁର,୨।୭(ବ୍ୟୁରୋ)
ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ (ଜିଏମ୍‌ୟୁ)ରେ ଖାଲି ପଡିଥିବା ବିଭିନ୍ନ ପଦ ଖୁବ୍ ଶୀଘ୍ର ପୂରଣ ହେବ। ରାଜ୍ୟ ସରକାର ୧୪୪ ପଦ ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏନେଇ ଜିଏମ୍‌ୟୁ ଉପ କୂଳ ସଚିବ ଉମାଚରଣ ପତି କହିଛନ୍ତ ଯେ, ପୂର୍ବରୁ ବିଭିନ୍ନ ପଦ ପାଇଁ ଆବେଦନ କରିଥିବା ୩୨ ଶହ ଆବେଦନ ଫର୍ମକୁ ରଦ୍ଦ କରାଯିବ । ହେଲେ ପୂର୍ବରୁ ଆବେଦନ କରିଥିବା ପ୍ରାର୍ଥୀମାନେ ପୁଣି ଥରେ ଆବେଦନ କରିପାରିବେ । ସେମାନେ ଆବେଦନ ଫି ୨୫ ଶହ ଟଙ୍କା ବଦଳରେ ମାତ୍ର ୨୫୦ ଟଙ୍କା ଦେବାକୁ ପଡିବ। ହେଲେ ନୂଆ ଆବେଦନକାରୀଙ୍କୁ ପୂରା ୨୫ ଶହ ଟଙ୍କା ଦେବାକୁ ପଡିବ। ସୂଚନା ଯୋଗ୍ୟ ଯେ, ବିଶ୍ୱବିଦ୍ୟାଳୟରେ ୯୬ ଅଧ୍ୟାପକ ପଦ ସହ ଅନ୍ୟାନ୍ୟ ପଦ ମଧ୍ୟ ଖାଲି ପଡିଛି । ଅତିଥି ଅଧ୍ୟାପକଙ୍କ ଭରସାରେ ପାଠ ପଢା ଚାଲିଛି। ତେଣୁ ୨୦୧୮ ଜୁନରେ ଅଧ୍ୟାପକ ନିଯୁକ୍ତି ପାଇଁ ପକ୍ରିୟା ଆରମ୍ଭ ହୋଇଥିଲା । ସେ ସମୟରେ ୩୨ ଶହ ଆବେଦନ ଆସିଥିଲା। ହେଲେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦେଶର ଅନ୍ୟ ବିଶ୍ୱ ବିଦ୍ୟାଳୟ ସହ ଜିଏମ୍‌ୟୁରେ ମଧ ରହିତାଦେଶ ଲାଗୁ ହୋଇଥିଲା । ହେଲେ ଏବେ ପୁଣି ଥରେ ରାଜ୍ୟ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି।

# ଭାରତ ବିକାଶ ପରିଷଦର ସ୍ୱତନ୍ତ୍ର ଅଧିବେଶନ

ସମ୍ବଲପୁର, ୨।୭ (ବ୍ୟୁରୋ)




ମଙ୍ଗଳବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଭାରତ ବିକାଶ ପରିଷଦର ସ୍ୱତନ୍ତ୍ର ଅଧିବେଶନରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ।

ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖାର ସ୍ୱତନ୍ତ୍ର ଅଧିବେଶନ ମଙ୍ଗଳବାର ରାତିରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଡ. ବିନୋଦ ବିହାରୀ ନାୟକଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ଭାରତ ବିକାଶ ପରିଷଦ ଜାତୀୟ ସଂଗଠନ ସମ୍ପାଦକ ସୁରେଶ ଜେନ, ଜାତୀୟ ସହ ସାଧାରଣ ସମ୍ପାଦକ ବାଲ୍ମୀକି କୁମାର ଅତିଥି ଭାବେ ଯୋଗ ଦେଇଥିଲେ । ଭାରତର ସଂସ୍କୃତି, ଲୋକମାନଙ୍କର ସେବା ଓ ସଂସ୍କାର ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଉପସଭାପତି ପ୍ରଫେସର ସୁଦର୍ଶନ ପୂଜାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ସହ ସମ୍ପାଦକ ମକଧ୍ୱଜ ଯୋଶୀ ସ୍ୱାଗତ ଭାଷଣ ଓ ସହସମ୍ପାଦକ ସୁକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଧନୁପାଲି ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରିଥିଲେ। ପ୍ରଫେସର ବୃନ୍ଦାବନ ବିହାରୀ ମିଶ୍ର ଓ ପ୍ରଫେସର ନନ୍ଦିକିଶୋର ପୂଜାରୀ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ । ପରିଷଦର ପ୍ରାନ୍ତୀୟ ସଂଯୋଜକ ଶ୍ୟାମସୁନ୍ଦର ଶର୍ମା ଓ ଜେ ଗିରିଜା ଦେବୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଆରଣ୍ୟକ ମଞ୍ଚରେ ନୃତ୍ୟ ପ୍ରତିଯୋଗିତା

ସମ୍ବଲପୁର,୨।୭(ବ୍ୟୁରୋ)
ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚରେ ସମଲେଇଶ୍ୱରୀ କଲଚୁରାଲ ଏକାଡେମୀ ( ଉମିଦ) ପକ୍ଷରୁ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ଜିଲାରୁ ପ୍ରତିଯୋଗୀ ମାନେ ଭାଗ ନେଇଥିଲେ । ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ବରଗଡ ଜିଲା ନିର୍ମାଣ ଶ୍ରମିକ ମହାସଂଘ ଡୋଲମଣୀ ବେହେରା ଯୋଗ ଦେଇଥିଲେ । ସବ୍ ଜୁନିୟର ବିଭାଗରେ ଶ୍ରୀୟା ଚକ୍ରବର୍ତ୍ତୀ, ଖିରାଦ୍ରୀ ବିଶ୍ୱାଳ, ପ୍ରିୟାଂଶି ସାହୁ, ଜୁନିୟର ବିଭାଗରେ ଅଲିଶା ମିରା, ସ୍ୱସ୍ତିକ ମହାକୁଡ, ଆରୟନ ଦତ୍ତ, ସିନିୟର ବିଭାଗରେ ଜଗନ ପୃଷ୍ଟି, ପ୍ରିୟଙ୍କା ସୁନା, ଅକ୍ଷୟ କଲେତ ପ୍ରମୁଖ ବିଜୟୀ ହୋଇଥିଲେ । ଅନୁଷ୍ଠାନ ସଭାପତି ସଚିନ କୋକ୍, ସଂପାଦକ ଗିରିଜା ଶଙ୍କର ମିଶ୍ର, କୋଷାଧ୍ୟକ୍ଷ ରିତକ୍ ଶରକାରଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।




ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚରେ ନୃତ୍ୟ ପ୍ରତିଯୋଗିତାରେ ପୁରସ୍କୃତ କରାଯାଉଛି ।

# ଶ୍ରୀ ଜଗନ୍ନାଥ ମନ୍ଦିରରେ ନେତ୍ର ଉତ୍ସବ

ବାମରା, ୨।୭ (ସ୍ୱ.ପ୍ର.)
ଗୋବିନ୍ଦପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ନେତ୍ର ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ତିନି ଠାକୁରଙ୍କ ନିକଟରେ ହୋମଯଜ୍ଞ, ଆଳତି, ପୁଷ୍ପାଞ୍ଜଳି ପରେ ସମ୍ବଲପୁରୀ ପାଟ ବସ୍ତ୍ର ପରିଧାନ କରାଯାଇଥିଲା । ଅଜୟ ପୁରୋହିତ ଓ ଅନ୍ୟମାନେ ପୂଜାର୍ଚ୍ଚନା କରିଥିଲେ। ମୁକୁଟ ଓ ଅନ୍ୟାନ୍ୟ ଆଭୂଷଣ ଦେଇ ଶୃଙ୍ଗାର କରାଯାଇଥିଲା । ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭ୍ୟାସଭ୍ୟ, ଗ୍ରାମବାସୀ ଓ ଶ୍ରଦ୍ଧାଳୁଏଥିରେ ସାମିଲ ହୋଇଥିଲେ । ମୁଖ୍ୟକର୍ତ୍ତା ଭାବେ ଗୋବିନ୍ଦପୁର ଜମିଦାର ସଞ୍ଜୀବ ପାଲ ଦାୟିତ୍ୱ ତୁଲାଇଥିଲେ।

# ସୁଭାଷ ସୂପକାରଙ୍କୁ ପଦୋନ୍ନତି

ସମ୍ବଲପୁର,୧।୭(ବ୍ୟୁରୋ)
ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ବଲପୁର ଡେପୁଟି ଡାଇରେକ୍ଟର ଭାବେ କାର୍ଯ୍ୟରତ ଥିବା ସୁଭାଷ ସୂପକାରଙ୍କ ପଦୋନ୍ନତି ହୋଇଛି । ତାଙ୍କୁ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ମିଳିଛି। ଝାରସୁଗୁଡା, ସମ୍ବଲପୁର, ସୋନପୁର, ବଲାଙ୍ଗୀର, ଜିଲାରେ ସେ ଡିଆଇପିଆରଓ ଭାବେ ଦାୟିତ୍ୱ ତୁଲାଇଛନ୍ତି। ୩ ବର୍ଷ ହେଲା ଉତ୍ତରାଞ୍ଚଳ ଡିଭିଜନର ସମ୍ବଲପୁର ଅଫିସରେ କାର୍ଯ୍ୟ ତୁଲାଉଛନ୍ତି।



ସୁଭାଷ ସୂପକାର ।

## କୁକୁଡ଼ା ପାଳନ



❖କୁକୁଡ଼ାଘର ଭିତରକୁ ଶୁଖିଲା ରଖନ୍ତୁ ।
❖ପ୍ରତି ୧୦୦ ବର୍ଗଫୁଟରେ ୮ କି.ଗ୍ରା. ଚୂନ ପକାଇ ଦିଅନ୍ତୁ ।
❖କକ୍‌ସିଡିଆ ପ୍ରତିଷେଧକ ଔଷଧ ଦାନା କିମ୍ବା ପାଣିରେ ମିଶାଇ ଖାଇବାକୁ ଦିଅନ୍ତୁ ।
❖ରାଣୀକ୍ଷେତ, ଆଇବିଡି ରୋଗର ଟିକା ଯଥାକ୍ରମେ ୫ ରୁ ୭ ଦିନ ଓ ୧୨ ରୁ ୧୪ ଦିନ ବୟସର ବ୍ରଏଲର କୁକୁଡ଼ାମାନଙ୍କୁ ଦିଅନ୍ତୁ ।

## ମନେରଖନ୍ତୁ

-ଗୋଟିଏ ଜମିରେ ବାରମ୍ବାର ଗୋଟିଏ ଫସଲ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରନ୍ତୁ ।
-ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ତଥା ପରାଗ ସଙ୍ଗମକୁ କ୍ଷତି କରିବ । ତେଣୁ ଅପରାହ୍ଣରେ ସିଞ୍ଚନ କରନ୍ତୁ ।
-ପରାଶ୍ରୟୀ ପୋକଙ୍କୁ ପ୍ରୟୋଗକରି କୀଟ ନିୟନ୍ତ୍ରଣ କରିବା ପାଇଁ କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରନ୍ତୁ ।



## ଆଖୁ

❖ଜମିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।
❖ଫସଲ ୪-୫ ମାସର ହୋଇଥିଲେ ଭେଲା ବନ୍ଧା କାମ କରନ୍ତୁ ।
❖ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ । ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ମନୋକ୍ରୋଟୋଫସ୍ କିମ୍ବା ଫିପ୍ରୋନିଲ୍ କିମ୍ବା ଇଣ୍ଡକ୍ସାକାର୍ବ ୫୦୦ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ ।
❖ସଅଳ କାଣ୍ଡବିନ୍ଧା କୀଟକୁ ଦମନ କରିବା ପାଇଁ ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ ।
❖୯୦ ରୁ ୧୦୦ ଦିନ ମଧ୍ୟରେ ହୋଇଥିଲେ ଏବଂ ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।



# ଏ ମାସର କୃଷି ସୂଚନା

**ଧାନ :** ଅନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ ।
-ତଳି ପ୍ରସ୍ତୁତି: ଏକ ହେକ୍ଟର ଜମି ପାଇଁ ୨୫ ଡିସିମିଲି ଜମିରେ ତଳି ପକାନ୍ତୁ । ତଳି କିଆରିକୁ ଭଲ ଭାବରେ ଚାଷକରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ । ପଟାଳି ଗୁଡ଼ିକର ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡ଼ିବେ, କାରଣ ସେହି ନାଳଦେଇ ବେଶି ବର୍ଷାହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ । ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ପଟାଳି ଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ଛଡ଼ାରେ ଧାଡ଼ି ଧାଡ଼ି କରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ । ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ଚିବେ । ବିହନକୁ ଫିମ୍ପିନାଶକରେ ବିଶୋଧନକରି ପଟାଳିରେ ବୁଣନ୍ତୁ ।
-ସଅଳ କିସମର ଧାନତଳି ୨୦-୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫-୩୦ ଦିନର ହେଲେ ରୋଇ ଦିଅନ୍ତୁ ।
-ବୁଣାଧାନ ୩୦-୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ଜମିଲେ ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।
-ଧଣିଚା ବୁଣାଯାଇଥିଲେ ହେକ୍ଟର ପ୍ରତି ୬୦୦ ଗ୍ରାମ୍ ୨,୪-ଡି ସୋଡିୟମ୍ ସଲ୍‌ଟ ପ୍ରୟୋଗକରି ଧଣିଚା ମରିଗଲା ପରେ ଜମିରେ ଚାଷକରି ମାଟିରେ ମିଶାଇ ଦିଅନ୍ତୁ କିମ୍ବା ଧଣିଚାକୁ ସିଧାସଳଖ ହଳ ଦ୍ୱାରା ମାଟିରେ ମିଶାଇ ଦିଅନ୍ତୁ। ଏହା ଧଣିଚା ୬ରୁ ୭ ସପ୍ତାହ ହେଲାବେଳକୁ କରାଯାଏ।
-ଚଳିତ ମାସ ମଧ୍ୟଭାଗରୁ ଧାନ ରୋଇବା ଆରମ୍ଭ କରନ୍ତୁ । ଜମି କାଦୁଅ ପାଇଁ ଟ୍ରାକ୍ଟର ଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟର ଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇପାରିବେ ।
-ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ ।
-ସଘନ ଧାନଚାଷ (ଶ୍ରୀ ପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ।

## ମାଛଚାଷ

ମାଛଚାଷ ଲାଗି ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ । ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୂପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ । କାରଣ ବିଭିନ୍ନ ପ୍ରକାର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି । ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୁଚାରୁ ରୂପେ ବଢ଼ିଥାନ୍ତି । ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ । ଏହି ପ୍ରଣାଳୀରେ ହେଉଥିବା ମାଛ ଚାଷକୁ ସଘନ ମାଛଚାଷ କୁହାଯାଏ । କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ । ଫଳରେ ମାଛ ଉତ୍ପାଦନ କମିଯିବ । ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ ଟି ଜାତୀୟ ଏବଂ ୩ ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ । ସଘନ ମାଛଚାଷ ପାଇଁ ଏକ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ । କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଟି ଭାକୁର, ୧୬୦୦ଟି ରୋହି ଏବଂ ୧୨୦୦ଟି ମିରିକାଳି (୨୧ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛଚାଷ କରିବାକୁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ଏକର ପିଛା ଭାକୁର ୧୨୦୦ ଟି, ରୋହି ୧୬୦୦ ଟି, ମିରିକାଳି ୮୦୦ଟି ଏବଂ ବିଲାତି ରୋହି ୪୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ ।



୬ ପ୍ରକାର ମାଛଚାଷ ପାଇଁ ସାଧାରଣତଃ ଏକର ପିଛା ୮୦୦ ଗୋଟି ଭାକୁର ଓ ୪୦୦ ଗୋଟି ସିଲ୍‌ଭର କାର୍ପ, ୧୨୦୦ ଗୋଟି ରୋହି ଓ ୪୦୦ ଗୋଟି ଗ୍ରାସ୍ କାର୍ପ ଓ ୮୦୦ ଗୋଟି ମିରିକାଳି ଓ ୪୦୦ ଗୋଟି ବିଲାତି ରୋହି ଛଡ଼ାଯାଇଥାଏ ।

ଯାଆଁଳ ସକାଳ ବା ସନ୍ଧ୍ୟା ସମୟରେ ଛଡ଼ାଯାଏ । ଯାଆଁଳ ଛାଡ଼ିବା ପୂର୍ବରୁ ଯାଆଁଳ ମୁଣାକୁ କିଛି ସମୟ ପାଇଁ ପୋଖରୀ ପାଣିରେ ଭସାଇ ରଖିବା ଆବଶ୍ୟକ। ଏହାଦ୍ୱାରା ମୁଣା ଭିତରେ ଓ ବାହାରର ଉତ୍ତାପ ସମାନ ସ୍ତରକୁ ଆସିଥାଏ । ତା' ପରେ ମୁଣାଟିର ମୁହଁ ଖୋଲି ଧୀରେ ଧୀରେ ପୋଖରୀ ପାଣି ଭର୍ତ୍ତି କରନ୍ତୁ ଓ ମୁଣାଟିକୁ ତଳ ପାଖରୁ ଟେକି ଯାଆଁଳଗୁଡ଼ିକୁ ପୋଖରୀରେ ଛାଡ଼ନ୍ତୁ ।



-ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡ୍‌ର ବ୍ୟବହାରକରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।

**ଡାଲି ଜାତୀୟ ଫସଲ :**
-ଆଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ), ବିରି (ସାରଳା, ପ୍ରସାଦ, ଉଜାଲା), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ ।
-ବିହନକୁ ଫିମ୍ପିନାଶକ ଔଷଧ ଓ ଜୀବାଣୁ କଲ୍‌ଚର ଉପଚାର କରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜି ପ୍ରତି ୨୦୦ ଗ୍ରାମ୍ ହିସାବରେ ଜୀବାଣୁ କଲ୍‌ଚର ଆବଶ୍ୟକ ।
-ଘାସମରା ଔଷଧ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ ।
-ଘାସମରା ଔଷଧ ପ୍ରୟୋଗକରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ ।

**ଚିନାବାଦାମ :**
-ମଞ୍ଜିକୁ ଫିମ୍ପିନାଶକ (ରିଡୋମିଲ୍ ଏମ୍.ଜେଡ୍ -୨ ଗ୍ରାମ୍/ଥିରାମ୍ -୩ ଗ୍ରାମ୍ / କାର୍‌ବୋକ୍ସିନ୍ ଥିରାମ୍ - ୨ ଗ୍ରାମ୍ / ୧ କି.ଗ୍ରା. ମଞ୍ଜି ହିସାବରେ) ଓ ରାଇଜୋବିୟମ ୧୦ କି.ଗ୍ରା. ମଞ୍ଜି ପ୍ରତି ୨୦୦ ଗ୍ରାମ୍ ହିସାବରେ ଉପଚାର କରାଇ ପ୍ରଥମ ସପ୍ତାହ ମଧ୍ୟରେ ବୁଣି ଦିଅନ୍ତୁ । ବୁଣିବାର ଏକ ସପ୍ତାହ ପୂର୍ବରୁ ଫିମ୍ପିନାଶକ ଔଷଧ ଏବଂ ବୁଣିବା ଦିନ ଜୀବାଣୁ କଲ୍‌ଚର ଉପଚାର କରନ୍ତୁ।
-୩ ସପ୍ତାହର ଫସଲ ହୋଇଥିଲେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ଦେଇ ଦିଅନ୍ତୁ ।

**ସୂର୍ଯ୍ୟମୁଖୀ ଓ ରାଶି :**
-ବିହନକୁ ଫିମ୍ପିନାଶକ (କାର୍ବୋକ୍ସିନ୍/ଥିରାମ୍/ରିଡୋମିଲ୍ ଏମ୍.ଜେଡ୍ କି.ଗ୍ରା. ପ୍ରତି ୨ ଗ୍ରାମ୍ ହିସାବରେ) ନତୁବା ଥିରାମ୍ କି.ଗ୍ରା. ପ୍ରତି ୩ ଗ୍ରାମ୍ ହିସାବରେ ଉପଚାର କରାଇ ଏ ମାସର ମଧ୍ୟଭାଗ ସୁଦ୍ଧା ବୁଣା କାର୍ଯ୍ୟ ଶେଷ କରନ୍ତୁ । ରାଶି ଗଛ ସଂଖ୍ୟା ଅଧିକ ଥିଲେ ଦୁଇ ସପ୍ତାହ ମଧ୍ୟରେ ଆବଶ୍ୟକ ଗଛ ରଖି ଅନାବଶ୍ୟକ ଗଛ ଉପାଡ଼ି ଦିଅନ୍ତୁ ଏବଂ ୨୦-୨୧ ଦିନରେ କୋଡ଼ାଖୁସା କରି ଘାସ ବାଛି ସାର ପ୍ରୟୋଗ କରନ୍ତୁ ।

**ଫଳଚାଷ :** ଆମ୍ବ, ନଡ଼ିଆ, ପିଜୁଳି, ସପେଟା, ଲିଚୁ, ପଣସ, ଅମୃତଭଣ୍ଡା, କମଳା, ଲେମ୍ବୁ ଆଦିର ଉନ୍ନତ ବା ସଙ୍କର କିସମ ଗଛ କିମ୍ବା କଲମୀ ଗଛ ଆଣି ଅନୁମୋଦିତ ପ୍ରଣାଳୀରେ ରୋପଣ କରନ୍ତୁ ।
-କଲମୀ ଚାରାର ମାଆ ଗଛ ଅଂଶରୁ ବାହାରୁଥିବା ସମସ୍ତ ଗଜା ଡାଳକୁ ପ୍ରଥମରୁ ନଷ୍ଟ କରିଦିଅନ୍ତୁ ।
-ଫଳବଗିଚାରୁ ଘାସ ଓ ଅନାବନା ଗଛ ନଷ୍ଟକରି ସଫାସୁତୁରା ରଖନ୍ତୁ ।
-ପ୍ରଥମ ଦଫା ସାରକୁ ଏହି ସମୟରେ ଗଛମୂଳରେ ପ୍ରୟୋଗ କରନ୍ତୁ ।
-ଦରକାର ଅନୁଯାୟୀ ଫଳଗଛରେ କାଟଛାଣ୍ଟ କରନ୍ତୁ ।
-ଗଛ ମୂଳରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।

**ଗୋପାଳନ :**
-ଗୁହାଳର ଭିତର ଓ ବାହାର ପରିଷ୍କାର ରଖନ୍ତୁ ।
-ଫାଟୁଆ, ପ୍ଲିହା ଜ୍ୱର, ବଜବଜିଆ, ସାହାଣ ଆଦି ରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ଟିକା ଦିଅନ୍ତୁ ।
-ଗୋରୁଙ୍କର ଝାଡ଼ା ପରୀକ୍ଷାକରି କୃମି ଔଷଧ ଦିଅନ୍ତୁ ।
-ଗୁହାଳର କାନ୍ଥ, ଫାଙ୍କ ଓ କୋଣ ଜାଗାରେ କୀଟନାଶକ ସିଞ୍ଚନ କରନ୍ତୁ ।

**ଫସଲ ଯୋଜନା :**
-ବର୍ଷାଧାର ଜମିରେ ଧାନ ବଦଳରେ ବିଭିନ୍ନ ଅଣଧାନ ଫସଲ ଯଥା - ମକା, ମାଣ୍ଡିଆ, ମୁଗ, ବିରି, ଝୁଡ଼ଙ୍ଗ, ହରଡ଼, ଚିନାବାଦାମ, ରାଶି, ପନିପରିବା ଇତ୍ୟାଦି ଚାଷ କରନ୍ତୁ ।
-ମରୁଡ଼ିପ୍ରବଣ ଡିପ ଜମିରେ ଧାନ କିମ୍ବା ହରଡ଼ ସହିତ ବିଭିନ୍ନ ଅନ୍ତଃଫସଲ (ପନିପରିବା, ମକା, ଡାଲିଜାତୀୟ ଫସଲ) ଚାଷ କରନ୍ତୁ।

**-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର**

### ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ

## ଶିକ୍ଷକଙ୍କ ୯୫.୩୯ ଲକ୍ଷ ସମ୍ପତ୍ତି ଠାବ



ଶିକ୍ଷକଙ୍କ ଘରେ ଭିଜିଲାନ୍ସ ଅଧିକାରୀମାନେ ତନାଘନା ଚଲାଇଛନ୍ତି।

ବରଗଡ଼ ଅଫିସ/ପଦ୍ମପୁର,୨ ।୭

ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ବରଗଡ଼ ଜିଲା ପଦ୍ମପୁରସ୍ଥିତ ରାଜବୋରାସମ୍ବର ହାଇସ୍କୁଲର ସଂସ୍କୃତ ଶିକ୍ଷକ (ଜୁନିୟର ଏନସିସି ଅଫିସର) ମୋହନ ବନଛୋର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ଭିଜିଲାନ୍ସର ୪ଟି ପୃଥକ ଟିମ୍ ମଙ୍ଗଳବାର ଏକକାଳୀନ ଶିକ୍ଷକ ବନଛୋରଙ୍କ ପଦ୍ମପୁର କଲେଜଛକ (ବିଜୟନଗର)ସ୍ଥିତ ବାସଭବନ ସମେତ ରାଜବୋରାସମ୍ବର ହାଇସ୍କୁଲ, ବରିକେଲସ୍ଥିତ ପୈତୃକ ଘର ଏବଂ ଶ୍ୱଶୁରାଳୟରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ଖବର ଲେଖାହେବା ସୁଦ୍ଧା (ରାତ୍ରି ସାଢ଼େ ୭ଟା) ଶିକ୍ଷକ ବନଛୋରଙ୍କ ମୋଟ୍ ୯୫ଲକ୍ଷ ୩୯ହଜାର ୫୭୪ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆକଳନ କରାଯାଇଛି । ଠାବ ହୋଇଥିବା ସ୍ଥାବର ସମ୍ପତ୍ତି ମଧ୍ୟରେ ପଦ୍ମପୁର ବିଜୟନଗରରେ ୭୬ଲକ୍ଷ ୨୩ହଜାର ଟଙ୍କାର ତିନିମହଲା ବିଶିଷ୍ଟ କୋଠାଘର ଏବଂ ୩ଲକ୍ଷ ୯ହଜାର ଶହେ ଟଙ୍କାର ପ୍ଲଟ ରହିଛି । ସେହିପରି ଅସ୍ଥାବର ସମ୍ପତ୍ତି ମଧ୍ୟରେ ଦାମିକିଆ ଘରକରଣା ସାମଗ୍ରୀ, ଆସବାବପତ୍ର, ସୁନା, ରୂପା ଗହଣା, ଗୋଟିଏ ଲେଖାଏ ବୋଲେରୋ, ବୁଲେଟ୍, ହିରୋହୋଣ୍ଡା ଗ୍ଲାମର ବାଇକ୍ ରହିଛି ଏବଂ ସେସବୁର ଆନୁମାନିକ ମୂଲ୍ୟ ୧୩ଲକ୍ଷ ୯୪ହଜାର ୯୬୬ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏହାବାଦ୍ ବିଭିନ୍ନ ବ୍ୟାଙ୍କରେ ୧ଲକ୍ଷ ୬୯ହଜାର ୮୮୮ଟଙ୍କା ଜମାଥିବା ବେଳେ ଶିକ୍ଷକ ବନଛୋରଙ୍କ ଘରେ ନଗଦ ୪୨ହଜାର ୬୨୦ ଟଙ୍କା ରହିଥିବା ଜଣାପଡ଼ିଥିଲା । ତଦନ୍ତ ଜାରି ରହିଥିବାରୁ ସମ୍ପତ୍ତି ପରିମାଣ ଆହୁରି ବଢ଼ିବାର ସମ୍ଭାବନା ରହିଛି ।

### ପେଟ୍ରୋଲ ପମ୍ପରୁ ସେବାଶ୍ରମ ଛାତ୍ରୀ ଉଦ୍ଧାର ଘଟଣା

## କେୟାର ଟେକର ଗିରଫ, କାର୍ଯ୍ୟରୁ ଅନ୍ତର

**ସମ୍ବଲପୁର,୨।୭(ବ୍ୟୁରୋ)**

ସମ୍ବଲପୁର ଶାସନ ଥାନା ପରମାଣପୁର ପେଟ୍ରୋଲ ପମ୍ପରୁ ଶନିବାର ବିଳମ୍ବିତ ରାତିରେ ଖୁଲିଆ ସେବାଶ୍ରମ ସ୍କୁଲର ଜଣେ ଛାତ୍ରୀଙ୍କୁ ଉଦ୍ଧାର ଘଟଣାରେ ପୋଲିସ ଓ ସମାଜ ମଙ୍ଗଳ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସ୍କୁଲର କେୟାର ଟେକର ସେହି ଗ୍ରାମର ମେନକା ମୁଣ୍ଡା (୩୫)ଙ୍କୁ ପୋଲିସ ଗିରଫ କରିଛି। ତାଙ୍କୁ କାର୍ଯ୍ୟରୁ ଅନ୍ତର ମଧ୍ୟ କରାଯାଇଛି। ଡାକ୍ତରୀ ମାଇନା ପରେ ମେନକାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ତାଙ୍କୁ ଜାମିନ ମିଳି ଯାଇଛି। ଏ ନେଇ ଶାସନ ଥାନାରେ ଏକ ମାମଲା (ନଂ. ୧୪୦/୧୯)ରୁଜୁ ହୋଇଛି। ଛାତ୍ରୀ ଜଣଙ୍କୁ ସ୍କୁଲ ପରିସରରୁ ରାତି ୧୦ଟାରେ ନେଇ ପେଟ୍ରୋଲ ପମ୍ପରେ ଛାଡିଦେବା ଅଭିଯୋଗ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ହେଲେ ସହଯୋଗ କରିଥିବା ବାଇକ ଚାଳକଙ୍କୁ ଏବେ ମଧ୍ୟ ପୋଲିସ ଖୋଜୁଛି। ପୋଲିସ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ଜିଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାସ କହିଛନ୍ତି। ଅନ୍ୟପକ୍ଷେ ଆଗକୁ ଯେଭଳି ଏଭଳି ଭୁଲ୍ ନ ହେବ ସେ ଦିଗରେ ଯତ୍ନବାନ ହେବେ ବୋଲି ସ୍କୁଲର ସମସ୍ତ କର୍ମଚାରୀ ଲିଖିତ ଭାବେ ଦେଇଛନ୍ତି। ଏଭଳି ଘଟଣାର ପୁନରାବୃତ୍ତି ଯେଭଳି ନ ଘଟେ ସେ ନେଇ ଖୁଲିଆ ସହିତ ଅନ୍ୟ ସ୍କୁଲକୁ ମଧ୍ୟ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଘଟଣା ପାଇଁ ମୁଖ୍ୟତଃ କେୟାର ଟେକର ଦାୟୀ। ହେଲେ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ମଧ୍ୟ ଦାୟିତ୍ୱ ରହିଛି । ତେଣୁ ସେମାନେ ଲିଖିତ ଭାବେ ଜଣାଇଛନ୍ତି। ପୋଲିସ ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାସ କହିଛନ୍ତି। ସୂଚନାଯୋଗ୍ୟଯେ, ପରମାଣପୁର ନିକଟସ୍ଥ ଉକ୍ତ ପେଟ୍ରୋଲପମ୍ପର ଜଣେ କର୍ମଚାରୀଙ୍କଠାରୁ ଖବର ପାଇବା ପରେ ପୋଲିସ ଶନିବାର ସେବାଶ୍ରମର ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଉଦ୍ଧାର କରି ନିକଟସ୍ଥ ଗ୍ରାମରେ ରହୁଥିବା ଛାତ୍ରୀଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା। ସୋମବାର ଏ ନେଇ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଜିଲା ମଙ୍ଗଳ ଅଧିକାରୀ ଦାସ ଆଶ୍ରମ ସ୍କୁଲ ପରିଦର୍ଶନ କରି ସେଠାରେ ଥିବା ସମସ୍ତ କର୍ମଚାରୀ, ଶିକ୍ଷୟିତ୍ରୀ, ଶିକ୍ଷକ, କେୟାର ଟେକର, ଛାତ୍ରୀମାନଙ୍କ ପାଖରୁ ବୟାନ ରେକର୍ଡ କରିଥିଲେ । ସ୍କୁଲର ସୁରକ୍ଷା ବ୍ୟବସ୍ଥା ଓ ଏତେ ଜଣ କର୍ମଚାରୀ ନିୟୋଜିତ ଥାଇ ମଧ୍ୟ ଛାତ୍ରୀ ଜଣକ କିଭଳି ଭାବେ ଆଶ୍ରମରୁ ବାହାରକୁ ଗଲେ ବୋଲି ଦାସ ପ୍ରଶ୍ନ କରି କୈଫିୟତ ମାଗିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଷି ଓଉ କଲି ରାଇ**
**ବୋହୂ ବୋଲି ଯାକୁ ଘରକୁ ଆଣିଲି**
**ତା'ଗୁଣ ଗାଇବି କାହିଁ ?**

ଦୁହିତା ଦୁଇ କୁଳକୁ ହିତା। କନ୍ୟାର ଗୁଣଗ୍ରାମ ଯେତେ ଭଲ ହୋଇଥାଏ ସେ ଉଭୟ ବାପଘରେ ଓ ଶାଶୁଘରେ ସେତେ ସୁନାମ ଅର୍ଜିଥାଏ। ପରନ୍ତୁ ଗୁଣର ହୋଇ ନ ଥିଲେ ଶାଶୁଘରେ ଭଲ ବୋହୂର ମାନ୍ୟତା ପାଇପାରି ନ ଥାଏ। ବୋହୂର କାର୍ଯ୍ୟକଳାପ ତଥା ଚାଲିଚଳଣରେ ଶାଶୁଘର ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କହିବାର କଥା କି ଯାଉଛି,**
**ନ'ଟା ଧାନରେ ଛ'ଟା ଚକୁଳି,**
**ଦି' ପାଖେ ଘିଅ ବହି ଯାଉଛି ।**

ବଢ଼େଇ କରି କଥା କହିବାର ବା ଢମ ଗପିବାର ଇଏ ହେଉଛି ଏକ ଶୈଳୀ। ନିଜେ ଯେତେ ନୁହେଁ କି ଯାହା ନୁହଁ ତା'ଠାରୁ ଅତିରଞ୍ଜିତ କରି ପ୍ରକାଶ କରିବା କିଛି ବ୍ୟକ୍ତିଙ୍କ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଜିଲ୍ଲା କାର୍ଯ୍ୟାଳୟ, ଗଞ୍ଜାମ

ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ,
ଜାତୀୟ ରାଜପଥ-୫ (ନୂତନ ଜାତୀୟ ରାଜପଥ-୧୬), ଛତ୍ରପୁର, ଗଞ୍ଜାମ
(ଜାତୀୟ ରାଜପଥ ଆଇନ, ୧୯୫୬ (Act 48 of 56) ର ଧାରା ୩-କ ଉପଧାରା-୩ ମୁତାବକ)

## ସର୍ବସାଧାରଣ ନୋଟିସ୍

ପି.ଆର୍.ସଂଖ୍ୟା: ୭୭ ଛତ୍ରପୁର, ତାରିଖ: ୨୮.୦୬.୨୦୧୯

ଯେହେତୁ ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ, ମନ୍ତ୍ରଣାଳୟଙ୍କ ଦ୍ୱାରା ଜାତୀୟ ରାଜପଥ-୫ (ନୂତନ ରାଜପଥ-୧୬) **ଗଞ୍ଜାମ ତହସିଲ** ଅନ୍ତର୍ଗତ ବେଲପଡ଼ା, ଡ଼ିଆଁଢ଼େଇଁ, ଗଞ୍ଜାମ, ଗଞ୍ଜାମ ସଲ୍ଟଫେକ୍ଟୋରୀ, ହରିପୁର ବୁରୁଡି, ହୁମ୍ମା, ଜହମି ଓ ସାବୁଳିଆ ଏବଂ **ଖଲ୍ଲିକୋଟ ତହସିଲ** ଅନ୍ତର୍ଗତ ବାହାଡ଼ାପଲ୍ଲି, ବାଉରିଗଣ୍ଡାପଲ୍ଲୀ, ଭେଜିପୁଟ, ଗୁରାପଲ୍ଲି, କେଶପୁର, କୁମ୍ଭିଡିପ, ଲୋଙ୍ଗର ଶ୍ରୀକୃଷ୍ଣଶରଣପୁର, ଲଙ୍ଗଳେଶ୍ୱର, ନଗରଡ଼ିହପାଟଣା, ପଣ୍ଡିତଗାଁ, ସାବିଳିଆ ଓ ତେଲିଡ଼ିହ ଗ୍ରାମ ଦେଇ ଚାରିଥାକରୁ ଛଅଥାକ ବିଶିଷ୍ଟ ସଂପ୍ରସାରିତ ରାସ୍ତା ନିର୍ମାଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ, ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି।

ଯେହେତୁ ଜାତୀୟ ରାଜପଥ ଆଇନ, ୧୯୫୬ (୧୯୫୬ ର ୪୮ ନମ୍ବର ଆଇନ) ର ଧାରା ୩-କ ଉପଧାରା (୧) ଅନୁଯାୟୀ କେନ୍ଦ୍ର ସରକାର ତାଙ୍କର ଅଧିସୂଚନା ସଂଖ୍ୟା ୧୬୩୭ ତା.୨୫.୦୫.୨୦୧୯ରିଖ ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ଭାରତର ରାଜପତ୍ର ଅସାଧାରଣ ସଂଖ୍ୟା S.O. 1834-E ତା.୨୪.୦୫.୨୦୧୯ରିଖରେ ପ୍ରକାଶ କରିଅଛନ୍ତି।

ଏତଦ୍‌ଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ତ୍ୱାଧିକାରୀ / ଭୂମିମାଲିକ / ତଥା ଜମିରେ ସ୍ୱାର୍ଥ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶି) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ, ତାହାହେଲେ ସେ ନିଜେ କିମ୍ବା ତାଙ୍କର ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତଭାବେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପରୋକ୍ତ ଆଇନର ଧାରା ୩-ଗ ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ/ ମକଦ୍ଦମା ଦାୟର କରିପାରିବେ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦ୍ ବିବରଣୀ ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ (ଜାତୀୟ ରାଜପଥ), ଗଞ୍ଜାମ, ଛତ୍ରପୁରଙ୍କ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ନିରୀକ୍ଷଣ ନିମନ୍ତେ ଲଭ୍ୟ ହେଉଅଛି।

ସ୍ୱା/-
କ୍ଷମତାପନ୍ନ ପ୍ରାଧିକାରୀ ତଥା ଭୂଅର୍ଜନ ଅଧିକାରୀ
(ଜାତୀୟ ରାଜପଥ-୧୬)
ଛତ୍ରପୁର, ଗଞ୍ଜାମ

| 26. | 899/1333 | Private( ) | Billa Dofasali | 0.0065000(Hectare) | 0.0065000 |
| 27. | 906 | Private( ) | Barasadhara - I | 0.0075000(Hectare) | 0.0075000 |
| 28. | 907 | Private( ) | Barasadhara - I | 0.0190000(Hectare) | 0.0190000 |
| 29. | 908 | Private( ) | Barasadhara - I | 0.0385000(Hectare) | 0.0385000 |
| 30. | 908/1314 | Private( ) | Barasadhara - I | 0.0105000(Hectare) | 0.0105000 |
| 31. | 909 | Private( ) | Gharabari | 0.0085000(Hectare) | 0.0085000 |
| 32. | 910 | Private( ) | Gharabari | 0.0155000(Hectare) | 0.0155000 |
| 33. | 911 | Private( ) | Gharabari | 0.0085000(Hectare) | 0.0085000 |
| 34. | 912 | Private( ) | Gharabari | 0.0085000(Hectare) | 0.0085000 |
| 35. | 913 | Private( ) | Gharabari | 0.0066000(Hectare) | 0.0066000 |
| 36. | 915 | Private( ) | Gharabari | 0.0110000(Hectare) | 0.0110000 |
| 37. | 916 | Private( ) | Gharabari | 0.0130000(Hectare) | 0.0130000 |

| Sl. No. | Survey / Plot Number | Type of Land | Nature of Land | Area (in Local Unit) | Area (in Hectare) |
|---|---|---|---|---|---|
| **Village: Nagaradihapatna** | | | | | |
| 1. | 1771 | Government( ) | Jalasaya | 0.1930000(Hectare) | 0.1930000 |
| 2. | 1784 | Private( ) | Jalasaya | 0.0475000(Hectare) | 0.0475000 |
| 3. | 1785 | Private( ) | Gharabari | 0.0255000(Hectare) | 0.0255000 |
| 4. | 1788 | Private( ) | Gharabari | 0.0115000(Hectare) | 0.0115000 |
| 5. | 1789 | Private( ) | Gharabari | 0.0040000(Hectare) | 0.0040000 |
| 6. | 1791 | Private( ) | Gharabari | 0.0085000(Hectare) | 0.0085000 |
| 7. | 1792 | Government( ) | Nala | 0.0040000(Hectare) | 0.0040000 |
| 8. | 1793 | Government( ) | Rasta | 0.0090000(Hectare) | 0.0090000 |
| 9. | 1794 | Government( ) | Nala | 0.0040000(Hectare) | 0.0040000 |
| 10. | 1801 | Government( ) | Rasta | 0.0100000(Hectare) | 0.0100000 |
| 11. | 1802 | Private( ) | Gharabari | 0.0160000(Hectare) | 0.0160000 |
| **Village: Panditagan** | | | | | |
| 1. | 680 | Private( ) | Gharabari | 0.0235000(Hectare) | 0.0235000 |
| **Village: Sabulia** | | | | | |
| 1. | 3195 | Private | Padara I | 0.0455000(Hectare) | 0.0455000 |
| 2. | 3202 | Private | Padara I | 0.0365000(Hectare) | 0.0365000 |
| 3. | 3203 | Private | Gharabari II | 0.0035000(Hectare) | 0.0035000 |
| 4. | 3205 | Private | Gharabari II | 0.0180000(Hectare) | 0.0180000 |
| 5. | 3208 | Private | Gharabari II | 0.0165000(Hectare) | 0.0165000 |
| 6. | 3209 | Private | Gharabari II | 0.0565000(Hectare) | 0.0565000 |
| 7. | 3210 | Private | Gharabari II | 0.0064000(Hectare) | 0.0064000 |
| 8. | 3211 | Private | Padara I | 0.0020000(Hectare) | 0.0020000 |
| 9. | 3227 | Government | Dandaa | 0.0760000(Hectare) | 0.0760000 |
| 10. | 3230 | Private | Padara I | 0.0185000(Hectare) | 0.0185000 |
| 11. | 3231 | Private | Gharabari | 0.0265000(Hectare) | 0.0265000 |
| 12. | 3237 | Private | Gharabari I | 0.0215000(Hectare) | 0.0215000 |
| 13. | 3238 | Private | Gharabari | 0.0120000(Hectare) | 0.0120000 |
| 14. | 3249 | Private | Padara I | 0.0055000(Hectare) | 0.0055000 |
| 15. | 3249/6922 | Private | Padara I | 0.0055000(Hectare) | 0.0055000 |
| 16. | 4138 | Private | Padara I | 0.0140000(Hectare) | 0.0140000 |
| 17. | 4139 | Private | Padara I | 0.0480000(Hectare) | 0.0480000 |
| 18. | 4151 | Private | Padara I | 0.0840000(Hectare) | 0.0840000 |
| 19. | 4152 | Private | Padara I | 0.0475000(Hectare) | 0.0475000 |
| 20. | 4153 | Private | Padara I | 0.0360000(Hectare) | 0.0360000 |
| 21. | 4329 | Private | Gharabari I | 0.1255000(Hectare) | 0.1255000 |
| 22. | 4329/6772 | Private | Padara I | 0.0260000(Hectare) | 0.0260000 |
| 23. | 4334 | Private | Padara I | 0.0085000(Hectare) | 0.0085000 |
| 24. | 4335 | Government | Nayana Jori | 0.3318000(Hectare) | 0.3318000 |
| 25. | 4336 | Government | Rasta | 0.4403000(Hectare) | 0.4403000 |
| 26. | 4338 | Private | Barssadhara Dofassali I | 0.0170000(Hectare) | 0.0170000 |
| 27. | 4339 | Private | Barssadhara Dofassali I | 0.0285000(Hectare) | 0.0285000 |
| 28. | 4340 | Private | Barssadhara Dofassali I | 0.0255000(Hectare) | 0.0255000 |
| 29. | 4341 | Private | Barssadhara Dofassali I | 0.0250000(Hectare) | 0.0250000 |
| 30. | 4343 | Private | Barssadhara Dofassali I | 0.0780000(Hectare) | 0.0780000 |

| Sl. No. | Survey / Plot Number | Type of Land | Nature of Land | Area (in Local Unit) | Area (in Hectare) |
|---|---|---|---|---|---|
| 31. | 4344 | Private | Barssadhara Dofassali I | 0.0030000(Hectare) | 0.0030000 |
| 32. | 4347 | Private | Gharabari | 0.0050000(Hectare) | 0.0050000 |
| 33. | 4349 | Private | Gharabari | 0.0510000(Hectare) | 0.0510000 |
| 34. | 4350 | Private | Gharabari | 0.0310000(Hectare) | 0.0310000 |
| 35. | 4352 | Government | Rasta | 0.0265000(Hectare) | 0.0265000 |
| 36. | 4353 | Private | Gharabari | 0.0410000(Hectare) | 0.0410000 |
| 37. | 4354 | Private | Gharabari | 0.0020000(Hectare) | 0.0020000 |
| 38. | 4355 | Private | Gharabari | 0.0275000(Hectare) | 0.0275000 |
| 39. | 4584 | Government | Patita | 0.0010000(Hectare) | 0.0010000 |
| 40. | 4585 | Government | Patita | 0.0040000(Hectare) | 0.0040000 |
| 41. | 4586 | Government | Patita | 0.0015000(Hectare) | 0.0015000 |
| 42. | 4589 | Private | Barssadhara Dofassali I | 0.0275000(Hectare) | 0.0275000 |
| 43. | 4591 | Private | Billa Dofasali I | 0.0080000(Hectare) | 0.0080000 |
| 44. | 4593 | Private | Billa Dofasali I | 0.0065000(Hectare) | 0.0065000 |
| 45. | 4594 | Private | Barssadhara Dofassali I | 0.0010000(Hectare) | 0.0010000 |
| 46. | 4627 | Private | Padara I | 0.0020000(Hectare) | 0.0020000 |
| 47. | 4628 | Private | Padara I | 0.0080000(Hectare) | 0.0080000 |
| 48. | 4632 | Private | Gharabari II | 0.0020000(Hectare) | 0.0020000 |
| 49. | 4633 | Private | Padara I | 0.0375000(Hectare) | 0.0375000 |
| 50. | 4634 | Private | Padara I | 0.0380000(Hectare) | 0.0380000 |
| 51. | 4638 | Private | Padara I | 0.0295000(Hectare) | 0.0295000 |
| 52. | 5057 | Private | Padara I | 0.0020000(Hectare) | 0.0020000 |
| 53. | 5058 | Private | Padara I | 0.0110000(Hectare) | 0.0110000 |
| 54. | 5059 | Private | Padara I | 0.0065000(Hectare) | 0.0065000 |
| 55. | 5060 | Private | Padara I | 0.0455000(Hectare) | 0.0455000 |
| **Village: Telidiha** | | | | | |
| 1. | 244 | Private ( ) | Billa Dofassali | 0.0195000(Hectare) | 0.0195000 |
| 2. | 245 | Private ( ) | Gharabari | 0.0070000(Hectare) | 0.0070000 |
| 3. | 246 | Private ( ) | Gharabari | 0.0120000(Hectare) | 0.0120000 |
| 4. | 248 | Private ( ) | Gharabari | 0.0105000(Hectare) | 0.0105000 |
| 5. | 249 | Private ( ) | Gharabari | 0.0060000(Hectare) | 0.0060000 |
| 6. | 250 | Private ( ) | Gharabari | 0.0040000(Hectare) | 0.0040000 |
| 7. | 251 | Private ( ) | Gharabari | 0.0015000(Hectare) | 0.0015000 |
| 8. | 252 | Private ( ) | Gharabari | 0.0020000(Hectare) | 0.0020000 |
| 9. | 253 | Private ( ) | Gharabari | 0.0050000(Hectare) | 0.0050000 |
| 10. | 254 | Private ( ) | Gharabari | 0.0015000(Hectare) | 0.0015000 |
| 11. | 255 | Private ( ) | Gharabari | 0.0015000(Hectare) | 0.0015000 |
| 12. | 256 | Private ( ) | Gharabari | 0.0010000(Hectare) | 0.0010000 |
| 13. | 257 | Private ( ) | Gharabari | 0.0015000(Hectare) | 0.0015000 |
| 14. | 367 | Private( ) | Gharabari | 0.0085000(Hectare) | 0.0085000 |
| 15. | 368 | Private( ) | Gharabari | 0.0135000(Hectare) | 0.0135000 |
| 16. | 401 | Government( ) | Rasta | 0.0080000(Hectare) | 0.0080000 |
| | | | **Total** | **22.8981** | **22.8981** |

**[F.No. NHAI/11019/02/Bhubaneswar-Puintola(LA 3a)2018/PIU/BBSR/3A3]**
**RAJESH GUPTA, Dy. Secy.**



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ଅଲାରନାଥ ପୀଠରେ ସରିଲା ଅଣସର ଦର୍ଶନ

ବ୍ରହ୍ମଗିରି, ୨।୭(ଡି.ଏନ୍.ଏ.)-ବ୍ରହ୍ମଗିରି ଅଲାରନାଥ ପୀଠରେ ୧୪ ଦିନ ଧରି ଚାଲିଥିବା ଅଣସର ଦର୍ଶନ ମଙ୍ଗଳବାର ଶେଷ ହୋଇଛି। ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧା ମୂର୍ତ୍ତି ଅଣସର ପିଣ୍ଡିରେ ଗୁପ୍ତ ସେବା ପାଉଥିବା ସମୟରେ ଅଲାରନାଥ ପୀଠରେ ମହାପ୍ରଭୁ ଅଲାରନାଥଙ୍କ ଅଣସର ଦର୍ଶନ ଚାଲିଥିଲା। ପ୍ରତିଦିନ ଶ୍ରଦ୍ଧାଳୁଙ୍କ ସମାଗମ ଯୋଗୁ ପୀଠ ଚଳଚଞ୍ଚଳ ହେବା ସହ ଦ୍ୱିତୀୟ ଶ୍ରୀକ୍ଷେତ୍ର ପାଲଟିଥିଲା। ଏଠାକୁ ଆସୁଥିବା ଭକ୍ତମାନେ ଅଲାରନାଥଙ୍କୁ ଦର୍ଶନ କରି ଜଗନ୍ନାଥ ଦର୍ଶନର ସମଫଳ ପ୍ରାପ୍ତି ହେବାର ବିଶ୍ୱାସ ରହିଛି। ଏହି ପୀଠରେ ଥିବା ଆନନ୍ଦ ବଜାରରୁ ଭକ୍ତ ଖିରି ପ୍ରସାଦ ପାଇ ଆତ୍ମତୃପ୍ତି ପାଇଥାଏ। ଶେଷ ଦିନରେ ଭକ୍ତଙ୍କ ସଂଖ୍ୟା କମ୍ ରହିଥିଲା। ସନ୍ଧ୍ୟା ପରଠାରୁ ପୀଠ ଏବେ ଶୂନଶାନ ହୋଇପଡିଛି।

### କଳସ ଉଠିଲା, ଓଳଟ ଶୁଆ ଲାଗିଲା

ପୁରୀ ଅଫିସ,୨।୭: ଆଉ ଦିନକ ପରେ ରଥଯାତ୍ରା। ଶ୍ରୀନହର ସମ୍ମୁଖ ରଥଖଳାରେ ମହାପ୍ରଭୁଙ୍କ ତିନି ରଥର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ତିନିରଥର ଦ୍ୱାର ବେଢ଼ା ଉଠିବା କାର୍ଯ୍ୟ ଶେଷ ହୋଇଛି। ଏହାସହିତ କଳସ ସ୍ଥାପନ କରାଯାଇଛି। କଳସର ଦୁଇ ପାର୍ଶ୍ୱରେ ଓଳଟ ଶୁଆ ଲଗାଯାଇଛି।

### ତଦନ୍ତରେ ବିଳମ୍ବ ଅଭିଯୋଗ, ଏଏସ୍ଆଇ ନିଲମ୍ବିତ

**ବାଲେଶ୍ୱର ଅଫିସ, ୨।୭:** ଏକ ଚୋରି ମାମଲା ତଦନ୍ତରେ ବିଳମ୍ବ କରାଯିବା ଅଭିଯୋଗରେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡେଲ ଥାନା ଏଏସ୍ଆଇ ରାଜେନ୍ଦ୍ର ନାୟକଙ୍କୁ ନିଲମ୍ବିତ କରାଯାଇଛି। ଏନେଇ ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କଠାରେ ଅଭିଯୋଗ ହୋଇଥିଲା। ଗତ ଜୁନ୍ ୨୭ ରାତିରେ ଉକ୍ତ ଥାନା କାଳିଦାସପୁର ଗ୍ରାମର ପ୍ରଭାତି ପଟ୍ଟନାୟକଙ୍କ ଘରେ ପଶି ଦୁର୍ବୃତ୍ତମାନେ ସୁନାଗହଣା, ଟଙ୍କା ଚୋରି କରିଥିଲେ। ଏନେଇ ପ୍ରଭାତି ଥାନାରେ ଗତ ୨୮ରେ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି ଶୁଭ୍ରାଂଶୁ ନାୟକ ମାମଲା ରୁଜୁ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ସମୟରେ ଏଏସ୍ଆଇ ନାୟକ ଏବଂ ପ୍ରଭାତିଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଏଥିରେ ପ୍ରଭାତି ଅତିଷ୍ଠ ହୋଇ ଏସ୍‌ପି ଏବଂ ପୂର୍ବାଞ୍ଚଳ ଡିଆଇଜିଙ୍କୁ ଅଭିଯୋଗ କରିଥିଲେ। ଏଏସ୍ଆଇ ନାୟକ କହିଛନ୍ତି ଯେ, ପ୍ରଭାତି ୧୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଚୋରି ହୋଇଥିବା ଏତଲାରେ ଦର୍ଶାଇଥିଲେ। ତଦନ୍ତ ବେଳେ ତାଙ୍କ ଘର ଚାକରାଣୀଙ୍କ ଠିକଣା ପଚାରିବାରୁ ପ୍ରଭାତି ତାହାକୁ ଗୋପନ ରଖିଥିଲେ। ଏହାକୁ ନେଇ ତଦନ୍ତରେ ବାଧା ଉପୁଜିଥିଲା। ଏଥିରେ ପ୍ରଭାତି ବିରକ୍ତ ହୋଇ ଏସ୍‌ପି ଓ ଡିଆଇଜିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ମାନସିକ ରୋଗୀଙ୍କୁ ଏକ୍ସପାଏରି ମେଡିସିନ

କଟକ ଅଫିସ, ୨।୭



- ଜଣେ ଗୁରୁତର, ଆଉଜଣେ ଖାଇବା ପୂର୍ବରୁ ଧରିଲେ
- ଏସ୍‌ସିବି ମେଡିକାଲରେ ଉତ୍ତେଜନା

ରାଜ୍ୟର ପ୍ରମୁଖ ସରକାରୀ ଚିକିତ୍ସାଳୟ ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଦିଆଯାଉଛି ଏକ୍ସପାଏରି ମେଡିସିନ। ଏହି ମେଡିସିନ ଖାଇ ଜଣେ ରୋଗୀଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ଘଟିଛି। ଗୁରୁତର ହୋଇପଡିଥିବା ରୋଗୀ ଜଣକ ହେଲେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ କୁଷିକଣା ଗାଁର ଜଣେ ମହିଳା। ଏ ସଂକ୍ରାନ୍ତରେ ତାଙ୍କ ପୁଅ ଜୀବନଜ୍ୟୋତି ଦାସ ଗତ ସୋମବାର ଅଭିଯୋଗ କରିଛନ୍ତି। ଅଭିଯୋଗ ସତ୍ତ୍ୱେ ମେଡିକାଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଆଉଜଣେ ରୋଗୀଙ୍କୁ ଏକ୍ସପାଏରି ଔଷଧ ଦିଆଯାଇଥିବାବେଳେ ରୋଗୀଙ୍କ ସମ୍ପର୍କୀୟ ତାହାକୁ ଧରିଥିଲେ। ଏହାକୁ ନେଇ ମେଡିକାଲରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ସାମାଜିକ କର୍ମୀମାନେ ପହଞ୍ଚି ପ୍ରତିବାଦ ଜଣାଇବା ସହ ହୋହଲ୍ଲା କରିଥିଲେ।

ମିଳିଥିବା ସୂଚନାନୁସାରେ, ଭଦ୍ରକ ଭଣ୍ଡାରିପୋଖରୀ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ନାବାଳିକା କନ୍ୟାଙ୍କୁ ଚିକିତ୍ସା ନିମନ୍ତେ ଏସ୍‌ସିବି ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନକୁ ଆଣିଥିଲେ। ମଙ୍ଗଳବାର ଆଉଟ୍‌ଡୋରରେ ଝିଅକୁ ଦେଖାଇବା ପରେ ଡାକ୍ତର ବିଭିନ୍ନ ଔଷଧ ଲେଖିଥିଲେ। ଔଷଧ ଚିଠାରେ ଭିଟାମିନ ବି କମ୍ପ୍ଲେକ୍ସର ଏକ ସିରପ ଲେଖାଯାଇଥିଲା। ୬୦ଦିନ ପାଇଁ ମେଡିସିନ ନେଇ ଘରକୁ ଯିବା ପାଇଁ ରୋଗୀଙ୍କୁ କୁହାଯାଇଥିଲା। ଡାକ୍ତରଙ୍କ ଚିଠା ଧରି ରୋଗୀଜଣକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପରିସରରେ ଥିବା ନିରାମୟ କେନ୍ଦ୍ରକୁ ଯାଇଥିଲେ। ହେଲେ ସେଠାରେ ତାଙ୍କୁ ଭିଟାମିନ ବି କମ୍ପ୍ଲେକ୍ସର ଯେଉଁ ସିରପ ଦିଆଯାଇଥିଲା ତାହା ଏକ୍ସପାଏରି ହୋଇଥିବା ନାବାଳିକାଙ୍କ ବାପାଙ୍କ ନଜରକୁ ଆସିଥିଲା। ସିରପ୍‌ଟି ଜାନୁୟାରୀ ୨୦୧୮ରେ ପ୍ରସ୍ତୁତ ହୋଇଥିବାବେଳେ ଅବଧି ୨୦୧୯ ଜୁନ ପର୍ଯ୍ୟନ୍ତ ରହିଥିଲା। ଏହା ଜାଣିବା ପରେ ବ୍ୟକ୍ତିଜଣକ ଆଉଟଡୋରରେ ବସିଥିବା ଡାକ୍ତରଙ୍କୁ ଦେଖାଇବା ପରେ ଘଟଣା ପ୍ରଘଟ ହୋଇଥିଲା। ଏହାପୂର୍ବରୁ ପୁରୀ ଜିଲା ନିମାପଡ଼ା କୁଷିକଣା ଗାଁର ମହିଳାଙ୍କୁ ଭିଟାମିନ ଏ ଓ ଡି ବଟିକା ସହିତ ଭିଟାମିନ ବି କମ୍ପ୍ଲେକ୍ସ ସିରପ ମଧ୍ୟ ଯୋଗାଇ ଦିଆଯାଇଥିଲା। ଏହି ଔଷଧ ୨୦୧୮ ଜାନୁୟାରୀରେ ପ୍ରସ୍ତୁତ ହୋଇଥିବାବେଳେ ଅବଧି ୨୦୧୯ ଜୁଲାଇ ଉଲ୍ଲେଖ ରହିଛି। ସମ୍ପୃକ୍ତ ମହିଳା ଜଣକ ଏହି ଏକ୍ସପାଏରି ଔଷଧ ଖାଇବା ପରେ ବାରମ୍ବାର ଝାଡ଼ା ହେବା ସହ ବାନ୍ତି କରିଥିଲେ। ଏଥିସହିତ ମୁଣ୍ଡ ବୁଲାଇ ପଡ଼ି ଯାଉଥିବା ତାଙ୍କ ପୁଅ କହିଛନ୍ତି। ଏ ସମ୍ପର୍କରେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡା. ସାରଦା ସ୍ୱାଇଁ କୁହନ୍ତି, ଭିଟାମିନ ବି କମ୍ପ୍ଲେକ୍ସର ଅବଧି ସରିଯାଇଥିବାରୁ ତାହାକୁ ରୋଗୀଙ୍କୁ ଦେବା ପାଇଁ ମନା କରାଯାଇଥିଲା। ତେବେ କ'ଣ ପାଇଁ ଷ୍ଟୋର୍ ପକ୍ଷରୁ ପୁନର୍ବାର ଏହି ଔଷଧ ଯୋଗାଣ କରାଗଲା ତାହା ମୁଁ ଯାଞ୍ଚ କରିବି।

### ପୂର୍ବରୁ ଘଟିଥିବା କିଛି ଘଟଣା

ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଏକ୍ସପାଏରି ମେଡିସିନ ଯୋଗାଣ କରିବା କିଛି ନୂଆ କଥା ନୁହେଁ। ଗତବର୍ଷ ଜାନୁୟାରୀ ମାସରେ ଏକ୍ସପାଏରି ଟିବି ଔଷଧ ଖାଇ କଟକ ସହର ରାଜାବଗିଚା ଅଞ୍ଚଳର ଗୁଡି ନାୟକ ନାମକ ଜଣେ ରୋଗୀଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ରାଜ୍ୟରେ ରୋଗୀଙ୍କୁ ଏକ୍ସପାଏରି ଔଷଧ ଦିଆଯାଉଥିବା ନେଇ ୨୦୧୪ରେ ସିଏଜି ରିପୋର୍ଟ ଦେଇଥିଲେ। ୨୦୦୭ରୁ ୨୦୧୩ ମଧ୍ୟରେ ରାଜ୍ୟରେ ରୋଗୀମାନଙ୍କୁ ୩୧ ପ୍ରକାରର ଏକ୍ସପାଏରି ଔଷଧ ଦିଆଯାଇଥିବା ନେଇ ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା। ଏହାକୁ ନେଇ ସେ ସମୟରେ ବହୁ ତୁମ୍ବିତୋଫାନ ହୋଇଥିଲା। ଏବେ ପୁନର୍ବାର ଏକ୍ସପାଏରି ଔଷଧକୁ ନେଇ ଏସ୍‌ସିବି ମେଡିକାଲ ଚର୍ଚ୍ଚାର ପରିସରକୁ ଆସିଛି।

### 'ଭାରତକୁ ହରାଇ ଅଭିଯାନ ଶେଷ କରିବୁ'

**ଚେଷ୍ଟର-ଲି-ଷ୍ଟ୍ରିଟ୍, ୨।୭ (ପି.ଟି.):** ଆଇସିସି ବିଶ୍ୱକପ୍‌ରେ ସୋମବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ୨୩ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲେ ମଧ୍ୟ ସେମିଫାଇନାଲ ଦୌଡ଼ରୁ ଦଳ ବାଦ୍ ପଡ଼ିସାରିଛି। ଦଳ ଏହାର ଅନ୍ତିମ ମ୍ୟାଚ୍‌ରେ ଜୁଲାଇ ୬ରେ ଭାରତକୁ ଭେଟିବ। ତେବେ ଏହି ମ୍ୟାଚ୍‌ରେ ଭାରତକୁ ପରାସ୍ତ କରି ଦମ୍‌ଦାର ଭାବେ ଅଭିଯାନ ଶେଷ କରିବୁ ବୋଲି ଯୁବ ଅଫ୍-ସ୍ପିନର ଧନଞ୍ଜୟ ଡି ସିଲ୍‌ଭା ମ୍ୟାଚ୍ ପୂର୍ବରୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। 'ଆଇସିସି ଟୁର୍ନାମେଣ୍ଟରେ ଭାରତ ବିପକ୍ଷରେ ଆମର ପ୍ରଦର୍ଶନ ଭଲ ରହିଛି। ଦିନକ ପୂର୍ବରୁ ଆମେ ୱେଷ୍ଟଇଣ୍ଡିଜକୁ ମଧ୍ୟ ପରାସ୍ତ କରିଛୁ। ତେଣୁ ଆମେ ଏହି ଆତ୍ମବିଶ୍ୱାସକୁ ପାଥେୟ କରି ଆଗାମୀ ମ୍ୟାଚ୍‌ରେ ଭାରତକୁ ହରାଇ ପାରିବୁ' ବୋଲି ସିଲ୍‌ଭା କହିଛନ୍ତି। ଆମେ ପ୍ରତ୍ୟେକ ମ୍ୟାଚ୍ ଜିତିବାକୁ କଠିନ ପରିଶ୍ରମ କରୁଛୁ। ଯଦି ଆମେ ଭାରତକୁ ହରାଇ ପାରିଲୁ ତେବେ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହି ଅଭିଯାନ ଶେଷ କରିବୁ ବୋଲି ଏହି ସିଂହଳୀ ବୋଲର ଏହି ଅବସରରେ ପ୍ରକାଶ କରିଛନ୍ତି।

## ବିବାଦରେ ଶ୍ରୀମନ୍ଦିର ଫୁଲ ସଜ୍ଜା

# ଜୟ ବିଜୟ ମୂର୍ତ୍ତି ଉପରେ ଚଢ଼ିଲେ କାରିଗର



ସିଂହଦ୍ୱାର ଜୟବିଜୟ ମୂର୍ତ୍ତି ଉପରେ ପାଦ ରଖି କାରିଗର ଚଢୁଛନ୍ତି।



ମନ୍ଦିରକୁ ଫୁଲରେ ସଜାଯାଉଛି।

ପୁରୀ ଅଫିସ,୨।୭

ପ୍ରଥମ ଥର ପାଇଁ ଦିଲ୍ଲୀର ଜଣେ ଭକ୍ତ କେ.କେ. ଶର୍ମା ମହାପ୍ରଭୁଙ୍କ ପ୍ରତି ସେବା ଓ ସମର୍ପଣ ଭାବ ରଖି ଆଗେଇ ଆସିଛନ୍ତି। ତିନିରଥ, ଶ୍ରୀମନ୍ଦିର ଏବଂ ଗୁଣ୍ଡିଚା ମନ୍ଦିରକୁ ପର୍ଯ୍ୟାପ୍ତ ପରିମାଣ ଫୁଲରେ ସଜାଇବେ ବୋଲି ଆଗ୍ରହ ରଖିଥିଲେ। ଶ୍ରୀମନ୍ଦିର ପ୍ରଶାସନଠାରୁ ଅନୁମତି ପାଇବା ପରେ ମଙ୍ଗଳବାରଠାରୁ ସେ ଫୁଲ ସଜ୍ଜା କାମ ଆରମ୍ଭ କରିଛନ୍ତି। ପ୍ରାୟ ୨୦୦ କାରିଗର ଏଥିରେ ନିୟୋଜିତ ହୋଇଛନ୍ତି। ହେଲେ ଆରମ୍ଭରୁ ବିବାଦରେ ଫସିଛି ଶ୍ରୀମନ୍ଦିର ଫୁଲ ସଜା। ଫୁଲ ସଜାଇବାକୁ ଆସିଥିବା ଏହି ବଙ୍ଗୀୟ କାରିଗର ସିଂହଦ୍ୱାର ପ୍ରବେଶ ପଥରେ ଥିବା ଜୟ ବିଜୟ ମୂର୍ତ୍ତି ଉପରେ ଚଢ଼ିବା ଘଟଣାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଜଗନ୍ନାଥପ୍ରେମୀ ଏବଂ ବୁଦ୍ଧିଜୀବୀ। ଜଗନ୍ନାଥପ୍ରେମୀ ପ୍ରତାପ ଶତପଥୀ କହିଛନ୍ତି ଯେ, ଦିଲ୍ଲୀରୁ ଜଣେ ଭକ୍ତ ଶ୍ରୀମନ୍ଦିର ଏବଂ ଗୁଣ୍ଡିଚା ମନ୍ଦିରକୁ ଫୁଲରେ ସଜେଇବାକୁ ଆସିବା ସ୍ୱାଗତଯୋଗ୍ୟ। କିନ୍ତୁ ସମ୍ପୃକ୍ତ କାରିଗରମାନଙ୍କୁ ଶ୍ରୀମନ୍ଦିର ବିଷୟରେ ଅବଗତ କରାଯିବା ଦରକାର ଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ଯଦି ଏଭଳି କିଛି ଘଟିଛି ତେବେ ତାଙ୍କୁ ଅବଗତ କରାଯିବ। ଏହାର ଯେପରି ପୁନରାବୃତ୍ତି ନ ହେବ ସେଥିଲାଗି ପଦକ୍ଷେପ ନିଆଯିବ। ସେ କେବଳ ଶ୍ରୀମନ୍ଦିର ନୁହଁ, ଆଗାମୀ ଦିନରେ ଗୁଣ୍ଡିଚା ମନ୍ଦିରକୁ ମଧ୍ୟ ସୁସଜ୍ଜିତ କରିବେ। ସେ ନିଜ ଅର୍ଥରେ ଏ ସବୁ କରୁଛନ୍ତି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

### ରଥାରୂଢ଼ ଶ୍ରୀଜୀଉଙ୍କୁ ଲାଗି ହେବ ଖୋର୍ଦ୍ଧାର ପଦ୍ମଫୁଲ

**ଖୋର୍ଦ୍ଧା ଅଫିସ,୨।୭:** ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡାର ପାଟ, ଖୋର୍ଦ୍ଧା ସହର ଗୁରୁଜଙ୍ଗର ସୋଲଫୁଲ ଓ ଖୋର୍ଦ୍ଧାର ପଦ୍ମଫୁଲ ପୁରୀର ଶ୍ରୀଜୀଉ ଓ ରଥରେ ଲାଗି ହେଉଛି। ଏ ଅବସରରେ ପଦ୍ମଫୁଲ ସଂଗ୍ରହ ଲାଗି ଖୋର୍ଦ୍ଧା ଉପକଣ୍ଠ ପାନବରଜ ମହାନ୍ତିସାହିର ପ୍ରଶାନ୍ତ ପଟ୍ଟନାୟକଙ୍କ ପରିବାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ୫୦୦ରୁ ୬୦୦ ଫୁଲ ସ୍ଥାନୀୟ ଲୋକେଶ୍ୱର ପୋଖରୀରୁ ବୁଧବାର ସଂଗ୍ରହ କରାଯିବ। ଫୁଲ ସଂଗ୍ରହ ପରେ ପୁରୀର ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରମନ୍ଦିରର ଉତ୍ତର ଦ୍ୱାରରେ ପଦ୍ମଫୁଲ ଗୁନ୍ଥା ଶେଷ ହେବା ପରେ ରଥାରୂଢ଼ ଶ୍ରୀଜୀଉଙ୍କୁ ଲାଗି କରାଯିବ। ଏ ନେଇ ପ୍ରଶାନ୍ତ ପଟ୍ଟନାୟକ କୁହନ୍ତି, ୨୦୧୫ରୁ ପଦ୍ମଫୁଲ ଯୋଗାଇ ଆସୁଛି। ଚଳିତବର୍ଷ ତୁଳସୀପତ୍ର ନୂଆକରି ଯିବ। ଏହି ପ୍ରକ୍ରିୟା ସବୁବେଳେ ମୋ ପରିବାର ସଦସ୍ୟ ଚାଲୁ ରଖିବେ ବୋଲି ମୋତେ କହିଛନ୍ତି।

### ନନ୍ଦନକାନନ: ବାଘୁଣୀ ପ୍ରିୟଙ୍କା ଅସୁସ୍ଥ

ବାରଙ୍ଗ,୨।୭(ଡି.ଏନ.ଏ): ନନ୍ଦନକାନନରେ ନାଲି ବାଘୁଣୀ ପ୍ରିୟଙ୍କା ଅସୁସ୍ଥ ହୋଇପଡିଛି। ଗତ କିଛିଦିନ ହେବ ତା'ର ଚିକିତ୍ସା ଚାଲିଥିଲେ ମଧ୍ୟ ମଙ୍ଗଳବାର ଅଧିକ ଅସୁସ୍ଥ ହୋଇପଡିଥିଲା। ପ୍ରିୟଙ୍କା ରହୁଥିବା ୧୮ ନଂ ଏନକ୍ଲୋଜରରୁ ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତରଙ୍କ ନଜରବନ୍ଦିରେ ରଖାଯାଇ ଚିକିତ୍ସା ସତ୍ତ୍ୱେ ସ୍ୱାସ୍ଥ୍ୟରେ ଉନ୍ନତି ଘଟି ନ ଥିଲା। ବୟସାଧିକ ହେତୁ ଅସୁସ୍ଥ ହେବାସହ ଖାଇବା କମାଇ ଦେଇଥିବାରୁ ସ୍ୱାସ୍ଥାବସ୍ଥାରେ ଉନ୍ନତି ଆସିପାରୁନି ବୋଲି ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ, ଅଶୋକ ଓ ତନୁଜାଙ୍କ ଔରସରୁ ୨୦୦୦ ମାର୍ଚ୍ଚ ୨୫ରେ ପ୍ରିୟଙ୍କା ଜନ୍ମ ନେଇଥିଲା। ପ୍ରିୟଙ୍କାର ଛୁଆ ସିଲା ୨୦୧୪ ଜାନୁୟାରୀ ୨୭ରେ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ କୋଲକାତାକୁ ଯାଇଥିଲା।

### ପଶ୍ଚିମ ସମ୍ଭାଗସ୍ତରୀୟ ଶାରୀରିକ କର୍ମଶାଳା

ଲଖନପୁର,୨।୭(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ତିନିଦିନିଆ ପଶ୍ଚିମ ସମ୍ଭାଗସ୍ତରୀୟ ଶାରୀରିକ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଛି। ଏହି କର୍ମଶାଳା ଗୁରୁବାର ଆରମ୍ଭ ହୋଇଥିଲା। ଏଥିରେ ପଶ୍ଚିମ ସମ୍ଭାଗର ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼ ଓ ଦେବଗଡ଼ ଆଦି ଜିଲାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୮୪ଜଣ ଗୁରୁମା ଓ ଗୁରୁଜୀ ଯୋଗଦେଇଥିଲେ। ୫ ପ୍ରଶିକ୍ଷକ ବିଭିନ୍ନ ଶାରୀରିକ କାଳାଂଶ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍ ହସ୍ପିଟାଲ ମୁଖ୍ୟ ଚିକିତ୍ସକ ଡାକ୍ତର ୱାଇ.ସି. ରାଓ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ସାମଲ ନାୟକ, ସମ୍ମାନିତ ଅତିଥି ବ୍ରଜରାଜନଗର ସଙ୍କୁଳ ପ୍ରମୁଖ ବିଜୟ ଦାସ, ଶ୍ରମିକନେତା ଅଜୟ ବିଶ୍ୱାଳ, ପଶ୍ଚିମ ସମ୍ଭାଗ ସଂଯୋଜକ ସଞ୍ଜୟ କୁମାର ମିଶ୍ର, ସମ୍ବଲପୁର ବିଭାଗ ନିରୀକ୍ଷକ ପ୍ରଦୀପ କୁମାର ମିଶ୍ର, ପ୍ରଧାନ ଆଚାର୍ଯ୍ୟ ଜୟକୃଷ୍ଣ ପଟେଲ, ସମ୍ପାଦକ ଯୋଗେଶ ପ୍ରଧାନ, ଅରୁଣ ବାଗ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଗୁରୁମା, ଗୁରୁଜୀ ସୁମିତ୍ରା ଦାସ, ଶରତ ପ୍ରଧାନ, ପଙ୍କଜ ମହନ୍ତ, ଦାମୋଦର ପାଢ଼ୀ, ଅଶୋକ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

## ଇଣ୍ଟରନେଟ୍‌ରେ ମହାପ୍ରଭୁଙ୍କ କଥା

### ଶ୍ରୀମନ୍ଦିରର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ

ପୁରୀ ଅଫିସ,୨।୭



ମହାପ୍ରଭୁଙ୍କ ସମ୍ପର୍କରେ ଏଣିକି ଟିକିନିଖି କଥା ସହଜରେ ଜାଣି ହେବ। ମାଉସ୍ କ୍ଲିକ କରିବା ମାତ୍ରେ ବାହାରିବ ସବୁକିଛି ତଥ୍ୟ। ଏଥିପାଇଁ ମଙ୍ଗଳବାର ଶ୍ରୀମନ୍ଦିରର ନୂତନ ଅଫିସିଆଲ ୱେବ୍‌ସାଇଟ୍ www.shreejagannatha.in ଉନ୍ମୋଚିତ ହୋଇଛି। ଶ୍ରୀନହର ପରିସରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହାକୁ ଉନ୍ମୋଚନ କରି କହିଛନ୍ତି ମହାପ୍ରଭୁଙ୍କ ପବିତ୍ର ନବଯୌବନ ଦର୍ଶନ ସମୟରେ ଶ୍ରୀମନ୍ଦିରର ନୂତନ ଅଫିସିଆଲ ୱେବ୍‌ସାଇଟ୍ ଉନ୍ମୋଚିତ ହୋଇଛି। ବିଶ୍ୱରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତମାନେ ଏହାର ଲାଭ ନେଇପାରିବେ। ଏହି ୱେବ୍‌ସାଇଟ୍ ମାଧ୍ୟମରେ ମହାପ୍ରଭୁଙ୍କ ଇତିହାସ, ଐତିହ୍ୟ, ମହିମା, ପରମ୍ପରା ସମ୍ପର୍କରେ ଜାଣିପାରିବେ। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ପୂର୍ବରୁ ଶ୍ରୀମନ୍ଦିରର ଏକ ୱେବ୍‌ସାଇଟ ଥିଲା। ନୂତନ ୱେବ୍ ସାଇଟ୍‌ରେ ମହାପ୍ରଭୁଙ୍କ ସମ୍ପର୍କରେ ସବୁ ତଥ୍ୟ ରହିଛି। ଶ୍ରୀମନ୍ଦିରର ଦୈନନ୍ଦିନ ନୀତି, ଏହାର ପରିଚାଳନା, ବର୍ଷକ ଯାକର ପର୍ବପର୍ବାଣି ବି ସ୍ଥାନ ପାଇଛି। ଏହା ମାଧ୍ୟମରେ ଭକ୍ତମାନେ ଅନ୍‌ଲାଇନ ଡୋନେଶନ ମଧ୍ୟ ଦେଇପାରିବେ। ଆସନ୍ତା ୨ମାସ ମଧ୍ୟରେ ଦର୍ଶନାର୍ଥୀଙ୍କ ପାଇଁ ଏଥିରେ ଆଉ କିଛି ସୁବିଧା କରାଯିବ। ଦୈନିକ ମହାପ୍ରଭୁଙ୍କ କୋଠ ଭୋଗରେ ପ୍ରାୟ ୫୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏମିତିବି ସମୟ ଆସିବ ବହୁ ସଂଖ୍ୟାରେ ଲୋକ କୋଠ ଭୋଗ ଦାନ ଦେବାକୁ ଆଗେଇ ଆସିବେ।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପୁଣ୍ୟତିଥି

କୋଲାବିରା,୨।୭(ଡି.ଏନ.ଏ.)

ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ମଙ୍ଗଳବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୧ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ଏଥିରେ ସଂସଦର ସଭାପତି ଶୋଭା ଚନ୍ଦ୍ର ନାଏକ ଅଧ୍ୟକ୍ଷତା କରିଥିଲେ। ମାନବ ସେବାକୁ ନିଜର ପରମ ଧର୍ମ ଭାବେ ଗ୍ରହଣ କରି ନେଉଥିବା ସେହି ବ୍ୟକ୍ତି ସେ ସମୟର ଶିକ୍ଷା, ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର ଭାବର ଅଭୁଲା ସ୍ମୃତି ଛାଡି ଯାଇଛନ୍ତି। ତାଙ୍କଭଳି ଜଣେ ବ୍ୟକ୍ତିତ୍ୱ ଓଡିଶାରେ ଜନ୍ମଗ୍ରହଣ କରି ଦେଶ ତଥା ଜାତି ପାଇଁ ତ୍ୟାଗ, ସେବା, ନିର୍ମଳ ବ୍ୟକ୍ତିତ୍ୱ, ତୁଙ୍ଗ ସାହିତ୍ୟିକ ଭାବେ ଉଦାହରଣ ହୋଇ ରହିଛନ୍ତି ବୋଲି ନାଏକ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏଥିରେ ପରିବେଶବିତ୍ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିବଂଶ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଗୋପବନ୍ଧୁ କେବଳ ଓଡିଶା ନୁହେଁ ସମଗ୍ର ଦେଶର ଏକ ବିରଳ ବ୍ୟକ୍ତିତ୍ୱ। ତାଙ୍କ ଆଦର୍ଶରେ ଯୁବପିଢି ଅନୁପ୍ରାଣିତ ହେଲେ ଏକ ବିକଶିତ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ। ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଓ ସଂସଦର କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସେବା ଓ ତ୍ୟାଗର ପ୍ରତୀକ ସ୍ୱର୍ଗତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ତ୍ରୈଲୋକ୍ୟ ନାଥ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ବେହେରା, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ, କୃଷକ ନେତା ତୁଳାରାମ ସେନାପତି, ପ୍ରଶିକ୍ଷକ ସଚିନ୍ଦ୍ର ପଟେଲ, ଆଇନଜୀବୀ ପ୍ରକାଶ ଚନ୍ଦ୍ର ହୋତା, କୀର୍ତ୍ତିଚନ୍ଦ୍ର ବହିଦାର, ଶିକ୍ଷକ ଲଳିନ୍ଦ୍ର ଗୋଖରା, ଅଧ୍ୟାପକ ସୁଶାନ୍ତ କୁମାର ଦାସ, ବୀରେନ୍ଦ୍ର ମହାପାତ୍ର, ସରୋଜ କୁମାର ଟଣକାର, ବୁଲୁ ଟଣକାରଙ୍କ ସମେତ ବହୁବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ପଣ୍ଡିତ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତିପ୍ରତି ଗଭିର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## କବି ଅଶୋକ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା ଅଫିସ,୨।୭

ପ୍ରତିଷ୍ଠିତ କବି ଅଶୋକ ମହାପାତ୍ରଙ୍କ ବିୟୋଗରେ ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଶୋକ ପ୍ରକାଶ ପାଇଛି। ମଙ୍ଗଳବାର ସଂଘ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଆରକେ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ୟୁନିୟନ କାର୍ଯ୍ୟକର୍ତ୍ତା ଯୋଗଦେଇ ମହାପାତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ୟୁନିୟନ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ନିଜ ବକ୍ତବ୍ୟରେ ସ୍ୱର୍ଗତ ମହାପାତ୍ରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏଥିରେ ଦିଲୀପ ମହାପାତ୍ର, ବନମାଳୀ ରଣବିଡ଼ା, ମହୀପାଳ ବାଗ, ପି.ସି. ବେହେରା, ନିହାର ସାମଲ, ଅଭିମନ୍ୟୁ ରାଉତ, ଯୁଧିଷ୍ଠିର ସାହୁ, ପ୍ରତାପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ମହାପାତ୍ର ଗତ କିଛିଦିନ ହେବ ଆଇଜିଏଚ୍ ଆଇସିୟୁରେ ଭର୍ତ୍ତି ହୋଇଥିବା ବେଳେ ନିକଟରେ ଘରକୁ ଫେରିଥିଲେ। ମଙ୍ଗଳବାର ସକାଳେ ତାଙ୍କର ଦେହାନ୍ତ ଘଟିଥିଲା।

# ଯୋଡ଼ା ଶିଶୁଙ୍କ ଚିକିତ୍ସା ପାଇଁ ୭ ଜଣିଆ ଡାକ୍ତରୀ ଟିମ୍

**କଟକ ଅଫିସ, ୨।୭:** ଢେଙ୍କାନାଳ ଯୋଡାଶିଶୁଙ୍କ ଚିକିତ୍ସା ପାଇଁ କଟକ ଶିଶୁଭବନରେ ୭ ଜଣିଆ ଡାକ୍ତରୀ ଦଳ ଗଠିତ ହୋଇଛି। ଶିଶୁ ଶଲ୍ୟ ବିଭାଗର ବରିଷ୍ଠ ପ୍ରଫେସର ଡା. ହିରଣ୍ୟ ମହାନ୍ତିଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍‌ରେ ଶିଶୁ ସର୍ଜରୀ ବିଭାଗର ଅନ୍ୟତମ ବରିଷ୍ଠ ପ୍ରଫେସର ଡା. ପି.କେ. ଜେନା, ମେଡିସିନ ବିଭାଗର ପ୍ରଫେସର ଅନିଲ ମହାନ୍ତି, ଶିଶୁରୋଗ ବିଭାଗର ପ୍ରଫେସର ଡା.ପି.କେ. ଜେନା, ଏସ୍‌ସିବି ହୃଦ୍‌ବକ୍ଷ ଶଲ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ, ଡା. ଜ୍ୟୋତି ଚମ୍ପତିରାୟ ଓ ଡା. ମାନସ ଉପାଧ୍ୟାୟ ଅଛନ୍ତି।

ମଙ୍ଗଳବାର ଏହି ଯୋଡ଼ା ଶିଶୁଙ୍କ ଇକୋ ପରୀକ୍ଷା କରାଯାଇଥିଲା। ପରୀକ୍ଷାରୁ ଉଭୟଙ୍କର ଗୋଟିଏ ହୃତ୍‌ପିଣ୍ଡ ଥିବା ଜଣାପଡ଼ିଛି। ଦିନେ କି ଦୁଇଦିନ ମଧ୍ୟରେ ଶିଶୁ ଦ୍ୱୟଙ୍କର ଏମ୍‌ଆର୍‌ଆଇ, ସିଟି ସ୍କାନ ସହିତ ଅନ୍ୟାନ୍ୟ ପରୀକ୍ଷା ନିରୀକ୍ଷା କରାଯିବ ବୋଲି ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ସରୋଜ ଶତପଥୀ ସୂଚନା ଦେଇଛନ୍ତି। ତେବେ ବର୍ତ୍ତମାନ ପରିସ୍ଥିତିରେ ଶିଶୁ ଦ୍ୱୟଙ୍କୁ ଶିଶୁଭବନର ନିୟୋନାଟାଲ ଇଣ୍ଟେନସିଭ କେୟାର ୟୁନିଟ୍ (ନିକୁ)ରେ ରଖି ଚିକିତ୍ସା କରାଯାଉଛି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଶିଶୁ ଦ୍ୱୟଙ୍କ ସମ୍ପର୍କରେ ମତ ଦେଇ ଟିମ୍‌ର ସଦସ୍ୟ ତଥା ଶିଶୁ ଶଲ୍ୟ ବିଭାଗର ବରିଷ୍ଠ ପ୍ରଫେସର ଡା. ପି.କେ. ଜେନା କୁହନ୍ତି, ଏଭଳି ଶିଶୁଙ୍କ କ୍ଷେତ୍ରରେ ମୃତ୍ୟୁ ହାର ୯୯ ପ୍ରତିଶତ ରହିଥାଏ। ତା' ଅର୍ଥ ନୁହେଁ ଯେ ଚିକିତ୍ସା କରାଯିବ ନାହିଁ। ବର୍ତ୍ତମାନ ପରିସ୍ଥିତିରେ ଅପରେଶନ ସମ୍ଭବ ନୁହେଁ। ଏବେ ସେମାନଙ୍କର ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇ ସେମାନଙ୍କୁ ବଞ୍ଚାଇ ରଖିବା ପାଇଁ ଚେଷ୍ଟା କରାଯିବ। ଅତି କମ୍‌ରେ ୬ ମାସ ପରେ ଯାହା କରାଯିବା କଥା କରାଯିବ। ଟିମ୍‌ର ଅନ୍ୟତମ ସଦସ୍ୟ ତଥା ଏସ୍‌ସିବି ହୃଦ୍‌ବକ୍ଷ ଶଲ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ କୁହନ୍ତି, ପ୍ରାଥମିକ ପରୀକ୍ଷାରୁ ଶିଶୁ ଦ୍ୱୟଙ୍କର ଗୋଟିଏ ହୃତ୍‌ପିଣ୍ଡ ଥିବା ଜଣାପଡ଼ିଛି। ଗୋଟିଏ ହୃତ୍‌ପିଣ୍ଡରେ ଦୁଇ ଜଣ ବଞ୍ଚିବା କେବେ ବି ସମ୍ଭବ ନୁହେଁ। ଅନ୍ୟାନ୍ୟ ପରୀକ୍ଷା ନିରୀକ୍ଷା ରିପୋର୍ଟ ଦେଖିବା ପରେ ବାସ୍ତବରେ ଶିଶୁ ଦ୍ୱୟଙ୍କର ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ସମ୍ପର୍କରେ ସବିଶେଷ ଜଣାପଡ଼ିବ ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ଶିଶୁ ଦ୍ୱୟଙ୍କର ଗ୍ରହଣ ଖଣ୍ଡିଆ ଓ ତାଳୁ ଖଣ୍ଡିଆ ଥିବା ଜଣାପଡ଼ିଛି।

ଏଠାରେ ପ୍ରକାଶଥାଉକି, ଗତ ଦୁଇ ବର୍ଷ ତଳେ ଶିଶୁଭବନକୁ ସମାନ ଧରଣର ୨ ଜଣ ଶିଶୁ ଆସିଥିଲେ। ନୟାଗଡ଼ ଅଞ୍ଚଳରୁ ଆସିଥିବା ଏହି ଶିଶୁ ଦ୍ୱୟଙ୍କର ପେଟରୁ ଛାତି ଯୋଡ଼ି ହୋଇ ରହିଥିଲା। ଏମାନଙ୍କ ନାମ ଗଙ୍ଗା ଯମୁନା ଦିଆଯାଇଥିଲା। ଶିଶୁଭବନରେ ୧୯ ଦିନ ରହିବା ପରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ସାଧାରଣତଃ ଏଭଳି ଶିଶୁମାନଙ୍କୁ ଡାକ୍ତରୀ ଭାଷାରେ ଥୋରାକୋ ଓମ୍‌ଫାଲୋ ଫାଗସ କୁହାଯାଏ ବୋଲି ଶିଶୁ ଶଲ୍ୟ ବିଭାଗର ବରିଷ୍ଠ ପ୍ରଫେସର ଡା. ଜେନା କହିଛନ୍ତି। ସୂଚନାଥାଉକି, ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ସୋମବାର ଏହି ବିରଳ ଶିଶୁ କନ୍ୟା ଦ୍ୱୟ ଜନ୍ମ ହୋଇଥିଲେ। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଧୀନ ଖାଲପାଳ ଗ୍ରାମର ପ୍ରଦୀପ ବେହେରାଙ୍କ ସ୍ତ୍ରୀ ରେଣୁବାଳା ଏହି ଶିଶୁ ଦ୍ୱୟଙ୍କୁ ଜନ୍ମ ଦେଇଛନ୍ତି। ଜନ୍ମ ପରେ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଛି। ଶିଶୁ ଦ୍ୱୟଙ୍କ ଓଜନ ୪ କେଜି ୩୦୦ ଗ୍ରାମ ରହିଛି।



- ଇକୋ ଟେଷ୍ଟରୁ ଗୋଟିଏ ହୃତ୍‌ପିଣ୍ଡ ଜଣାପଡ଼ିଲା
- ୨ ବର୍ଷ ତଳେ ଆସିଥିଲେ ଗଙ୍ଗା ଯମୁନା

### ୭୦ତମ ବନ ମହୋତ୍ସବ

ଲଇକେରା, ୨।୭ (ଡି.ଏନ.ଏ.)

ଝାରସୁଗୁଡା ଜିଲା ଲଇକେରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ୭୦ ତମ ବନମହୋତ୍ସବ ଅଧ୍ୟକ୍ଷ ଦିଲୀପ କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ନାଏକ, ବନପାଳ ସୁଜାତା ବେହେରା, ବନରକ୍ଷକ ପ୍ରଦୀପ ବେସନ, ସୁରେଶ ତରେଇ, ରସାୟନ ବିଜ୍ଞାନ ଅଧ୍ୟାପକ ସୁଦିପ ପୁରୋହିତ, ଓଡିଆ ଅଧ୍ୟାପକ ପ୍ରସନ୍ନ ଷଣ୍ଢ ପ୍ରମୁଖ ଯୋଗଦେଇ ମହୋତ୍ସବ ଉପରେ ନିଜର ମନ୍ତବ୍ୟକ୍ତ ରଖିଥିଲେ। ଶେଷରେ ଅଧ୍ୟାପକ ରୁଦ୍ରାକ୍ଷା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ବୋହୂଙ୍କୁ ବିଷ ପିଆଇ ହତ୍ୟା ଅଭିଯୋଗ

ରଣପୁର,୨।୭ (ସ୍ୱ.ପ୍ର.)- ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଞ୍ଚଳର ଜଣେ ବୋହୂଙ୍କୁ ଶାଶୁଘର ଲୋକେ ବିଷ ପିଆଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ମହିଳାଙ୍କ ମା' ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଶାଶୁଘର ଲୋକଙ୍କ ନାମରେ ଏକ ମାମଲା (ନଂ. ୬୭/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି। ହେଲେ ଗିରଫ ଭୟରେ ଶାଶୁଘର ଲୋକେ ଫେରାର ହୋଇଯାଇଛନ୍ତି। ମୃତକ ହେଲେ ଏହି ଥାନା ଓସ୍ତପଡା ଗ୍ରାମର ସୁରଥ ସିଂଙ୍କ ଝିଅ ମିଲି ସିଂ (୨୮)। ଥାନାରେ ମିଲିଙ୍କ ମା' ନଳିନୀ ସିଂ କରିଥିବା ଅଭିଯୋଗ ଅନୁଯାୟୀ, ୧୫ ବର୍ଷ ତଳେ ଏହି ଥାନା ଅନ୍ତର୍ଗତ ଜଙ୍କିଆ ଗ୍ରାମର ବଂଶୀଧର ମାଝିଙ୍କ ପୁଅ ବିଭୂତି ମାଝିଙ୍କୁ ମିଲି ବିବାହ କରିଥିଲେ। କିଛିଦିନ ଠିକ୍‌ରେ ଚଳିବା ପରେ ଅଧିକ ଯୌତୁକ ପାଇଁ ଝିଅ ଉପରେ ଶ୍ୱଶୁର ଘର ଲୋକେ ଚାପ ପକାଇଥିଲେ। ଗତ ରବିବାର ଝିଅକୁ ବିଷଦେଇ ଶାଶୁଘର ଲୋକେ ମାରିଦେବାକୁ ଉଦ୍ୟମ କରିଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ଦୁର୍ବିପାକ ସତ୍ତ୍ୱେ କୃଷି ଉତ୍ପାଦନ ବଢ଼ିଛି: ମନ୍ତ୍ରୀ

ଭୁବନେଶ୍ୱର,୨।୭(ବ୍ୟୁରୋ)

ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ପାଇଁ ଦୃଢ଼ ପ୍ରତିବଦ୍ଧ। କୃଷକମାନଙ୍କର କଲ୍ୟାଣ ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଆମର ଚିର ସହଚର। ୨୦୦୦-୦୧ରୁ ୨୦୧୮ ମଧ୍ୟରେ ରାଜ୍ୟରେ ୮ଥର ମରୁଡ଼ି, ୯ଥର ବନ୍ୟା, ୩ଥର ବାତ୍ୟା ଓ ୩ ଥର ରୋଗ ପୋକ ଦ୍ୱାରା ଫସଲ ନଷ୍ଟ ହୋଇଛି। ଏହା ସତ୍ତ୍ୱେ କୃଷି କ୍ଷେତ୍ରର ଦ୍ରୁତ ପ୍ରଗତି ଯୋଗୁ ଗ୍ରାମାଞ୍ଚଳର ବିକାଶ ଓ କୃଷକମାନଙ୍କର ସର୍ବାଙ୍ଗୀନ କଲ୍ୟାଣ ସାଧିତ ହେଉଛି। ରାଜ୍ୟରେ କୃଷକମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଖାଦ୍ୟ ଶସ୍ୟ ଉତ୍ପାଦନ ବଢ଼ିଛି। ୨୦୦୦-୦୧ରେ ଖାଦ୍ୟ ଶସ୍ୟ ଉତ୍ପାଦନ ୫୫ ଲକ୍ଷ ମେଟ୍ରିକ ଟନ ଥିବା ବେଳେ ୨୦୧୪ରେ ଏହା ୧୧୮ ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ମଙ୍ଗଳବାର ମୁଲତବୀ ପ୍ରସ୍ତାବର ଜବାବରେ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଦୁଗ୍ଧ, ମତ୍ସ୍ୟ, ଅଣ୍ଡା ଉତ୍ପାଦନ ପାଇଁ ରାଜ୍ୟ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ୨୦୦୦-୦୧ରେ ଦୁଗ୍ଧ ଉତ୍ପାଦନ ୮.୭୫ ଲକ୍ଷ ମେଟ୍ରିକ ଟନ ଥିବା ବେଳେ ୨୦୧୮-୧୯ରେ ଏହା ୨୩.୦୯ ଲକ୍ଷ ମେଟ୍ରିକ ଟନକୁ ବୃଦ୍ଧି ପାଇଛି। ସେହିପରି ଅଣ୍ଡା, ମାଂସ, ମତ୍ସ୍ୟ, ଉତ୍ପାଦନ କ୍ଷେତ୍ରରେ ରାଜ୍ୟର ଅଭିବୃଦ୍ଧି ହେଉଛି ବୋଲି ମନ୍ତ୍ରୀ କହିଛନ୍ତି। କୃଷି କ୍ଷେତ୍ରକୁ ଅଧିକ ଅର୍ଥ ଦେବାକୁ ୨୦୧୩-୧୪ଠାରୁ ସ୍ୱତନ୍ତ୍ର କୃଷି ବଜେଟ ବିଧାନସଭାରେ ଉପସ୍ଥାପନ କରାଯାଉଛି। ରାଜ୍ୟ ସରକାର କୃଷକମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିଛନ୍ତି। କୃଷକମାନଙ୍କର ଜୀବିକା ଏବଂ ଆୟ ବୃଦ୍ଧି ପାଇଁ କାଳିଆ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ମନ୍ତ୍ରୀ କହିଥିଲେ। ହେଲେ ମନ୍ତ୍ରୀଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ କଂଗ୍ରେସ ଦଳର ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ।

- ମୁଲତବୀ ଆଲୋଚନା
- ଚାଷୀଙ୍କୁ ଜଳ, ବିଦ୍ୟୁତ୍, ମିଳୁନି: ବିରୋଧୀ
- କଂଗ୍ରେସର କକ୍ଷ ତ୍ୟାଗ

ରାଜ୍ୟର କୃଷି ଓ କୃଷକ ସମସ୍ୟା ପ୍ରତି ରାଜ୍ୟ ସରକାର ଉଦାସୀନ ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଗତ କରି କଂଗ୍ରେସ ସଦସ୍ୟ ନରସିଂହ ମିଶ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଏ ସରକାରଙ୍କର ସବୁକିଛି କାଗଜ କଲମରେ ଚାଲିଛି। ୨୦୦୬ରେ ରାଜ୍ୟପାଳଙ୍କ ଅଭିଭାଷଣରେ ସରକାର କହିଥିଲେ ୫ ବର୍ଷରେ ସବୁ ବ୍ଲକକୁ ୩୦ ପ୍ରତିଶତ ଜଳସେଚନ ଯୋଗାଇ ଦେବେ। ୨୦୦୯ରେ ଚାଷୀଙ୍କୁ ମାଗଣାରେ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସରକାର ତାହା ଯୋଗାଇ ଦେଇଛନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ। ସରକାରୀ ହିସାବ ଅନୁଯାୟୀ ଧାନ କୁଇଣ୍ଟାଲ ଉତ୍ପାଦନ ପାଇଁ ଜଣେ ଚାଷୀଙ୍କୁ ୨୩୪୪ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଧାନ ବିକୁଛନ୍ତି ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି)୧୭୫୦ ଟଙ୍କାରେ। ତାହା ବି ଅନେକ ସମୟରେ ଚାଷୀଙ୍କୁ ମିଳୁ ନାହିଁ ବୋଲି ମିଶ୍ର କହିଥିଲେ। ଆଳୁ ମିଶନ ଫେଲ୍ ମାରିଛି। ଏହାକୁ ଲକ୍ଷ୍ୟ କରି ସରକାର ଶୀତଳ ଭଣ୍ଡାର ସ୍ଥାପନ ପାଇଁ ପ୍ରୋତ୍ସାହନ ଦେଇଥିଲେ। ସେହି ଶୀତଳ ଭଣ୍ଡାରଗୁଡ଼ିକ ବନ୍ଦ ହେବାକୁ ଯାଉଛି। ସରକାର ଘୋଷଣା କରିଥିବା ସବ୍‌ସିଡି ସେମାନଙ୍କୁ ମିଳି ନାହିଁ। ଏସବୁ ପ୍ରଶ୍ନର ଜବାବ ମାଗିଥିଲେ। ଭାଜପା ସଭ୍ୟ ଜୟନାରାୟଣ ମିଶ୍ର କହିଥିଲେ ଆଗରୁ ଆମ ଲୋକମାନେ ବାହାରକୁ ଯାଉ ନ ଥିଲେ। ଚାଷ ଯାହାଙ୍କର ଥିଲା ତାଙ୍କୁ ଅନେକ ସମ୍ମାନ ମିଳୁଥିଲା। ଏବେ ଚାଷ କରୁଥିବା ଲୋକଙ୍କୁ ଝିଅ ବାହା ଦେବାକୁ ରାଜି ହେଉନାହାନ୍ତି । ଚାଷ ଉପରେ ୭୦ ଭାଗରୁ ଅଧିକ ଲୋକ ନିର୍ଭର କରୁଛନ୍ତି। ସରକାର ଜମିକୁ ଜଳସେଚନ କିମ୍ବା ଚାଷୀଙ୍କୁ ବିହନ ଯୋଗାଇ ଦେଇପାରୁ ନାହାନ୍ତି।

## କୁଚିଣ୍ଡା ବସଷ୍ଟାଣ୍ଡ ପୋଖରୀ ପାଲଟିଛି



କୁଚିଣ୍ଡା, ୨।୭ (ଡି.ଏନ.ଏ.)

କୁଚିଣ୍ଡା ବସଷ୍ଟାଣ୍ଡ ପୋଖରୀର ଭ୍ରମ ସୃଷ୍ଟି କରୁଛି। ରବିବାରଠାରୁ ଲଗାଣ ବର୍ଷା ଯୋଗୁ ବସଷ୍ଟାଣ୍ଡରେ ଆଣ୍ଠୁଏ ଇଢର ପାଣି ଜମା ହୋଇଛି। ବସଷ୍ଟାଣ୍ଡରୁ ଗେଟି ଉଠି ଗଲାଣି। ଲୁହା ଛଡ ଉପରକୁ ବାହାରି ରହିଛି। ଏଣୁ ପାଣି ଜମିଥିବାରୁ ରଡ୍ ଦେଖା ଯାଉନି। ଫଳରେ ଧନଜୀବନ ପ୍ରତି ଆଶଙ୍କା ରହୁଛି। ଏ ନେଇ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବର୍ଷା କମିବା ପରେ ତୁରନ୍ତ ବସଷ୍ଟାଣ୍ଡର ମରାମତି କାମ କରାଯିବ।

# ଅସ୍ତରଙ୍ଗ ଉପକୂଳ ଲଙ୍ଘିଲା ଅଶାନ୍ତ ସମୁଦ୍ର

କାକଟପୁର, ୨।୭(ଡି.ଏନ୍.ଏ.)

- ଶହ ଶହ ଏକର ଚାଷ ଜମିରେ ମାଡ଼ିଗଲା ଲୁଣା ଜୁଆର
- ଉପକୂଳବର୍ତ୍ତୀ ଗ୍ରାମବାସୀ ଆତଙ୍କିତ

ଲଘୁଚାପ ଏବଂ ଅମାବାସ୍ୟା ତିଥି ପାଇଁ ଅଶାନ୍ତ ହୋଇପଡ଼ିଛି ସମୁଦ୍ର। ମଙ୍ଗଳବାର ମଧ୍ୟାହ୍ନରେ ଅସ୍ତରଙ୍ଗ ଉପକୂଳର ଉଦୟକଣି ଗାଁ ନିକଟରେ ଉଚ୍ଚ ଜୁଆର କୂଳ ଲଙ୍ଘିଛି। ତଣ୍ଡାହାର, ଛେନୁ, ଉଦୟକଣି ଏବଂ କଟକଣା ଆଦି ୪ଟି ଗାଁରେ ଲୁଣିପାଣି ପଶିଯାଇଛି। ଯଦି ସମୁଦ୍ରର ଏଭଳି ସ୍ଥିତି ଜାରି ରୁହେ ବୁଧବାର ସକାଳ ସୁଦ୍ଧା ଉପରୋକ୍ତ ସବୁ ଗ୍ରାମ ଜଳବନ୍ଦୀ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ଉପକୂଳବର୍ତ୍ତୀ ସମସ୍ତ ଗାଁର ଲୋକେ ଆଶଙ୍କା ମଧ୍ୟରେ ରହିଛନ୍ତି। ଖବରପାଇ କାକଟପୁର ଜଳସେଚନ ଉପଖଣ୍ଡର ଉପନିର୍ବାହୀ ଯନ୍ତ୍ରୀ ପ୍ରତାପ କୁମାର ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ତପନ କୁମାର ନାୟକ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ସହ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ।

ପ୍ରତିବର୍ଷ ବର୍ଷା ଋତୁରେ ଏଠାରେ ସମୁଦ୍ର ସ୍ଥଳଭାଗ ମୁହାଁ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ରାତିରେ ଶୋଇପାରୁ ନାହୁଁ ବୋଲି ତଣ୍ଡାହାର ଗ୍ରାମର ସୁବାସ ପ୍ରଧାନ, ଛେନୁ ଗ୍ରାମର ବାପି ପ୍ରଧାନ ଓ ଉଦୟକଣି ଗ୍ରାମର ଭଗବାନ ବେହେରା କହିଛନ୍ତି। ଗତବର୍ଷ ସମୁଦ୍ର ଜୁଆର କୂଳ ଲଙ୍ଘିବା ପରେ ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ଏକ ବିଶେଷଜ୍ଞ ଦଳ ଏଠାକୁ ଆସି ଘଟଣାର ଅନୁଧ୍ୟାନ କରିଥିଲେ। ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି ଏବଂ ବିଶେଷଜ୍ଞ ଦଳଙ୍କ ପରାମର୍ଶକୁ ଅପେକ୍ଷା କରାଯାଇଛି। ସମସ୍ୟାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି କହିଛନ୍ତି ଜଳସେଚନ ବିଭାଗ କାକଟପୁର ଉପନିର୍ବାହୀ ଯନ୍ତ୍ରୀ।



ଅସ୍ତରଙ୍ଗ ଉପକୂଳର ଉଦୟକଣି ଗାଁ ନିକଟରେ ଉଚ୍ଚ ଜୁଆର କୂଳ ଲଙ୍ଘିଛି।

# ଦନ୍ତରୀବାହାଲ ହାଇସ୍କୁଲରେ ବନ ମହୋତ୍ସବ

ଦେବଗଡ, ୨।୭ (ଡି.ଏନ.ଏ)

ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବାରକୋଟ ବନାଞ୍ଚଳ ଅଧିନ ଦନ୍ତାରୀବାହାଲ ଗ୍ରାମସ୍ଥିତ ଦନ୍ତାରୀବାହାଲ ହାଇସ୍କୁଲଠାରେ ମଙ୍ଗଳବାର ୭୦ତମ ବନମହୋତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବାରକୋଟ ବନାଞ୍ଚଳାଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କ ପରିଚାଳନାରେ ଆୟୋଜିତ ସଚେତନତା ସଭାରେ କାର୍ଯ୍ୟକ୍ରମରେ ଅତିଥି ଭାବେ ଦେବଗଡ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ, ଦେବଗଡ ଜିଲା ପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ, କଣ୍ଢାପାଲି ସରପଞ୍ଚ ମନ୍ଦାକିନୀ ବେହେରା, ପରିବେଶବିତ ଲଳୀତ ମୋହନ ସାହୁ ମଞ୍ଚାସୀନ ରହି ବନମହୋତ୍ସବ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ । ଜଙ୍ଗଲର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କ ସହ ମିଶି ହାଇସ୍କୁଲ ପରିସରରେ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଦନ୍ତାରୀବାହାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୋଳଗୋବିନ୍ଦ ପ୍ରଧାନ, ତୀର୍ଥବାସୀ ବେହେରା, ହୃଦାନନ୍ଦ ନାୟକ, ଦୁର୍ବାଶା ପ୍ରସାଦ ସାହୁ, ବନ ବିଭାଗର କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।



ବନମହୋତ୍ସବରେ ଉପସ୍ଥିତ ଅତିଥି ଛାତ୍ରୀଛାତ୍ର ଓ ଗ୍ରାମବାସୀ।

ଯୋଡ଼ା ନାବାଳିକା ଗଣବଳାତ୍କାର ଘଟଣାର ପର୍ଦ୍ଦାଫାଶ

# ପୁରୁଷ ବନ୍ଧୁ ମୁଖ୍ୟ ଅଭିଯୁକ୍ତ

ଯୋଡ଼ା,୨।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରେ ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଗଣବଳାତ୍କାର କରାଯିବା ଘଟଣାର ୮ ଦିନ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ପୂର୍ବରୁ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୩ଜଣ ନାବାଳକଙ୍କୁ ବାଳସ୍ୱଧାର ଗୃହକୁ ପଠାଯାଇଥିଲା। ମଙ୍ଗଳବାର ଧରାପଡ଼ିଥିବା ମୁଖ୍ୟ ଅଭିଯୁକ୍ତ ପୀଡ଼ିତାଙ୍କ ପୁରୁଷ ବନ୍ଧୁ ଥିଲେ। ସେ ଷଡ଼ଯନ୍ତ୍ର କରି ଏଭଳି ଅପରାଧ ଘଟାଇଥିବା ତଦନ୍ତ ବେଳେ ଜଣାପଡ଼ିଛି ବୋଲି ଯୋଡ଼ା ଥାନା ଅଧିକାରୀ ବିଜୟ କୃଷ୍ଣ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଉଲ୍ଲେଖନୀୟ ଯେ, ଗତ ୨୪ ତାରିଖ ସନ୍ଧ୍ୟାରେ ସମ୍ପୃକ୍ତା ନାବାଳିକା ରାସ୍ତା ପାର୍ଶ୍ୱରେ ଠିଆହୋଇ ତାଙ୍କ ବନ୍ଧୁଙ୍କ ସହିତ କଥାବାର୍ତ୍ତା କରୁଥିଲେ। ଏହି ସମୟରେ କେତେଜଣ ଯୁବକ ସେଠାରେ ପହଞ୍ଚି ନାବାଳିକାଙ୍କ ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ପକାଇ ମାରଧର କରିଥିଲେ। କିଛି ସମୟ ପରେ ଘର ଲୋକଙ୍କୁ ଡାକି ଆଣିବାକୁ କହି ଅଭିଯୁକ୍ତମାନେ ତାଙ୍କୁ ସେଠାରୁ ପଠାଇଦେଇ ନାବାଳିକାଙ୍କୁ ନିକଟ ଜଙ୍ଗଲକୁ ଟେକି ନେଇ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ନାବାଳିକାଙ୍କ ପୁରୁଷ ବନ୍ଧୁ ଷଡ଼ଯନ୍ତ୍ର କରି ଗଣବଳାତ୍କାର ଘଟାଇଥିବା ଜଣାପଡ଼ିଥିଲା। ତାଙ୍କୁ ଗଛରେ ବାନ୍ଧି ମାରଧର କରିବାଭଳି ନାଟକ କେବଳ ସୃଷ୍ଟି କରାଯାଇଥିଲା। ଗିରଫ ମୁଖ୍ୟ ଅଭିଯୁକ୍ତ ହେଲେ କମାରଯୋଡ଼ାସ୍ଥିତ ଉଡ଼ିସାହିର ଶ୍ରୀବାସ୍ତବ ଲୋହାର(୧୯)। ତାଙ୍କୁ ମଙ୍ଗଳବାର ଡାକ୍ତରୀମାଇନା କରାଯାଇଛି। ଏହି ଗଣବଳାତ୍କାର ଘଟଣା ନେଇ ଥାନାରେ ମାମଲା (ନଂ.୧୦୦/୨୦୧୯) ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା କହିଛି।

## ସୋଲାର ପ୍ଲାଣ୍ଟରୁ ତାର ଚୋରି କରି ୨ ଅଭିଯୁକ୍ତ ଗିରଫ

ରେଙ୍ଗାଲି,୨।୭ (ଡି.ଏନ.ଏ.)

ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ଲପଙ୍ଗାସ୍ଥିତ ସୋଲାର ପ୍ଲାଣ୍ଟରୁ ସୋମବାର ସନ୍ଧ୍ୟାରେ ଦୁଇ ବଣ୍ଡଲ ତାର ଚୋରି କରି ୨ ଜଣ ଯୁବକ ଗିରଫ ହୋଇଛନ୍ତି। ଏ ଦୁହେଁ ହେଲେ ବୋମାଲୋଇ ଗ୍ରାମର ଜଗନ୍ନାଥ କିଶାନ ଏବଂ ପିତାମ୍ବର କିଶାନ। ପ୍ଲାଣ୍ଟ କର୍ତ୍ତୃପକ୍ଷ ଠେଲକଲୋଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ମଙ୍ଗଳବାର ଦୁଇ ଅଭିଯୁକ୍ତଙ୍କଠାରୁ ତାର ଉଦ୍ଧାର କରି ଗିରଫ କରିଛି ।

# ୧୫ ଭରି ଗହଣା, ଟଙ୍କା ଲୁଟ

ବ୍ରହ୍ମପୁର ଅଫିସ,୨।୭ (ଡି.ଏନ.ଏ.)

ବ୍ରହ୍ମପୁରରେ ଚୋରି, ଲୁଟ ଘଟଣା ପରେ ଏବେ ମୁଣ୍ଡ ଟେକିଛନ୍ତି ଡ଼କାୟତି ଗ୍ୟାଙ୍ଗ। ମଙ୍ଗଳବାର ସଦର ଥାନା ଅନ୍ତର୍ଗତ ବିଜୟ ବିହାରରେ ରହୁଥିବା ଜଣେ ବରିଷ୍ଠ ନାଗରିକ ଏମ୍.କାନକା ରାଓଙ୍କୁ ଆକ୍ରମଣ କରାଯିବା ସହ ତାଙ୍କ ଘରେ ସଶସ୍ତ୍ର ଡକାୟତି ହୋଇଛି। ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର ଓ ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ସୋମବାର ରାତିରେ କାନକା ରାଓ ଏବଂ ତାଙ୍କ ସ୍ତ୍ରୀ, ଶାଶୁ, ମା' ଓ ଝିଅ ମଧ୍ୟ ଖାଇସାରି ଶୋଇ ପଡ଼ିଥିଲେ। ମଙ୍ଗଳବାର ଭୋର ପ୍ରାୟ ୪ଟା ବେଳେ ଡ଼କାୟତ ଗ୍ୟାଙ୍ଗ କାନକାଙ୍କ ଝରକା ଗ୍ରୀଲ ଭାଙ୍ଗି ଘରେ ପଶି ପ୍ରଥମେ ତାଙ୍କୁ କାବୁ କରି ନେଇଥିଲେ। ପରେ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ଆକ୍ରମଣ କରିଥିଲେ। ଏହା ଦେଖି ଘରେ ଶୋଇଥିବା ମହିଳାମାନେ ଉଠି ଥିଲେ। ଘର ଭିତରେ ୪ ଜଣ ମୁଖାପିନ୍ଧା ଦୁର୍ବୃତ୍ତଙ୍କୁ ଦେଖି ମହିଳାମାନେ ଭୟଭୀତ ହୋଇଯାଇଥିଲେ। ହେଲେ ନିକଟରେ ଠିଆ ହୋଇଥିବା ବୃଦ୍ଧା ମା' ମୋ ପୁଅକୁ କାହିଁକି ମାରୁଛ ବୋଲି ପଚାରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ମହିଳାମାନେ ପିନ୍ଧିଥିବା ସମସ୍ତ ସୁନା ଗହଣା ଡ଼କାୟତି ଗ୍ୟାଙ୍ଗ ଲୁଟି ନେଇଥିଲେ। ମହିଳାମାନଙ୍କଠାରୁ ୧୫ ଭରି ଗହଣା ଲୁଟି ନେଇଥିଲେ। ପରେ ଦୁର୍ବୃତ୍ତମାନେ ଆଲମିରା ଚାବି ମାଗିଥିଲେ। ଚାବି ପାଇବା ପରେ ଅଲମିରାରେ ଥିବା ୧୫ ହଜାର ଟଙ୍କା ମଧ୍ୟ ଲୁଟି ନେଇଥିଲେ। ଲୁଟପାଟ ପରେ ସମସ୍ତଙ୍କୁ ଏକ କୋଠରିରେ ପୂରାଇ ବାହାରପଟରୁ ବନ୍ଦକରି ପଳାଇ ଯାଇଥିଲେ। ଦୁର୍ବୃତ୍ତଙ୍କ ଆତଙ୍କ ଦେଖି କାନକାଙ୍କ ଝିଅ ଅନ୍ୟ ଏକ କୋଠରିରେ କବାଟ ବନ୍ଦ କରି ଭୟଭୀତ ଅବସ୍ଥାରେ ଲୁଚି ରହିଥିଲେ। ଡ଼କାୟତମାନେ ଚାଲିଯିବାର କିଛି ସମୟ ପରେ ଝିଅ କୋଠରି ବାହାରକୁ ଆସି କବାଟ ଖୋଲି ସମସ୍ତଙ୍କୁ ବାହାର କରିଥିଲେ।

# ୨.୮୫ ଲକ୍ଷ ଟଙ୍କା ସହ ସୁନା ଚୋରି

ଅନୁଗୋଳ ଅଫିସ, ୨।୭

ପ୍ରବଳ ବର୍ଷା ବେଳେ ଅନୁଗୋଳ ଥାନା ଜରାସିଂହାରୁ ସୋମବାର ରାତିରେ ହୋଇଛି ଚୋରି। ଦୁର୍ବୃତ୍ତମାନେ ଘନଶ୍ୟାମ ସାହୁଙ୍କ ଘରେ ପଶି ନଗଦ ୨.୮୫ ଲକ୍ଷ ଟଙ୍କା ସହ ସୁନାଗହଣା ଓ ୩୫ ହଜାର ବିଦେଶୀ ମୁଦ୍ରା ନେଇଯାଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ପୋଲିସ ଘଟଣାସ୍ଥଳରେ ସନ୍ଧାନୀ କୁକୁର ନେଇ ତଦନ୍ତ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୂଚନା ପାଇପାରି ନାହିଁ। ଏ ସଂକ୍ରାନ୍ତରେ ନଂ. ୪୮୫/୧୯ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ରାତିରେ ବର୍ଷାର ସୁଯୋଗ ନେଇ ଦୁର୍ବୃତ୍ତମାନେ ମୁଖ୍ୟ ଫାଟକ ତାଲା ଭାଙ୍ଗି ଘନଶ୍ୟାମଙ୍କ ଘରେ ପଶିଥିଲେ। ପ୍ରଥମେ ଦୁଇଟି ବଖରାରୁ ଚୋରି କରିବା ପରେ ଅନ୍ୟ ଏକ ବଖରାରେ ଥିବା ଆଲମିରାକୁ ଉଠାଇ ଘରୁ ପ୍ରାୟ ଶହେ ମିଟର ଦୂରକୁ ନେଇ ଯାଇଥିଲେ।

ସେଠାରେ ତାଲା ଭାଙ୍ଗି ୨ ଲକ୍ଷ ୮୫ ହଜାର ଟଙ୍କା, ୩ଟି ସୁନା ହାର, ୨ଟି ସୁନା ଚେନ, ୧୨ଟି ମୁଦି, ୨ ହଳ କାନଫୁଲ ଓ ୩୫ ହଜାର ବିଦେଶୀ ମୁଦ୍ରା ଧରି ଫେରାର ହୋଇଯାଇଥିଲେ। ସକାଳୁ ପରିବାର ଲୋକମାନେ ସମସ୍ତ ଜିନିଷ ଏଣେ ତେଣେ ପଡ଼ିଥିବା ଦେଖି ଚୋରି ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ତୁରନ୍ତ ସେମାନେ ଅନୁଗୋଳ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ପରେ ଘର ସହ ପରିଚିତ କୌଣସି ବ୍ୟକ୍ତିଙ୍କ ଏଥିରେ ସମ୍ପୃକ୍ତି ଥିବା ଅନୁମାନ କରିଛି। ତଦନ୍ତ ଜାରି ରହିଥିବାରୁ ଖୁବ୍‌ଶୀଘ୍ର ଦୁର୍ବୃତ୍ତମାନଙ୍କୁ ଧରାଯିବ ବୋଲି ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ପ୍ରକାଶ କରିଛନ୍ତି।



ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଆଲମିରା ପଡ଼ିଥିବା ସ୍ଥାନରେ ପୋଲିସ ତଦନ୍ତ କରୁଛି।

# ସରକାରଙ୍କୁ ବିରୋଧୀଙ୍କ କଡ଼ା ସମାଲୋଚନା

ଭୁବନେଶ୍ୱର,୨।୭(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଆଗତ କରାଯାଇଥିବା ବଜେଟ ଆଲୋଚନା ସମାପ୍ତ ହୋଇଛି। ଆଲୋଚନାର ଦ୍ୱିତୀୟ ଦିନରେ ବିରୋଧୀ ଏବଂ ଶାସକ ଦଳର ଏକାଧିକ ସଦସ୍ୟ ଭାଗ ନେଇ ବିତର୍କ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି, ଭାଜପା ବିଧାୟକ ମୁକେଶ ମହାଲିଙ୍ଗ, କଂଗ୍ରେସ ବିଧାୟକ ମହମ୍ମଦ ମୋକ୍କିମ୍ ଏବଂ ତାରା ପ୍ରସାଦ ବାହିନୀପତି ପ୍ରମୁଖ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ।

ନରସିଂହ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ଆଗତ ବଜେଟକୁ ବିଭିନ୍ନ ଗଣମାଧ୍ୟମ ଏବଂ ଅର୍ଥନୀତିଜ୍ଞମାନେ ନାପସନ୍ଦ କରିଛନ୍ତି। ବଜେଟରେ ଦୂରଦୃଷ୍ଟିର ଅଭାବ ରହିଛି। ଦୀର୍ଘକାଳୀନ ଅଭିବୃଦ୍ଧି ନେଇ କୌଣସି ରୋଡମ୍ୟାପ ନାହିଁ। କୃଷି ବଜେଟ ପାଇଁ ବ୍ୟୟବରାଦ ହୋଇଥିବା ୨୦,୭୧୪ କୋଟିରୁ ୫୬୧୧ କୋଟି କେବଳ କାଳିଆ ଯୋଜନା ପାଇଁ ରହିଛି। ବଜେଟରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜଳସେଚନ ଭଳି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଧ୍ୟାନ ଦିଆଯାଇ ନାହିଁ ବୋଲି ନରସିଂହ କହିଥିଲେ। ରାଜ୍ୟର ଖଣିନୀତିକୁ ମଧ୍ୟ ସେ ସମାଲୋଚନା କରିଥିଲେ। ବିଭିନ୍ନ ଖଣିକୁ ଅନ୍ୟ କାହାରିକୁ ଲିଜ୍ ନ ଦେଇ ସରକାର ନିଜ ପାଖରେ ଖଣି ରଖନ୍ତୁ। ଏହା ଦ୍ୱାରା ରାଜ୍ୟ ଅଧିକ ୫୦,୦୦୦ କୋଟି ଟଙ୍କାର ରାଜସ୍ୱ ପାଇବ। ରାଜ୍ୟରେ ଥିବା ଖଣି ଅଞ୍ଚଳଗୁଡିକରେ କର ବ୍ୟବସ୍ଥା ଦ୍ୱାରା ଅଧିକ ୨୦,୦୦୦ କୋଟି ରାଜସ୍ୱ ଆଦାୟ କରାଯାଇ ପାରିବ। ବିଭିନ୍ନ ସଂସ୍ଥା ଉପରେ ବକେୟା ଥିବା ବିଦ୍ୟୁତ୍, ଜଳ, ବାଣିଜ୍ୟିକ କର ଆଦାୟ କରାଗଲେ ରାଜ୍ୟର ରାଜସ୍ୱ ବୃଦ୍ଧି ପାଇବ ବୋଲି ନରସିଂହ କହିଥିଲେ। ବିରୋଧୀ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି ଯେ, ରାଜ୍ୟ ସରକାର ନିଯୁକ୍ତି ଦେବା କ୍ଷେତ୍ରରେ ବିଫଳ ହୋଇଛନ୍ତି। ତେଣୁ ସରକାର ନିଯୁକ୍ତି ନେଇ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ। ୨୦୨୦ ସୁଦ୍ଧା ୨୪ ଖଣି ବନ୍ଦ ହେବ। ଲୁହା ପଥରକୁ ଭିତ୍ତିକରି କେନ୍ଦୁଝର ଅଞ୍ଚଳରେ ସ୍ପଞ୍ଜ ଆଇରନ କାରଖାନା ଏବଂ କ୍ରଶର ଇତ୍ୟାଦି ରହିଛି। ଏହା ଉପରେ ବହୁତ ଲୋକ ନିର୍ଭର କରୁଥିବାରୁ ଖଣି ବନ୍ଦ ହେଲେ ସାଧାରଣ ଜନତା ପ୍ରଭାବିତ ହେବେ ବୋଲି ମୋହନ କହିଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିପର୍ଯ୍ୟସ୍ତ। ତେଣୁ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସହ ଆୟୁଷ୍ମାନ ଯୋଜନାକୁ ଲାଗୁ କରନ୍ତୁ। ବଜେଟରେ ଏସ୍‌ସି,ଏସ୍‌ଟି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ପ୍ରତି ବିଶେଷ ବ୍ୟବସ୍ଥା ନାହିଁ। ସେହି ବିଭାଗ ଟଙ୍କାକୁ ଅନ୍ୟ ବିଭାଗରେ ଖର୍ଚ୍ଚ କରାଯାଉଥିବା ମୋହନ କହିଛନ୍ତି। କଂଗ୍ରେସ ସଭ୍ୟ ମୋକ୍କିମ କହିଥିଲେ ଯେ, କଟକ ସହରରେ ଡ୍ରେନେଜ ଏବଂ ପାନୀୟ ଜଳ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଦୂଷିତ ଜଳ ଯୋଗୁ ଜଣ୍ଡିସ ଭଳି ରୋଗ ହେଉଛି। କିଛିବର୍ଷ ତଳେ କଟକ ଶିଶୁ ଭବନରେ ଶତାଧିକ ମୃତ୍ୟୁ ଦେଖିବାକୁ ମିଳିଥିଲା।

ବଜେଟ ଆଲୋଚନା

ଏହା ରାଜ୍ୟର ବାସ୍ତବ ଚିତ୍ର ବୋଲି ମୋକ୍କିମ କହିଥିଲେ। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ ବିଜୁ ଯୁବ ବାହିନୀ କାର୍ଯ୍ୟକୁ ସମାଲୋଚନା କରିଥିଲେ। ରାଜ୍ୟ ଇସ୍ପାତ ହବ୍ ହେବାକୁ ଯାଉଥିବାରୁ ସରକାର ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରନ୍ତୁ। କଂଗ୍ରେସ ସଭ୍ୟ ତାରା ପ୍ରସାଦ କହିଥିଲେ ଯେ, କୋରାପୁଟ ମେଡିକାଲରେ ଡାକ୍ତର, ନର୍ସ ନାହାନ୍ତି। ସାମାନ୍ୟ କଥାରେ ଅନ୍ୟ ବଡ଼ ମେଡିକାଲକୁ ରେଫର କରି ଦିଆଯାଉଛି। ସବୁ କଥାରେ ପିସି ନିଆଯାଉଛି। ଚାରିଆଡେ ମଦ ଭାଟି ଗଢି ଉଠିଛି। ଚାଷୀଙ୍କ ସମସ୍ୟା ପାଇଁ ପ୍ରଧାନମନ୍ତ୍ରୀ ସମୟ ଦେଲେ ନାହିଁ। ହେଲେ ରାଜ୍ୟରେ ବିଜେଡି ଗୋଟିଏ ରାଜ୍ୟ ସଭା ଆସନ ଭାଜପାକୁ ଟେକି ଦେଲା। ଏହା କେବଳ ସିବିଆଇ ଭୟ ବୋଲି ତାରା କହିଥିଲେ। ସେହିପରି ଶାସକ ଦଳ ପକ୍ଷରୁ ପ୍ରୀତିରଞ୍ଜନ ଘଡାଇ, ଶଶିଭୂଷଣ ବେହେରା, ସୁଧୀର ସାମଲ, ସୌଭିକ ବିଶ୍ୱାଳ, ଲତିକା ପ୍ରଧାନ, ମୀନାକ୍ଷୀ ମହନ୍ତ ଏବଂ ରାଜକିଶୋର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ZILLA SWASTHYA SAMITI, KANDHAMAL

**OFFICE OF THE CDM&PHO-CUM-DISTRICT MISSION DIRECTOR, KANDHAMAL**

**Tender Call Notice**

**No. 7496 / NHM / 18** **Dt. 28.06.2019**

**FOR EQUIPMENT, AIDS & DRUGS FOR DEIC (RBSK) O/O CDM&PHO, KANDHAMAL**

Bids are invited from eligible firms/ company/agency / suppliers/ distributors to supply the Equipments, Aids to DEIC, RBSK Kandhamal. The bid document with all information relating to the bidding process including the cost of bid document, EMD, Eligibility criteria and terms & conditions are available in the district website: www.kandhamal.nic.in. The last date of submission of bid is on or before 19.07.2019 by 04 PM to the O/o- CDM&PHO, Kandhamal through Speed Post/ Regd. Post/ Courier only. The undersigned reserves the right to cancel any or all the bids without assigning any reason thereof.

**Sd./-**
**CDM&PHO cum District Mission Director, NHM, Kandhamal**

---

## ନଂ. ୧୧୨୯ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାରିପଦା ସଦର, ମୟୂରଭଞ୍ଜ ତା୦୧।୦୭।୨୦୧୯

ଏତଦ୍ବାରା ବାରିପଦା ସଦର ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ପ୍ରକାଶ କରାଯାଉଅଛି ଯେ, ୨୦୧୮-୧୯ ଆର୍ଥିକ ବର୍ଷ (୧ ଏପ୍ରିଲ ୨୦୧୮ରୁ ୩୧ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ) ରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS) ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ନିମ୍ନଦର୍ଶିତ କାର୍ଯ୍ୟସୂଚୀ ପ୍ରକାରେ ସାମାଜିକ ସମୀକ୍ଷା କରାଯିବ। ଏଣୁ ଉପରୋକ୍ତ କାର୍ଯ୍ୟରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟମାନଙ୍କରେ ନିମ୍ନ କାର୍ଯ୍ୟସୂଚୀ ପ୍ରକାରେ ସମ୍ପୃକ୍ତ ଗ୍ରାମପଞ୍ଚାୟତର ସର୍ବସାଧାରଣ, ନିର୍ବାଚିତ ପ୍ରତିନିଧି, ପଞ୍ଜୀକୃତ ଅଣକୁଶଳୀ ଶ୍ରମିକ, ସ୍ୱୟଂ ସହାୟକ ଗୋଷ୍ଠୀ, ସାମାଜିକ ସମୀକ୍ଷା କମିଟିର ସଭ୍ୟ/ ସଭ୍ୟା ଗଣ, ଯୁବକ ସଂଘ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ଯାଞ୍ଚ କାର୍ଯ୍ୟରେ ସହାୟତା ପୂର୍ବକ ନିଜର ମତାମତ ପ୍ରଦାନ କରିବାକୁ ଅନୁରୋଧ।

ସାମାଜିକ ସମୀକ୍ଷା ବୈଠକରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ/ ଗ୍ରା.ପ. ବୈଷୟିକ ସହାୟକ/ ସହାୟିକା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ଉପସ୍ଥିତ ରହି ସମ୍ପାଦିତ କାର୍ଯ୍ୟଗୁଡ଼ିକର ନଥିପତ୍ର ଇତ୍ୟାଦି ଉପସ୍ଥାପନ କରିବେ।

| କ୍ର. ନଂ. | ଗ୍ରା.ପ.ର ନାମ | ସାମାଜିକ ସମୀକ୍ଷାଙ୍କ ଦ୍ୱାରା ସାମାଜିକ ସମୀକ୍ଷା ଅବଧିର ତାରିଖ | ଗ୍ରାମସଭା ତାରିଖ | ସମୟ | ଉପସ୍ଥିତ ହେବାକୁ ଥିବା କର୍ମଚାରୀ |
|---|---|---|---|---|---|
| ୧ | ଚନ୍ଦନପୁର | ୧୬।୦୭।୧୯ରୁ ୩୦।୦୭।୧୯ | ୩୦।୦୭।୧୯ | ୧୧ ଘଟିକା | ୧. ଶିଳ୍ପ ଉନ୍ନୟନ ଅଧିକାରୀ, ୨. ସାମାଜିକ ଶିକ୍ଷା ସଂଗଠକ |
| ୨ | ଲକ୍ଷ୍ମୀପୋଷି | ୨୦।୦୭।୧୯ରୁ ୩୦।୦୭।୧୯ | ୩୦।୦୭।୧୯ | ୧୧ ଘଟିକା | ୧. ମଣ୍ଡଳ ପ୍ରକଳ୍ପ ସଂଯୋଜକ, ୨. ଯୋଗାଣ ନିରୀକ୍ଷକ ଅଧିକାରୀ |
| ୩ | ରଜାବସା | ୧୬।୦୭।୧୯ରୁ ୩୦।୦୭।୧୯ | ୩୦।୦୭।୧୯ | ୧୧ ଘଟିକା | ୧. ସହକାରୀ ଯନ୍ତ୍ରୀ, ୨. ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ |
| ୪ | ବୁଢ଼ୀଖମାରୀ | ୧୬।୦୭।୧୯ରୁ ୩୦।୦୭।୧୯ | ୩୦।୦୭।୧୯ | ୧୧ ଘଟିକା | ୧. ଅତିରିକ୍ତ ପ୍ରୋଗ୍ରାମ ଅଧିକାରୀ, ୨. ଗ୍ରାମ ସଂପ୍ରସାରଣ ଅଧିକାରୀ |
| ୫ | ବଡ଼ଯୋଡ଼ | ୦୩।୦୮।୧୯ରୁ ୧୭।୦୮।୧୯ | ୧୭।୦୮।୧୯ | ୧୧ ଘଟିକା | ୧. ଶିଳ୍ପ ଉନ୍ନୟନ ଅଧିକାରୀ, ୨. ସାମାଜିକ ଶିକ୍ଷା ସଙ୍ଗଠକ |
| ୬ | ଖଡ଼ିଶୋଳ | ୦୩।୦୮।୧୯ରୁ ୧୭।୦୮।୧୯ | ୧୭।୦୮।୧୯ | ୧୧ ଘଟିକା | ୧. ସହକାରୀ ଯନ୍ତ୍ରୀ, ୨. ଶିଳ୍ପ ଉନ୍ନୟନ ଅଧିକାରୀ |
| ୭ | ଭାଗବତ ଚନ୍ଦ୍ର ପୁର | ୦୩।୦୮।୧୯ରୁ ୧୭।୦୮।୧୯ | ୧୭।୦୮।୧୯ | ୧୧ ଘଟିକା | ୧. ମଣ୍ଡଳ ପ୍ରକଳ୍ପ ସଂଯୋଜକ, ୨. ଯୋଗାଣ ନିରୀକ୍ଷକ |
| ୮ | ହାତିକୋଟ | ୦୩।୦୮।୧୯ରୁ ୧୭।୦୮।୧୯ | ୧୭।୦୮।୧୯ | ୧୧ ଘଟିକା | ୧. ଅତିରିକ୍ତ ପ୍ରୋଗ୍ରାମ ଅଧିକାରୀ, ୨. ଗ୍ରାମ ସମ୍ପ୍ରସାରଣ ଅଧିକାରୀ |
| ୯ | ଶଙ୍ଖାଭଙ୍ଗା | ୨୨।୦୮।୧୯ରୁ ୦୫।୦୯।୧୯ | ୨୫।୦୯।୧୯ | ୧୧ ଘଟିକା | ୧. ଶିଳ୍ପ ଉନ୍ନୟନ ଅଧିକାରୀ, ୨. ସାମାଜିକ ଶିକ୍ଷା ସଙ୍ଗଠକ |
| ୧୦ | ବାଙ୍କିଶୋଳ | ୨୨।୦୮।୧୯ରୁ ୦୫।୦୯।୧୯ | ୦୫।୦୯।୧୯ | ୧୧ ଘଟିକା | ୧. ଅତିରିକ୍ତ ପ୍ରୋଗ୍ରାମ ଅଧିକାରୀ, ୨. ଶିଳ୍ପ ଉନ୍ନୟନ ଅଧିକାରୀ |
| ୧୧ | ବେତନା | ୨୨।୦୮।୧୯ରୁ ୦୫।୦୯।୧୯ | ୦୫।୦୯।୧୯ | ୧୧ ଘଟିକା | ୧. ସହକାରୀ ଯନ୍ତ୍ରୀ, ୨. ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ |

ଉପରୋକ୍ତ କାର୍ଯ୍ୟସୂଚୀ ପ୍ରକାରେ ସମସ୍ତ ଗ୍ରାମପଞ୍ଚାୟତ ସରପଞ୍ଚମାନଙ୍କୁ ପରାମର୍ଶ ଦିଆଗଲା ଯେ, ନୋଟିସ୍, ଢେଣ୍ଡୁରା ମାଧ୍ୟମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ବହୁଳ ପ୍ରଚାର ଓ ପ୍ରସାର କରାଇବେ। ଗ୍ରାମସଭା ବିବରଣୀର ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ତିନି ଦିନ ମଧ୍ୟରେ ପ୍ରେରଣ କରିବେ।

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରିପଦା**

---

## OFFICE OF THE NOTIFIED AREA COUNCIL, KODALA, GANJAM

**Phone: 06810-268335, E-mail: nackodala@gmail.com**

**Letter No.: 653** **Dated: 02.07.2019**

**QUOTATION CALL NOTICE**

Sealed quotations are invited from the intended Manufactures/Dealers/Suppliers for supply of the Tractor Trailer having Hydraulic System. The quotationer should submit the quotation along with documents of VAT Clearance, PAN Card, Income Tax Clearance Certificate with other related documents if any along with E.M.D. of Rs.10,000/- (Rupees ten thousand) in shape of D.D./B.D. in any Nationalized Bank in favour of the Executive Officer, N.A.C., Kodala or by Cash deposited in office of the undersigned. The telegraphic quotation will not be accepted. The undersigned doesn't take any responsibility of delay in receive the quotation through post. The rate of goods should be quote including all taxes. The goods should be delivered at N.A.C. Office, Kodala in their own cost. The authority reserves the right to accept or reject any or all quotations without any reasons assign thereof.

The date of receipt of the quotations is upto 11.07.2019 at 1.00 P.M. in the Office of the undersigned and will be opened in the same day at 3.00 P.M. in presence of the quotationer or their authorized representatives and the committee.

**Specification:** Tipping type Trailer of ¾ M.T. capacity with heavy duty 75 m.m. AXLE, 32212 & 32213, Bearings, 9.50 × 16 (16 Ply) Nylon Tyre, double platted heavy duty Rim with Tool Box Jack & Wheel wrench, suitable for M.M.T.M.F/Escort/Ford/Mahindra/Swaraj Eicher Tractors Hydraulic Jack - 8 ton capacity Telescopic piston with Hyd. Hosc & fittings (complete body make with paint inside and outside as per choice). Asian Paints stamped the name of Kodala N.A.C. complete.

**Sd./- Executive Officer, N.A.C., Kodala**

---

## NEELACHAL ISPAT NIGAM LIMITED

NINL Kalinga Nagar Industrial Complex, At/PO-Duburi, Dist-Jajpur, Odisha - 755026

**OPEN TENDER NOTICE**

**Tdr. No. NINL/CC/19-20/CO/TDR-063, Date: 29.06.2019**

Name of Work: **Annual job contract for heating management at battery and operation of Coke Oven & By Product Plant. Last date of tender submission: 19.07.2019 up to 3PM**. For details, please visit **www.ninl.in**. Corrigendum, extension etc. shall be notified on website only.

**Sr. Mgr.(WCC)**
**Tel. 06726-264068**

---

## ଜିଲ୍ଲା କୃଷି କାର୍ଯ୍ୟାଳୟ, ସମ୍ବଲପୁର

## ବିହନ ବିଶୋଧନ ଅଭିଯାନ, ଖରିଫ-୨୦୧୯

ଚଳିତ ବର୍ଷ ଖରିଫ ଋତୁରେ ରାଜ୍ୟ ଯୋଜନା ମାଧ୍ୟମରେ ସମ୍ବଲପୁର କୃଷି ଜିଲ୍ଲାର ଚାରିଗୋଟି ବ୍ଲକ ଯଥା-ଧନକଉଡା, ମାନେଶ୍ୱର, ଜୁଜୁମୁରା ଓ ରେଙ୍ଗାଲି ବ୍ଲକର ସ୍ଥିରୀକୃତ ୩୨ଟି ଗ୍ରାମରେ "ବିହନ ବିଶୋଧନ ଅଭିଯାନ" କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର କରାଯାଇଛି। ଏହା ଆସନ୍ତା ତା.୦୫।୦୭।୨୦୧୯ରୁ ୧୪।୦୭।୨୦୧୯ମଧ୍ୟରେ କରାଯିବ। ଏଣୁ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ସେମାନେ ବିପୁଳ ସଂଖ୍ୟାରେ ଉକ୍ତ କାର୍ଯ୍ୟରେ ସାମିଲ ହୋଇ ସେମାନେ ନିଜ ଗଚ୍ଛିତ ଧାନ ବିହନକୁ ବିଶୋଧନ କରାଇ ନିଅନ୍ତୁ। ଏହାଦ୍ୱାରା ସହଜରେ ଓ କମ୍ ଖର୍ଚ୍ଚରେ ବିହନବାହୀ ଜୀବାଣୁ, ଫିମ୍ପି ଦ୍ୱାରା ବ୍ୟାପୁଥିବା ରୋଗକୁ ନୟନ୍ତ୍ରଣ କରି ଫସଲକୁ ରୋଗମୁକ୍ତ କରାନ୍ତୁ। ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ନିଜ ଅଞ୍ଚଳରେ ଥିବା ବ୍ଲକରେ ଥିବା କୃଷି ଅଧିକାରୀ ଓ କୃଷି ଗ୍ରାମ ଶେବକଙ୍କ ସହିତ ଯୋଗାଯୋଗ କରନ୍ତୁ।

**ସ୍ୱ./- ଜିଲ୍ଲା କୃଷି ଅଧିକାରୀ, ସମ୍ବଲପୁର**

---

## ଜିଲ୍ଲା କୃଷି କାର୍ଯ୍ୟାଳୟ, ଆର. ଉଦୟଗିରି

### ବିହନ ବିଶୋଧନ ଅଭିଯାନ, ଖରିଫ-୨୦୧୯

ଚଳିତ ଖରିଫ୍-୨୦୧୯ପାଇଁ ରାଜ୍ୟ ଯୋଜନା ଅନ୍ତର୍ଗତ ଧାନ ବିହନ ବିଶୋଧନ ଅଭିଯାନ ଆର.ଉଦୟଗିରି କୃଷି ଜିଲ୍ଲାର ୩ଟି ବ୍ଲକ୍ ଯଥା-ଆର. ଉଦୟଗିରି, ନୂଆଗଡ଼ ଓ ମୋହନା ବ୍ଲକର ବ୍ଲକ ପିଛା ୮ଟି ହିସାବରେ ୨୪ଟି ଗ୍ରାମରେ ତା.୦୫।୦୭।୨୦୧୯ରିଖଠାରୁ ତା.୧୫।୦୭।୨୦୧୯ରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଅଛି। ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ଏହି ଅଭିଯାନରେ ସାମିଲ ହୋଇ ନିଜ ପାଖେ ଥିବା ଧାନବିହନକୁ ସରକାରଙ୍କ ତରଫରୁ ମାଗଣାରେ ଦିଆଯାଉଥିବା ବିହନ ବିଶୋଧନ ଔଷଧ ପ୍ରୟୋଗ କରି ଫସଲକୁ ସୁରକ୍ଷିତ ରଖନ୍ତୁ।

ବି.ଦ୍ର:- ସବିଶେଷ ବିବରଣୀ ପାଇଁ ସହକାରୀ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ।

**ସ୍ୱା./- ପ୍ରଶାନ୍ତ କୁମାର ପଟ୍ଟନାୟକ, ଜିଲ୍ଲା କୃଷି ଅଧିକାରୀ, ଆର. ଉଦୟଗିର, (ଗଜପତି)**

---

## GOVERNMENT OF ODISHA, "e"-PROCUREMENT NOTICE

### WORKS DEPARTMENT

**48-B**

E-mail : ceroads.bbsr@gmail.com

**Bid Identification No. CE-DPI & R-04/2019-20**

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE form eligible contractors for Road/ Bridge works as mentioned below :
2. Nature of work : Road work
3. No. of work : 01 No.
4. Tender Paper cost : Rs.10,000.00
5. Class of Contractor : Super Class as noted against each work
6. Available of bid document in the website : From 10.00 A.M. of 10.07.2019 to 5.00 PM of 30.07.2019
7. Date of opening of Bid : Dt.31.07.2019 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

34117/11/0009/1920

Chief Engineer (DPI & Roads), Odisha

**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR**

---

## ବିହନ ବିଶୋଧନ ଅଭିଯାନ-ଖରିଫ, ୨୦୧୯-୨୦

## ଜିଲ୍ଲା କୃଷି ଅଧିକାରୀ, ଜୁନାଗଡ଼ ଆନୁକୂଲ୍ୟରେ

ରାଜ୍ୟ ଯୋଜନା ଗାଁରେ ନୀରୋଗ ଫସଲ ପାଇଁ ବିହନ ବିଶୋଧନ କାର୍ଯ୍ୟକ୍ରମ ଆସନ୍ତା ତା.୦୫।୦୭।୨୦୧୯ଠାରୁ କୃଷି ସମ୍ପ୍ରସାରଣ ଅଭିଯାନ ମାଧ୍ୟମରେ ଜିଲ୍ଲା କୃଷି ଅଧିକାରୀ, ଜୁନାଗଡ଼ର ଜୁନାଗଡ଼, କଲମପୁର ଓ ଜୟପାଟଣା ବ୍ଲକର ବିଭିନ୍ନ ଗ୍ରାମରେ ତା.୦୫।୦୭।୨୦୧୯ରିଖଠାରୁ ୧୫।୦୭।୨୦୧୯ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବିହନ ବିଶୋଧନ କରାଯିବ ଓ ବିହନ ବିଶୋଧନ ଉପରେ ଚାଷୀ ଭାଇଭଉଣୀମାନଙ୍କୁ ଅବଗତ କରାଯିବ। ଏହାର ସଫଳ ରୂପାୟନ ଦ୍ୱାରା ଜୁନାଗଡ କୃଷି କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ଚାଷୀ ଭାଇଭଉଣୀମାନଙ୍କୁ ବିଶେଷ ଅନୁରୋଧ।

**ସ୍ୱା./- ରାମକୃଷ୍ଣ ନାୟକ**
**ଜିଲ୍ଲା କୃଷି ଅଧିକାରୀ, ଜୁନାଗଡ଼**

---

## INSTITUTE OF MANAGEMENT & INFORMATION TECHNOLOGY

**(A Constituent College of BPUT, Odisha)**

**BOSE CAMPUS, PO - SCB MEDICAL COLLEGE CAMPUS, CUTTACK - 753007**

**No. 801,** **Date.01.07.2019**

**TENDER CALL NOTICE**

Sealed tenders are invited under two bid systems from the registered and experienced service providers to provide services of **Library Manpower** for the **College Library** for **a period of one year** with effect from the date of award of contract. The detailed information is given in the Bid Document for this outsourcing service, which may be downloaded from the college website **www.imit.ac.in The cost of the tender documents is Rs.500.00 an EMD of Rs.10,000.00 ( Rupees Ten Thousand Only ) should be submitted separately in form of Demand Draft drawn in any Nationalised Bank in favour of Principal, IMIT, Cuttack payable at Cuttack along with the technical bid.** The interested bidders are requested to submit bid documents by speed post / registered post so as to reach **The Principal, Institute of Management and Information Technology, Cuttack, Po - SCB Medical, Near BOSE Campus, Cuttack - 753007** on or before **31.07.2019.** The last date and time of receipt of the Bid is **31.07.2019** upto 5 PM.

**The authority reserves the right to accept / reject any or all tenders without assigning any reason thereof.**

**Sd/- PRINCIPAL**

---

## GOVERNMENT OF ODISHA

## SCIENCE & TECHNOLOGY DEPARTMENT

No. ST-BT-MISC-0021-2018 **2842**/ ST, Dt. 02.07.2019

**No. 02-U:-** Applications are invited through proper channel from eligible teachers & scientists who have superannuated from nationally or internationally acknowledged Universities/ Institutes with active research and teaching in any field of Biotechnology/ Bioscience with a passion for teaching Biotechnology for Award of two (02) nos. of Emeritus Fellowship in Biotechnology (EFB).

All applications should be reached in the name of the Director, Science & Technology, Science & Technology Department, Government of Odisha by registered post on or before 10.08.2019.

Applications received beyond the due date, shall not be considered.

For details advertisement, eligibility and mode of application log on to http://www.odisha.gov.in/ sciencetechnology.

***(Rasid Khan, IAS)***
***Additional Secretary to Government***

28001/11/0001/1920

---

## ODISHA HYDRO POWER CORPORATION LIMITED

**Office of the Senior General Manager (Electrical), Balimela Hydro Electric Project, Post: Balimela, Dist: Malkangiri (Odisha), Pin: 764051, Phones: 06861-232581(O)/ 232641 (R), Fax: 06861-232541, E mail: <unit.head_balimela@yahoo.com>**

**REGD. OFFICE: ODISHA HYDRO POWER CORPORATION LIMITED. (A Government Of Odisha Undertaking) ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22, Tel.: 91-0674-2542983, 2542802, 25425526, 2542826, Fax: 254102, GRAM: HYDROPWER, E-Mail: ohpc.co@gmail.com / md@ohpcltd.com, WEB: www.ohpcltd.com**

**No. BHEP/DE-III/CW-53(B)/10/ 4481** **Dated: 02.07.19**

**1st CORRIGENDUM TO OPEN TENDER CALL NOTICE NO. BHEP/DE-III/10/2019-20 DTD. 20.06.2019 OF BHEP, BALIMELA**

**No.CAD-157:-** Name of the Work:- Group-A: "Supply of Sanitary materials for Erector's Hostel of BHEP, Balimela" and Group-B: "Supply of Pump Motor Spares for Water Supply System at BHEP, Balimela."

1) The last date and time of submission of Bids of the above Tender Call Notice is extended up to 12.00 Noon of Dtd. 10.07.2019.
2) The date and time of opening of the above tender is at 12.30 PM of Dtd. 10.07.2019.

All other terms and conditions of the above Tender Notice remain unchanged.

**04019/11/0017/1920** **Sd./- UNIT HEAD**

---

## INDIRA GANDHI INSTITUTE OF TECHNOLOGY, SARANG

**(An Autonomous Institution of Govt. of Odisha)**
**SARANG, Dist. : Dhenkanal-759146 (Odisha)**

**No.IGIT/EM/1767** **Date : 27.06.2019**

**EXPRESSION OF INTEREST**

Expression of interest are invited from reputed Manpower Agencies / Service Providers to provide manpower on daily wage basic for day to day maintenance work & watch & ward services to the IGIT, Sarang as per followings tender schedule :-

1. Technical & Non Technical Manpower
2. Watch & Ward Services

The detailed information for outsourcing the services as mentioned above has been given in the tender document separately which may be downloaded from the Official website **www.igitsarang.ac.in. The last date and time for submission of tender documents is 06.08.2019 by 03:00 P.M.**

Bidders are advised to submit the tenders separately for the above mention work. **ESTATE MANAGER**

---

Your classified advertisement published in Dharitri will be listed free in Dharitri online edition :
**www.dharitri.com**

See Career Appointment on every Wednesday & Saturday

---

## ODISHA HYDRO POWER CORPORATION LTD.

**(A Government of Odisha Undertaking)**
**Regd. Office: ODISHA STATE POLICE HOUSING & WELFARE CORPORATION BUILDING VANIVIHAR CHOUK, JANPATH, BHOINAGAR, BHUBANESWAR – 751022**
**Tel: 91 -0674-2542983, 2542802, 2545526, Fax- 2542102, E-mail – ohpc.co@gmail.com**
**CIN : U40101OR1995SGC003963**

CAD-155

**No. OHPC: TECH: C&P: 15/2019-20/ 5352 /Date: 01.07.2019**

**NOTICE INVITING TENDER No.- 13/2019-20**

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the Reputed Firms/ Suppliers having valid GST Registration Certificate, PAN with minimum three years of continuous relevant experience for the work as mentioned below.

| TCN No. | Description of Services | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|---|
| 13/2019-20 | Printing & Supply of Printed Materials for one year for OHPC Corporate Office, Bhubaneswar. | Rs.2360.00 (Rs.2000.00+ 18% GST) | Rs.2200.00 |

For details of the tender documents, terms & conditions please visit our website www.ohpcltd.com from dtd. 08.07.2019.

**04012/11/0005/1920** **DGM (C&P)**

---

## Bhubaneswar Smart City Limited

Block-1, 5th Floor, BMC-Bhawani Mall, Saheed Nagar, Bhubaneswar- 751007
E-mail Id: bbsr.bscl@gmail.com, CIN: U74990OR2016PLC020016

No. 42-C:

Letter No. 1762/BSCL//2019 Date.01-07-2019

**ADVERTISEMENT FOR CONTRACTUAL ENGAGEMENT**

1. Applications are invited from the eligible candidates for engagement with Bhubaneswar Smart City Limited (BSCL) for the project "CITIIS" on contractual basis for a period of 3 years for the following posts-

| Sr. No. | Designation | Number of Contractual Engagements |
|---|---|---|
| 1. | Public Engagement & Partnership Officer | 1 |
| 2. | Environmental And Social Nodal Officer | 1 |

Details of the **"Job Description"** for each post along with all other terms and conditions shall be available in the website: www.smartcitybhubaneswar.gov.in. The eligible candidates may apply by submitting their application in the prescribed application form (attached along with Job Description) through Registered Post/ Speed Post/courier along with their CV and self attested copies of required documental proof on or before 12.07.19.

13070/11/0004/1920 ***Sd./- Chief Executive Officer, Bhubaneswar Smart City Limited***

---

ସ୍ୱଚ୍ଛ ସର୍ବେକ୍ଷଣ-୨୦୨୦ ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

## OFFICE OF THE PARADEEP MUNICIPALITY PARADEEP

**INVITATION FOR BID**

***E-PROCUREMENT NOTICE***

**Bid Reference No.PDP_MUN_1(11)_2019-20**
**Bid Identification No.2019_ORULB_55260**

**No.2695** **Dated: 01.07.19**

The Executive Officer, Paradeep Municipality on behalf of Paradeep Municipality invites bids on percentage basis online mode from registered firms / service Providers / Contractors of State Govt. / Govt. Registered organization satisfying the eligibility criteria as per NIT for "Sanitation Service" in Paradeep Municipality area of Estimated cost from Rs.10.00 Lakh to 24.41 Lakh. The Bidders shall be sincere & dedicated to Sanitation Service and shall have ownership / lease agreement of vehicle / equipments required for the work. Bid documents consisting of work, estimated cost, Cost of tender paper, EMD, period of contract, Class of contractors and the set of terms and conditions of contract. Bid shall be received on online from Dt: 03.07.19 at 17.00 hour up to Dt: 12.07.19 at 17.00 hour shall be opened online on Dt: 18.07.19 at 11.30 A.M. The date and time of dropping of original document in the tender box is 16.07.19 up to 12.00 Noon and will be opened on Dt: 16.07.19 at 3.30 P.M. Further details and necessary documents can be seen from the procurement Portal i.e **www.tendersorissa.gov.in.**

**Sd./- Executive Officer**
**Paradeep Municipality**

---

## GOVERNMENT OF ODISHA

**No. 112-A:**

## OFFICE OF THE EXECUTIVE ENGINEER

## MINOR IRRIGATION DIVISION, JHARSUGUDA

**'e' Procurement Notice**

**Bid Identification No. EE MID JSD 03/2019-20**
**eemijharsuguda@gmail.com**
**No. 995// MID // date.26.06.2019**

Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

** Further details can be seen from the e-Procurement market place http://tendersodisha.gov.in

| | | |
|---|---|---|
| 1 | Name of the works :- | Civil construction works. |
| 2 | No of Works :- | 1 (One) No. |
| 3 | Estimated cost :- | Varies approximately Rs.**54.18** lakh. |
| 4 | Period of completion | 04 (Four) Calendar months |
| 5 | Date and Time of availability of bid documents in the portal :- | From dt.**10.07.2019** at.10.00 AM to dt.**22.07.2019** up to 5.00 PM. |
| 6 | Last date / time of receipt of bids in the portal :- | Dt.**22.07.2019** up to 5.00 PM |
| 7 | Date of opening of Bid :- | Dt.**23.07.2019** at 11.00 AM onwards |
| 8 | Name and address of the OIT :- | Executive Engineer, Minor Irrigation Division, Jharsuguda. |

32291/11/0004/1920 **Sd/-26.06.2019, Executive Engineer, M.I.Division, Jharsuguda.**

---

## କୃଷି ଜିଲ୍ଲା, ଟିଟିଲାଗଡ଼

## ବିହନ ବିଶୋଧନ ଅଭିଯାନ ୨୦୧୯-୨୦

ଓଡ଼ିଶା ସରକାରଙ୍କ ରାଜ୍ୟ ଯୋଜନା ଅନ୍ତର୍ଗତ ଧାନ ବିହନ ବିଶୋଧନ କାର୍ଯ୍ୟକ୍ରମ ଜରିଆରେ ଚଳିତ ଖରିଫ ଋତୁରେ ତା୦୫।୦୭।୨୦୧୯ରିଖଠାରୁ ତା୧୫।୦୭।୨୦୧୯ରିଖ ପର୍ଯ୍ୟନ୍ତ ଟିଟିଲାଗଡ଼ କୃଷି ଜିଲ୍ଲାର ଟିଟିଲାଗଡ଼, ବଙ୍ଗୋମୁଣ୍ଡା, ମୁରିବାହାଲ, ସଇନ୍ତଳା ଓ ତୁରେକେଲା ବ୍ଲକର ବିଭିନ୍ନ ସ୍ଥିରୀକୃତ ଗ୍ରାମରେ ଧାନ ଫସଲ ନିମନ୍ତେ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ କରାଯାଉଅଛି। ଏହି କାର୍ଯ୍ୟକ୍ରମରେ ବିହନ ବିଶୋଧନ ସମ୍ପର୍କରେ ସଚେତନ କରାଯିବା ସହିତ ଏହାର କୌଶଳ ମଧ୍ୟ ପ୍ରଦର୍ଶନ କରାଯିବ। ତେଣୁ ଟିଟିଲାଗଡ଼ କୃଷି ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନେ ଉକ୍ତ ଅଭିଯାନରେ ସହଯୋଗ କରି ବିହନ ବିଶୋଧନ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରାଇବା ପୂର୍ବକ ଟିଟିଲାଗଡ଼ କୃଷି ଜିଲ୍ଲାକୁ ନୀରୋଗ ଫସଲ ଉତ୍ପାଦନରେ ଅଗ୍ରଣୀ ଜିଲ୍ଲାରେ ପରିଣତ କରାଇବାରେ ସହାୟକ ହୁଅନ୍ତୁ। ଏତଦ୍‌ବ୍ୟତୀତ ନିଜ ନିଜର ସାଇତା ବିହନକୁ ବିଶୋଧନ କରିବା ପୂର୍ବକ ଫସଲକୁ ରୋଗମୁକ୍ତ କରନ୍ତୁ। ଏଣୁ ସମସ୍ତ ଚାଷୀ ଭାଇ ଓ ଭଉଣୀମାନେ ନିମ୍ନଲିଖିତ ନିଦାନ ଅନୁସାରେ ବିହନ ବିଶୋଧନ କରି ନୀରୋଗ ଫସଲ ଉପୁଜାଇ ଅଧିକ ଲାଭବାନ ହେବାକୁ ଅବଗତ କରାଯାଉଛି।

| ବିହନ | ବିହନ ବିଶୋଧକର ନାମ | କି.ଗ୍ରା. ପ୍ରତି ବିହନ ବିଶୋଧନର ପରିମାଣ | ଏକର ପ୍ରତି ଆବଶ୍ୟକ ଧାନ ବିହନ ପରିମାଣ | ଏକର ପ୍ରତି ଆବଶ୍ୟକୀୟ ବିହନ ବିଶୋଧନର ପରିମାଣ |
|---|---|---|---|---|
| ଧାନ | କାର୍ବେଣ୍ଡାଜମି ୫୦% ଡବ୍ଲ୍ୟୁ.ପି. | ୨ ଗ୍ରାମ | ୨୦ କି.ଗ୍ରା. | ୪୦ ଗ୍ରାମ |

ଚାଷୀଭାଇଙ୍କର ବିହନ ବିଶୋଧନ, ନୀରୋଗ ଫସଲ ଦ୍ୱାରା ପାଇବ ଧନ।

**ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ଟିଟିଲାଗଡ଼**

---

## ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ

### (ଦେବୋତ୍ତର ବିଭାଗ)

**ନିଲାମ ଇସ୍ତାହାର ସଂଖ୍ୟା: ୯୯୪** **ତା୦୨।୦୭।୨୦୧୯**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାନ୍ୟବର ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧୀନସ୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠ ଠାରେ ଥିବା ଏକମାତ୍ର ଭୋଗ ଦୋକାନକୁ ୨୦୧୯-୨୦ ଆର୍ଥିକ ବର୍ଷ (ତା. ୧୮।୦୭।୨୦୧୯ରିଖ ଠାରୁ ତା. ୩୧।୦୩।୨୦୨୦ରିଖ ପର୍ଯ୍ୟନ୍ତ) ନିଲାମ ନିମନ୍ତେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଆସନ୍ତା ତା.୧୭।୦୭।୨୦୧୯ରିଖ ଦିବା ଘ୧୨.୩୦ ମିନିଟ୍ ସମୟରେ ଜଉମୁଦ ଦିଆ ନିଲାମ କରାଯିବ। ଭୋଗ ଦୋକାନଟିର ସର୍ବନିମ୍ନ ମୂଲ୍ୟ ଟ.୨୫,୫୮,୦୦୦/- (ପଚିଶ ଲକ୍ଷ ଅଠାବନ ହଜାର ଟଙ୍କା) ମାତ୍ର ସ୍ଥିର କରାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଏଥି ନିମନ୍ତେ ଟ.୨,୫୫,୮୦୦/- (ଦୁଇ ଲକ୍ଷ ପଞ୍ଚାବନ ହଜାର ଆଠ ଶହ ଟଙ୍କା) ମାତ୍ର ଭୋଗ ଦୋକାନ ପାଇଁ ଅମାନତ ବାବଦକୁ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦିବା ଘ୧୦.୩୦ ମିନିଟ୍ ଠାରୁ ଦିବା ୧୨ ଘଣ୍ଟା ସମୟ ମଧ୍ୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା.୧୭।୦୭।୨୦୧୯ରିଖ ମଧ୍ୟରେ ଦାଖଲ କରି ନିଲାମରେ ଅଂଶଗ୍ରହଣ କରିପାରିବେ। ବ୍ୟାଙ୍କ ଡ୍ରାଫ୍ଟଟି Executive Officer, Debottar, Dhenkanal ଙ୍କ ନାମରେ ପ୍ରସ୍ତୁତ ହୋଇଥିବା, ଆଗ୍ରହୀ ବ୍ୟକ୍ତି ନିଲାମ ଡାକ ଜଉମୁଦ ଦିଆ ଲଫାପାରେ ଓଡ଼ିଶା ହିନ୍ଦୁ ଦୋବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା.୧୭।୦୭।୨୦୧୯ ରିଖ ସୁଦ୍ଧା ଦାଖଲ ଦେବେ।

ସର୍ବନିମ୍ନ ମୂଲ୍ୟ ଠାରୁ କମ୍ ଜଉମୁଦ ନିଲାମ ଦାଖଲ ଦେଇଥିବା ବ୍ୟକ୍ତିଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ। ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ନିଲାମ ଅନୁମୋଦନ କରାଯିବ। ସର୍ବୋଚ୍ଚ ନିଲାମଧାରୀ ସେହିଦିନ ଅର୍ଥାତ ତା.୧୭।୦୭।୨୦୧୯ରିଖ ଦିନ ଅପରାହ୍ନ ଘ୩.୦୦ଣ୍ଟା ମଧ୍ୟରେ ନିଲାମ ଡାକିଥିବା ସମସ୍ତ ଅର୍ଥ ଦାଖଲ ଦେବେ। ନଚେତ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ।

ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ ସୁଯୋଗ ଦିଆଯାଇପାରେ। କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି। ନିଲାମ ସର୍ତ୍ତାବଳୀ ଯେ କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ଦେଖି ପାରିବେ।

ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତଙ୍କ ଆଦେଶ କ୍ରମେ
**ସ୍ୱା./- ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳ**

---

## TENDER CALL NOTICE

## CSO-CUM-DISTRICT MANAGER

## ODISHA STATE CIVIL SUPPLIES CORPORATION LIMITED, SUNDARGARH

**www.sundergarh.nic.in (Website of District)**

**No.: 1812** **Dt.: 01.07.2019**

CSO-cum-District Manager, OSCSC Ltd., Sundargarh invites sealed tenders from reputed firms/companies/persons for appointment as Level-II Transport contractor for transportation of food grains from Rice Receiving Centre-cum-Departmental Storage Centre (RRC-cum-DSC) to Retail Centres of Targarpali Block, Rajgangpur Municipality, Birmitrapur Municipality & Koira Block.

The Level-II Transport Contractor shall perform all operations for transportation of food grains from RRC-cum-DSC to retail centres & delivering the food grains at Retail Centres of Unit tagged.

Interested firms/companies/persons may obtain tender document from the Office of the CSO-cum-District Manager from 03.07.19 to 16.07.19 upto 3.00 P.M. The interested firms/companies/persons may also download the tender document from the district website **www.sundergarh.nic.in**.

Interested firms/companies/persons will have to submit the tender documents through Registered Post/Speed Post/Courier service only as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. The corporation shall not be responsible for any postal/courier delay. Tender paper reeived after the schedule date & time shall not be considered.

Address for submission of Tender document :
District Manager, OSCSC Ltd., Sundargarh District,
At/P.O.- Sundargarh, District- Sundargarh, PIN - 770001

| | |
|---|---|
| Period of Sale of Tender Document | 03.07.19 to 16.07.19 upto 3.00 P.M. |
| Last date for receipt of tender document | 16.07.19 upto 05.00 P.M. |
| Date of opening of Technical Bid | 17.07.19 at 11.00 A.M. |
| Date of opening of Price Bid | 19.07.19 at 11.00 A.M. |

**Sd./- CSO-cum-District Manager**
**OSCSC Ltd., Sundargarh**

---

## DISTRICT OFFICE (SOCIAL WELFARE SECTION); BALANGIR

**TENDER CALL NOTICE FOR ENGAGEMENT OF TRANSPORTATION AGENTS FOR THE YEAR 2019-20**
**UNDER S.N.P. IN BALANGIR DISTRICT**

**CORRIGENDUM**

**No.1023 / DSWO** **Dt:................**

With reference to the above titled advertisement of Tender Notice No.941/ DSWO Dt. 7-6-2019 that appeared in Balangir district official website **www.bolangir.nic.in** and in print media on 11-6-2019; changes have been made in respect of dates and timing for obtaining, filing and opening of tender documents as here under.

| Sl No. | Provision in the earlier published tender Notice No. 941 / DSWO dt. 7-6-2019. | Existing provision in the tender document | Revised provision modified as in this corrigendum notice |
|---|---|---|---|
| 1 | Sale of tender document | 20.06.2019 | 08.07.2019 up to 5.30 P.M. |
| 2 | Date and time of submission of tender document. | 21.06.2019 up to 5 P.M. | 09.07.2019 up to 5.00 P.M. |
| 3 | Opening of tender document. | 22.06.2019 at 11 A.M. | 10.07.2019 at 11.00 A.M. |

Other terms & conditions in the original tender Notice No. 941 dt 7-6-2019 shall remain unchanged. Interested applicants may obtain the tender documents from the office of DSWO, Balangir on payment of Rs. 10,000/-(non-refundable) within the date and time fixed or may download from Balangir district official website- **www.bolangir.nic.in.**

**Sd./- District Social Welfare Officer**
**Balangir**



ଜାକୁୟାର ଗ୍ରୁପ୍ ଅଧିଗ୍ରହଣ ବଦଳରେ ନିଜ କ୍ଷମତା, ଦକ୍ଷତା ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦେଉଛି। କାରଖାନା ସଂପ୍ରସାରଣ ପାଇଁ ଅଧିକ ପୁଞ୍ଜି ବିନିଯୋଗ କରାଯିବା।
–ରାଜେଶ ମେହରା, ଜାକୁୟାର ଗ୍ରୁପ୍ ପ୍ରମୋଟର



ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ ସହ ଚୁକ୍ତି ଦ୍ୱାରା ବୀମା କ୍ଷେତ୍ରରେ ଅଧିକ ଗ୍ରାହକଙ୍କ ନିକଟତର ହେବାକୁ ଲକ୍ଷ୍ୟ ରହିଛି।
–ବିକାଶ ସେଠ, ଭାରତୀ ଆକ୍ସା ଲାଇଫ୍ ଇନ୍ସ୍ୟୁରାନ୍ସ ଏମ୍‌ଡି

## ସଂକ୍ଷେପରେ

### ନୀରବଙ୍କ ପରିବାରର ସିଙ୍ଗାପୁର ବ୍ୟାଙ୍କ ଆକାଉଣ୍ଟ ଜବତ

**ସିଙ୍ଗାପୁର,୨-୭:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତି ମାମଲାରେ ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ପରିବାରର ସିଙ୍ଗାପୁରସ୍ଥିତ ବ୍ୟାଙ୍କ ଆକାଉଣ୍ଟକୁ ଜବତ କରିବା ଲାଗି ସ୍ଥାନୀୟ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନୀରବଙ୍କ ଭଉଣୀ ପୂର୍ବି ମୋଦି ଓ ଭିଣୋଇ ମୟଙ୍କ ମେହଟାଙ୍କ ବ୍ରିଟିଶ ଭର୍ଜିନ ଆଇଲାଣ୍ଡରେ ପଞ୍ଜୀକୃତ ପାଭେଲିୟନ ପଏଣ୍ଟ କର୍ପ କମ୍ପାନୀର ଆକାଉଣ୍ଟକୁ ଜବତ କରିବାକୁ ସିଙ୍ଗାପୁର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆକାଉଣ୍ଟରେ ୪୪.୪୧ କୋଟି ଟଙ୍କା ମହଜୁଦ ରହିଛି। ନୀରବଙ୍କ ବିରୋଧରେ ଭାରତରେ ମନିଲଣ୍ଡରିଂ ମାମଲା ଚାଲୁଥିବା ବେଳେ ପିଏନ୍‌ବି ଠକେଇରୁ ପ୍ରାପ୍ତ ଅର୍ଥକୁ ମୟଙ୍କ ଓ ପୂର୍ବିଙ୍କ ଆକାଉଣ୍ଟରେ ରଖାଯାଇଛି ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଯୁକ୍ତି ଦର୍ଶାଯିବା ପରେ ହାଇକୋର୍ଟ ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି। ମନି ଲଣ୍ଡରିଂ ନିଷେଧ ଆଇନ(ପିଏମ୍‌ଏଲ୍‌ଏ) ଅଧୀନରେ ଏବଂ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ସିଙ୍ଗାପୁରସ୍ଥିତ ଏହି ଆକାଉଣ୍ଟକୁ ଇଡି ଅସ୍ଥାୟୀ ଭାବେ ଅଚଳ କରିଥିଲା। ଏଥିପୂର୍ବରୁ ସୁଇଜରଲାଣ୍ଡ ସରକାର ଗତ ୨୭ରେ ନୀରବ ଓ ଭଉଣୀ ପୂର୍ବିଙ୍କ ୪ ସୁଇସ୍ ବ୍ୟାଙ୍କ ଆକାଉଣ୍ଟକୁ ଜବତ କରିଥିଲେ। ଏହି ଆକାଉଣ୍ଟରେ ୨୮୩.୧୬ କୋଟି ଟଙ୍କା ରହିଛି। ପିଏନ୍‌ବି ଠକେଇ ମାମଲାରେ ନୀରବଙ୍କ ସହ ପୂର୍ବିଙ୍କୁ ମଧ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ସୂଚନାଥାଉ କି, ନୀରବ ଏବେ ଲଣ୍ଡନ ଜେଲ୍‌ରେ ବନ୍ଦୀ ଥିବା ବେଳେ ତାଙ୍କର ପ୍ରତ୍ୟର୍ପଣ ନେଇ ଏବେ ମାମଲା ଜାରି ରହିଛି।

### ଅକ୍ଟୋବର ପରେ ଦରମା ଦେଇପାରିବନି ଏୟାର ଇଣ୍ଡିଆ



**ନୂଆଦିଲ୍ଲୀ,୨-୭:** ଘରୋଇ କ୍ଷେତ୍ରର ଏୟାର ଲାଇନ୍ସ କମ୍ପାନୀ ଜେଟ୍ ଏୟାରୱେଜ୍ ଅର୍ଥ ସଙ୍କଟ କାରଣରୁ ବନ୍ଦ ହୋଇଯାଇଥିବା ବେଳେ ଏବେ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆରେ ମଧ୍ୟ ସମାନ ସଙ୍କଟ ଦେଖାଦେଇଛି। କମ୍ପାନୀ ନିକଟରେ ଅକ୍ଟୋବର ପରେ କର୍ମଚାରୀଙ୍କୁ ଦରମା ଦେବାକୁ ଅର୍ଥ ନାହିଁ। ଦୁଇଜଣ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଅଧିକାରୀ କହିଛନ୍ତି ଯେ, କେନ୍ଦ୍ର ସରକାର ଏୟାର ଇଣ୍ଡିଆ ପାଇଁ ୭ ହଜାର କୋଟି ଟଙ୍କା ବାବଦରେ ସଭରେନ୍ ଗ୍ୟାରେଣ୍ଟି ଦେଇଥିଲେ। ଏବେ କମ୍ପାନୀ ନିକଟରେ ୨୫୦୦କୋଟି ଟଙ୍କା ଅବଶିଷ୍ଟ ରହିଛି। ଏହା ଖୁବ୍‌ଶୀଘ୍ର ଖର୍ଚ୍ଚ ହୋଇଯିବ। ଅନ୍ୟଜଣେ ଅଧିକାରୀ କହିଛନ୍ତି ଯେ, ତୈଳ କମ୍ପାନୀ, ଏୟାରପୋର୍ଟ ଅପରେଟର ଓ ଅନ୍ୟ ଭେଣ୍ଡରଙ୍କ ବକେୟା ପ୍ରଦାନ କରିବା ଏବଂ କିଛି ମାସର ଦରମା ଦେବା ଲାଗି ଏହି ଅର୍ଥକୁ ରଖାଯାଇଛି। ଦରମା ବାବଦରେ ଏୟାର ଇଣ୍ଡିଆ ପ୍ରତି ମାସରେ ପ୍ରାୟ ୩୦୦ କୋଟି ଟଙ୍କା ଖର୍ଚ୍ଚ କରିଥାଏ। ଏବେ ଦରମା ଦେବା ମଧ୍ୟ ବିଳମ୍ବିତ ହେବାରେ ଲାଗିଛି। ଏପରିକି ମେ'ର ଦରମା ୧୦ ଦିନ ବିଳମ୍ବରେ ଦିଆଯାଇଥିଲା। ସୂଚନାଥାଉ କି, ଚଳିତ ଆର୍ଥିକ ବର୍ଷରେ ଏୟାର ଇଣ୍ଡିଆ ବକେୟା ଋଣ ବାବଦରେ ପ୍ରାୟ ୯ ହଜାର କୋଟି ଟଙ୍କା ପରିଶୋଧ କରିବାକୁ ପଡିବ। କିନ୍ତୁ କମ୍ପାନୀ ନିକଟରେ ଏତେ ବିଶାଳ ପରିମାଣର ଅର୍ଥ ନାହିଁ। ଏଥିପାଇଁ କମ୍ପାନୀ ସରକାରଙ୍କଠାରୁ ସହାୟତା ମାଗିଛି। ତେବେ ଏହା ଗ୍ରହଣଯୋଗ୍ୟ ହେବ କି ନା ଏବେ କହିହେବ ନାହିଁ। କମ୍ପାନୀ ବଜେଟ ଉପରେ ନିର୍ଭର କରୁଛି।

■ ଲଣ୍ଡନ ହାଇକୋର୍ଟରେ ଆବେଦନ ଗୃହୀତ

# ପ୍ରତ୍ୟର୍ପଣ ବିରୋଧରେ ଅପିଲ କରିପାରିବେ ମାଲ୍ୟା

**ନୂଆଦିଲ୍ଲୀ,୨-୭**



■ ମୌଖିକ ଶୁଣାଣି ହୋଇଥିଲା
■ ଶୁଣାଣି ପାଇଁ ୪ ଘଣ୍ଟା ଧାର୍ଯ୍ୟ ହୋଇଥିଲା
■ ଲିଖିତ ଆବେଦନ ପୂର୍ବରୁ ଅଗ୍ରାହ୍ୟ ହୋଇଥିଲା
■ ଏଣିକି ପ୍ରତ୍ୟର୍ପଣକୁ ବିରୋଧ କରି ହାଇକୋର୍ଟରେ ପୂର୍ଣ୍ଣାଙ୍ଗ ଶୁଣାଣି ହେବ

ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଲଣ୍ଡନ ହାଇକୋର୍ଟରୁ ଏକ ଆଶ୍ୱସ୍ତି ମିଳିଛି। ଭାରତ ପ୍ରତ୍ୟର୍ପଣକୁ ବିରୋଧ କରି ସେ ଅପିଲ କରିପାରିବେ ବୋଲି ହାଇକୋର୍ଟ ମଙ୍ଗଳବାର ଅନୁମତି ପ୍ରଦାନ କରିଛନ୍ତି। ଏନେଇ ମାଲ୍ୟାଙ୍କ ଆବେଦନକୁ ଅଦାଲତ ସ୍ୱୀକାର କରିଛନ୍ତି। ଏହାର ଅର୍ଥ ଏଣିକି ହାଇକୋର୍ଟରେ ପ୍ରତ୍ୟର୍ପଣ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ହେବ। ଏହା ମାଲ୍ୟାଙ୍କ ପାଇଁ ଏକ ବଡ଼ ବିଜୟ କହିଲେ ଅତ୍ୟୁକ୍ତି ହେବ ନାହିଁ।

ମଙ୍ଗଳବାର ଲଣ୍ଡନ ହାଇକୋର୍ଟ (ରୟାଲ କୋର୍ଟ୍ସ ଅଫ୍ ଜଷ୍ଟିସ୍)ରେ ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାର ମୌଖିକ ଶୁଣାଣି କରାଯାଇଥିଲା। ଭାରତକୁ ପ୍ରତ୍ୟର୍ପଣ ଲାଗି ବ୍ରିଟେନ ଗୃହ ସଚିବ ସାଜିଦ ଜାଭିଦ ନିର୍ଦ୍ଦେଶ ଦେବା ପରେ ଏହାକୁ ମାଲ୍ୟା ଚାଲେଞ୍ଜ କରିଥିଲେ। କୋର୍ଟ ପକ୍ଷରୁ ଏଥିପାଇଁ ୪ ଘଣ୍ଟାର ସମୟ ଧାର୍ଯ୍ୟ ହୋଇଥିଲା। ଏହି ଶୁଣାଣି ବେଳେ ମାଲ୍ୟାଙ୍କ ଆବେଦନକୁ ବିଚାରପତି ଗ୍ରହଣ କରି ନ ଥିଲେ, ତାଙ୍କୁ ଖୁବ୍‌ଶୀଘ୍ର ଭାରତକୁ ପ୍ରତ୍ୟର୍ପଣ କରାଯାଇଥାନ୍ତା। କୋର୍ଟରେ ହାଜର ବେଳେ ମାଲ୍ୟା ଶୁଣାଣିକୁ ନେଇ ସକାରାତ୍ମକ ଥିବା କହିଥିଲେ। ସେ କହିଥିଲେ ଯେ, ଭାରତ ସରକାରଙ୍କୁ ଏତିକି ଅନୁରୋଧ ଯେ, ସେ କୌଣସି ଦୟା ବା ଛାଡ଼ ମାଗୁନାହାନ୍ତି। ତାଙ୍କ ନିକଟରେ ଅର୍ଥ ଅଛି, ସରକାର ଶତପ୍ରତିଶତ ଅର୍ଥ ଫେରସ୍ତ ନିଅନ୍ତୁ। ସୂଚନାଯୋଗ୍ୟ ଯେ, ମାଲ୍ୟାଙ୍କ ପକ୍ଷରୁ ଭାରତ ପ୍ରତ୍ୟର୍ପଣକୁ ବିରୋଧ କରାଯାଇ ଫେବୃୟାରୀ ୧୪ରେ ହାଇକୋର୍ଟରେ ଲିଖିତ ଆବେଦନ କରାଯାଇଥିଲା। ଯାହାକୁ ଅଦାଲତ ଏପ୍ରିଲ ୫ରେ ଖାରଜ କରିଦେଇଥିଲେ। ଏହାପରେ ମାଲ୍ୟା ପୁନର୍ବାର ଏହି ମାମଲାର ମୌଖିକ ଶୁଣାଣି ଲାଗି ଆବେଦନ କରିଥିଲେ, ଯାହାକୁ ହାଇକୋର୍ଟ ଗ୍ରହଣ କରିଥିଲେ। ମାଲ୍ୟାଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇ କୁହାଯାଇଥିଲା ଯେ, ଅଭିଯୁକ୍ତଙ୍କ ଦସ୍ତାବିଜକୁ ନିମ୍ନ ଅଦାଲତ ଠିକ୍ ଭାବେ ଗ୍ରହଣ କରି ନ ଥିଲେ। ସୂଚନାଥାଉ କି, କିଙ୍ଗଫିଶର ଏୟାରଲାଇନ୍ସର ପ୍ରତିଷ୍ଠାତାଙ୍କୁ ପ୍ରତ୍ୟର୍ପଣ ଲାଗି ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଦୀର୍ଘଦିନ ହେବ ପ୍ରୟାସ ଚାଲିଛି। ଭାରତର ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇ ମାଲ୍ୟା ବ୍ରିଟେନ ଫେରାର ହୋଇଯାଇଥିଲେ। ଭାରତ ପକ୍ଷରୁ ଅଭିଯୋଗ କରାଯିବା ପରେ ତାଙ୍କୁ ଗିରଫ କରାଯାଇଥିଲା ଓ ପ୍ରତ୍ୟର୍ପଣ ମାମଲା ଦାଏର ହୋଇଥିଲା। ଲଣ୍ଡନସ୍ଥିତ ୱେଷ୍ଟମିନ୍‌ଷ୍ଟର ଅଦାଲତ ତାଙ୍କର ପ୍ରତ୍ୟର୍ପଣକୁ ଅନୁମୋଦନ କରିବା ସହ ବ୍ରିଟେନ ଗୃହ ସଚିବ ଜାଭିଦଙ୍କ ନିକଟକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦସ୍ତାବିଜ ପଠାଇଥିଲେ। ଏହାକୁ ମାଲ୍ୟା ବିରୋଧ କରି ହାଇକୋର୍ଟ ଯାଇଥିଲେ।

■ ଇ-ଚାଲାଣ ବ୍ୟବସ୍ଥା ଆରମ୍ଭ

# ଓଡ଼ିଶା ସମେତ ୧୫ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳରେ ଲାଗୁ

**ନୂଆଦିଲ୍ଲୀ,୨-୭**

ସଡ଼କ ଦୁର୍ଘଟଣାକୁ ରୋକିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ମିଳିତ ଭାବେ ଇ-ଚାଲାଣ ବ୍ୟବସ୍ଥା ଆପଣାଇଛନ୍ତି। ଓଡ଼ିଶା ସମେତ ଦେଶର ୧୫ ରାଜ୍ୟ ଏହି ବ୍ୟବସ୍ଥାକୁ ଆପଣାଇଛନ୍ତି। ଏଣିକି ମଦ୍ୟପାନ କରି, ଦ୍ରୁତବେଗରେ ଗାଡ଼ିଚାଳନା ପାଇଁ ଇ-ଚାଲାଣ କଟାଯିବ। ଓଡ଼ିଶା ବ୍ୟତୀତ ଅନ୍ୟରାଜ୍ୟ ଓ କେନ୍ଦ୍ରଶାସିତ ରାଜ୍ୟଗୁଡ଼ିକ ହେଲେ ବିହାର, ଚଣ୍ଡିଗଡ, ଦିଲ୍ଲୀ, ଗୁଜରାଟ, ହରିୟାଣା, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ ଓ କଶ୍ମୀର, ପଞ୍ଜାବ ଓ ପୁଡୁଚେରୀ ପ୍ରମୁଖ। କେନ୍ଦ୍ର ସଡ଼କ, ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ରାଜ୍ୟ ସଭାରେ ଦର୍ଶାଇଛନ୍ତି ଯେ, ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଇଣ୍ଟିଗ୍ରେଟେଡ ଇନ୍‌ଫର୍ମେଶନ ଟେକ୍ନୋଲୋଜି ଆଧାରିତ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଟ୍ରାଫିକ ପୋଲିସ ଓ ଟ୍ରାନ୍ସପୋର୍ଟ ଡିପାର୍ଟମେଣ୍ଟର ମୋବାଇଲ ଦଳ ପକ୍ଷରୁ ଆଣ୍ଡ୍ରଏଡ୍ ଆଧାରିତ ମୋବାଇଲ ଆପ୍ ଏବଂ ୱେବ୍ ଆପ୍ଲିକେଶନ ଜରିଆରେ ଇ-ଚାଲାଣ ପଠାଇବେ। ଏହି ବ୍ୟବସ୍ଥାରେ ଜରିମାନା ରାଶି ସିଧାସଳଖ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିବ।

### କିଭଳି କାମ କରିବ ଇ-ଚାଲାଣ ବ୍ୟବସ୍ଥା

କୌଣସି ବ୍ୟକ୍ତି ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିଥିବା ଜଣାପଡିଲେ, ସେଠାରେ ଲାଗିଥିବା ସିସିଟିଭି ମାଧ୍ୟମରେ ଗାଡ଼ିର ରେଜିଷ୍ଟ୍ରେଶନ ନମ୍ବରର ସ୍କ୍ରିନ ସଟ୍ ଆପେ ଆପେ ନିଆଯିବ ଏବଂ ସାରଥି ଓ ବାହନ ଆପ୍‌ରେ ଡିଟେଲ୍ସ ଅପଡେଟ କରାଯିବ। ଶେଷରେ ଚାଲାଣର ସମ୍ପୂର୍ଣ୍ଣ ତଥ୍ୟକୁ ସମ୍ପୃକ୍ତ ବ୍ୟକ୍ତିଙ୍କ ମୋବାଇଲ ଫୋନ୍‌କୁ ପଠାଯିବ। ସେହିପରି ଅନ୍ୟ ରାଜ୍ୟରେ ଟ୍ରାଫିକ ନିୟମ ଉଲ୍ଲଂଘନ ମାମଲାରେ ଆରଟିଓ ଅଫିସ୍ ଜରିଆରେ ଚାଲାଣ ବିବରଣୀକୁ ପଠାଯିବ। ଏଥିପାଇଁ ଡ୍ରାଇଭିଂ ଲାଇସେନ୍ସକୁ ଆଧାର ସହ ଯୋଡିବା ଲାଗି ସରକାର ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ସେହିପରି ଗାଡ଼ି ମାଲିକ ଅନ୍‌ଲାଇନ ପୋର୍ଟାଲ ଜରିଆରେ ତାଙ୍କର କେଉଁଠି ଓ କେତେବେଳେ ଚାଲାଣ କଟାଯାଇଛି ଜାଣିପାରିବେ। ଏହା ଜାଣିବା ପରେ ସେ ଗାଡ଼ିର ରେଜିଷ୍ଟ୍ରେଶନ ନମ୍ବର ପୋର୍ଟାଲରେ ଅପ୍‌ଲୋଡ କରିବା ମାତ୍ରେ ଏକ ଇ-ଫର୍ମ ଦର୍ଶାଯିବ। ଏହାକୁ ଅନ୍‌ଲାଇନରେ ପୂରଣ କରିବା ପରେ ହି ଚାଲାଣ ପ୍ରଦାନ କରାଯାଇପାରିବ। ବାହନ ଓ ସାରଥି ଡାଟାବେସ୍ ଜରିଆରେ ଦେଶର ସମସ୍ତ ପରିବହନ ଅଫିସ୍‌କୁ ଯୋଡା ଯାଇଛି ବୋଲି ସେ କହିଛନ୍ତି। ଏହି ବ୍ୟବସ୍ଥାରେ ଯାତାୟାତ ବେଳେ ପୋଲିସ ନିୟମ ଭାଙ୍ଗୁଥିବା ବ୍ୟକ୍ତିଙ୍କ ସବିଶେଷ ତଥ୍ୟ ଗୋଟିଏ କ୍ଲିକ୍‌ରେ ନିଜ ମୋବାଇଲରେ ଜାଣିପାରିବେ। ଏଥିସହିତ ଅନ୍‌ଲାଇନରେ ମଧ୍ୟ ଇ-ଚାଲାଣ ଦେୟ ପ୍ରଦାନ କରିହେବ। ଏଥିଲାଗି କେନ୍ଦ୍ର ସରକାର ଏକ ୱେବ୍‌ସାଇଟ ମଧ୍ୟ ତିଆରି କରିଛନ୍ତି। ଏଚ୍‌ଟିଟିପି://ଇଚାଲାଣ.ପରିବହନ. ଜିଓଭି.ଇନ୍‌ରେ ଗାଡ଼ିର ରେଜିଷ୍ଟ୍ରେଶନ ନମ୍ବର, ଡ୍ରାଇଭିଂ ଲାଇସେନ୍ସ ନମ୍ବର ଅଥବା ଚାଲାଣ ନମ୍ବରରୁ କେଉଁଠାରୁ ଓ କେତେ ପରିମାଣରେ ଚାଲାଣ କଟାଯାଇଛି ଜାଣିହେବ। ଏହାବ୍ୟତୀତ ସମସ୍ତ ରାଜ୍ୟର ଟ୍ରାଫିକ ପୋଲିସ ଏବଂ ଆରଟିଓ ୱେବସାଇଟରେ ମଧ୍ୟ ଇ-ଚାଲାଣ ଲିଙ୍କ ଦିଆଯାଇଛି। ଏହାକୁ ଭିତ୍ତି କରି ଘରେ ବସି ନେଟ୍ ବ୍ୟାଙ୍କିଙ୍ଗ୍, ପେଟିଏମ୍ ଜରିଆରେ ଚାଲାଣ ରାଶି ପ୍ରଦାନ କରିହେବ। ଏହି ବ୍ୟବସ୍ଥାରେ ଅନ୍ୟ ରାଜ୍ୟର ଗାଡ଼ିର ମଧ୍ୟ ଚାଲାଣ କଟାଯାଇପାରିବ। ଏହାଛଡ଼ା ସମ୍ପୃକ୍ତ ଗାଡ଼ି ଉପରେ କେତେ ପରିମାଣର ଚାଲାଣ ବକେୟା ରହିଛି, ତାହା ମଧ୍ୟ ଜାଣିହେବ। ବକେୟା ପ୍ରଦାନ ନ କରିବା ପର୍ଯ୍ୟନ୍ତ ଗାଡ଼ିକୁ ବିକ୍ରି କରାଯାଇପାରିବ ନାହିଁ।

# ପୂର୍ବତଟ ରେଳପଥର ଯାତ୍ରୀ ସଚେତନତା

**ଭୁବନେଶ୍ୱର,୨-୭**

ରଥଯାତ୍ରା ସମୟରେ ଟ୍ରେନରେ ହେଉଥିବା ଯାତ୍ରୀ ଭିଡ଼କୁ ନଜରରେ ରଖି ସାବଧାନତା ଅବଲମ୍ବନ କରିବା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଟ୍ରେନଗୁଡିକର ଫୁଟବୋର୍ଡ, ବଗି ଏବଂ ଛାତ ଉପରେ ଚଢି କିମ୍ବା ଓହଳି ଯାତ୍ରା ନ କରିବାକୁ ରେଲୱେ ପକ୍ଷରୁ ଯାତ୍ରୀଙ୍କୁ ନିବେଦନ କରାଯାଇଛି। ସେହିଭଳି ଅଚିହ୍ନା ସହଯାତ୍ରୀଙ୍କଠାରୁ ଖାଦ୍ୟ କିମ୍ବା ପାନୀୟ ଗ୍ରହଣ ନ କରିବା, ଗ୍ୟାସ୍ ସିଲିଣ୍ଡର, ଷ୍ଟୋଭ, ଡେବ୍ରି, ସିଗାରେଟ୍, ବିଡି କିମ୍ବା ଦିଆସିଲି ସାଙ୍ଗରେ ନ ନେବା, କୌଣସି ଅଜଣା ଦ୍ରବ୍ୟକୁ ନ ଛୁଇଁବା, ବିନା ଟିକେଟରେ ଯାତ୍ରା ନ କରିବା,ଟ୍ରେନ ଗତିଶୀଳ ଥିବା ସମୟରେ ଏଥିରେ ଚଢିବା କିମ୍ବା ନ ଓହ୍ଲାଇବା ଲାଗି ପରାମର୍ଶ ଦିଆଯାଇଛି।

ସହଯାତ୍ରୀଙ୍କ ଉପରେ ଯାତ୍ରା ସମୟରେ ଝୁଲି ନ ଯିବା, ଟ୍ରେନ ଦରଜା କଡରେ ଯାତ୍ରା ଲାଗି କାହାକୁ ନ ପ୍ରବର୍ତ୍ତାଇବାକୁ କୁହାଯାଇଛି। ବିପଦପୂର୍ଣ୍ଣ ଭାବେ ଟ୍ରେନରେ ଯାତ୍ରା କରୁଥିବା ଲୋକଙ୍କ ଉପରେ ନଜର ରଖିବାକୁ ସୁରକ୍ଷା ବଳକୁ ପରାମର୍ଶ ଦିଆଯାଇଛି। ଗହଳି ସ୍ଥାନରେ ଅସାମାଜିକ କାର୍ଯ୍ୟକଳାପ, ଦଲାଲମାନଙ୍କ ପ୍ରତି କଡା ନଜର ରଖିବାକୁ ଆର୍‌ପିଏଫ୍‌କୁ କୁହାଯାଇଛି। ରଥଯାତ୍ରା ଲାଗି ସ୍ୱତନ୍ତ୍ର ଟ୍ରେନ ଚଳାଚଳ ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ଟିକେଟ




କାଉଣ୍ଟର, ଅତିରିକ୍ତ ଅନୁସନ୍ଧାନ ଓ ସୂଚନା କେନ୍ଦ୍ର, ସ୍ୱତନ୍ତ୍ର ଟ୍ରେନ ସାରଣୀ, ଟୁରିଷ୍ଟ କମ୍ପ୍ଲେକ୍ସ, ମେଳା ସେଡ୍, ପାନୀୟ ଜଳ ସହ କ୍ୟାଟରିଂ ସେବା, ପରିମଳ ବ୍ୟବସ୍ଥା, ଡାକ୍ତରୀ ସହାୟତା କେନ୍ଦ୍ର, ନିରାପତ୍ତା ସୂଚନା ପ୍ରଦାନ ଲାଗି ଇଲେକଟ୍ରୋନିକ୍ସ ଡିସ୍ପ୍ଲେ ବୋର୍ଡ ବ୍ୟବସ୍ଥା କରାଯାଇଛି। ଲେଭଲ କ୍ରସିଂଠାରେ ମାନବ ସମ୍ବଳ ସହ ସୁରକ୍ଷା ବ୍ୟବସ୍ଥା ହାତକୁ ନିଆଯାଇଛି।

### ସ୍ୱତନ୍ତ୍ର ମୋବାଇଲ ଆପ୍ଲିକେଶନ ବ୍ୟବସ୍ଥା

ଟିକେଟ କାଉଣ୍ଟର ଭିଡରୁ ନିବୃତ୍ତ ରହିବା ଲାଗି ମୋବାଇଲରେ ଅଣସଂରକ୍ଷିତ ଟିକେଟ ଯାତ୍ରୀମାନେ ସଂଗ୍ରହ କରିପାରିବେ। ୟୁଟିଏସ୍ ଆପ୍ଲିକେଶନ ଦ୍ୱାରା ଲୋକମାନେ ଏହି ସୁବିଧା ପାଇ ପାରିବେ। ରେଲୱେର ବିଭିନ୍ନ ସୁବିଧା, ଅନୁସନ୍ଧାନ ବିଷୟ ସମ୍ପର୍କରେ ଜାଣିବା ଲାଗି ଇକୋର ଯାତ୍ରା ଆପ୍ଲିକେଶନ ବ୍ୟବହାର କରିବାକୁ କୁହାଯାଇଛି।

# ଜାନୁୟାରୀରୁ ନାନୋ ଉତ୍ପାଦନ ବନ୍ଦ

**ନୂଆଦିଲ୍ଲୀ,୨-୭**

ଟାଟା ମୋଟର୍ସର କ୍ଷୁଦ୍ର କାର ନାନୋର ଉତ୍ପାଦନ ଚଳିତବର୍ଷ ଜାନୁୟାରୀରୁ ବନ୍ଦ ରହିଛି। ଅନ୍ୟପକ୍ଷରେ କମ୍ପାନୀ ଫେବୃୟାରୀରେ ଗୋଟିଏ ହେଲେ ଏହି କାର୍ ବିକ୍ରି କରିନାହିଁ। ଟାଟା ମୋଟର୍ସ ପକ୍ଷରୁ ଷ୍ଟକ୍ ମାର୍କେଟକୁ ମଙ୍ଗଳବାର ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ତେବେ ଏଣ୍ଟ୍ରି ଲେବେଲର ଏହି କାର୍ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଲାଗି କମ୍ପାନୀ ଔପଚାରିକ ଭାବେ କୌଣସି ନିଷ୍ପତ୍ତି ନେଇନାହିଁ। ଚାହିଦା ଅନୁଯାୟୀ କାର୍ ବିକ୍ରି ଜାରି ରଖିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଟାଟା ମୋଟର୍ସ ପକ୍ଷରୁ ଦିଆଯାଇଥିବା ସୂଚନାନୁଯାୟୀ, ଏହା ଗତବର୍ଷ ଡିସେମ୍ବରରେ ଶେଷଥର ପାଇଁ ନାନୋ ଉତ୍ପାଦନ କରିଥିଲା। ସେହି ସମୟରେ ଗୁଜରାଟର ସାନନ୍ଦ କାରଖାନାରୁ ୮୨ ନାନୋ କାର୍ ଉତ୍ପାଦିତ ହୋଇଥିଲା। ଜାନୁୟାରୀରୁ ଜୁନ୍ ମଧ୍ୟରେ କମ୍ପାନୀ କେବଳ ଫେବୃୟାରୀରେ ଗୋଟିଏ ନାନୋ ବିକ୍ରି କରିପାରିଥିଲା। ୨୦୨୦ ଏପ୍ରିଲରୁ ନାନୋ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ ବୋଲି ଟାଟା ମୋଟର୍ସ ପୂର୍ବରୁ ଘୋଷଣା କରିଥିଲା।

### ବ୍ୟାଙ୍କ ଜାଲିଆତି: ୧୮ ସହରରେ ସିବିଆଇ ଚଢ଼ାଉ

**ନୂଆଦିଲ୍ଲୀ,୨-୭:** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ମଙ୍ଗଳବାର ୧୧୫୯ କୋଟି ଟଙ୍କାର ବ୍ୟାଙ୍କ ଜାଲିଆତି (ଟଙ୍କା ଏପଟସେପଟ କରିବା) ମାମଲାରେ ଦେଶର ୧୮ ସହରର ୫୦ ସ୍ଥାନରେ ଏକାସାଙ୍ଗରେ ଚଢ଼ାଉ କରିଛି। କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ପକ୍ଷରୁ ଏ ସଂକ୍ରାନ୍ତରେ ୧୭ ମାମଲା ଦାଏର କରାଯାଇଛି। ସିବିଆଇ ଦଳ ୧୨ ରାଜ୍ୟର ଭିନ୍ନ ଭିନ୍ନ ଠିକଣାରେ ପହଞ୍ଚି କମ୍ପାନୀ ଡାଇରେକ୍ଟର, ପ୍ରମୋଟରଙ୍କ ବିରୋଧରେ ଆଗତ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦିଲ୍ଲୀ, ମୁମ୍ବାଇ, ଲୁଧିଆନା, ଠାଣେ, ବଲସାଡ, ପଲାବୀ, ଗୟା, ଗୁରୁଗ୍ରାମ୍, ଚଣ୍ଡିଗଡ, ଭୋପାଳ, ସୁରଟ ଓ କୋଲାର ସମେତ ଅନ୍ୟ କେତେକ ସହରରେ ଚଢ଼ାଉ କରାଯାଇଥିଲା।


**PARADIP PORT TRUST**

**E-TENDER CALL NOTICE- EM/IOHP-30/2019**

Name of the work: **"Providing Assistance in office-cum-site works of IOHP for a period on one year"**. Estimated cost: **Rs.2,58,49,645/-**, Last date & time of submission: **21.07.2019 at 17:15 Hrs.** Refer our website for details: **https://eprocure.gov.in/eprocure/app.**

**Executive Engineer(M), IOHP**
PPT/PR/168/19-20, Dt.02/07/2019



**ODISHA JOINT ENTRANCE EXAMINATION-2019 (OJEE - 2019)**

**No: 305/OJEE19** **Date: 02.07.2019**

**NOTICE REGARDING WEB COUNSELLING FOR MBA/MCA/LE-MCA/MTECH/MPHARM/MARCH/MPLAN.**

OJEE web-based Counselling process for MBA/MCA/LE-MCA/MTECH/MARCH/MPLAN and MPHARM is going on from 1st July 2019. For detail schedule, seat position and counselling brochure please go through OJEE website **www.ojee.nic.in/ www.odishajee.com.** Schedules for other courses will be published soon.

**Sd/-**
**CHAIRMAN, OJEE**



**STATE WILDLIFE HEADQUARTERS**
**OFFICE OF THE PRINCIPAL CCF (WILDLIFE) & CHIEF WILDLIFE WARDEN, ODISHA, PRAKRUTI BHAWAN, PLOT NO.1459, SAHEED NAGAR, BHUBANESWAR- 751007.**
**Website: www.wildlife.odisha.gov.in,**
**Email: odishawildlife@gmail.com**

**Advertisement**

**No.31-MM:-** 2WL-Estt.-(Misc.)-20 /2019: 5537/ Applications are invited by registered post / speed post for the posts of **Junior Research Fellow (JRF)-5(five) Nos., GIS Analyst-1 (One) No. and Data Analyst (Computer Programmer)-1 (One) No.** purely on contractual basis with consolidated remuneration of Rs.28,000/- (Rupees Twenty Eight thousand)only per month under "Elephant Management Action Plan" of Forest & Environment Department. The minimum educational qualification, desirable qualification (DQ), job requirements, application form and general terms & conditions are available in official website: www.wildlife.odisha.gov.in. The interested candidates can go through the said website and download the application form to apply for the post. The last date for receipt of application in this office is 20th July, 2019 upto 5.00 PM.

**Principal CCF (WL) & CWLW, Odisha**
**08002/11/0007/1920**



ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking)
SETU BHAVAN, NAYAPALLI, BHUBANESWAR-751012
PH.NO. 0674 -2390043, FAX NO. 0674-2396326, E Mail:mdobcc@gmail.com
CAD-159

**File No.2258** **Dt. 02.07.2019**
**SMT-1600**

EMPANELMENT OF CONSULTANCY

The Managing Director, Odisha Bridge & Construction Corporation Limited, Setu Bhavan, Bhubaneswar on behalf of Governor of Odisha invites Expression of Interest (EoI) for empanelment of consultants for Preparation of DPR for different categories of Projects as detailed in the table below.

| SL NO. | NAME OF WORK | NON-REFUNDABLE PROCESSING FEE (OFF-LINE SUBMISSION) | ELIGIBILITY CRITERIA | DURATION OF CONTRACT |
|---|---|---|---|---|
| 1 | 2 | 3 | 4 | 5 |
| 1. | Empanelment of consulting agencies for preparation of Detailed Project Report of Building Projects | RS.20000.0 | AS PER DTCN. | THREE YEARS |
| 2. | Empanelment of consulting agencies for preparation of Detailed Project Report of Road Projects | RS.20000.0 | AS PER DTCN. | THREE YEARS |
| 3. | Empanelment of consulting agencies for preparation of Detailed Project Report of Bridge Projects | RS.20000.0 | AS PER DTCN. | THREE YEARS |

1. Bid documents consisting of set of terms and conditions of contract and other necessary documents can be seen in the website: mdobcc.in
2. The Bidder shall deposit offline the Non-refundable Processing fee of the Amount specified in the table col.3 in form of Demand Draft or Pay Order or Banker's Cheque in any Nationalize Bank drawn in favour of the MD, OB&CC Ltd payable at Bhubaneswar, to be submitted along with the EOI documents in the O/O- MD,OB&CC Ltd, Setu Bhawan, Nayapalli Bhubaneswar, 751012 within the dateline as specified below.
3. The Bid documents will be available in the website: mdobcc.in from Dt.05.07.2019 to 5.00 P.M. of Dt.29.07.2019 for down loading .
4. Bid shall be received only on "off-line " on or before 5.00 P.M. of Dt. 30.07.2019.
5. Bid received "off-line " shall be opened at 11.30 A.M. on Dt.31.07.2019 in the office of the Managing Director, O.B. & C.C.Ltd., Setu Bhavan, Bhubaneswar, Odisha in the presence of the bidders, who wish to attend.
6. Other details can be seen in the Bid documents.
7. The authority reserves the right to cancel any or all bids without assigning any reason thereof.
8. The addendum/ corrigendum if any will be hosted in the OB&CC web site only.
9. N.B: Bidders who have already been selected for Empanelment for DPR of Road,Bridge & Building Projects during this financial year need not apply.

34106/11/0004/1920
Sd./- MANAGING DIRECTOR
O.B. & C.C.LTD, BHUBANESWAR



No. 09-RR:

**ବିଜ୍ଞାପନ**

**୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ଓ ୭ମ ରାଜ୍ୟ ଟେଲି ପୁରସ୍କାର-୨୦୧୮ ପାଇଁ ଦରଖାସ୍ତ ଆହ୍ୱାନ**

ରାଜ୍ୟରେ ଉଚ୍ଚକୋଟୀର ଗୁଣବତ୍ତାସମ୍ପନ୍ନ ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନରେ ପ୍ରସାରିତ ଧାରାବାହିକ ତଥା ଟେଲି ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓ ରାଜ୍ୟ ଟେଲି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି। ଚଳିତ ବର୍ଷ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ପାଇଁ ୨୭ଗୋଟି ବିଭାଗରେ ଓ ରାଜ୍ୟ ୭ମ ଟେଲି ପୁରସ୍କାର-୨୦୧୮ ପାଇଁ ୨୦ଗୋଟି ବିଭାଗରେ ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ତା୩୧।୦୭।୨୦୧୯ରିଖ ମଧ୍ୟରେ ସେମାନଙ୍କ ଦ୍ୱାରା ନିର୍ମିତ ନିମ୍ନ ସର୍ତ୍ତାବଳୀ ମଧ୍ୟରେ ଆସୁଥିବା ଓଡ଼ିଆ ଚଳଚ୍ଚିତ୍ର ଓ ଓଡ଼ିଆ ଦୂରଦର୍ଶନ ଧାରାବାହିକ/ ଟେଲି ଚଳଚ୍ଚିତ୍ରଗୁଡ଼ିକୁ ଉଭୟ DVD Format ଏବଂ Pendriveରେ ରାଜ୍ୟ ସଂସ୍କୃତି ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ଦାଖଲ କରାଯାଉଥିବା DVD ଗୁଡ଼ିକର (୧) କାହାଣୀ (୧୦କପି), (୨) ସମସ୍ତ ଗୀତର ଗୀତିକାର ତଥା ଗାୟକମାନଙ୍କର ସମ୍ପୂର୍ଣ୍ଣ ବିବରଣୀ (୧୦ କପି), (୩) କଳାକାର ଓ ଟେକ୍ନିସିଆନ୍‌ମାନଙ୍କର ସମ୍ପୂର୍ଣ୍ଣ ନାମ ଓ ଠିକଣା ତଥା ମୋବାଇଲ ନମ୍ବର (୧୦କପି ଲେଖାଏଁ) ସଂଲଗ୍ନ କରାଯିବା ଆବଶ୍ୟକ। ଏତଦ୍‌ବ୍ୟତୀତ ପ୍ରତ୍ୟେକ DVD ପାଇଁ Censor Certificateର ଆଟେଷ୍ଟେଡ୍ କପି ସଂଲଗ୍ନ କରାଯିବା ବାଧ୍ୟତାମୂଳକ ଅଟେ। ସର୍ତ୍ତାବଳୀ ବହିର୍ଭୂତ କିମ୍ବା ଆବଶ୍ୟକୀୟ ଉପରୋକ୍ତ ପ୍ରମାଣପତ୍ର ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଇନଥିବା DVD/Pendriveଗୁଡ଼ିକୁ ଚୟନ କମିଟିର ବିଚାର ପାଇଁ ଯୋଗ୍ୟ ବିବେଚିତ କରାଯିବ ନାହିଁ। ଟେଲି ଧାରାବାହିକ ପୁରସ୍କାର ୨୦୧୮ ପାଇଁ ସେହି ବର୍ଷ ପ୍ରସାରିତ ହୋଇଥିବା ଏପିସୋଡ୍‌ଗୁଡ଼ିକ ମଧ୍ୟରୁ ଯେକୌଣସି ଏକ ସମ୍ପୂର୍ଣ୍ଣ ଏପିସୋଡ୍‌ର DVD (୨୫ ମିନିଟ୍ ଅବଧି) ଏବଂ ମନୋନୟନ ପ୍ରକ୍ରିୟା ସହ ସମ୍ପୃକ୍ତ ବିଭିନ୍ନ ଅଭିନେତା ଅଭିନେତ୍ରୀ ଯଥା ମୁଖ୍ୟ ଅଭିନେତା, ଅଭିନେତ୍ରୀ, ହାସ୍ୟ ଅଭିନେତା, ଚରିତ୍ର ଅଭିନେତା/ ଅଭିନେତ୍ରୀ, ଖଳନାୟକ/ ଖଳନାୟିକା, ଶିଶୁ କଳାକାରଙ୍କ ଅଭିନୟର ଅଂଶ ସମ୍ବଳିତ DVD ଦରଖାସ୍ତ ସହ ଦାଖଲ କରିବା ବାଞ୍ଛନୀୟ। ଏଥିସହିତ ଧାରାବାହିକର ଟାଇଟଲକାର୍ଡ଼ ସମ୍ବଳିତ ଅନ୍ୟ ଏକ DVD ମଧ୍ୟ ଦାଖଲ କରିବା ଆବଶ୍ୟକ। ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଥ୍ୟ ପରବର୍ତ୍ତୀ କାଳରେ ପରିବର୍ତ୍ତନ କରାଯାଇପାରିବ ନାହିଁ।

ଉପରୋକ୍ତ ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ଓ ରାଜ୍ୟ ୭ମ ଟେଲି ପୁରସ୍କାର-୨୦୧୮ ପାଇଁ ଆବେଦନ ଫର୍ମ (Schedule-II), ମନୋନୟନ ପତ୍ର, ସତ୍ୟପାଠର ନମୁନା ଓ ଅନ୍ୟାନ୍ୟ ବିଶଦ୍ ବିବରଣୀ ବିଭାଗର ୱେବ୍‌ସାଇଟ୍- www.odishaculture.gov.inରେ ଉପଲବ୍ଧ ଅଛି।

**ସର୍ତ୍ତାବଳୀ:**

୧. ଚଳଚ୍ଚିତ୍ର ଓ ଟେଲି ଚଳଚ୍ଚିତ୍ରଗୁଡ଼ିକ ୨୦୧୮ ବର୍ଷ (ତା୦୧।୦୧।୨୦୧୮ରିଖଠାରୁ ତା୩୧।୧୨।୨୦୧୮ରିଖ) ମଧ୍ୟରେ ନିର୍ମିତ ହୋଇଥିବା ଆବଶ୍ୟକ। ଟେଲି ଧାରାବାହିକଗୁଡ଼ିକ ୨୦୧୮ ବର୍ଷ (ତା୦୧।୦୧।୨୦୧୮ରିଖଠାରୁ ତା୩୧।୧୨।୨୦୧୮ରିଖ) ମଧ୍ୟରେ ପ୍ରସାରିତ ହୋଇଥିବା ବାଞ୍ଛନୀୟ ଏବଂ ସମ୍ପୃକ୍ତ ଚ୍ୟାନେଲଠାରୁ ସେଗୁଡ଼ିକର ପ୍ରସାରଣ ପ୍ରମାଣପତ୍ର (ଟେଲିକାଷ୍ଟ ସାର୍ଟିଫିକେଟ) ଦରଖାସ୍ତ ସହ ସଂଯୁକ୍ତ କରିବା ବିଧେୟ।
୨. କେବଳ ଓଡ଼ିଆ ଭାଷା ଓ ଓଡ଼ିଆ ଜନଜାତି ଭାଷାରେ ରାଜ୍ୟରେ ନିର୍ମିତ ଚଳଚ୍ଚିତ୍ର/ ଧାରାବାହିକ/ ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଦାଖଲ କରାଯାଇପାରିବ।
୩. ଅଧିକନ୍ତୁ, କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଏଜେନ୍ସି ଦ୍ୱାରା ପ୍ରାଧିକୃତ କୌଣସି ଚଳଚ୍ଚିତ୍ର ଓ ଟେଲି ଧାରାବାହିକ ତଥା ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଗ୍ରହଣ କରାଯିବ ନାହିଁ।
୪. ନିର୍ଦ୍ଧାରିତ ତିନିକିତା ଆବେଦନପତ୍ର ସହିତ ଫିଚର ଫିଲ୍ମ ପାଇଁ ଟ.୩,୦୦୦/-ଙ୍କା (ଅଣଫେରସ୍ତ) ଓ ନନ୍-ଫିଚର ଫିଲ୍ମ ପାଇଁ ଟ.୧,୫୦୦/-ଙ୍କା (ଅଣଫେରସ୍ତ) ବ୍ୟାଙ୍କଡ୍ରାଫ୍ଟ ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶାଙ୍କ ସପକ୍ଷରେ ଦାଖଲ କରାଯିବା ଆବଶ୍ୟକ।
୫. ଦରଖାସ୍ତ ପଠାଇବାର ଠିକଣା: ସଂସ୍କୃତି ନିର୍ଦ୍ଦେଶାଳୟ, ଓଡ଼ିଶା, ସଂସ୍କୃତି ଭବନ, ଭୁବନେଶ୍ୱର-୧୪ ଓ ଦରଖାସ୍ତ ଗ୍ରହଣର ଶେଷ ତାରିଖ: ୩୧।୦୭।୨୦୧୯।
୬. ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସରକାରଙ୍କ ଦ୍ୱାରା ପ୍ରଣୀତ ରାଜ୍ୟ ଚଳଚ୍ଚିତ୍ର ନିୟମ-୨୦୧୦ ଓ ସେହିପରି ରାଜ୍ୟ ଟେଲି ପୁରସ୍କାର ପ୍ରଣୀତ ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନୁଯାୟୀ କାର୍ଯ୍ୟକାରୀ ହେବ।
୭. ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ-୨୦୧୦ ଏବଂ ଓଡ଼ିଶା ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନ୍ତର୍ଗତ ସମସ୍ତ ବିଷୟ ଏବଂ ଏ ନିୟମର ସମସ୍ତ ବ୍ୟାଖ୍ୟାନରେ ଓଡ଼ିଶା ସରକାରଙ୍କ ସିଦ୍ଧାନ୍ତ ଚୂଡ଼ାନ୍ତ।

**ସ୍ୱା./- ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର-୭୫୧୦୧୪**
03001/11/0009/1920





# ବାଂଲାଦେଶକୁ ହରାଇଲା ଭାରତ

**ବର୍ମିଂହାମ,୨।୭(ପି.ଟି.)**

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚଳିତ ବିଶ୍ୱକପ୍‌ରେ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଏଜବାଷ୍ଟନ ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ରୋମାଞ୍ଚକ ମ୍ୟାଚ୍‌ରେ ଭାରତ ୨୮ ରନରେ ବାଂଲାଦେଲକୁ ହରାଇ ଏହି ସଫଳତା ପାଇଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୩୧୪ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୪୮ ଓଭରରେ ୨୮୬ ରନକରି ଅଲଆଉଟ୍ ହୋଇ ପରାସ୍ତ ହୋଇଥିଲା। ଏଥିସହିତ ଭାରତ ୮ଟି ମ୍ୟାଚ୍ ଖେଳି ୬ ବିଜୟ, ୧ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ୧୩ ପଏଣ୍ଟ ହାସଲ କରି ଅଷ୍ଟ୍ରେଲିଆ ପଛକୁ ରହି ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ବାଂଲାଦେଶ ସମାନସଂଖ୍ୟକ ମ୍ୟାଚ୍ ଖେଳି ୩ ବିଜୟ, ୪ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୭ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି। ଶତକୀୟ ପାଳି ଖେଳିଥିବା ଭାରତୀୟ ଓପନର ରୋହିତ ଶର୍ମା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଭାରତର ତା'ର ଅନ୍ତିମ ତଥା ନବମ ଲିଗ୍ ମ୍ୟାଚ୍‌ରେ ଶନିବାର ଶ୍ରୀଲଙ୍କାକୁ ଭେଟିବ।

୩୧୫ରନ ଟାର୍ଗେଟର ପିଛା କରି ବାଂଲାଦେଶ ଓପନର ତାମିମ ଇକବାଲ ଓ ସୌମ୍ୟ ସରକାର ଦେଖିଚାହିଁ ଆରମ୍ଭ କରିଥିଲେ। ଓପିନଂ ଯୋଡିରେ ୩୯ ରନ କରିବା ପରେ ତାମିମ ମହମ୍ମଦ ସାମିଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଆଉଟ୍ ହୋଇଥିଲେ। ୩୧ ବଲରୁ ୩ ଚୌକା ମାରି ୨୨ ରନ କରିଥିବା ବେଳେ ବଲ୍ ତାଙ୍କ ବ୍ୟାଟ୍‌ର ଏଜ୍ ନେଇ ଷ୍ଟମ୍ପରେ ବାଜିଥିଲା। ଏହାପରେ ୩୮ଟି ବଲ୍ ଖେଳି ୪ ଚୌକା ସହ ୩୩ ରନ କରି କ୍ରିଜ୍‌ରେ ଜମିଆସୁଥିବା ବେଳେ ସୌମ୍ୟ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଏକ ସାଧାରଣ ଶର୍ଟ ଓ ଅଫ୍ ଷ୍ଟମ୍ପ ବାହାର ବଲ୍ ଖେଳିବାକୁ ଯାଇ ଏକ୍ସଟ୍ରା କଭରରେ ବିରାଟ କୋହଲିଙ୍କ ହାତରେ ଧରାପଡିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ମୁସ୍‌ଫିକର ରହିମ ଦ୍ରୁତଗତିରେ ରନ୍ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲେ। ୨୩ ବଲରୁ ୩ ଚୌକା ସହ ସେ ୨୪ ରନ କରିଥିବା ବେଳେ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କୁ ସୁଇପ୍ କରିବାକୁ ଯାଇ ମିଡ୍‌ଉଇକେଟରେ ମହମ୍ମଦ ସାମିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ନିର୍ଭରଯୋଗ୍ୟ ମିଡିଲଅର୍ଡର ବ୍ୟାଟ୍ସମ୍ୟାନ ଲିଟନ ଦାସ ୨୪ ବଲରୁ ଗୋଟିଏ ଛକା ସହ ୨୨ ରନ କରିଥିବା ବେଳେ ପାଣ୍ଡ୍ୟାଙ୍କ ଶର୍ଟ ବଲକୁ ପୁଲ୍ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ ଓ ମିଡ୍‌ଉଇକେଟରେ ଦୀନେଶ କାର୍ତ୍ତିକ ତାଙ୍କ କ୍ୟାଚ୍ ନେଇଥିଲେ। ମୋସାଡେକ ହୋସେନ ମାତ୍ର ୩ ରନ କରିଥିବା ବେଳେ ବୁମ୍‌ରାଙ୍କ ଅଫ୍ କଟର ବଲ୍‌କୁ ହାଲ୍‌କା ଭାବେ ଖେଳିଥିଲେ। ତେବେ ବଲ୍ ବ୍ୟାଟର ବଟମ ଏଜ ନେଇ ଷ୍ଟମ୍ପରେ ବାଜିଥିଲା ଓ ସେ ପ୍ୟାଭିଲିୟନ ଫେରିଥିଲେ। ଇନ୍‌ଫର୍ମ ସାକିବ ଅଲ ହାସନ ଆଉଟ୍ ହୋଇଥିଲେ ଓ ଏହା ମ୍ୟାଚ୍‌ର ମୋଡ ବଦଳାଇଥିଲା। ପାଣ୍ଡ୍ୟାଙ୍କ ସ୍ଲୋ ବଲ୍‌ରେ ସାକିବ୍ ଲଙ୍ଗଅପ୍‌କୁ ମାରିବାକୁ ଯାଇଥିଲେ ଆଗୁଆ ବ୍ୟାଟ୍ ବୁଲାଇଥିଲେ ଓ ଟପ୍ ଏଜ୍ ନେଇ ବଲ୍ ଶର୍ଟ ଏକ୍ସଟ୍ରା କଭରରେ କାର୍ତ୍ତିକଙ୍କ ହାତରେ ଧାର ପଡିଥିଲା। ସାକିବ୍ ୭୪ ବଲର ସମ୍ମୁଖୀନ ହୋଇ ୬ ଚୌକା ସହ ସର୍ବାଧିକ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହାପରେ ସପ୍ତମ ଉଇକେଟରେ ୫୬ ବଲରୁ ସବିର ରହମାନ ଓ ମହମ୍ମଦ ସୈଫୁଦ୍ଦିନ ଦ୍ରୁତ ୬୬ ରନ ସଂଗ୍ରହ କରି ଲଢ଼େ କରିଥିଲେ। ତେବେ ସବିର ୫ ଚୌକା ସହ ୩୬ ବଲ୍ ୩୬ ରନ କରି ବୁମ୍‌ରାଙ୍କ ଦ୍ୱାର କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଧିନାୟକ ମଶ୍ରାଫି ମୋର୍ତ୍ତାଜା ଗୋଟିଏ ଛକା ସହ ୫ ବଲରୁ ୮ ରନ କରି ଭୁବନେଶ୍ୱର କୁମାରଙ୍କ ବଲ୍‌ରେ ଉଇକେଟ ପଛରେ ଧୋନୀଙ୍କ ହାତରେ ଧରାପଡିଥିଲେ। ୯ ରନକରି ରୁବେଲ ହୋସେନ ବୁମ୍‌ରାଙ୍କ ୟର୍କର ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ନବମ ଉଇକେଟରେ ରୁବେଶ ଓ ସୈଫୁଦ୍ଦିନ ୨୧ ବଲରୁ ଦ୍ରୁତ ୨୯ ରନ ସଂଗ୍ରହ କରିଥିଲେ। ଏହାପର ବଲ୍‌ରେ ବୁମ୍‌ରା ଆଉଏକ ୟର୍କରରେ ମୁସ୍ତାଫିଜୁରଙ୍କୁ କ୍ଲିନ୍ ବୋଲ୍ଡ କରି ବାଂଲାଦେଶ ଇନିଂସର ପରିସମାପ୍ତି ଘଟାଇଥିଲେ। କ୍ରମାଗତ ଦୁଇଟି ଉଇକେଟ ନେଇ ବୁମ୍‌ରା ଭାରତକୁ ବିଜୟୀ କରାଇଥିଲେ। ତେବେ ସୈଫୁଦ୍ଦିନ ୩୮ ବଲରୁ ୯ ଚୌକା ସହ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ଓ ଭାରତକୁ ଚିନ୍ତାରେ ପକାଇଥିଲେ। ବୋଲିଂରେ ଭାରତ ତରଫରୁ ବୁମ୍‌ରା ସର୍ବାଧିକ ୪, ପାଣ୍ଡ୍ୟା ୩, ଭୁବନେଶ୍ୱର, ସାମି ଓ ଚହଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଜବରଦସ୍ତ ଆରମ୍ଭ କରିଥିଲା। ରୋହିତ ଶର୍ମା ଓ ଲୋକେଶ ରାହୁଲ ଦମ୍‌ଦାର ପ୍ରଦର୍ଶନ କରି ଓପନିଂ ଯୋଡିରେ ୩୦ ଓଭର ଶେଷ ହେବା ପୂର୍ବରୁ ୧୮୦ ରନ ସଂଗ୍ରହ କରିଥିଲେ। ଭଲ ଆରମ୍ଭ କରିଥିଲେ ମଧ୍ୟ ଏହାପରେ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ଭାରତ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ଲାଗୁଥିଲା ଭାରତ ୩୫୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିବ। ତେବେ ବ୍ୟାଟ୍ସମ୍ୟାନମାନେ ବେପରୁଆ ଭାବେ ବଡ଼ ଶଟ୍ ଖେଳିବାକୁ ଯାଇ ଉଇକେଟ ଫୋପାଡି ପ୍ୟାଭିଲିୟନ ଫେରିଥିଲେ। ଯାହା ଫଳରେ ଭାରତ ନିର୍ଦ୍ଧାରିତ ୫୦ ଓଭର ବେଳକୁ ୯ ଉଇକେଟ ହରାଇ ୩୧୪ ରନରେ ସୀମିତ ରହିଥିଲା। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ପୁଣିଥରେ ମନ୍ଥର ବ୍ୟାଟିଂ କରି ପ୍ରଶଂସକଙ୍କୁ ନିରାଶ କରିଥିଲେ। ସେ ୩୩ଟି ବଲ ଖେଳି ମାତ୍ର ୩୫ ରନ କରିବାକୁ ସକ୍ଷମ ହୋଇଥିଲା। ଅନ୍ତିମ ୧୦ ଓଭରରେ ଭାରତ ମାତ୍ର ୬୩ ରନ କରିବାକୁ ସକ୍ଷମ ହୋଇଥିଲା। ବାଂଲାଦେଶ ସ୍ପିନର ସାକିବ ଅଲ ହାସନ ବୋଲିଂରେ ବିବିଧତା ଆଣି ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧି ରଖିବାକୁ ସକ୍ଷମ ହୋଇଥିଲେ। ଅନ୍ତିମ ଓଭରର ପ୍ରଥମ ଦୁଇଟି ବଲ୍‌ରେ ଧୋନୀ ଦୁଇଟି ସିଙ୍ଗଲ ନେବାକୁ ମନା କରିଥିଲେ ମଧ୍ୟ ତୃତୀୟ ବଲ୍‌ରେ ବଡ଼ ଶଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ବଡ଼ ଶଟ୍ ଖେଳିବାରେ ଧୋନୀ ବିଫଳ ହୋଇଥିଲେ। ଇନିଂସ ଶେଷ ଆଡକୁ ଭାରତ ମୁମେଣ୍ଟମ ହରାଇଥିଲା। ମିଡିଲଅର୍ଡରରେ ଥିବା ଭାରତର ବ୍ୟାଟିଂ ଦୁର୍ବଳତା ପୁଣି ଥରେ ପଦାରେ ପଡିଥିଲା।

୧୮୦ ରନର ରେକର୍ଡ ଭାଗୀଦାରି ପରେ ରାହୁଲ ୯୨ଟି ବଲ୍ ଖେଳି ୬ ଚୌକା ଓ ୧ ଛକା ସହ ୭୭ ରନ କରି ରୁବେଲ ହୋସେନଙ୍କ ବଲ୍‌ରେ ଉଇକେଟପଛରେ ମୁସ୍‌ଫିକର ରହିମଙ୍କୁ କ୍ୟାଚ୍ ଦେଇଥିଲେ। ୯ ରନରେ ଜୀବନଦାନ ପାଇଥିବା ରୋହିତ (୧୦୪ ରନ,୯୨ ବଲ, ୭ ଚୌକା, ୫ ଛକା) ଶତକ ହାସଲ କରିବା ପରେପରେ ସୌମ୍ୟ ସରକାରଙ୍କ ବଲ୍‌ରେ ଲିଟନ ଦାସଙ୍କୁ ଏକ୍ସଟ୍ରା କଭରରେ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ବଡ଼ ଶତକ ହାସଲ କରିବାର ଖ୍ୟାତି ଅର୍ଜନ କରିଥିବା ରୋହିତ କିନ୍ତୁ ଏଥିରେ ବିଫଳ ହୋଇଥିଲେ। କ୍ରମାଗତ ୫ଟି ଅର୍ଦ୍ଧଶତକ ହାସଲ କରିବା ପରେ ଅଧିନାୟକ ବିରାଟ କୋହଲି ୨୭ ବଲରୁ ୩ ଚୌକା ସହ ୨୬ ରନ କରିଥିବା ବେଳେ ବଡ଼ ଶଟ୍ ଖେଳିବାକୁ ଯାଇ ମୁସ୍ତାଫିଜୁର ରହମାନଙ୍କ ବଲ୍‌ରେ ମିଡ୍‌ଉଇକେଟରେ ରୁବେଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ ଓ ପ୍ରଶଂସକଙ୍କୁ ନିରାଶ କରିଥିଲେ। ବୋଲିଂରେ ମୁସ୍ତାଫିଜୁର ସର୍ବାଧିକ ୫, ସାକିବ, ରୁବେଲ ଓ ସୌମ୍ୟ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ଶତକ ହାଲ ପରେ ରୋହିତ ଶର୍ମା।

## ଦିନିକିଆ କ୍ରିକେଟରେ ସର୍ବାଧିକ ଶତକ

- ୪୯: ସଚିନ ତେନ୍ଦୁଲକର
- ୪୧: ବିରାଟ କୋହଲି
- ୩୦: ରିକି ପଣ୍ଟିଂ
- ୨୮: ସନଥ ଜୟସୂରିୟା
- ୨୭: ହାସିମ ଅମଲା
- ୨୬: ରୋହିତ ଶର୍ମା

## ୨୦୧୯ ବିଶ୍ୱକପରେ ଭାରତର ଓପନିଂ ଭାଗୀଦାରି

- ୧୩: ବନାମ ଦକ୍ଷିଣ ଆଫ୍ରିକା
- ୧୨୭: ବନାମ ଅଷ୍ଟ୍ରେଲିଆ
- ୧୩୬: ବନାମ ପାକିସ୍ତାନ
- ୭: ବନାମ ଆଫଗାନିସ୍ତାନ
- ୨୯: ବନାମ ୱେଷ୍ଟଇଣ୍ଡିଜ
- ୮: ବନାମ ଇଂଲଣ୍ଡ
- ୧୮୦: ବନାମ ବାଂଲାଦେଶ

## କ୍ୟାଚ୍‌ଡ୍ରପ୍ ପରେ ରୋହିତଙ୍କ ଚମତ୍କାର

| କ୍ୟାଚଡ୍ରପ୍ | ଟିମ୍ | ସ୍କୋର |
|---|---|---|
| ୧ ରନ | ଦକ୍ଷିଣ ଆଫ୍ରିକା | ୧୨୨* |
| ୨ ରନ | ଅଷ୍ଟ୍ରେଲିଆ | ୫୭ |
| ୪ ରନ | ଇଂଲଣ୍ଡ | ୧୦୨ |
| ୯ ରନ | ବାଂଲାଦେଶ | ୧୦୪ |

## ବିଶ୍ୱକପ: କମ୍ ଇନିଂସରେ ଅଧିକ ଶତକ

| ଶତକ | ଇନିଂସ | ଖେଳାଳି |
|---|---|---|
| ୫ | ୧୫ | ରୋହିତ ଶର୍ମା |
| ୫ | ୩୫ | କୁମାର ସଙ୍ଗକାରା |
| ୫ | ୪୨ | ରିକି ପଣ୍ଟିଂ |
| ୬ | ୪୪ | ସଚିନ ତେନ୍ଦୁଲକର |

## ବିଶ୍ୱକପରେ ଭାରତର ସର୍ବାଧିକ ଓପନିଂ ଭାଗୀଦାରି

- ୧୮୦: ରୋହିତ ଶର୍ମା-ଲୋକେଶ ରାହୁଲ, ବନାମ ବାଂଲାଦେଶ, ୨୦୧୯
- ୧୭୪: ରୋହିତ ଶର୍ମା-ଶିଖର ଧାୱନ, ବନାମ ଆୟର୍ଲାଣ୍ଡ, ହାମିଲଟନ, ୨୦୧୫
- ୧୬୩: ଅଜୟ ଜାଡେଜା-ସଚିନ ତେନ୍ଦୁଲକର, ବନାମ କେନିୟା, କଟକ, ୧୯୯୬
- ୧୫୩: ସଚିନ ତେନ୍ଦୁଲକର-ବୀରେନ୍ଦ୍ର ସେହ୍ୱାଗ, ବନାମ ଶ୍ରୀଲଙ୍କା, ଜୋହାନ୍ସବର୍ଗ, ୨୦୦୩

## ସ୍କୋର ବୋର୍ଡ

**ଭାରତ ଇନିଂସ**

ଲୋକେଶ-କ-ରହିମ-ବୋ-ରୁବେଲ-୭୭
ରୋହିତ-କ-ଲିଟନ-ବୋ-ସୌମ୍ୟ-୧୦୪
କୋହଲି-କ-ରୁବେଲ-ବୋ-ମୁସ୍ତାଫିଜୁର-୨୬
ରିଷଭ-କ-ମୋସାଡେକ-ବୋ-ଶାକିବ-୪୮
ପାଣ୍ଡ୍ୟା-କ-ସୌମ୍ୟ-ବୋ-ମୁସ୍ତାଫିଜୁର-୦
ଧୋନୀ-କ-ଶାକିବ-ବୋ-ମୁସ୍ତାଫିଜୁର-୩୫
କାର୍ତ୍ତିକ-କ-ମୋସାଡେକ-ବୋ-ମୁସ୍ତାଫିଜୁର-୮
ଭୁବନେଶ୍ୱର-ରନଆଉଟ-୨
ସାମି-ବୋ-ମୁସ୍ତାଫିଜୁର-୧
ବୁମ୍‌ରା-ନଟଆଉଟ-୦
ଅତିରିକ୍ତ-୧୩
ମୋଟ(୯ ଉଇକେଟ, ୫୦ ଓଭର) ୩୧୪।
ଉଇକେଟ ପତନ: ୧/୧୮୦, ୨/୧୯୫, ୩/୨୩୭, ୪/୨୩୭, ୫/୨୭୭, ୬/୨୯୮, ୭/୩୧୧, ୮/୩୧୪, ୯/୩୧୪।

ବୋଲିଂ(ବାଂଲାଦେଶ)
ମୋର୍ତ୍ତାଜା ୫-୦-୩୬-୦
ସୈଫୁଦ୍ଦିନ ୭-୦-୫୯-୦
ମୁସ୍ତାଫିଜୁର ୧୦-୧-୫୯-୫
ଶାକିବ ୧୦-୦-୪୧-୧
ମୋସାଡେକ ୪-୦-୩୨-୦
ରୁବେଲ ୮-୦-୪୮-୧
ସୌମ୍ୟ ୬-୦-୩୩-୧।

**ବାଂଲାଦେଶ ଇନିଂସ**

ତାମିମ-ବୋ-ସାମି-୨୨
ସୌମ୍ୟ-କ-କୋହଲି-ବୋ-ପାଣ୍ଡ୍ୟା-୩୩
ଶକିବ-କ-କାର୍ତ୍ତିକ-ବୋ-ପାଣ୍ଡ୍ୟା-୬୬
ମୁଶ୍‌ଫିକର-କ-ସାମି-ବୋ-ଚହଲ-୨୪
ଲିଟନ-କ-କାର୍ତ୍ତିକ-ବୋ-ପାଣ୍ଡ୍ୟା-୨୨
ମୋସାଡେକ-ବୋ-ବୁମ୍‌ରା-୩
ସବିର-ବୋ-ବୁମ୍‌ରା-୩୬
ସୈଫୁଦ୍ଦିନ-ନଟଆଉଟ-୫୧
ମୋର୍ତ୍ତାଜା-କ-ଧୋନୀ-ବୋ-ଭୁବନେଶ୍ୱର-୮
ରୁବେଲ-ବୋ-ବୁମ୍‌ରା-୯
ମୁସ୍ତାଫିଜୁର-ବୋ-ବୁମ୍‌ରା-୦
ଅତିରିକ୍ତ-୧୨
ମୋଟ(ଅଲଆଉଟ, ୪୮ ଓଭର) ୨୮୬।
ଉଇକେଟ ପତନ:୧/୩୯, ୨/୭୪, ୩/୧୨୧, ୪/୧୬୨, ୫/୧୭୩, ୬/୧୭୯, ୭/୨୪୫, ୮/୨୫୭, ୯/୨୮୬।

ବୋଲିଂ(ଭାରତ)
ଭୁବନେଶ୍ୱର ୯-୦-୫୧-୧
ବୁମ୍‌ରା ୧୦-୧-୫୫-୪
ସାମି ୯-୦-୬୮-୧
ଚହଲ ୧୦-୦-୫୦-୧
ପାଣ୍ଡ୍ୟା ୧୦-୦-୬୦-୩

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୮ | ୭ | ୧ | ୦ | ୦ | ୧୪ | +୧.୦୦୦ |
| **ଭାରତ** | **୮** | **୬** | **୧** | **୦** | **୧** | **୧୩** | **+୦.୮୧୧** |
| ନ୍ୟୁଜିଲାଣ୍ଡ | ୮ | ୫ | ୨ | ୦ | ୧ | ୧୧ | +୦.୫୭୨ |
| ଇଂଲଣ୍ଡ | ୮ | ୫ | ୩ | ୦ | ୦ | ୧୦ | +୧.୦୦୦ |
| ପାକିସ୍ତାନ | ୮ | ୪ | ୩ | ୦ | ୧ | ୯ | -୦.୭୯୨ |
| ଶ୍ରୀଲଙ୍କା | ୮ | ୩ | ୩ | ୦ | ୨ | ୮ | -୦.୯୩୪ |
| ବାଂଲାଦେଶ | ୮ | ୩ | ୪ | ୦ | ୧ | ୭ | -୦.୧୯୫ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୮ | ୧ | ୬ | ୦ | ୧ | ୩ | -୦.୩୩୫ |
| ଆଫଗାନିସ୍ତାନ | ୮ | ୦ | ୮ | ୦ | ୦ | ୦ | -୧.୪୧୮ |


ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଅବସରରେ ଦୁଇ ଦେଶର ପ୍ରଶଂସକ।

# ତୃତୀୟ ସନ୍ତାନର ପିତା ହେଲେ ୱାର୍ନର

**ଲଣ୍ଡନ, ୨।୭ (ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ର ମଝିରେ ବିସ୍ଫୋରକ ଅଷ୍ଟ୍ରେଲୀୟ ଓପନିଂ ବ୍ୟାଟ୍ସମ୍ୟାନ ଡେଭିଡ୍ ୱାର୍ନରଙ୍କ ପାଇଁ ଖୁସି ଖବର ଆସିଛି। ସେ ତୃତୀୟ ସନ୍ତାନର ପିତା ହୋଇଛନ୍ତି। ୱାର୍ନରଙ୍କ ସ୍ତ୍ରୀ କ୍ୟାଣ୍ଡିସ ରବିବାର ରାତିରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ଏହି ନବଜାତ କନ୍ୟାର ନାମ ଇଲା ରୋଜ୍ ରଖଯାଇଛି। ତେବେ ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରି ସାରିଥିବାରୁ ୱାର୍ନର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ନ କରି ଇଂଲଣ୍ଡରେ ରହିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତିମ ଲିଗ୍ ମ୍ୟାଚ୍ ପୂର୍ବରୁ କ୍ୟାଣ୍ଡିସ ଇଂଲଣ୍ଡ ଗସ୍ତ କରିବେ ବୋଲି ଜଣାପଡ଼ିଛି।

ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ୮ ମ୍ୟାଚ୍‌ରୁ ୫୧୬ ରନ୍ ସଂଗ୍ରହକରି ସର୍ବୋଚ୍ଚ ସ୍କୋରର ରହିଥିବା ୱାର୍ନର ସୋସିଆଲ ମିଡିଆରେ ପ୍ରଥମେ ଏହି ଖୁସି ଖବର ପ୍ରକାଶ କରିଥିଲେ। 'ଆମେ ଆମ ପରିବାରର ନୂତନ ସଦସ୍ୟ ଇଲା ରୋଜ୍‌ଙ୍କୁ ରବିବାର ବିଳମ୍ବିତ ରାତିରେ ସ୍ୱାଗତ କରିଛୁ। କ୍ୟାଣ୍ଡିସ ୱାର୍ନର ବହୁତ ଭଲ। ଉଭୟ ମା ଓ ଝିଅ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସହ ଇଲାଙ୍କ ବଡ଼ ଭଉଣୀ ଖୁସି ରହିଛନ୍ତି' ବୋଲି ୱାର୍ନର ତାଙ୍କ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ଏହା ଉଲ୍ଲେଖ କରିଛନ୍ତି। ସେହିଭଳି ୱାର୍ନର ଆହୁରି ମଧ୍ୟ କହିଛନ୍ତି, 'ମୁଁ ବାପା ହୋଇ ବହୁତ ଖୁସି। ମୋ ପାଖରେ ଏକ ସାହାଯ୍ୟକାରୀ ସ୍ତ୍ରୀ ଓ ଏକ ସୁନ୍ଦର ପରିବାର ରହିଛି। ଏଠାରେ ମଧ୍ୟ ମୋ ସାଥୀ ଖେଳାଳି ଖୁସି ରହିଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ସେମାନେ ସମସ୍ତେ ମୋ ପାଖରେ ଠିଆ ହୋଇଛନ୍ତି'। ଇଲାଙ୍କ ଜନ୍ମ ଫଳରେ ୱାର୍ନର ବର୍ତ୍ତମାନ ୩ ସନ୍ତାନର ପିତା ହୋଇଛନ୍ତି। ପୂର୍ବରୁ ତାଙ୍କର ଇଭି-ମାଇ (୫ ବର୍ଷ) ଓ ଇଣ୍ଡି-ରାଇ (୩ ବର୍ଷ) ନାମରେ ୨ କନ୍ୟା ସନ୍ତାନ ଅଛନ୍ତି। ଉଲ୍ଲେଖଯୋଗ୍ୟ, ବହୁଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ମାମଲାରେ ୱାର୍ନର ଗତବର୍ଷ ୧୨ ମାସ ଲାଗି ବାସନ୍ଦ ହୋଇଥିବାବେଳେ କ୍ୟାଣ୍ଡିସଙ୍କର ୨ଥର ଗର୍ଭପାତ ହୋଇଥିଲା।


ତିନି କନ୍ୟା ସନ୍ତାନଙ୍କ ସହ ଡେଭିଡ୍ ୱାର୍ନରଙ୍କ ସ୍ତ୍ରୀ କ୍ୟାଣ୍ଡିସ।

# ରିହାନଙ୍କୁ ଗେଲ୍‌ଙ୍କ ବ୍ୟାଟ୍ ଉପହାର

**ଚେଷ୍ଟର-ଲି-ଷ୍ଟ୍ରିଟ୍, ୨।୭:** ଚଳିତ ବିଶ୍ୱକପ୍‌ରେ ଅନେକ ଷ୍ଟାର୍‌ଙ୍କୁ ଦେଖିବାକୁ ମିଳିଛି। ଇଂଲଣ୍ଡ ଫୁଟ୍‌ବଲ କୋଚ୍ ଗେରେଥା ସାଉଥ୍‌ଗେଟ୍‌ଙ୍କଠାରୁ ଆରମ୍ଭ କରି ବଲିଉଡ୍ ଷ୍ଟାର୍ ରଣବୀର ସିଂ, ସାଉଥ୍ ସୁପର୍‌ଷ୍ଟାର୍ ମହେଷ ବାବୁ ପ୍ରମୁଖ ଷ୍ଟାଡିୟମରେ ଉପସ୍ଥିତ ରହି ମ୍ୟାଚ୍ ଉପଭୋଗ କରିଛନ୍ତି। ତେବେ ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ପପ୍ କୁଇନ୍ ରିହାନ ଉପସ୍ଥିତ ରହି କାରବୀୟ ଦଳକୁ ସପୋର୍ଟ କରିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ମ୍ୟାଚ୍‌କୁ ୱେଷ୍ଟଇଣ୍ଡିଜ ଅଳ୍ପକେ ହାରି ଯାଇଥିଲା। କିନ୍ତୁ ବାର୍ବାଡସ ଜନ୍ମିତ ରିହାନ ଶେଷ ପର୍ଯ୍ୟନ୍ତ ଷ୍ଟାଡିୟମରେ ଉପସ୍ଥିତ ରହି ୱେଷ୍ଟଇଣ୍ଡିକୁ ଜୋର୍‌ଦାର ସମର୍ଥନ କରିବା ସହ ମ୍ୟାଚ୍ ଶେଷରେ ୱେଷ୍ଟଇଣ୍ଡିଜ ଡ୍ରେସିଂ ରୁମ୍‌କୁ ଯାଇ ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍‌ଙ୍କୁ ସାକ୍ଷାତ କରିଥିଲେ। ଗେଲ୍ ମଧ୍ୟ ରିହାନଙ୍କୁ ଆଲିଙ୍ଗନ କରି ଫଟୋ ଉଠାଇବା ସହ ତାଙ୍କୁ ଏକ ଅଟୋଗ୍ରାଫ୍ ଥିବା ବ୍ୟାଟ୍ ଉପହାର ଦେଇଥିଲେ।



> ଚାରି ମାସ ପୂର୍ବେ ଭାରତ ବିପକ୍ଷ ଟି୨୦ ସିରିଜ ବିଜୟ ପରେ ଆମେ ବିଶ୍ୱକପ୍ ଟାଇଟଲ ବଜାୟ ରଖିପାରିବୁ ବୋଲି ଆମର ଆତ୍ମବିଶ୍ୱାସ ସୃଷ୍ଟି ହୋଇଥିଲା ।
> –ପ୍ୟାଟ୍ କୁମିନ୍ସ, ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର



> ଚଳିତ ଆଇସିସି ବିଶ୍ୱକପ୍‌ର ନକ୍‌ଆଉଟ୍ ପର୍ଯ୍ୟାୟରେ ଭାରତକୁ ଏହାର ଲୋୟର ଅର୍ଡର ବ୍ୟାଟିଂକୁ ଶକ୍ତିଶାଳୀ କରିବା ଆବଶ୍ୟକତା ରହିଛି ।
> –କ୍ଲାଇବ୍ ଲଏଡ, ୱେଷ୍ଟଇଣ୍ଡିଜ କ୍ରିକେଟ କିମ୍ବଦନ୍ତୀ



## ସଂକ୍ଷେପରେ

### ପ୍ରଥମ ଦିନିକିଆରେ ଜିମ୍ବାୱେକୁ ହରାଇଲା ଆୟର୍ଲାଣ୍ଡ



ଶତକ ହାସଲକାରୀ ଆଣ୍ଡ୍ରିଉ ବଲ୍‌ବିର୍ନି ।

**ବ୍ରେଡି (ଆୟର୍ଲାଣ୍ଡ), ୨।୭:** ସୀମିତ ଓଭର ସିରିଜ ଖେଳିବା ଲାଗି ଆୟର୍ଲାଣ୍ଡ ଗସ୍ତରେ ଯାଇଥିବା ଜିମ୍ବାୱେ କ୍ରିକେଟ୍ ଦଳ ପରାଜୟରୁ ଏହାର ଅଭିଯାନ ଆରମ୍ଭ କରିଛି। ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଘରୋଇ ଆୟର୍ଲାଣ୍ଡ ୪ ଉଇକେଟ୍‌ରେ ଜିମ୍ବାୱେକୁ ହରାଇ ଦେଇଛି। ବିଜୟ ସହ ଆୟର୍ଲାଣ୍ଡ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ଆସନ୍ତା ୪ରେ ଅନୁଷ୍ଠିତ ହେବ। ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜିମ୍ବାୱେ କ୍ରେଗ୍ ଏର୍ଭିନଙ୍କ ଶତକ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ୍ ହରାଇ ୨୫୪ ରନ କରିଥିଲା। ଏର୍ଭିନ ସର୍ବାଧିକ ୧୦୫ (୧୧୭ ବଲ୍, ୧୩ ଚୌକା) ରନ୍ କରିଥିବାବେଳେ ର୍ୟାନ ବର୍ଲ (୪୯*) ଓ ସିନ୍ ୱିଲିୟମ୍ସ (୨୮) ଉପଯୋଗୀ ବ୍ୟାଟିଂ କରିଥିଲେ। ଘରୋଇ ଦଳ ପକ୍ଷରୁ ମାର୍କ ଆଡାୟରଙ୍କୁ ୪ଟି ଉଇକେଟ୍ ଅକ୍ତିଆର ମିଳିଥିଲା। ଜବାବରେ ଆୟର୍ଲାଣ୍ଡ ଆଣ୍ଡ୍ରିଉ ବଲ୍‌ବିର୍ନି (୧୦୧ ରନ, ୧୧୨ ବଲ୍)ଙ୍କ ଦମ୍‌ଦାର ଶତକ ବଳରେ ୯ ବଲ୍ ପୂର୍ବରୁ ୬ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ପଲ୍ ଷ୍ଟିର୍ଲିଂ ୫୭ ରନ କରିଥିବାବେଳେ ଅଧିନାୟକ ୱିଲିୟମ୍ସ ପୋଟରଫିଲ୍ଡ (୬) ଓ ବରିଷ୍ଠ ଖେଳାଳି କେଭିନ୍ ଓ'ବ୍ରାଇନ୍ (୫) ବିଫଳ ହୋଇଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ତେଣ୍ଡାଇ ଚତରା ୩ ଓ କାଏଲ୍ ଜାର୍ଭିସ ୨ ଉଇକେଟ୍ ନେଇଥିଲେ।

# ସେମିଫାଇନାଲ ଲକ୍ଷ୍ୟରେ ଇଂଲଣ୍ଡ-ନ୍ୟୁଜିଲାଣ୍ଡ

**ଚେଷ୍ଟର-ଲି- ଷ୍ଟ୍ରିଟ୍,୨।୭ (ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ର ଦୁଇ ଫେଭରାଇଟ ଦଳ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଏବେ କର ବା ମର ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ବୁଧବାର ସ୍ଥାନୀୟ ରିଭରସାଇଡ୍ ଗ୍ରାଉଣ୍ଡରେ ଏହି ଦୁଇ ହାଇପ୍ରୋଫାଇଲ ଦଳ ସେମାନଙ୍କ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିବ। ତେବେ ପରାଜିତ ଦଳ ପାଇଁ ଅବଶ୍ୟ ସେମିଫାଇନାଲର କ୍ଷୀଣ ଆଶା ଉଜ୍ଜୀବିତ ରହିବ। ରାଉଣ୍ଡ - ରବିନ ପର୍ଯ୍ୟାୟରୁ ୧୦ଟି ମଧ୍ୟରୁ ଶ୍ରେଷ୍ଠ ୪ଟି ଦଳ ସେମିକୁ ଉଠିବେ। ଯଦି ଇଂଲଣ୍ଡ ଏହି ମ୍ୟାଚରେ ପରାସ୍ତ ହୁଏ ତେବେ ପାକିସ୍ତାନ ପାଇଁ ସୁଯୋଗ ସୃଷ୍ଟି ହେବ। ଅନ୍ତିମ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନ ବାଂଲାଦେଶକୁ ହରାଇ ସେମିକୁ ଉଠିବ।

ଯଦି ନ୍ୟୁଜିଲାଣ୍ଡ ହାରେ ଓ ବାଂଲାଦେଶ ଭାରତ ଓ ପାକିସ୍ତାନକୁ ହରାଏ ତାହାଲେ ନ୍ୟୁଜିଲାଣ୍ଡର ସମକକ୍ଷ ହେବ। ଦୁଇ ଏସୀୟ ଦଳ ପାକିସ୍ତାନ ଓ ବାଂଲାଦେଲ ନେଟ ରନ୍‌ରେଟ୍‌ରେ ପଛରେ ରହିଛନ୍ତି। ଏଭଳି ସ୍ଥିତିରେ ନ୍ୟୁଜିଲାଣ୍ଡ ଇଂଲଣ୍ଡଠାରୁ ବୃହତ୍ ବ୍ୟବଧାନରେ ହାରିଲେ ଏହି ଦୁଇ ଉପମହାଦେଶୀୟ ଦଳ ପାଇଁ ଆଶୀର୍ବାଦ ସଦୃଶ ହେବ। ତେବେ ଏଥିପାଇଁ ପାକିସ୍ତାନକୁ ତା'ର ଅନ୍ତିମ ମ୍ୟାଚ୍‌ରେ ବାଂଲାଦେଶକୁ ହରାଇବାକୁ ପଡ଼ିବ। ଅନ୍ୟପଟେ ବାଂଲାଦେଶକୁ ମଧ୍ୟ ଦୁଇଟି ବିଜୟ ହାସଲ କରିବାକୁ ପଡ଼ିବ। ଏପରି ହେଲେ ଗତଥରର ଫାଇନାଲିଷ୍ଟ ନ୍ୟୁଜିଲାଣ୍ଡ ସେମିଫାଇନାଲକୁ ଉଠିବାରେ ବିଫଳ ହେବ। କିନ୍ତୁ ବର୍ତ୍ତମାନ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡର ଭାଗ୍ୟ ସେମାନଙ୍କ ହାତରେ ରହିଛି।

ଗତ ମ୍ୟାଚ୍‌ରେ ଇଂଲଣ୍ଡ ଅପରାଜେୟ ଥିବା ଭାରତକୁ ୩୧ ରନରେ ହରାଇ

**ଆଜିର ମ୍ୟାଚ୍**
**ଇଂଲଣ୍ଡ**
**ବନାମ**
**ନ୍ୟୁଜିଲାଣ୍ଡ**
ସ୍ଥାନ
ଚେଷ୍ଟର-ଲି- ଷ୍ଟ୍ରିଟ୍
ସମୟ ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ପ୍ରତ୍ୟାବର୍ତ୍ତନ କରିଛି। ଏହାପୂର୍ବରୁ ବିଶ୍ୱର ୧ ନମ୍ବର ଦିନିକିଆ ଦଳ ଇଂଲଣ୍ଡ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆଠାରୁ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୋଇ ବିପଦରେ ପଡ଼ିଥିଲା। ୨୦୧୫ ବିଶ୍ୱକପ୍‌ରେ ଇଂଲଣ୍ଡ ନୈରାଶ୍ୟଜନକ ପ୍ରଦର୍ଶନ କରି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରି ଓପନର ଜାସନ ରୟ ଭାରତ ବିପକ୍ଷରେ ୬୬ ରନ କରି ଦମ୍ ଦେଖାଇଥିଲେ। ସେହିପରି ଜନି ବେୟାରଷ୍ଟୋ ୧୧୧ରନର ଶତକୀୟ ପାଳି ଖେଳିଥିଲେ। ପ୍ରଥମ ଉଇକେଟରେ ଦୁଇ ଓପନର ୧୬୦ ରନ ସଂଗ୍ରହ କରିଥିଲେ। ଏହାପରେ ବେନ୍ ଷ୍ଟୋକ୍ସ ୭୯ ରନ କରି କ୍ରମାଗତ ତୃତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ଫଳରେ ଇଂଲଣ୍ଡ ୭ ଉଇକେଟ ହରାଇ ୩୩୭ ରନ ସଂଗ୍ରହ କରିଥିଲା। ପ୍ରଥମଥର ପାଇଁ ଇଂଲଣ୍ଡ ବିଶ୍ୱକପ୍ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି। କ୍ରିସ୍ ୱକ୍ସ ଓ ଦଳକୁ ଫେରିଥିବା ଲିଅମ ପ୍ଲଙ୍କେଟଙ୍କ ଭଳି ଦ୍ରୁତ ବୋଲର ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ମିଡିଲ ଓଭରରେ ଉଇକେଟ ନେଇ ଏହି ଦୁଇ ବୋଲର ଭାରତକୁ ସମସ୍ୟାରେ ପକାଇଥିଲେ। ଚାପରେ ଥିଲେ ମଧ୍ୟ ଆମେ ଭଲ ପ୍ରଦର୍ଶନ କରିବୁ ଓ ବିଜୟୀ ହେବାକୁ ପ୍ରୟାସ କରିବୁ ବୋଲି ୱକ୍ସ କହିଛନ୍ତି।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ବିଶ୍ୱକପ୍‌ରେ ଜବରଦସ୍ତ ଆରମ୍ଭ କରିଥିଲେ ମଧ୍ୟ ତା'ର ଗତ ଦୁଇଟି ମ୍ୟାଚ୍‌ରେ ପାକିସ୍ତାନ ଓ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ବିପଦରେ ପଡ଼ିଛି। ଅଷ୍ଟ୍ରେଲିଆ ବିପକ୍ଷରେ ହ୍ୟାଟ୍ରିକ ଅର୍ଜନ କରିଥିବା ଟ୍ରେଣ୍ଟ ବୋଲ୍ଟ ଓ ଲୋକି ଫର୍ଗୁସନଙ୍କ ଭଳି ଦ୍ରୁତ ବୋଲରଙ୍କୁ ନ୍ୟୁଜିଲାଣ୍ଡ ବୋଲିଂ ବିଭାଗ ବେଶ୍ ଦୃଢ଼ ମନେହେଉଛି। ରିଭରସାଉଡ୍ ଗ୍ରାଉଣ୍ଡରେ ବଲ୍ ଟର୍ନ ହେଉ ନ ଥିବାରୁ ସ୍ପିନର ଇଶ୍ ସୋଧୀଙ୍କ ବଦଳରେ ନ୍ୟୁଜିଲାଣ୍ଡ ଅନ୍ୟତମ ଦ୍ରୁତ ବୋଲର ମ୍ୟାଟ୍ ହେନେରୀଙ୍କୁ ଖେଳାଇବା ଆଶା କରାଯାଉଛି। ଚଳିତ ବିଶ୍ୱକପ୍‌ରେ ଏକାଧିକ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଶତକ ହାସଲ କରିଛନ୍ତି। ସେହପରି ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡ଼ିଛି। ଅଭିଜ୍ଞ ରସ୍ ଟେଲରଙ୍କ ସମେତ ୱିଲିୟମସଙ୍କୁ ଏହି ମ୍ୟାଚ୍‌ରେ ଦମ୍‌ଦେଖାଇବାକୁ ପଡ଼ିବ। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ କଲିନ ମୁନରୋଙ୍କୁ ଡ୍ରପ୍ କରାଯାଇଥିଲା। ଖରାପ୍ ଫର୍ମ ଦେଇ ଗତିକରୁଥିବା ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ୬ଟିଇନିଂସରୁ ମାତ୍ର ୮୫ ରନ କରି ଦଳର ଚିନ୍ତା ବଢ଼ାଇଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ସେ ଅବଶ୍ୟ ଅପରାଜିତ ୭୩ ରନର ଶତକୀୟ ପାଳି ଖେଳିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ୍ ଲାଥମ ମଧ୍ୟ ଫର୍ମରେ ନାହାନ୍ତି। ସେ ଟୁର୍ନାମେଣ୍ଟରେ ୮.୨ ହାରରେ ରନ ସଂଗ୍ରହ କରିଛନ୍ତି। ସବୁ ସମସ୍ୟାରେ ସୁଧାର ଆଣି ଆମେ ଦଳଗତ ପ୍ରଦର୍ଶନ କରି ଇଂଲଣ୍ଡକୁ ହରାଇବାକୁ ଚେଷ୍ଟା କରିବୁ ବୋଲି ନ୍ୟୁଜିଲାଣ୍ଡ କୋଚ୍ କ୍ରେଗ୍ ମ୍ୟାକ୍‌ମିଲନ କହିଛନ୍ତି। ଦୁଇ ଦଳ ପାଇଁ ବିଜୟୀ ହେବା ଅପରିହାର୍ଯ୍ୟ ହୋଇ ପଡ଼ିଛି। ଏପରିସ୍ଥଳେ ଏହି ହାଇପ୍ରୋଫାଇଲ ମ୍ୟାଚ୍ ରୋମାଞ୍ଚକ ଓ ଉପଭୋଗ୍ୟ ହେବ ବୋଲି ଆଶା କରାଯାଉଛି।



ଇଅନ ମୋର୍ଗାନ ଓ କେନ ୱିଲିୟମ୍‌ସନ୍ ।

## ରାଓନିକଙ୍କଠାରୁ ହାରିଲେ ପ୍ରଜନେଶ



**ଲଣ୍ଡନ, ୨।୭ (ପି.ଟି.):** ଭାରତର ଟପ୍ ସିଡ୍ ସିଙ୍ଗଲ୍ସ ଖେଳାଳି ପ୍ରଜନେଶ ଗୁଣେଶ୍ୱରମ ଏଠାରେ ଚାଲିଥିବା ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ୱିମ୍ବେଲଡନ ଚାମ୍ପିୟନଶିପ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସୋମବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ବିଶ୍ୱ ମାନ୍ୟତାର ୯୪ତମ ସ୍ଥାନରେ ରହିଥିବା ପ୍ରଜନେଶ ୬-୭ (୧), ୪-୬, ୨-୬ ସେଟ୍‌ରେ କାନାଡାର ମିଲୋସ ରାଓନିକଙ୍କଠାରୁ ପରାସ୍ତ ହୋଇଛନ୍ତି। ବିଶ୍ୱମାନ୍ୟତାର ୧୭ତମ ସ୍ଥାନରେ ରହିଥିବା ରାଓନିକ ଅତି ସହଜରେ ଏହି ମ୍ୟାଚ୍‌କୁ ଜିତିନେଇଥିଲେ। ପୂର୍ବରୁ ପ୍ରଜନେଶ ଚଳିତ ବର୍ଷ ଅନ୍ୟ ଦୁଇ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ଅଷ୍ଟ୍ରେଲିଆନ ଓପନ୍ ଓ ଫ୍ରେଞ୍ଚ ଓପନ୍‌ର ପ୍ରଥମ ରାଉଣ୍ଡରୁ ମଧ୍ୟ ବିଦାୟ ନେଇଥିଲେ। ୱିମ୍ବେଲଡନରେ ବାମହାତୀ ପ୍ରଜନେଶଙ୍କ ଏହା ପ୍ରଦାର୍ପଣ ମ୍ୟାଚ୍ ଥିଲେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ।

# ଏନ୍‌ସିଏ ଦାୟିତ୍ୱ ନେଇପାରୁ ନାହାନ୍ତି ଦ୍ରାଭିଡ

**ନୂଆଦିଲ୍ଲୀ, ୨।୭ (ଏଏଫ୍‌ପି)**

ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଜନିତ ସମସ୍ୟା ଯୋଗୁ ରାହୁଲ ଦ୍ରାଭିଡ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର କ୍ରିକେଟମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିପାରୁ ନାହାନ୍ତି। ସେ ଜୁଲାଇ ୧ରେ ତାଙ୍କ ନୂଆ ଦାୟିତ୍ୱ ଗ୍ରହଣ କରିଥାନ୍ତେ। ଦ୍ରାଭିଡ ବର୍ତ୍ତମାନ ଇଣ୍ଡିଆନ ସିମେଣ୍ଟରେ କାର୍ଯ୍ୟରତ। ଭାରତୀୟ କ୍ରିକେଟ

**ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ**

କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସମ୍ବିଧାନ ଅନୁସାରେ ଜଣେ ବ୍ୟକ୍ତି ଏକକାଳୀନ ଦୁଇଟି ପଦବୀରେ କାର୍ଯ୍ୟ କରିପାରିବେ ନାହିଁ। ଏହି କାରଣରୁ ପୂର୍ବତନ ଭାରତୀୟ ଅଧିନାୟକ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ପରିସରକୁ ଆସୁଛନ୍ତି। ତାଙ୍କୁ ସମ୍ଭବତଃ ଇଣ୍ଡିଆ ସିମେଣ୍ଟରୁ ଇସ୍ତଫା ଦେବାକୁ ପଡ଼ିବ ବୋଲି ବିସିସିଆଇର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ପୂର୍ବରୁ ଏହି ଭଳି ଏକ ପରିସ୍ଥିତିରେ ବିସିସିଆଇ ଏଥିକ୍ସ ଅଫିସର ଡି.କେ. ଜୈନ ଭିଭିଏସ୍ ଲକ୍ଷ୍ମଣଙ୍କ ବିରୋଧରେ ଏକ ରୁଲିଂ ଦେଇ ସାରିଛନ୍ତି। ଭାରତର ପୂର୍ବତନ ବ୍ୟାଟ୍ସମ୍ୟାନ ଲକ୍ଷ୍ମଣ ଏକକାଳୀନ ଦୁଇଟି ପଦବୀରେ ଥିବାରୁ ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନର ଜଣେ ଅନ୍ୟତମ ସଦସ୍ୟ ସଞ୍ଜୀବ ଗୁପ୍ତା ତାଙ୍କ ବିରୋଧରେ ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ଅଭିଯୋଗ ଆଣିଥିଲେ। ଗୁପ୍ତା ପୁଣି ଦ୍ରାଭିଡଙ୍କ ବିରୋଧରେ ସମାନ ଅଭିଯୋଗ ଆଣିଛନ୍ତି। ଜୁନ୍ ୩୦ରେ ସେ ଜୈନ ଏବଂ ବିସିସିଆଇର ପ୍ରଶାସକ କମିଟି(ସିଓଏ) ନିକଟକୁ ଏନେଇ ଏକ ଚିଠି ଲେଖିଛନ୍ତି। କ୍ରିକେଟ ମୁଖ୍ୟ ହିସାବରେ ଦ୍ରାଭିଡ ଜୁନିୟର କ୍ରିକେଟ ପାଇଁ ରୋଡ୍ ମ୍ୟାପ ପ୍ରସ୍ତୁତ କରିବାକୁ ହେବ। ପରବର୍ତ୍ତୀ ପିଢି ପାଇଁ ଖେଳାଳି ସୃଷ୍ଟି କରିବାକୁ ହେବ। ସେ ଆହୁରି ମଧ୍ୟ ଏନସିଏ ଓ ଜୋନାଲ କ୍ରିକେଟ ଏକାଡେମୀଗୁଡ଼ିକ ଲାଗି କୋଚ୍ ନିଯୁକ୍ତି ବ୍ୟତୀତ ଉଦୀୟମାନ ମହିଳା କ୍ରିକେଟମାନଙ୍କ ମନିଟର ଦାୟିତ୍ୱରେ ରହିବେ। ଏହି ମହାନ ବ୍ୟାଟ୍ସମ୍ୟାନ ପୁନଶ୍ଚ ଇଞ୍ଜୁରି କ୍ରିକେଟରଙ୍କ ଲାଗି ଏନସିଏର ରିହାବିଲିଟେଶନ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ରହିବେ। ନୂଆ ଭୂମିକା ଯୋଗୁ ସେ ଆଉ ପୂର୍ବଭଳି ଭାରତ 'ଏ' ଏବଂ ୧୯ ବର୍ଷରୁ କମ୍ ଦଳ ସହିତ ଗସ୍ତ କରିପାରିବେ ନାହିଁ। ପୂର୍ବତନ ପେସ୍ ବୋଲର ପାରସ ମାହାମ୍ବ୍ରେ ଏବଂ ଅଭୟ ଶର୍ମା ଜୁନିୟର ଟିମ୍‌ର ସହଯୋଗୀ ଷ୍ଟାଫ୍ ଭାବେ କାର୍ଯ୍ୟ କରିବେ।



# ଓସ୍‌ଜା ପକ୍ଷରୁ ପ୍ରଫୁଲ୍ଲ, ଗୀତାଞ୍ଜଳି ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨।୭ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ପକ୍ଷରୁ ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ବିଗତ ଦିନର ଦୁଇ ଫୁଟ୍‌ବଲ ତାରକା ପ୍ରଫୁଲ୍ଲ ମିଶ୍ର ଓ ଗୀତାଞ୍ଜଳି ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱର ଏକ ନମ୍ବର ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତୀତରେ ରାଜ୍ୟ ତରଫରୁ ଜାତୀୟ ଫୁଟବଲ

**ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ ପାଳିତ**

ପ୍ରତିଯୋଗିତା ସନ୍ତୋଷ ଟ୍ରଫିରେ ଗୋଲ ରକ୍ଷକ ଭାବେ ଖେଳିଥିବା ପ୍ରଫୁଲ୍ଲ ମିଶ୍ର ତୃଣମୂଳସ୍ତରରେ ଫୁଟ୍‌ବଲ ଖେଳର ବିକାଶ କ୍ଷେତ୍ରରେ ନିରନ୍ତର ଭାବେ ନିଜକୁ ନିୟୋଜିତ ରଖିଛନ୍ତି। ୟୁନିଟ୍-୬ କ୍ରୀଡ଼ା ସଂଘର ଉପସଭାପତି ଭାବେ ୩ ଦଶନ୍ଧି ଧରି ବିଦ୍ୟାଳୟ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜନ କରି ରାଜ୍ୟ ଫୁଟ୍‌ବଲକୁ ଏକାଧିକ ଯୁବ ଖେଳାଳି ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ମହିଳା ଫୁଟ୍‌ବଲ ଦୁନିଆର ଆଦ୍ୟ ବ୍ୟକ୍ତିତ୍ୱ ତଥା ପୂର୍ବତନ ଓଡ଼ିଶା ଅଧିନାୟିକା ଗୀତାଞ୍ଜଳି ସାମନ୍ତରାୟଙ୍କ ଅବଦାନକୁ ଓସ୍‌ଜା ସ୍ୱୀକୃତି ପ୍ରଦାନ କରିଛି। ରାଜ୍ୟରେ ଯେତେବେଳେ ମହିଳାଙ୍କୁ ଖେଳିବା କଥା କୌଣସି ପରିବାର ଚିନ୍ତାକରି ନ ଥିଲେ ସେତେବେଳ ସାନ ଭଉଣୀ ଶ୍ରଦ୍ଧାଞ୍ଜଳିଙ୍କ ସହ ଓଡ଼ିଶାକୁ ନୂଆଦିଶା ଦେଇଥିଲେ ଗୀତାଞ୍ଜଳି। ଏହି ଅବସରରେ ବିଶ୍ୱ ପ୍ରତିଯୋଗିତା ପାଇଁ ପ୍ରମୋଦ ଭଗତଙ୍କୁ ଓସ୍‌ଜା ପକ୍ଷରୁ ଶୁଭକାମନା କରାଯାଇଥିଲା। ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ସଂଘ ସହାୟତାରେ ଆୟୋଜିତ ଏକ ନିରାଡମ୍ବର ଉତ୍ସବରେ ଓସ୍‌ଜା ଉପସଭାପତି ସୁରେଶ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ସମ୍ପାଦକ ସନାତନ ପାଣି ବିଶ୍ୱ କ୍ରୀଡ଼ା ଖବରଦାତା ଦିବସର ମହତ୍ତ୍ୱ ଓ ଅବଦାନ ଅତୁଳନୀୟ ବୋଲି ଅଭିହିତ କରିଥିଲେ। କୋଷାଧ୍ୟକ୍ଷ ହିମାଂଶୁପତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ପ୍ରମୋଦ ଭଗତ, ପ୍ରଫୁଲ୍ଲ ମିଶ୍ର ଓ ଗୀତାଞ୍ଜଳି ସାମନ୍ତରାୟ ।

## ୟୁରୋ ସ୍ଲାମ ଟି୨୦ ଲିଗ୍ ଖେଳିବେ ଷ୍ଟେଇନ

**ନୂଆଦିଲ୍ଲୀ, ୨।୭ (ପି.ଟି.)**

ଆଘାତଜନିତ ସମସ୍ୟା ଲାଗି ଚଳିତ ଆଇସିସି ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିବା ଦକ୍ଷିଣ ଆଫ୍ରିକା ଷ୍ଟାର୍ ବୋଲର ଡେଲ୍ ଷ୍ଟେଇନ୍‌ଙ୍କ ସମେତ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ମାର୍ଟିନ ଗୁପ୍ଟିଲ ୟୁରୋ ଟି୨୦ ସ୍ଲାମ ଲିଗ୍‌ର ଉଦ୍‌ଘାଟନୀ ସଂସ୍କରଣରେ ଖେଳିବେ। ଜଣେ ମାର୍କ୍ୟୁ ଖେଳାଳିଭାବେ ଷ୍ଟେଇନ୍ ଏହି ପ୍ରତିଯୋଗିତାରେ ଖେଳିବାକୁ ଚୁକ୍ତି କରିଛନ୍ତି। ଆୟର୍ଲାଣ୍ଡ, ନେଦରଲାଣ୍ଡ୍ସ ଓ ସ୍କଟ୍‌ଲାଣ୍ଡର ୬ଟି ଫ୍ରାଞ୍ଚାଇଜକୁ ନେଇ ୟୁରୋ ଟି୨୦ ସ୍ଲାମ ଲିଗ୍ ଅଗଷ୍ଟ ୩୦ରୁ ଆରମ୍ଭ ହେବ। 'ମାର୍କ୍ୟୁ ଖେଳାଳି ତାଲିକାରେ ଇମ୍ରାନ ତାହିର, ଜେପି ଡୁମିନି, କ୍ରିସ ଲିନ୍, ବାବର ଆଜମ ଓ ଲ୍ୟୁକ୍ ରୋଞ୍ଚିଙ୍କ ସମେତ ଷ୍ଟେଇନ୍ ଯୋଗ ଦେଇଛନ୍ତି। ସେହିଭଳି ଇଂଲଣ୍ଡ ଅଧିନାୟକ ଇଅନ୍ ମୋର୍ଗାନ, ଭେଟେରାନ ପାକିସ୍ତାନ ଅଲ୍‌ରାଉଣ୍ଡର ଶାହିଦ ଆଫ୍ରିଦୀ, ବ୍ରେଣ୍ଡନ ମ୍ୟାକ୍‌କୁଲମ, ଶେନ ୱାଟ୍‌ସନ ଓ ରଶିଦ ଖାଁ ଟୁର୍ନାମେଣ୍ଟର ଆଇକନ୍ ଖେଳାଳି ରହିଛନ୍ତି' ବୋଲି କ୍ରିକେଟ୍ ନେଦରଲାଣ୍ଡ୍ସ ପକ୍ଷରୁ ଟୁଇଟ୍ ଯୋଗେ କୁହାଯାଇଛି।

ଏଠାରେ ପ୍ରକାଶଯୋଗ୍ୟ, ଦକ୍ଷିଣ ଆଫ୍ରିକା ପକ୍ଷରୁ ସର୍ବାଧିକ ଟେଷ୍ଟ ଉଇକେଟ୍ ଅକ୍ତିଆର କରିଥିବା ୩୬ ବର୍ଷୀୟ ଷ୍ଟେଇନ୍ ବିଶ୍ୱକପ୍ ଲାଗି ଜାତୀୟ ଦଳରେ ସ୍ଥାନ ପାଇଥିଲେ। କିନ୍ତୁ ଫିଟ୍‌ନେସ ସମସ୍ୟା ଲାଗି ପରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ଏବେ ଷ୍ଟେଇନ୍ ଧୀରେ ଧୀରେ ସୁସ୍ଥ ଆଡ଼କୁ ଦ୍ରୁତ ଅଗ୍ରଗତି କରୁଥିବାରୁ ୟୁରୋ ଟି୨୦ ଟୁର୍ନାମେଣ୍ଟ ଖେଳିବା ନିଶ୍ଚିତ ହୋଇଛି। ଷ୍ଟେଇନ୍ ୯୩ ଟେଷ୍ଟରୁ ୪୩୯ ଉଇକେଟ୍ ଅକ୍ତିଆର କରିଛନ୍ତି।




# ବାର୍ଟି, କର୍ବର ଦ୍ୱିତୀୟ ରାଉଣ୍ଡରେ

**ଲଣ୍ଡନ, ୨।୭**

ବିଶ୍ୱର ନମ୍ବର ୱାନ ଆଶଲେ ବାର୍ଟି ଏବଂ ଗତଥରର ଚାମ୍ପିୟନ ଆଞ୍ଜେଲିକ୍ କର୍ବର ସହଜ ବିଜୟ ସହ ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଫ୍ରେଞ୍ଚ ଓପନ ଚାମ୍ପିୟନ ବାର୍ଟି ଚାଇନାର ତଥା ବିଶ୍ୱର ୪୩ନମ୍ବର ମାନ୍ୟତାପ୍ରାପ୍ତ ଝେଙ୍ଗ୍ ସାଇସାଇଙ୍କ ବିପକ୍ଷରେ ୬-୪, ୬-୨ ସେଟ୍‌ରେ ବିଜୟ ହାସଲ କରିଛନ୍ତି। ବର୍ତ୍ତମାନ ସେ ବେଲିଜିଆନ ଆଲିସନ ଭାନ୍ ୟୁଟିଭାନକ୍ଙ୍କ ସହିତ ଖେଳିବେ। ସେଣ୍ଟର କୋର୍ଟରେ କର୍ବର ନିଜ ଦେଶ ଜର୍ମାନୀର ତାତ୍‌ଜାନା ମାରିଆଙ୍କ ବିପକ୍ଷରେ ୬-୪, ୬-୩ ସେଟ୍‌ରେ ବିଜୟ ହାସଲ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ଆମେରିକାର ତଥା ବିଶ୍ୱର ୯୫ ନମ୍ବର ମାନ୍ୟତାପ୍ରାପ୍ତ ଲରେନ୍ ଡେଭିସ୍‌ଙ୍କୁ ଭେଟିବେ।

ମଙ୍ଗଳବାର ବ୍ରିଟେନର ଦୁଇ ଜଣ ଖେଳାଳି ମହିଳା ସିଙ୍ଗଲ୍ସ ହାରିଏଟ୍ ଡାର୍ଟ ଏବଂ ପୁରୁଷ ସିଙ୍ଗଲ୍ସରେ ଡାନ୍ ଇଭାନ୍ସ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। କୋର୍ଟ ନମ୍ବର ୧୪ରେ ଡାର୍ଟ ୪-୬, ୬-୪, ୬-୪ ସେଟ୍‌ରେ ଖ୍ରିଷ୍ଟିନା ମ୍ୟାକହେଲ୍‌ଙ୍କୁ ୪-୬, ୬-୪, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ସେହିପରି ବ୍ରିଟେନର ୩ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଇଭାନ୍ସ ୬-୩, ୭-୬ (୭-୫), ୬-୩ ସେଟ୍‌ରେ ଫେଡେରିକୋ ଡେଲ୍‌ବୋନିସଙ୍କୁ ପରାସ୍ତ କରିଥିଲେ। ସେ ତାଙ୍କ ପରବର୍ତ୍ତୀ ମ୍ୟାଚ ୧୮ତମ ସିଡ୍ ନିକୋଲୋଜ ବାସିଲାସଭିଲିଙ୍କ ବିପକ୍ଷରେ ଖେଳିବେ। ଜର୍ଜିଆର ବାସିଲାଭିଲି ବ୍ରିଟେନର ଜେମ୍ସ ୱାର୍ଡଙ୍କ ବିପକ୍ଷରେ ୨-୬, ୪-୬, ୬-୪, ୬-୪, ୮-୬ ସେଟରେ ବିଜୟ ହାସଲ କରିଛନ୍ତି।



ଆଞ୍ଜେଲିକ୍ କର୍ବର



ଆଶଲେ ବାର୍ଟି

### ଟାଇଟଲ ଲକ୍ଷ୍ୟରେ ଗଫ୍

ମାତ୍ର ୧୫ ବର୍ଷ ବୟସରେ ସର୍ବ କନିଷ୍ଠ ଖେଳାଳି ହିସାବରେ ୱିମ୍ବେଲଡନ ପାଇଁ ଯୋଗ୍ୟତା ହାସଲ କରିଥିବା ଆମେରିକାର କୋରି ଗଫ୍‌ଙ୍କ ଲକ୍ଷ୍ୟ ହେଉଛି ଏଠାରେ ଟାଇଟଲ ହାସଲ କରିବା। ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସେ ୫ଥର ଚାମ୍ପିୟନ ଭେନସ ୱିଲିୟମ୍ସଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଦେଇଥିଲେ। ଗଫ୍ ଓ ଭେନସ୍‌ଙ୍କ ମଧ୍ୟରେ ବୟସ ବ୍ୟବଧାନ ହେଉଛି ୨୪ ବର୍ଷ। ଗଫ୍ ଯେତେବେଳେ ଜନ୍ମ ହୋଇ ନ ଥିଲେ ୱିଲିୟମ୍ସ ସେତେବେଳକୁ ଦୁଇଥର ୱିମ୍ବେଲେଡନ ସିଙ୍ଗଲ୍ସ ଟାଇଟଲ ଜିତିସାରିଥିଲେ। ହେଲେ ଏହି ଭେଟେରାନ ଖେଳାଳିଙ୍କ ବିପକ୍ଷରେ ଗଫ୍ ନିର୍ଭୟେ ସହକାରେ ଖେଳୁଥିବା ଲକ୍ଷ୍ୟ କରାଯାଇଥିଲା। ଭବିଷ୍ୟତରେ ଜଣେ ମହାନ ଟେନିସ ଖେଳାଳି ହେବା ଲାଗି ପିଲାଦିନରୁ ତାଙ୍କର ଅଭିଳାଷ ଥିବା ସେ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଜୁଲାଇ ୩/୨୦୧୯ Sambalpur, Wednesday, July 3 / 2019

## ସଂକ୍ଷେପରେ

### ଟ୍ରକ୍ ଦୁର୍ଘଟଣାରେ ଡ୍ରାଇଭର ମୃତ

ସମ୍ବଲପୁର,୨।୭(ବ୍ୟୁରୋ):ସମ୍ବଲପୁର ଅଇଁଠାପାଲି ଥାନା ରେମେଡ ଛକ ନିକଟରେ ଥିବା ଟ୍ରକ୍ ଟର୍ମିନାଲ ଭିତରେ ମଙ୍ଗଳବାର ଏକ ଟ୍ରକ୍ (ନଂ.୧୫-ଏଚ-୮୪୯୨) ଦୁର୍ଘଟଣାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ସେ ହେଲେ ବଲାଙ୍ଗୀର ଜିଲା ଭୋଇପାଲି ଗ୍ରାମର ଅମୃତ ନାଗ (୩୨)। ଏ ନେଇ ଥାନାରେ ଏକ ମାମଲା (ନଂ.୨୬୬/୧୯)ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ତାଙ୍କ ଘର ଲୋକଙ୍କୁ ମୃତଦେହ ଦିଆଯାଇଛି।

### ଅଗଷ୍ଟ ୨୭ରେ ଭାରତୀୟ ସୈନ୍ୟବାହିନୀ ନିଯୁକ୍ତି ରାଲି

ସମ୍ବଲପୁର,୨।୭(ବ୍ୟୁରୋ):ଭାରତୀୟ ସେନା ବାହିନୀରେ ଯୋଗ ଦେବା ନିମନ୍ତେ ଆସନ୍ତା ଅଗଷ୍ଟ ୨୭ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ନିଯୁକ୍ତି ରାଲି ଅନୁଷ୍ଠିତ ହେବ । ଏହି ରାଲିରେ ଅନୁଗୋଳ, ବଲାଙ୍ଗୀର, ବରଗଡ, ଢେଙ୍କାନାଳ, ଦେବଗଡ, ଝାରସୁଗୁଡା, କେନ୍ଦୁଝର, ସୁବର୍ଣ୍ଣପୁର, ସୁନ୍ଦରଗଡ ଓ ସମ୍ବଲପୁର ଜିଲାର ପ୍ରାର୍ଥୀମାନେ ଭାଗ ନେଇପାରିବେ । ପ୍ରାର୍ଥୀମାନେ ଅନ୍‌ଲାଇନ ଜରିଆରେ ଅଗଷ୍ଟ ୧୧ ତାରିଖ ଭିତରେ ଆବେଦନ କରିପାରିବେ । ଅଗଷ୍ଟ ୧୨ରୁ ୧୮ ତାରିଖ ଭିତରେ ଇ-ମେଲ ଜରିଆରେ ଆଡମିଟ କାର୍ଡ ଯୋଗାଇ ଦିଆଯିବ ବୋଲି ସମ୍ବଲପୁର ସେନା ଭର୍ତ୍ତି ଅଫିସ ପକ୍ଷରୁ ଏକ ପ୍ରେସ ବିବୃତିରେ ସୂଚିତ କରାଯାଇଛି ।

# ବାଘ ଛାଲ ର୍ୟାକେଟରେ ପୋଲିସ

## ଜେଲ ଗଲେ ଜେଲ ୱାର୍ଡର, ହାବିଲ୍‌ଦାର

- ଶିକାରୀଙ୍କୁ ଖୋଜୁଛି ଏସ୍‌ଟିଏଫ୍
- ରିମାଣ୍ଡରେ ଆଣିବାକୁ ଯୋଜନା







ରାଉରକେଲା ଅଫିସ/ଭୁବନେଶ୍ୱର, ୨।୭(ବ୍ୟୁରୋ)

ଦେବଗଡ଼ ଜିଲା ବାରକୋଟ ଅଞ୍ଚଳରୁ କଲରାପତରିଆ ବାଘଛାଲ ଜବତ ଘଟଣାରେ ସମ୍ପୃକ୍ତ ର୍ୟାକେଟର ପର୍ଦ୍ଦାଫାଶ ହେବାରେ ଲାଗିଛି। ଏହି ର୍ୟାକେଟରେ କେତେଜଣ ପୋଲିସ ସମ୍ପୃକ୍ତ ଥିବା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ତଦନ୍ତରୁ ଜାଣିବା ପରେ ପଦକ୍ଷେପ ଆରମ୍ଭ କରିଛି। ମଙ୍ଗଳବାର ଦୁଇଜଣ ପୋଲିସ କର୍ମଚାରୀଙ୍କୁ ଗିରଫ କରିଛି ଏସ୍‌ଟିଏଫ୍। ସେମାନେ ହେଲେ ବରଗଡ଼ ଜିଲା କଟାପାଲି ଅଞ୍ଚଳର ରଶ୍ମିରଞ୍ଜନ ମିଶ୍ର(୨୭) ଓ ସୁନ୍ଦରଗଡ଼ ଜିଲା ବଣାଇ ଥାନାଞ୍ଚଳର ଲିକୁଲ କୁମାର ସାହୁ(୩୨)। ରଶ୍ମିରଞ୍ଜନ ରାଉରକେଲା ଜେଲ୍‌ରେ ୱାର୍ଡର ଭାବେ କାର୍ଯ୍ୟ କରୁଥିବାବେଳେ ଲିକୁଲ ଦେବଗଡ଼ ଚତୁର୍ଥ ଆଇଆରବିଏନ୍‌ରେ ହାବିଲଦାର ଭାବେ କାର୍ଯ୍ୟ କରୁଛନ୍ତି। ଗିରଫ ପରେ ସେମାନଙ୍କୁ ଏସ୍‌ଟିଏଫ୍ ଦେବଗଡ଼ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଦେବଗଡ଼ ଉପକାରାଗାରକୁ ପଠାଇ ଦିଆଯାଇଛି।

ଗିରଫ ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରାବେଳେ ଏସ୍‌ଟିଏଫ୍‌କୁ ବହୁ ତଥ୍ୟ ମିଳିଛି। ରଶ୍ମି ରଞ୍ଜନ ଓ ଲିକୁଲ ଶିକାରିଙ୍କୁ ପୋଲିସ ବିଭାଗର ଟିକିନିଖି ଖବର ଦେଉଥିଲେ। ଏଥିସହ ଉକ୍ତ ଜଙ୍ଗଲ ଦାୟିତ୍ୱରେ ଥିବା ଫରେଷ୍ଟର କିମ୍ବା ଅନ୍ୟ ବନ କର୍ମଚାରୀଙ୍କ ମିଶି ଭିତିରି ସୂଚନା ଦେବା ସହ ବାଘ ଛାଲ ଚାଲାଣ ଦାୟିତ୍ୱ ବୁଝୁଥିଲେ। ବିଶେଷକରି ରାଉରକେଲା, ସୁନ୍ଦରଗଡ, ଦେବଗଡ ଓ ସମ୍ବଲପୁର ଅଞ୍ଚଳରେ ଥିବା ଜଙ୍ଗଲରେ ଏହି ର୍ୟାକେଟ ସକ୍ରିୟ ଥିଲା। ରାଜସ୍ଥାନ, ବିହାର ସମେତ ଅନ୍ୟ ଦେଶକୁ ମଧ୍ୟ ବାଘ ଛାଲ ଚାଲାଣ କରୁଥିଲେ। ଏହି ରାକେଟରେ କେତେଜଣ ବନ ବିଭାଗର କେତେଜଣ କର୍ମଚାରୀ ସମ୍ପୃକ୍ତ ଥିବା ପୂର୍ବରୁ ଜଣାପଡିଥିବାବେଳେ ଏବେ ପୋଲିସ କର୍ମଚାରୀ ଗିରଫ ହେବା ଘଟଣା ରାଜ୍ୟ ପୋଲିସ ବିଭାଗର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ବାଘ ଛାଲ ଚୋରା ଚାଲାଣ ଘଟଣାରେ ଗତ ୨୦ ତାରିଖରେ ୩ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ୪ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରାଯିବା ପରେ ଏସ୍‌ଟିଏଫ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଆଉ ୪ ଜଣଙ୍କୁ ଗିରଫ କରିଥିଲ। ସେମାନେ ହେଲେ କେନ୍ଦୁଝର ଜିଲା ନୟାକୋଟ ଅଞ୍ଚଳର କାଳିଓ ଚରଣ ଦାସ (୫୬) ଭାସ୍କର ଓରଫ ଭାଗୀରଥି ନାୟକ(୪୦), ପଣ୍ଡିତ ଓରଫ ପିତାମ୍ବର ଖଟେଇ (୪୦) ଓ ସୁନ୍ଦରଗଡ ଜିଲା ବଣେଇ ଥାନା ଅଞ୍ଚଳର ନେତ୍ର ଓରଫ ନେତ୍ରାନନ୍ଦ କିଶାନ (୨୨)। ମଙ୍ଗଳବାର ଆଉ ଦୁଇଜଣଙ୍କୁ ଗିରଫ କରାଯିବା ପରେ ଏହି ସଂଖ୍ୟା ୯ରେ ପହଞ୍ଚିଛି। ଏହି ଘଟଣାରେ ଏସ୍‌ଟିଏଫ୍ କେସ୍ ନଂ.୮/୧୯ ରୁଜୁ କରି ତଦନ୍ତକୁ ବଢ଼ାଇଛି। ରାକେଟରେ ସଂପୃକ୍ତ ଶିକାରୀଙ୍କୁ ଏପର୍ଯ୍ୟନ୍ତ ଗିରଫ କରିପାରିନାହିଁ। ସେମାନଙ୍କୁ ଗିରଫ କରିବା ପାଇଁ ଚଢାଉ ଜାରି ରହିଥିବାବେଳେ ଗିରଫ ଜେଲ୍ ୱାର୍ଡର ଓ ହାବିଲ୍‌ଦାରଙ୍କୁ ରିମାଣ୍ଡରେ ଆଣି ଶିକାରୀ ଓ ର୍ୟାକେଟ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବାକୁ ଏସ୍‌ଟିଏଫ୍ ଆଶା ରଖିଛି।

# ପେଟ୍ରୋଲ ପମ୍ପରେ ଡକାୟତି

ବଡ଼ଗାଁ, ୨।୭ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ମରଚିମୁଣ୍ଡାଠାରେ ଥିବା ଆଭା ଫିଲିଙ୍ଗ ଷ୍ଟେସନ (ପେଟ୍ରୋଲ ପମ୍ପ)ରେ ସୋମବାର ରାତି ପ୍ରାୟ ୧୦ଟାରେ ଡ଼କାୟତି ହୋଇଛି। ୫ରୁ ୬ଜଣ ଡକାୟତ ଲକ୍ଷେ ଟଙ୍କା ଲୁଟି ନେଇଛନ୍ତି।

ମୁହଁରେ ଗାମୁଛା ଗୁଡାଇ ହୋଇଥିବା ୩ଜଣ ଯୁବକ ବାଇକରେ ଆସି ଶହେ ଟଙ୍କାର ପେଟ୍ରୋଲ ମାଗିଥିଲେ। ପେଟ୍ରୋଲ ଭର୍ତ୍ତି କଲା ପରେ ମୋବିଲ ଦେବାକୁ କହିଥିଲେ। ଜଣେ କର୍ମଚାରୀ ମୋବିଲ ଡବା ଆଣିବାକୁ କାଉଣ୍ଟର ଭିତରକୁ ପଶିବା କ୍ଷଣି ୩ ଯୁବକଙ୍କ ମଧ୍ୟରୁ ଜଣେ ପିସ୍ତଲ ଦେଖାଇ ଓ ମାଡ ମାରି ଟଙ୍କା ମାଗିଥିଲେ। ଏହାପରେ କାଉଣ୍ଟର ଖାନତଲାସି କରି ପ୍ରାୟ ୧ ଲକ୍ଷ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏହି ମୁଖାପିନ୍ଧା ୩ ଡକାୟତ ପେଟ୍ରୋଲ ପମ୍ପରେ ପହଞ୍ଚିବା ପୂର୍ବରୁ ୩ଜଣ ସନ୍ଦିଗ୍ଧ ଯୁବକ ପୂର୍ବରୁ ଆସି ବୁଲାବୁଲି କରି ପେଟ୍ରୋଲ ଭର୍ତ୍ତି କରିଥିଲେ। ଟଙ୍କା ଲୁଟ୍ କରିଥିବା ୩ ଡ଼କାୟତ ପହଞ୍ଚିଲା ପରେ ୩ ସନ୍ଦିଗ୍ଧ ଯୁବକ ଚାଲିଯାଇଥିଲେ।



ସିସି କ୍ୟାମେରାରେ କଏଦ ଡକାୟତିର ଚିତ୍ର।

୩ ସନ୍ଦିଗ୍ଧ ପୂର୍ବରୁ ଆସି ଅନୁଧ୍ୟାନ କଲାପରେ ଡକାୟତମାନଙ୍କୁ ସୂଚନା ଦେଇଥିବା ସନ୍ଦେହ କରାଯାଉଛି। ଡକାୟତମାନେ ଲୁଟ୍ କଲା ପରେ ବଡ଼ଗାଁ ପୋଷ୍ଟ ଅଫିସ ରାସ୍ତାରେ ଫେରାର୍ ହୋଇଯାଇଥିଲେ। ଡକାୟତି ସମୟର ଚିତ୍ର ସିସି କ୍ୟାମେରାରେ ସ୍ପଷ୍ଟ ଜଣାପଡୁଛି। ଜଣେ ଡକାୟତଙ୍କ ମୁହଁ ସ୍ପଷ୍ଟ ବାରିହେଉଛି। ଆଇଆଇସି ସୂର୍ଯ୍ୟକାନ୍ତି ଦାସ ରାତିରେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଏହି ଡ଼କାୟତି ଘଟଣାରେ ୫ରୁ ୬ଜଣ ସାମିଲ ଥିବା ସନ୍ଦେହ କରାଯାଉଛି।

# ଝାଡ଼ାବାନ୍ତିରେ ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ



ଗାଁରେ ପହଞ୍ଚି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଚିକିତ୍ସା କରୁଛନ୍ତି ।

ନୂଆପଡା ଅଫିସ,୨।୭

ନୂଆପଡା ଜିଲା କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବର୍ଦ୍ଧାପାଟ ଗାଁରେ ଝାଡାବାନ୍ତି ରୋଗ ବ୍ୟାପିଛି। ଗାଁର ୩୦ରୁ ଊର୍ଦ୍ଧ୍ୱ ଲୋକ ଏଥିରେ ଆକ୍ରାନ୍ତ ହୋଇଥିବାବେଳେ ୨୦ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ନିଆଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗାଁକୁ ମଧ୍ୟ ଏକ ଡାକ୍ତରୀ ଟିମ ଯାଇ ଆକ୍ରାନ୍ତଙ୍କ ଚିକିତ୍ସା ଆରମ୍ଭ କରିଛନ୍ତି।

ବର୍ତ୍ତମାନ ଜିଲାବ୍ୟାପୀ ଲଘୁଚାପ ବର୍ଷା ଲାଗି ରହିଛି। ଏହି ସମୟରେ ମଙ୍ଗଳବାର ସକାଳେ ହଠାତ ବର୍ଦ୍ଧାପାଟ ଗାଁରେ ଜଣକ ପରେ ଜଣଙ୍କୁ ଝାଡାବାନ୍ତି ହୋଇଥିଲା। ଖବର ପାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆମ୍ବୁଲାନ୍ସ ଗାଁରେ ପହଞ୍ଚି ରୋଗୀମାନଙ୍କୁ ଆଣିଥିଲେ । ବର୍ତ୍ତମାନ ଏଠାରେ ୨୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଏମାନଙ୍କ ମଧ୍ୟରେ ୨ ଜଣ ଶିଶୁ, ୯ ଜଣ ମହିଳା ଏବଂ ୯ ଜଣ ପୁରୁଷ ରହିଛନ୍ତି। ସେମାନେ ହେଲେ ରଜନୀ ମାଝି (୧), ଗୋପୀ ମାଝି (୨୯), ପଦ୍ମିନୀ ମାଝି (୬୦), ପୂର୍ଣ୍ଣ ମାଝି (ଅଢେଇ ବର୍ଷ), ପଦ୍ମନ ମାଝି (୨୮) ଦଶରୁ ମାଝି (୪୫), ସନସାଏ ମାଝି (୩୦), ଆଶିଷ ନିଆଲ (୨୨), ବିମଳା ଦୀପ (୮୦), ଲକ୍ଷ୍ମୀ ଦୀପ (୬୦), ମିଥିଳା ଦୀପ (୬୦), ଗୁଣରାମ ନାଗ (୨୫), ପରମେଶ୍ୱର ମାଝି (୨୬), ରାମବତୀ ମାଝି (୬୫), ଭକ୍ତି ମାଝି (୬୦), ଭାନୁ ମାଝି (୧୯), ମାଳ ମାଝି (୬୬), ଦେବରାଜ ମାଝି (୩୩), ବେଳମତୀ ମାଝି (୫୫), ଛବିଳା ବେମାଲ (୨୬)। ଗାଁରେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀଙ୍କ ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଯାଇଥିବା ଡାକ୍ତରୀ ଟିମ ଚିକିତ୍ସା ଆରମ୍ଭ କରିଛନ୍ତି । ପ୍ରତି ପଡାରେ ଯାଇ ବ୍ଲିଚିଂ ପାଉଡର ପକାଇବା ସହ ସମସ୍ତଙ୍କୁ ସଚେତନତା କରାଯାଉଛି। ଗାଁରେ ୧୦ରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥିବାବେଳେ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା କରାଯାଉଛି। ଗ୍ରାମବାସୀ ସବୁବେଳେ ଏକ ନଳକୂଅରୁ ପାଣି ବ୍ୟବହାର କରିଆସୁଛନ୍ତି । ପହିଲା ବର୍ଷାରେ ଏହି ଝାଡାବାନ୍ତି ହୋଇଥିବା କୁହାଯାଉଛି। ଏହା ପାଣି ଯୋଗୁ ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଏହା ଉପରେ ଜନସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି । ଏହିଭଳି କୋମନା ବ୍ଲକ ପାହାଡ ତଳି ଗାଁରେ ପାନୀୟ ଜଳ ବ୍ୟବସ୍ଥା ଭୁଷୁଡି ପଡିଥିବାରୁ ଲୋକେ ନାଳ ଓ ଝରଣା ପାଣି ବ୍ୟବହାର କରୁଥିବା ଦେଖାଯାଇଛି। ଏଭଳି ସ୍ଥିତିରେ ଝାଡାବାନ୍ତି ବ୍ୟାପିବା ସ୍ୱଷ୍ଟ ଦେଖାଯାଉଛି । ଏହା ଉପରେ ପ୍ରଶାସନ ବେଳହୁଁ ସଜାଗ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

# ମା'କୋଳକୁ ଫେରିଲେ ନବଜାତ ଶିଶୁକନ୍ୟା

ବଲାଙ୍ଗୀର ଅଫିସ, ୨।୭

ପରିସ୍ଥିତିରେ ପଡି ଜଣେ ମହିଳା ତାଙ୍କର ନବଜାତ ଶିଶୁକନ୍ୟାକୁ ଅନ୍ୟ ଜଣେ ମହିଳାଙ୍କୁ ଟେକିଦେବା ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିଲା । ଏନେଇ ଧରିତ୍ରୀରେ କ୍ରମାଗତ ଖବର ପ୍ରକାଶ ପାଇବା ପରେ ସିଡବ୍ଲ୍ୟୁସି ଓ ଚାଇଲ୍ଡ ଲାଇନ୍ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଫଳରେ ମଙ୍ଗଳବାର ନବଜାତ ଶିଶୁକନ୍ୟାଟି ମା' କୋଳକୁ ଫେରିଛି। ସିଡବ୍ଲ୍ୟୁସି ଅଧ୍ୟକ୍ଷ, ସଦସ୍ୟା, ସଦସ୍ୟ ଓ ଚାଇଲ୍ଡ ଲାଇନ୍ ଟିମ୍‌ଙ୍କ ଉପସ୍ଥିତିରେ ନବଜାତ ଶିଶୁକନ୍ୟାକୁ ତାଙ୍କ ମା'ଙ୍କୁ ହସ୍ତାନ୍ତର କରାଯାଇ ଏନେଇ ଏକ ଲିଖିତ ରାଜିନାମା ସ୍ୱାକ୍ଷର କରାଯାଇଥିବା ସିଡବ୍ଲ୍ୟୁସି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି ସୂଚନା ଦେଇଛନ୍ତି।

ବଲାଙ୍ଗୀର ସଦର ଥାନା ଅଧୀନ କୋଇଣ୍ଡାପାଲି ଗାଁର ଜଣେ ମହିଳା ତାଙ୍କ ନବଜାତ ଶିଶୁକନ୍ୟାକୁ ପୁଇଁନ୍ତଲା ଥାନା ଅନ୍ତର୍ଗତ ମଲମଣ୍ଡା ଗ୍ରାମର ଜଣେ ମହିଳାଙ୍କୁ ଟେକି ଦେଇଥିଲେ। ଜନ୍ମ ହେବାର ପ୍ରାୟ ୪ ଦିନ ପରେ ଜନ୍ମଦାତ୍ରୀ ମା' ଶିଶୁକନ୍ୟାକୁ ହସ୍ତାନ୍ତର କରିଥିବା ଖବର ମିଳିଥିଲା।

**■ଶିଶୁକନ୍ୟାକୁ ସିଡବ୍ଲ୍ୟୁସିରେ ହାଜର କଲା ଚାଇଲ୍ଡ ଲାଇନ**

ଦାରିଦ୍ର୍ୟ ହେତୁ ମହିଳା ଜଣକ ଶିଶୁକନ୍ୟାଙ୍କୁ ଅନ୍ୟକୁ ଦେଇଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। କିଛି ଲୋକ ପିଲା ବିକ୍ରି ବୋଲି ଚର୍ଚ୍ଚା କରିଥିଲେ। ଏନେଇ ଜୁଲାଇ ୧ ତାରିଖରେ ଧରିତ୍ରୀରେ ଏସଂକ୍ରାନ୍ତରେ ଏକ ଖବର ପ୍ରକାଶ ପାଇଥିଲା। ଏନେଇ ସିଡବ୍ଲ୍ୟୁସି ସଦସ୍ୟା ସୁନୀତା ତ୍ରିପାଠୀ ଘଟଣାର ତଦନ୍ତ କରିବା ପାଇଁ ଚାଇଲ୍ଡ ଲାଇନ୍ ଟିମ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଚାଇଲ୍ଡ ଲାଇନ୍ ଟିମ୍ ୧ ତାରିଖରେ କୋଇଣ୍ଡାପାଲି ଗାଁକୁ ଯାଇ ତଦନ୍ତ କରିଥିଲେ । ପ୍ରସୂତି ଜଣକ ନବଜାତ ଶିଶୁକନ୍ୟାକୁ ଅନ୍ୟ ଜଣେ ମହିଳାଙ୍କୁ ଟେକି ଦେଇଥିବା ସ୍ୱୀକାର କରିଥିଲେ ମଧ୍ୟ କାହାକୁ ଦେଇଛନ୍ତି ସେନେଇ କିଛି କହି ନ ଥିଲେ। ଏନେଇ ୨ ତାରିଖରେ ଧରିତ୍ରୀରେ ପୁଣି ଖବର ପ୍ରକାଶ ପାଇଥିଲା। ଶିଶୁକନ୍ୟା ପୁଇଁନ୍ତଲା ଥାନା ଅନ୍ତର୍ଗତ ମଲମଣ୍ଡା ଗ୍ରାମର ଜଣେ ଦମ୍ପତିଙ୍କ ଘରେ ଥିବା ପ୍ରକାଶିତ ହୋଇଥିଲା। ପରେ ଚାଇଲ୍ଡ ଲାଇନ୍ ଟିମ୍ ମଙ୍ଗଳବାର ମଲମଣ୍ଡାରେ ପହଞ୍ଚି ମହିଳାଙ୍କଠାରୁ ଉକ୍ତ ୭ ଦିନର ଶିଶୁକନ୍ୟାକୁ ଉଦ୍ଧାର କରି ସିଡବ୍ଲ୍ୟୁସିରେ ହାଜର କରିଥିଲେ। ସିଡବ୍ଲ୍ୟୁସି କାର୍ଯ୍ୟାଳୟରେ କୋଇଣ୍ଡାପାଲିର ଜନ୍ମଦାତ୍ରୀ ମା' ଓ ମଲମଣ୍ଡାର ଉକ୍ତ ଶିଶୁକନ୍ୟାଙ୍କ ପାଳିତା ମାତା ହାଜର ହୋଇ ସେମାନଙ୍କ ପକ୍ଷ ରଖିଥିଲେ। ଅସୁସ୍ଥତା କାରଣରୁ ଶିଶୁକନ୍ୟାକୁ ହସ୍ତାନ୍ତର କରିଥିଲେ ବୋଲି ଜନ୍ମଦାତ୍ରୀ ସିଡବ୍ଲ୍ୟୁସି ସମ୍ମୁଖରେ କହିଥିବାବେଳେ ପାଳନ କରିବା ଉଦ୍ଦେଶ୍ୟରେ ନବଜାତ ଶିଶୁକନ୍ୟାକୁ ନେଇଥିଲେ ବୋଲି ମଲମଣ୍ଡାର ପାଳିତା ମାତା କହିଥିଲେ। ତେବେ କୌଣସି ପରିସ୍ଥିତିରେ ନବଜାତ ଶିଶୁକନ୍ୟାକୁ ହସ୍ତାନ୍ତର କରାଯାଇପାରିବ ନାହିଁ ବୋଲି ସିଡବ୍ଲ୍ୟୁସି ଅଧ୍ୟକ୍ଷ ମହାନ୍ତି ଉଭୟ ପକ୍ଷକୁ କହିବା ସହ ତୁରନ୍ତ ଶିଶୁକନ୍ୟାକୁ ତାର ଜନ୍ମଦାତା ମା'ଙ୍କୁ ଫେରାଇବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ରାଜିନାମା ସ୍ୱାକ୍ଷରିତ ହୋଇ ଶିଶୁକନ୍ୟାକୁ ତାଙ୍କର ଜନ୍ମଦାତ୍ରୀ ଗ୍ରହଣ କରିଥିଲେ। ରାଜିନାମା ସ୍ୱାକ୍ଷରିତ ହେବାବେଳେ ସିଡବ୍ଲ୍ୟୁସି ସଦସ୍ୟା ସୁନୀତା ତ୍ରିପାଠୀ, ନନ୍ଦକିଶୋର ଷାଣ୍ଢ, ଡା ଗୋଦାବରୀଶ ରଥ, ବିରଞ୍ଚି ବହିଦାର, ଚାଇଲ୍ଡ ଲାଇନ୍‌ର ବିଷ୍ଣୁ ଛୁରା ଓ ଅନ୍ୟ ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ ।

ଧରିତ୍ରୀ ପ୍ରଭାବ

## ଆଜି କ'ଣ କେଉଁଠି

**ବୌଦ୍ଧ**

- ନାମ ସଂକୀର୍ତ୍ତନ ଓ ମୀନା ବଜାରର ଶୁଭାରମ୍ଭ, ଠିକିଯୋର ଜଗନ୍ନାଥ ମନ୍ଦିର, ସକାଳ ୧୦ଟା।

**ଲୋଇସିଂହା**

- ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ଲାଗି ନାଗରିକ କମିଟିର ଆଲୋଚନା, ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସନ୍ଧ୍ୟା ୫।

**ସୁନ୍ଦରଗଡ଼**

- ଜିଲାସ୍ତରୀୟ ବନମହୋତ୍ସବ, ବିକାଶ ଭବନ, ସକାଳ ୧୦ଟା।

**ସମ୍ବଲପୁର**

- ଡେଙ୍ଗୁ, ମ୍ୟାଲେରିଆ ସଚେତନତା ସଭା, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ସାଢ଼େ ୧୧ଟା।
- ମୁଦିପଡା ଜଗନ୍ନାଥଙ୍କ ଉଭାଯାତ୍ରା, ମନ୍ଦିର ପରିସର, ସକାଳ ୮ଟା ।
- ଜିଲାସ୍ତରୀୟ ପାଠଚକ୍ର ସମ୍ମିଳନୀ, ମାତୃ ନିବାସ, ପୂର୍ବାହ୍ନ ସାଢ଼େ ୯ଟା।

# ଭିଜିଲାନ୍ସ ଜାଲରେ କର୍ଲାମୁଣ୍ଡା ତହସିଲଦାର

କର୍ଲାମୁଣ୍ଡା,୨।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ତହସିଲଦାର ଏକ ମ୍ୟୁଟେସନ କେସର ଫଇସଲା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମଙ୍ଗଳବାର ଭିଜିଲାନ୍ସ ବିଭାଗ ଅଧିକାରୀଙ୍କ ଦ୍ୱାରା ଗିରଫ ହୋଇଛନ୍ତି। ଗିରଫ ତହସିଲଦାର ଅବନୀ କାନ୍ତ ସାହୁଙ୍କୁ ପଚରାଉଚରା ପାଇଁ ଭବାନୀପାଟଣା ନିଆଯାଇଛି। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଭିଜିଲାନ୍ସ ଟିମ୍ ସୂଚନା ଦେଇଛି। କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ଦେଗାଁର ଲାଲସାହେବ ସାହୁ ଓ ତାଙ୍କ ପୁଅ ଐରାବତ ସାହୁ ୨୦୧୪ରେ ଘର ଡିହ କିଣିଥିଲେ। ଦୀର୍ଘ ୫ ବର୍ଷ ହେବ ଘର ଡିହର ମ୍ୟୁଟେସନ ନ ହୋଇ ପଡି ରହିଥିଲା। ଏହାର ଫଇସଲା ପାଇଁ ତହସିଲଦାର ସାହୁଙ୍କ ସହ ଲାଲସାହେବ କଥାବାର୍ତ୍ତା ହୋଇଥିଲେ। ଏହି କେସ୍‌ର ସମାଧାନ ପାଇଁ ୧୫ ହଜାର ଟଙ୍କା ଦେବାକୁ ଲାଲସାହେବଙ୍କୁ କହିଥିଲେ। ଏ ସମ୍ପର୍କରେ ଲାଲସାହେବ କଳାହାଣ୍ଡି ଭିଜିଲାନ୍ସ ବିଭାଗରେ ଜଣାଇଥିଲେ। ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ ଲାଲସାହେବ ତହସିଲଦାରଙ୍କୁ ୧୦ ହଜାର ଟଙ୍କା ଦେବା ସହ ଅବଶିଷ୍ଟ ୫ ହଜାର ଟଙ୍କା ପରେ ଦେବା ପାଇଁ କହିଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା କଳାହାଣ୍ଡି ଭିଜିଲାନ୍ସ ଡିଏସପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ଭିଜିଲାନ୍ସ ଟିମ୍ ଚଢାଉ କରି ୧୦ ହଜାର ଟଙ୍କା ଜବତ କରିଥିଲେ। ଏଥି ସହିତ କର୍ଲାମୁଣ୍ଡାସ୍ଥିତ ତାଙ୍କ ସରକାରୀ ବାସଭବନ ଓ ତାଙ୍କ ପୈତୃକ ଘର ଢେଙ୍କାନାଳରେ ମଧ ଚଢାଉ କରାଯାଇଛି।

# ଖଟିଆରେ ୪ କି.ମି. ବୁହାହେଲେ ଗର୍ଭବତୀ

## ■ପାହାଡ଼ ତଳ ଗଛମୂଳେ କନ୍ୟା ସନ୍ତାନ ଜନ୍ମଦେଲେ



ଖଟିଆରେ ମା'ଙ୍କ ସମେତ ଶିଶୁଙ୍କୁ ଲୋକେ ଗାଁକୁ ନେଉଛନ୍ତି ।

ନୂଆପଡା ଅଫିସ/ଖଡିଆଳ,୨।୭

ଶିଶୁ, ମାତୃ ମୃତ୍ୟୁହାର କମାଇବାକୁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ହେଲେ ନୂଆପଡ଼ା ଜିଲା ସଦର ମହକୁମାଠାରୁ ୮୦ କି.ମି. ଦୂର ଦୁର୍ଗମ ପାହାଡ ଇଲାକାରେ ଥିବା ରାନିମୁଣ୍ଡା ଗ୍ରାମପଞ୍ଚାୟତ ସମାଡପଦର ଗାଁରେ ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ଗାଁକୁ ଜନନୀ ସୁରକ୍ଷା ଗାଡି ନ ପହଞ୍ଚିବାରୁ ଜଣେ ଗର୍ଭବତୀ ମହିଳାଙ୍କୁ ୪ କି.ମି. ଖଟିଆରେ ବୋହି ଅଣାଯାଉଥିଲା । ହେଲେ ପାହାଡ଼ ତଳ ଏକ ଗଛମୂଳେ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଛନ୍ତି । ଏଭଳି ଘଟଣା ଜିଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

ଗାଁର ମୁକେଶ ମାଝି (୩୨)ଙ୍କ ସ୍ତ୍ରୀ ପ୍ରମିଳା (୨୭)ଙ୍କୁ ସୋମବାର ରାତିରେ ପ୍ରସବ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ଜନନୀ ସୁରକ୍ଷା ଗାଡିକୁ ଯୋଗାଯୋଗ କରିଥିଲେ। ହେଲେ ଗାଡ଼ି ଆସିଲା ନାହିଁ । ଆଶା ନା ଅଙ୍ଗନୱାଡି କର୍ମୀଙ୍କ ମଧ୍ୟ ଦେଖା ମିଳି ନ ଥିଲା। ସକାଳ ଯାଏଁ ଅପେକ୍ଷା କରିବା ପରେ ୭/୮ଜଣ ଲୋକ ପ୍ରମିଳାଙ୍କୁ ଏକ ଖଟିଆରେ ଆବଡାଖାବଡା ରାସ୍ତାରେ ମୁଣ୍ଡ ଉପରେ ଛତା ଦେଇ ଦୀର୍ଘ ୪ କି.ମି. ଦୂର ବୋହି ଆଣିଥିଲେ । ପାହାଡ ତଳେ ପହଞ୍ଚିବାବେଳକୁ ମହିଳା କନ୍ୟା ଶିଶୁଟି ଜନ୍ମ ଦେଲେ । ତଥାପି ସେଠାରେ ଦୀର୍ଘ ସମୟ ଅପେକ୍ଷା କରିବା ପରେ ମଧ ଗାଡି ନ ଆସିବାରୁ ବାଧ୍ୟ ହୋଇ ମା' ଓ ଶିଶୁଙ୍କୁ ଗାଁକୁ ନେଇଯାଇଥିଲେ। ଏ ବିଷୟରେ ସିଡିଏମଓ ଡା.ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକଙ୍କୁ ପଚାରିବାରୁ ତାଙ୍କ ପାଖରେ ଏଭଳି ଖବର ନାହିଁ । ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଜିଲାପାଳ ଡା.ପୋମାଗୁଡୁ ଗତବର୍ଷ ପାହାଡ ଚଢି ଏହି ଗାଁରେ ପହଞ୍ଚି କେନ୍ଦ୍ର ସରକାରଙ୍କଠାରୁ ବାହାବା ପାଇଥିଲେ। ଏହି ଗାଁକୁ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେସବୁ ଧୂଆଁବାଣ ହୋଇଛି ବୋଲି ଗ୍ରାମବାସୀ କହିଛନ୍ତି । ଗତ ମାସ ୨୭ ତାରିଖରେ ଗାଁକୁ ନ ଯାଇ ପାହାଡ ତଳୁ ବୁଲି ଚାଲିଯାଇଛନ୍ତି । ହେଲେ ଗାଁର ଅବସ୍ଥା ଦେଖିନାହାନ୍ତି । ବାକି ଗାଁ ଅବସ୍ଥା କ'ଣ ଥିବ ତାହା ସହଜେ ଅନୁମେୟ।

# କିଡ୍‌ନୀ ରୋଗ୍‌ରେ ରୁଜ୍‌ଗାରିଆ ପୁଓ

ବୌଦ୍ଧ,୨।୭(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଲୁଣିବାହାଲ ପଁଚେତ୍ ଅଧୀନ ଯୁବରାଜପୁର ଗାଁର ଭୀମସେନ ରଣା। ସେ ୫ ବଛର ତଲେ କିଡ୍‌ନୀ ରୋଗ୍‌ରେ ଆକ୍‌ରାଁତ ହେଇ ଦୁଇ କିଡ୍‌ନୀ ହରେଇଥିଲେ। ପୁଓର ଏନ୍‌ତା ଦୁଖ୍ ଦେଖି ମା' ରେଖା ନିଜର ଗୁଟେ କିଡ୍‌ନୀ ଦେଇ ପୁଓର ଜୀବନ୍ ବଁଚେଇଥିଲେ। ହେଲେ ଘରର ରୁଜ୍‌ଗାରିଆ ପୁଓ କିଡ୍‌ନୀ ରୋଗ୍‌ରେ ପଡ଼ଲା ଉତାରୁ ତାକର ଚିକିତ୍ସା କରେଇ ପରିବାରଟା ସରବ୍‌ସୁଆଁତ ହେଇଯାଇଛନ୍। ଇଆଡ଼େ ଭୀମସେନକଁର ମାଏକିନା ରିତାଞ୍ଜଳୀ ଆର ଦୁଇ ଛୁଆ ବି ଅଛନ୍। ମା' ପୁଓକେ ଗୁଟେ କିଡ୍‌ନୀ ଦେଇ ନିଜେ ଠିକ୍‌ରେ କାମ୍‌ବୁତା ନାଇଁ କରିପାରବାର। ଏହେଦେ ଭୀମସେନକଁର ଫିଁଦିନିଆଁ ଉଷୋକଷା ଘିନବାର ଲାଗି ବି ପରିବାର ଲୋକ୍ ସକ୍ଷମ ନୁହଁନ୍। ଏନ୍‌ତାଥି କୁଟୁମ୍‌ଟା ଗୁଟେ ଭଂଗା ଦଦ୍‌ରା କୁରିଆରେ ରହୁଥିଲାବେଳେ ସରକାରକଁର ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଗୁଟେଆଡ଼େ ଆପ୍‌ନେ ଭୀମସେନ ପଡ଼ି ରହିଥିଲାବେଳେ ଇଆଡ଼େ ଶାଶୁର ଅବସ୍‌ତା ଦେଖି ରିତାଞ୍ଜଳୀ ଚିନ୍‌ତାରେ ପଡ଼ିଯାଇଛନ୍। ୫ ପରାନୀର ଲାଗି ହେନ୍‌ଥେଇ ଆହାର ଯୁଟାବେ, ଆପ୍‌ନେର ଉଷୋକଷା ଲାଗି କେନ୍‌ନୁ ଟଁକା ଖଁଜ୍‌ବେ ଇ ସବୁ ଚିନ୍‌ତାରେ ସେ ହରମେଶା ଘାରି ହେଉଛନ୍। ଇ ବାବ୍‌ଦେ ହରଭଙ୍ଗା ବିଡିଓ ରବିନ୍ଦ୍ର କୁମାର ଶତପଥିକୁଁ ପଚରାଲାରୁ ସେ ଘଟନାର ଗୁରୁତ୍‌କେ ବୁଝି ଭୀମସେନକଁର ପରିବାରକେ ଯେତେ ଜଲଦି ହେବା ସାହାଯ୍ ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି କହିଥିଲେ।



କିଡ୍‌ନୀ ରୋଗ୍‌ରେ ପୀଡ଼ିତ ଭୀମସେନକଁର ପରିବାର।

**ଉଷୋ ଘିନବାକେ ଟଁକା ନାଇଁ**

- ଭୀମସେନ ଦୁଇ କିଡ୍‌ନୀ ହରେଇଛନ୍
- ମା' ରେଖା ଗୁଟେ କିଡ୍‌ନୀ ଦେଇଛନ
- ଆବାସ ଯୋଜନାରୁ ବଁଚିତ୍ ପରିବାର
- ୫ ପରାନୀର ଚିନ୍‌ତାରେ ରିତାଞ୍ଜଳୀ

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



# ଉପାନ୍ତ ଗାଁକୁ ରାସ୍ତା ନାହିଁ, ବିକାଶ ବାଟବଣା

**ଜାମଟିକ୍ରା, ୨।୭ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ବ୍ଲକର ଉପାନ୍ତ ଗ୍ରାମଗୁଡିକୁ ଭଲ ରାସ୍ତା ନ ଥିବାରୁ ଗ୍ରାମବାସୀ ଯାତାୟାତରେ ଅସୁବିଧା ଭୋଗୁଛନ୍ତି । ଏହି ବ୍ଲକ କୁଲୁଣ୍ଡା ଗ୍ରାମପଞ୍ଚାୟତର କୁଲୁଣ୍ଡାରୁ ପଲସାପାଲି ରାସ୍ତା ପ୍ରାୟ ଅଢ଼େଇ କିଲୋମିଟର ମରଣଯନ୍ତା ପାଲଟିଛି । ଏହି ରାସ୍ତା ଦେଇ ପ୍ରତ୍ୟହ ଛାତ୍ରୀଛାତ୍ର ତଥା ଜନସାଧାରଣ ଯାତାୟାତ କରୁଥିବାବେଳେ ଏହାର ମରାମତି ଦିଗରେ କେହି ଧ୍ୟାନ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିପରି ଏହି ପଞ୍ଚାୟତର କୁଲୁଣ୍ଡାଠାରୁ ଜାମଟିକ୍ରାକୁ ସଂଯୋଗ କରୁଥିବା ଦୁଇ କିଲୋମିଟର ରାସ୍ତା ଏବଂ ପଲସାପାଲିରୁ ଜାମଟିକ୍ରାକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ନ କହିବା ଭଲ। ବୁଗବୁଗା ପଞ୍ଚାୟତର ଭୁତଟିକ୍ରାଠାରୁ ପତ୍ରାପାଲି ପର୍ଯ୍ୟନ୍ତ ମାତ୍ର ଅଢ଼େଇ କିଲୋମିଟର ରାସ୍ତା ଅବସ୍ଥା ମଧ୍ୟ ଭଲ ନାହିଁ । ପତ୍ରାପାଲି ଗ୍ରାମବାସୀ ଏହି ରାସ୍ତା ଦେଇ ପଞ୍ଚାୟତ ଅଫିସକୁ ଯାଆନ୍ତି । ଭୁତଟିକ୍ରା ଓ ବୁଗବୁଗା ଲୋକେ ପ୍ରାୟତଃ ପରିବା ଚାଷ ଉପରେ ନିର୍ଭର କରିଥାନ୍ତି ଏବଂ ସେମାନେ ପତ୍ରାପାଲି ସାପ୍ତାହିକ ହାଟକୁ ପରିବା ବିକ୍ରି କରିବାକୁ ଯାଆନ୍ତି । ହେଲେ ଏହି ରାସ୍ତା ଉପରେ କାହାରି ନଜର ପଡୁନାହିଁ। ଫଳରେ ଏହି ଅଞ୍ଚଳରେ ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ଅନ୍ୟପଟେ ବୁଗବୁଗା ପଞ୍ଚାୟତର ଜାମଟିକ୍ରା ଗ୍ରାମକୁ ମଧ୍ୟ ଭଲ ରାସ୍ତା ନାହିଁ । ଏହି ଗାଁରେ ପ୍ରାୟ ଏକ ହଜାର ଲୋକ ବସବାସ କରନ୍ତି। ଜାମଟିକ୍ରାଠାରୁ ବୁଗବୁଗା ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତା ଏବେ ସାମାନ୍ୟ ବର୍ଷାରେ କାଦୁଅ ପରିପୂର୍ଣ୍ଣ ହୋଇଛି । ରାସ୍ତାରେ ଆଣ୍ଠୁଏ କାଦୁଅରେ ଜାମଟିକ୍ରା ଗ୍ରାମବାସୀ ବୁଗବୁଗା ପଞ୍ଚାୟତ ଅଫିସକୁ ଚାଉଳ ଆଣିବା ଓ ବୁଗବୁଗା ଷ୍ଟେଟ ବ୍ୟାଙ୍କ ଯିବାକୁ ବାଧ ହେଉଛନ୍ତି। ଆମ ଗାଁ ଆମ ବିକାଶ ଯୋଜନାରେ ବୁଗବୁଗା ପଞ୍ଚାୟତକୁ ୩୬ ଲକ୍ଷ ଟଙ୍କା ଅନୁଦାନ ଆସିଥିଲେ ମଧ୍ୟ ଏହି ଅନୁଦାନ ରାଶି ଠିକ ଭାବେ ଖର୍ଚ୍ଚ ହେଉ ନ ଥିବା ଅଭିଯୋଗ ହେଉଛି। ଏହି ପଞ୍ଚାୟତର କଟାତଳ ଗ୍ରାମରେ ଏହି ଯୋଜନାରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯାଉଛି । ହେଲେ ଏହା ୮ରୁ ୯ ଫୁଟ କାମ ହୋଇ ଏବେ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି । ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚାରିବାରୁ ଅଞ୍ଚଳର ସମସ୍ୟା ଗୁଡିକୁ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।



କୁଲୁଣ୍ଡା-ଜାମଟିକ୍ରା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି ।



ବୌଦ୍ଧ ଜିଲା ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ମାଟ୍ରିକ ଜିଲା ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ପୁରୁଣାକଟକ,୨।୭(ଡି.ଏନ.ଏ)**

ଚଳିତ ବର୍ଷ ବୌଦ୍ଧ ଜିଲା ମାଟ୍ରିକ ଟପ୍ପର ହୋଇଥିବା ପୁରୁଣାକଟକ ଉଚ୍ଚ ବିଦ୍ୟାଳୟର ଛାତ୍ର ଶରତ କୁମାର ସାହୁଙ୍କୁ ମଙ୍ଗଳବାର ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସଭାରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ବୌଦ୍ଧ ଜିଲା ପୁରୁଣାକଟକ ପଞ୍ଚାୟତ ରାଜିଂ ଗ୍ରାମର ଡ. ବିଛନ୍ଦ ଚରଣ ପ୍ରଧାନଙ୍କ ତରଫରୁ ସୁବ୍ରତଙ୍କୁ ମାନପତ୍ର ସହ ନଗଦ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁରଲିଧର ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ କୁମାର ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ସଲିଳ କୁମାର ଭୋକ୍ରା, ସାମାଜିକ କର୍ମୀ ବିଜୟ କୁମାର କହଁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶରତ ମାଟ୍ରିକ ପରୀକ୍ଷାରେ ୫୪୮ ମାର୍କ ରଖି ବୌଦ୍ଧ ଜିଲା ଟପ୍ପର ହୋଇଛନ୍ତି ।

## ସଂକ୍ଷେପରେ



### ଜଗନ୍ନାଥଙ୍କ ନେତ୍ରୋତ୍ସବ, ନବଯୌବନ ବେଶ

**ପୁରୁଣାକଟକ,୨।୭(ଡି.ଏନ.ଏ):** ହରଭଙ୍ଗା ବ୍ଲକ ଚାରିଛକ ପୁରୁଷୋତ୍ତମ ଦିବ୍ୟଧାମରେ ଭକ୍ତମାନେ ମହାପ୍ରଭୁଙ୍କ ପବିତ୍ର ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ କରିଛନ୍ତି । ସକାଳୁ ମହାପ୍ରଭୁଙ୍କ ଦୈନିକ ପହଡ ଭାଙ୍ଗିବା ପରେ ନୂତନ ବେଶରେ ଶୃଙ୍ଗାର କରାଯାଇ ସକାଳ ଭୋଗ ମଙ୍ଗଳ ଆଳତି କରାଯାଇଥିଲା । ଏହି ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତମାନଙ୍କ ଗହଳି ଲାଗିରହିଥିଲା । ଦେବୋତ୍ତର ଅଧିକାରୀ ତଥା ତହସିଲଦାର ବବିତା ରାଣୀ ଦଳବେହେରା ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ । ଏହାପରେ ସେ ରଥଯାତ୍ରାର ପୂର୍ବ ପ୍ରସ୍ତୁତି ସମୀକ୍ଷା ରଥନିର୍ମାଣ, ମୀନାବଜାର, ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର ଆଦି ପରିଦର୍ଶନ କରିଥିଲେ । ସେହିପରି ପୁରୁଣାକଟକ, ତିଲେଶ୍ୱର, ରାମଗଡ ଆଦି ସ୍ଥାନରେ ମଧ୍ୟ ଠାକୁରଙ୍କ ନବଯୌବନ ବେଶ ଅନୁଷ୍ଠିତ ହୋଇଥିଲା ।

### ବନ ମହୋତ୍ସବରେ ବୃକ୍ଷରୋପଣ

**ବରପାଲି, ୨।୭ (ଡି.ଏନ.ଏ):** ବରପାଲିରେ ୭୦ ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମଙ୍ଗଳବାର ସ୍ଥାନୀୟ ହାଇସ୍କୁଲ ଫୁଟବଲ ପଡିଆ ପରିସରରେ କେତେକ ଉତ୍ସାହୀ ଯୁବକ ବୃକ୍ଷରୋପଣ କରିଥିଲେ । ଏଥିରେ କଲ୍ୟାଣ ଚାନ୍ଦ, ମହେନ୍ଦ୍ର ମେହେର, ଦିଲୀପ ମେହେର, ଉଦ୍ଧବ ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ କିସମର ବୃକ୍ଷ ରୋପଣ କରି ସଚେତନତା ସୃଷ୍ଟି କରିଥିଲେ ।

### ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା

**ପୁରୁଣାକଟକ,୨।୭(ଡି.ଏନ.ଏ):** ବୌଦ୍ଧ ଜିଲା ପୁରୁଣାକଟକ ବ୍ୟବସାୟୀ ସଂଘର ଏକ ବୈଠକ ମଙ୍ଗଳବାର ସ୍ଥାନୀୟ ଲକ୍ଷ୍ମୀନାରାୟଣ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସଦସ୍ୟ ରମେଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ସଂଘର ବିଭିନ୍ନ ବିଷୟ ଆଲୋଚନା ହୋଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ମନୋନୟନ ହୋଇଥିଲା । ସମରେନ୍ଦ୍ର ବେହେରା ସଭାପତି ଓ ଅଜିତ କୁମାର ଦେହୁରୀଙ୍କୁ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ବଜାରର ପରିମଳ, ଡ୍ରେନେଜ ବ୍ୟବସ୍ଥା ଓ ବିଦ୍ୟୁତୀକରଣ ଆଦି ଉପରେ ଗୁରୁତ୍ୱ ଦିଆଯିବ ବୋଲି ନୂତନ ସଭାପତି ଓ ସମ୍ପାଦକ ସୂଚନା ଦେଇଛନ୍ତି ।

### ବୌଦ୍ଧ ଜିଲାପାଳଙ୍କ ରକ୍ତଭଣ୍ଡାର ପରିଦର୍ଶନ

**ବୌଦ୍ଧ,୨।୭(ସ୍ୱ.ପ୍ର):** ବୌଦ୍ଧର ନୂତନ ଜିଲାପାଳ ଭାବେ ଲଲାଟେନ୍ଦୁ ମିଶ୍ର ମଙ୍ଗଳବାର ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସମୟରେ ରକ୍ତଭଣ୍ଡାର ବୁଲି ଦେଖିଥିଲେ । ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ରକ୍ତଭଣ୍ଡାର ସମ୍ପର୍କରେ ଆଲୋଚନା କରିବା ପରେ ରକ୍ତଦାନ ବିଷୟରେ ବୁଝିଥିଲେ । ଏହାସହ ସେ ନିଜେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବା ପାଇଁ କହି ରକ୍ତ ଦେଇଥିଲେ। ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡା. ମଳୟ କୁମାର ସାହୁ, ଟେକ୍‌ନିସିଆନ୍ ଦିଲୀପ କୁମାର ଭୋଇ, ଦେବଦତ୍ତ କିଷାନ, ରତ୍ନପର୍ଣ୍ଣା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୌଦ୍ଧ ଜିଲାର ମୁଖ୍ୟ ରକ୍ତଦାନ କରିଥିବାରୁ ରକ୍ତଦାତା ପ୍ରବର୍ତ୍ତକ ସଂଘ ସାଧାରଣ ସମ୍ପାଦକ ଦେବାଶିଷ ପୁରୋହିତ ଜିଲାପାଳଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ବୌଦ୍ଧରେ ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ

**ବୌଦ୍ଧ,୨।୭(ସ୍ୱ.ପ୍ର):** ଦେବସ୍ନାନ ପୂର୍ଣ୍ଣିମା ପରଠାରୁ ଦୀର୍ଘ ପନ୍ଦର ଦିନର ଅଣସର ସେବା ପରେ ବୌଦ୍ଧ ଜଗନ୍ନାଥ ମନ୍ଦିରରେ ତିନି ଠାକୁର ଭକ୍ତମାନଙ୍କୁ ନବଯୌବନ ଦର୍ଶନ ଦେଇଛନ୍ତି । ସକାଳୁ ଠାକୁରଙ୍କ ନବଯୌବନ ଦର୍ଶନ ପାଇଁ ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ ଲାଗିଥିବା ବେଳେ ଅପରାହ୍ନରେ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ପାରମ୍ପରିକ ପୂଜା ବିଧି ପରେ ରଥରେ ନେତ ବନ୍ଧା ଯାଇଛି ।

# ନବଯୌବନ ବେଶରେ ଦର୍ଶନ ଦେଲେ ଦଧିବାମନ

**ଭଟଲି,୨।୭(ଡି.ଏନ.ଏ)**

ଭଟଲିର ଶ୍ରୀ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ରଥଯାତ୍ରା ଗୁରୁବାର ଅନୁଷ୍ଠିତ ହେବ। ଏହାପୂର୍ବରୁ ମଙ୍ଗଳବାର ନେତ୍ରୋତ୍ସବ ଏବଂ ପ୍ରଭୁ ଦଧିବାମନଙ୍କ ନବଯୌବନ ବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୈନିକ ନୀତିକାନ୍ତି ସମାପନ ପରେ ମହାପ୍ରଭୁ ଦଧିବାମନ ଅଣବସର ପିଣ୍ଡିରୁ ପୂଜା ମଣ୍ଡପକୁ ଆସିଥିଲେ। ଏହାପରେ ନେତ୍ରୋତ୍ସବ ପୂଜା ଅନୁଷ୍ଠିତ ହୋଇଥିଲା। ହୁଳହୁଳି, ହରିବୋଲ ଏବଂ ନାଗରାବାଦ୍ୟ ଧ୍ୱନିରେ ପୂଜକମାନେ ଠାକୁରଙ୍କ ପାଖକୁ ଯାଇ ତଚକ୍ଷୁଃ ମନ୍ତ୍ର ପାଠକରି ଦଧିବାମନଙ୍କ ନେତ୍ର ପଦ୍ମରେ ଦୁଇଟି ନେତ୍ର ପ୍ରଦାନ କରିଥିଲେ। ଏହା ପୂର୍ବରୁ ମହାପ୍ରଭୁଙ୍କୁ ମହାରଣାଙ୍କ ଦ୍ୱାରା ଚିତ୍ରଣ କରାଯାଇଥିଲା। ଏହି କାର୍ଯ୍ୟ ସମାପନ ପରେ ପ୍ରଭୁଙ୍କ ମଙ୍ଗଳ ଆଳତି କରାଯାଇ ମନ୍ଦିର ଚୂଡ଼ାରେ ନୂତନ ନେତ ବନ୍ଧାଯାଇଥିଲା । ପନ୍ଦରଦିନ ଧରି ଅଣସର ଘରେ ରହି ଜ୍ୱରପୀଡ଼ାରୁ ଆରୋଗ୍ୟ ହୋଇଥିବା ପ୍ରଭୁ ଦଧିବାମନ ନିଜର ଭକ୍ତମାନଙ୍କୁ ନବଯୌବନ ବେଶରେ ଦର୍ଶନ ଦେଇଥିଲେ। ଏହି ଅଣସର ସମୟରେ ଦଧିବାମନଙ୍କ ଦର୍ଶନ ନ ପାଇ ଆତୁର ନୟନରେ ଚାହିଁ ରହିଥିବା ସହସ୍ରାଧିକ ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ କରିଥିଲେ। ମହାପ୍ରଭୁ ଅଣସର ପିଣ୍ଡିରୁ ପୂଜା ମଣ୍ଡପକୁ ଆସିବା ପରେ ମାଉସୀ ମାଁଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ଏଥିପାଇଁ ସନ୍ଧ୍ୟାରେ ପ୍ରଭୁଙ୍କ ଠାରୁ ପୂଜକ ମାନେ ଆଜ୍ଞାମାଳ ନେଇ ରଥଖଳାରେ ପହଞ୍ଚିଥିଲେ। ସେଠାରେ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିବା ନନ୍ଦିଘୋଷ ରଥ ପ୍ରସ୍ତୁତ ହୋଇସାରିଥିବା ବେଳେ ପୂଜକ ମାନଙ୍କ ଦ୍ୱାରା ରଥର ଶୁଦ୍ଧୀକରଣ କରାଯାଇଥିଲା। ପରେ ମାଉସୀ ମାଁ ମନ୍ଦିରରେ ମଧ୍ୟ ନୂତନ ନେତ ବନ୍ଧା ଯାଇଥିଲା।



ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଙ୍କ ନବଯୌବନ ବେଶ ।

# ଜିଲାପାଳଙ୍କ ରଥଖଳା ପରିଦର୍ଶନ

**ବୌଦ୍ଧ,୨।୭(ସ୍ୱ.ପ୍ର)**

ବୌଦ୍ଧର ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ପ୍ରସ୍ତୁତି କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଜିଲାପାଳ ଓ ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ରଥଖଳାରେ ପହଞ୍ଚି ରଥ ନିର୍ମାଣ ଓ ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି କାର୍ଯ୍ୟର ତଦାରଖ କରିଥିଲେ । ବୌଦ୍ଧରେ ଗୋଟିଏ ରଥରେ ତିନି ଠାକୁର ଏକ ସଙ୍ଗରେ ରଥଯାତ୍ରାରେ ବିଜେ କରୁଥିବାବେଳେ ଅନ୍ୟ ଏକ ରଥରେ ହରିଗୁଡିର ତିନି ଠାକୁରଙ୍କୁ ବସାଇ ମହିଳାମାନଙ୍କ ଦ୍ୱାରା ଟଣାଯାଇଥାଏ। ତେବେ ମହରଣା ମାନଙ୍କ ଦ୍ୱାରା ଉଭୟ ରଥର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇସାରିଥିବା ବେଳେ ପୂଜାବିଧି ପରେ ରଥରେ ନେତ ବନ୍ଧା ସରିଛି । ତେବେ ଯାତ୍ରା ଦିନ ଠାକୁରଙ୍କ ସମସ୍ତ ନିତି ନିର୍ଘଣ୍ଟ ଠିକ୍ ସମୟରେ ପାଳନ ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଏନଏସି ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ, ନିଜାରତ ଅଧିକାରୀ, ରଥ ନିର୍ମାଣ ଦାୟିତ୍ୱରେ ଥିବା କର୍ମଚାରୀ ଓ ମହାରଣାମାନେ ଉପସ୍ଥିତ ଥିଲେ ।



ଛାତ୍ରୀଛାତ୍ରମାନେ ପର୍ବତାରୋହଣ ଉପରେ ତାଲିମ ନେଉଛନ୍ତି ।

# ଛାତ୍ରୀଛାତ୍ର ନେଲେ ପର୍ବତାରୋହଣ ତାଲିମ

**ଅତାବିରା, ୨।୭ (ଡି.ଏନ.ଏ)**

ଭେଡେନ ବ୍ଲକର ମାଁ ବିନ୍ଧ୍ୟବାସିନୀ ପୀଠରେ ମଙ୍ଗଳବାର ଏକଦିବସୀୟ ପର୍ବତାରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଅଞ୍ଚଳର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ପର୍ବତାରୋହଣ ବିଷୟ ବୋଲଡ୍ରିଙ୍ଗ, କ୍ରୁମାରିଙ୍ଗ, ରୋପ ସ୍ଲାଇଡିଂ, ରେଡର କ୍ଲାଇମିଂ, ରୋପ ହେଡେରିଂ, ରେପେଲିଂ ଆଦି ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଓଡିଶାର ପ୍ରଥମ ମହିଳା ଏଭରେଷ୍ଟ ଆରୋହୀ କଳ୍ପନା ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଂକ୍ରୀର୍ଡା ସରପଞ୍ଚ ସୁଶାନ୍ତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଭରେଷ୍ଟ ବିଜେତା ଗଣେଶ ଚନ୍ଦ୍ର ଜେନା, ଆନ୍ତର୍ଜାତୀୟ ପର୍ବତାରୋହୀ ଲିପିକା ସେଟ, ନିରାକାର କୁମାର, ଚିନ୍ମୟ ମହାରଣା, ସସ୍ମିତା ସାହୁ, ଅନିତା ସ୍ୱାଇଁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ରତିରଞ୍ଜନ ଭୋଇ, କ୍ଷେତ୍ରମଣି କର୍ଣ୍ଣ, ଅଶ୍ୱିନୀ କୁମାର ପ୍ରଧାନ, ରୋଶେନୀ ଲେକ୍ରା, ଜଗଦୀଶ ଭୋଇ, ଦଲିଲ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପର୍ବତାରୋହିଣୀ ଲିପିକା ସେଟ ଧନ୍ୟବାଦ ଅର୍ପଣ କରିଥିଲେ।

# ଖେଳ ପଡ଼ିଆ ପାଲଟିଛି ଗୋଦାମ

**ବରପାଲି, ୨।୭ (ଡି.ଏନ.ଏ):** ବରପାଲି ରେଳ ଓଭରବ୍ରିଜ ନିର୍ମାଣ କରୁଥିବା ଠିକାଦାରଙ୍କ କବ୍‌ଜାରେ ସ୍ଥାନୀୟ ହାଇସ୍କୁଲ ଫୁଟବଲ ପଡିଆ ରହିଛି । ଏ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୀର୍ଘ ୬ ମାସ ହେଲା ସମ୍ପୃକ୍ତ ଠିକାଦାର ଉକ୍ତ ଖେଳ ପଡିଆକୁ ନିଜ ଅକ୍ତିଆରରେ ରଖି ସେଠାରେ ବାଲି, ଗେଟି ଓ ଲୁହାଛଡ ଆଦି ଗଦାକରି ରଖୁଥିବାରୁ ସମସ୍ୟା ସୃଷ୍ଟି କରୁଛି । ଖେଳ ପଡିଆ ବାଉଣ୍ଡାରିକୁ ଭାଙ୍ଗି ଗୋଦାମ ଓ ରାସ୍ତା ତିଆରି କରିଥିବା କ୍ରୀଡାପ୍ରେମୀ ତଥା ଫୁଟବଲ ଖେଳାଳିଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି । ପ୍ରକାଶଯୋଗ୍ୟ ଯେ, ୧୯୪୪ ମସିହାରୁ ଉକ୍ତ ଫୁଟବଲ ପଡିଆ ହାଇସ୍କୁଲ ତତ୍ତ୍ୱାବଧାନରେ ରହିଛି। ସ୍ୱର୍ଗତ ବିଧାୟକ ସୁବଳ ସାହୁଙ୍କ ଅନୁଦାନ ପାଣ୍ଠିରୁ ବାଉଣ୍ଡାରି ନିର୍ମାଣ କରାଯାଇଥିଲା। ଏ ପ୍ରସଙ୍ଗରେ ପ୍ରଧାନଶିକ୍ଷକ ଶଙ୍କର ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହି ଘଟଣା ପୂର୍ବରୁ ସେ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିବା କହିଥିଲେ।

■ ଦଳିତଙ୍କ ଘରଭଙ୍ଗା ଓ ଗ୍ରାମରୁ ତଡିଦେବା ଘଟଣା

# ସ୍ଥିତି ଅନୁଧ୍ୟାନ କଲେ ବିଡିଓ, ତହସିଲଦାର

**ମନମୁଣ୍ଡା, ୨।୭ (ଡି.ଏନ.ଏ)**

■ ସରକାରୀ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ମିଳିଲାନି

■ ଜିଲାପାଳଙ୍କ ଅଫିସ୍‌ରେ ଅନଶନ କରିବେ

ବୌଦ୍ଧ ଜିଲା ସାନମନମୁଣ୍ଡାର ଏକ ଦଳିତ ପରିବାରଙ୍କ ଘରକୁ ଭାଙ୍ଗିବା ପରେ ସେମାନଙ୍କୁ ଗ୍ରାମରୁ ତଡିଦେବା ଘଟଣାର ଏଯାଏ କୌଣସି ସମାଧାନ ହୋଇପାରିନାହିଁ। ଗିରଫ ଭୟରେ ବହୁ ଗ୍ରାମବାସୀ ଫେରାର ଥିବାବେଳେ ଦଳିତ ପରିବାର ଅନ୍ୟତ୍ର ଆଶ୍ରୟ ନେଇ ଦୁର୍ବିସହ ଜୀବନଯାପନ କରୁଛନ୍ତି। ଏ ନେଇ ଖବର ପ୍ରକାଶ ପାଇବା ପରେ ସୋମବାର କଣ୍ଟାମାଳ ବିଡିଓ ରବିନ୍ଦ୍ର କହଁର ଏବଂ ତହସିଲଦାର ବନ୍ଦନା ଖଟୁଆ, ଜିପିଇଓ ସୁନୀଲ ମଲ୍ଲିକ, ଏସଇଓ ହେମନ୍ତ ନାଏକ, ସରପଞ୍ଚ ଅଞ୍ଜଳି ଭୋଇ ଏବଂ ପରା ଆରଆଇ ପ୍ରମୁଖ ସ୍ଥିତି ଅନୁଧ୍ୟାନ କରିଥିଲେ । ବିଡିଓ ଏବଂ ତହସିଲଦାର କ୍ଷତିଗ୍ରସ୍ତ ଦଳିତ ପରିବାରଙ୍କ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦେବା ପରେ ସରକାରୀ ସାହାଯ୍ୟ ଦେବା କଥା ଜିଲାପାଳ ବିଚାର କରିବେ ବୋଲି ବିଡିଓ କହଁର କହିଥିଲେ। ତହସିଲଦାର କେତେକ ଗ୍ରାମବାସୀଙ୍କୁ ଡାକି ସରକାରୀ ଜାଗା ଚିହ୍ନଟ ପୂର୍ବକ କୁଞ୍ଜଘର ନିର୍ମାଣ ପାଇଁ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷେ ସରକାରୀ ସାହାଯ୍ୟ ମିଳିବାର କୌଣସି ପ୍ରତିଶ୍ରୁତି ନ ମିଳିବାରୁ ଦଳିତ ପରିବାର ହତାଶ ହୋଇପଡିଛନ୍ତି। ସେମାନେ ବର୍ତ୍ତମାନ ବର୍ଷା ଦିନରେ କେଉଁଠି ରହିବେ। ପିଲାମାନେ କେମିତି ପାଠ ପଢ଼ିବେ ଆଦି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସେମାନେ ଜିଲାପାଳଙ୍କୁ ଫେରାଦ ହେବେ ବୋଲି କ୍ଷତିଗ୍ରସ୍ତ ପରିବାରର ଉମେଶ ନାଏକ କହିଛନ୍ତି ।

■ କାଳବୈଶାଖୀରେ ଭାଙ୍ଗିଲା ସ୍କୁଲ ଆଜବେଷ୍ଟସ

# ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବାଧା

**ମନମୁଣ୍ଡା, ୨।୭ (ଡି.ଏନ.ଏ)**

ବୌଦ୍ଧ ଜିଲା ଶଗଡା ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି। ଏହି ସ୍କୁଲର ଘର ଆଜ୍‌ବେଷ୍ଟସ ଭାଙ୍ଗି ଯାଇଥିବାରୁ ପିଲାମାନେ ବାରଣ୍ଡାରେ ପଢୁଛନ୍ତି। ଏହି ସ୍କୁଲରେ ନବମ ଶ୍ରେଣୀରେ ୧୭୭ ଏବଂ ଦଶମ ଶ୍ରେଣୀରେ ୧୬୫ ଛାତ୍ରୀଛାତ୍ର ପଢୁଛନ୍ତି। ମୋଟ୍ ୫ଟି ଶ୍ରେଣୀ ପ୍ରକୋଷ୍ଠ ମଧ୍ୟରୁ ୩ଟିର ଆଜବେଷ୍ଟସ କାଳବୈଶାଖିରେ ଭାଙ୍ଗି ଯାଇଛି । ଫଳରେ ବର୍ଷା ହେଲେ ୨ଟି ଶ୍ରେଣୀ ପ୍ରକୋଷ୍ଠରେ ସବୁ ଛାତ୍ରୀଛାତ୍ର ବସିବା ସମ୍ଭବ ହେଉନାହିଁ। ତେଣୁ ଛାତ୍ରୀଛାତ୍ରମାନେ ବାରଣ୍ଡାରେ ବସି ପାଠ ପଢୁଥିବା ଦେଖିବାକୁ ମିଳିଛି। ଏବଂ ସାମାନ୍ୟ ବର୍ଷା ହେଲେ ସ୍କୁଲ କର୍ତ୍ତୃପକ୍ଷ ଛୁଟି କରିବାକୁ ବାଧ ହେଉଛନ୍ତି। ଫଳରେ ପାଠପଢ଼ାରେ ଘୋର ଅସୁବିଧା ଦେଖାଦେଇଛି। ସେହିପରି ସ୍କୁଲ କୋଠା ଫାଟି ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଉକ୍ତ କୋଠା ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ସ୍ଥାନୀୟ ବିଧାୟକ ୨ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ। କିନ୍ତୁ ତାହା ବ୍ୟବହାର ଯୋଗ୍ୟ ନ ଥିବା ଯନ୍ତ୍ରୀ କହିବାରୁ କାମ ଅଟକି ଯାଇଛି। ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ତିନି ବର୍ଷ ତଳେ ୩ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। କିନ୍ତୁ ତାହାର ନିର୍ମାଣ ଅଧାପନ୍ତରିଆ ହୋଇ ପଡିରହିଛି । ଏହି ଅବ୍ୟବସ୍ଥା ଦୂର କରିବା ପାଇଁ ସୋମବାର ସ୍କୁଲ କର୍ତ୍ତୃପକ୍ଷ, ପରିଚାଳନା କମିଟି ଏବଂ ପୁରାତନ ଛାତ୍ରମାନଙ୍କୁ ନେଇ ଏକ ସଭା କରାଯାଇଥିଲା। ପଞ୍ଚାୟତ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଦେଇ ଆଜବେଷ୍ଟସ ଘରକୁ ମରାମତି କରିବା ପାଇଁ ସରପଞ୍ଚ ବାସନ୍ତୀ ଦନ୍ତା କହିଥିଲେ। ସ୍କୁଲ କୋଠାର ବଳକା ଅର୍ଥ, ବିଧାୟକ ଦେଇଥିବା ୨ ଲକ୍ଷ ଅନୁଦାନ ରାଶିକୁ ଅଧାପନ୍ତରିଆ ଭାବେ ପଡି ରହିଥିବା ପ୍ରକୋଷ୍ଠ ଗୁଡିକୁ ନିର୍ମାଣ କରିବା ପାଇଁ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଦୃତିକୃଷ୍ଣ ଦନ୍ତା, ଜିଲା ବିଜୁ କୃଷକ ଜନତା ଦଳ ସଭାପତି ଶାନ୍ତନୁ ଥାଟି ପ୍ରମୁଖ ଉପସ୍ଥିତ ଥିଲେ ।



କାଳବୈଶାଖୀରେ ସ୍କୁଲ ଆଜବେଷ୍ଟସ ଭାଙ୍ଗି ଯାଇଛି ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆଁ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



# ୨.୮୫ ଲକ୍ଷ ଟଙ୍କା ସହ ସୁନା ଚୋରି



**ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ**

ଆଲମିରା ପଡ଼ିଥିବା ସ୍ଥାନରେ ପୋଲିସ ତଦନ୍ତ କରୁଛି।

**ଅନୁଗୋଳ ଅଫିସ, ୨।୭**

ପ୍ରବଳ ବର୍ଷା ବେଳେ ଅନୁଗୋଳ ଥାନା ଜରାସିଂହାରୁ ସୋମବାର ରାତିରେ ହୋଇଛି ଚୋରି। ଦୁର୍ବୃତ୍ତମାନେ ଘନଶ୍ୟାମ ସାହୁଙ୍କ ଘରେ ପଶି ନଗଦ ୨.୮୫ ଲକ୍ଷ ଟଙ୍କା ସହ ସୁନାଗହଣା ଓ ୩୫ ହଜାର ବିଦେଶୀ ମୁଦ୍ରା ନେଇଯାଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ପୋଲିସ ଘଟଣାସ୍ଥଳରେ ସନ୍ଧାନୀ କୁକୁର ନେଇ ତଦନ୍ତ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୂଚନା ପାଇପାରି ନାହିଁ। ଏ ସଂକ୍ରାନ୍ତରେ ନଂ. ୪୮୫/୧୯ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ରାତିରେ ବର୍ଷାର ସୁଯୋଗ ନେଇ ଦୁର୍ବୃତ୍ତମାନେ ମୁଖ୍ୟ ଫାଟକ ତାଲା ଭାଙ୍ଗି ଘନଶ୍ୟାମଙ୍କ ଘରେ ପଶିଥିଲେ। ପ୍ରଥମେ ଦୁଇଟି ବଖରାରୁ ଚୋରି କରିବା ପରେ ଅନ୍ୟ ଏକ ବଖରାରେ ଥିବା ଆଲମିରାକୁ ଉଠାଇ ଘରୁ ପ୍ରାୟ ଶହେ ମିଟର ଦୂରକୁ ନେଇ ଯାଇଥିଲେ। ସେଠାରେ ତାଲା ଭାଙ୍ଗି ୨ ଲକ୍ଷ ୮୫ ହଜାର ଟଙ୍କା, ୩ଟି ସୁନା ହାର, ୨ଟି ସୁନା ଚେନ, ୧୨ଟି ମୁଦି, ୨ ହଳ କାନଫୁଲ ଓ ୩୫ ହଜାର ବିଦେଶୀ ମୁଦ୍ରା ଧରି ଫେରାର ହୋଇଯାଇଥିଲେ। ସକାଳୁ ପରିବାର ଲୋକମାନେ ସମସ୍ତ ଜିନିଷ ଏଣେ ତେଣେ ପଡ଼ିଥିବା ଦେଖି ଚୋରି ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ତୁରନ୍ତ ସେମାନେ ଅନୁଗୋଳ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ପରେ ଘର ସହ ପରିଚିତ କୌଣସି ବ୍ୟକ୍ତିଙ୍କ ଏଥିରେ ସମ୍ପୃକ୍ତି ଥିବା ଅନୁମାନ କରିଛି। ତଦନ୍ତ ଜାରି ରହିଥିବାରୁ ଖୁବ୍‌ଶୀଘ୍ର ଦୁର୍ବୃତ୍ତମାନଙ୍କୁ ଧରାଯିବ ବୋଲି ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ପ୍ରକାଶ କରିଛନ୍ତି।

# ସୁବର୍ଣ୍ଣପୁର : ରବି ଧାନ କିଣା ସରିଲା

- ଲକ୍ଷ୍ୟଠାରୁ ସଂଗ୍ରହ ହୋଇଛି ଅଧିକ ୧୮୦୧ କୁଇଣ୍ଟାଲ
- ଟାର୍ଗେଟ୍ ବଢ଼ିଲାନି, ମଣ୍ଡିରେ ପଡିଛି ଧାନ

**ସୋନପୁର,୨।୭(ନି.ପ୍ର.)**

ଚଳିତ ବର୍ଷର ରବି ଧାନ କିଣା ଜୁନ୍ ୩୦ ତାରିଖରେ ସରିଛି । କିନ୍ତୁ ରାଜ୍ୟର ତୃତୀୟ ସର୍ବାଧିକ ଧାନ ଉତ୍ପାଦନ କରୁଥିବା ସୁବର୍ଣ୍ଣପୁର ଜିଲାର ଚାଷୀଙ୍କ ଦୁର୍ଦ୍ଦଶା ଦୂର ହୋଇ ପାରି ନାହିଁ। ବିଭିନ୍ନ ମଣ୍ଡିରେ ଚାଷୀଙ୍କ ବଳକା ଧାନ ବିକ୍ରି ନ ହୋଇ ପଡିରହିଛି । ଜିଲାର ଉଲୁଣ୍ଡା ବ୍ଲକର ଯାଲୋଏ, ଚଢେଇପଙ୍କ, ବୀରମହାରାଜପୁର ବ୍ଲକର କେଁଝରିଆପାଲି, ମୁର୍ଷୁଣ୍ଡି, ଡୁଙ୍ଗୁରିପାଲି ବ୍ଲକର ମାୟାବାହାଁ, ସାରସମାଲ, ସହଲା ଓ ବେହେରାମାଲ ଭଳି ମଣ୍ଡିରେ ହଜାର ହଜାର ଧାନ ବସ୍ତା ଖୋଲା ଆକାଶ ତଳେ ପଡିଛି। ବର୍ଷାରେ ଧାନ ଭିଜୁଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି । ସେମାନଙ୍କ ଦୁଃଖ ବୁଝିବାକୁ କେହି ନାହାଁନ୍ତି । ଚଳିତ ବର୍ଷ ଭଲ ଧାନ ଅମଳ ହୋଇଥିଲା । ଛତିଶଗଡ଼ରୁ ମଧ୍ୟ ଧାନ ଆସି କମ୍ ଦରରେ ବିକ୍ରି ହେଲା । ମେ ୧୭ ତାରିଖରୁ ଧାନ କିଣା ଆରମ୍ଭ ହୋଇଥିବାରୁ କମ୍ ସମୟ ମଧ୍ୟରେ ଚାଷୀଙ୍କ ଧାନ କିଣିବା ସମ୍ଭବ ହୋଇପାରି ନାହିଁ। ସୂଚନା ଅନୁଯାୟୀ ଜିଲାରୁ ୨୩ ଲକ୍ଷ ୮୨ ହଜାର ୩୫୨ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖିଥିଲା। ତେବେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ୧୮୦୧ କୁଇଣ୍ଟାଲ ଅର୍ଥାତ୍ ୨୩ ଲକ୍ଷ ୮୪ ହଜାର ୧୫୩ କୁଇଣ୍ଟାଲ ଧାନ ରାଜ୍ୟ ଯୋଗାଣ ନିଗମ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଜରିଆରେ ସଂଗ୍ରହ କରିଛି । ଜିଲାର ୨୧ ହଜାର ୩୧୯ ଜଣ ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିଥିବା ସରକାରୀ ତଥ୍ୟରୁ ଜଣାପଡିଛି। ୪୮ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଜରିଆରେ ଚାଷୀଙ୍କଠାରୁ ଏକର ପ୍ରତି ୨୬ କୁଇଣ୍ଟାଲ ହାରରେ ଧାନ କିଣାଯାଇଛି । ଜିଲାର ୪୧ଟି ମିଲର୍ସ ଓ ସମ୍ବଲପୁର ଜିଲାର ୭ଟି ମିଲର୍ସ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଥିଲେ । ଧାନ ସଂଗ୍ରହ ସମୟରେ ମିଲ ମାଲିକ, ସମବାୟ ସଂସ୍ଥା ଓ ଆର୍‌ଏମ୍‌ସିର ଅସାଧୁ ମେଣ୍ଟ ହୋଇଥିଲା। ମିଲମାଲିକମାନେ ପୂର୍ବରୁ ଅଣ୍ଡର ରେଟ୍‌ରେ ବ୍ୟବସାୟୀଙ୍କଠାରୁ ଧାନ କିଣି ନେଇଥିଲେ। ସରକାର ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୭୫୦ଟଙ୍କା ଧାର୍ଯ୍ୟ କରିଥିବା ବେଳେ ଚାଷୀଙ୍କୁ ସେତେକ ଟଙ୍କା ମିଳି ନ ଥିଲା । ମଣ୍ଡିଗୁଡିକ କେବଳ ଧର୍ମକୁ ଆଖିଠାର ଭଳି ଖୋଲା ଯାଇଥିଲା। ଚାଷୀଙ୍କ ଧାନ ରଖିବାକୁ ମଣ୍ଡିରେ କୌଣସି ସୁରକ୍ଷିତ ବ୍ୟବସ୍ଥା ନ ଥିଲା। ତେଣୁ ଚାଷୀଙ୍କ ଧାନ ମଣ୍ଡିକୁ ନୁହେଁ ବରଂ ରାଇସ୍ ମିଲକୁ ସିଧାସଳଖ ଯାଇଥିଲା। ମିଲର୍ସମାନେ ଶ୍ରମିକଙ୍କୁ ଟଙ୍କା ନ ଦେଇ ସରକାରଙ୍କଠାରୁ ଧାନ ଲୋଡିଂ ଅନଲୋଡିଂ ସକାଶେ ପ୍ରାପ୍ୟ ପାଇବାର ସମସ୍ତ ବ୍ୟବସ୍ଥା ହୋଇଥିଲା। ପ୍ୟାକ୍ସ ପକ୍ଷରୁ ଧାନ ସଂଗ୍ରହର ମିଥ୍ୟା କାଗଜପତ୍ର ପ୍ରସ୍ତୁତ ହୋଇଥିଲା । ଧାନ କିଣାରେ ସ୍ୱଚ୍ଛତା ପାଇଁ ପି-ପାସ ବ୍ୟବସ୍ଥା ହୋଇଛି । ଚାଷୀଙ୍କ ଆକାଉଣ୍ଟରେ ଧାନ ବିକ୍ରି ଟଙ୍କା ଜମା ହେଉଛି । ହେଲେ ଚାଷୀ ଶୋଷିତ ହେଉଛନ୍ତି । ଚାଷୀଙ୍କ ଧାନକୁ ଅଣ୍ଡର ରେଟ୍‌ରେ ବ୍ୟବସାୟୀମାନେ କିଣି ନେଇଥିଲେ । ପ୍ରତି ବଦଳରେ ସରଳ ଚାଷୀ ନିଜ ଏଟିଏମ୍ ଓ ବ୍ୟାଙ୍କ ଜମା ଖାତା ବ୍ୟବସାୟୀଙ୍କୁ ଦେଇଛନ୍ତି। ବ୍ୟବସାୟୀମାନେ ହିଁ ଚାଷୀଙ୍କ ଧାନ ବିକ୍ରି ଟଙ୍କା ଉଠାଇବେ । ଏହା ହିଁ ଥିଲା ଜିଲାର ଧାନ କିଣାର ବାସ୍ତବ ସ୍ଥିତି । ପ୍ରଶାସନ ଜାଣି ମଧ୍ୟ କିଛି କରିପାରି ନ ଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକରା କୁହନ୍ତି ଚାଷୀଙ୍କ ପାଖରେ ଧାନ ରହିଯାଇଛି । ଆମେ ଏଆରସିଏସଙ୍କଠାରୁ ରିପୋର୍ଟ ମାଗିଛୁ। ଅଧିକ ୩୦ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଅନୁମତି ଦେବାକୁ ରାଜ୍ୟ ସରକାରଙ୍କୁ ଜିଲାପାଳ ଚିଠି ଲେଖିଛନ୍ତି । ୭ ଦିନ ଅଧିକ ସମୟ ଦେଲେ ଚାଷୀଙ୍କ ଧାନ ଉଠିପାରନ୍ତା । ସରକାରଙ୍କ ନିଷ୍ପତ୍ତି ଉପରେ ହିଁ ଏସବୁ ନିର୍ଭର କରୁଛି ।



## ନବଯୌବନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

**ଅମରପାଲି, ୨।୭ (ଡି.ଏନ.ଏ)**

ବୀରମହାରାଜପୁର ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ମହାପ୍ରଭୁଙ୍କ ନବଯୌବନ ବେଶ ଦର୍ଶନ ପାଇଁ ଭକ୍ତଙ୍କ ଭିଡ ଲାଗି ରହିଥିଲା। ସ୍ନାନପୂର୍ଣ୍ଣମୀଠାରୁ ୧୫ ଦିନ ଧରି ଶ୍ରୀଜୀଉ ଅଣସର ଘରେ ଥିଲେ। ମଙ୍ଗଳବାର ବିଗ୍ରହଙ୍କୁ ଅଣସର ଘରୁ ଅଣାଯାଇ ବାହାରି ମଣ୍ଡପରେ ବିଜେ କରାଯାଇଥିଲା। ମଣ୍ଡପରେ ବିଜେ ପରେ ସ୍ୱତନ୍ତ୍ର ବେଶ କରାଯାଇଥିଲା। ଯଥାରୀତି ପୂଜାର୍ଚ୍ଚନା ପରେ ଭକ୍ତଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଭଜନ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଅଞ୍ଚଳର ବହଲପଦର, ଲୁଡୁରପଙ୍କ, ବର୍ଡ଼ାକଟା, ଖଣ୍ଡହତା, ମାଣିକପୁର, ଖଇମାଲ, ଉଫୁଲା, ମୁର୍ଷୁଣ୍ଡୀ, ସୁବଳୟା ଆଦି ଗ୍ରାମରେ ଶତାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ନବଯୌବନ ବେଶରେ ଦର୍ଶନ କରିଥିଲେ।

# ମ୍ୟାଲେରିଆ, ଡେଙ୍ଗୁ ଚେତନତା ପକ୍ଷ ଶୁଭାରମ୍ଭ

**ବିନିକା,୨।୭(ଡି.ଏନ୍.ଏ.)**

ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ମଙ୍ଗଳବାର ଡେଙ୍ଗୁ, ମ୍ୟାଲେରିଆ ଓ ଡାଇରିଆର ସଚେତନତା ପକ୍ଷ ଶୁଭାରମ୍ଭ ହୋଇଯାଇଛି । ଏହା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ଅମିତା ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ମେଡିକାଲ ଅଫିସର ଜୟ ପ୍ରକାଶ ପଧାନ, ଡ. ଦିଲୀପ ପାଣ୍ଡିଆ, ବ୍ଲକ ପ୍ରୋଗ୍ରାମ ମେନେଜର ନାରାୟଣ ମେହେର, ପ୍ରଫୁଲ୍ଲ ମଲ୍ଲିକ, ବୃନ୍ଦାବନ ଦୀପ ପ୍ରମୁଖ ଯୋଗଦେଇଥିଲେ। ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ପକ୍ଷପାଳନ ଅବସରରେ ୫ ବର୍ଷରୁ କମ୍ ଶିଶୁମାନଙ୍କୁ ଜିଙ୍କ୍, ଓଆର୍‌ଏସ୍ ବଣ୍ଟନ କରିବା ସହିତ ତରଳ ଝାଡାର ସରଳ ଉପଚାର ତଥା ନିରାକରଣ ପାଇଁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିନିକା ଏନଏସି ସୁପର ଭାଇଜର କନକଲତା ନେପାକଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଅଙ୍ଗନୱାଡି କର୍ମୀ ଏବଂ ଆଶା କର୍ମୀ ପ୍ରମୁଖ ଯୋଗ ଦେଇଥିଲେ।

# ସିଣ୍ଢୋଲ କଲେଜରେ ବନ ମହୋତ୍ସବ

**ଉଲୁଣ୍ଡା,୨।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବନାଞ୍ଚଳ ଅଧୀନ ସିଣ୍ଢୋ ଲ ଆଞ୍ଚଳିକ ମହାବିଦ୍ୟାଳୟରେ ବନବିଭାଗ ପକ୍ଷରୁ ୭୦ତମ ବନମହୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ବନାଞ୍ଚଳ ଅଧିକାରୀ ଶିବ ପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସମାନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସେହିପରି ଉଲୁଣ୍ଡା ଅତିରିକ୍ତ ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ, ଯୁକ୍ତ ୩ ମହାବିଦ୍ୟାଳୟ ଅଧ୍ୟକ୍ଷା ଗୀତାଞ୍ଜଳି ପଣ୍ଡା, ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଶ୍ରୀକୁମାର ଦାସ, ହୃଦାନନ୍ଦ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ଉଲୁଣ୍ଡା ବନପାଳ ଦିନେଶ ପ୍ରସାଦ ମାଝି, ଗୋବିନ୍ଦ କୁଅଁର, ବନରକ୍ଷୀ ବନମାଳୀ ପାଣ୍ଡେ, ଶକ୍ତି ଧରୁଆ, ସୁନିଲା ସାହୁ, ସୁଚରିତା ନାଏକ, ପଦ୍ମ ଲୋଚନ ଜୋଷୀ, ଅମନ କୁମାର, ଓମ ବରର୍ଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ କୁମାର ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।



ଅତିଥିମାନେ ଚାରାରୋପଣ କରି ପୂଜାର୍ଚ୍ଚନା କରୁଛନ୍ତି।

# ଜିଏମ୍‌ୟୁରେ ୧୪୪ ପଦ ପୂରଣ ପାଇଁ ସରକାରଙ୍କ ସ୍ୱୀକୃତି

## ପୂର୍ବର ୩୨ଶହ ଆବେଦନ ରଦ୍ଦ ହେବ

**ସମ୍ବଲପୁର,୨।୭(ବ୍ୟୁରୋ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ (ଜିଏମୟୁ)ରେ ଖାଲି ପଡିଥିବା ବିଭିନ୍ନ ପଦ ଖୁବ୍ ଶୀଘ୍ର ପୂରଣ ହେବ। ରାଜ୍ୟ ସରକାର ୧୪୪ ପଦ ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏନେଇ ଜିଏମୟୁ ଉପ କୁଳ ସଚିବ ଉମାଚରଣ ପତି କହିଛନ୍ତ ଯେ, ପୂର୍ବରୁ ବିଭିନ୍ନ ପଦ ପାଇଁ ଆବେଦନ କରିଥିବା ୩୨ ଶହ ଆବେଦନ ଫର୍ମକୁ ରଦ୍ଦ କରାଯିବ । ହେଲେ ପୂର୍ବରୁ ଆବେଦନ କରିଥିବା ପ୍ରାର୍ଥୀମାନେ ପୁଣି ଥରେ ଆବେଦନ କରିପାରିବେ । ସେମାନେ ଆବେଦନ ଫି ୨୫ ଶହ ଟଙ୍କା ବଦଳରେ ମାତ୍ର ୨୫୦ ଟଙ୍କା ଦେବାକୁ ପଡିବ। ହେଲେ ନୂଆ ଆବେଦନକାରୀଙ୍କୁ ପୂରା ୨୫ ଶହ ଟଙ୍କା ଦେବାକୁ ପଡିବ। ସୂଚନା ଯୋଗ୍ୟ ଯେ, ବିଶ୍ୱବିଦ୍ୟାଳୟରେ ୯୬ ଅଧ୍ୟାପକ ପଦ ସହ ଅନ୍ୟାନ୍ୟ ପଦ ମଧ୍ୟ ଖାଲି ପଡିଛି । ଅତିଥି ଅଧ୍ୟାପକଙ୍କ ଭରସାରେ ପାଠ ପଢା ଚାଲିଛି। ତେଣୁ ୨୦୧୮ ଜୁନରେ ଅଧ୍ୟାପକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସେ ସମୟରେ ୩୨ ଶହ ଆବେଦନ ଆସିଥିଲା । ହେଲେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦେଶର ଅନ୍ୟ ବିଶ୍ୱ ବିଦ୍ୟାଳୟ ସହ ଜିଏମୟୁରେ ମଧ୍ୟ ରହିତାଦେଶ ଲାଗୁ ହୋଇଥିଲା । ହେଲେ ଏବେ ପୁଣି ଥରେ ରାଜ୍ୟ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି।

### ଶୋଇଥିବା ଯୁବକଙ୍କୁ ତଣ୍ଟି କାଟି ହତ୍ୟା ଉଦ୍ୟମ ଘଟଣା

# ୨୨ ଦିନ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ଅମରପାଲି,୨।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଧୀନ ହିଲୁଙ୍ଗ ପଞ୍ଚାୟତ କର୍ଣ୍ଣପାଲି ଗ୍ରାମରେ ଘର ଛାତ ଉପରେ ଶୋଇଥିବା ଜଣେ ଯୁବକଙ୍କ ତଣ୍ଟି କାଟି ହତ୍ୟା ଉଦ୍ୟମ କରି ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ବୀରମହାରାଜପୁର ପୋଲିସ କଟକରୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଚମ୍ପାମାଲ ଗ୍ରାମର ସୁଦାମ ମେଣ୍ଡିଲି(୨୫) । ଏନେଇ ମଙ୍ଗଳବାର ବୀରମହାରାଜପୁର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରିଣୀ ପ୍ରଭା ଧଳ ସୂଚନା ଦେଇଛନ୍ତି। ପୋଲିସ ତାଙ୍କ ନିକଟରୁ ଏକ ଛୁରି ଜବତ କରିଛି । ସୂଚନା ଯୋଗ୍ୟ, ଗତ ୧୦ ତାରିଖ ରାତିରେ କର୍ଣ୍ଣପାଲି ଗ୍ରାମର ବାସୁଦେବ ଖଣ୍ଡଗିରି(୩୨) ଗରମ ଯୋଗୁ ଛାତ ଉପରେ ଶୋଇଥିଲେ । ହେଲେ ବିଳମ୍ବିତ ରାତିରେ କେତେଜଣ ଯୁବକ ଘରେ ପଶି ବାସୁଦେବଙ୍କ ତଣ୍ଟି କାଟି ହତ୍ୟା ଉଦ୍ୟମ କରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ବାସୁଦେବଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନା ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସେ ଚିକିତ୍ସାଧୀନ ଅଛନ୍ତି। ଏନେଇ ପରିବାର ଲୋକେ ବୀରମହାରାଜପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୧୧୨/୧୯) ରୁଜୁ କରିଥିଲା। ପୋଲିସ ଘଟଣାସ୍ଥଳରୁ ଜବତ ପର୍ସ ଏବଂ ଜୋତାକୁ ଆଧାର କରି ତଦନ୍ତ କରିଥିଲା। ଏନେଇ ପୋଲିସର ଏକ ଟିମ୍ କଟକରେ ଚଢ଼ାଉ କରି ଘଟଣାରେ ସମ୍ପୃକ୍ତ ସୁଦାମଙ୍କୁ ଧରିବାରେ ସଫଳ ହୋଇଥିଲା। ହେଲେ ଘଟଣାରେ ସମ୍ପୃକ୍ତ ଅନ୍ୟ ୨ଜଣ ଫେରାରଥିବା ଜଣାପଡିଛି। ସେମାନଙ୍କୁ ମଧ୍ୟ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ପାତାଳି କ୍ଷେତ୍ରରେ ଜଗନ୍ନାଥଙ୍କ ନବଯୌବନ ଦର୍ଶନ

**ଉଲୁଣ୍ଡା୨.୭(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ପାତାଳି ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ପାରମ୍ପରିକ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦେବସ୍ନାନ ପୂର୍ଣ୍ଣୀମାରୁ ଅସୁସ୍ଥ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଗୁପ୍ତ ପୂଜା, ସେବା ତଥା ପଞ୍ଚମୂଳ, ଦଶମୂଳ ସେବା ପରେ ଠାକୁର ଭକ୍ତଙ୍କୁ ନବଯୌବନ ଦର୍ଶନ ଦେଇଛନ୍ତି। ପୂଜକ ଗୁଣାକର ପଣ୍ଡାଙ୍କ ସମେତ ଅଚାର୍ଯ୍ୟ ଦେବାର୍ଚ୍ଚନ ଦାସ ପ୍ରତିଷ୍ଠା କାର୍ଯ୍ୟ ହୋମଯଜ୍ଞ, ପଞ୍ଚାମୃତ ସ୍ନାନ, ଆଳତୀ ଆଦି କରିଥିଲେ। କର୍ତ୍ତା ଭାବେ ଚମ୍ପୁରୁ ଅମାତ କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ନନ୍ଦି ଘୋଷ, ଦେବଦଳନ ଓ ତାଳଧ୍ୱଜ ରଥରେ ନେତ ବନ୍ଧାଯାଇଥିଲା। ଘଣ୍ଟ ଦଳ, ସଂକୀର୍ତ୍ତନ ଦଳ, ପହଣ୍ଡି ସେବାୟତ ଆଦିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେହିପରି ଉଲୁଣ୍ଡା ସଦରରେ ଜଗନ୍ନାଥଙ୍କ ନେତ୍ରୋତ୍ସବ ଏବଂ ନବଯୌବନ ଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଦଶରଥ ମହାପାତ୍ର ଯଜ୍ଞ କାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତା ଭାବେ ରମେଶ ଅଗ୍ରୱାଲ ଏବଂ ତାଙ୍କ ସ୍ତ୍ରୀ କର୍ତ୍ତା ଭାବେ ରହିଥିଲେ। ପୂଜାର୍ଚ୍ଚନା ପରେ ରଥରେ ନେତ ବନ୍ଧନ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଜଗନ୍ନାଥଙ୍କ ନବଯୌବନ ଦର୍ଶନ କରିଥିଲେ।



ନବଯୌବନ ବେଶରେ ଦର୍ଶନ ଦେଉଛନ୍ତି ମହାପ୍ରଭୁ।

### ସୁବର୍ଣ୍ଣପୁର ଭାଜପାର ଘଡ଼ିକେ ଘୋଡ଼ା

## ଅଶୋକ ପୃଷ୍ଟି ହେଲେ ଜିଲା ସଦସ୍ୟତା ପ୍ରଭାରୀ



ଅଶୋକ ପୃଷ୍ଟି

**ସୋନପୁର,୨।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଭାଜପାରେ ଘଡିକେ ଘୋଡା ଛୁଟୁଛି । ୨ ଦିନ ପୂର୍ବରୁ ନିଯୁକ୍ତ ହୋଇଥିବା ଜିଲା ସଦସ୍ୟତା ପ୍ରଭାରୀଙ୍କୁ ହଟାଇ ଦିଆଯାଇଛି । କେନ୍ଦୁଝରର ପ୍ରାକ୍ତନ ଏମ୍‌ପି ତଥା ଭାଜପାର ରାଜ୍ୟ ସଦସ୍ୟତା ପ୍ରମୁଖ ଦାୟିତ୍ୱରେ ଥିବା ଅନନ୍ତ ନାଏକ ସୁବର୍ଣ୍ଣପୁର ଜିଲାର ବରିଷ୍ଠ ନେତା ବଳଦେବ ପ୍ରସାଦ ବେହେରାଙ୍କୁ ସୁବର୍ଣ୍ଣପୁର ଜିଲା ସଦସ୍ୟତା ପ୍ରଭାରୀ ଭାବେ ନିଯୁକ୍ତ କରିଥିଲେ। ବଳଦେବଙ୍କ ସମର୍ଥକ ଖୁସି ହୋଇଥିଲେ। ସୋମବାର ଅଶୋକ ପୃଷ୍ଟିଙ୍କୁ ଏହି ପଦରେ ନିଯୁକ୍ତି ଦିଆଯାଇଛି। ଏ ସମ୍ପର୍କରେ ରାଜ୍ୟ କାର୍ଯ୍ୟାଳୟରୁ ଭାଜପା ଜିଲା ସଭାପତି ବିଜୟ ମହାକୁରଙ୍କ ନିକଟକୁ ଚିଠି ଆସିଛି । ଗୋଷ୍ଠୀ କନ୍ଦଳ ଯୋଗୁ ଗତ ବିଧାନସଭା ନିର୍ବାଚନରେ ଭାଜପା ପରାଜୟବରଣ କରିଥିଲା । ହେଲେ ଦଳ ଏଥିରୁ ମଧ୍ୟ ଶିକ୍ଷା ପାଇ ନ ଥିବା ସ୍ପଷ୍ଟ ହୋଇଛି । ସେହିପରି ଏହି ଘଟଣାରୁ ଭାଜପା ଜିଲା ସଂଗଠନରେ ସବୁ ଠିକ୍‌ଠାକ୍ ଚାଲି ନ ଥିବା ମଧ୍ୟ ସାମ୍ନାକୁ ଆସିଛି । ପ୍ରକାଶ ଯେ, ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ କରିବା ପାଇଁ ଭାଜପା ସଦସ୍ୟ ସଂଖ୍ୟା ବଢାଇବ। ଦଳ ଓଡ଼ିଶାରେ ପୁଣି ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି। ଏହି କ୍ରମରେ ଅଶୋକଙ୍କୁ ସହାୟତା ପାଇଁ ବିନିକାର ବରିଷ୍ଠ ନେତା ମହେନ୍ଦ୍ର ମହାନନ୍ଦଙ୍କୁ ଜିଲା ସଦସ୍ୟତା ପ୍ରମୁଖ ଓ ରାମପୁରର ଶିବରାଜ ବେହେରାଙ୍କୁ ଜିଲା ସଦସ୍ୟତା ସହ ପ୍ରମୁଖ ଭାବେ ମନୋନୀତ କରାଯାଇଛି ।

# ସିଂଘିଯୁବାରେ ନେତ୍ରୋତ୍ସବ ପାଳିତ

**ବିନିକା,୨।୭(ଡି.ଏନ୍.ଏ.)**

ବିନିକା ବ୍ଲକ ସିଂଘିଯୁବା ଗ୍ରାମରେ ମଙ୍ଗଳବାର ଠାକୁରଙ୍କ ନେତ୍ରୋତ୍ସବ ପାଳିତ ହୋଇଯାଇଛି । ପ୍ରତିବର୍ଷ ଭଳି ଆଷାଢ କୃଷ୍ଣ ପକ୍ଷ ଅମାବାସ୍ୟା ତିଥିରେ ଏହି ଉତ୍ସବ ପାଳିତ ହେଉଥିବା ବେଳେ ପୂର୍ବବତ ତିଥି ଅନୁସାରେ ଚଳିତ ବର୍ଷ ମଧ୍ୟ ସିଂଘିଯୁବା ଗ୍ରାମରେ ନେତ୍ରୋତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଥିଲା। ମଙ୍ଗଳବାର ସକାଳେ ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ପରେ ରଥରେ ପତିତପାବନ ବାନା ବନ୍ଧା ଯାଇଥିଲା। ଠାକୁରଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧଳୁଙ୍କ ଭିଡ ଲାଗିଥିଲା। ଆଚାର୍ଯ୍ୟ ଶିବ ନାରାୟଣ ନାୟକ, ଆଦିତ୍ୟ ପାଢୀ ପୂଜା କାର୍ଯ୍ୟ ତୁଲାଇଥିଲେ। ୱାର୍ଡ ସଭ୍ୟଙ୍କ ପ୍ରତିନିଧି ସୁଦର୍ଶନ ସାହୁ, ସୁବାଷ ସାହୁ, ଶତ୍ରୁଘ୍ନ ବାରିକଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।



# ସୋନପୁର କଲେଜର ପ୍ରତିଷ୍ଠା ଉତ୍ସବ

**ସୋନପୁର,୨।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ଉଚ୍ଚ ଶିକ୍ଷା ଅନୁଷ୍ଠାନ ସୋନପୁର କଲେଜର ୫୬ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳନ କରାଯାଇଛି । ଏହି ଅବସରରେ କଲେଜର ସମ୍ମିଳନୀ କକ୍ଷରେ ଉତ୍ସବର ଆୟୋଜନ ହୋଇଥିଲା । ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏହି କଲେଜ ଏକ ମାଇଲ ଖୁଣ୍ଟ ବୋଲି କହିଥିଲେ । ୧୯୬୪ରେ ତେଲନଦୀ, ସୁକତେଲ ନଦୀ ଓ ମହାନଦୀରେ ବ୍ରିଜ୍ ନିର୍ମାଣ ହୋଇ ନ ଥିଲା। ସୋନପୁରରୁ ଭୁବନେଶ୍ୱର, ସୋନପୁରରୁ ବଲାଙ୍ଗୀର ଓ ସୋନପୁରରୁ ସମ୍ବଲପୁର ଯିବା ପାଇଁ ଡଙ୍ଗା ହିଁ ଏକମାତ୍ର ଭରସା ଥିଲା । ଏହି ସମୟରେ ଅଞ୍ଚଳବାସୀଙ୍କ ଉଦ୍ୟମରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ କଲେଜ ପ୍ରତିଷ୍ଠା ହେବା ଗୁରୁତ୍ୱପୂର୍ଣ୍ଣ ବୋଲି ଏସ୍‌ପି କହିଥିଲେ। ଏହି ଅବସରରେ ଏସ୍‌ପି କଲେଜର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। କଲେଜ ଅଧ୍ୟକ୍ଷ ତରୁଣ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ସୋନପୁର କଲେଜ ପଶ୍ଚିମ ଓଡ଼ିଶାର ରେଭେନ୍‌ସା ବୋଲି ମତପ୍ରକାଶ କରିଥିଲେ। କଲେଜରେ ତାଙ୍କର ଦୀର୍ଘ ୩୭ ବର୍ଷର ଅଧ୍ୟାପନାର ଅନୁଭୂତି ସମ୍ପର୍କରେ ଅଧ୍ୟକ୍ଷ ମିଶ୍ର ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ ସଭା ସଂଯୋଜନା କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ରକି ବିଶ୍ୱାଳ କଲେଜର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନେ ଆବାହନୀ ଓ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଉତ୍ସବରେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ପ୍ରସାଦ ରାୟଗୁରୁ, ରେଣୁକା ମିଶ୍ର, କଲେଜର ପ୍ରାକ୍ତନ ଛାତ୍ର ତଥା ପ୍ରାକ୍ତନ ଅଧ୍ୟକ୍ଷ କ୍ୟାପ୍‌ଟେନ୍ ରାମସ୍ୱାମୀ ମହାପାତ୍ର, ଡ. ସନ୍ତୋଷ ପାଢୀ, ଡ. କେଦାରନାଥ ମିଶ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର, ମେଜର କୃପାସିନ୍ଧୁ ପାଣିଗ୍ରାହୀ, ମୁଖ୍ୟ କିରାଣି ସତ୍ୟନାରାୟଣ ତ୍ରିପାଠୀ, ଥବୀର ଚନ୍ଦ୍ର ବିଶି ପ୍ରମୁଖ ଉପସ୍ଥିତ ରହି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ ।




ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।

-ସନ୍ଥ କବୀର ଦାସ



## ସଂକ୍ଷେପରେ

■ ପୁରୁଣାକଟକ ଡାକ୍ତରଖାନା ରୋଗୀ କଲ୍ୟାଣ ସମିତି ବୈଠକ

### ଡାକ୍ତରଖାନା ସମସ୍ୟା ସମାଧାନକୁ ଗୁରୁତ୍ୱ

**ପୁରୁଣାକଟକ,୨୧୭(ଡି.ଏନ.ଏ):** ବୌଦ୍ଧ ଜିଲା ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତିର ଏକ ବୈଠକ ମଙ୍ଗଳବାର ଡାକ୍ତରଖାନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସମିତିର ଚେୟାରମ୍ୟାନ ତଥା ହରଭଙ୍ଗା ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ରଙ୍କ ଅଧକ୍ଷତାରେ ଏହି ବୈଠକରେ ଡାକ୍ତଖାନାର ବିଭିନ୍ନ ସମସ୍ୟା ଓ ସମାଧାନ ଦିଗରେ ଆଲୋଚନା ହୋଇଥିଲା। ବିଶେଷକରି ରୋଗୀଙ୍କ ହଲରେ ଇନ୍‌ଭର୍ଟର ବ୍ୟବସ୍ଥା, ପରିସର ସଫା ରଖାଯିବା, ଭାଙ୍ଗିଯାଇଥିବା ପାଚେରୀ ନିର୍ମାଣ କରାଯିବା ନେଇ ଆଲୋଚନା ହୋଇଥିଲା । ଷ୍ଟାଫ ସମସ୍ୟା ନେଇ ମଧ୍ୟ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ସହ ପ୍ରତି ଦୁଇ ମାସରେ ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହେବାକୁ ଅଧକ୍ଷ କହିଥିଲେ । ବୈଠକରେ ବୌଦ୍ଧ ଜିଲା ପରିଷଦ ଉପାଧକ୍ଷ ଅକ୍ରୂର ସେଠୀ, ପୁରୁଣାକଟକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରବିନାରାୟଣ ପାରମାଣିକ, ବିଶ୍ୱରଞ୍ଜନ ନାୟକ, ହରଭଙ୍ଗା ବିଇଓ ସନାତନ ଗାହାଣ, ସିଡିପିଓ ହରପ୍ରିୟା ମେହେର, ଶିକ୍ଷାବିତ ମୃତ୍ୟୁଞ୍ଜୟ ପଣ୍ଡା, ପୁରୁଣାକଟକ ବ୍ୟବସାୟୀ ସଂଘର ସମ୍ପାଦକ ଅଜିତ କୁମାର ଦେହୁରୀ, ସାମାଜିକ କର୍ମୀ ଧୀରୁ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ ।

■ ଜାଗା ମିଶନ ଯୋଜନା ବାଟବଣା

# ଭୂମିହୀନଙ୍କୁ ମିଳୁନି ଜମିପଟ୍ଟା

**ବରଗଡ଼ ଅଫିସ୍,୨୧୭**

ଭୂମିହୀନ ପରିବାରକୁ ଜମି ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଜାଗା ମିଶନ ଭଳି ଯୋଜନା ହାତକୁ ନେଇଛନ୍ତି। ମାତ୍ର ଏହି ଯୋଜନା ବାଟବଣା ହୋଇ ପଡ଼ିଛି । କାଁ ଭାଁ କିଛି ପରିବାରକୁ ଛାଡ଼ି ଦେଲେ ବରଗଡ଼ ଜିଲାର ଅଧିକାଂଶ ପରିବାର ପାଖକୁ ଏହି ଯୋଜନାର ସୁଫଳ ଅପହଞ୍ଚ ହୋଇ ପଡ଼ିଛି । ଫଳରେ ଏହାକୁ ନେଇ ଭୂମିହୀନ ପରିବାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କେବଳ ସେତିକି ନୁହେଁ, ଭୂମିହୀନ ପରିବାର ଲୋକେ ଜମିପଟ୍ଟା ପାଇଁ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ପାଖରେ ଫେରାଦ ହେଉଛନ୍ତି। ସେଥିପାଇଁ ସେମାନଙ୍କୁ ବିଭାଗୀୟ ଅଧିକାରୀମାନେ ଆଶ୍ୱାସନା ମଧ୍ୟ ଦେଉଛନ୍ତି। ମାତ୍ର ସେହି ଆଶ୍ୱାସନା ପରବର୍ତ୍ତୀ ସମୟରେ ପ୍ରତାରଣା ଭଳି ହୋଇ ଯାଉଛି ଏବଂ ଏହା ଭୂମିହୀନ ପରିବାର ମଧ୍ୟରେ ରହିଥିବା ଅସନ୍ତୋଷକୁ ଦ୍ୱିଗୁଣିତ କରି ପକାଇଛି।

ବରଗଡ଼ ତହସିଲ ସରସରା ରାଜସ୍ୱ ନିରୀକ୍ଷକ ସର୍କଲ ଅଧୀନରେ ରହିଥିବା ଭୂମିହୀନ ପରିବାରଙ୍କ କ୍ଷେତ୍ରରେ ଏଭଳି ସ୍ଥିତି ଉପୁଜିଛି। ଏହି ସର୍କଲ ଅଧୀନ ଡୁମ୍ୱେରପାଲି ଗ୍ରାମର ୨୩ ଭୂମିହୀନ ପରିବାର ଜମିପଟ୍ଟା ପାଇଁ ବରଗଡ଼ ତହସିଲଦାରଙ୍କ ପାଖରେ ଆବେଦନ କରିଥିଲେ। ଆବେଦନ କରିବା ପରେ ତହସିଲଦାର ମଧ୍ୟ ଗତବର୍ଷ ଡିସେମ୍ବର ୭ତାରିଖ ତାଙ୍କ ପତ୍ରସଂଖ୍ୟା–୭୩୫୬ରେ ଭୂମିହୀନଙ୍କ ସେହି ଆବେଦନ ଉପରେ ୭ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ସରସରା ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଏପର୍ଯ୍ୟନ୍ତ କିଛି ସୁଫଳ ମିଳିପାରି ନ ଥିବା ଡୁମ୍ୱେରପାଲି ଗ୍ରାମର ଭୂମିହୀନମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସେମାନେ ନିହାତି ଗରିବ ଏବଂ ଭୂମିହୀନ ଶ୍ରେଣୀର ହୋଇଥିବାରୁ ଘରଟିଏ ନିର୍ମାଣ କରିବା ତାଙ୍କ ପକ୍ଷରେ ସମ୍ଭବ ହୋଇ ପାରି ନାହିଁ। ସରକାରଙ୍କ ଗୃହନିର୍ମାଣ ଯୋଜନାରୁ ମଧ୍ୟ ବଞ୍ଚିତ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ



ଜମିପଟ୍ଟା ଦାବିରେ ଜି ଲାପାଳଙ୍କୁ ଫେରାଦ ମହିଳାମାନେ।

**ଜିଲାପାଳଙ୍କୁ ଫେରାଦ ହେଲେ**

ସୋମବାର ଉକ୍ତ ଗ୍ରାମର ଭୂମିହୀନ ପରିବାରର ମହିଳାମାନେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ନିବେଦନ କରିଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଛନ୍ତି ।

କେବଳ ଡୁମ୍ୱେରପାଲିର ଭୂମିହୀନମାନେ ନୁହଁନ୍ତି, ଜିଲାର ବିଭିନ୍ନ ତହସିଲ ଅନ୍ତର୍ଗତ ଗ୍ରାମ ଗୁଡ଼ିକର ବହୁସଂଖ୍ୟକ ଭୂମିହୀନ ଜମିପଟ୍ଟା ପାଇଁ ଆବେଦନ କରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ସେମାନେ ଜମିପଟ୍ଟା ପାଇ ପାରି ନାହାନ୍ତି। ଫଳରେ ସେମାନେ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନାର ହିତାଧିକାରୀଭାବେ ଯୋଗ୍ୟ ବିବେଚିତ ହେଉଥିଲେ ମଧ୍ୟ ଜମିପଟ୍ଟା ଅଭାବରୁ ସେହି ଯୋଜନାରେ ସାମିଲ ହୋଇ ପାରୁନାହାନ୍ତି । ସେହିପରି ଜମିପଟ୍ଟା ନ ଥିବା ଯୋଗୁ ଆବାସିକ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଆଦି କ୍ଷେତ୍ରରେ ମଧ୍ୟରେ ତାହା ପ୍ରତିବନ୍ଧକ ସାଜିଛି। ପିଲାଛୁଆଙ୍କ ଉଚ୍ଚଶିକ୍ଷା, ଚାକିରି ଆବେଦନବେଳେ ହଟହଟାର ସମ୍ମୁଖୀନ ହେବାକୁ ପଡୁଥିବା ଭୂମିହୀନ ପରିବାରର ଚନ୍ଦ୍ରକାନ୍ତୀ ଭୁଏ, ରଇବାରୀ ଭୁଏ, ବନବାସୀ ଭୁଏ, କେତକୀ ବରିହା, ବୈଦେହୀ ବରିହା ପ୍ରମୁଖ କହିଛନ୍ତି ।

# ରାଜପଥରେ ୬ ଫୁଟ ଗାତ

**ସରଣ୍ଡା,୨୧୭(ଡି.ଏନ.ଏ)**

ବରଗଡ଼ ଦେଇ ସମ୍ବଲପୁର ପଟକୁ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ଅତାବିରା ବ୍ଲକ ସରଣ୍ଡା ମନ୍ଦିର ଛକ ନିକଟରେ ମଙ୍ଗଳବାର ୬ ଫୁଟ୍ ଗଭୀର ଗାତ ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକେ ଦିନ ପ୍ରାୟ ୧୨ଟା ୪୫ ମିନିଟ୍‌ରେ ଗାତକୁ ଦେଖିବା ପରେ ମରାମତି ନ ହେବା ପର୍ଯ୍ୟନ୍ତ ସେହି ରାସ୍ତାରେ କୌଣସି ଗାଡ଼ିକୁ ନ ଛାଡ଼ିବାରୁ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥିଲା। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ଅତାବିରା ପୋଲିସକୁ ଖବର ଦେଇଥିଲେ। ଏହାପରେ ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ରାଜପଥ ନିର୍ମାଣ କରିଥିବା ସଂସ୍ଥା ଅଶୋକା ବିଲ୍ଡକନର ଅଧିକାରୀ, କର୍ମଚାରୀମାନେ ସେଠାକୁ ପହଞ୍ଚିଥିଲେ ଏବଂ ମରାମତି କାମ ଆରମ୍ଭ ହୋଇଥିଲା । ବର୍ଷା ହେବା ଯୋଗୁ ମରାମତି କାମ ସମ୍ପୂର୍ଣ୍ଣ ହୋଇ ନ ଥିବା ସୂଚନା ମିଳିଛି ।

ପ୍ରକାଶଥାଉକି, ଫୋରଲେନ ବିଶିଷ୍ଟ ଏହି ରାଜପଥ ନିର୍ମାଣରେ ବ୍ୟାପକ ଅନିୟମିତତା ତଥା ନିମ୍ନମାନର କାମ ହୋଇଥିବା ନେଇ ଅଭିଯୋଗ କରି ପୂର୍ବରୁ ଲୋକେ ଆନ୍ଦୋଳନକୁ ଓହ୍ଲାଇ ସାରିଛନ୍ତି। ଆନ୍ଦୋଳନ ପରେ ରାସ୍ତା ନିର୍ମାଣରେ ଯେଉଁଠି ତ୍ରୁଟି ରହିଛି, ସେଥିରେ ସୁଧାର ଅଣାଯିବ ବୋଲି ଚିରାଚରିତ ଢ଼ଙ୍ଗରେ ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇ ଆସୁଛନ୍ତି। ମାତ୍ର ରାସ୍ତାର ଅବସ୍ଥାରେ କିଛି ସୁଧାର ଆସୁନାହିଁ। ଅନ୍ୟପଟେ ରାଜପଥ ଉପରେ ଏଭଳି ଗାତ ସୃଷ୍ଟି ହେବା ସହିତ ଅନେକ ସ୍ଥାନ ଶୋଚନୀୟ ହୋଇ ପଡ଼ିଥିବା ଲୋକେ ଅଭିଯୋଗ କରିଛନ୍ତି ।



ରାଜପଥରେ ହୋଇଥିବା ଗାତକୁ ଲୋକେ ଦେଖୁଛନ୍ତି ।



ପ୍ରମାଣପତ୍ର ପାଇଥିବା ଚାଷୀମାନେ ।

# ପ୍ରଧାନମନ୍ତ୍ରୀ କୌଶଳ ବିକାଶ ତାଲିମ ପ୍ରମାଣପତ୍ର ପାଇଲେ ଚାଷୀ

**ପାଇକମାଳ,୨୧୭(ଡି.ଏନ.ଏ)**

ପାଇକମାଳ ବ୍ଲକ ବାଦିବାହାଲ ଠାରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ୫୦ଜଣ ଚାଷୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜାମସେଟ ଏସବିଆଇ ମ୍ୟାନେଜର ପଦ୍ମନ କୁମାର ବରିହା ମୁଖ୍ୟଅତିଥି, ଆଞ୍ଚଳିକ ଚାଷୀ ସଙ୍ଗଠନ ସଭାପତି ନରସିଂହ ବନଛୋର, ନାଏବ ସରପଞ୍ଚ ବେଲାର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରମାଣପତ୍ର ବଣ୍ଟନ କରିଥିଲେ। ସେହିପରି ପାଇକମାଳ ଓ ଗାଇସିଲେଟ ବ୍ଲକର ବ୍ରାହ୍ମଣଟାଲ, ଭୁଇଁଖାର, କୁଲିଆରୀ, ସିମେଲମୁଣ୍ଡା, ବ୍ରାହ୍ମଣମାଲଠାରେ ତାଲିମ ଶିବିରମାନ କରାଯାଇ ଅତିଥି ନୃସିଂହନାଥ ରେଞ୍ଜର ରତ୍ନଧ୍ୱଜ ସାହୁ, ସରପଞ୍ଚ ପ୍ରମିଳା ବଡେଇ, ସମିତି ସଭ୍ୟ ଶୁଭକେଶୀ ସାହୁଙ୍କ ଦ୍ୱାରା ୪୪୦ ଜଣ ଚାଷୀଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା ।

## ମାଷ୍ଟର ଓପନ ଚାମ୍ପିୟନଶିପ୍ ପାଇଁ ସନ୍ତୋଷ କୁମାର ପ୍ରଧାନ ମନୋନୀତ

**ପଦ୍ମପୁର, ୨୧୭ (ଡି.ଏନ.ଏ)**

ଆସନ୍ତା ଜୁଲାଇ ୬ ତାରିଖରୁ ସିଙ୍ଗାପୁରଠାରେ ଆନ୍ତର୍ଜାତୀୟ ମାଷ୍ଟର ଓପନ ଟ୍ରାକ ଆଣ୍ଡ ଫିଲ୍ଡ ଚାମ୍ପିୟନଶିପ୍– ୨୦୧୯ ଅନୁଷ୍ଠିତ ହେବାକୁ ଯାଇଛି। ଏହି କାର୍ଯ୍ୟକ୍ରମରେ ବରଗଡ ଜିଲା ପୋଲିସ ବିଭାଗରେ କାର୍ଯ୍ୟରତ ଥିବା ସର୍ଲା ଗ୍ରାମର ସନ୍ତୋଷ କୁମାର ପ୍ରଧାନ ଟ୍ରିପଲ ଜମ୍ପ, ହାଇଜମ୍ପ ଏବଂ ୧୧୦ ମିଟର ହର୍ଡଲ୍ସ ରେସରେ ଭାଗନେବେ। ଏଥିପାଇଁ ତାଙ୍କୁ ବରଗଡ ଜିଲାରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଛି । ଏହି ଅବସରରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଏବଂ ଅନ୍ୟ କର୍ମଚାରୀ ମାନେ ମଙ୍ଗଳବାର ସନ୍ତୋଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ନିରାକରଣ ଅଭିଯାନ ଶୁଭାରମ୍ଭ

**ବୌଦ୍ଧ,୨୧୭(ସ୍ୱ.ପ୍ର)**

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମଙ୍ଗଳବାର ତାଲିମ କେନ୍ଦ୍ରଠାରେ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ନିରାକରଣ ଅଭିଯାନ ୨୦୧୯ର ଶୁଭାରମ୍ଭ ହୋଇଥିଲା। ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯାନରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ବିଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରବିନ୍ଦ୍ର କୁମାର ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା କାର୍ଯ୍ୟକ୍ରମ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ଝାଡାବାନ୍ତିର ପ୍ରତିରୋଧ ନିମନ୍ତେ ହାତଧୁଆର ଗୁରୁତ୍ୱ ଉପରେ କହିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମଦନମୋହନ ପ୍ରଧାନ ମ୍ୟାଲେରିଆ ଓ ଡେଙ୍ଗୁର ପ୍ରତିରୋଧ ଓ ନିୟନ୍ତ୍ରଣ ଉପରେ ଆଲୋକପାତ କରିଥିଲେ। ବୈଠକରେ ଡ. କିଶୋର ଚନ୍ଦ୍ର ପଟ୍ଟନାୟକ, ବିମଳା ପ୍ରଭା ସାହୁ, ଡ. ବିଶ୍ୱ ରଞ୍ଜନ ସାହୁ ଓ ଡ. ବିଶ୍ୱନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।




ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ନିରାକରଣ ଅଭିଯାନ ସଭାରେ ମଞ୍ଚାସୀନ ଅତିଥି।



ବୌଦ୍ଧ ମୁଖ୍ୟ ଡାକ୍ତରଖାନା ଶିଶୁ ବିଭାଗ ଏସଏନସିୟୁ ଆଗରେ ପାଣି ଜମା ହୋଇରହିଛି।

# ସାମାନ୍ୟ ବର୍ଷାରେ ଜିଲା ମୁଖ୍ୟ ଡାକ୍ତରଖାନା ବେହାଲ

**ବୌଦ୍ଧ,୨୧୭(ସ୍ୱ.ପ୍ର)**

ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟ କେତେବେଳେ ଡାକ୍ତର ଅଭାବ ତ କେତେବଳେ ରୋଗୀ ବେଡ ଅଭାବରୁ ବାରଣ୍ଡାରେ ଶୋଉଥିବା ଖବର ନିତିଦିନିଆ ହୋଇଗଲାଣି। ଏବେ ସାମାନ୍ୟ ବର୍ଷାରେ ମୁଖ୍ୟ ଚିକିତ୍ସାଳୟ ଅବସ୍ଥା ବେହାଲ ହୋଇଥିବା ଦେଖିବାକୁ ମିଳିଛି । ଚିକିତ୍ସାଳୟର ମୁଖ୍ୟ ଗେଟ ନିକଟ ତଥା ଆଉଟ୍ ଡୋର ସମ୍ମୁଖ ରାସ୍ତାରେ ବର୍ଷା ପାଣି ଜମି ରହିଥିବା ଯୋଗୁ ରୋଗୀ ମାନେ ହଇରାଣ ହେଉଛନ୍ତି । ବର୍ଷାପାଣି ଜମି ରହିଥିବା ସ୍ଥାନରେ ଶିଶୁରୋଗ ବିଭାଗର ଏସଏନସିୟୁ ରହିଥିବାବେଳେ ସେହି ରାସ୍ତା ଦେଇ ମୁଖ୍ୟ ଚିକିତ୍ସାଳୟକୁ ସମସ୍ତ ରୋଗୀ ଯିବା ଆସିବା କରିଥାନ୍ତି । ଚିକିତ୍ସାଳୟ ମୁଖ୍ୟାଳୟକୁ ଜିଲା ତଥା ଜିଲା ବାହାରର ରୋଗୀ ମାନେ ସବୁ ଦିନେ ଶହ ଶହ ସଂଖ୍ୟାରେ ଆସୁଛନ୍ତି । ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି ।

# ବର୍ଷାରେ ସରକାରୀ ବସ୍‌ଷ୍ଟାଣ୍ଡ ଜଳାର୍ଣ୍ଣବ

**ବରଗଡ଼ ଅଫିସ୍,୨୧୭**

ବରଗଡ଼ ସରକାରୀ ବସଷ୍ଟାଣ୍ଡ ସାମାନ୍ୟ ବର୍ଷାରେ ଜଳାର୍ଣ୍ଣବ ହୋଇ ପଡୁଛି। ମଙ୍ଗଳବାର ହୋଇଥିବା ବର୍ଷାରେ ବସଷ୍ଟାଣ୍ଡ ପରିସର ଏଭଳି ଅବସ୍ଥା ହୋଇ ପଡ଼ିଥିଲା। ଦୀର୍ଘବର୍ଷ ଧରି ଏଠାରେ ଏହି ସମସ୍ୟା ଉପୁଜି ଆସୁଥିବା ବେଳେ ବସଷ୍ଟାଣ୍ଡରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ କିଛି ପଦକ୍ଷେପ ନିଆ ନ ଯିବା ଏବଂ ବିଭାଗୀୟ ଅଧିକାରୀମାନେ ସେଥିପ୍ରତି ଆଖି ବୁଜିଦେବା ସାଧାରଣ ଜନତାକୁ ଆଶ୍ଚର୍ଯ୍ୟ କରିଛି । ଜିଲା ସଦର ମହକୁମାରେ ଥିବା ଏହି ସରକାରୀ ବସଷ୍ଟାଣ୍ଡ ଉପରେ ଜିଲା ତଥା ଜିଲା ବାହାର ଲୋକେ ନିର୍ଭର କରିଥାନ୍ତି। ଏହି ବସଷ୍ଟାଣ୍ଡ ଦେଇ ରାଜ୍ୟର ବିଭିନ୍ନ ଜିଲାକୁ ବସ୍ ଯାତାୟାତ କରିଥାଏ। ସେହିପରି ବରଗଡ଼ରୁ ସମ୍ବଲପୁରକୁ ନିୟମିତ ଯାଉଥିବା ସିଟିବସ୍ ମଧ୍ୟ ଉକ୍ତ ବସଷ୍ଟାଣ୍ଡରେ ରହିଥାଏ । ଫଳରେ ବସଷ୍ଟାଣ୍ଡରେ ବହୁ ଯାତ୍ରୀଙ୍କ ସମାଗମ ହୋଇଥାଏ। ମାତ୍ର ସାମାନ୍ୟ ବର୍ଷାରେ ବସଷ୍ଟାଣ୍ଡ ଜଳାର୍ଣ୍ଣବ ହୋଇ ପଡୁଥିବାରୁ ଯାତ୍ରୀଙ୍କୁ ଖୁବ୍ ହଟହଟା ହେବାକୁ ପଡୁଛି। ବସ୍‌କୁ ଚଢ଼ିବା କିମ୍ବା ବସରୁ ଓହ୍ଲାଇବା ସେମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇ ପଡ଼ିଥାଏ । ସେହିପରି ଦୀର୍ଘଦିନ ଧରି ପାଣି ଜମି ରହୁଥିବା ଯୋଗୁ ବିଭିନ୍ନ ସଂକ୍ରାମକ ରୋଗବାହକ ଜୀବାଣୁ ସୃଷ୍ଟି ହେଉଛନ୍ତି। ଏହାସତ୍ତ୍ୱେ ବସଷ୍ଟାଣ୍ଡରୁ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉନାହିଁ। ଉଭୟ ସଡ଼କ ପରିବହନ ଓ ପୌର ପ୍ରଶାସନ ଏଥିପ୍ରତି ଆଖିବୁଜି ଦେଇଥିବା ବେଳେ ସ୍ଥାନୀୟ ଜନ ପ୍ରତିନିଧିମାନେ ମଧ୍ୟ ଏ ନେଇ କିଛି ପଦକ୍ଷେପ ନ ନେବା ପରିତାପର ବିଷୟ ହୋଇଛି । ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।




ମଙ୍ଗଳବାର ବର୍ଷାରେ ଜଳାର୍ଣ୍ଣବ ହୋଇ ପଡ଼ିଥିବା ବରଗଡ଼ ସରକାରୀ ବସଷ୍ଟାଣ୍ଡ ।

# ସହାୟତା ପାଇଁ ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୨୧୭**

ସ୍ୱାମୀଙ୍କ ଦେହାନ୍ତ ପରେ ବରଗଡ଼ ଜିଲା ପଦ୍ମପୁର ଥାନା ଝାଙ୍କରପାଲି ଗ୍ରାମର ବିନୋଦିନୀ ବରିହା ଅସହାୟ ହୋଇ ପଡ଼ିଛନ୍ତି । ତାଙ୍କ ଉପରେ ଦୁଇ ଶିଶୁପୁତ୍ରଙ୍କ ବୋଝ ପଡ଼ିଛି । ତାଙ୍କ ସ୍ୱାମୀ ସ୍ୱର୍ଗତ ଜଗ ବରିହା ବୁଡ଼େନ ଥାନା ତେଣ୍ଡାପଦର ନିକଟ କୁମୁଡ଼ିନାଲାରେ ଭାସିଯାଇ ମୃତ୍ୟୁବରଣ କରିଥିଲେ ସୁଦ୍ଧା ତାଙ୍କୁ କୌଣସି ସରକାରୀ ସହାୟତା ମିଳି ନ ଥିବା ବିନୋଦିନୀ ଅଭିଯୋଗ କରିଛନ୍ତି। କିଛି ସରକାରୀ ସହାୟତା ମିଳିଲେ ତାହା ୨ ଶିଶୁପୁଅଙ୍କ ଗୁଜୁରାଣ ମେଣ୍ଟାଇବାରେ ସହାୟକ ହେବ ବୋଲି ସେ ଆଶା ବାନ୍ଧିଛନ୍ତି। ଏଭଳି ଆଶା ନେଇ ସୋମବାର ବିନୋଦିନୀ ଶିଶୁପୁତ୍ରଙ୍କୁ ଧରି ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରି ସହାୟତା ପାଇଁ ଗୁହାରି କରିଥିଲେ ।

ପ୍ରକାଶ ଯେ, ବିନୋଦିନୀଙ୍କ ସ୍ୱାମୀ ସ୍ୱର୍ଗତ ଜଗ ଗତବର୍ଷ ଅକ୍ଟୋବର ୨୯ତାରିଖ କୁମୁଡ଼ିନାଳାରେ ଭାସିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ସେତେବେଳେ ବୁଡ଼େନ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୧୮) ରୁଜୁ ହୋଇଥିଲା । ସ୍ୱାମୀଙ୍କ ମୃତ୍ୟୁ ପରେ ବିନୋଦିନୀ ଗାଇସିଲେଟ ଥାନା ଶରଧାପାଲିକୁ ଆସି ଶିଶୁପୁତ୍ରଙ୍କୁ ଧରି ରହୁଛନ୍ତି। ତାଙ୍କ ସ୍ୱାମୀ ପରିବାରର ଏକମାତ୍ର ରୋଜଗାରକ୍ଷମ ଥିଲେ ଏବଂ ସେ ଯାହା ରୋଜଗାର କରୁଥିଲେ ସେଥିରେ ସେମାନେ ଚଳୁଥିଲେ। କିନ୍ତୁ ସ୍ୱାମୀଙ୍କ ଦେହାନ୍ତ ପରେ ସେ ସମ୍ପୂର୍ଣ୍ଣ ବେସାହାରା ହୋଇ ପଡ଼ିଛନ୍ତି। ଦୁଇ ଶିଶୁପୁତ୍ରଙ୍କ ଲାଳନପାଳନ କରୁଥିବା ଯୋଗୁ ସେ ଅନ୍ୟ କିଛି ରୋଜଗାର ମଧ୍ୟ କରି ପାରୁ ନ ଥିବା କହିଛନ୍ତି। ଫଳରେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସେ ଜିଲାପାଳଙ୍କୁ ସ୍ମାରକପତ୍ରରେ ନିବେଦନ କରିଛନ୍ତି।



ଶିଶୁପୁତ୍ରକୁ ଧରି ଜିଲାପାଳଙ୍କୁ ଫେରାଦ ହୋଇଥିବା ମହିଳା ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ



### କିଡ୍‌ନୀ ରୋଗରେ ଶିକ୍ଷକଙ୍କ ମୃତ୍ୟୁ

ଖଡିଆଲ ଏନ୍ଏସି,୨।୭ (ଡି.ଏନ.ଏ.)
ନୂଆପଡା ଜିଲା ବୋଡେନ ବ୍ଲକ ଚଣେଇବସା ଗାଁରେ କିଡନୀ ରୋଗରେ ଜଣେ ପ୍ରାଥମିକ ଶିକ୍ଷକଙ୍କ ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଛି । ମୃତ ଶିକ୍ଷକ ଜଣକ ହେଲେ ପୀତାମ୍ବର ମାଝି (୪୩) । ସେ ମହୁଲପଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ । ଦୀର୍ଘଦିନ ହେଲା ପୀତାମ୍ବର କିଡନୀ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇ ବହୁ ଖର୍ଚ୍ଚାନ୍ତ ହୋଇଥିଲେ । ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସି ନ ଥିଲା । ଗତ କିଛିଦିନ ତଳେ ପୀତାମ୍ବର ଗୁରୁତର ଅବସ୍ଥାରେ ବୁର୍ଲା ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ । ହେଲେ ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିବା ତାଙ୍କର ପରିବାର ଲୋକଙ୍କ ସୂତ୍ରରୁ ଜଣାପଡ଼ିଛି। ତାଙ୍କର ମୃତ୍ୟୁ ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ବର୍ଷାଭାବରୁ ଜମିରେ ବିହନ ଗଜା ନ ହେବା ଆଶଙ୍କା

ଭବାନୀପାଟଣା,୨।୭(ଡି.ଏନ.ଏ.)
ଚଳିତ ଖରିଫ୍ ଋତୁରେ କଳାହାଣ୍ଡି ଜିଲାରେ ୨ ଲକ୍ଷ ୧୮ ଶହ ୫୭ ହେକ୍ଟର ଜମିରେ ଧାନ ଚାଷ କରିବା ପାଇଁ ଜିଲା କୃଷି ବିଭାଗ ଲକ୍ଷ୍ୟ ଧାର୍ଯ୍ୟ ରଖିଛି । ହେଲେ ବର୍ଷା ଅଭାବରୁ କେତେକ ଜମିରେ ବୁଣାଯାଇଥିବା ବିହନ ଗଜା ନ ହେବା ଆଶଙ୍କାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି । ଜିଲାରେ ୨୦୧୮୫୭ ହେକ୍ଟର ଜମିରେ ଧାନ ବିହନ ଆବଶ୍ୟକ । ପର୍ଯ୍ୟାୟକ୍ରମେ କଳାହାଣ୍ଡି ଜିଲାରେ ଆବଶ୍ୟକ ହେବାକୁ ଥିବା ଧାନ ବିହନ, ବିଭିନ୍ନ ସରକାରୀ ବିହନ ବିକ୍ରୟ କେନ୍ଦ୍ର ଓ ଲାଇସେନ୍ସପ୍ରାପ୍ତ ବିହନ ବିକ୍ରୟ କେନ୍ଦ୍ର ଜରିଆରେ ଚାଷୀଙ୍କୁ ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଜିଲା କୃଷି ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି । କିନ୍ତୁ ଚାଷୀଙ୍କ କହିବାନୁଯାୟୀ ସେମାନଙ୍କ ଇଚ୍ଛାର ବିହନ ଆବଶ୍ୟକ ସମୟରେ ମିଳୁନି । ଅପରପକ୍ଷେ ଆଉ କିଛି ଦିନ ବର୍ଷା ବିଳମ୍ବ ହେଲେ ଗଜା ମରୁଡିର ଆଶଙ୍କା ରହିଛି ବୋଲି ଚାଷୀ ଚିନ୍ତାରେ ପଡିଛନ୍ତି ।

# ସୁବିଧା ସୁଯୋଗରୁ ବଂଚିତ୍ କେଁଦୁପତର ବଁଧାଳି

ସିନାପାଲି, ୨।୭ (ଡି.ଏନ୍.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକର ଭିନେ ଭିନେ କେଁଦୁପତର ଫଡିରେ ପତର ବଁଧାଳିମାନେ ବଡ଼ା ଗୁଲଗୁଲା ହେଇ ଜୀବନ୍ ବିତଉଥିବାର ଅଭିଯୋଗ ହେଉଛେ। ଇ କାମ୍ ଲାଗି ସେମାନେ ମାସାଧିକ୍ ଘରଦୁଆର ଛାଡ଼ି ରହୁଥିଲାବେଲେ ଫଡିରେ ସାଧାରନ୍ ସୁବିଧା ସୁଯୋଗରୁ ବଁଚିତ୍ ହେଉଥିବାର ଅଭିଯୋଗ କରିଛନ୍।

ସୂଚନା ହିସାବେ ସିନାପାଲି ବ୍ଲକର ୮ଟା ଫଡିରେ କେଁଦୁପତର ବଁଧାଳିମାନେ ପତରବଁଧା କାମ୍ କରୁଛନ୍। ଇମାନେ ସଭେ ପାଖାପାଖି ୨୦ ଦିନ୍ ହେଲା ଫଡିମାନକେ କାମ୍ କରୁଛନ୍। ସିନାପାଲି ଅଂଚଲର ଇ ଫଡିମାନକେ କୋମନା ସମେତ ପଡ଼ିଶା ବରଗଡ଼ ଜିଲାର ପାଇକମାଲ ଅଂଚଲରୁ ପତରବଁଧାଳିମାନେ ଆସିଛନ୍। ହେଲେ ସରକାରୀ ନିୟମ ହିସାବେ ଇମାନକୁ ଯେନ୍ ସୁବିଧା ସୁଯୋଗ ଦିଆଯିବାର କଥା ସେଟା ନାଇଁ ମିଳବାର। ଯେନ୍‌ଥିରଲାଗି ପତରବଁଧାଳିମାନେ ବଡ଼ା ଗୁଲଗୁଲା ହେଇ ଫଡିମାନକେ ରହୁଥିବାର ଅଭିଯୋଗ କରିଛନ୍। ସରକାରୀ ନିୟମ ହିସାବେ ଇମାନକୁ ଲାଲ୍‌ଟିନ୍, ମଶାରୀ, କମଲ ସମେତ ଉନିଆ ସାଜୋସାମାନ, ବୋନସ ଟଁକା ଦେବାର କଥା। ହେଲେ ନଙ୍ଗଲବୋଡ଼ ଫଡିରେ କାମ କରୁଥିବାର ପାଇକମାଲ ଅଂଚଲର ବଁଧାଳିମାନେ ଇ ସବୁ ସୁବିଧା ସୁଯୋଗ ନାଇଁ ପାଇଥିବାର ଅଭିଯୋଗ କରିଛନ୍। ଏପ୍ରିଲ ଆର ମେ' ମାସେ କେଁଦୁପତର ଠୁଲେଇ ସେଟାକେ ଶୁଖେଇ ଫଡିଘରେ ବେଉଁତ କରି ରଖାଯଏସି। ଜୁଲାଇରୁ ଡିସେମ୍ବର ୬ ମାସ୍ ତକ୍ ଇ ପତରବଁଧା କାମ୍ ଚାଲସି। ଦୂରିଆ ଗାଁରୁ ବଁଧାଳିମାନେ ଘରେ ତାଲା ଝୁଲେଇ ପେଟପାଟନାର ଲାଗି ଫଡିକେ ଆଏସନ୍। ଇମାନେ ଫଡିରେ ସଖାଲୁ ବେଲବୁଡ଼ା ତକ୍ ପତର ସଜା, ପତରଛଟା ସମେତ ବିଡ଼ା ବଁଧା କାମ୍ କରସନ୍। ଗୁଟେ ପେଁଥାରେ ୫ କେ.ଜି. ୩ଶହ ଗ୍ରାମରୁ ଅଧିକା ଉଜନ ହେଲେ ୬୦ ଟଁକା ଦିଆଯାଏସି। ହେଲେ ଶ୍ରମିକମାନେ ପେଁଥା ଦର ୧୦୦ ଟଁକା କରବାକେ ସରକାରକୁଁ ଦାବି ଜନେଇଛନ୍। ଇଆଡ଼େ ବଡ଼ଭାଗି ଫଡି ଜଂଗଲ ଅଂଚଲରେ ଥିଲାବେଲେ ପତର ବଁଧାଳିମାନକର ଉପରେ ସବୁବେଲେ ଜୀବ୍‌ଜଁତୁ ଆକ୍ରମନର ଭଏ ରହୁଛେ। ଫଡିମାନକେ ଶୌଚାଳୟର ବେବସ୍ତା ନାଇଁନ, ଯେନ୍‌ଥିରଲାଗି ଇମାନେ ବାହାରକେ ଝାଡ଼ାଝପଟ, ଗଧାବୁଡ଼ା କରବାର ଲାଗି ଯାଉଛନ୍। ସେନ୍‌ତା ବିଜଲିବତୀର ଅଭାବୁ ମଶା, ମାଛି, ସାଁପ୍ କଁଟିଆର ଭଏ ରହୁଛେ। କେତେ ସାଁପ୍ କଁଟିଆ ଚବାରେ ମରୁଥିଲାବେଲେ ଅନେକ ନାନା ରୁଗ୍‌ଦୁଖ୍‌ରେ ଶଡୁଛନ୍। ଅନେକ ଫଡିରେ ରଁଧାବଢ଼ାର ଲାଗି ଜାଗାଠାନ୍ ନାଇଁଥିଲାବେଲେ ବଁଧାଳିମାନେ ବାହାରେ ଇ କାମ୍ କରୁଛନ୍। ବିଭାଗ ପତର ବଁଧାଳିକୁ ଖଁଡ଼େ ଲେଖେଁ ପଲିଥିନ୍ ଦେଇ ନିଜର କାମ୍ ସାରିଦେଉଥିବାର ଅଭିଯୋଗ ହେଉଛେ। ଇ ବାବ୍‌ଦେ ସିନାପାଲି କେଁଦୁପତର ରେଞ୍ଜର ସନ୍ତୋଷ ସୁନାନୀକୁଁ ପଚରାଲାରୁ ଆମର ତରଫୁ ବେବସ୍ତା କରବାର ସରକାରୀ ନିୟମ ନାଇଁନ। ଖାଲି କାମ୍‌ବେଲେ କିଏ ମରିଗଲେ କ୍ଷତି ପୂରନ ଦିଆଯାଏସି ଆର ବିଭାଗ ତରଫୁ ବୋନସ ଟଁକା ଦେବାର ବେବସ୍ତା ରହିଛେ। ହେଲେ ଏଭ୍‌ତକ୍ କେଁଦୁପତର ବିକ୍‌ରି ନାଇଁ ହେଇ କି କମ୍ପାନୀମାନେ ନାଇଁ ଆଏବାର। ଯେନ୍‌ଥିରଲାଗି ବଁଧାଳିମାନକୁ ବୋନସ ଟଁକା ଦେବାରେ ବିଲମ୍ ହେଉଛେ ବଲି ସେ କହିଥିଲେ।



ଝନେ ଶ୍ରମିକ ପତର ବଁଧା କାମ୍‌ରେ ବାଇ ଅଛନ୍।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ବରିଷ୍ଠ ନାଗରିକ ସଂଘ

# ପୁଲ୍‌ୱାମା ଶହୀଦଙ୍କୁ ସହାୟତା ରାଶି ଦେଲେ

ନୂଆପଡ଼ା ଅଫିସ,୨।୭

ପୁଲୱାମା ହତ୍ୟାକାଣ୍ଡରେ ଶହୀଦ ହୋଇଥିବା ୨ ଓଡିଆ ଯବାନଙ୍କ ପରିବାରକୁ ସହାୟତାର ହାତ ବଢାଇଛନ୍ତି ନୂଆପଡା ଜିଲା ଖରିଆରରୋଡର ବରିଷ୍ଠ ନାଗରିକ ସଂଘ। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କୁ ୫୦ ହଜାର ଟଙ୍କାର ଚେକ ପ୍ରଦାନ କରିଛନ୍ତି । ବରିଷ୍ଠ ନାଗରିକ ସଂଘ ସଭାପତି ହାଲ୍ଲା ସିଂଙ୍କ ନେତୃତ୍ୱରେ ଏକ ଟିମ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କ ବାସ ଭବନକୁ ଯାଇ ତାଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟିଆକର୍ଷଣ କରିଥିଲେ । ଏହି ଅବସରରେ ପୁଲୱାମାରେ ଶହୀଦ ହୋଇଥିବା ଯବାନଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରିଥିଲେ। ଏତିକିବେଳେ ସଂଘ ଅନ୍ୟମାନଙ୍କ ମଧ୍ୟରେ କୈଳାସ ମରୋଦିଆ, ଡ.ଶିବ ପ୍ରସାଦ ବେହେରା, ଡୋ.କେ.ଦାସ, ମୁରଲୀମନୋହର ମଲାନୀ, ରମେଶ ଭାଇ ରାଠୋଡ, ବଳଦେବ ଚନ୍ଦ୍ରକାର, ଇକବାଲ ସିଂ ଗୁରୁଦତା, ନୂଆପଡା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟରେ ପ୍ରଥମ କରି ଏକ ବରିଷ୍ଠ ନାଗରିକ ସଂଘ ନିଜସ୍ୱ ପାଣ୍ଠିରୁ ଏଭଳି ଆର୍ଥିକ ସହାୟତା ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜ୍ଞାପନ କରିଥିଲେ।




ମୁଖ୍ୟମନ୍ତ୍ରୀଙ୍କୁ ବରିଷ୍ଠ ନାଗରିକ ସଂଘ ତରଫରୁ ଚେକ ପ୍ରଦାନ କରାଯାଉଛି ।



ପୋଖରୀ ତୁଠରେ ମରିପଡିଥିବା ମାଛ ।

# ଲକ୍ଷାଧିକ ମାଛ ମରିଗଲେ

## ଏସଏଚଜି ମହିଳାଙ୍କୁ ଶକ୍ତ ଝଟକା

ନୂଆପଡା ଅଫିସ,୨।୭

ନୂଆପଡା ଜିଲା କୋମନା ବ୍ଲକର ଲଖନା ଲକ୍ଷ୍ମୀ ସାଗରରେ ମଙ୍ଗଳବାର ଲକ୍ଷାଧିକ ସଂଖ୍ୟାରେ ମାଛ ମରିପଡିଥିବା ଖବର ମିଳିଛି। ଆର୍ଥିକ ସ୍ୱଚ୍ଛଳ ହେବା ସକାଶେ ଲିଜରେ ଆଣି ମାଛ ଛାଡିଥିବା ଏସଏଚଜି ମହିଳାଙ୍କୁ ଏହା ଏକ ଶକ୍ତ ଝଟକା ଦେଇଛି । ଗତ ବର୍ଷଠାରୁ ଗାଁର ମା' ସମଲେଶ୍ୱରୀ ମହିଳା ସ୍ୱଂୟ ସହାୟକ ଦଳର ମହିଳାମାନେ ଲିଜରେ ଏହି ଟ୍ୟାଙ୍କକୁ ନେଇ ମାଛ ଜାଆଁଳା ଛାଡି ଆସୁଥିଲେ। ଏଥିରୁ ବେଶ ଦୁଇ ପଇସା ମଧ୍ୟ ଉପାର୍ଜନ ହେଉଥିଲା। ଏଥର ବର୍ଷା ଆରମ୍ଭରୁ ପ୍ରାୟ ଦେଢ ଲକ୍ଷ ମାଛ ଜାଆଁଳା ଛାଡିଥିଲେ। ହଠାତ୍ ମଙ୍ଗଳବାର ଲକ୍ଷାଧିକ ସଂଖ୍ୟାରେ ମାଛ ମରିପଡିଥିବା ଦେଖାଯାଇଥିଲା । ଏହା ଦେଖି ମହିଳାମାନେ ଭାଙ୍ଗି ପଡିଛନ୍ତି । ଏହା ଉପରେ ମତ୍ସ୍ୟ ବିଭାଗର ତଥ୍ୟ ନେବାରେ ମାଛମାନଙ୍କୁ ଉପଯୁକ୍ତ ପରିମାଣର ଅମ୍ଳଜାନ ନ ମିଳିବାରୁ ଏଭଳି ହୋଇଥିବା କୁହାଯାଉଛି। ଏହା ଉପରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି ।

### ବନ ମହୋତ୍ସବ ଆରମ୍ଭ, ଗଛ ଲଗାଇବାକୁ ଆହ୍ୱାନ

ପଡ଼ିଆବାହାଲ/ଧମା, ୨।୭ (ଡି.ଏନ୍.ଏ.)

ସମ୍ବଲପୁର ବନଖଣ୍ଡ ଧମା ବନାଞ୍ଚଳ ଅନ୍ତର୍ଗତ ମଥୁରା ପ୍ରସାଦ ଉଚ୍ଚ ବିଦ୍ୟାଳୟରେ ବନ ବିଭାଗ ଓ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ସୋମବାର ବନ ମହୋତ୍ସବ ସପ୍ତାହ ଆରମ୍ଭ ହୋଇଛି। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଡିଏଫ୍‌ଓ ସଞ୍ଜିତ କୁମାର ଓ ମୁଖ୍ୟବକ୍ତା ଭାବେ ଡିସିଏଫ୍ ପଙ୍କଜ କୁମାର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବନ ମହୋତ୍ସବ ପାଳନର ତାତ୍ପର୍ଯ୍ୟ, ଜଙ୍ଗଲର ଉପକାରିତା ଓ ତା'ର ସୁରକ୍ଷା ଉପରେ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ। ବ୍ୟାପକ ବୃକ୍ଷରୋପଣ ପାଇଁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଶେଷରେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ବନବିଭାଗ ପକ୍ଷରୁ ସମସ୍ତଙ୍କୁ ଚାରା ଓ ଶିଡ୍ ବଲ୍ (ମାଟି ଗୋଲା ଭିତରେ ଥିବା ମଞ୍ଜି) ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଧମା ବନାଞ୍ଚଳ ଅଧିକାରୀ ବିଦ୍ୟାଧର ସାହୁ, ଫରେଷ୍ଟର ସୁରେନ୍ଦ୍ର କୁମାର ଡନସେନା ପରିଚାଳନା କରିଥିଲେ। ଶିକ୍ଷକ ପାର୍ଥସାରଥି ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଜାତୀୟ ଖାଦ୍ୟ ସୁରକ୍ଷା ସମ୍ପର୍କିତ ବ୍ଲକସ୍ତରୀୟ ବୈଠକ

ନୂଆପଡା ଅଫିସ/କୋମନା,୨।୭

ଏହି ଜିଲ୍ଲା କୋମନା ବ୍ଲକ ସଭାଗୃହରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ– ୨୦୧୩କୁ ନେଇ କରାଯାଇଥିବା ସାମାଜିକ ସମୀକ୍ଷାର ନିଷ୍କର୍ଷ ଉପସ୍ଥାପନ ପାଇଁ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କୋମନା ଏବିଡିଓ ଦେବାଶିଷ ସିହ୍ନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ମୁଖ୍ୟଅତିଥି, ସିଡିପିଓ ବିମଳିନି ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଜୟ କୁମାର ନାୟକ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ରାଉତରାୟ, ଯୋଗାଣ ନିରୀକ୍ଷକ ଅଲେଖ ମହିମା ଭୋଇ, କୋମନା ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ପୁରୁଷୋତମ ଶବର ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍ପେଡର ବ୍ଲକ ସଂଯୋଜକ ଦେବରାଜ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜିଲା ସଂଯୋଜକ ଶମ୍ଭୁ ସାହୁ ସଭାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ବିଷଦ ଭାବରେ ଉପସ୍ଥାପନ କରିଥିଲେ । କୋମନା ବ୍ଲକର ୧୦ଟି ଗ୍ରାମପଞ୍ଚାୟତ ସୁନାବେଡା, ସୋସେଙ୍ଗ, ମିଛାପାଲି, ଜଡାମୁଣ୍ଡା, ଝଗ୍ରାହୀ, ରଜନା, କାଣ୍ଡେତରା, ନୂଆଁଗାଁ, ଗଣ୍ଡାମେର ଓ ଠିକପାଲିରେ ସମନ୍ୱିତ ଶିଶୁ ବିକାଶ ଯୋଜନା, ସାଧାରଣ ବଣ୍ଟନ ବ୍ୟବସ୍ଥା, ମମତା ଯୋଜନା, ମଧ୍ୟାହ୍ନ ଭୋଜନ ଯୋଜନା ଉପରେ କରାଯାଇଥିବା ସାମାଜିକ ସମୀକ୍ଷାର ନିଷ୍କର୍ଷ ଓ ଅଭିଜ୍ଞତା ଉପରେ ବ୍ଲକ ସଂଯୋଜକ ଉପସ୍ଥାପନ କରିଥିଲେ । ଏହିଭଳି ଅଙ୍ଗନୱାଡି କେନ୍ଦ୍ରଗୁଡିକର ନିଜସ୍ୱ ଗୃହ ନ ଥିବା, ଏଠାରେ ଚାଲିଥିବା ବିଭିନ୍ନ ପ୍ରକାର ଅନିୟମିତତା, ମମତା କିସ୍ତି ପ୍ରଦାନରେ ବିଳମ୍ବ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ଅନିୟମିତତା ସମ୍ପର୍କରେ ଅବଗତ କରାଯାଇଥିଲା। ଅନ୍ୟପକ୍ଷେ ଅଧିକାରୀମାନେ ସମସ୍ୟାଗୁଡିକ ଉପରେ ବିଶେଷ ଗୁରୁତ୍ୱ ଦେଇ ସମାଧାନ କରାଯିବ ବୋଲି କହିଥିଲେ । ଦେବରାଜ ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ ।




ଖାଦ୍ୟ ସୁରକ୍ଷା ସମ୍ପର୍କୀତ ବ୍ଲକସ୍ତରୀୟ ବୈଠକରେ ଯୋଗଦେଇଥିବା ଅଂଶଗ୍ରହଣକାରୀମାନେ।

# ଛାତ୍ରୀଛାତ୍ରଙ୍କୁ ଚାରା ବାଣ୍ଟିଲେ ସ୍ୱେଚ୍ଛାସେବୀ ସଙ୍ଗଠନ

ନୂଆପଡା ଅଫିସ,୨।୭

ସୋମବାର ସିଏସି ଡିଜିଟାଲ ଇଣ୍ଡିଆ ଆନିଭର୍ସାରୀ ଉପଲକ୍ଷେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ କେଜିଏନଟି ତରଫରୁ ସାର୍ଟିଫିକେଟ ସହ ଚାରା ବଣ୍ଟନ କରାଯାଇଛି। ଏହି ସଙ୍ଗଠନ ତରଫରୁ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ର ଏହି ଦିନଠାରୁ ଗଛ ଲଗାଇ ତାରି ଯତ୍ନ ନେବାର ଦାୟିତ୍ୱ ନିଅନ୍ତୁ ବୋଲି ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଗଠନ ନିର୍ଦ୍ଦେଶକ ଜୟନାରାୟଣ ଘୋଷ ସଭାପତିତ୍ୱ କରିଥିବାବେଳେ ସିଏସିର ଜିଲା ପରିଚାଳକ ସୁଶୀଲ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଚାରା ସହ ବିସିସି ଏବଂ ଡିସିଏ ଶିକ୍ଷାଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।




ସାରାବଙ୍ଗ ସରକାରୀ ନୋଡାଲ ହାଇସ୍କୁଲରେ ଆୟୋଜିତ ଜିଲାସ୍ତରୀୟ ବନମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ସାରାବଙ୍ଗ, ସିଆଲଟିଗାଁରେ ବନ ମହୋତ୍ସବ

ନୂଆପଡା ଅଫିସ,୨।୭

ମଙ୍ଗଳବାର ସ୍ଥାନୀୟ ସାରାବଙ୍ଗ ଗାଁରେ ବନବିଭାଗ ତରଫରୁ ଜିଲାସ୍ତରୀୟ ଏବଂ କୋମନା ବ୍ଲକର ସିଆଲଟି ଗାଁରେ କୋମନା ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ସାରାବଙ୍ଗ ସରକାରୀ ନୋଡାଲ ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୋଶ କୁମାର ସାହୁ ସଭାପତିତ୍ୱ କରିଥିବାବେଳେ ଏସିଏଫ ମିହିର କୁମାର ପଟ୍ଟନାୟକ ମୁଖ୍ୟଅତିଥି, ରେଞ୍ଜର ଅସିତ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବନମହୋତ୍ସବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅଧିକାରୀମାନେ ଉପସ୍ଥାପନ କରିଥିଲେ । ବର୍ତ୍ତମାନ ଦ୍ରୁତ ଗତିରେ ଜଙ୍ଗଲ ନଷ୍ଟ ହେବାରେ ଲାଗିଥିବାରୁ ଏହା ଉପରେ ଅଙ୍କୁଶ ଲଗାଇବାକୁ ହେଲେ ଗଛ ଲଗାଇବାକୁ ହେବ ବୋଲି କହିଥିଲେ । ଏହି ଅବସରରେ ହାଇସ୍କୁଲ ପରିସରରେ ବହୁ ଗଛ ଲଗାଯାଇଥିଲା।

ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଏହିଭଳି କୋମନା ବ୍ଲକର ସିଆଲଟି ହାଇସ୍କୁଲରେ ଆୟୋଜିତ କୋମନା ବ୍ଲକସ୍ତରୀୟ ମହୋତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଞ୍ଚାନନ ମଟାରୀ ସଭାପତିତ୍ୱ କରିଥିବାବେଳେ କୋମନା ରେଞ୍ଜର ଜଗଦିଶ ଚନ୍ଦ୍ର ଦୁରିଆ ମୁଖ୍ୟଅତିଥି, ଫରେଷ୍ଟର ଦୁର୍ଯ୍ୟୋଧନ ପ୍ରସାଦ ଦିକ୍ଷୀତ, ଲକ୍ଷ୍ମୀଧର ଘିଭେଲା, ରୁଦ୍ରସିଂ ମାଝି, ନଗେନ୍ଦ୍ର କୁମାର କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ କ୍ୟାମ୍ପସରେ ବହୁ ମୂଲ୍ୟବାନ ଚାରାସବୁ ଲଗାଯାଇଥିଲା। ଛାତ୍ରୀଛାତ୍ରମାନେ ଗାଁ ପରିକ୍ରମା କରି ବିଭିନ୍ନ ସ୍ଲୋଗାନମାନ ଦେଇ ସଚେତନତାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ଗ୍ରାମବାସୀ ଯୋଗଦେଇଥିଲେ।

# ବିଭିନ୍ନ ମଣ୍ଡିରେ ୨୨ ହଜାର କ୍ୱିଣ୍ଟାଲ ଧାନ ପଡ଼ିଛି

ଭବାନୀପାଟଣା,୨।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଜୁଲାଇ ପହିଲାଠାରୁ ମଣ୍ଡି ବନ୍ଦ ହୋଇଥିବା ଯୋଗୁ ସରକାରୀ ଭାବେ ପ୍ରାୟ ୨୨ ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ବିଭିନ୍ନ ମଣ୍ଡିରେ ପଡି ରହିଛି। ଅନ୍ୟପକ୍ଷରେ ୩୨ ଲକ୍ଷ କ୍ୱିଣ୍ଟାଲ ଧାନ ଉତ୍ପାଦନ ହୋଇଥିବା ବେଳେ ଆହୁରି ୯ ଲକ୍ଷ କ୍ୱିଣ୍ଟାଲ ଧାନ ଟାର୍ଗେଟ ନ ଥିବା ବେଳେ ମୌସୁମୀ ଓ ଟାର୍ଗେଟ ଚିନ୍ତା ଚାଷୀଙ୍କ ଅଡୁଆ ବଢାଇଛି। କଳାହାଣ୍ଡି ଜିଲାରେ ୫୧ଟି ମଣ୍ଡି ଜରିଆରେ ୩୪ଟି ପ୍ୟାକ୍ସ ଓ ୧୭ଟି ମହିଳା ଏସଏଚଜିଙ୍କୁ ଧାନ କ୍ରୟ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ୬୦ ଜଣ ମିଲର୍ସ ଧାନ ଉଠାଣ କରୁଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ କଳାହାଣ୍ଡି ଜିଲାକୁ ୨୩ ଲକ୍ଷ ୫୦ ହଜାର କ୍ୱିଣ୍ଟାଲ ଧାନ ଉଠାଣ ପାଇଁ ଟାର୍ଗେଟ ଏପର୍ଯ୍ୟନ୍ତ ଆସିଛି। ଗତ ରବିବାର ପର୍ଯ୍ୟନ୍ତ ୨୩ ଲକ୍ଷ ୧୯ ହଜାର କ୍ୱିଣ୍ଟାଲ ଧାନ ଉଠାଣ ହୋଇଥିବା ବେଳେ ଜିଲାକୁ ଆହୁରି ଅଧିକ ଟାର୍ଗେଟ ଆବଶ୍ୟକତା ରହିଛି। ୩୨ ଲକ୍ଷ କ୍ୱିଣ୍ଟାଲ ଧାନ ବଦଳରେ ମାତ୍ର ୨୩ ଲକ୍ଷ ୫୦ ହଜାର କ୍ୱିଣ୍ଟାଲ ଧାନ ଟାର୍ଗେଟ ଦେବା ଯୋଗୁ ବର୍ତ୍ତମାନ ଚାଷୀଙ୍କ ଧାନ ମଣ୍ଡିରେ ପଡି ରହିଛି। ଯୋଗାଣ ବିଭାଗ ପକ୍ଷରୁ ସରକାରଙ୍କ ନିଷ୍ପତ୍ତି କ୍ରମେ ଜୁଲାଇ ୧ ତାରିଖରୁ ମଣ୍ଡିରୁ ଧାନ କ୍ରୟ ବନ୍ଦ କରାଯାଇଛି। ନୂଆ ଟୋକନ ନ ଦେବା ଓ ପଞ୍ଜୀକୃତ ହୋଇଥିବା ଚାଷୀଙ୍କ ଧାନ ଟାର୍ଗେଟ ଅଭାବରୁ କ୍ରୟ କରା ନ ଯିବା ଯୋଗୁ ଚାଷୀମାନେ ଏବେ ଅଡୁଆରେ ପଡିଛନ୍ତି। ୯ ଲକ୍ଷ କ୍ୱିଣ୍ଟାଲ ଧାନ ଟାର୍ଗେଟ ନ ଆସିବା ଯୋଗୁ ଚାଷୀମାନେ ମୌସୁମୀ ବର୍ଷା ଯୋଗୁ ପ୍ରମାଦ ଗଣିବା ଆରମ୍ଭ କରିଛନ୍ତି। ଜିଲାର ବହୁ ମଣ୍ଡିରେ ଧାନ ଗଦା ହୋଇ ବର୍ଷା ଯୋଗୁ ଗଜା ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ବିଧାନସଭାରେ ଧାନ ବିକ୍ରି ନେଇ ଚାଷୀ ହଟହଟା ହେଉଥିବା ଯୋଗୁ ବିରୋଧୀଙ୍କ ପକ୍ଷରୁ ତୁମ୍ବିତୋଫାନ ହୋଇଥିଲା। ଖୋଦ ଯୋଗାଣ ବିଭାଗ ମନ୍ତ୍ରୀ ଧାନ ଉଠାଣ କରାଯିବ ବୋଲି କହୁଥିବା ବେଳେ ଜିଲା ପ୍ରଶାସନ ଜୁଲାଇ ୧ ତାରିଖଠାରୁ ମଣ୍ଡି ବନ୍ଦ କରାଯିବା ନେଇ ଚାଷୀ ମହଲରେ କ୍ଷୋଭ ପ୍ରକାଶ ପାଇଛି।

ଯୋଗାଣ ବିଭାଗ ଅନୁଯାୟୀ ବର୍ତ୍ତମାନ ଜିଲାର ବିଭିନ୍ନ ମଣ୍ଡିରେ ପ୍ରାୟ ୨୨ ହଜାର କ୍ୱିଣ୍ଟାଲ ଧାନ ବିକ୍ରି ଅପେକ୍ଷାରେ ରହିଛି। ଜିଲା ପ୍ରଶାସନ ପକ୍ଷରୁ ୩୨ ଲକ୍ଷ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଟାର୍ଗେଟ ଥିବା ବେଳେ ମାତ୍ର ୨୩ ଲକ୍ଷ ୫୦ ହଜାର କ୍ୱିଣ୍ଟାଲ ଟାର୍ଗେଟ ମିଳିଛି। ବିଭାଗ ପକ୍ଷରୁ ମାତ୍ର ୨୨ ହଜାର କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ମଣ୍ଡିରେ ପଡି ରହିଛି ବୋଲି କହୁଥିବା ବେଳେ ବକେୟା ଧାନ କୁଆଡେ ଗଲା ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଧାନ ମଣ୍ଡି ବନ୍ଦ ହେବା ଯୋଗୁ ଚାଷୀ ମାନଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏ ନେଇ ହସ୍ତକ୍ଷେପ ନ କଲେ ପରିସ୍ଥିତି ଆସମ୍ଭାଳ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ଜିଲା ଯୋଗାଣ ଅଧିକାରୀ ଶିବ ପ୍ରସାଦ ଦୋରାଙ୍କୁ ପଚାରିବାରୁ ଆମକୁ ଆସିଥିବା ୨୩ ଲକ୍ଷ ୫୦ ହଜାର କ୍ୱିଣ୍ଟାଲ ଟାର୍ଗେଟରୁ ୨୩ ଲକ୍ଷ ୧୯ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି। ଜୁଲାଇ ୧ ତାରିଖରୁ ରାଜ୍ୟ ସରକାର ମଣ୍ଡି ବନ୍ଦ କରିଥିବା ଯୋଗୁ ଆମେ ଧାନ କ୍ରୟ କରିପାରୁନାହିଁ। ବର୍ତ୍ତମାନ ପ୍ରାୟ ୨୨ ହଜାର କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଚାଷୀଙ୍କ ପାଖରେ ପଡି ରହିଛି ବୋଲି କହିଥିଲେ। ଚାଷୀମାନଙ୍କ ଲକ୍ଷ ଲକ୍ଷ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡି ରହିବା ଯୋଗୁ ଚାଷୀ ଅସନ୍ତୋଷକୁ ଦୃଷ୍ଟିରେ ରଖି ଆସନ୍ତା ଜୁଲାଇ ୩ ତାରିଖରେ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏକ ଜରୁରିକାଳୀନ ସମୀକ୍ଷା ବୈଠକ ଭବାନୀପାଟଣା ସହସ୍ଥିତ ସର୍କିଟ ହାଉସଠାରେ ରଖିଛନ୍ତି। ଏଥିରେ ଜିଲା ପ୍ରଶାସନ ତଥା ବିଭାଗୀୟ ଅଧିକାରୀଙ୍କୁ ନେଇ ଧାନ ଉଠାଣ ନେଇ ବିଷଦ ଭାବବରେ ଆଲୋଚନା ହେବ ଓ ପରିବର୍ତ୍ତି ନିଷ୍ପତ୍ତି ନିଆଯିବ ।

### ଜୁଲାଇ ପହିଲାରୁ ମଣ୍ଡି ବନ୍ଦ



ମଣ୍ଡି ନିକଟରେ ଚାଷୀମାନେ ଏକାଠି ହୋଇଛନ୍ତି।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।

- ଆର.ଡବ୍ଲ୍ୟୁ. ଇମରସନ



## ସେଲ୍‌ଫି କର୍ଣ୍ଣର



@ ପିକୁନ



@ ବିଘ୍ନ



@ ପ୍ରମୋଦ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ସୋନପୁର କଲେଜର ୫୬ତମ ପ୍ରତିଷ୍ଠା ଉତ୍ସବ

ସୋନପୁର,୨।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ଉଚ୍ଚ ଶିକ୍ଷା ଅନୁଷ୍ଠାନ ସୋନପୁର କଲେଜର ୫୬ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳନ କରାଯାଇଛି । ଏହି ଅବସରରେ କଲେଜର ସମ୍ମିଳନୀ କକ୍ଷରେ ଉତ୍ସବର ଆୟୋଜନ ହୋଇଥିଲା । ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏହି କଲେଜ ଏକ ମାଇଲ ଖୁଣ୍ଟ ବୋଲି କହିଥିଲେ । ୧୯୬୪ରେ ତେଲନଦୀ, ସୁକତେଲ ନଦୀ ଓ ମହାନଦୀରେ ବ୍ରିଜ୍ ନିର୍ମାଣ ହୋଇ ନ ଥିଲା। ସୋନପୁରରୁ ଭୁବନେଶ୍ୱର, ସୋନପୁରରୁ ବଲାଙ୍ଗୀର ଓ ସୋନପୁରରୁ ସମ୍ବଲପୁର ଯିବା ପାଇଁ ଡଙ୍ଗା ହିଁ ଏକମାତ୍ର ଭରସା ଥିଲା । ଏହି ସମୟରେ ଅଞ୍ଚଳବାସୀଙ୍କ ଉଦ୍ୟମରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ କଲେଜ ପ୍ରତିଷ୍ଠା ହେବା ଗୁରୁତ୍ୱପୂର୍ଣ୍ଣ ବୋଲି ଏସ୍‌ପି କହିଥିଲେ। ଏହି ଅବସରରେ ଏସ୍‌ପି କଲେଜର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।





ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

କଲେଜ ଅଧ୍ୟକ୍ଷ ତରୁଣ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ସୋନପୁର କଲେଜ ପଶ୍ଚିମ ଓଡ଼ିଶାର ରେଭେନ୍‌ସା ବୋଲି ମତପ୍ରକାଶ କରିଥିଲେ। କଲେଜରେ ତାଙ୍କର ଦୀର୍ଘ ୩୭ ବର୍ଷର ଅଧ୍ୟାପନାର ଅନୁଭୂତି ସମ୍ପର୍କରେ ଅଧ୍ୟକ୍ଷ ମିଶ୍ର ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ ସଭା ସଂଯୋଜନା କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ରବି ବିଶ୍ୱାଳ କଲେଜର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନେ ଆବାହନୀ ଓ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଉତ୍ସବରେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ପ୍ରସାଦ ରାୟଗୁରୁ, ରେଣୁକା ମିଶ୍ର, କଲେଜର ପ୍ରାକ୍ତନ ଛାତ୍ର ତଥା ପ୍ରାକ୍ତନ ଅଧ୍ୟକ୍ଷ କ୍ୟାପ୍‌ଟେନ୍ ରାମସ୍ୱାମୀ ମହାପାତ୍ର, ଡ. ସନ୍ତୋଷ ପାଢୀ, ଡ. କେଦାରନାଥ ମିଶ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର, ମେଜର କୃପାସିନ୍ଧୁ ପାଣିଗ୍ରାହୀ, ମୁଖ୍ୟ କିରାଣି ସତ୍ୟନାରାୟଣ ତ୍ରିପାଠୀ, ଥବୀର ଚନ୍ଦ୍ର ବିଶି ପ୍ରମୁଖ ଉପସ୍ଥିତ ରହି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ମ୍ୟାଲେରିଆ, ଡେଙ୍ଗୁ ଚେତନତା ପକ୍ଷ ଶୁଭାରମ୍ଭ

ବିନିକା,୨।୭(ଡି.ଏନ୍.ଏ.)

ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ମଙ୍ଗଳବାର ଡେଙ୍ଗୁ, ମ୍ୟାଲେରିଆ ଓ ଡାଇରିଆର ସଚେତନତା ପକ୍ଷ ଶୁଭାରମ୍ଭ ହୋଇଯାଇଛି । ଏହା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ।


ଜନ୍ମଦିନର ଶୁଭେଚ୍ଛା



(ଗୁନୁଆ)
ଆଶୁତୋଷ
ନାଲଗୁଣ୍ଡା, ମତୋ, ଭଦ୍ରକ
ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ
ଜେଜେ, ଜେଜେ ମା, ଅଜା, ବାପା: ନିରଞ୍ଜନ, ମା: ସୁନିତା, ମାମୁ: ରବୀନ୍ଦ୍ର, ମାଇଁ: ସବିତା।
ଧ-୧୩୨୨୫

୧ମ ଜନ୍ମଦିନ ଶୁଭେଚ୍ଛା



ସ୍ୱାହା
କେଶବ ନଗର, ଭଦ୍ରକ
ତୋର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ
ବାପା, ମା, ଅଜା, ଆଈ, ଜେଜେ ବାପା, ଜେଜେ ମା।
ଧ-୧୩୨୨୪


## ପାତାଳି ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ନବଯୌବନ ଦର୍ଶନ

ଉଲୁଣ୍ଡା୨.୭(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ପାତାଳି ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ପାରମ୍ପରିକ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦେବସ୍ନାନ ପୂର୍ଣ୍ଣିମାରୁ ଅସୁସ୍ଥ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଗୁପ୍ତ ପୂଜା, ସେବା ତଥା ପଞ୍ଚମୂଳ, ଦଶମୂଳ ସେବା ପରେ ଠାକୁର ଭକ୍ତଙ୍କୁ ନବଯୌବନ ଦର୍ଶନ ଦେଇଛନ୍ତି। ପୂଜକ ଗୁଣାକର ପଣ୍ଡାଙ୍କ ସମେତ ଅଚାର୍ଯ୍ୟ ଦେବାର୍ଚ୍ଚନ ଦାସ ପ୍ରତିଷ୍ଠା କାର୍ଯ୍ୟ ହୋମଯଜ୍ଞ, ପଞ୍ଚାମୃତ ସ୍ନାନ, ଆଳତୀ ଆଦି କରିଥିଲେ। କର୍ତ୍ତା ଭାବେ ଚମ୍ପୁରୁ ଅମାତ କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ନନ୍ଦି ଘୋଷ, ଦେବଦଳନ ଓ ତାଳଧ୍ୱଜ ରଥରେ ନେତ ବନ୍ଧାଯାଇଥିଲା। ଘଣ୍ଟ ଦଲ, ସଂକୀର୍ତ୍ତନ ଦଳ, ପହଣ୍ଡି ସେବାୟତ ଆଦିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଉଲୁଣ୍ଡା ସଦରରେ ଜଗନ୍ନାଥଙ୍କ ନେତ୍ରୋତ୍ସବ ଏବଂ ନବଯୌ ବନ ଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଦଶରଥ ମହାପାତ୍ର ଯଜ୍ଞ କାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତା ଭାବେ ରମେଶ ଅଗ୍ରୱାଲ ଏବଂ ତାଙ୍କ ସ୍ତ୍ରୀ କର୍ତ୍ତା ଭାବେ ରହିଥିଲେ। ପୂଜାର୍ଚ୍ଚନା ପରେ ରଥରେ ନେତ ବନ୍ଧନ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଜଗନ୍ନାଥଙ୍କ ନବଯୌବନ ଦର୍ଶନ କରିଥିଲେ।

## ସିଣ୍ଡୋଲ କଲେଜରେ ବନ ମହୋତ୍ସବ

ଉଲୁଣ୍ଡା,୨।୭(ଡି.ଏନ.ଏ.)

ଉଲୁଣ୍ଡା ବନାଞ୍ଚଳ ଅଧୀନ ସିଣ୍ଡୋଲ ଆଞ୍ଚଳିକ ମହାବିଦ୍ୟାଳୟରେ ବନ ବିଭାଗ ପକ୍ଷରୁ ୭୦ତମ ବନମହୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ବନାଞ୍ଚଳ ଅଧିକାରୀ ଶିବ ପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସମାନ୍ତରାୟ ମୁଖ୍ୟଅତିଥି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସେହିପରି ଉଲୁଣ୍ଡା ଅତିରିକ୍ତ ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ, ଯୁକ୍ତ ୩ ମହାବିଦ୍ୟାଳୟ ଅଧ୍ୟକ୍ଷା ଗିତାଞ୍ଜଳି ପଣ୍ଡା, ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଶ୍ରୀକୁମାର ଦାସ, ହୃଦାନନ୍ଦ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ଉଲୁଣ୍ଡା ବନପାଳ ଦିନେଶ ପ୍ରସାଦ ମାଝି, ବନରକ୍ଷୀ ବନମାଳି ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।


### ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାରକୋଟ

ବିଜ୍ଞାପନ ସଂଖ୍ୟା: ୧୨୮୧ | ତା: ୦୨।୦୭।୨୦୧୯

ଏତଦ୍ୱାରା ପଞ୍ଚାୟତ ସମିତି, ବାରକୋଟ ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବର୍ଷ ୨୦୧୮-୧୯ର ସାମାଜିକ ସମୀକ୍ଷା ନିମ୍ନ ସାରଣୀ ଅନୁସାରେ ଅନୁଷ୍ଠିତ ହେବ। ଏଥିରେ ଶତପ୍ରତିଶତ ମଷ୍ଟରରୋଲ ଓ କାର୍ଯ୍ୟପତ୍ର ଯାଞ୍ଚ ହେବ।

ତେଣୁ ଉକ୍ତ ସାମାଜିକ ସମୀକ୍ଷା ଗ୍ରାମସଭାରେ ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣ ଅର୍ଦ୍ଧ କୁଶଳୀ ତଥା ଅଣକୁଶଳୀ ଶ୍ରମିକ, ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ତଥା ଶାରୀରିକ ଭିନ୍ନକ୍ଷମ, ବୃଦ୍ଧ, ବୃଦ୍ଧା, ବିଧବା ସଦସ୍ୟ ବୃନ୍ଦ ଏବଂ ଗ୍ରାମପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟା, ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ/ ଜିପିଟିଏ ଏବଂ ଉପରୋକ୍ତ ଯୋଜନାରେ ସମ୍ପୃକ୍ତ ଥିବା ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀ ଉପସ୍ଥିତ ରହିବେ।

ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ

| ପର୍ଯ୍ୟାୟ | ଗ୍ରା.ପ.ର ନାମ | ଜାତୀୟ ସାମାଜିକ ସୁରକ୍ଷା | | ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା | | ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ, ସମୟ | ବ୍ଲକ ପର୍ଯ୍ୟବେକ୍ଷକ |
|---|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରଖ | ଆରମ୍ଭ ତାରିଖ | ଶେଷ ତାରଖ | | |
| | ବଲମ | ୧୫।୦୭।୨୦୧୯ | ୧୮।୦୭।୨୦୧୯ | ୧୯।୦୭।୨୦୧୯ | ୨୫।୦୭।୨୦୧୯ | ୨୫।୦୭।୨୦୧୯ | A.B.D.O |
| ୧ମ | ବସାଲଇ, ବଲଣ୍ଡା, ଦଣ୍ଡାସିଙ୍ଗା, ଗୁରୁସଙ୍ଗ, ଡଂରା, ମଧୁପୁର, କାଦୋପଡ଼ା | ୧୫।୦୭।୨୦୧୯ | ୧୮।୦୭।୨୦୧୯ | ୧୯।୦୭।୨୦୧୯ | ୨୯।୦୭।୨୦୧୯ | ୨୯।୦୭।୨୦୧୯ | A.E, B.P.M, G.P.E.O, B.S.S.O, P.A, A.P.O, W.E.O |
| ୨ୟ | ଦନ୍ତରି ବାହାଲ, କଣ୍ଡଳ, ସିଂହଶାଳ, କଲା, ସରୁଆଳି, କାଳିଆପାଳ, ଗୋଳାବନ୍ଧ, ଝରାକଣ୍ଡଳ | ୦୫।୦୮।୨୦୧୯ | ୦୮।୦୮।୨୦୧୯ | ୦୯।୦୮।୨୦୧୯ | ୧୯।୦୮।୨୦୧୯ | ୧୯।୦୮।୨୦୧୯ | A.B.D.O, A.E, B.P.M, G.P.EO, A.P.O, W.E.O, P.A, B.S.S.O |
| ୩ୟ | କଣ୍ଡାପାଲି, ରଙ୍ଗେଇ, କାଉଁଶିବାହାଳ, ବମ୍ପରଡ଼ା, ସଇଡ଼ା, ବିଜୟନଗର, ରାଇତାବାହାଲ, କେଲଡ଼ା | ୨୭।୦୮।୨୦୧୯ | ୩୦।୦୮।୨୦୧୯ | ୩୧।୦୮।୨୦୧୯ | ୧୦।୦୯।୨୦୧୯ | ୧୦।୦୯।୨୦୧୯ | G.P.E.O, B.P.M, A.E, B.S.S.O, W.E.O, P.A, A.B.D.O, A.P.O |

ବ୍ଲକସ୍ତରୀୟ ଜନଶୁଣାଣି ତା୨୫।୦୯।୨୦୧୯ ସମୟ:- ୧୦.୩୦ମିରେ ବ୍ଲକ ଅଫିସ୍ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ।

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରକୋଟ

ଶୁଭ ବିବାହ ଅଭିନନ୍ଦନ



ବିକାଶ ସହିତ ବର୍ଷା
ଓଳଗଦା, ତିର୍ତ୍ତୋଲ, ଜଗତସିଂହପୁର
ମା' ଶାରଳା ଓ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଦାମ୍ପତ୍ୟ ଜୀବନରେ ହସ, ଖୁସି ଭରିଦିଅନ୍ତୁ। ଶୁଭ ବିବାହ ଅବସରରେ ଏତିକି କାମନା।
ଶୁଭେଚ୍ଛାସହ:
ବନ୍ଧୁ ଓ ପରିବାରବର୍ଗ।
ଧ-୧୩୨୨୨


## ସୁବର୍ଣ୍ଣପୁର ଭାଜପାର ଘଡ଼ିକେ ଘୋଡ଼ା ଅଶୋକ ପୃଷ୍ଟି ହେଲେ ଜିଲା ସଦସ୍ୟତା ପ୍ରଭାରୀ



ଅଶୋକ ପୃଷ୍ଟି

ସୋନପୁର,୨।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଭାଜପାରେ ଘଡିକେ ଘୋଡା ଛୁଟୁଛି । ୨ ଦିନ ପୂର୍ବରୁ ନିଯୁକ୍ତ ହୋଇଥିବା ଜିଲା ସଦସ୍ୟତା ପ୍ରଭାରୀଙ୍କୁ ହଟାଇ ଦିଆଯାଇଛି । କେନ୍ଦୁଝରର ପ୍ରାକ୍ତନ ଏମ୍‌ପି ତଥା ଭାଜପାର ରାଜ୍ୟ ସଦସ୍ୟତା ପ୍ରମୁଖ ଦାୟିତ୍ୱରେ ଥିବା ଅନନ୍ତ ନାଏକ ସୁବର୍ଣ୍ଣପୁର ଜିଲାର ବରିଷ୍ଠ ନେତା ବଳଦେବ ପ୍ରସାଦ ବେଦ୍‌ବାକ୍‌ଙ୍କୁ ସୁବର୍ଣ୍ଣପୁର ଜିଲା ସଦସ୍ୟତା ପ୍ରଭାରୀ ଭାବେ ନିଯୁକ୍ତ କରିଥିଲେ। ବଳଦେବଙ୍କ ସମର୍ଥକ ଖୁସି ହୋଇଥିଲେ। ସୋମବାର ଅଶୋକ ପୃଷ୍ଟିଙ୍କୁ ଏହି ପଦରେ ନିଯୁକ୍ତି ଦିଆଯାଇଛି। ଏ ସମ୍ପର୍କରେ ରାଜ୍ୟ କାର୍ଯ୍ୟାଳୟରୁ ଭାଜପା ଜିଲା ସଭାପତି ବିଜୟ ମହାକୁରଙ୍କ ନିକଟକୁ ଚିଠି ଆସିଛି । ଗୋଷ୍ଠୀ କନ୍ଦଳ ଯୋଗୁ ଗତ ବିଧାନସଭା ନିର୍ବାଚନରେ ଭାଜପା ପରାଜୟବରଣ କରିଥିଲା । ହେଲେ ଦଳ ଏଥିରୁ ମଧ୍ୟ ଶିକ୍ଷା ପାଇ ନ ଥିବା ସ୍ପଷ୍ଟ ହୋଇଛି । ସେହିପରି ଏହି ଘଟଣାରୁ ଭାଜପା ଜିଲା ସଂଗଠନରେ ସବୁ ଠିକ୍‌ଠାକ୍ ଚାଲି ନ ଥିବା ମଧ୍ୟ ସାମ୍ନାକୁ ଆସିଛି । ପ୍ରକାଶ ଯେ, ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଭାଜପା ସଦସ୍ୟ ସଂଖ୍ୟା ବଢ଼ାଇବ। ଦଳ ଓଡ଼ିଶାରେ ପୁଣି ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି। ଏହି କ୍ରମରେ ଅଶୋକଙ୍କୁ ସହାୟତା ପାଇଁ ବିନିକାର ବରିଷ୍ଠ ନେତା ମହେନ୍ଦ୍ର ମହାନନ୍ଦଙ୍କୁ ଜିଲା ସଦସ୍ୟତା ପ୍ରମୁଖ ଓ ରାମପୁରର ଶିବରାଜ ବେହେରାଙ୍କୁ ଜିଲା ସଦସ୍ୟତା ସହ ପ୍ରମୁଖ ଭାବେ ମନୋନୀତ କରାଯାଇଛି ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡ଼ା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

BUSINESS

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143 9348274623

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440



DHARITRI Career appointment Every Wednesday and Saturday

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨0,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996 7042350747

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ ୨0,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773 9468038873

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ



ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, କାଳୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663 8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।



ମିଆଁ ମଲଖାନ ଜୀ
8860596444 8860599820

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ



ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### କୋକସରା, ଆମପାଣି ଥାନାରେ ନୂତନ ଥାନା ଅଧିକାରୀ

**କୋକସରା,୨।୭(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଧର୍ମଗଡ଼ ଉପଖଣ୍ଡ ଅଧୀନରେ ଥିବା କୋକସରା ବ୍ଲକ୍‌ର ୨ଟି ଥାନା କୋକସରା ଓ ଆମପାଣିଠାରେ ନୂତନ ଭାବେ ଥାନା ଅଧିକାରୀ ଯୋଗଦେଇଛନ୍ତି। କୋକସରା ଥାନାରେ ସତ୍ୟନାରାୟଣ ପ୍ରଧାନ ଏବଂ ଆମପାଣି ଥାନାରେ ପ୍ରଥମ ଥର ପାଇଁ ଜଣେ ମହିଳା ଥାନା ଅଧିକାରୀ ପୁଷ୍ପାଞ୍ଜଳୀ ନେଗି ଯୋଗଦେଇଛନ୍ତି। ପୂର୍ବରୁ ଆମପାଣି ଥାନା ଅଧିକାରୀ ଥିବା ସଥ୍ୟ ନାରାୟଣ ପ୍ରଧାନ କୋକସରାରେ ଯୋଗଦେଇଥିବାବେଳେ ଏଠାରେ ପୂର୍ବରୁ ଥିବା ଉତ୍ତମ କୁମାର ସାହୁଙ୍କୁ ମଦନପୁର ରାମପୁର ଥାନାକୁ ବଦଳି ହୋଇଛି। କୋକସରା ବ୍ଲକର ଭୌଗଳିକ ସୀମା ନିର୍ଦ୍ଧାରଣ ପରେ ଆମପାଣି ଫାଣ୍ଡିକୁ ଗତ ୨ ବର୍ଷ ତଳେ ଥାନାର ମାନ୍ୟତା ମିଳିଥିଲା। ପୋଲିସ ଓ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରଖିବା ସହ ଅଞ୍ଚଳରେ ବଢୁଥିବା ଅପରାଧିକ କାର୍ଯ୍ୟକଳାପକୁ ଦମନ କରାଯିବ। ଏଥିସହ ବଢୁଥିବା ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ପ୍ରାଥମିକତା ଦିଆଯିବ ଓ ଲୋକଙ୍କୁ ସଚେତନତା କରାଯିବ ବୋଲି ଦୁଇ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।



### ଅଞ୍ଜଳି ଠାକୁରଙ୍କୁ ଗାନ୍ଧିଆନ୍ ୟଙ୍ଗ୍, ଟେକ୍‌ନୋଲୋଜି ଇନୋଭେସନ୍ ଆୱାର୍ଡ ମିଳିବ

**ଭବାନୀପାଟଣା,୨।୭(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଭବାନୀପାଟଣା ରାମସାଗର ପଡାର ଅଞ୍ଜଳି ଠାକୁର ଚଳିତବର୍ଷର ସମ୍ମାନ ଜନକ 'ଗାନ୍ଧୀଆନ ୟଙ୍ଗ ଟେକ୍‌ନୋଲୋଜି ଇନୋଭେସନ ଆୱାର୍ଡ' ପାଇବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୬ ତାରିଖରେ ଭାରତର ଉପରାଷ୍ଟ୍ରପତିଙ୍କଠାରୁ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ସେ ଏହି ପୁରସ୍କାର ଗ୍ରହଣ କରିବେ ବୋଲି ଜଣାପଡିଛି। ସୁଶ୍ରୀ ଠାକୁର ମକା, ମାଣ୍ଡିଆ, ଚଣାଡାଲି ଓ ଫଳ ଜୁସକୁ ନେଇ ପ୍ରୋଟିନ ପାଉଡର ଡ୍ରିଙ୍କ୍‌ସର ପ୍ୟାଟେଣ୍ଟ କରି ଚର୍ଚ୍ଚାର ପରିଧିକୁ ଆସିଥିଲେ। ସେ ବର୍ତ୍ତମାନ ଆଇଆଇଟି ଖଡଗପୁରରେ ଏଗ୍ରିକଲଚର ଫୁଡ ଇଞ୍ଜିନିୟରିଂରେ ପିଏଚ୍‌ଡି କରୁଛନ୍ତି। ୨୦୧୬ରେ ଓଡିଶା ଓୟୁଟିଏ ଏଗ୍ରିକଲଚର ଇଞ୍ଜିନିୟରିଂରେ ଟପ୍ପର ହୋଇ ସ୍ୱର୍ଣ୍ଣପଦକ ପାଇଥିଲେ। ସେ ଆଇଆଇଟି ଖଡଗପୁରରେ ଫୁଡ ପ୍ରୋସେସିଂ ଇଞ୍ଜିନିୟରିଂ କୋର୍ସ କରୁଛନ୍ତି। ସେତେବେଳେ ମଧ୍ୟ ସେ 'ୟଙ୍ଗ ଷ୍ଟୁଡେଣ୍ଟ ଇନୋଭେସନ ଆୱାର୍ଡ' ପାଇ କେନ୍ଦ୍ର ମାନବ ସମ୍ବଳ ବିଭାଗ ପକ୍ଷରୁ ମାସିକ ୩୧ ହଜାର ଟଙ୍କା ସ୍କଲାରସିପ ପାଉଛନ୍ତି। ତାଙ୍କର ଏହି ସଫଳତା ନେଇ ଜିଲାରେ ଖୁସିରେ ଲହରି ଖେଳିଯାଇଛି।

ଇନ୍ଦ୍ରାବତୀ ବିସ୍ଥାପିତ ଅଞ୍ଚଳରେ ସରକାରୀ ଯୋଜନା ଅପହଞ୍ଚ

# ବର୍ଷାଦିନରେ ପଡ଼ାବାସୀ ଜଳବନ୍ଦୀ

**ଭବାନୀପାଟଣା/ମୁଖୀଗୁଡା, ୨।୭(ସ୍ୱ.ପ୍ର./ଡି.ଏନ.ଝଏ.)**

କଳାହାଣ୍ଡି ଜିଲାରେ ଗତ ୧୯୮୦-୮୧ରେ ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ପାଇଁ ଜଳ ଭଣ୍ଡାର ନିକଟରେ ଥିବା ଥୁଆମୂଳ ରାମପୁର ବ୍ଲକର ୯୪ଟି ଗ୍ରାମର ୬୧୩୩ ପରିବାରଙ୍କୁ ଭିଟାମାଟି ଛାଡିବାକୁ ପଡିଥିଲା। ନିଜ ଜନ୍ମ ମାଟି ଛାଡି ଉକ୍ତ ଗ୍ରାମବାସୀ ପାହାଡରେ ଏଣେ ତେଣେ ଯାଇ ରହିଥିଲେ। ବିସ୍ଥାପିତ ହେବାର ଇତିମଧ୍ୟରେ ୨୮ରୁ ୨୯ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ସେମାନଙ୍କ ପାଖରେ ସରକାରୀ ଯୋଜନା ଅପହଞ୍ଚ। ଅତିଦୟନୀୟ ଭାବେ ସେମାନେ ଏବେ ଜୀବନଯାପନ କରୁଛନ୍ତି। ବ୍ଲକର ମହୁଲପାଟଣା ନିକଟସ୍ଥ ଇନ୍ଦ୍ରାବତୀ ଇନଟେକ ଅଞ୍ଚଳରେ ବାସ କରୁଥିବା କୁମୁଡାସିଲ, ଲେପେଶପଦରର ୫୨ ପରିବାର ୩ ଶହ ଲୋକ ମଧ୍ୟ ନିଜ ଭିଟାମାଟି ଛାଡି ବର୍ଗାମୁଡା, ବାଗଡୋଙ୍ଗର, ସିସଗାଡା ପାହାଡ ଉପରେ ଯାଇ ରହିଥିଲେ। ସେତେବେଳେ ସରକାରଙ୍କ ଦ୍ୱାରା ସେମାନଙ୍କୁ ଉଚ୍ଛେଦ ଅନୁଦାନ କାଁଭାଁ ମିଳି ଥିଲା। ଫଳରେ କୁମୁଡାସିଲ, ଲେପେଶପଦର ଗ୍ରାମବାସୀଙ୍କ ପାଇଁ ସମସ୍ୟା ସାଜିଥିଲା। ବିଶେଷ କରି ଲେପେଶପଦର ପଡାବାସୀଙ୍କ ପାଇଁ ଏବେ ସରକାରୀ ଯୋଜନା ସାତ ସପନ। ଏଠାରେ ଗମନାଗମନ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ



ଦୁଇ ପାହାଡ ମଧ୍ୟରେ ଥିବା ସିରାଏ ନାଳ। -



ଲେପେଶପଡାବାସୀ।

**ଥୁଆମୂଳ ରାମପୁର ବ୍ଲକ**
- ମୌଳିକ ସୁବିଧାରୁ ବଞ୍ଚିତ ଲେପେଶପଦର ପଡ଼ାବାସୀ
- ବାଧକ ସାଜୁଛି ସିରାଏ ନାଳ

ଯୋଜନା ଅପହଞ୍ଚ। ଏସବୁ ସରକାରୀ ଯୋଜନାଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଏଠାକାର ଲୋକେ ସୁଫଳ ପାଇପାରିନାହାନ୍ତି। ଜଳ ଭଣ୍ଡାରରୁ ପ୍ରାୟ ୨ ହଜାର ଫୁଟ ଉପର କୁମୁଡାସିଲ ଅଞ୍ଚଳ ଏବେ ମଧ୍ୟ ଗମନାଗମନ ପଥର ବିଚ୍ଛିନ୍ନ ହୋଇପଡିଛି। ସଡକ ଯୋଜନା ବାଟବଣା ହୋଇଥିବାବେଳେ ସିରାଏ ଝରଣ ନାଳ ଏମାନଙ୍କ ପାଇଁ ବାଧକ ସାଜିଛି। ଦୁଇ ପାହାଡ ମଧ୍ୟରେ ଏହି ନାଳ ରହିଛି। ବର୍ଷାଦିନରେ ଲେପେଶପଦର ପଡାବାସୀଙ୍କୁ ଜଳବନ୍ଦୀ ଭାବେ ଜୀବନ ଯାପନ କରିବାକୁ ପଡିଥାଏ। ଏହି ଗ୍ରାମରୁ ପ୍ରାୟ ୧୨ଜଣ ଛାତ୍ରୀଛାତ୍ର ଦେଢ କି.ମି. ନିକଟସ୍ଥ କୁମୁଡାସିଲ ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢିବାକୁ ଯାଇଥାନ୍ତି। ବର୍ଷାଦିନରେ ବିପଦପୂର୍ଣ୍ଣ ନାଳ ଓ ଝରଣା ସେମାନଙ୍କ ଯାତାୟାତକୁ ପ୍ରତିବନ୍ଧକ ସୃଷ୍ଟି କରେ। ରାସ୍ତା ବିଚ୍ଛିନ୍ନ ଯୋଗୁ ଗର୍ଭବତୀଙ୍କୁ ବିପଦପୂର୍ଣ୍ଣ ଜଙ୍ଗଲ ପାହାଡ ରାସ୍ତାଦେଇ ଖଟିଆରେ ବୁହାଯାଇଥାଏ ବୋଲି ସ୍ଥାନୀୟ ୱାର୍ଡମେମ୍ବର ସନିଆ ମାଝି ଦୁଃଖର ସହ କହନ୍ତି। ସେହିପରି ଅଙ୍ଗନୱାଡି କେନ୍ଦ୍ର ପାହାଡର ପାଦ ଦେଶରେ ଥିବାରୁ ଛୋଟଛୋଟ ପିଲାମାନେ କେନ୍ଦ୍ରକୁ ଯିବାରୁ ବଞ୍ଚିତ ହୁଅନ୍ତି। ପାନୀୟ ଜଳ ପାଇଁ ସ୍ଥାନୀୟ ଅଗ୍ରଗାମୀ ଅନୁଷ୍ଠାନ ଦ୍ୱାରା ନିର୍ମିତ ଏକମାତ୍ର କୁଅଁ ହିଁ ଭରସା। ସରକାରୀସ୍ତରରେ ଅଦ୍ୟାବଧି ପାଣିର ସମସ୍ୟା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ଖରାଦିନରେ ଏଠାରେ ପିଇବା ପାଣିର ଅସୁବିଧା ଦେଖାଯାଇଥାଏ। ଫଳରେ ପଡାବାସୀ ଝରଣା, ନାଳ ପାଣି ବ୍ୟବହାର କରି ବିଭିନ୍ନ ସମୟରେ ଜଳବାହିତ ସଂକ୍ରାମକ ରୋଗରେ ମଧ୍ୟ ପଡ଼ିଥାନ୍ତି। ସିରାଏ ନାଳ ଉପରେ ପୋଲ ନିର୍ମାଣ, ଲେପେଶପଦର-କୁମୁଡାଶୀଲକୁ ରାସ୍ତା ନିର୍ମାଣ, ପାନୀୟ ଜଳର ବ୍ୟବସ୍ଥା ଓ କଟାମସ୍କା ଝରଣା ଉପରେ ପ୍ରକଳ୍ପ ନିର୍ମାଣ କରି ଜଳ ଯୋଗାଣର ବ୍ୟବସ୍ଥା କରିବା ଆଦି ଦାବି ନେଇ ପଡାବାସୀ ବିଭିନ୍ନ ସମୟରେ ଥୁଆମୂଳ ରାମପୁର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଯାହାକୁ ନେଇ ଏବେ ପଡାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ, ସରକାର ଆଦିବାସୀଙ୍କ ଉନ୍ନତି ପାଇଁ ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବାସ୍ତବିକ ଏହାର ଚିତ୍ର ଏହି ଲେପେଶପଦର ପଡାରୁ ଜଣାପଡେ। ସରକାର ଶୀଘ୍ର ଉପରୋକ୍ତ ସମସ୍ୟାଗୁଡିକର ସମାଧାନ କରିବା ପାଇଁ ପଡାର ଭୋଲାନାଥ ନାଏକ, ଅନ୍ତରାମ ନାଏକ, ଦାନୁ ମାଝି, ରୁକମଲ ମାଝି, ଗଙ୍ଗା ମାଝି, ବିରସିଂ ମାଝି, ମୁକ୍ତି ମାଝି, ରେନ୍ଧାଏ ମାଝି, ବିରନ୍ଦା ମାଝି, ଲାଲସିଂ ମାଝି, ଘାସି ମାଝି, ମୁକୁ ମାଝି ପ୍ରମୁଖ ନିବେଦନ କରିଛନ୍ତି।

### ଜମିରେ ଫିମ୍ପି ମାରିଲା ବିହନ, ଚିନ୍ତାରେ ଚାଷୀ

**ଭବାନୀପାଟଣା,୨।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସମେତ ଜିଲାର ବିଭିନ୍ନ ଅଞ୍ଚଳେ ଚାଷ କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ କେତେ ଜମିରେ ବିହନ ବୁଣିଥିବା ବେଳେ ପାଣି ଅଭାବରୁ ସେସବୁ ଫିମ୍ପି ମାରିଲାଣି। ଜୁନ୍‌ମାସ ଶେଷ ବେଳେ ଚାଷୀ ବୁଣା ବୁଣି ଶେଷ କରି ଦେଉଥିବା ବେଳେ ଧାନ ସହିତ ଏ ଅଞ୍ଚଳର ଅନ୍ୟତମ ଅର୍ଥକାରୀ ଫସଲ କପା ଆଦି ଗଜା ହୋଇ ସାରିଥାଏ। ହେଲେ ଚଳିତବର୍ଷ ମୌସୁମୀ ଆସିବାରେ ନିଳମ୍ବ ହେଉଥିବା ବେଳେ ପାଣି ଅଭାବରୁ ଜମି ଫାଟି ଆଁ କରିଛି। ଅନେକ ସ୍ଥାନରେ ଚାଷୀମାନେ ପୂର୍ବ ବର୍ଷରୁ ବିହନ ଗଚ୍ଛିତ କରି ରଖିଛନ୍ତି ସେମାନେ ମଧ୍ୟ ପାଣି ଅଭାବରୁ ଜମିରେ ବୁଣି ପାରୁନାହାନ୍ତି। ଯେଉଁ କିଛି ସ୍ଥାନରେ କିଛି ଚାଷୀ ବୁଣାବୁଣି କରିଛନ୍ତି ଜମିରେ ପଡିଥିବା ବିହନ ପାଣି ଅଭାବରୁ ଗଜା ନ ହୋଇ ଫିମ୍ପି ମାରିଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବିହନ ଲଗାଇଲେ ତାହା ଗଜା ନ ହୋଇ ପୋକ ଖାଇଯିବା ଆଶଙ୍କା ନେଇ ଚାଷୀମାନେ କପା ଲଗାଇ ନାହାନ୍ତି। ଜିଲା କୃଷି ଅଧିକାରୀ କହିଛନ୍ତି ଯେ, ବିଳମ୍ବରେ ମୌସୁମୀ ଆସିବାରୁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିଶ୍ଚିତ ଭାବେ ଚାଷ କାମରେ ବିଳମ୍ବ ହୋଇଛି। ଧାନ ଚାଷ ସହ ଏ ଅଞ୍ଚଳରେ କପା ମଧ୍ୟ ଏକ ମୁଖ୍ୟ ଫସଲ। ବର୍ତ୍ତମାନ ସୁଦ୍ଧା କପା ଚାଷ ମଧ୍ୟ ଆରମ୍ଭ ହୋଇପାରିନାହିଁ। ସପ୍ତାହ ମଧ୍ୟରେ ଯଦି ଭଲ ବର୍ଷା ହେବ ତେବେ ଚାଷ କାର୍ଯ୍ୟ ସୁଧୁରିଯିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

## କଳାହାଣ୍ଡି ଡାକ ମଣ୍ଡଳର ଡିଜିଟାଲ ଇଣ୍ଡିଆ ସପ୍ତାହ ପାଳନ ଆରମ୍ଭ

**ଭବାନୀପାଟଣା,୨।୭ (ଡି.ଏନ.ଏ.)**

କଳାହାଣ୍ଡି ଡାକ ମଣ୍ଡଳର ଡିଜିଟାଲ୍ ଇଣ୍ଡିଆ ସପ୍ତାହ ପାଳନ ଆରମ୍ଭ ହୋଇଛି। ବର୍ତ୍ତମାନ ଭାରତୀୟ ଡାକ ବିଭାଗ ଇ-ବ୍ୟାଙ୍କିଂକୁ ଆପଣାଇ ଲୋକଙ୍କ ମଧ୍ୟରେ କେସ୍‌ଲେସ୍ ଟ୍ରାନଜାକ୍‌ସନ ଟଙ୍କା ଦେଣନେଣକୁ ପ୍ରୋତ୍ସାହିତ କରିବା ସହିତ ଗ୍ରାମାଞ୍ଚଳ ଡାକଘରରେ 'ଦରପନ' ଓ 'ଆଇପିପିବି' ଭଳି ଅତ୍ୟାଧୁନିକ ସେବା ଗ୍ରାମାଞ୍ଚଳର ଜନମାନସକୁ ମଧ୍ୟ ଛୁଇଁବା ପାଇଁ ଚେଷ୍ଟା କରାଯାଉଛି ବୋଲି କଳାହାଣ୍ଡି ଡାକ ଅଧୀକ୍ଷକ ପଦ୍ମନାଭ ଦାଶଙ୍କ ଅଧ୍ୟକ୍ଷତାରେ ଭବାନୀପାଟଣା ମୁଖ୍ୟ ଡାକଘର ପରିସରରେ ୪ର୍ଥ ଜନ୍ମବାର୍ଷିକ ଡିଜିଟାଲ ଇଣ୍ଡିଆ ସପ୍ତାହ ପାଳନ ଅବସରରେ ଏକ ଖବରଦାତା ସମ୍ମିଳନୀ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ଆଧାର କାର୍ଡ ପାଇଁ ନୂତନ ଗ୍ରାହକ ତଥା ନାମ, ଠିକଣା, ପରିବର୍ତ୍ତନ ସହିତ ଆଧାରର ଭୁଲ ସଂଶୋଧନରେ ଡାକ ବିଭାଗ ଅଗ୍ରୀମ ସ୍ଥାନ ଗ୍ରହଣ କରିଛି। କଳାହାଣ୍ଡି ଜିଲାରେ ପୋଷ୍ଟ ଅଫିସ ପାସ୍ ପୋର୍ଟ ସେବାକେନ୍ଦ୍ର ଖୋଲି ଅବିଭକ୍ତ କଳାହାଣ୍ଡି ଜିଲାବାସୀଙ୍କୁ ପାସ୍ ପୋର୍ଟ ସେବା ଯୋଗାଇ ଆସୁଛି। ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଜରିଆରେ ବିଲ ପୈଠ, ଡିଭି ରିଚାର୍ଜ, ମୋବାଇଲ ରିଚାର୍ଜ, ଇନସୁରାନସ୍ ପ୍ରିମିୟମ ଦେବା କ୍ଷେତ୍ରରେ ଗ୍ରାମାଞ୍ଚଳରେ ଲୋକଙ୍କ ପ୍ରଥମ ପସନ୍ଦ ହୋଇଛି। ଡିଜିଟାଲ୍ ଇଣ୍ଡିଆ ସପ୍ତାହ ପାଳନ ଅବସରରେ ସପ୍ତାହ ବ୍ୟାପୀ ଜିଲାର ବିଭିନ୍ନ ସ୍ଥାନରେ ସଚେତନ ମୂଳକ କାର୍ଯ୍ୟ କରିବା ସହିତ ସମସ୍ତ ଜନସାଧାରଣଙ୍କୁ ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଡିଜିଟାଲ ସେବାର ସମସ୍ତ ଉପାଦେୟତା ବୁଝାଇବା ନିମନ୍ତେ କାର୍ଯ୍ୟକ୍ରମ ରଖାଯାଇଛି। ଡାକ ବିଭାଗର ସମସ୍ତ ସେବାର ସଫଳ ରୂପାୟନ କେମିତି ହୋଇପାରିବ ସେ ଉପରେ ଡାକ ଅଧୀକ୍ଷକ ଗୁରୁତ୍ୱାରୋପ କରି ଲୋକାଭିମୁଖୀ କରିବା ପାଇଁ ଅନୁରୋଧ କରିଥିଲେ। ଖବରଦାତା ସମ୍ମିଳନୀରେ ସହଡାକ ଅଧିକ୍ଷକ ନୀଳମଣି ଜାନୀ, ମୋହନ ସୁନା, ଡାକନିରୀକ୍ଷକ ସୁଶାନ୍ତ କୁମାର ବିଶି, ଆଇପିପିବି ମ୍ୟାନେଜର ଚନ୍ଦନ ଦାସ ଉପସ୍ଥିତଥିଲେ। ଡାକ ବିଭାଗ ସହିତ ଜଡିତ ଥିବା ଗ୍ରାହକ ଓ ହିତାଧିକାରୀ ମଧ୍ୟ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ।

## ୭ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଫୁର୍ଲିଝରନ ଜଳପ୍ରପାତ

**ଭବାନୀପାଟଣା,୨।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଫୁର୍ଲିଝରନ ଜଳପ୍ରପାତ ୨୦୧୭ରେ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା। ବର୍ତ୍ତମାନ ପୁନରୁଦ୍ଧାର ଶେଷ ହେବା ପରେ ଆସନ୍ତା ୭ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଫୁର୍ଲିଝରନ ଜଳପ୍ରପାତ ଖୋଲାଯିବ ବୋଲି ଦକ୍ଷିଣ ବନ ବିଭାଗ ସୂତ୍ରରୁ ଜଣାପଡିଛି। ପ୍ରାୟ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଥିବା ବେଳେ ଆହୁରି ୫୦ ଲକ୍ଷ ଟଙ୍କା ଅନୁଦାନ ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗକୁ ବନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

କଳାହାଣ୍ଡି ଜିଲାର ଫୁର୍ଲିଝରନ ଜଳପ୍ରପାତ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରେ। ଜଳପ୍ରପାତର ସବୁଜିମା, ମନୋରମ ଦୃଶ୍ୟ ଲୋକଙ୍କୁ ବିଭୋର କରିଥାଏ। ଏଥି ନିମନ୍ତେ ବନ ବିଭାଗ ପକ୍ଷରୁ ବ୍ୟାରିକେଡ, ଷ୍ଟେୟାରକେସ, ଏପ୍ରୋଚରୋଡ ଦ୍ୱାରା ପର୍ଯ୍ୟଟକମାନେ ସୁବିଧାରେ ଜଳପ୍ରପାତର ମନୋରମ ଦୃଶ୍ୟକୁ ଉପଭୋଗ କରିବା ପାଇଁ ବ୍ୟବସ୍ଥା ହୋଇଥିଲା। ୨୦୧୭ରେ ଜିଲାରେ ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଜଳ ପ୍ରପାତର ବହୁ ଅଂଶ ଉଜୁଡି ଯାଇଥିଲା। ଏତେ ବନ୍ୟା ସତ୍ତ୍ୱେ ଶିବ ମୂର୍ତ୍ତି ବର୍ତ୍ତିଯିବା ଲୋକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲେ। ବନ୍ୟା ଯୋଗୁ ପ୍ରାୟ ୨୫ ଲକ୍ଷରୁ ଅଧିକ ଟଙ୍କାର ବିଭିନ୍ନ ସିମେଣ୍ଟ କାର୍ଯ୍ୟ ଓ ଏପ୍ରୋଚ ରୋଡ କ୍ଷତିଗ୍ରସ୍ତ ହୋଇଥିଲା। ବିପଦସଙ୍କୁଳ ଥିବା ଯୋଗୁ ପର୍ଯ୍ୟଟକମାନଙ୍କୁ ଫୁର୍ଲିଝରଣ ଭିତରକୁ ଯିବା ପାଇଁ ବନ ବିଭାଗ ପକ୍ଷରୁ ବାରଣ କରାଯାଇଥିଲା। ଭବାନୀପାଟଣା ସହରଠାରୁ ୧୫ କି.ମି. ଦୂରରେ ଫୁର୍ଲିଝରନ ଜଳପ୍ରପାତ ଅବସ୍ଥିତ। ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଏହି ପ୍ରାକୃତିକ ସବୁଜିମା ଓ ମନୋରମ ଦୃଶ୍ୟକୁ ମନଭରି ଉପଭୋଗ କରୁଥିଲେ। ଏଠାରେ ବଣଭୋଜି ପାଇଁ ମଧ୍ୟ ପ୍ରବଳ ଭିଡ ଦେଖାଯାଉଥିଲା। ଫୁର୍ଲିଝରନକୁ ପ୍ରବେଶ ବରଣ ବାରଣ



ଫୁର୍ଲିଝରନ ଜଳପ୍ରପାତ।

- ୨୫ ଲକ୍ଷ ଟଙ୍କା ଖର୍ଚ୍ଚରେ ପୁନରୁଦ୍ଧାର କାର୍ଯ୍ୟ
- ଆହୁରି ୫୦ ଲକ୍ଷ ଆବଶ୍ୟକ

ଥିବା ଯୋଗୁ ଗତ ୩ ବର୍ଷ ଧରି ପର୍ଯ୍ୟଟକମାନେ ନିରାଶ ହୋଇ ଫେରି ଆସୁଥିଲେ। ବର୍ତ୍ତମାନ ଆଇଏପି ଯୋଜନାରେ ବନ ବିଭାଗ ପକ୍ଷରୁ ୨୫ ଲକ୍ଷ ଟଙ୍କା ବ୍ୟୟରେ ଗାଡୱାଲ, ସେଫ୍ଟି ରେଲିଂ, ସିଡି, ୱାକିଂ ସାଇଡ, ୨ଟି ଶୌଚାଳୟ, ସଚେତନ ସାଇନ ବୋର୍ଡ, ପ୍ରବେଶ ମୁଖ୍ୟ ଗେଟ ପ୍ରଭୃତି ନିର୍ମାଣ କରାଯାଇ ପୁନରୁଦ୍ଧାର ହୋଇଛି। ବନ ବିଭାଗ ପକ୍ଷରୁ ଏହାର ସୌନ୍ଦର୍ଯ୍ୟକରଣ ପାଇଁ ପର୍ଯ୍ୟଟନ ବିଭାଗକୁ ୫୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ ପାଇଁ ଅନୁରୋଧ କରାଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ମଧ୍ୟ ଏ ନେଇ ପ୍ରତିଶ୍ରୁତି ଦିଆଯାଇଛି ଓ ଖୁବ ଶୀଘ୍ର ଅର୍ଥ ମିଳିବ ବୋଲି ବନ ବିଭାଗ ସୂତ୍ରରୁ ପ୍ରକାଶ। ଏ ସମ୍ପର୍କରେ ଦକ୍ଷିଣ ବନଖଣ୍ଡ ଡିଏଫଓ ଟି. ଅଶୋକ କୁମାରଙ୍କୁ ପଚାରିବାରୁ ୨୫ ଲକ୍ଷ ବ୍ୟୟ ଅଟକଳରେ ପୁନରୁଦ୍ଧାର କରାଯାଇଛି। ଆସନ୍ତା ୭ ତାରିଖଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲାଯିବ ବୋଲି କହିଥିଲେ।

ଅଧିକାଂଶ ବିଦ୍ୟାଳୟ ଛାତରୁ ଗଳୁଛି ପାଣି

# ଚିନ୍ତାରେ ଛାତ୍ରୀଛାତ୍ର, ଅଭିଭାବକ

**କଳମପୁର,୨।୭ (ଡି.ଏନ.ଏ.)**

ସରକାର ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ସର୍ବଶିକ୍ଷା ଅଭିଯାନ ଆରମ୍ଭ କରିଛନ୍ତି। ଏଥିପାଇଁ ୬ରୁ ୧୪ ବର୍ଷ ମଧ୍ୟରେ ସମସ୍ତଙ୍କୁ ବାଧ୍ୟତାମୂଳକ ଶିକ୍ଷା ତଥା ଶିକ୍ଷାପ୍ରତି କିଭଳି ଛାତ୍ରୀଛାତ୍ରଙ୍କ ଆଗ୍ରହ ଲାଗି ଅନେକ ବ୍ୟବସ୍ଥା କରିଛନ୍ତି। ସ୍କୁଲ ଗୃହ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗୃହ ନିର୍ମାଣ କରୁଛନ୍ତି। ଏହି ଗୃହ ଏବେ କେଉଁଟି ପୁରୁଣା ହୋଇପଡିଛିତ ଆଉ କେଉଁଠି ଅକାମି ହୋଇ ରହିଛି। ଏଭଳି ଅନେକ ସ୍କୁଲଗୁଡ଼ିକର ଶ୍ରେଣୀ କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବେଳେ ପାଣି ମଧ୍ୟ ଗଳୁଛି। କଳାହାଣ୍ଡି ଜିଲା କଳମପୁର ଗୋଷ୍ଠୀ ଶିକ୍ଷା ଅଧୀନ ଭାଟିଗାଁ, ଭେଲାଗାଁ, ଧନପୁର, କର୍ମେଲ ଡୋଙ୍ଗରୀଗୁଡା, ମିନଗୁର, ନାଇକଗୁଡା, ଗୁମାବାହାଲ, କଳମପୁର ଭଳି ଅଧିକାଂଶ ବିଦ୍ୟାଳୟରେ ପାଣି ଗଳିବା ଏକ ପ୍ରମୁଖ ସମସ୍ୟା ପାଲଟିଛି। ବ୍ଲକରେ ସମୁଦାୟ ଶହେଟି ବିଦ୍ୟାଳୟ ରହିଥିବା ବେଳେ ଅଧିକାଂଶ ସ୍କୁଲରେ ପାଣି ଗଳିବା ଦ୍ୱାରା ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏବେ ବର୍ଷା ଋତୁ ଆସିଥିବା ବେଳେ ତୁରନ୍ତ ଏହାର ମରାମତି ପ୍ରତି ଧ୍ୟାନ ଦିଆ ନ ଗଲେ ଆଗକୁ ଛାତ୍ରୀଛାତ୍ରଙ୍କ ପାଠ ପଢାରେ ସମସ୍ୟା ଦେଖା ଦେବ ବୋଲି ଅଭିଭାବକମାନେ ଆଶଙ୍କା କରିଛନ୍ତି। ସ୍କୁଲର ସମସ୍ୟାକୁ ନେଇ ବିଭିନ୍ନ ସମୟରେ ପ୍ରଧାନ ଶିକ୍ଷକ ଓ ଅଭିଭାବକମାନେ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇ ଆସୁଛନ୍ତି। କିନ୍ତୁ ଆଜି ଯାଏଁ ସମସ୍ୟାର ସମାଧାନ ହୋଇ ପାରି ନ ଥିବା ବେଳେ ବିଭାଗୀୟ କର୍ମକର୍ତ୍ତାମାନେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଶ୍ରେଣୀ ଗୃହରେ ବର୍ଷା ଆରମ୍ଭରୁ ପାଣି ଗଳୁଥିବା ବେଳେ ଛାତରୁ ସିମେଣ୍ଟ ଖସିପଡୁଛି। ଫଳରେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ଅଭିଭାବକମାନେ ସ୍କୁଲକୁ ଛାଡିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବା ପାଇଁ ଶିକ୍ଷକ ଓ ଅଭିଭାବକ ମହଲରେ ଦାବି ହେଉଛି। ଏ ସମ୍ପର୍କରେ କଳମପୁର ଗୋଷ୍ଠୀ ଶିକ୍ଷାଧିକାରୀ ନବୀନ କୁମାର ଖମାରୀଙ୍କୁ ପଚାରିବାରୁ ଅଧିକାଂଶ ସ୍କୁଲରେ ପାଣି ଗଳୁଛି। ଆମେ ପ୍ରଧାନଶିକ୍ଷକମାନଙ୍କ ବୈଠକରେ ଜଣାଇଦେଇଛୁ, ସେମାନେ ଏକ୍ସନପ୍ଲାନ ତିଆରି କରିକି ଦେବେ ଆଉ ପଞ୍ଚାୟତ ବିଭାଗକୁ ଜଣାଇବେ। ଆମେ ସେସବୁକୁ ବିଭାଗ ତରଫରୁ ବିଡିଓଙ୍କୁ ଜଣାଇବୁ, ଯେହେତୁ ପଞ୍ଚାୟତ ବିଭାଗକୁ ହସ୍ତାନ୍ତର କରାଯାଇଛି। ଅନ୍ୟ କେଉଁଠି ଅତିରିକ୍ତ କୋଠା ହେବ। ସେମାନେ ଦେଖିକି କରିବେ ତାହା ସରକାରଙ୍କ ନିର୍ଦ୍ଦେଶ ରହିଛି ବୋଲି କହିଥିଲେ।



ବ୍ଲକର ଏକ ସ୍କୁଲରେ ଛାତ୍ରୀଛାତ୍ର ପଢୁଛନ୍ତି।

**କଳମପୁର ବ୍ଲକ**
- ବର୍ଷା ଋତୁ ଯୋଗୁ ପଦକ୍ଷେପ ନେବାକୁ ଦାବି



ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ଜଣେ ମହିଳାଙ୍କୁ ବିହନ ବଣ୍ଟନ କରୁଛନ୍ତି।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ

**ଜୁନାଗଡ,୨।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହକାରୀ କୃଷି କାର୍ଯ୍ୟାଳୟରେ ମଙ୍ଗଳବାର ବିହନ ଉତ୍ପାଦନ ନିମନ୍ତେ ସ୍ଥାନୀୟ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ନେଇ ଏକ ଦକ୍ଷତା ବୃଦ୍ଧି ତାଲମ ଶିବିର ଅନୁଷ୍ଠିତ ହୋଇଥିଲା। ପରେ ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଚାଷ କରିବା ପାଇଁ ଫାଉଣ୍ଡେଶନ ବିହନ ବଣ୍ଟନ କରାଯାଇଥିଲା। ଜୁନାଗଡ ଆତ୍ମା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ଥାନୀୟ ଆତ୍ମାର ଅଧ୍ୟକ୍ଷ ତଥା ପ୍ରକୃତିବନ୍ଧୁ ଅଶୋକ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଏହି ତାଲିମ ଶିବିର ଓ ବିହନ ଦ୍ୱାରା ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦକ୍ଷତା ବଢିବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା କଳା ସଂସ୍ଥା ଓ ନାଟକ ଏକାଡେମୀର ସଭାପତି ପ୍ରବୋଧ ରଥ, ଆଚିଗାଁ ସରପଞ୍ଚ ହେମାଦ୍ରି ମାଝି, ଏଫ୍‌ଆଇଏସି ସଦସ୍ୟ ସୁଶାନ୍ତ ନାଏକ, ଆଦିତ୍ୟ ସାହୁ, ଲକ୍ଷ୍ମଣ ରଣବୀର, ଯୁଗଳ ବାଗ, ବିଟିଏମ ନିତ୍ୟ ସୁନ୍ଦର ସାହୁ, ପ୍ରଶାନ୍ତ ରାଉତ, କୃଷକ ସାଥୀ ହୃଦାନନ୍ଦ ମାଝି, ଗୌରୀ ପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜୁନାଗଡ ସହକାରୀ କୃଷି ଅଧିକାରୀ ନୋକେଶ୍ୱର ନାଗ ଓ ଚାରବାହାଲ ସହକାରୀ କୃଷି ଅଧିକାରୀ ଗଜାନନ ସାହୁ ପରିଚାଳନା କରିଥିଲେ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆଁ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ରୋଟାରୀ କ୍ଲବ ଅଫ୍ ଇଲିଟ୍‌ର ପ୍ରତିଷ୍ଠା ଦିବସ

**ବଲାଙ୍ଗୀର ଅଫିସ, ୨।୭:** ବିଶ୍ୱସ୍ତରରେ ଜଣେ ଭାରତୀୟ ସେବକ ଭାବେ ପରିଚିତ ହୋଇଆସିଛି। ସଭ୍ୟତାର ଆରମ୍ଭରୁ ଭାରତୀୟ ସମାଜରେ ଅନ୍ୟକୁ ସେବା ଦେବାର ପରମ୍ପରା ରହିଆସିଛି। ଯିଏ ଅନ୍ୟକୁ ସେବା ଯୋଗାଏ ତା ଭିତରେ ସ୍ୱାବଲମ୍ବନର ଭାଗ ଜାଗ୍ରତ ହୋଇଥାଏ। ଏଣୁ ସ୍ୱାର୍ଥରୁ ଉପରକୁ ଉଠି ଅନ୍ୟର ସେବା କରିବାରେ ହିଁ ଶ୍ରେଷ୍ଠତା ରହିଛି। ରୋଟାରୀ ଇଲିଟ୍ ସେବାକୁ ବ୍ରତ ଭାବେ ଗ୍ରହଣ କରି ସାମାଜିକ ଦାୟିତ୍ୱ ନିର୍ବାହ କରୁଛନ୍ତି ବୋଲି ବଲାଙ୍ଗୀର ରୋଟାରୀ କ୍ଲବ୍ ଅଫ୍ ଇଲିଟ୍‌ର ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ବିଶ୍ୱାତ୍ମ ଚେତନା ପରିଷଦର ପ୍ରତିଷ୍ଠାତା ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ କହିଛନ୍ତି। ସଭାପତି ଅସିତ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ରେଟାରୀ ଜିଲା ଗଭର୍ନର ତଥା ଇଣ୍ଡକସନ୍ ଅଫିସର ରଣଜିତ୍ ସିଂ ସାଇନୀ, ଅତ୍ୟତମ ଅତିଥି ଆସିଷ୍ଟାଣ୍ଟ ଗଭର୍ନର ଭଜନରାମ ଅଗ୍ରୱାଲ, କ୍ଲବ ସମ୍ପାଦକ ରିଙ୍କୁ ପାତ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ୨୦୧୯-୨୦ ବର୍ଷ ପାଇଁ କ୍ଲବର ନୂଆ ବୋର୍ଡ ନିର୍ଦ୍ଦେଶକଙ୍କୁ ଇଣ୍ଡକ୍‌ସନ୍ ଅଫିସର ଶପଥ ପାଠ କରାଇଥିଲେ। ନୂଆ ସଭାପତି ଭାବେ ପ୍ରଶାନ୍ତ ବିଶ୍ୱାଳ, ଉପସଭାପତି ଭାବେ ଅସିତ ଶତପଥୀ, ସନ୍ଦୀପ କୁମାର ପାଣିଗ୍ରାହୀ, ସମ୍ପାଦକ ଭାବେ ତ୍ରିପୁରାରୀ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଭାବେ ସିନୁ ସୁନ୍ଦର ପାଢ଼ୀ, କୋଷାଧକ୍ଷ ଭାବେ ଡ ପ୍ରକାଶ ଦାଶ ଓ ସର୍ଜେଣ୍ଟ ଆଟ୍ ଆର୍ମସ୍ ଭାବେ ରିଙ୍କୁ ପାତ୍ର ଶପଥ ପାଠ କରିଥିଲେ। ଡାଇରେକ୍ଟରର୍ସ ଭାବେ ନୂତନ ନାୟକ, ବବିତା ପାଢ଼ୀ, ସୌମେନ୍ଦ୍ର କୁମାର ପରିଚ୍ଛା, ସୁଜାତା ପାଢ଼ୀ, ସଞ୍ଜୀବ ନାଏକ ଶପଥ ପାଠ କରିଥିଲେ। ଶାନ୍ତା ଜେନା, ସୁଷମା ପାଣିଗ୍ରାହୀ, ସୁଜାତାରାଣୀ ମହାପାତ୍ର ନୂତନ ସଦସ୍ୟା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କ୍ଲବର ବାର୍ଷିକ ମୁଖପତ୍ର ପ୍ରକାଶ ପାଇଥିଲା। ସଭାରେ କ୍ଲବର ସଦସ୍ୟ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶେଷରେ ନୂଆ ସମ୍ପାଦକ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

### ୨.୮୫ ଲକ୍ଷ ଟଙ୍କା ସହ ସୁନା ଚୋରି

**ଅନୁଗୋଳ ଅଫିସ, ୨।୭:** ପ୍ରବଳ ବର୍ଷା ।ବେଳେ ଅନୁଗୋଳ ଥାନା ଜରାସିଂହାରୁ ସୋମବାର ରାତିରେ ହୋଇଛି ଚୋରି। ଦୁର୍ବୃତ୍ତମାନେ ଘନଶ୍ୟାମ ସାହୁଙ୍କ ଘରେ ପଶି ନଗଦ ୨.୮୫ ଲକ୍ଷ ଟଙ୍କା ସହ ସୁନାଗହଣା ଓ ୩୫ ହଜାର ବିଦେଶୀ ମୁଦ୍ରା ନେଇଯାଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ପୋଲିସ ଘଟଣାସ୍ଥଳରେ ସନ୍ଧାନୀ କୁକୁର ନେଇ ତଦନ୍ତ କରିଥିଲେ ମଧ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୂଚନା ପାଇପାରି ନାହିଁ। ଏ ସଂକ୍ରାନ୍ତରେ ନଂ. ୪୮୫/୧୯ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ରାତିରେ ବର୍ଷାର ସୁଯୋଗ ନେଇ ଦୁର୍ବୃତ୍ତମାନେ ମୁଖ୍ୟ ଫାଟକ ତାଲା ଭାଙ୍ଗି ଘନଶ୍ୟାମଙ୍କ ଘରେ ପଶିଥିଲେ। ପ୍ରଥମେ ଦୁଇଟି ବଖରାରୁ ଚୋରି କରିବା ପରେ ଅନ୍ୟ ଏକ ବଖରାରେ ଥିବା ଆଲମିରାକୁ ଉଠାଇ ଘରୁ ପ୍ରାୟ ଶହେ ମିଟର ଦୂରକୁ ନେଇ ଯାଇଥିଲେ। ସେଠାରେ ତାଲା ଭାଙ୍ଗି ୨ ଲକ୍ଷ ୮୫ ହଜାର ଟଙ୍କା, ୩ଟି ସୁନା ହାର, ୨ଟି ସୁନା ଚେନ, ୧୨ଟି ମୁଦି, ୨ ହଳ କାନଫୁଲ ଓ ୩୫ ହଜାର ବିଦେଶୀ ମୁଦ୍ରା ଧରି ଫେରାର ହୋଇଯାଇଥିଲେ। ସକାଳୁ ପରିବାର ଲୋକମାନେ ସମସ୍ତ ଜିନିଷ ଏଣେ ତେଣେ ପଡ଼ିଥିବା ଦେଖି ଚୋରି ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ତୁରନ୍ତ ସେମାନେ ଅନୁଗୋଳ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ପରେ ଘର ସହ ପରିଚିତ କୌଣସି ବ୍ୟକ୍ତିଙ୍କ ଏଥିରେ ସମ୍ପୃକ୍ତି ଥିବା ଅନୁମାନ କରିଛି। ତଦନ୍ତ ଜାରି ରହିଥିବାରୁ ଖୁବ୍‌ଶୀଘ୍ର ଦୁର୍ବୃତ୍ତମାନଙ୍କୁ ଧରାଯିବ ବୋଲି ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ପ୍ରକାଶ କରିଛନ୍ତି।

---

ଜିଲା ପାଠକ ସଂସଦର ବାର୍ଷିକ ଉତ୍ସବ

# ବହି ଉପହାରର ଉଦ୍ଦେଶ୍ୟ ଥିଲା ନିଆରା

**ବଲାଙ୍ଗୀର ଅଫିସ, ୨।୭**



ଜିଲା ପାଠକ ସଂସଦର ବାର୍ଷିକ ଉତ୍ସବରେ ମୁଖପତ୍ର ଶ୍ୱେତଗଙ୍ଗାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଦିନଥିଲା ବିବାହ, ବ୍ରତରେ ରାମାୟଣ, ମହାଭାରତ, ଗୀତା, ଉପନ୍ୟାସ ଭଳି ବହି ଉପହାରରେ ଦିଆଯାଉଥିଲା। ଆଦର୍ଶଗତ ଭାବେ ଏଭଳି ବହି ଉପହାର ଦେଇ ଏକ ନିଆରା ପରମ୍ପରା ସୃଷ୍ଟି କରାଯାଇଥିଲା। ବହି ହିଁ ମଣିଷକୁ ଜ୍ଞାନର ମାର୍ଗ ଦେଖାଏ। ଏହାର ଉଦ୍ଦେଶ୍ୟ ଥିଲା ନିଆରା। ତେବେ ସମୟ ବଦଳି ଯାଇଛି। କମ୍ପ୍ୟୁଟର, ଇଣ୍ଟରନେଟ୍ ଯୁଗରେ ଯେମିତି ପାଠାଗାରର ଯୁଗ ସରିଯାଉଛି। ବହିଠାରୁ ମଣିଷ ଦୂରେଇ ଯାଉଛି। ପାଠାଗାର ଓ ଲାଇବ୍ରେରୀରେ ପାଠକଙ୍କ ଦେଖା ମିଳୁନାହିଁ। ଏହାଦ୍ୱାରା ସାମାଜିକ ଜୀବନ ବି ପ୍ରଭାବିତ ହେଉଛି ବୋଲି ଜିଲା ପାଠକ ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଗାନ୍ଧୀଭବନଠାରେ ସଂସଦ ସଭାପତି ରାଜେଶ କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଂସଦ ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆରଓ) ଜୟଦେବ ପାଣିଗ୍ରାହୀ, ଶିକ୍ଷାବିତ୍ ପ୍ରାଣବନ୍ଧୁ ନାୟକ, ଆଡଭୋକେଟ୍ ଶୁଭ୍ରାଂଶୁ ଶେଖର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଡିଆଇପିଆରଓ ପାଣିଗ୍ରାହୀ ବକ୍ତବ୍ୟରେ ପାଠକ ଓ ବହିର ସମ୍ପର୍କ ଉପରେ ବକ୍ତବ୍ୟ ରଖି ଜ୍ଞାନ ଅର୍ଜନ ଦିଗରେ ଏହା କିଭଳି ନିଜର ସାମାଜିକ ଦାୟିତ୍ୱ ନିର୍ବାହ କରିଛି କହିଥିଲେ। ତେବେ ପାଠାଗାରରେ ପାଠକୀୟ ଆଗ୍ରହ କମିବା ସମୟରେ ମଧ ଜିଲା ପାଠକ ସଂସଦ ଯେଭଳି ଭାବେ ସାମାଜିକ ଦାୟିତ୍ୱ ନିର୍ବାହ କରୁଛି ତାହା ବେଶ ପ୍ରଶଂସନୀୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ନାୟକ ବକ୍ତବ୍ୟରେ ବହି ଠାରୁ ଦୂରେଇ ଯିବାର ଅର୍ଥ ଜ୍ଞାନ ଓ ସତ୍‌ମାର୍ଗରୁ ଦୂରେଇ ଯିବା ଭଳି କହିଥିଲେ। ସଭାରେ ସଂସଦ ସମ୍ପାଦକ ସତ୍ୟ ନାରାୟଣ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଓ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ସଂସଦ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ସରାଫ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ପାଣିଗ୍ରାହୀ ପାଠକ ସଂସଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ସଂସଦର ବାର୍ଷିକ ମୁଖପତ୍ର ଶ୍ୱେତଗଙ୍ଗା-୨୦୧୯ ପତ୍ରିକାକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷୟିତ୍ରୀ କବିତା ମିଶ୍ର ଓ ଶିକ୍ଷକ ଭକ୍ତଚରଣ ନାଏକଙ୍କୁ ସଂସଦ ପକ୍ଷରୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ ଲେଖକ ଶଶୀଭୂଷଣ ମିଶ୍ରଙ୍କ ରଚିତ ରାମାୟଣକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଂସଦ ପକ୍ଷରୁ ସ୍କୁଲସ୍ତରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଜାଗୃତି ଶତପଥୀ ପ୍ରଥମ, ଆଶୁତୋଷ ବଗର୍ତ୍ତୀ ଦ୍ୱିତୀୟ ଓ ସୌମ୍ୟରଞ୍ଜନ ଭୋଇ ତୃତୀୟଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆକୁଳ ବେହେରା ଓ ଶିକ୍ଷକ ରବିଚନ୍ଦ୍ର ପଶାୟତ ବିଶେଷ ସହଯୋଗ କରିଥିଲେ।

---



## ଠାକୁରଙ୍କ ନବଯୌବନ ଦର୍ଶନ

**ଟିଟିଲାଗଡ଼, ୨।୭(ଡି.ଏନ୍.ଏ.)**

ସ୍ଥାନୀୟ ଦଧିବାମନ ଧବଳେଶ୍ୱର ଟ୍ରଷ୍ଟ ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କ ଅଣସର ପରେ ମଙ୍ଗଳବାର ନବଯୌବନ ଦର୍ଶନ ହୋଇଥିଲା। ଠାକୁରଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ ହୋଇଥିଲା। ସେବାୟତଙ୍କ ଦ୍ୱାରା ବିଭିନ୍ନ ବିଧି ସମ୍ପନ୍ନ ପରେ ଅପରାହ୍ନରେ ଶ୍ରୀଜୀଉ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏନେଇ ଧବଳେଶ୍ୱର ଦଧିବାମନ ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପୂଜକ ପଞ୍ଚାନନ ପାଢୀ ଏବଂ ତାଙ୍କର ସ୍ତ୍ରୀ କର୍ତ୍ତା ଭାବେ ନୀତି କାନ୍ତି ସମ୍ପନ୍ନ କରିଥିଲେ। ଟ୍ରଷ୍ଟର ବରିଷ୍ଠ ସଭ୍ୟ ଭବାନୀ ପ୍ରସାଦ ହୋତା, ବୃନ୍ଦାବନ ପାଢୀ, ଅଲେଖ ଦଳବେହେରା, ରାଜୁ ମିଶ୍ର, ସଞ୍ଜୀବ ପାଢୀ, ସନତ ପାଢୀ, ଡ. ଶିବପ୍ରସାଦ ବେହେରା, ସୀତାରାମ ସାହୁ, ମନୋଜ ବାରିକ, ରଣଜିତ ପୃଷ୍ଟି, କୃଷ୍ଣସିଂ ପାତ୍ର, ସନ୍ତୋଷ କେଡ୍ରିୱାଲ, ନୀଳମଣି ସାହୁ, ହେମନ୍ତ ବାଗ, ସୁବୋଧ ଦାଶ, ଅଶୋକ ପାଢୀ, ଜିତୁ ପାଢୀ, ବିଶ୍ୱଜିତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

---

## ବହଲିରୁ ପଞ୍ଚାୟତ ମୁଖ୍ୟାଳୟ ରାସ୍ତା କାଦୁଅପୂର୍ଣ୍ଣ

### ମରାମତି କରିବାକୁ ଗ୍ରାମବାସୀଙ୍କ ଦାବି

**ଦେଓଗାଁ, ୨।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଡୁର୍ଲା ପଞ୍ଚାୟତ ଅଧୀନ ବହଲି ଗାଁରୁ ପଞ୍ଚାୟତ ମୁଖ୍ୟାଳୟକୁ ଯିବା ରାସ୍ତା କାଦୁଅ ପୂର୍ଣ୍ଣ ହୋଇପଡିଛି। ଫଳରେ ଗାଁମବାସୀ ପଞ୍ଚାୟତକୁ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଜନସାଧାରଣ ଉକ୍ତ ରାସ୍ତା ଦେଇ କୁଡୁର୍ଲା ପଞ୍ଚାୟତ କାର୍ଯ୍ୟାଳୟ, ସହ କୃଷି ସେବା ସମବାୟ ସମିତିକୁ ଯାଇଥାନ୍ତି। ଏପରିକି ଛାତ୍ରୀଛାତ୍ରମାନେ ଉକ୍ତ ରାସ୍ତା ଦେଇ କୁଡୁର୍ଲା ଏମ୍‌ଇ ସ୍କୁଲ, ହାଇସ୍କୁଲ ଓ କଲେଜ ଯାଇଥାନ୍ତି। ହେଲେ ବର୍ତ୍ତମାନ ବହଲି ଗାଁରୁ ପଞ୍ଚାୟତ ମୁଖ୍ୟାଳୟକୁ ଯିବା ରାସ୍ତା କାଦୁଅ ପୂର୍ଣ୍ଣ ହୋଇପଡିଛି। ଫଳରେ ଗ୍ରାମବାସୀଙ୍କ ସହ ଛାତ୍ରୀଛାତ୍ରମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ, ଗତ ବର୍ଷ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ରାସ୍ତାର ମାଟି କାମ କରାଯାଇଥିଲା। ହେଲେ ବର୍ତ୍ତମାନ ମୌସୁମୀ ବର୍ଷା ପରେ ରାସ୍ତା କାଦୁଅ ପୂର୍ଣ୍ଣ ହୋଇପଡିଛି। ଏନେଇ ରାସ୍ତାର ତୁରନ୍ତ ମରାମତି କରିବାକୁ ଗ୍ରାମର ସୁଶୀଳ କୁମାର ପଧାନ, ଦେବରାଜ ସାହୁ, କୁମୁଦ ପୋଢ଼, ସୁନୀଲ ପୁରୋହିତ, ସରୋଜ ପୁରୋହିତ ପ୍ରମୁଖ ଦାବି କରିଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ ବଡ ପଧାନଙ୍କୁ ପଚାରିବାରୁ ଗତ ବର୍ଷ ଉକ୍ତ ରାସ୍ତାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରୁ ମାଟି କାମ କରାଯାଇଥିଲା। ଚଳିତ ବର୍ଷ ମଧ ରାସ୍ତାରେ ମୋରମ ବିଛାଇ ରାସ୍ତାର ଉନ୍ନତୀକରଣ କରାଯିବ ବୋଲି କହିଥିଲେ।



ବହଲିରୁ କୁଡୁର୍ଲା ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ରାସ୍ତା କାଦୁଅପୂର୍ଣ୍ଣ ହୋଇପଡିଛି।

---

ଯୁବକଙ୍କୁ ତଣ୍ଟି କାଟି ହତ୍ୟା ଉଦ୍ୟମ ଘଟଣା

## ମୁଖ୍ୟ ଅଭିଯୁକ୍ତ ଗିରଫ

**ଅମରପାଲି, ୨।୭(ଡି.ଏନ.ଏ.)**

ବୀରମହାରାଜପୁର ଥାନା ଅଧୀନ ହିଲୁଙ୍ଗ ପଞ୍ଚାୟତ କର୍ଣ୍ଣପାଲି ଗ୍ରାମରେ ଘର ଛାତ ଉପରେ ଶୋଇଥିବା ଜଣେ ଯୁବକଙ୍କ ତଣ୍ଟି କାଟି ହତ୍ୟା ଉଦ୍ୟମ କରି ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ବୀରମହାରାଜପୁର ପୋଲିସ କଟକରୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଚମ୍ପାମାଲ ଗ୍ରାମର ସୁଦାମ ମେଣ୍ଡିଲି(୨୫) । ଏନେଇ ମଙ୍ଗଳବାର ବୀରମହାରାଜପୁର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରିଣୀ ପ୍ରଭା ଧଳ ସୂଚନା ଦେଇଛନ୍ତି। ପୋଲିସ ତାଙ୍କ ନିକଟରୁ ଏକ ଛୁରି ଜବତ କରିଛି। ସୂଚନା ଯୋଗ୍ୟ, ଗତ ୧୦ ତାରିଖ ରାତିରେ କର୍ଣ୍ଣପାଲି ଗ୍ରାମର ବାସୁଦେବ ଖଣ୍ଡଗିରି(୩୨) ଗରମ ଯୋଗୁ ଛାତ ଉପରେ ଶୋଇଥିଲେ । ହେଲେ ବିଳମ୍ବିତ ରାତିରେ କେତେଜଣ ଯୁବକ ଘରେ ପଶି ବାସୁଦେବଙ୍କ ତଣ୍ଟି କାଟି ହତ୍ୟା ଉଦ୍ୟମ କରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ବାସୁଦେବଙ୍କୁ ଉଦ୍ଧାର କରି ବୀରମହାରାଜପୁର ଡାକ୍ତରଖାନା ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସେ ଚିକିତ୍ସାଧୀନ ଅଛନ୍ତି।

---



ବୈଠକରେ ଉପସ୍ଥିତ ବ୍ୟବସାୟିକ ସଂଘର କର୍ମକର୍ତ୍ତାଙ୍କ ସହ ବୁଦ୍ଧିଜୀବୀମାନେ।

## ପ୍ଲାଷ୍ଟିକ, ପଲିଥିନ ମୁକ୍ତ ସହର ଗଠନ ଲାଗି ବୈଠକ

**କଣ୍ଟାବାଞ୍ଜି, ୨।୭(ଡି.ଏନ.ଏ.)**

କଣ୍ଟାବାଞ୍ଜି ଏନ୍‌ଏସିକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ସହର ଭାବେ ଗଠନ କରିବା ନେଇ ସମସ୍ତ ବ୍ୟବସାୟିକ ଏବଂ ସାମାଜିକ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଏନ୍‌ଏସି କନ୍‌ଫରେନ୍ସ ହଲ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନର ପ୍ରତିନିଧି, ମହିଳା, ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ସହ ଗଣମାଧମ ପ୍ରତିନିଧି ଉପସ୍ଥିତ ରହିଥିଲେ। କଣ୍ଟାବାଞ୍ଜି ସହରକୁ କିପରି ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ସହର କରିହେବ ସେନେଇ ଆଲୋଚନା କରିଥିଲେ। ଏପରି କି କଣ୍ଟାବାଞ୍ଜି ସହରକୁ ଏକ ମୋଡେଲ ସହର ଗଠନ କରିବା ପାଇଁ ବୈଠକରେ ଶପଥ ନିଆଯାଇଥିଲା। ବ୍ୟବସାୟୀମାନେ ଗ୍ରାହକଙ୍କୁ ପଲିଥିନ ନ ଦେଇ କାଗଜରେ ତିଆରି ବ୍ୟାଗ ସହ କାଗଜ ଠୁଙ୍ଗା ଦେବାନେଇ ସଚେତନ କରାଯାଇଥିଲା। ଅନ୍ୟପକ୍ଷେ ମହିଳାମାନେ ସଚେତନ ହେଲେ ସହରକୁ ପଲିଥିନ ମୁକ୍ତ କରାଯାଇ ପାରିବ ବୋଲି ମାରୱାଡି ମହିଳା ପ୍ରଗତି ଶାଖାର ସଭାନେତ୍ରୀ କହିଥିଲେ। ବୈଠକରେ ସ୍ୱଚ୍ଛ ଭାରତ ମିଶନ ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧରେ ରିଟେଲ କିରାନା ମାର୍କେଟ ଆସୋସିଏଶନ ସଭାପତି ନିରୁଭାଇ ସୋମେୟା, ମାର୍କେଟ ଆସୋସିଏଶନ ସଭାପତି ଅନିଲ ଅଗ୍ରୱାଲ, ମାରୱାଡି ଯୁବା ମଞ୍ଚ ପ୍ରତିନିଧି, ସାପ୍ତାହିକ ବଜାର ମାର୍କେଟ କମ୍ପ୍ଲେକ୍ସ ଆସୋସିଏଶନ ପ୍ରତିନିଧି, ଡେଲି ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀ ସଂଘ, ଟେଣ୍ଟ ହାଉସ ସଂଘ ପ୍ରତିନିଧି, ରିଟେଲ କପଡା ଦୋକାନୀ ସଂଘ, ପ୍ଲାଷ୍ଟିକ ଓ ପଲିଥିନ ବ୍ୟବସାୟୀ, ଶ୍ରୀଜଗନ୍ନାଥ ପୂଜା କମିଟି, ଠେଲା ସଂଘ ପ୍ରତିନିଧି, ହେମାଲ ସଂଘ ପ୍ରତିନିଧିଙ୍କ ସହ ପୋଲିସ ପ୍ରଶାସନ ପକ୍ଷରୁ ପଞ୍ଚାନନ ଖୁଆସ ପ୍ରମୁଖ ଉପସ୍ଥିତ ରହି ମତ ରହିଥିଲେ।

---

## ନବଯୌବନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

**ଅମରପାଲି, ୨।୭ (ଡି.ଏନ.ଏ)**

ବୀରମହାରାଜପୁର ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ମହାପ୍ରଭୁଙ୍କ ନବଯୌବନ ବେଶ ଦର୍ଶନ ପାଇଁ ଭକ୍ତଙ୍କ ଭିଡ ଲାଗି ରହିଥିଲା। ସ୍ନାନପୂର୍ଣ୍ଣିମୀଠାରୁ ୧୫ ଦିନ ଧରି ଶ୍ରୀଜିଉ ଅଣସର ଘରେ ଥିଲେ । ମଙ୍ଗଳବାର ବିଗ୍ରହଙ୍କୁ ଅଣସର ଘରୁ ଅଣାଯାଇ ବାହାରି ମଣ୍ଡପରେ ବିଜେ କରାଯାଇଥିଲା। ମଣ୍ଡପରେ ବିଜେ ପରେ ସ୍ୱତନ୍ତ୍ର ବେଶ କରାଯାଇଥିଲା। ଯଥାରୀତି ପୂଜାର୍ଚ୍ଚନା ପରେ ଭକ୍ତଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଭଜନ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଅଞ୍ଚଳର ବହଲପଦର, ଲୁଡୁରପଙ୍କ, ବର୍ଡାକଟା, ଖଣ୍ଡହତା, ମାଣିକପୁର, ଖଇମାଲ, ଉଫୁଲା, ମୁର୍ଷୁଣୀ, ସୁବଳୟା ଆଦି ଗ୍ରାମରେ ଶତାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ନବଯୌବନ ବେଶରେ ଦର୍ଶନ କରିଥିଲେ।

---

ବଶିଷ୍ଠଙ୍କୁ ଉଧାର କଲା ଡାକ୍ତରି ଦଲ

## ଚିକିତ୍ସା ଲାଗି ବୁର୍ଲା ଡାକ୍ତରଖାନାରେ ଭରତି

**ଲୋଇସିଂହା, ୨।୭(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ନେଗିପାଲି ଗାଁର ବଶିଷ୍ଠ ନାଗ(୬୦) ପକ୍ଷାଘାତ ରୋଗ୍‌ରେ ପୀଡ଼ିତ ଅଛନ୍। ଅଭାବ ଅନାଟନ ଲାଗି ସେ ଚିକିତ୍ସିତ ନାଇଁ ହେଇପାରି ଘରେ ପଡ଼ିରହିଥିଲେ। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ସୁଆସ୍ତିଅ ବିଭାଗ ତାହାକୁ ଉଧାର କରି ଉଚ ଚିକିତ୍ସା ଲାଗି ବୁର୍ଲା ବଡ଼ ଡାକ୍ତରଖାନାକେ ପଠେଇଛେ।

ପୂବର ସୂଚନା ହିସାବେ ବୁଢ଼ିପଦର ପଁଚେତ୍ ଅଧୀନ ନେଗିପାଲି ହରିଜନ ପଡ଼ାର ବଶିଷ୍ଠ ନାଗ। ପରିବାର କହେଲେ ମାଏକିନା ବୈଦେହି, ୩ ଝି ଆର ୩ ପୁଓକେ ନେଇ ତାକର ସଁସାର। ଜମିବାଡ଼ି ବଲି ବିଶେଷ କିଛି ନାଇଁ, ବଶିଷ୍ଠ କୁଲିମଜୁରି କରି କୁଟୁମ ପୁଷୁଥିଲେ। ଇଥିରେ ସେ ୩ ଝି’ ଆର ବଡ଼ପୁଓକେ ବିହାଚୁରା କରିଛନ୍। ଏହେଦେ ବଡ଼ପୁଓ ନିଜର କୁଟୁମ ଧରି ଉନିଆ ଆଡେ ରହୁଛନ୍। ବଶିଷ୍ଠଙ୍କର ସାନପୁଓ ଝନେ ମେଧାବୀ ଛାତ୍ର। ସାନପୁଓକେ ନେଇ ସେ ଅନେକ ସପନ୍ ଦେଖିଥିଲେ, ହେଲେ ଦୁଖର କଥା ନିଜେ ବଶିଷ୍ଠ ୩ ବଛର ତଲେ ପକ୍ଷାଘାତ ରୋଗ୍‌ରେ ପୀଡ଼ିତ ହେଇ ଅକରମା ହେଇଗଲେ। ଚିକିତ୍ସା ଲାଗି ସେ ଭିନେ ଭିନେ ଡାକ୍ତରଖାନା ଯାଇ ଉଷୋକଷା କଲେ। ଅଭାବ ପଡ଼ଲାରୁ ୧ ଏକର ଆଟ ବିକି ଚିକିତ୍ସା କରି ଶେଷେ ନିରାଶ ହେଲେ। ପରିବାରର ଏନ୍‌ତା ପରିସ୍ଥିତି ଦେଖି ମଝିଆଁ ପୁଓ ରମାକାନ୍ତ ପରିବାରର ବୋଝ ଉଠେଇଥିଲେ। ସେ ବସରେ ହେଲ୍‌ପରି କରି ପରିବାର ଚଲାବାର ସଂଗେ ସାନ ଭାଇକେ ପାଠ୍ ପଢ଼ଉଛନ୍। ବଶିଷ୍ଠଙ୍କର ରୋଗ୍ ଆର ପରିବାରର ସମସିଆ ବାବ୍‌ଦେ ଧରିତ୍ରୀରେ ଚିକିନିଖିନୁ ଖବର ବାହାରିଥିଲା। ଇତାର ପରେ ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ସ୍ମୀତା ଶତପଥୀଙ୍କର ନିରଦେଶରେ ଏମ୍‌ଏଚ୍‌ୟୁର ଡାକ୍‌ତରି ଦଲ ବଶିଷ୍ଠଙ୍କୁ ଉଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ଭରତି କରିଥିଲେ। ସେଠାନେ ପ୍ରାଥମିକ ଚିକିତ୍ସା ଉତାରୁ ଉଚ ଚିକିତ୍ସା ଲାଗି ବଶିଷ୍ଠଙ୍କୁ ବୁର୍ଲା ପଠାଯାଇଥିବାର ଡାକ୍‌ତରଖାନା ତରଫୁ ଜନାଯାଇଛେ। ସେଠାନେ ବୈଦେହି ବଶିଷ୍ଠଙ୍କର ଦେଖ୍‌ଭାଲ କରୁଥିବାର ଥାନୀୟ ଅଙ୍ଗନୱାଡି କରମୀ ସୂଚନା ଦେଇଛନ୍।

---

## ଫଟୋରେ ଖବର







ବର୍ଷା ପରେ ବଲାଙ୍ଗୀର ସହର ମୁଖ୍ୟ ରାସ୍ତାରେ ଦେଓଗାଁ ବ୍ଲକ ମହଲେଇ ଗାଁର ଜଣେ ଦିବ୍ୟାଙ୍ଗ ପଲିଥିନ୍ ବିକ୍ରି କରୁଛନ୍ତି (ବାମ)। ବଲାଙ୍ଗୀର ମାଳପଡ଼ାରେ ଡ୍ରେନ୍ ନ ଥିବାରୁ ବର୍ଷା ପାଣି ନିଷ୍କାସିତ ନ ହୋଇ ଲୋକେ ପାଣି ଘେରରେ ରହିଛନ୍ତି (ମଝି)। ବଲାଙ୍ଗୀର ସହର ମଧସ୍ଥଳରେ ଥିବା କରଙ୍ଗାକଟାହିଡ ରାସ୍ତା କଂକ୍ରିଟକରଣ କରାଯାଇଥିଲେ ମଧ ଏହା ଏବେ ଆବର୍ଜନାକୁଣ୍ଡ ପାଲଟିଛି। (ଫଟୋ-ସୁନୀଲ)



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### 'ସଂଖ୍ୟାଲଘୁଙ୍କ ଧାର୍ମିକ ମୌଳିକତା ପ୍ରତି ଆଘାତ ଦିଆଯାଉଛି'

ରାଉରକେଲା ଅଫିସ,୨।୭

ଭାରତୀୟ ସମ୍ବିଧାନକୁ ଅଣଦେଖା କରି ଦେଶର କିଛି ମୌଳବାଦୀ ଧର୍ମ ନାଁରେ ସ୍ୱେଚ୍ଛାଚାରିତାକୁ ଅନ୍ୟ ଉପରେ ଲଦିଦେବାକୁ ଅପଚେଷ୍ଟା କରୁଛନ୍ତି। ଏ ନେଇ ପ୍ରଧାନମନ୍ତ୍ରୀ କଠୋର ପଦକ୍ଷେପ ନିଅନ୍ତୁ ବୋଲି ମଙ୍ଗଳବାର ପିପୁଲ୍ସ ଆର୍ମି ସଂଗଠନ ପକ୍ଷରୁ ରାଉରକେଲା ଏଡିଏମ୍ ଯେଦୁଲା ବିଜୟଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି, ନିଜ ଧର୍ମୀୟ ମୌଳିକତାକୁ ଅନ୍ୟ ଉପରେ ଲଦି ଦେବାକୁ ଦେଶରେ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି, ତାହା ଭାରତୀୟ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ। ବିଶେଷକରି ସଂଖ୍ୟାଲଘୁ ଓ ପଛୁଆ ବର୍ଗଙ୍କୁ ଟାର୍ଗେଟ କରାଯାଉଛି। ଏହା ସମିଚୀନ ନୁହେଁ ବୋଲି ଆବେଦନକାରୀ ଦରଖାସ୍ତରେ ପ୍ରକାଶ କରିଛନ୍ତି। ଗଣତନ୍ତ୍ର ରାଷ୍ଟ୍ରରେ ସମସ୍ତଙ୍କର ଧାର୍ମିକ ଅଧିକାର କିପରି ଅକ୍ଷୁଣ୍ଣ ରହିବ ସେ ନେଇ ସରକାର ଦୃଷ୍ଟିଦେବା ଆବଶ୍ୟକ। ଧର୍ମ ନାଁରେ ଶୋଷଣ ଭାରତୀୟ ଧାର୍ମିକ ପରମ୍ପରାର ବିରୁଦ୍ଧାଚରଣ କରୁଛି। କେତେକ ରାଜ୍ୟରେ ଏଭଳି ବ୍ୟତିକ୍ରମ ଦେଖାଦେଇଛି। ଯେଉଁଠି ଧର୍ମୀୟ ଭାବଧାରାକୁ ଜୋରଜବରଦସ୍ତ ଅନ୍ୟ ଉପରେ ଲଦିଦେବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏହା ଅବ୍ୟାହତ ରହିଲେ ସଂଖ୍ୟାଲଘୁ ଓ ପଛୁଆ ବର୍ଗଙ୍କ ଧାର୍ମିକ ଅଧିକାର କ୍ଷୁଣ୍ଣ ହେବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

■ ଷ୍ଟିଲ୍‌ସିଟିରେ ରଥଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି

# ନବଯୌବନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

ରାଉରକେଲା ଅଫିସ,୨।୭

ଦିନକ ପରେ ମହାପ୍ରଭୁଙ୍କ ରଥଯାତ୍ରା। ଏଥିପାଇଁ ଷ୍ଟିଲସିଟିର ସମସ୍ତ ଜଗନ୍ନାଥ ମନ୍ଦିର ପକ୍ଷରୁ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥଯାତ୍ରା ପାଇଁ ହୋଇଛି ବ୍ୟାପକ ପ୍ରସ୍ତୁତି। ମଙ୍ଗଳବାର ଥିଲା ମହାପ୍ରଭୁଙ୍କ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ। ଏଥିପାଇଁ ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଅଣସର ଘରୁ ବାହାରି ଆସିଛନ୍ତି। ରୀତିନୀତି ଅନୁସାରେ ପୂଜାକାର୍ଯ୍ୟ ତଥା ସନ୍ଧ୍ୟା ଆଳତି ପରେ ମହାପ୍ରଭୁ ନବଯୌବନ ବେଶରେ ଦର୍ଶନ ଦେଇଥିଲେ। ୩ ରଥ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସହ ମଙ୍ଗଳବାର ରଥ ପ୍ରତିଷ୍ଠା କରାଯାଇଥିଲା। ବୁଧବାର ଉଭା ଯାତ୍ରା ଅବସରରେ ସକାଳୁ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଅବକାଶ, ବାଲ୍ୟ ଭୋଗ, ଖେଚୁଡ଼ି ଧୂପ, ବଡ଼ ଧୂପ ଏବଂ ସନ୍ଧ୍ୟା ଆଳତି କାର୍ଯ୍ୟକ୍ରମ ରହିଛି। ସେହିଭଳି ଗୁରୁବାର ଦିନ ୧୨ଟା ୧୦ରେ ପହଣ୍ଡି ବିଜେ କରାଯାଇ ୩ ଠାକୁରଙ୍କୁ ରଥାରୂଢ଼ କରାଯିବ। ଅପରାହ୍ନ ୨ଟା ୧୦ରେ ରାଜା ବିଶ୍ୱରଞ୍ଜନ ରଥ ଛେରାପହଁରା କରିବା ପରେ ରଥ ଟଣାଯିବ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ କମିଟି ପକ୍ଷରୁ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏ ନେଇ ସୂଚନା ପ୍ରଦାନ କରାଯାଇଛି। ପବିତ୍ର ଘୋଷଯାତ୍ରା ଦେଖିବାକୁ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।



ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ନିକଟରେ ୩ ରଥ ପ୍ରସ୍ତୁତ ହୋଇ ରହିଛି।

### ଏମାନେ ଯାହା କହନ୍ତି...



"ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ପବିତ୍ର ଘୋଷଯାତ୍ରା ଉପଲକ୍ଷେ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ବିଶେଷକରି ରଥଟଣା ସମୟରେ ଶ୍ରଦ୍ଧାଳୁମାନଙ୍କର ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ପଦକ୍ଷେପ ଗ୍ରହଣ କରାଯାଇଛି।

**ଗିରିଜା ଶଙ୍କର ଦ୍ୱିବେଦୀ, ମନ୍ଦିର ପରିଚାଳନା କମିଟି ସଭାପତି**



"ମଙ୍ଗଳବାର ପବିତ୍ର ନେତ୍ରୋଉତ୍ସବ ଉପଲକ୍ଷେ ସକାଳୁ ରୀତିନୀତି ଅନୁସାରେ ସବୁକର୍ମ ସମାପନ ହୋଇଛି। ଶ୍ରୀଜୀଉମାନେ ଆଜି ଅଣସର ଘରୁ ବାହାରକୁ ଆସିଛନ୍ତି। ସନ୍ଧ୍ୟା ଆଳତି ପରେ ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ୩ ଠାକୁରଙ୍କ ନିମନ୍ତେ ପୁରୀରୁ ଟାହିଆ ଅଣାଯାଇଛି। ଭକ୍ତମାନେ ଯେଭଳି ସୁରୁଖୁରୁରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବେ ସେ ନେଇ ବିଶେଷ ଦୃଷ୍ଟି ଦିଆଯାଇଛି।

**ତ୍ରିନାଥ ପାଢ଼ୀ, ମହାପ୍ରଭୁଙ୍କ ବଡ଼ପଣ୍ଡା**

■ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ

# ଅଭିଭାବକ ସଚେତନ ହେଲେ ଶିଶୁର ବିକାଶ ହେବ

ରାଉରକେଲା ଅଫିସ,୨।୭

ରଘୁନାଥପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ (ପିଟିଏମ୍) ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ବହୁ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ, ମାତୃ ମଞ୍ଚ ସଭ୍ୟା ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଜୟିନୀ ଜେନା ବିଦ୍ୟାଳୟରେ ଚାଲିଥିବା ଉଜ୍ଜ୍ୱଳ ଉତ୍ଥାନ କାର୍ଯ୍ୟକ୍ରମ ଉପରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ବଳ ଶିକ୍ଷାର୍ଥୀମାନେ ଦକ୍ଷ ହୋଇପାରିବେ। ଅଭିଭାବକମାନେ ସଚେତନ ହେଲେ ଶିଶୁର ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ତେଣୁ ସରକାରଙ୍କ ପ୍ରଦତ୍ତ ସମସ୍ତ ସୁବିଧା ସୁଯୋଗ ଲାଭ କରି ପରିଷ୍କାର ପରିଚ୍ଛନ୍ନତା ସହ ପ୍ରତ୍ୟେକ ପିଲାଙ୍କୁ ନିୟମିତ ସ୍କୁଲ ଛାଡ଼ିବାକୁ ସେ ଅନୁରୋଧ କରିଥିଲେ। ଅଭିଭାବିକା ଗୀତା ସମାସୀ ଓ ପ୍ରମୋଦିନୀ ସାହୁ ଉଜ୍ଜ୍ୱଳ ଉତ୍ଥାନ କାର୍ଯ୍ୟକ୍ରମ ଅନ୍ତର୍ଗତ ନିଜ ପିଲାମାନଙ୍କ ଶିକ୍ଷା ଗ୍ରହଣର ଅଗ୍ରଗତି ସମ୍ପର୍କରେ ନିଜସ୍ୱ ଅନୁଭୂତି କହିଥିଲେ। ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା କର ଶିକ୍ଷାର୍ଥୀଙ୍କୁ ନିୟମିତ ଉପସ୍ଥାନ ପାଇଁ ଏକ ଗଳ୍ପ ମାଧ୍ୟମରେ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଅପର୍ଣ୍ଣା ସାମଲ ୬ରୁ ୧୪ ବର୍ଷର ସମସ୍ତ ପିଲା ଯେପରି ବିଦ୍ୟାଳୟାଭିମୁଖୀ ହୋଇପାରିବେ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ସବିତା ବସ୍ତିଆ ଉଜ୍ଜ୍ୱଳ ଉତ୍ଥାନ କାର୍ଯ୍ୟକ୍ରମ ଅନ୍ତର୍ଗତ ଶ୍ରେଣୀ ପରିଚାଳନା ଉପରେ ଅବଗତ କରାଇଥିଲେ। ପରିଚାଳନା କମିଟି ଅଧକ୍ଷା ସରସ୍ୱତୀ ସମାସୀ ବିଦ୍ୟାଳୟର ସାମଗ୍ରୀକ ବିକାଶ, ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଏବଂ ଶୌଚାଳୟ ବ୍ୟବହାର ଉପରେ ମତବ୍ୟକ୍ତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ବୀଣାପାଣି ମହାନ୍ତି ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଦେବେନ୍ଦ୍ର କୁମାର ସାହୁ, ଶିକ୍ଷୟିତ୍ରୀ ବାସନ୍ତୀ ସ୍ୱାଇଁ, ସୀମନ୍ତିନୀ ରାଉତ, ଝରଣା ନାୟକ, ଲିତାଞ୍ଜଳି ସାହୁ, ସାଗରିକା ସାହୁଙ୍କ ସମେତ ସଭ୍ୟା କୁନ୍ତି ସାହୁ, ଲକ୍ଷ୍ମୀନାରାୟଣ ଦାସ, ନିର୍ମଳ ମୁଣ୍ଡା, ପାଚିକା ସରସ୍ୱତୀ ଲୋହାର, ସବିତା ସେଠୀ, ପ୍ରତିମା ଲୋହାର, ମଞ୍ଜୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ରଘୁନାଥପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ବୈଠକ।

■ ପଦୋନ୍ନତିପ୍ରାପ୍ତ ଏଜିଏମ୍‌ଙ୍କୁ ଆର୍‌ଏସ୍‌ପି ସିଇଓଙ୍କ ପରାମର୍ଶ

# କାରଖାନା ଭବିଷ୍ୟତ ଉଜ୍ଜ୍ୱଳମୟ କର

ରାଉରକେଲା ଅଫିସ,୨।୭

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଭାଗ୍ୟ ଆପଣମାନଙ୍କ ହାତରେ। ଏହାର ଭବିଷ୍ୟତ ଯେମିତି ଉଜ୍ଜ୍ୱଳମୟ ହେବ ସେ ଦିଗରେ ନିଷ୍ଠା ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଛନ୍ତି ଆର୍‌ଏସ୍‌ପି ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଚଟ୍ଟରାଜ। ପଦୋନ୍ନତି ପାଇଥିବା ନୂଆ ସହାୟକ ମହାପ୍ରବନ୍ଧକ (ଏଜିଏମ୍)ମାନଙ୍କୁ ପଦୋନ୍ନତିପତ୍ର ପ୍ରଦାନ ଅବସରରେ ବକ୍ତବ୍ୟ ରଖି ଚଟରାଜ ଏହି ପରାମର୍ଶ ଦେଇଛନ୍ତି। ସେ କହିଥିଲେ, ଅଧିକ ଦାୟିତ୍ୱ ବହନ ନିମନ୍ତେ ମନୋନୀତ ହୋଇଥିବା ଦୃଷ୍ଟିରୁ ଅଧିକାରୀମାନେ ଏହାର ଗୁରୁତ୍ୱ ଉପଲବ୍ଧି କରିବା ଅବଶ୍ୟକ। କମ୍ପାନୀ ଏକ ଆହ୍ୱାନମୂଳକ ପରିସ୍ଥିତି ଦେଇ ଗତି କରୁଛି। କର୍ମଚାରୀଙ୍କ ମଧ୍ୟରେ ଅସୀମ ସାମର୍ଥ୍ୟ ରହିଛି। ନିଜ ଦକ୍ଷତାକୁ ଉପଯୋଗ କରି ଆମେ ପରିସ୍ଥିତିର ମୁକାବିଲା କରିପାରିବା। ଆଶାନୁରୂପ ପ୍ରଦର୍ଶନ ହିଁ ଆମର ମୂଳ ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ଚଟରାଜ କହିଥିଲେ। ଏହି ଅବସରରେ ସେ ସୁରକ୍ଷା, ଉତ୍ପାଦନ ଖର୍ଚ୍ଚ, ଗୁଣବତ୍ତା ଓ ପ୍ରକଳ୍ପ ସମ୍ପାଦନା କ୍ଷେତ୍ର ଉପରେ ଆଲୋକପାତ କରିଥିଲେ। ଏଥିରେ କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ରାଜବୀର ସିଂ, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଗୌତମ ବାନାର୍ଜୀ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଦିଲୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପର୍ଚ୍ଚେଜ ବିଭାଗ ମହାପ୍ରବନ୍ଧକ ଏନ୍.କେ. ସାମନ୍ତରାୟ, ଏସ୍‌ଏମ୍‌ଏସ୍-୨ ବିଭାଗ ମହାପ୍ରବନ୍ଧକ ଏ.କେ. ଚକ୍ରବର୍ତ୍ତୀ ପଦୋନ୍ନତିପ୍ରାପ୍ତ ଅଧିକାରୀଙ୍କୁ ଉତ୍ସାହିତ କରିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର ସୋମଦତ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ପଦୋନ୍ନତିପ୍ରାପ୍ତ ଆର୍‌ଏସ୍‌ପି ଏଜିଏମ୍‌ଙ୍କ ଗହଣରେ ସିଇଓ ଓ ଅନ୍ୟ ଅଧିକାରୀ।

# ଗୋପବନ୍ଧୁଙ୍କ ୯୧ତମ ପୁଣ୍ୟତିଥି ପାଳିତ

ରାଉରକେଲା ଅଫିସ,୨।୭

ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୧ତମ ପୁଣ୍ୟତିଥି ବାଲିଯୋଡ଼ି ଛକସ୍ଥିତ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ପରିସରରେ ପାଳିତ ହୋଇଛି। ଅନୁଷ୍ଠାନ ସମ୍ପାଦକ ଅରୁଣ କୁମାର ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟଅତିଥି, ବାଲିଯୋଡ଼ି ଗ୍ରାମ୍ୟ କମିଟି ସଭାପତି ଡା. ଫକୀର ଚରଣ ହୋତା, ଗାୟତ୍ରୀ ଉପାସକ ଡା. ରାହାସ ବିହାରୀ ମହାପାତ୍ର, ପୂର୍ବତନ ସୈନିକ ସଂଘ ସଭାପତି ଡା. ଅକ୍ଷୟ କୁମାର ସାମଲ, ସାହିତ୍ୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଗୋପବନ୍ଧୁଙ୍କ କର୍ମମୟ ଜୀବନ, ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଭୂମିକା, ରାଜନୈତିକ ଚିନ୍ତାଧାରା, ସମାଜସେବା, ସାମ୍ବାଦିକତା ସର୍ବୋପରି ନବଓଡ଼ିଶା ଗଠନରେ ତାଙ୍କ ଭୂମିକା ଉପରେ ମୁଖ୍ୟଅତିଥି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ଦାଶ, ଚିତ୍ତରଞ୍ଜନ ନନ୍ଦ, ଦେବେନ୍ଦ୍ର ସାହୁ, ବାସୁଦେବ ସାହୁ, ପ୍ରଭାକର ମଲ୍ଲିକ, ଧନେଶ୍ୱର ସାହୁ, ବାସୁଦେବ ସାମଲ, ରିନୁ ପଲାଇ, ସନାତନ ସାହୁ, ଚାନ୍ଦମଣି ମାଝି, ପ୍ରଫୁଲ୍ଲ କୁମାର ସାହୁ, ଅନ୍ତର୍ଯ୍ୟାମୀ ବେହୁରିଆ, ନିତୁରାଣୀ ଭୂମିଜ, ରୀନା ମୁଣ୍ଡା, ଶୁଭଲକ୍ଷ୍ମୀ ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନୁଷ୍ଠାନ ସହସମ୍ପାଦିକା ସଚଳା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସାହିତ୍ୟିକ ତଥା କବି ଅଶୋକ ଚନ୍ଦ୍ର ମହାପତ୍ରଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା।



ଉତ୍କଳମଣି ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଗୋପବନ୍ଧୁଙ୍କ ପୁଣ୍ୟତିଥି ପାଳନ ଅବସରରେ ଉପସ୍ଥିତ ଅତିଥି।

# ପ୍ରତିଶ୍ରୁତି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ରାଉରକେଲା ଅଫିସ,୨।୭

ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ପ୍ରତିଶ୍ରୁତି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ସେକ୍ଟର-୫ସ୍ଥିତ ଦୀପିକା ଇଂଲିଶ ମିଡିୟମ ସ୍କୁଲରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ ସଭାପତି ଗୋପୀନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ମହାପ୍ରବନ୍ଧକ ରାମ ନାୟକ ମୁଖ୍ୟଅତିଥି ଓ ଦୀପିକା ଇଂଲିଶ ମିଡିୟମ ସ୍କୁଲ ଅଧକ୍ଷ ପ୍ରମୋଦ କୁମାର ସାହୁ ଉଦ୍‌ଘାଟକ ଭାବେ ଯୋଗଦେଇ। ମୁଖ୍ୟଅତିଥି ନାୟକ ଛାତ୍ରୀଛାତ୍ର ଓ ପ୍ରତିଯୋଗୀଙ୍କୁ ଶୃଙ୍ଖଳା, ଅନୁଶାସନ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଉଦ୍‌ଘାଟକ ସାହୁ ଜ୍ଞାନ ଆହରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପଟ୍ଟନାୟକ ସଭାପତୀୟ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଜଗନ୍ନାଥ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ୫ ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାର ବରିଷ୍ଠ ଓ କନିଷ୍ଠ ବିଭାଗରେ ୧୨୫ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ରଶ୍ମିରେଖା ଧଳ, ଅକ୍ଷୟ କୁମାର ସାମଲ, ରମେଶ ମାଝି, ଦେବେନ୍ଦ୍ର ମହାରଣା ଓ ପିନାକୀ ବୋଷ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବେଦ, ଉପନିଷଦ, ଗୀତା କର୍ମକାଣ୍ଡ, ସୁଦ୍ରାଷ୍ଟକ ଆଦି ମନ୍ତ୍ର ଓ ଭଗବତ ଗୀତାର ଦ୍ୱାଦଶ ଅଧ୍ୟାୟ ବ୍ୟାଖ୍ୟାରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାନ୍ଦ, ଚମ୍ପୁ, ଓଡ଼ିଶୀ, ହିନ୍ଦୁସ୍ଥାନୀ ଓ ଭଜନରେ ୬୯ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବେଦ ଓ ଗୀତାର ବିଚାରକ ଭାବେ ପଣ୍ଡିତ ସୁରେଶ ଭୋଇ, ସୁରେଶ କୁମାର ମହାନ୍ତି, ମାନସୀ ଦେଓ ଏବଂ ବିଭୂତି ଭୂଷଣ ପଲାଇ ଦାୟିତ୍ୱ ତୁଲାଇଥିଲେ। ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ପଣ୍ଡା, ରମାକାନ୍ତ ବେହେରା, ପ୍ରଦୀପ କୁମାର ପାଣିଗ୍ରାହୀ, ମାନସୀ ଦେ ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ଶାସ୍ତ୍ରୀୟ ନୃତ୍ୟ ଓ ଶାସ୍ତ୍ରୀୟ ସଙ୍ଗୀତରେ ୬୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଦେବସ୍ମିତା ମହାନ୍ତି, ମୌସୁମୀ ନନ୍ଦ ଓ ମମତା ସାହୁ ବିଚାରକ ଦାୟିତ୍ୱ ତୁଲାଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନର ବାର୍ଷିକୋତ୍ସବ ଅବସରରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ଜ୍ୟୋତିର୍ମୟ ଆଚାର୍ଯ୍ୟ ଓ ଦେବସ୍ମିତା ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ।



ପ୍ରତିଶ୍ରୁତି ପକ୍ଷରୁ ଆୟୋଜିତ ପ୍ରତିଯୋଗିତା ଅବସରରେ ଅତିଥି ଓ କର୍ମକର୍ତ୍ତା।

■ ଏନ୍‌ଆଇଟି ପକ୍ଷରୁ ଜୈବିକ କୃଷି କର୍ମଶାଳା

# ବିଶେଷଜ୍ଞ ଶିଖାଇବେ ଜୈବିକ ଚାଷ ପ୍ରଣାଳୀ

ରାଉରକେଲା ଅଫିସ,୨।୭

ପୁଣି ଆମେ ଫେରିବା ଜୈବିକ ଚାଷ ପ୍ରଣାଳୀକୁ। ପେଷ୍ଟିସାଇଟ୍‌ର ବହୁଳ ବ୍ୟବହାର ବିଭିନ୍ନ କ୍ଷେତ୍ରରେ ଚିନ୍ତା ଉଦ୍ରେକ କରିଛି। ଏ ନେଇ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଫାର୍ମ ବିଭାଗ ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ ଷଡ଼ଙ୍ଗୀ ଜୈବିକ ଚାଷ ପ୍ରଣାଳୀ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାରେ ଆୟୋଜିତ ୫ ଦିନିଆ ଜୈବିକ ଚାଷ ସମ୍ପର୍କିତ କର୍ମଶାଳାରେ ଯୋଗଦେଇ ଷଡ଼ଙ୍ଗୀ କହିଥିଲେ, ଏହା ହେଉଛି ଆମ ପାରମ୍ପରିକ ଚାଷ ପ୍ରଣାଳୀ। ଜୈବିକ ଚାଷ ନୂଆ ନୁହେଁ। ଭାରତରେ ପୂର୍ବରୁ ଏତେ ସଂଖ୍ୟାରେ ଉଦ୍ୟୋଗ ନ ଥିଲା। ଲୋକେ ପୂର୍ଣ୍ଣତଃ ଚାଷ ଉପରେ ନିର୍ଭର କରୁଥିଲେ। ସେତେବେଳେ ଦେଶର ଜିଡିପି ଥିଲା ୩୩ ପ୍ରତିଶତ। ପରିବର୍ତ୍ତିତ ପରିସ୍ଥିତିରେ ପାରମ୍ପରିକ ଜୈବିକ ଚାଷ ପ୍ରଣାଳୀ ପ୍ରଭାବିତ ହେଲା। ରାସାୟନିକ ସାର ଉପଯୋଗ ବୃଦ୍ଧି ପାଇଲା ବୋଲି ଷଡ଼ଙ୍ଗୀ ମତ ପ୍ରକାଶ କରିଥିଲେ। ଏହି ଅବସରରେ ସେ ଏନ୍‌ଆଇଟିର ପ୍ରୟାସକୁ ପ୍ରଶଂସା କରିଥିଲେ। କର୍ମଶାଳା ଉଦ୍‌ଘାଟନୀ ସମାରୋହରେ ସଂସ୍ଥାନ ନିର୍ଦ୍ଦେଶକ ପ୍ରଫେସର ଅନିମେଶ ବିଶ୍ୱାସ ଯୋଗଦେଇ କହିଥିଲେ, ଏହା ହେଉଛି ଆମର ଏକ ସ୍ୱପ୍ନର ପ୍ରକଳ୍ପ। ପ୍ରଥମ ପର୍ଯ୍ୟାୟରେ ଏ ନେଇ ୫ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏନ୍‌ଆଇଟି ପାଖରେ ଯାହା ବୈଷୟିକ ଜ୍ଞାନକୌଶଳ ରହିଛି, ତାହା ଭାରତର ସବୁ ଚାଷୀ ଜାଣନ୍ତୁ। ରାସାୟନିକ ସାର ପରିବର୍ତ୍ତେ ଜୈବିକ ଚାଷକୁ ଆପଣାନ୍ତୁ। ଏ ନେଇ ବେଦାନ୍ତ ଓ ଏମ୍‌ସିଏଲ ଭଳି ସଂସ୍ଥା ଖୁବ୍ ପ୍ରଭାବିତ ହୋଇଛନ୍ତି। ଭବିଷ୍ୟତରେ ଏହି ଦୁଇ ଅନୁଷ୍ଠାନ ସହଯୋଗରେ ଜୈବିକ ଚାଷ ପ୍ରଣାଳୀକୁ ବ୍ୟାପକ କରାଯିବା ସମ୍ଭାବନା ରହିଛି ବୋଲି କହିଥିଲେ ପ୍ରଫେସର ବିଶ୍ୱାସ। କୁଳସଚିବ ପ୍ରଫେସର ପ୍ରଦୀପ ଦାସ କହିଥିଲେ, ଚାଷୀ ହେଉଛି ଆମର ଗର୍ବ। ଦେଶର ଅନ୍ନଦାତା। ଚାଷ ପ୍ରତି ବିମୁଖ ହେଉଥିବା ଚାଷୀଙ୍କୁ ଏ ଦିଗରେ ପ୍ରେରିତ କରିବାକୁ ପଡ଼ିବ। ଜୈବିକ ଚାଷ ପ୍ରଣାଳୀ ନେଇ ସେମାନଙ୍କୁ ଆଗ୍ରହୀ କରାଇବାକୁ ହେବ। ଆଗାମୀ ଦିନରେ ଏହି ବ୍ୟବସ୍ଥାର ସମ୍ପ୍ରସାରଣ ନେଇ ବ୍ୟାପକ ଉଦ୍ୟମ କରାଯିବ ବୋଲି ଦାସ କହିଥିଲେ। ଜୈବିକ ଚାଷ ନେଇ ସଂଯୋଜନା କରୁଥିବା ପ୍ରଫେସର ଦେବାୟନ ସରକାର ଓ ପ୍ରଫେସର ନିହାରରଞ୍ଜନ ମିଶ୍ର କହିଥିଲେ, ଜୈବିକ ଚାଷ ପ୍ରଣାଳୀର ବ୍ୟାପକତା ଓ ଉତ୍କର୍ଷତାକୁ ପ୍ରତିପାଦିତ କରିବା ନେଇ ଏନ୍‌ଆଇଟି ପକ୍ଷରୁ ସ୍ୱତନ୍ତ୍ର ଗବେଷଣାଗାର ପ୍ରତିଷ୍ଠା କରାଯାଇଛି। ଏଥିରେ ଅନୁସନ୍ଧାନକାରୀ ଅନବରତ କାମରେ ଲାଗିଛନ୍ତି। ଓଡ଼ିଶା ଜୈବିକ ଚାଷ କ୍ଷେତ୍ରରେ ଅଗ୍ରଗତି କରୁ ଏହା ଆମର ମୂଳ ଲକ୍ଷ୍ୟ ବୋଲି ପ୍ରଫେସର ଦ୍ୱୟ ପ୍ରକାଶ କରିଥିଲେ। ବୈଜ୍ଞାନିକ ଉଦୟ ପାତ୍ର କହିଥିଲେ, ଜିଆ ହେଉଛି ଚାଷୀଙ୍କ ବନ୍ଧୁ। କେବଳ ଜିଆ, ଗୋମୂତ୍ର ଓ ପରିବା ଚୋପାକୁ ଆଧାର କରି ପ୍ରାକୃତିକ ସାର ପ୍ରସ୍ତୁତ କରାଯାଇପାରିବ। ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ଦ୍ୱାରା ଅଧିକ ଉତ୍ପାଦନ କରାଯାଇପାରିବ ବୋଲି ପାତ୍ର ମତ ପ୍ରକାଶ କରିଥିଲେ। ସମ୍ପ୍ରତି ଏନ୍‌ଆଇଟି ପକ୍ଷରୁ ୨ଏକର ଜମିରେ ଜୈବିକ ପ୍ରଣାଳୀରେ ଚାଷ କରାଯାଉଛି। ଭବିଷ୍ୟତରେ ଏହାକୁ ୧୦ ଏକରକୁ ପରିବର୍ଦ୍ଧିତ କରାଯିବ। ଏହି ପ୍ରଶିକ୍ଷଣ ଜୁଲାଇ ୬ରେ ଶେଷ ହେବ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୮୦ଜଣ ଚାଷୀ ଭାଗ ନେଇ ଜୈବିକ ଚାଷ ପ୍ରଣାଳୀ ଉପରେ ଜ୍ଞାନାର୍ଜନ କରୁଛନ୍ତି ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି।




ଏନ୍‌ଆଇଟି ପକ୍ଷରୁ ଆୟୋଜିତ ଜୈବିକ କୃଷି କର୍ମଶାଳା।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ଜିଏମ୍‌ୟୁରେ ୧୪୪ ପଦ ପୂରଣ ପାଇଁ ସରକାରଙ୍କ ସ୍ୱୀକୃତି
## ପୂର୍ବର ୩୨ଶହ ଆବେଦନ ରଦ୍ଦ ହେବ

**ସମ୍ବଲପୁର,୨।୭(ବ୍ୟୁରୋ):** ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ (ଜିଏମୟୁ)ରେ ଖାଲି ପଡିଥିବା ବିଭିନ୍ନ ପଦ ଖୁବ୍ ଶୀଘ୍ର ପୂରଣ ହେବ। ରାଜ୍ୟ ସରକାର ୧୪୪ ପଦ ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏନେଇ ଜିଏମୟୁ ଉପ କୂଳ ସଚିବ ଉମାଚରଣ ପତି କହିଛନ୍ତ ଯେ, ପୂର୍ବରୁ ବିଭିନ୍ନ ପଦ ପାଇଁ ଆବେଦନ କରିଥିବା ୩୨ ଶହ ଆବେଦନ ଫର୍ମକୁ ରଦ୍ଦ କରାଯିବ। ହେଲେ ପୂର୍ବରୁ ଆବେଦନ କରିଥିବା ପ୍ରାର୍ଥୀମାନେ ପୁଣି ଥରେ ଆବେଦନ କରିପାରିବେ । ସେମାନେ ଆବେଦନ ଫି ୨୫ ଶହ ଟଙ୍କା ବଦଳରେ ମାତ୍ର ୨୫୦ ଟଙ୍କା ଦେବାକୁ ପଡିବ। ହେଲେ ନୂଆ ଆବେଦନକାରୀଙ୍କୁ ପୂରା ୨୫ ଶହ ଟଙ୍କା ଦେବାକୁ ପଡିବ। ସୂଚନା ଯୋଗ୍ୟ ଯେ, ବିଶ୍ୱବିଦ୍ୟାଳୟରେ ୯୬ ଅଧାପକ ପଦ ସହ ଅନ୍ୟାନ୍ୟ ପଦ ମଧ ଖାଲି ପଡିଛି । ଅତିଥି ଅଧାପକଙ୍କ ଭରସାରେ ପାଠ ପଢା ଚାଲିଛି। ତେଣୁ ୨୦୧୮ ଜୁନରେ ଅଧାପକ ନିଯୁକ୍ତି ପାଇଁ ପକ୍ରିୟା ଆରମ୍ଭ ହୋଇଥିଲା । ସେ ସମୟରେ ୩୨ ଶହ ଆବେଦନ ଆସିଥିଲା। ହେଲେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦେଶର ଅନ୍ୟ ବିଶ୍ୱ ବିଦ୍ୟାଳୟ ସହ ଜିଏମୟୁରେ ମଧ ରହିତାଦେଶ ଲାଗୁ ହୋଇଥିଲା । ହେଲେ ଏବେ ପୁଣି ଥରେ ରାଜ୍ୟ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି।

## ତଦନ୍ତରେ ବିଳମ୍ବ ଅଭିଯୋଗ, ଏଏସ୍‌ଆଇ ନିଲମ୍ବିତ

**ବାଲେଶ୍ୱର ଅଫିସ, ୨।୭:** ଏକ ଚୋରି ମାମଲା ତଦନ୍ତରେ ବିଳମ୍ବ କରାଯିବା ଅଭିଯୋଗରେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡେଲ ଥାନା ଏଏସ୍‌ଆଇ ରାଜେନ୍ଦ୍ର ନାୟକଙ୍କୁ ନିଲମ୍ବିତ କରାଯାଇଛି। ଏନେଇ ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କଠାରେ ଅଭିଯୋଗ ହୋଇଥିଲା। ଗତ ଜୁନ୍ ୨୭ ରାତିରେ ଉକ୍ତ ଥାନା କାଳିଦାସପୁର ଗ୍ରାମର ପ୍ରଭାତି ପଟ୍ଟନାୟକଙ୍କ ଘରେ ପଶି ଦୁର୍ବୃତ୍ତମାନେ ସୁନାଗହଣା, ଟଙ୍କା ଚୋରି କରିଥିଲେ। ଏନେଇ ପ୍ରଭାତି ଥାନାରେ ଗତ ୨୮ରେ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି ଶୁଭ୍ରାଂଶୁ ନାୟକ ମାମଲା ରୁଜୁ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ସମୟରେ ଏଏସ୍‌ଆଇ ନାୟକ ଏବଂ ପ୍ରଭାତିଙ୍କ ମଧରେ ଉଚ୍ଚବାଚ ହୋଇଥିଲା। ଏଥିରେ ପ୍ରଭାତି ଅତିଷ୍ଠ ହୋଇ ଏସ୍‌ପି ଏବଂ ପୂର୍ବାଞ୍ଚଳ ଡିଆଇଜିଙ୍କୁ ଅଭିଯୋଗ କରିଥିଲେ। ଏଏସ୍‌ଆଇ ନାୟକ କହିଛନ୍ତି ଯେ, ପ୍ରଭାତି ୧୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଚୋରି ହୋଇଥିବା ଏତଲାରେ ଦର୍ଶାଇଥିଲେ। ତଦନ୍ତ ବେଳେ ତାଙ୍କ ଘର ଚାକରାଣୀଙ୍କ ଠିକଣା ପଚାରିବାରୁ ପ୍ରଭାତି ତାହାକୁ ଗୋପନ ରଖିଥିଲେ। ଏହାକୁ ନେଇ ତଦନ୍ତରେ ବାଧା ଉପୁଜିଥିଲା। ଏଥିରେ ପ୍ରଭାତି ବିରକ୍ତ ହୋଇ ଏସ୍‌ପି ଓ ଡିଆଇଜିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ଶିକ୍ଷା କ୍ଷେତ୍ରରେ ବୈଜ୍ଞାନିକ ମନୋଭାବ ଶୀର୍ଷକ ଆଲୋଚନା

**ରାଉରକେଲା ଅଫିସ,୨।୭**



ଲେଖକ ସାମ୍ମୁଖ୍ୟ ପକ୍ଷରୁ ଛେଣ୍ଡଠାରେ ଆୟୋଜିତ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ।

ସୁନ୍ଦରଗଡ଼ ଜିଲା ଲେଖକ ସାମ୍ମୁଖ୍ୟ ଆନୁକୂଲ୍ୟରେ ମାସିକ ସାହିତ୍ୟ ଆସର ଓ ଶିକ୍ଷା କ୍ଷେତ୍ରରେ ବୈଜ୍ଞାନିକ ମନୋଭାବ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଛେଣ୍ଡ କଲୋନୀ ପାଠାଗାରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇଂ ଅଭୟ ଦାସ ଅଧ୍ୟକ୍ଷତା କରିଥିଲେ। ରଶ୍ମିବାଳା ରାଉତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ରୂପେ ଏନ୍‌ଆଇଟି ପ୍ରଫେସର ଡ. ସୀମାଞ୍ଚଳ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ସାହିତ୍ୟିକ ଆର୍ତ୍ତତ୍ରାଣ ମହାପାତ୍ର ମଞ୍ଚାସୀନ ଥିଲେ। ଅନୁଷ୍ଠାନ ସଭାପତି ତଥା ସାହିତ୍ୟିକ ଭୂପେନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରି ଆଲୋଚ୍ୟ ବିଷୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ପାଣିଗ୍ରାହୀ ନିଜ ବକ୍ତବ୍ୟରେ କହିଥିଲେ, ବୈଜ୍ଞାନିକ ମନୋଭାବକୁ ଆପଣାଇଲେ ବା ବିଜ୍ଞାନକୁ ଭଲପାଇଲେ ଜଣେ ବୈଜ୍ଞାନିକ ହୋଇଯାଏ ନାହିଁ। ସରଳ ବିଶ୍ୱାସ ବଢ଼ି ଦିନେ ଅନ୍ଧବିଶ୍ୱାସରେ ପରିଣତ ହୁଏ। ଅନ୍ଧବିଶ୍ୱାସ କେବଳ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ କିମ୍ବା ବ୍ୟକ୍ତି ମଧରେ ସୀମିତ ନ ଥାଏ। ଏହା ଶିକ୍ଷିତ ବର୍ଗଙ୍କୁ ମଧ କବଳିତ କରି ରଖିଛି। ଏଣୁ ବୈଜ୍ଞାନିକ ମନୋଭାବକୁ ଆପଣାଇବାର ଯଥେଷ୍ଟ ଆବଶ୍ୟକତା ଓ ଗୁରୁତ୍ୱ ରହିଛି ବୋଲି ପାଣିଗ୍ରାହୀ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ମହାପାତ୍ର କହିଥିଲେ, ଭାବବାଦୀ ଓ ବସ୍ତୁବାଦୀ ଦର୍ଶନ ମଧରେ ସର୍ବଦା ଦ୍ୱନ୍ଦ୍ୱ ରହିଆସିଛି। ସମାଜର ପ୍ରଗତିରେ ଅନ୍ଧବିଶ୍ୱାସ ଏକ ବଡ଼ ପ୍ରତିବନ୍ଧକ। ହେତୁବାଦୀ ଉପରେ ମୌଳବାଦୀଙ୍କ ଆକ୍ରମଣ ସର୍ବଦା ନଜରକୁ ଆସୁଛି। ଏ ଦିଗରେ ଅଧିକ ତର୍ଜମା ଆବଶ୍ୟକ ବୋଲି ମହାପାତ୍ର ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଡ. ପ୍ରଧାନ କହିଥିଲେ, ବିଜ୍ଞାନ ହେଉଛି ଏକମାତ୍ର ମାଧ୍ୟମ ଯାହା ଆମକୁ ଜଣାଇ ଦିଏ କେଉଁଟି ଗ୍ରହଣୀୟ ବା ବର୍ଜନୀୟ। ଏପରି ଅବସ୍ଥାରେ ସବୁ କଥାକୁ ଗ୍ରହଣ ପୂର୍ବରୁ ବୈଜ୍ଞାନିକ ମନୋଭାବକୁ ଏହାର ମାପଦଣ୍ଡ ରୂପେ ବିଚାର କରାଯିବା ଆବଶ୍ୟକ ବୋଲି ସେ କହିଥିଲେ। ଇଂ ଦାସ କହିଥିଲେ, ଅଜ୍ଞାନ ରୂପକ ଅନ୍ଧକାରର ବଶବର୍ତ୍ତୀ ନ ହୋଇ ଆମେ ବିଚାରଶୀଳ ହୋଇପାରିଲେ ଅନେକ କଥାର ସହଜ ସମାଧାନ ହୋଇପାରିବ। ଏ ନେଇ ଶିକ୍ଷା ହେଉଛି ଏକ ବଡ଼ ଅସ୍ତ୍ର। ଏହାକୁ ପ୍ରତ୍ୟେକ ସ୍ୱୀକାର କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଅତିଥିମାନେ ସୁନ୍ଦରଗଡ଼ ଜିଲାରେ ଏକ ବିଜ୍ଞାନ ପାର୍କ ପ୍ରତିଷ୍ଠା ନେଇ ଗୁରୁତ୍ୱାରୋପ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ କବୟିତ୍ରୀ ଉର୍ବଶୀ ଦାସପତିଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। ଏଥିରେ କବି କୁଞ୍ଜବିହାରୀ ରାଉତ, ନୀଳିମା ନାୟକ, ଅଙ୍ଗୁରବାଳା ପରିଡ଼ା, ଅନନ୍ୟା ମହାପାତ୍ର, ମୀତା ପ୍ରଧାନ, ସୁଶାନ୍ତ ନାୟକ ଓ ଦୀପ୍ତି ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସାହିତ୍ୟିକା ମଞ୍ଜୁଳା ରଥ ଓ ରଶ୍ମିବାଳା ରାଉତରାୟ ଗଳ୍ପ ପାଠ କରିଥିଲେ। ଅତିଥିଙ୍କ ଦ୍ୱାରା ଅନୁଷ୍ଠାନର ମୁଖପତ୍ର ନାଗରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ଅନୀଲ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ‘ଭାରତକୁ ହରାଇ ଅଭିଯାନ ଶେଷ କରିବୁ’

**ଚେଷ୍ଟର-ଲି-ଷ୍ଟ୍ରିଟ୍, ୨।୭ (ପି.ଟି.):** ଆଇସିସି ବିଶ୍ୱକପ୍‌ରେ ସୋମବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ୨୩ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲେ ମଧ ସେମିଫାଇନାଲ ଦୌଡ଼ରୁ ଦଳ ବାଦ୍ ପଡ଼ିସାରିଛି। ଦଳ ଏହାର ଅନ୍ତିମ ମ୍ୟାଚ୍‌ରେ ଜୁଲାଇ ୬ରେ ଭାରତକୁ ଭେଟିବ। ତେବେ ଏହି ମ୍ୟାଚ୍‌ରେ ଭାରତକୁ ପରାସ୍ତ କରି ଦମ୍‌ଦାର ଭାବେ ଅଭିଯାନ ଶେଷ କରିବୁ ବୋଲି ଯୁବ ଅଫ୍-ସ୍ପିନର ଧନଞ୍ଜୟ ଡି ସିଲ୍‌ଭା ମ୍ୟାଚ୍ ପୂର୍ବରୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ‘ଆଇସିସି ଟୁର୍ନାମେଣ୍ଟରେ ଭାରତ ବିପକ୍ଷରେ ଆମର ପ୍ରଦର୍ଶନ ଭଲ ରହିଛି। ଦିନକ ପୂର୍ବରୁ ଆମେ ୱେଷ୍ଟଇଣ୍ଡିଜକୁ ମଧ ପରାସ୍ତ କରିଛୁ। ତେଣୁ ଆମେ ଏହି ଆତ୍ମବିଶ୍ୱାସକୁ ପାଥେୟ କରି ଆଗାମୀ ମ୍ୟାଚ୍‌ରେ ଭାରତକୁ ହରାଇ ପାରିବୁ’ ବୋଲି ସିଲ୍‌ଭା କହିଛନ୍ତି। ଆମେ ପ୍ରତ୍ୟେକ ମ୍ୟାଚ୍ ଜିତିବାକୁ କଠିନ ପରିଶ୍ରମ କରୁଛୁ। ଯଦି ଆମେ ଭାରତକୁ ହରାଇ ପାରିଲୁ ତେବେ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହି ଅଭିଯାନ ଶେଷ କରିବୁ ବୋଲି ଏହି ସିଂହଳୀ ବୋଲର ଏହି ଅବସରରେ ପ୍ରକାଶ କରିଛନ୍ତି।

# ସ୍କୁଲ ଅଧ୍ୟକ୍ଷ, ଅଭିଭାବକଙ୍କ ଅଭିଯୋଗ ଶୁଣିଲେ ଉପଜିଲାପାଳ

**ରାଉରକେଲା ଅଫିସ,୨।୭**

ଦକ୍ଷିଣ ରାଉରକେଲା ଅନ୍ତର୍ଗତ ସେକ୍ଟର-୨୨ରେ ଥିବା ପ୍ରଗତି ପବ୍ଲିକ ସ୍କୁଲରେ ମନଇଚ୍ଛା ମୁତାବକ ଫି’ ବୃଦ୍ଧି କରିବା, ପିଟିଏ କମିଟି ଗଠନ ନ କରିବା ଭଳି ନାନା ସମସ୍ୟା ନେଇ ଅଭିଭାବକମାନେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର ସୋମବାର ଏ ନେଇ ଅଭିଯୋଗ ଶୁଣାଣି କରିଥିଲେ। ଛାତ୍ରୀଛାତ୍ରଙ୍କ ଅଭିଭାବକ, ବିଦ୍ୟାଳୟ ଅଧ୍ୟକ୍ଷ, ବିଶ୍ରା ଏବିଇଓ ତଥା ଟାଙ୍ଗରପାଲି ଥାନା ଏସ୍‌ଆଇ ମଦନ ମୋହନ ବାରିକ ପ୍ରମୁଖ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଅଧ୍ୟକ୍ଷ କହିଥିଲେ, ୨୦୦୯ ନୋଟିଫିକେଶନ ଅନୁଯାୟୀ ମାସିକ ଟ୍ୟୁଶନ ଫି’ ଏବଂ ବାର୍ଷିକ ଫି’କୁ ୧୫ ପ୍ରତିଶତ ବୃଦ୍ଧି କରାଯାଇଛି। ମାତ୍ର ଅଭିଭାବକଙ୍କ କହିବାନୁସାରେ, ୨୦୧୮ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ୮ ପ୍ରତିଶତ ଫି’ ବୃଦ୍ଧି କରିବା କଥା। ସରକାରୀ ନିର୍ଦ୍ଦେଶକୁ ବେଖାତିର କରି ଅଧ୍ୟକ୍ଷ ୧୫ ପ୍ରତିଶତ ବୃଦ୍ଧି କରିଛନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରିଥିଲେ। ଏହି ବିବାଦର ସମାଧାନ ନିମନ୍ତେ ଉପଜିଲାପାଳ ମହାପାତ୍ର ମାମଲାକୁ ଏଲିମିନେଟାରି ନିର୍ଦ୍ଦେଶକଙ୍କ ନିକଟକୁ ପଠାଇଥିବା କହିଛନ୍ତି। ୧୫ ଦିନ ମଧରେ ରିପୋର୍ଟ ଆସିବା ପରେ ଟ୍ୟୁଶନ ଫି’ ଧାର୍ଯ୍ୟ କରାଯିବ ବୋଲି କହିଛନ୍ତି। ଏହାବ୍ୟତୀତ ଆସନ୍ତା ୧୬ ତାରିଖ ମଧରେ ପିଟିଏ କମିଟି ଗଠନ କରିବାକୁ ଉପଜିଲାପାଳ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପିଲାର ସ୍କୁଲ ବ୍ୟାଗ ଓଜନ କମ୍ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଅଧ୍ୟକ୍ଷଙ୍କୁ କହିଛନ୍ତି। ବିଦ୍ୟାଳୟର ପୂର୍ବତନ କିରାଣି ପ୍ରତିଦିନ ବିଦ୍ୟାଳୟକୁ ଆସିପାରିବେ ନାହିଁ କିମ୍ବା ବିଦ୍ୟାଳୟର କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରିବେ ନାହିଁ ବୋଲି ଉପଜିଲାପାଳ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଉପଜିଲାପାଳ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ କହିଥିଲେ, ଅଭିଭାବକ ଏବଂ ଅଧ୍ୟକ୍ଷଙ୍କ ଅଭିଯୋଗ ଶୁଣି ଏହାର ସମାଧାନ ନିମନ୍ତେ ଏଲିମିନେଟାରି ନିର୍ଦ୍ଦେଶକଙ୍କୁ ଜଣାଇଅଛି। ୧୫ ଦିନ ମଧରେ ସମାଧାନ କରାଯିବ। ଶିକ୍ଷକ ଏବଂ ଅଭିଭାବକଙ୍କ ମଧରେ ସମନ୍ୱୟ କିପରି ରଖାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା ବୋଲି ମହାପାତ୍ର କହିଛନ୍ତି।



ପ୍ରଗତି ସ୍କୁଲ ସମସ୍ୟା ନେଇ ପାନପୋଷ ଉପଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ଅଭିଭାବକ।

## ଲଇକେରା, ବ୍ରଜରାଜନଗରରେ ନେତ୍ରୋତ୍ସବ

**ଲଇକେରା, ୨।୭ (ଡି.ଏନ.ଏ.):** ଝାରସୁଗୁଡା ଜିଲା ଲଇକେରାରେ ମଙ୍ଗଳବାର ନେତ୍ରୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ନାନଯାତ୍ରା ପରେ ଜ୍ୱରରେ କମ୍ପୁଥିଲେ ମହାପ୍ରଭୁ। ଅଣସର ଘରେ ରହି ଚିକିତ୍ସା ପରେ ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ପଣ୍ଡିତ ବିଜୟ ମିଶ୍ରଙ୍କ ବେଦମନ୍ତ୍ର ସାଙ୍ଗକୁ ହରିବୋଲ ହୁଳହୁଳି ରେ ପ୍ରକମ୍ପିତ ହୋଇଉଠିଥିଲା ପରିବେଶ । ବନମାଳୀ ମିଶ୍ର ଓ କୃଷ୍ଣ ଚନ୍ଦ୍ର ମିଶ୍ର ସହଯୋଗ କରିଥିବା ବେଳେ ଗାଁ ମୁଖିଆ ଟଙ୍କଧର ନାଏକ ଏବଂ ସୁରେନ୍ଦ୍ର ସିଂନାଏକ ମହାପ୍ରଭୁଙ୍କ ସେବକ କାର୍ଯ୍ୟ ତୁଲାଇଥିଲେ।

**ବ୍ରଜରାଜନଗର,୨।୭(ଡି.ଏନ.ଏ):** ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ନେତ୍ରଉତ୍ସବ ପାଳନ କରାଯାଇଛି । ପ୍ରଭାତରୁ ପ୍ରଭୁଙ୍କୁ ଅଣସର ଗୃହରୁ ଆଣି ନବଯୌବନ ବେଶରେ ସଜ୍ଜିତ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସଦସ୍ୟମାନଙ୍କ ସହିତ ସହରର ଜନ ସାଧାରଣ ଅଂଶ ଗ୍ରହଣ କରିଥିଲେ।

## ପଶ୍ଚିମ ସମ୍ଭାଗସ୍ତରୀୟ ଶାରୀରିକ କର୍ମଶାଳା

**ଲଖନପୁର,୨।୭(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ତିନିଦିନିଆ ପଶ୍ଚିମ ସମ୍ଭାଗସ୍ତରୀୟ ଶାରୀରିକ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଛି। ଏହି କର୍ମଶାଳା ଗୁରୁବାର ଆରମ୍ଭ ହୋଇଥିଲା। ଏଥିରେ ପଶ୍ଚିମ ସମ୍ଭାଗର ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼ ଓ ଦେବଗଡ଼ ଆଦି ଜିଲାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୮୪ଜଣ ଗୁରୁମା ଓ ଗୁରୁଜୀ ଯୋଗଦେଇଥିଲେ। ୫ ପ୍ରଶିକ୍ଷକ ବିଭିନ୍ନ ଶାରୀରିକ କାଳାଂଶ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍ ହସ୍ପିଟାଲ ମୁଖ୍ୟ ଚିକିତ୍ସକ ଡାକ୍ତର ୱାଇ.ସି. ରାଓ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ସାମଲ ନାୟକ, ସମ୍ମାନିତ ଅତିଥି ବ୍ରଜରାଜନଗର ସଙ୍କୁଳ ପ୍ରମୁଖ ବିଜୟ ଦାସ, ଶ୍ରମିକନେତା ଅଜୟ ବିଶ୍ୱାଳ, ପଶ୍ଚିମ ସମ୍ଭାଗ ସଂଯୋଜକ ସଞ୍ଜୟ କୁମାର ମିଶ୍ର, ସମ୍ବଲପୁର ବିଭାଗ ନିରୀକ୍ଷକ ପ୍ରଦୀପ କୁମାର ମିଶ୍ର, ପ୍ରଧାନ ଆଚାର୍ଯ୍ୟ ଜୟକୃଷ୍ଣ ପଟେଲ, ସମ୍ପାଦକ ଯୋଗେଶ ପ୍ରଧାନ, ଅରୁଣ ବାଗ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଗୁରୁମା, ଗୁରୁଜୀ ସୁମିତ୍ରା ଦାସ, ଶରତ ପ୍ରଧାନ, ପଙ୍କଜ ମହନ୍ତ, ଦାମୋଦର ପାଢ଼ୀ, ଅଶୋକ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

## ଇଣ୍ଟରନେଟ୍‌ରେ ମହାପ୍ରଭୁଙ୍କ କଥା

### ଶ୍ରୀମନ୍ଦିରର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ

**ପୁରୀ ଅଫିସ,୨।୭**



ମହାପ୍ରଭୁଙ୍କ ସମ୍ପର୍କରେ ଏଣିକି ଟିକିନିଖି କଥା ସହଜରେ ଜାଣି ହେବ। ମାଉସ୍ କ୍ଲିକ କରିବା ମାତ୍ରେ ବାହାରିବ ସବୁକିଛି ତଥ୍ୟ। ଏଥିପାଇଁ ମଙ୍ଗଳବାର ଶ୍ରୀମନ୍ଦିରର ନୂତନ ଅଫିସିଆଲ ୱେବ୍‌ସାଇଟ୍ www.shreejagannatha.in ଉନ୍ମୋଚିତ ହୋଇଛି। ଶ୍ରୀନହର ପରିସରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହାକୁ ଉନ୍ମୋଚନ କରି କହିଛନ୍ତି ମହାପ୍ରଭୁଙ୍କ ପବିତ୍ର ନବଯୌବନ ଦର୍ଶନ ସମୟରେ ଶ୍ରୀମନ୍ଦିରର ନୂତନ ଅଫିସିଆଲ ୱେବ୍‌ସାଇଟ୍ ଉନ୍ମୋଚିତ ହୋଇଛି। ବିଶ୍ୱରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତମାନେ ଏହାର ଲାଭ ନେଇପାରିବେ। ଏହି ୱେବ୍‌ସାଇଟ୍ ମାଧମରେ ମହାପ୍ରଭୁଙ୍କ ଇତିହାସ, ଐତିହ୍ୟ, ମହିମା, ପରମ୍ପରା ସମ୍ପର୍କରେ ଜାଣିପାରିବେ। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ପୂର୍ବରୁ ଶ୍ରୀମନ୍ଦିରର ଏକ ୱେବ୍‌ସାଇଟ ଥିଲା। ନୂତନ ୱେବ୍ ସାଇଟ୍‌ରେ ମହାପ୍ରଭୁଙ୍କ ସମ୍ପର୍କରେ ସବୁ ତଥ୍ୟ ରହିଛି। ଶ୍ରୀମନ୍ଦିରର ଦୈନନ୍ଦିନ ନୀତି, ଏହାର ପରିଚାଳନା, ବର୍ଷକ ଯାକର ପର୍ବପର୍ବାଣି ବି ସ୍ଥାନ ପାଇଛି। ଏହା ମାଧମରେ ଭକ୍ତମାନେ ଅନ୍‌ଲାଇନ ଡୋନେଶନ ମଧ ଦେଇପାରିବେ। ଆସନ୍ତା ୨ମାସ ମଧରେ ଦର୍ଶନାର୍ଥୀଙ୍କ ପାଇଁ ଏଥିରେ ଆଉ କିଛି ସୁବିଧା କରାଯିବ। ଦୈନିକ ମହାପ୍ରଭୁଙ୍କ କୋଠ ଭୋଗରେ ପ୍ରାୟ ୫୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏମିତିବି ସମୟ ଆସିବ ବହୁ ସଂଖ୍ୟାରେ ଲୋକ କୋଠ ଭୋଗ ଦାନ ଦେବାକୁ ଆଗେଇ ଆସିବେ।

## ୭୦ତମ ବନ ମହୋତ୍ସବ

**ଲଇକେରା, ୨।୭ (ଡି.ଏନ.ଏ.)**

ଝାରସୁଗୁଡା ଜିଲା ଲଇକେରା ଉଚ୍ଚ ମାଧମିକ ବିଦ୍ୟାଳୟରେ ମଙ୍ଗଳବାର ୭୦ ତମ ବନମହୋତ୍ସବ ଅଧକ୍ଷ ଦିଲୀପ କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ନାଏକ, ବନପାଳ ସୁଜାତା ବେହେରା, ବନରକ୍ଷକ ପ୍ରଦୀପ ବେସନ, ସୁରେଶ ତରେଇ, ରସାୟନ ବିଜ୍ଞାନ ଅଧାପକ ସୁଦିପ ପୁରୋହିତ, ଓଡିଆ ଅଧାପକ ପ୍ରସନ୍ନ ଷଣ୍ଢ ପ୍ରମୁଖ ଯୋଗଦେଇ ମହୋତ୍ସବ ଉପରେ ନିଜର ମନ୍ତବ୍ୟକ୍ତ ରଖିଥିଲେ। ଶେଷରେ ଅଧାପକ ରୁଦ୍ରାକ୍ଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପୁଣ୍ୟତିଥି

**କୋଲାବିରା,୨।୭(ଡି.ଏନ.ଏ.)**

ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ମଙ୍ଗଳବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୧ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ଏଥିରେ ସଂସଦର ସଭାପତି ଶୋଭା ଚନ୍ଦ୍ର ନାଏକ ଅଧ୍ୟକ୍ଷତା କରିଥିଲେ। ମାନବ ସେବାକୁ ନିଜର ପରମ ଧର୍ମ ଭାବେ ଗ୍ରହଣ କରି ନେଉଥିବା ସେହି ବ୍ୟକ୍ତି ସେ ସମୟର ଶିକ୍ଷା, ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର ଭାବର ଅଭୁଲା ସ୍ମୃତି ଛାଡି ଯାଇଛନ୍ତି। ତାଙ୍କଭଳି ଜଣେ ବ୍ୟକ୍ତିତ୍ୱ ଓଡିଶାରେ ଜନ୍ମଗ୍ରହଣ କରି ଦେଶ ତଥା ଜାତି ପାଇଁ ତ୍ୟାଗ, ସେବା, ନିର୍ମଳ ବ୍ୟକ୍ତିତ୍ୱ, ତୁଙ୍ଗ ସାହିତ୍ୟିକ ଭାବେ ଉଦାହରଣ ହୋଇ ରହିଛନ୍ତି ବୋଲି ନାଏକ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏଥିରେ ପରିବେଶବିତ୍ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିବଂଶ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଗୋପବନ୍ଧୁ କେବଳ ଓଡିଶା ନୁହେଁ ସମଗ୍ର ଦେଶର ଏକ ବିରଳ ବ୍ୟକ୍ତିତ୍ୱ। ତାଙ୍କ ଆଦର୍ଶରେ ଯୁବପିଢି ଅନୁପ୍ରାଣିତ ହେଲେ ଏକ ବିକଶିତ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ। ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଓ ସଂସଦର କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସେବା ଓ ତ୍ୟାଗର ପ୍ରତୀକ ସ୍ୱର୍ଗତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ତ୍ରୈଲୋକ୍ୟ ନାଥ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ବେହେରା, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ, କୃଷକ ନେତା ତୁଳାରାମ ସେନାପତି, ପ୍ରଶିକ୍ଷକ ସଚିନ୍ଦ୍ର ପଟେଲ, ଆଇନଜୀବୀ ପ୍ରକାଶ ଚନ୍ଦ୍ର ହୋତା, କାର୍ତ୍ତିଚନ୍ଦ୍ର ବହିଦାର, ଶିକ୍ଷକ ଲଳିନ୍ଦ୍ର ଗୋଖରା, ଅଧ୍ୟାପକ ସୁଶାନ୍ତ କୁମାର ଦାସ, ବୀରେନ୍ଦ୍ର ମହାପାତ୍ର, ସରୋଜ କୁମାର ଟଣକାର, ବୁଲୁ ଟଣକାରଙ୍କ ସମେତ ବହୁବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ପଣ୍ଡିତ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତିପ୍ରତି ଗଭିର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## କବି ଅଶୋକ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ,୨।୭**

ପ୍ରତିଷ୍ଠିତ କବି ଅଶୋକ ମହାପାତ୍ରଙ୍କ ବିୟୋଗରେ ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଶୋକ ପ୍ରକାଶ ପାଇଛି। ମଙ୍ଗଳବାର ସଂଘ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଆରକେ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ୟୁନିୟନ କାର୍ଯ୍ୟକର୍ତ୍ତା ଯୋଗଦେଇ ମହାପାତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ୟୁନିୟନ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ନିଜ ବକ୍ତବ୍ୟରେ ସ୍ୱର୍ଗତ ମହାପାତ୍ରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏଥିରେ ଦିଲୀପ ମହାପାତ୍ର, ବନମାଳୀ ରଣବିଡ଼ା, ମହୀପାଳ ବାଗ, ପି.ସି. ବେହେରା, ନିହାର ସାମଲ, ଅଭିମନ୍ୟୁ ରାଉତ, ଯୁଧିଷ୍ଠିର ସାହୁ, ପ୍ରତାପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ମହାପାତ୍ର ଗତ କିଛିଦିନ ହେବ ଆଇଜିଏଚ୍ ଆଇସିୟୁରେ ଭର୍ତ୍ତି ହୋଇଥିବା ବେଳେ ନିକଟରେ ଘରକୁ ଫେରିଥିଲେ। ମଙ୍ଗଳବାର ସକାଳେ ତାଙ୍କର ଦେହାନ୍ତ ଘଟିଥିଲା।

# ଯୋଡ଼ା ଶିଶୁଙ୍କ ଚିକିତ୍ସା ପାଇଁ ୭ ଜଣିଆ ଡାକ୍ତରୀ ଟିମ୍

**କଟକ ଅଫିସ, ୨।୭:** ଢେଙ୍କାନାଳ ଯୋଡାଶିଶୁଙ୍କ ଚିକିତ୍ସା ପାଇଁ କଟକ ଶିଶୁଭବନରେ ୭ ଜଣିଆ ଡାକ୍ତରୀ ଦଳ ଗଠିତ ହୋଇଛି। ଶିଶୁ ଶଲ୍ୟ ବିଭାଗର ବରିଷ୍ଠ ପ୍ରଫେସର ଡା. ହିରଣ୍ୟ ମହାନ୍ତିଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍‌ରେ ଶିଶୁ ସର୍ଜରୀ ବିଭାଗର ଅନ୍ୟତମ ବରିଷ୍ଠ ପ୍ରଫେସର ଡା. ପି.କେ. ଜେନା, ମେଡିସିନ ବିଭାଗର ପ୍ରଫେସର ଅନିଲ ମହାନ୍ତି, ଶିଶୁରୋଗ ବିଭାଗର ପ୍ରଫେସର ଡା.ପି.କେ. ଜେନା, ଏସ୍‌ସିବି ହୃଦ୍‌ବକ୍ଷ ଶଲ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ, ଡା. ଜ୍ୟୋତି ଚମ୍ପତିରାୟ ଓ ଡା. ମାନସ ଉପାଧ୍ୟାୟ ଅଛନ୍ତି।

ମଙ୍ଗଳବାର ଏହି ଯୋଡ଼ା ଶିଶୁଙ୍କ ଇକୋ ପରୀକ୍ଷା କରାଯାଇଥିଲା। ପରୀକ୍ଷାରୁ ଉଭୟଙ୍କର ଗୋଟିଏ ହୃତ୍‌ପିଣ୍ଡ ଥିବା ଜଣାପଡ଼ିଛି। ଦିନେ କି ଦୁଇଦିନ ମଧରେ ଶିଶୁ ଦ୍ୱୟଙ୍କର ଏମ୍‌ଆର୍‌ଆଇ, ସିଟି ସ୍କାନ ସହିତ ଅନ୍ୟାନ୍ୟ ପରୀକ୍ଷା ନିରୀକ୍ଷା କରାଯିବ ବୋଲି ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ସରୋଜ ଶତପଥୀ ସୂଚନା ଦେଇଛନ୍ତି। ତେବେ ବର୍ତ୍ତମାନ ପରିସ୍ଥିତିରେ ଶିଶୁ ଦ୍ୱୟଙ୍କୁ ଶିଶୁଭବନର ନିୟୋନାଟାଲ ଇଣ୍ଟେନସିଭ କେୟାର ୟୁନିଟ୍ (ନିକୁ)ରେ ରଖି ଚିକିତ୍ସା କରାଯାଉଛି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଶିଶୁ ଦ୍ୱୟଙ୍କ ସମ୍ପର୍କରେ ମତ ଦେଇ ଟିମ୍‌ର ସଦସ୍ୟ ତଥା ଶିଶୁ ଶଲ୍ୟ ବିଭାଗର ବରିଷ୍ଠ ପ୍ରଫେସର ଡା. ପି.କେ. ଜେନା କୁହନ୍ତି, ଏଭଳି ଶିଶୁଙ୍କ କ୍ଷେତ୍ରରେ ମୃତ୍ୟୁ ହାର ୯୯ ପ୍ରତିଶତ ରହିଥାଏ। ତା’ ଅର୍ଥ ନୁହେଁ ଯେ ଚିକିତ୍ସା କରାଯିବ ନାହିଁ। ବର୍ତ୍ତମାନ ପରିସ୍ଥିତିରେ ଅପରେଶନ ସମ୍ଭବ ନୁହେଁ। ଏବେ ସେମାନଙ୍କର ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇ ସେମାନଙ୍କୁ ବଞ୍ଚାଇ ରଖିବା ପାଇଁ ଚେଷ୍ଟା କରାଯିବ। ଅତି କମ୍‌ରେ ୬ ମାସ ପରେ ଯାହା କରାଯିବା କଥା କରାଯିବ। ଟିମ୍‌ର ଅନ୍ୟତମ ସଦସ୍ୟ ତଥା ଏସ୍‌ସିବି ହୃଦ୍‌ବକ୍ଷ ଶଲ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ କୁହନ୍ତି, ପ୍ରାଥମିକ ପରୀକ୍ଷାରୁ ଶିଶୁ ଦ୍ୱୟଙ୍କର ଗୋଟିଏ ହୃତ୍‌ପିଣ୍ଡ ଥିବା ଜଣାପଡ଼ିଛି। ଗୋଟିଏ ହୃତ୍‌ପିଣ୍ଡରେ ଦୁଇ ଜଣ ବଞ୍ଚିବା କେବେ ବି ସମ୍ଭବ ନୁହେଁ। ଅନ୍ୟାନ୍ୟ ପରୀକ୍ଷା ନିରୀକ୍ଷା ରିପୋର୍ଟ ଦେଖିବା ପରେ ବାସ୍ତବରେ ଶିଶୁ ଦ୍ୱୟଙ୍କର ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ସମ୍ପର୍କରେ ସବିଶେଷ ଜଣାପଡ଼ିବ ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ଶିଶୁ ଦ୍ୱୟଙ୍କର ଗ୍ରହଣ ଖଣ୍ଡିଆ ଓ ତାଲୁ ଖଣ୍ଡିଆ ଥିବା ଜଣାପଡ଼ିଛି।



- ଇକୋ ଟେଷ୍ଟରୁ ଗୋଟିଏ ହୃତ୍‌ପିଣ୍ଡ ଜଣାପଡ଼ିଲା
- ୨ ବର୍ଷ ତଳେ ଆସିଥିଲେ ଗଙ୍ଗା। ଯମୁନା

ଏଠାରେ ପ୍ରକାଶଥାଉକି, ଗତ ଦୁଇ ବର୍ଷ ତଳେ ଶିଶୁଭବନକୁ ସମାନ ଧରଣର ୨ ଜଣ ଶିଶୁ ଆସିଥିଲେ। ନୟାଗଡ଼ ଅଞ୍ଚଳରୁ ଆସିଥିବା ଏହି ଶିଶୁ ଦ୍ୱୟଙ୍କର ପେଟରୁ ଛାତି ଯୋଡ଼ି ହୋଇ ରହିଥିଲା। ଏମାନଙ୍କ ନାମ ଗଙ୍ଗା ଯମୁନା ଦିଆଯାଇଥିଲା। ଶିଶୁଭବନରେ ୧୯ ଦିନ ରହିବା ପରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ସାଧାରଣତଃ ଏଭଳି ଶିଶୁମାନଙ୍କୁ ଡାକ୍ତରୀ ଭାଷାରେ ଥୋରାକୋ ଓମ୍‌ଫାଲୋ ଫାଗସ କୁହାଯାଏ ବୋଲି ଶିଶୁ ଶଲ୍ୟ ବିଭାଗର ବରିଷ୍ଠ ପ୍ରଫେସର ଡା. ଜେନା କହିଛନ୍ତି। ସୂଚନାଥାଉକି, ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ସୋମବାର ଏହି ବିରଳ ଶିଶୁ କନ୍ୟା ଦ୍ୱୟ ଜନ୍ମ ହୋଇଥିଲେ। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଧୀନ ଖାଲପାଳ ଗ୍ରାମର ପ୍ରଦୀପ ବେହେରାଙ୍କ ସ୍ତ୍ରୀ ରେଣୁବାଳା ଏହି ଶିଶୁ ଦ୍ୱୟଙ୍କୁ ଜନ୍ମ ଦେଇଛନ୍ତି। ଜନ୍ମ ପରେ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଛି। ଶିଶୁ ଦ୍ୱୟଙ୍କ ଓଜନ ୪ କେଜି ୩୦୦ ଗ୍ରାମ ରହିଛି।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ରଥଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

ସୁନ୍ଦରଗଡ଼, ୨।୭ (ଡି.ଏନ୍.ଏ)- ଗଡ଼ଜାତ ଅମଳରୁ ସ୍ଥାନୀୟ ରାଜବାଟୀସ୍ଥିତ ଜଗନ୍ନାଥ ମନ୍ଦିରରେ ଆଡମ୍ବର ସହକାରେ ପ୍ରତିବର୍ଷ ପାଳିତ ହୋଇ ଆସୁଥିବା ରଥଯାତ୍ରାକୁ ଚଳିତବର୍ଷ ମଧ୍ୟ ଆଡମ୍ବର ସହକାରେ ପାଳନ କରିବା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ସ୍ନାନପୂର୍ଣ୍ଣିମା ଠାରୁ ଅଣସର ପରେ ଜୀଉଙ୍କ ନେତ୍ରୋତ୍ସବ, ନବଯୌବନ ଦର୍ଶନ ହୋଇଛି। ଗୁରୁବାର ଜୀଉ ମାନଙ୍କର ରଥଯାତ୍ରା ପାଇଁ ରଥକାର୍ଯ୍ୟ ପ୍ରସ୍ତୁତି ସରିଛି। ସେହିଦିନ ୧୦ଟାରେ ମନ୍ଦିରରେ ଜୀଉମାନଙ୍କର ପୂଜା ଆରମ୍ଭ ହେବା ପରେ ଜୀଉମାନଙ୍କୁ ଅପରାହ୍ନ ୩ଟାରେ ପହଣ୍ଡି ବିଜେ ପରେ ରଥାରୂଢ଼ କରାଯିବ। ଅପରାହ୍ନ ସାଢ଼େ ୪ଟାରେ ରଥଟଣା ଆରମ୍ଭ ହେବ ବୋଲି ଜଗନ୍ନାଥମନ୍ଦିର ମନ୍ଦିର ପରିଚାଳନା କମିଟି ତରଫରୁ କୁହାଯାଇଛି। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ମନ୍ଦିର ପରିଚାଳନା କମିଟି ତରଫରୁ ରଥଯାତ୍ରା ଠାରୁ ୧୨ ତାରିଖ ବାହୁଡା ଯାତ୍ରା ପର୍ଯ୍ୟନ୍ତ ପୁରୀ ସୁଆର ମାନଙ୍କ ଦ୍ୱାରା ପ୍ରସ୍ତୁତ ଅନ୍ନ ଭୋଗ ଓ ଶୁଖିଲା ଭୋଗ ବିକ୍ରୟର ସୁବିଧା କରାଯାଇଛି।



ଜଣେ ବ୍ୟକ୍ତିଙ୍କ ଘରେ ଅଙ୍ଗନୱାଡିର ପିଲାମାନେ ପଢୁଛନ୍ତି।



ବିପଦସଙ୍କୁଳ କୁରେଇବଗା ଅଙ୍ଗନୱାଡି କେନ୍ଦ୍ର ।

# ବିପଦସଙ୍କୁଳ ଅଙ୍ଗନୱାଡି କେନ୍ଦ୍ର

**କୁରେଇବଗା**
- ବିପଦରେ କୁନିପିଲା
- ଅଭିଯୋଗ ସତ୍ତ୍ୱେ ହେଲାନି ମରାମତି

ବଡ଼ଗାଁ, ୨।୭ (ଡି.ଏନ.ଏ.)

ବଡ଼ଗାଁ ବ୍ଲକ ଅଞ୍ଚଳରେ ଆର୍ଥିକ ଅନିୟମିତତା, ନିମ୍ନମାନର କାର୍ଯ୍ୟ, କାମ ନ କରି ଅର୍ଥ ଉଠାଣ, ଅସମ୍ପୂର୍ଣ୍ଣ କାର୍ଯ୍ୟର ଲମ୍ବା ତାଲିକା ଥିଲାବେଳେ ପ୍ରଶାସନର ସମ୍ବେଦନହୀନତା ଯୋଗୁ ଅଙ୍ଗନୱାଡି କେନ୍ଦ୍ରର ଛୋଟ ପିଲାମାନେ ଅସୁବିଧାରେ ପଡିବା ଭଳି ଦୁର୍ଭାଗ୍ୟଜନକ ଘଟଣା ନଜରକୁ ଆସିଛି। ଅଭିଯୋଗନୁଯାଇ, କୁରେଇବଗା ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରୁ ପାଣି ଗଳୁଥିବା ଓ ବିପଦସଙ୍କୁଳ ହୋଇଥିବା ସମ୍ବନ୍ଧରେ ଗ୍ରାମବାସୀ ଗତବର୍ଷ ସିଡିପିଓଙ୍କୁ ଲିଖିତ ଜଣାଇଥିଲେ। ବର୍ଷେ ବିତିଗଲା ପରେ ମଧ୍ୟ ଏହାର ମରାମତି ପ୍ରତି ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀ ଦୃଷ୍ଟି ନ ଦେଇ ଅବହେଳା କରିଥିଲେ। ଫଳରେ ଚଳିତବର୍ଷ ବର୍ଷାଋତୁରେ ପିଲାଙ୍କୁ ଜଣେ ବ୍ୟକ୍ତିଙ୍କ ଘରେ ପାଠ ପଢ଼ାଯାଉଛି।

ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ପଚାରିବାରେ ସେମାନେ କହିଛନ୍ତି, ଅଙ୍ଗନୱାଡି କେନ୍ଦ୍ରର ଛାତରୁ ସିମେଣ୍ଟ ଖସି ତଳେ ପଡୁଥିବା ଓ ବର୍ଷା ହେଲେ ପାଣି ଗଳୁଥିବାରୁ କେନ୍ଦ୍ରରେ ପଢ଼ାଇବା ବିପଦଜନକ ବୋଲି ଦର୍ଶାଇ ମରାମତି ଦାବି କରିଥିଲୁ। କିନ୍ତୁ ବର୍ଷେ ବିତିଗଲା ପରେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଲେ ନାହିଁ।

ଏହି ସମସ୍ୟା ଉପରେ ବଡଗାଁ ସିଡିପିଓ ମିନତି ମହାପାତ୍ରଙ୍କୁ ପଚାରିବାରେ ସମସ୍ୟା ସମ୍ପର୍କରେ ଅବଗତ ଥିବାରୁ କିଛି ଦିନ ପୂର୍ବେ ବଡଗାଁ ବ୍ଲକ ଅଫିସକୁ ଉପଜିଲାପାଳ ଆସିଥିଲା ବେଳେ ତାଙ୍କୁ ବିଡିଓ ଏବଂ ସହକାରୀ ଯନ୍ତ୍ରୀଙ୍କ ସମ୍ମୁଖରେ କୁରେଇବଗା ଅଙ୍ଗନୱାଡି କେନ୍ଦ୍ର ସହିତ ମୋଟ ୮ଟି କେନ୍ଦ୍ର ବିପଦସଂକୁଳ ଅବସ୍ଥାରେ ଥିବାରୁ ଶୀଘ୍ର ମରାମତି ପାଇଁ ଜଣାଇଥିଲି। ୩ ବର୍ଷ ହେଲା ୭ଟି ଅଙ୍ଗନୱାଡି ଗୃହ ଏ ଯାଏଁ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା କହିଛନ୍ତି। ଏହି ସମସ୍ୟା ସମିତି ବୈଠକରେ ମଧ୍ୟ ଦୃଷ୍ଟି ଆକର୍ଷଣ କରାଇଛି। କେନ୍ଦ୍ରଗୁଡିକ ଭଲଭାବେ ନ କରି ଖରାପ କାମ କରାଯାଉଥିବାରୁ ଶୀଘ୍ର ଅନୁପଯୋଗୀ ହୋଇଯାଉଥିବା ସିଡିପିଓ ମହାପାତ୍ର କହିଛନ୍ତି । ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବିପଦପୂର୍ଣ୍ଣ ଘରେ ପରିବାରର ୫ ସଦସ୍ୟ: ବିଜୁ ପକ୍କାଘର ଦାବି

ବାଲିଶଙ୍କରା, ୨।୭ (ଡି.ଏନ.ଏ)

ସରକାର ବିଜୁ ପକ୍କାଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ବିଭିନ୍ନ ଯୋଜନା ପ୍ରଣୟନ କରି ଗରିବ ଦରିଦ୍ରମାନଙ୍କୁ ବାସଗୃହ ଯୋଗାଇଛନ୍ତି। ହେଲେ କେତେକ ଜାଗାରେ ପ୍ରଶାସନିକ ଓ ଲୋକ ପ୍ରତିନିଧିଙ୍କ ଅବହେଳା କିମ୍ବା ମନମୁଖି କାର୍ଯ୍ୟକଳାପ ଯୋଗୁ ଅନେକ ହିତାଧିକାରୀ ଘର ଖଣ୍ଡିଏ ପାଇବାରୁ ବଞ୍ଚିତ ରହୁଛନ୍ତି। ଏପରି ଜ୍ୱଳନ୍ତ ବ୍ୟତିକ୍ରମ ଦେଖିବାକୁ ମିଳୁଛି ବାଲିଶଙ୍କରା ବ୍ଲକ ବନ୍ଧବାହାଲ ପଞ୍ଚାୟତ ବାଙ୍କିଡିହି ହରିଜନପଡାରେ। ଉକ୍ତ ପଡାର ସାବିତ୍ରୀ ତନ୍ତୀ ସହ ୫ ପରିବାର ବସବାସ କରନ୍ତି। ହେଲେ ଘର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଘରର କାନ୍ଥ ଫାଟି ଆଁ କରିବା ସହିତ ସମ୍ପୂର୍ଣ୍ଣ ରୂପେ ଖରାପ ଅବସ୍ଥାରେ ଥିବାରୁ ବର୍ଷା ଦିନେ କେମିତି ଜୀବନ ଜୀବିକା କରିବେ ସେ ନେଇ ସେ ଚିନ୍ତାରେ ବସିଛନ୍ତି । ଖବରପାଇ ବନ୍ଧବାହାଲ ସମିତି ସଭ୍ୟ କିଶୋର ଚନ୍ଦ୍ର ଚୌଧୁରୀ ଘରେ ଯାଇ ପହଞ୍ଚି ଘରର ଜରାଜୀର୍ଣ୍ଣ ଅବସ୍ଥା ଦେଖି ଘର ଖଣ୍ଡିଏ ପାଇବାର ଯେମିତି ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତୁରନ୍ତ ବାସଗୃହ ପାଇବାର ପଦକ୍ଷେପ ନେବାପାଇଁ ବାଙ୍କିଡିହି ହରିଜନ ପଡାବାସୀ ଓ ପରିବାର ପକ୍ଷରୁ ଦାବି ହେଉଛି ।



ଘରର କାନ୍ଥ ଫାଟି ଆଁ କରିଛି।



ବଡଗାଁ ବିଇଓଙ୍କୁ ଭାଜପା କର୍ମକର୍ତ୍ତା ଅଭିଯୋଗପତ୍ର ଦେଉଛନ୍ତି।

# ଖେଳ ସାମଗ୍ରୀ, ବହି ଯୋଗାଣରେ ଅନିୟମିତତା

ବଡ଼ଗାଁ, ୨।୭ (ଡି.ଏନ.ଏ)

ବଡ଼ଗାଁ ବ୍ଲକ ଅନ୍ତର୍ଗତ ସମସ୍ତ ସ୍କୁଲକୁ ଖେଳ ସାମଗ୍ରୀ ଓ ଲାଇବ୍ରେରୀ ପାଇଁ ବହି କ୍ରୟ କରିବାକୁ ଆସିଥିବା ଅନୁଦାନ ବାଧ୍ୟତାମୂଳକ ଭାବେ ଆଦାୟ କରି ସାମଗ୍ରୀ ଯୋଗାଣ କରାଯାଉଥିବା ଅଭିଯୋଗ ହୋଇଛି। ଭାଜପା ଜିଲା ସଙ୍ଗଠନ ଉପସଭାପତି ଉପାଧ୍ୟାୟ ପାଣିଗ୍ରାହୀ, ବଡ଼ଗାଁ ମଣ୍ଡଳ ସଭାପତି ଦିଲୀପ କୁମାର ସେନାପତି, ବଡଗାଁ, ଇତମା, ଭୋଇପାଲି ପଞ୍ଚାୟତ ସଭାପତି ରୂପେଶ ପଣ୍ଡା, ଅଖିଳ ବେହେରା, ପ୍ରେମାନନ୍ଦ ନାଏକ, କର୍ମକର୍ତ୍ତା କୈଳାଶ ଭିତ୍ରିଆଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ସୋମବାର ବଡ଼ଗାଁ ବିଇଓଙ୍କୁ ଦେଇଛନ୍ତି।

ସେଥିରେ ଉଲ୍ଲେଖ କରାଯାଇଛି ଯେ, ଖେଳ ସାମଗ୍ରୀ ଓ ବହି କିଣିବାକୁ ଆସିଥିବା ଅନୁଦାନ ରାଶିରେ ସ୍କୁଲ ପରିଚାଳନା କମିଟି ସଦସ୍ୟ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁମୋଦିତ ତାଲିକା ଅନୁସାରେ ସ୍କୁଲ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଉନ୍ନତମାନର ସାମଗ୍ରୀ କିଣାଯିବା ଉଚିତ। କିନ୍ତୁ ଏହାର ବ୍ୟତିକ୍ରମ ହୋଇ ସୁନ୍ଦରଗଡରୁ ମନମୁତାବକ ଖେଳ ସାମଗ୍ରୀ ଡବାରେ ସିଲ କରି ଏଜେଣ୍ଟମାନେ ଜିଲା ଅଫିସରୁ ପଠାଯାଇଛି କହି ସ୍କୁଲରେ ଜବରଦସ୍ତ ଗ୍ରହଣ କରାଇ ରସିଦ ଓ ଟଙ୍କା ଦେବାକୁ କହୁଛନ୍ତି। ନଚେତ କାର୍ଯ୍ୟାନୁଷ୍ଠାନ ହେବ କହି ଭୟଭୀତ କରାଉଛନ୍ତି। ସମସ୍ତ ବିଦ୍ୟାଳୟକୁ ଦଶ ହଜାର ଟଙ୍କାର ଅଦରକାରୀ ବହି ଯୋଗାଣ କରି ସାରିଲେଣି। ଏହି ଅଭିଯୋଗପତ୍ରର ନକଲ ସୁନ୍ଦରଗଡ ଜିଲାପାଳ, ସୁନ୍ଦରଗଡ ଡିଇଓ, ବଡଗାଁ ବିଡିଓ, ତଲସରା ବିଧାୟକ ଓ ସୁନ୍ଦରଗଡ଼ ଏମ୍‌ପିଙ୍କ ନିକଟକୁ ପ୍ରେରଣ କରିଛନ୍ତି।

### ଶିକ୍ଷାଦାନ ସମୟରେ ଶିକ୍ଷୟିତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ନିନ୍ଦା

କୁଆଁରମୁଣ୍ଡା, ୨।୭ (ଡି.ଏନ.ଏ)

ସୋମବାର ନିଆଳିର ଆମ୍ବପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଚିସ୍ମିତା ମୁଦୁଲିଙ୍କୁ ଶିକ୍ଷାଦାନ ସମୟରେ ଶ୍ରେଣୀ ଗୃହରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାକୁ କୁଆଁରମୁଣ୍ଡା ପ୍ରାଥମିକ ଶିକ୍ଷକ (ଏକ୍ସ କ୍ୟାଡର) ସଂଘ ଦୃଢ ନିନ୍ଦା କରିଛି। ଏହି ଜଘନ୍ୟ ଘଟଣା ସାରା ଓଡିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ଶିକ୍ଷୟିତ୍ରୀମାନେ ଶ୍ରେଣୀ ଗୃହରେ ମଧ୍ୟ ନିଜକୁ ଆଉ ସୁରକ୍ଷିତ ଥିବା ମନେକରୁ ନାହାନ୍ତି। ଏହି ଘଟଣା ଶିକ୍ଷୟିତ୍ରୀ ଇତିଶ୍ରୀ ହତ୍ୟା ଘଟଣାକୁ ପୁଣି ମନେ ପକାଇ ଦେଉଥିବା କୁଆଁରମୁଣ୍ଡା ପ୍ରାଥମିକ ଶିକ୍ଷକ (ଏକ୍ସ କ୍ୟାଡର) ସଂଘ ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ମିଳିବା ପାଇଁ ସଭାପତି ସାହୁଙ୍କ ସମେତ ସାଧାରଣ ସମ୍ପାଦକ ରୋହିତ ତ୍ରିପାଠୀ, ସଞ୍ଜୁଲତା ଚିହ୍ନରା, ରିତା ପଟ୍ଟନାୟକ, ଆଶ୍ରିତା ଏକ୍କାରାଜୁ ଓରାମ, ଗଣେଶ ସାହୁ, ସାଗରିକା ମହାନ୍ତି ପ୍ରମୁଖଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ/ଶିକ୍ଷକମାନେ ଦାବି ଜଣାଇଛନ୍ତି। ନଚେତ୍ ବାଧ୍ୟହୋଇ ଶିକ୍ଷକ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

### ବର୍ଷେ ହେଲା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଦ ଖାଲି

# ତଦାରଖ ହେଉନି ଆଶ୍ରମ ବିଦ୍ୟାଳୟ

କୁଆଁରମୁଣ୍ଡା, ୨।୭ (ଡି.ଏନ.ଏ)

କୁଆଁରମୁଣ୍ଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଦ ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ହେଲା ଖାଲିପଡିଛି। ଫଳରେ ଏହି ବ୍ଲକ ଅଞ୍ଚଳରେ ଥିବା ୨୦ରୁ ଉର୍ଦ୍ଧ୍ୱ ଆଶ୍ରମ ବିଦ୍ୟାଳୟ ସମେତ ଏକଲବ୍ୟ ମଡେଲ ସ୍କୁଲରେ ଛାତ୍ରୀଛାତ୍ରଙ୍କ ରହିବା, ଖାଇବା,ସ୍ୱାସ୍ଥ୍ୟ ବ୍ୟବସ୍ଥା ଠିକ୍‌ଭାବେ ତଦାରଖ ହେଉଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଦ ଖାଲି ପଡିବା ଯୋଗୁ ଉପରୋକ୍ତ ବିଦ୍ୟାଳୟଗୁଡିକର ପ୍ରଧାନଶିକ୍ଷକ ବା ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କ ପାଇଁ ପୁଷମାସ ଭଳି ସୁଯୋଗ ସୃଷ୍ଟି କରୁଛି। କାରଣ ଅଧିକାରୀ ନ ଥିବାରୁ ଅଧିକାଂଶ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ପିଲାଙ୍କ ପାଇଁ ଆସୁଥିବା ବିଭିନ୍ନ ଅନୁଦାନଗୁଡିକୁ ଚଳୁ କରି ଚାଲୁଛନ୍ତି। ସେହିପରି ହଷ୍ଟେଲଗୁଡିକର ପରିବେଶ ପିଲାମାନଙ୍କ ପାଇଁ କେତେ ସ୍ୱାସ୍ଥ୍ୟ ଉପଯୋଗୀ ତାହା ତଦାରଖ ହେଉ ନ ଥିବାରୁ ଅନେକ ସମୟରେ ପିଲାମାନେ କାଛୁ, କୁଣ୍ଡିଆଠାରୁ ଆରମ୍ଭ କରି ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହୋଇ ହଷ୍ଟେଲରେ ରହିବା ପାଇଁ ଆଦୌ ଉଚିତ ମନେ କରନ୍ତି ନାହିଁ। ମାତ୍ର ସେମାନଙ୍କର ନିଜସ୍ୱ ଘରର ଆର୍ଥିକ ଦୂରାବସ୍ଥା ହେଉ ଅବା ପାରିବାରିକ ଅବ୍ୟବସ୍ଥା ଯୋଗୁ ହଷ୍ଟେଲରେ ରହିବା ପାଇଁ ବାଧ୍ୟ କରିଥାଏ। ସେ ଯାହା ହେଉନା କାହିଁକି କେନ୍ଦ୍ର ହେଉ ବା ରାଜ୍ୟ ସରକାର ମଙ୍ଗଳ ବିଭାଗ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ପାଠପଢା ଠାରୁ ଆରମ୍ଭ କରି ପୋଷାକ ପରିଛଦ,ଖେଳକୁଦ ଇତ୍ୟାଦି ପାଇଁ କୋଟିକୋଟି ଟଙ୍କା ଅନୁଦାନ ଦେଉଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଉକ୍ତ ବିପୁଳ ପରିମାଣର ଅର୍ଥ ଉପର ସ୍ତରରୁ ତଳସ୍ତର ପର୍ଯ୍ୟନ୍ତ ସ୍ୱାର୍ଥାନ୍ୱେଷୀ କର୍ମଚାରୀମାନଙ୍କ ଦ୍ୱାରା ଅନେକ ସମୟରେ ହଡପ ହେଉଥିବା ନଜିର ରହିଛି। ଆହୁରି ମଧ୍ୟ କେତେକ ହଷ୍ଟେଲରୁ ଛାତ୍ରୀଛାତ୍ରମାନେ ଲୁଚି କେଉଁଆଡେ ପଳାଇଲେ ମଧ୍ୟ ଏ ନେଇ ପ୍ରଧାନଶିକ୍ଷକମାନେ ନିକଟସ୍ଥ ଥାନା କିମ୍ବା ସମ୍ପୃକ୍ତ ପିଲାର ପରିବାରକୁ ଖବର ନ ଦେଇ ଚୁପ୍ ହୋଇ ରହି ଯାଆନ୍ତି। ହେଲେ ଏହି ଅବ୍ୟବସ୍ଥାଗୁଡିକୁ ତଦାରଖ କରିବା ପାଇଁ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଦ ପୂରଣର ଜରୁରୀ ଆବଶ୍ୟକତା ରହିଛି। ମାତ୍ର ନୂଆଗାଁ ବ୍ଲକ ମଙ୍ଗଳ ଅଧିକାରୀଙ୍କୁ କୁଆଁରମୁଣ୍ଡା ବ୍ଲକର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସେ ମାସରେ ଏଠାକୁ କାଁଭାଁ ଆସୁଛନ୍ତି। ଫଳରେ ଏହି ବ୍ଲକରେ ଥିବା ହଷ୍ଟେଲ ପରିଚାଳିତ ସ୍କୁଲଗୁଡିକର ଠିକ୍ ତଦାରଖ ହେଉନାହିଁ। ଏଥିପ୍ରତି ବିଭାଗୀୟ ସର୍ବୋଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ପଦବୀ ପୂରଣ କରିବା ପାଇଁ ବୁଦ୍ଧିଜୀବୀମହଲରେ ଦୃଢ ଦାବି ହେଉଛି।

# ନାତିର ମୁଥ ମାଡ଼ରେ ବୁଢ଼ୀମା ଗୁରୁତର

ସୁନ୍ଦରଗଡ଼, ୨।୭ (ଡି.ଏନ୍.ଏ.)

ସଦର ଥାନା ତିଲିଙ୍ଗିଆପାଲି ଗ୍ରାମରେ ଜମିବାଡି ଭାଗବଣ୍ଟାକୁ କେନ୍ଦ୍ରକରି ଜଣେ ଯୁବକ ବୁଢୀ ମାଙ୍କୁ ଗୋଇଠା ଓ ମୁଥ ମାଡ କରି ଆହତ କରିଛନ୍ତି। ବୃଦ୍ଧା ବର୍ତ୍ତମାନ ସୁନ୍ଦରଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ୭୦ବର୍ଷୀୟା ଏହି ବୃଦ୍ଧା ଜଣକ ଏ ସମ୍ପର୍କରେ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ବୃଦ୍ଧା ଜଣକ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ତାଙ୍କ ନାଆଁରେ ଥିବା ଜମିକୁ ନାତି ରମେଶ ଗର୍ଡିଆ ନିଜ ନାମରେ କରିଦେବା ପାଇଁ ବାଧ୍ୟ କରି ଆସୁଛନ୍ତି। ମାତ୍ର ବୃଦ୍ଧା ଜଣକ ଏଥିରେ ରାଜି ନ ହେବାରୁ ରମେଶ ସୋମବାର ସନ୍ଧ୍ୟାରେ ତାଙ୍କୁ ପ୍ରବଳ ମାଡପିଟ କରିଥିବା ଅଭିଯୋଗ କରିଛନ୍ତି।



ସବ୍‌ଡେଗାରେ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଅବସରକାଳୀନ ସମ୍ବର୍ଦ୍ଧନା

ସବ୍‌ଡେଗା, ୨।୭ (ଡି.ଏନ.ଏ)

ସବ୍‌ଡେଗା ବ୍ଲକ ଅନ୍ତର୍ଗତ ରୁନିପାଣି ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶ୍ରୀକାନ୍ତ ପଟେଲ, ସରକାରୀ ଉଚ୍ଚ ବିଦ୍ୟାଳୟ ଦେଓଗାଁର ସହକାରୀ ଶିକ୍ଷକ ଶ୍ରଦ୍ଧାକର ପଟେଲ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପିଟର କୁଜୁରଙ୍କ ସମେତ ତିନି ଜଣ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ସବଡେଗା ବ୍ଲକ ଶିକ୍ଷା ବିଭାଗ ତରଫରୁ ଏକ ଅବସରକାଳୀନ ସଭାର ଆୟୋଜନ କରାଯାଇଥିଲା। ଅବସରଗ୍ରହଣ କରିଥିବା ସମସ୍ତ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ବ୍ଲକ ଶିକ୍ଷା ଅଧିକାରୀ ସେମାନଙ୍କୁ ଫାଇନାଲ ପେନସନ ସମ୍ପର୍କିତ ସମସ୍ତ କାଗଜପତ୍ର ହସ୍ତାନ୍ତର କରିଥିଲେ । ଏଠାରେ ପ୍ରକାଶ ଥାଉକି ସବଡେଗା ବ୍ଲକ ଶିକ୍ଷା ଅଧିକାରୀ ଏକ୍କା ଅବସରଗ୍ରହଣ କରୁଥିବା ଶିକ୍ଷକମାନଙ୍କୁ ନିୟମିତ ଭାବରେ ଅବସରଗ୍ରହଣ କରୁଥିବା ଦିନ ହିଁ ଫାଇନାଲ ପେନସନ କାଗଜପତ୍ର ପ୍ରଦାନ କରିବା ପ୍ରକ୍ରିୟା ଜାରି ରଖିଛନ୍ତି। ଫଳରେ ଶିକ୍ଷକମାନେ ଅଫିସକୁ ପେନସନ ପାଇଁ ବାରମ୍ବାର ଦଉଡି ହଇରାଣ ହେବାକୁ ମୁକ୍ତି ପାଇ ପାରୁଥିବା ଶିକ୍ଷକମାନେ ପ୍ରକାଶ କରିଛନ୍ତି ।

### ନାବାଳିକାଙ୍କ ସାପ କାମୁଡ଼ାରେ ମୃତ୍ୟୁ

ଲହୁଣୀପଡ଼ା, ୨।୭ (ଡି.ଏନ.ଏ)

ଲହୁଣୀପଡା ଥାନା ଅନ୍ତର୍ଗତ କୁର୍ଡା ପଞ୍ଚାୟତ ଫୁଲଝର ଗ୍ରାମରେ ଜଣେ ନାବାଳିକାଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ଅନୁସାରେ ଫୁଲଝର ଗ୍ରାମର ଭୀମ ମହାକୁଳଙ୍କ ଝିଅ କୁନି (୧୫) ମଙ୍ଗଳବାର ଭୋର ଚାରିଟା ବେଳେ ଉଠି ପାଠ ପଢୁଥିଲେ। ସେହି ସମୟରେ ଏକ ବିଷଧର ସାପ ଆସି ତାଙ୍କୁ କାମୁଡି ଦେଇଥିଲା। ସାପ କାମୁଡି ଦେଇ ଚାଲି ଯାଉଥିବା ଦେଖି ପାଟି କରିବାରୁ ପରିବାର ଲୋକ ଦୌଡି ଆସିଥିଲେ। ପରିବାର ଲୋକ ଘଟଣା ସମ୍ପର୍କରେ ଜାଣିବା ପରେ କୁନିଙ୍କୁ ବଣେଇ ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଲହୁଣୀପଡା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଅଭିଯାନ

# ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ

ସୁନ୍ଦରଗଡ଼, ୨।୭ (ଡି.ଏନ୍.ଏ.)

ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆକୁ ରୋକିବା ନିମନ୍ତେ ଏକ ସଚେତନତା ଅଭିଯାନ କାର୍ଯ୍ୟକ୍ରମକୁ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦିଲ୍ଲୀପ କୁମାର ଷଡଙ୍ଗୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ଶୋଭାଯାତ୍ରାରେ ଏଏନ୍‌ଏମ ଛାତ୍ରୀମାନେ ଭାଗ ନେଇ ହାତରେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ଏହି ସଚେତନତା ଅଭିଯାନ ଜିଲାର ବିଭିନ୍ନ ସ୍ଥାନରେ ଆସନ୍ତା ସେପ୍ଟେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆକୁ ପ୍ରତିହତ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଷଡଙ୍ଗୀ ପ୍ରକାଶ କରିଥିଲେ। ଏହା ସହ ଡେଙ୍ଗୁର ଭୟାବହତା ଏବଂ ଏହାକୁ କିପରି ପ୍ରତିରୋଧ କରାଯିବ ସେ ସମ୍ପର୍କରେ ଲୋକମାନଙ୍କୁ କିଭଳି ଅଧିକରୁ ଅଧିକ ସଚେତନ କରାଯାଇ ପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଡାଇରିଆରେ ଯେପରି ଶୂନ ମୃତ୍ୟୁ ହୁଏ, ଏହା ପ୍ରତି ସଜାଗ ରହିବା ପାଇଁ ସମସ୍ତ ଦିଗରୁ ଚେଷ୍ଟା ହେବା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ବିଭାଗ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ, କର୍ମଚାରୀ ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମହେନ୍ଦ୍ର ବାଗ, ଶାନ୍ତିଲତା ଚାନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସବୁଜ ପତାକା ଦେଖାଇ ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।